# ଉତ୍କଳ ଗୌରବ

# Utkal Gauraba

## 2025

19th Edition



ORIYA CULTURAL & WELFARE ASSOCIATION, NEW DELHI

www.ocwa.in

HOTEL Clarks Shiraz AGRA - INDIA



Signature Luxury of the Clarks proudly draws inspiration, flavor & strength from its Indian roots. It is connected to the times, both in technology & spirits. It is environmental conscious both in terms of trends & choices.



# A ROYAL WEDDING AND HONEYMOON DESTINATION IN INDIA



You deserve a wedding venue as unique as you, & we at Clarks know how important it is for you to have the perfect celebration.Whether it is a grand ceremony or an intimate affair we will go an extra mile to host the most beautiful & memorable wedding experience for you. Be it Venue, Menu & Décor our in-house team will assist you in every step to make your dream wedding a memorable one.







54, Taj Road, Agra 282001, India

## BOOK NOW!

**Tel.: (+91-562) 2226120-29**
**+91 98110 94679, +91 72499 39555**
**Corporate Sales : ( +91-11) 23312367**
**E-mail: reservation@clarksshiraz.net, sales@hotelclarks.in**

**Let's we be a true host as you enter this most beautiful chapter in your life.**

We have more than 18000 sq. ft. of landscaped lawns with state of the art banquet and conference hall of various Sizes and capacities.

www.hotelclarksshiraz.com

ଊନବିଂଶ ସଂସ୍କରଣ

**Ninteenth Edition**

**Oriya Cultural & Welfare Association (OCWA)** is a voluntary organization incepted in the year 1992, formally incorporated on 31st October 2005 under The Societies Registration Act, 1860, dedicated to the pursuit of excellence in the promotion and propagation of Odia culture and language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission:

To preserve, perpetuate and promote the Odia culture and communities with a mission statement- Eka mana, Eka Prana, Eka Pranta, Eka Chinha, which means getting Odias together.

## Our Vision:

To promote, team spirit, transparency and building trust among our fellow Odias. With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

# ଉତ୍କଳ ଗୌରବ

# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା "

(ସ୍ୱଭାବ କବି ଗଙ୍ଗାଧର ମେହର)

**Language:**
Odia & English

**Editorial Board:**
Bijay Mohanty
Prakash Chandra Prusty
Sandipta Rout

**Our Special Thanks to :**
Shri Biswanath Dash
( Sanskrit Teacher, Shivananda Nodal High School, Bamakoyi, Ganjam)

**Published by:**
Oriya Cultural & Welfare Associaiton
Regd No.S-54118 of 2005
BD-11, Janakpuri, New Delhi-110 058.

**E-mail:**
ocwa.regd@gmail.com

**Website:**
www.ocwa.in

# UTKAL GAURABA

**19th Edition**


## ସୂଚୀପତ୍ର


| | | | |
|---|---|---|---|
| Governor’s message | 03 | ରୁବିୟା ଓ ପିତା ଶୁଖୁଆ ବୋହୂ | 54 |
| Message from Mr. Dash Benhur | 04 | ପ୍ରକୃତିର ଖେଳ | 56 |
| ସମ୍ପାଦକୀୟ | 05 | ଅନ୍ଧାରି ମୁଲକ | 57 |
| Members’ List | 06 | "ବିଦ୍ୟାର ମନ୍ଦିର" | 60 |
| OCWA’s appeal for funds | 07 | | |
| Red Cross Society Letter | 08 | **ବ୍ୟଙ୍ଗ କବିତା/କବିତା** | |
| Blood Donors List | 48 | କବିତା ଗୋ ତମେ | 69 |
| Sponsor’s List | 55 | ସନ୍ଧ୍ୟା ଆଳତି | 70 |
| Corporate Donors List | 82 | ବ୍ରହ୍ମଦର୍ଶନର ପ୍ରତୀକ୍ଷାରେ | 70 |
| Ocwa’s Bank Details | 87 | ଉଚ୍ଛ୍ୱାସ | 71 |
| Darpan Registraton | 89 | ଈଶ୍ୱର ଦର୍ଶନ | 72 |
| ROC’s Certificate for CSR Funds | 91 | ଆମ ଓଡିଶା | 73 |
| | | ଚଳନ୍ତି ଠାକୁର | 74 |
| **Photographs of events:** | | ଭିକ୍ଷୁକ | 75 |
| Ms Pratibha Ray with ‘Utkal Gauraba’ | 10 | ଜୀବନର ଅନ୍ତାକ୍ଷରୀ | 75 |
| Ganesh Mahotsav 2024 | 61 | ଶ୍ରୀ ଜଗନ୍ନାଥ | 76 |
| Blood Donation Camp 2025 | 64 | ବୋଉ | 78 |
| Release of Souvenir 2024 | 66 | ଅନୋଖା ସଜେସନ୍ | 79 |
| **ରମ୍ୟ ରଚନା/ଗଳ୍ପ/ପ୍ରବନ୍ଧ** | | ସ୍ୱାଧୀନତାର ସୂର୍ଯ୍ୟ ଆସିଛି ଉଇଁ | 80 |
| ଓଡ଼ିଆ ଜାତିର ପ୍ରତିସ୍ପର୍ଦ୍ଧା ଅନନ୍ୟ | 9 | ତମ ଆଖି | 80 |
| ମୋ ଗାଁର ମହକ | 11 | ଦେଖାଅ ବିଶ୍ୱରୂପ ପ୍ରଭୁ | 81 |
| ଏକାଳ ପଖାଳ | 14 | ଭଗ୍ନ ଶିଳା | 82 |
| ମୟୂରଭଞ୍ଜ ଛଉର ଇତିବୃତ୍ତି | 15 | ଈଶ୍ୱର ଘର ଖୋଜୁଛନ୍ତି | 83 |
| ଆକର୍ଷଣ | 17 | କର୍ମବଳ | 84 |
| ପଳାସ ବନର ଛାଇ | 21 | ମୁଁ କନ୍ୟା ଟିଏ | 84 |
| ଭଲ ବୋହୂ | 24 | ସମର୍ପିତ ସ୍ୱର | 85 |
| କୃତଜ୍ଞତା | 29 | ସୁଶୁପ୍ତ ସିଂହ | 86 |
| ଉତ୍କଳର ପୂର୍ବାପର | 31 | ଶାନ୍ତିନିକେତନରେ ଚନ୍ଦ୍ରୋଦୟ | 86 |
| ପୁରୁଷ ବି କାନ୍ଦି ପାରେ | 33 | କୁଆଡ଼େ ଗଲେ ସେ ବୁଢ଼ାଲୋକଟି ? | 87 |
| ଓଡ଼ିଶାରେ ଦୁର୍ଗା ଉପାସନାର ଆରମ୍ଭ | 35 | ତୁମେ ଆଦି ତୁମେ ଅନ୍ତ ଆହେ କମଳା କାନ୍ତ | 88 |
| ଦୁଇଟି ମିନି ଗଳ୍ପ | 37 | ଶେଷ ଠିକଣା | 88 |
| ଆଦିବାସୀ ପରମ୍ପରାରେ ଟୁସୁ ଦେବୀ | 38 | ସବୁ ମନେଅଛି | 89 |
| ପଣା ପାନର ବିଶେଷତ୍ୱ | 40 | ନେତାଙ୍କ ହସ | 90 |
| ପରଦେଶିଆ | 41 | ଆଶାର ବାହାରେ | 92 |
| ସତ୍ୟ ଯୁଗ ଭଲ ହେବକି | 43 | ପ୍ରଣମ୍ୟ ତୁମେ | 92 |
| ଶୂନ୍ୟତାର ପ୍ରବାହ | 43 | **Advertisements:** | |
| ସରଳ ହେଲେ,କାନ୍ଦିବ | 44 | Kataria Enterprises | 13 |
| କନ୍ଧମାଳ ପର୍ଯ୍ୟଟନରେ ‘ଚକାପାଦ’ : ଏକ ଅନୁଶୀଳନ | 45 | Raj Sai Caterers & Decorators | 23 |
| ଆତ୍ମଗ୍ଲାନି | 47 | DARCL Logistics | 28 |
| ଜୀବନର ଅନ୍ୟନାମ | 49 | Vighneswar Corp. Solutions LLP | 34 |
| ଭାଗବତରେ ବାୟୋଲୋଜି ଶିକ୍ଷା | 50 | Iffco-Tokio | 68 |
| ଶେଷ କବିତା | 52 | Aj-Deep Services | 68 |

**Dr. Hari Babu Kambhampati**
**Governor, Odisha**

सत्यमेव जयते

**RAJ BHAVAN**
**BHUBANESWAR - 751 008**



## ବାର୍ତ୍ତା

ଓଡ଼ିଆ କଲଚରାଲ ଆଣ୍ଡ୍ ୱେଲଫେୟାର୍ ଆସୋସିଏସନ୍, ଜନକପୁରୀ, ନୂଆ ଦିଲ୍ଲୀ ଆନୁକୂଲ୍ୟରେ ସ୍ମରଣିକା " ଉତ୍କଳ ଗୌରବ" ର ୧୯ତମ ସଂସ୍କରଣ ପ୍ରକାଶ ପାଉଥିବା ଜାଣି ଖୁସି ହେଲି ।

ଓଡିଶା ବାହାରେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଓଡ଼ିଆ କଲଚରାଲ ଆଣ୍ଡ୍ ୱେଲଫେୟାର୍ ଆସୋସିଏସନ୍, ନୂଆ ଦିଲ୍ଲୀର କାର୍ଯ୍ୟାବଳୀ ବେଶ୍ ପ୍ରଶଂସନୀୟ । ଏତଦବ୍ୟତୀତ ଅନୁଷ୍ଠାନର ବହୁ ବିଧି ଜନହିତୈଷୀ କାର୍ଯ୍ୟକ୍ରମ ଉତ୍ସାହଜନକ ଅଟେ । ଆଗାମୀ ଦିନରେ ଅନୁଷ୍ଠାନର କାର୍ଯ୍ୟକ୍ରମ ଅଧିକ ବ୍ୟାପକ ହେବ ବୋଲି ମୁଁ ଆଶା କରୁଛି ।

ଏହି ଅବସରରେ ସ୍ମରଣିକା ପ୍ରକାଶନର ସଫଳତା କାମନା କରୁଛି ।

(ହରି ବାବୁ କମ୍ଭମପାଟି)

Tel. : 91-674-2536111/2536222, Fax : 91-674-2536582, E-mail :govodisha@nic.in Website : www.rajbhavanodisha.gov.in



## ଦାଶ ବେନହୁର

ବାର୍ତ୍ତାଛଳରେ ପଦେ :

ନିଜ, ମାଟି, ପରମ୍ପରା ଓ ଐତିହ ପ୍ରତି ସମ୍ମାନ ଏକ ସ୍ୱାଭାବିକ କଥା । ହେଲେ ସେ ସମ୍ମାନକୁ ସଭିଏଁ ଯଥାଯଥ ମର୍ଯ୍ୟାଦା ଦେଇ ପାରନ୍ତି ନାହିଁ । ଚେଷ୍ଟା ଚାଲେ । ପୁଣି କେତେକଙ୍କ କ୍ଷେତ୍ରରେ ଏ ପଦକ୍ଷେପ ଦୁର୍ବାର ହୋଇପଡ଼େ ।

ମୋ ପରିଚୟ, ମୋ ଗୌରବ । ମୋ ଉତ୍କଳ । ମୋ ଓଡିଶା । କଳିଙ୍ଗ, କୋଶଳ ।

ବହୁବିଧ ନାମରେ ପରିଚିତ ଓଡିଶା ଭୁଇଁର ଗୋଟିଏ ଆଲୋକିତ ନାମ, ଉତ୍କଳ । ସେଇଥିପାଇଁ କପିଳ ସଂହିତାରୁ ଆରମ୍ଭ କରି ଭାରତୀୟ ଜାତୀୟ ସଂଗୀତରେ ଏ ମାଟିର ଜୟଗାନ । ସୁଖର କଥା ଶ୍ରୀ ବିଜୟ କେତନ ମହାନ୍ତି ଏ ଗୌରବରେ ରସାପ୍ଲୁତ ହୋଇ ଦୀର୍ଘବର୍ଷ ଧରି ପ୍ରକାଶ କରି ଆସୁଛନ୍ତି ପତ୍ରିକା – "ଉତ୍କଳ ଗୌରବ"।  ଉତ୍କଳର ଅନ୍ୟତମ ଭାଷା-ଭାବ-କେତନ । ଏହାର ଉଦ୍ଦେଶ୍ୟ ଦୂର ଭୂଇଁ ଦିଲ୍ଲୀରେ ଏହାର କୀର୍ତ୍ତି କେତନକୁ ଫରଫର କରି ଉଡାଇବା ।

ଗୋଟିଏ ଜାତିର ମୁହଁ ତା'ର ଭାଷା, ସାହିତ୍ୟ ଓ ସଂସ୍କୃତି । କୃଷି ଶିଳ୍ପ ଆଦି ଉଦର ମାତ୍ର । ଶିକ୍ଷା ତା'ର ମସ୍ତକ । ଆଉ ସବୁ ଅଙ୍ଗ ପ୍ରତ୍ୟଙ୍ଗର କଥା ।

ସଂସ୍କୃତି ଏକ ବ୍ୟାପକ ଶବ୍ଦ । ତହିଁରେ ଭାଷା ଓ ସାହିତ୍ୟର ଭୂମିକା ସର୍ବାଦୌ ଅଧିକ । ଦିନେ ଓଡ଼ିଆ ଭାଷାକୁ କୁହାଯାଉଥିଲା ଉତ୍କଳ-ଭାଷା, ସାହିତ୍ୟ ମଧ ଅନୁରୂପ ଭାବେ ଜଣାଥିଲା ଉତ୍କଳ-ସାହିତ୍ୟ ଭାବରେ । ନୃତ୍ୟ, ସଂଗୀତ, ଅଭିନୟ, ଚିତ୍ରକଳା, ଭାସ୍କର୍ଯ୍ୟ ଆଦିର ଭିତ୍ତିଭୂମି ଭାଷା-ସାହିତ୍ୟ ଆଧାରରେ ହିଁ ଗଢିଉଠେ । ଏ ସମସ୍ତ ମିଶିଗଲେ ଯେଉଁ ଉତ୍କଳ ବଳୟଟି ତିଆରି ହୁଏ ତା'ର ନାମ "ଗୌରବ" ।

"ଉତ୍କଳ ଗୌରବ" ପତ୍ରିକାକୁ ଓଡିଶା ମୁହଁର ଏକ ସୁନ୍ଦର ପ୍ରତିଛବି କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରେ ସ୍ଥାନିତ ପ୍ରତିଟି ପାଠ୍ୟବସ୍ତୁ ଓଡ଼ିଆ ଜୀବନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ । କଣ ଅଛି, କଣ ଥିଲା ଓ ଆଗକୁ କଣ ହେବାର ନାନା ଭାବନା ଏଥିରେ ସମାହିତ । ଜାତି ଉନ୍ମେଷର ଛବି ତୋଳି ଧରିବାକୁ "ଉତ୍କଳ ଗୌରବ" ସତେ ଯେମିତି ପୃଷ୍ଠା ପରେ ପୃଷ୍ଠା ମେଲାଇ ବସିଛି ଏକ ଅନ୍ତରଙ୍ଗ ମୁଦ୍ରାରେ ।

ପ୍ରଭୁ ଶ୍ରୀଜଗନ୍ନାଥ ଏଭଳି ସାରସ୍ୱତ ପ୍ରଚେଷ୍ଟାକୁ ଆଶୀର୍ବାଦ କରନ୍ତୁ ।

(ଦାଶ ବେନହୁର)

# ସମ୍ପାଦକୀୟ





**ବିଜୟ ମହାନ୍ତି**
ପ୍ରତିଷ୍ଠାତା ସଭାପତି
ମୋ: ୯୮୭୧୯୯୭୪୪୯

ଭାଷା ମାନବ ସଭ୍ୟତାର ଏକ ଅଦ୍ଭୁତ ଉଦ୍ଭାବନ । ଭାଷା ବିନା ସଭ୍ୟତା ପଙ୍ଗୁ, ପ୍ରଗତି ରୁଦ୍ଧ, ବିଜ୍ଞାନ ସ୍ତବ୍ଧ। ଆମ ଭାଷା ଓଡ଼ିଆ । ବେଶ ବଢ଼ିଆ ଭାଷା । ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମଧ  ଆମ ଭାଷା ଲଭିବା ଗର୍ବ ଓ ଗୌରବର ବିଷୟ। ସୁବିଶାଳ ଏହାର ସାହିତ୍ୟିକ ବୈଭବ । ବିଚାରଶୀଳ ମନ ନେଇ ଦେଖିଲେ ଲାଗେ କି ତଥାପି କୋଉଠି କେମିତି ଆମ ଭାଷା ଅବହେଳିତ । ସଠିକ୍ ପ୍ରଗତି ମାର୍ଗରେ ଏହାର ଗତି ସତେ ଯେମିତି ନିୟନ୍ତ୍ରିତ  । ମନରେ କ୍ଷୋଭ ଆସେ, ଓଡ଼ିଆ ଭାଷାର ଏହି ଅବହେଳିତ ସ୍ଥିତି ପାଇଁ ଆମେ ନିଜକୁ ଦାୟୀ ମନେ କରିବା ଉଚିତ୍ ନୁହେଁ କି ?

ସଂପ୍ରତି ଓଡ଼ିଆ ବିଦ୍ୟାଳୟ ସବୁ ବନ୍ଦ ହେବାକୁ ଲାଗିଲାଣି । ଓଡ଼ିଆ ବିଦ୍ୟାଳୟରେ ପିଲା ଆଉ  ବେଶୀ  ନାମ ଲେଖାଉ ନାହାଁନ୍ତି । ଅଭିଭାବକଙ୍କ ପସନ୍ଦ ଅନ୍ୟଆଡେ। ଯେଉଁ କେତେକ ଛାତ୍ରଛାତ୍ରୀ ଯାଆନ୍ତି ବା ଯାଉଛନ୍ତି ତାହା ଅର୍ଥନୈତିକ ବାଧ୍ୟବାଧକତା ଯୋଗୁଁ ବା ସେଠାରେ ଅନ୍ୟ ପ୍ରାଇଭେଟ୍ ବିଦ୍ୟାଳୟ  ନ ଥିବା ଯୋଗୁଁ । ତେଣୁ ମେଧାବୀ ଛାତ୍ରଛାତ୍ରୀ ସଂଖ୍ୟା  ଏହି ବିଦ୍ୟାଳୟରେ ନଗଣ୍ୟ ବା ନାହିଁ କହିଲେ ଚଳେ  । ଏ ଭଳି ନଗ୍ନ ଅନୁଷ୍ଠାନ ଆମ ଭାଷାର ପୋଷକ କିପରି ହେବ ? ଓଡ଼ିଆ ବିଶ୍ୱ ବିଦ୍ୟାଳୟର ଉଲ୍ଲେଖନୀୟ ସ୍ଥିତି ବିଷୟରେ ସରକାରୀ ପ୍ରୋତ୍ସାହନର ଅବହେଳା ଜକ ଜକ ହେଇ ଦିଶୁଛି।  ଗବେଷଣା ପ୍ରତିଷ୍ଠାନ ମାନଙ୍କରେ କେମିତି ରାଜନୀତିର ବାସନା ବାରି ହୋଇପଡୁଛି। ସାହିତ୍ୟ ଏକାଡେମୀ ଉଜ୍ଜ୍ୱଳ ପ୍ରଖର ଥିବା ଭଳି ସାହିତ୍ୟିକ ମାନେ ବିଚାରୁ ନାହାଁନ୍ତି ।

ଓଡିଶା ବାହାରେ ବା ଏପରିକି ଓଡ଼ିଶାରେ ମଧ କେତେକ ଲୋକ ଓଡ଼ିଆ କହିଲା ବେଳକୁ ହିନ୍ଦୀମିଶା ଓଡ଼ିଆ କହିବାଟାକୁ ଆଭିଜାତ୍ୟର ବା ଅତ୍ୟାଧୁନିକତାର  ଚିହ୍ନ ମଣୁଛନ୍ତି । ଶବ୍ଦର ଉଚ୍ଚାରଣ ଏବେ ଗଣ ମାଧ୍ୟମରେ କେତେକ ସ୍ଥଳେ ଖାପ୍ ଛଡା ବା ବିକୃତ ଲାଗେ । ଓଡ଼ିଆ ଭାଷାର ଏକ ବିଚିତ୍ର ସ୍ଥିତି ବା ଦୁଃସ୍ଥିତି । ଚିନ୍ତାଜନକ ପରିସ୍ଥିତି । ସଂସ୍କୃତି ପ୍ରେମୀଙ୍କ ଉଦ୍-ବେଗ ବହୁ ସ୍ଥାନରେ ପ୍ରତିଫଳିତ ।

ଦିଲ୍ଲୀ ଏନ.ସି.ଆର୍ ରେ ପ୍ରାୟ ୨୦ ଲକ୍ଷ ଓଡ଼ିଆ ବସବାସ କରୁଛନ୍ତି । ଦିଲ୍ଲୀରେ ଆପଣ କେରଳ ସ୍କୁଲ୍ କି ତାମିଲ ସ୍କୁଲ୍ ବା ଅନ୍ୟାନ୍ୟ ଭାଷାର ସ୍କୁଲ୍ ପାଇଯିବେ, କିନ୍ତୁ ଓଡ଼ିଆ ଶିକ୍ଷା ଲାଭ କରିବାର କୌଣସି  ସୁବିଧା ନାହିଁ  । ଅନୁରୂପ ଭାବେ, ଦିଲ୍ଲୀରେ ବି ତାଜା ମାଲାୟାଲାମ ଖବର କାଗଜ଼ ଟିଏ ବା ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାର ସଦ୍ୟପ୍ରକାଶିତ ଖବର କାଗଜ ହକର ଦେଉ ଥିବାର ଆପଣ ଦେଖିବାକୁ ପାଇବେ ।  ଆପଣ ଯଦି ଓଡ଼ିଆ ଖବର କାଗଜ଼ ଟିଏ ପଢିବା ପାଇଁ ଚାହିଁବେ, ତେବେ ସେଇଟା ଡାକରେ ଆସିବ ଓ ଆପଣ ତିନି ଦିନ ପୁରୁଣା ଖବର କାଗଜ଼ ପାଇବେ । ବେଳେ ବେଳେ ୨/୩ ଦିନର ଖବର କାଗଜ଼ ଡାକରେ ଏକାବେଳେ ବି ଆସି ଥାଏ।

ପ୍ରତ୍ୟେକ ମଣିଷ ଜୀବନ କାଳ ମଧ୍ୟରେ ପରବର୍ତ୍ତୀ ପିଢ଼ି ପାଇଁ  ତିନୋଟି କର୍ତ୍ତବ୍ୟ ସମ୍ପାଦାନ କରିବା କଥା  । ପ୍ରଥମରେ  ଗଛ ଟିଏ, ଦ୍ୱିତୀୟରେ  ସୁସନ୍ତାନଟିଏ ଓ ତୃତୀୟରେ ପୁସ୍ତକଟି ବା ପୁସ୍ତିକାଟିଏ । ଏହି ଲକ୍ଷ କୁ ଆମେ ଆଖି ଆଗରେ ରଖି, ଆଜିକୁ ୧୯ ବର୍ଷ ତଳେ ଆମ ସଂଗଠନ ସ୍ଥିର କରିଥିଲା ଗୋଟିଏ ଓଡ଼ିଆ ପତ୍ରିକା ଛପାଇବା ପାଇଁ,  ଯଦିବା ଆମେ ସେପରି ତତ୍-ପ୍ରଭାରୀ ସାରସ୍ୱତ ସାଧନା ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ନୋହୁଁ । କେବଳ କାଗଜ଼ରେ କିଛି ଲେଖାକୁ ସୁନ୍ଦର ମଲାଟରେ ସଜାଇଦେବାକୁ ପତ୍ରିକା ବା ପୁସ୍ତିକା କୁହାଯାଏନି ।  ସମାଜର ବହୁମୂଲ୍ୟ ବାର୍ତ୍ତାଟିକୁ ଗୋଟିଏ ପିଢ଼ି ରୁ ଅନ୍ୟ ପିଢ଼ି ପାଖରେ ପହଞ୍ଚାଇବାର ଏହା ଏକ ବଳିଷ୍ଠ ମାଧ୍ୟମ । କଲମ ଟିଏ ବଲମ ଠାରୁ ଶକ୍ତିଶାଳୀ, ଅଶି ଠାରୁ ମସୀ ବଳୁଆ  - ଇତିହାସ ମଧ ଏହାର ସାକ୍ଷୀ ଅଛି ।

ହଁ , ଆମ ପତ୍ରିକା "ଉତ୍କଳ ଗୌରବ" ର ଉନବିଂଶ ସଂସ୍କରଣ ଏବେ ଛପିବାକୁ ଯାଉଛି  । ଅନୁଭୂତି  ନ ଥିବାରୁ ପ୍ରଥମେ ପ୍ରଥମେ ବହୁତ ଭୁଲ ରହୁଥିଲା । ବହୁତ ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା । କିଛି ହିତାକାଂକ୍ଷୀ ସାରସ୍ୱତ ସାଧକଙ୍କର ଉପଦେଶକୁ ଗ୍ରହଣ କରି ଆଜି ଆମେ ଆମକୁ ସୁଧାରିବାରେ ସକ୍ଷମ ହୋଇଛୁ।  ପ୍ରାୟତଃ ଏଠି ଏମିତି କୁହାଯାଇ ପାରେ -  ଆମେ ଜଣେ ନୂଆ କରି ଲେଖୁଥିବାର ଲେଖକଙ୍କର  ଲେଖାଟିକୁ ହିଁ ଅଗ୍ରାଧିକାର ଦେଇଥାଉ । ଯାହାଫଳରେ ନୂଆ ପିଢ଼ି ଉତ୍ସାହିତ ହେବାର ଯତ୍ନଟି  ପ୍ରଯୁକ୍ତ ହୁଏ । ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଜାତୀୟ ରାଜଧାନୀରୁ ପ୍ରକାଶିତ ଆମ ଏହି ଛୋଟ ଉପକ୍ରମ, ଆମ ଓଡ଼ିଆ ଭାଇ ଭଉଣୀଙ୍କ  ବେଶ ଶ୍ରଦ୍ଧାଭାଜନ ହେଉଛି ଏବଂ ହେବ ମଧ।

କିଛି ଲୋକ ନିଜ ସ୍ୱାର୍ଥ ପାଇଁ ସାମାଜିକ ଗଣ ମାଧ୍ୟମରେ ଆମ ରାଜ୍ୟ ନାଁ ରେ " ଉତ୍କଳ ...” ,   “.... ଓଡିଶା " ସଂଗଠନ କରୁଛନ୍ତି । କୌଣସି ରାଜନୈତିକ ଦଳ ସହିତ ଯୋଡି ହୋଇ ରାଜନୀତି ଚର୍ଚ୍ଚାରେ ଲିପ୍ତ ରହୁଛନ୍ତି । ରାଜ୍ୟର ସାମୁହିକ ସ୍ୱାର୍ଥ କୁ ଜଳାଞ୍ଜଳି ଦେଇ, ଯୁକ୍ତି ତର୍କ କରି ପରସ୍ପର ମଧ୍ୟରେ ଗାଳି ଗୁଲଜ ପର୍ଯ୍ୟନ୍ତ କଥା ଯାଉଛି । ବଡ ଛୋଟର ବିଚାର ମଧ ଭୁଲି ଯାଉଛନ୍ତି । ଏମାନଙ୍କର ଏପରି କାର୍ଯ୍ୟ କଳାପକୁ ଦେଖି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ପଂକ୍ତି ଟିଏ ମନେ ପଡେ -

“ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ  ?”

ସଭ୍ୟତା ନିତି ନୂଆ ଦିଗକୁ ଗତି କରୁଛି । ବିଜ୍ଞାନ ନିତି ନୂଆ ସୁଖ ସୁବିଧା ଭରୁଛି । ସବୁ ପରେ, ଏ  ସବୁ ଭିତରେ ଆମ ମାଆ, ଆମ ମାତୃଭାଷା ଚିରଉଜ୍ଜ୍ୱଳ ରହୁ  - ଏହା ହିଁ ଆମ ଓଡ଼ିଆ ପ୍ରାଣର ଶ୍ରେଷ୍ଠ ଅନ୍ତଃ ଚେତନା ହେଉ।

**ଜୟ ଜଗନ୍ନାଥ**
**ବନ୍ଦେ ଉତ୍କଳ ଜନନୀ**

# LIFE MEMBERS

Ajay Mohanty (Mitu)
Animesh Roul
Anup Samal
Ashok Das
Babuli Nayak
Banoj Kumar Pradhan
Basant Kr. Sahoo
Bibekanand Pattanaik
Bijay Pradhan
Bimalendu Sahu
Debashis K. Mohanty
Dr. Anil K. Goel
Dr. Sananta Sahoo.
Jagdish Patra
Jiten Mohanlal
Jitendra Kumar Sahoo
Kaushik Triphathy
Litu Ch. Swain
Madhusudan Pothal
Nayan Kishore Das
Prakash Chandra Prusty
Priya Sahoo
Puspita Jena
Rakesh Prusti
Ram Ranjan Mohapatra
Ranjan Biswal
Ravi Lal Thapa
Samish Mohanty
Sanjay Bal
Sanjay Mohanty
Sanjit Das
Santosh Kumar Sarangi
Santosh Biswal
Saroj Das
Shibashis Mohanty
Sisir Rout
Sobhan Kar, IRS
Soubhagya Bhol
Subrat Kr. Das
Sushant Kr. Das
Suvendu Das
Yashwanta Sharma

# MEMBERS

Ajay Mohanty
Ajit Kumar Barek
Anam Sahoo
Arabinda Das
Aswinee Samantray
Abhishek Satpathy
Bhaskar Ch. Behera
B K Rath
Bijay K. Mohanty
Bimal Prasad Samal
Biren Biswal
Debasis Goswami
Dhiren Biswal
Dhirendra Kr. Sahoo
Dinesh Kumar Sahu
Gajendra P. Samanta
Girija Sankar Das
Hemanta Rout
Himanshu Panigrahi
Hrudananda Puhan
Hrudaya Ranjan Bhuyan
Jay Krushna Swain
Litton Mukherjee
Nabaghana Dalai
Piyush Mohapatra
Prabhat Kishore Bhuyan
Prabhat Kumar Mohanty
Prabin Panda
Pradeep K. Sahoo
Pradeep Rout
Pradeepta Bhuyan
Pradip Parija
Prasanta Kr. Das
Prashant Nayak
Parimita Parija
Rabindra Behera
Rabindra Nath Mishra
Ramnath Sahoo
Ranjan Kr. Sahoo
Rashmi Ranjan Nayak
Sandipta Rout
Sanjay Mohanty
Sanjit Mohanty
Sasmita Mohanty
Sitakanta Das
Smurti Ranjan Sahoo
Subhransu Das
Sujata Das
Sunil Mohapatra
Surajeet Patnaik
Surendra Baxi
Suresh Ch. Behera
Suresh Swain
Suvendu Sahu
Surjeet Singh
Srikanta Nayak
Sushant K. Nayak
Tanka Dhara Das
Tapan Kumar Thatoi

# APPEAL FOR FUNDS FOR PUBLIC LIBRARY - CUM - STUDY CENTRE

Dear Sir/Madam,
Greetings from Oriya Cultural & Welfare Association (OCWA).

OCWA is a registered NGO dedicated to education, health, welfare, and cultural promotion. Over the years, we have organized health camps, blood donation drives, food and clothing distribution, educational support for underprivileged children, and cultural programs such as *Ganpati Mahotsav* and publication of our annual magazine *Utkal Gauraba*.

The following details highlight our credentials and new initiative:

Registrations & Compliance:

| | |
|---|---|
| 1 | Registered under The Societies Registration Act, 1860;<br>Registration No.: S-54118/2005 |
| 2 | Registered under The Companies Act 2013 for CSR Funding;<br>CSR Registration No. CSR00015864, Dated 05.10.2021 |
| 3 | Registered under RBI's NGO Darpan;<br>Unique ID: DL/2024/0443734 |
| 4 | Registered under Income Tax Act;<br>80G Registration - Donations are eligible for exemption of Income Tax<br>Unique Registration Number: AAATO1376ME20211 |

Our New Initiative

We plan to establish a **Public Library-cum-Study Centre in Delhi**, open to all. The centre will provide:

- Reading halls and quiet study spaces
- Books, journals, newspapers, and e-resources
- Computer and internet access
- Affordable learning environment for students and researchers
-

**Project Cost: ₹2 Crore** (infrastructure, resources, operations)

How You Can Help

We seek **Sponsorships / CSR Funds / Donations** to bring this vision to life. Contributions are eligible for **80G Income Tax exemption**. Donors will be acknowledged on our recognition board and in publications.
**Join us in creating a lasting legacy of knowledge, learning, and empowerment.**

**With sincere regards,**
**For Oriya Cultural & Welfare Association**

S/d
**(Bijay K Mohanty)**
President
Contact No. +91-9871997449
Email id: ocwa.regd@gmail.com

THROUGH HUMANITY TO PEACE

# Indian Red Cross Society

(CONSTITUTED UNDER ACT XV OF 1920)

Telefax : 91-11-23717454
Phones : (PBX Lines) 23716441, 42, 43
Website : www.indianredcross.org
Email : ircs@indianredcross.org

Headquarters :
1, RED CROSS ROAD
NEW DELHI - 110 001

No.M/12012/5/24/BB

Dated: 9/2/25

Oriya Cultural & Welfare Association
New Delhi – 110008

Dear Sir,

We are grateful to you for your generous cooperation in permitting us to collect blood from the voluntary blood donors of your organization. This will help us a lot towards the success of the IRCS Blood Bank in saving many a precious human lives.

This great humanitarian service cannot be carried on without the active cooperation and selfless spirit shown by voluntary blood donors and voluntary workers of your organization. We hope in future you shall continue encouraging us and organize Blood Donation Camps regularly with Indian Red Cross Society Blood Bank. We are also thankful to you for giving refreshment to the donors.

Enclosed, herewith a copy of the list of 35 blood donors who donated their blood on 9/2/25

Thanking you.

FOR–
Yours Sincerely,

(Dr.Vanshree Singh),
Joint Secretary
IRCS NHQ,
Blood Centre,



# ଓଡ଼ିଆଜାତିର ପ୍ରତିସ୍ପର୍ଦ୍ଧା ଅନନ୍ୟ

କୁହାଯାଇଛି, "ବର୍ଷାଣାଂ ଭାରତଂ ଶ୍ରେଷ୍ଠଂ ଭାରତେ ଚୋତ୍କଳଃ ସ୍ମୃତଃ/ ଉତ୍କଳସ୍ୟ ସମ ଦେଶୋ ଦେଶ ନାସ୍ତି ମହୀତଳେ" । ଅର୍ଥାତ୍ ବର୍ଷ ବା ରାଷ୍ଟ୍ରମାନଙ୍କ ଭିତରେ ଭାରତ ବା ଭାରତବର୍ଷ ଶ୍ରେଷ୍ଠ । ଉତ୍କଳ ପରି ଦେଶଟିଏ ଏ ଧରାରେ ନାହିଁ । ମୋଟାମୋଟି ଭାବରେ ଏହି କଥାର ସାରାଂଶ ହେଉଛି ପୃଥିବୀରେ ଭାରତବର୍ଷ ଓ ଉତ୍କଳ ମହାନ୍ । ପ୍ରାଚୀନକାଳରୁ ଏଯାବତ ଭାରତବର୍ଷ ଅନେକ ନାମରେ ପରିଚିତ ।ସେଗୁଡିକ ମଧ୍ୟରେ ଜମ୍ବୁଦ୍ୱୀପ ଅନ୍ତର୍ଗତ ଭାରତବର୍ଷ ପ୍ରାଚୀନତମ ବୋଲି କୁହାଯାଏ । ସମୟକ୍ରମେ ଏହି ଦେଶ ଆର୍ଯ୍ୟାବର୍ତ୍ତ, ହିନ୍ଦୁସ୍ତାନ, ତେଞ୍ଜିକୁ(ଚୀନୀୟ ଭାଷାରେ), ଇଣ୍ଡିଆ (ଗ୍ରୀକ୍ ଇଣ୍ଡସ୍ ରୁ ଆଧୁନିକ ଇଂରାଜୀରେ ଇଣ୍ଡିଆ) ନାମଗ୍ରହଣ କରିଛି । ବ୍ରିଟିଶ ଉପନିବେଶରୁ ସ୍ୱାଧୀନତା ଲାଭ ପରେ ସମ୍ବିଧାନର ଧାରା-୧ ଅନୁସାରେ ଇଣ୍ଡିଆ ଓ ଭାରତ ଉଭୟ ନାମରେ ସାମ୍ବିଧାନିକ ସ୍ୱୀକୃତି ପାଇଛି । ତଥାପି ଆନ୍ତର୍ଜାତିକ ସ୍ତରରେ ଇଣ୍ଡିଆ ଓ ଦେଶଭିତରେ ଭାରତ/ଭାରତବର୍ଷ ଓ ହିନ୍ଦୁସ୍ତାନ ନାମରେ ଆମଦେଶ ଆଦୃତ । ସେହିପରି ଉତ୍କଳ ବିଭିନ୍ନ ସମୟରେ ଉଡ୍ର (ଭରତମୁନିଙ୍କ ନାଟ୍ୟଶାସ୍ତ୍ର),କଳିଙ୍ଗ, ଉତ୍କଳ, ଓଡିଶା ଇତ୍ୟାଦି ନାମ ବହନ କରିଛି । କିନ୍ତୁ ୧୯୩୬ ଅପ୍ରେଲ ୧ ତାରିଖରୁ ଓଡ଼ିଆ ଭାଷା ଭିତ୍ତିକ ପ୍ରଦେଶ ଭାବରେ ଓଡିଶା ବ୍ରିଟିଶ-ଇଣ୍ଡିଆରେ ଉଭା ହେଲା । ଦେଶର ସ୍ୱାଧୀନତା ପରେ ଓଡିଶା ଭାରତବର୍ଷର ଅନ୍ୟତମ ପ୍ରଦେଶ ଭାବରେ ସାମ୍ବିଧାନିକ ସ୍ୱୀକୃତି ଲାଭକରିଛି । ଏହି ପ୍ରସଙ୍ଗରେ ବିଶେଷ ଆଲୋଚନା କରିବା ଏହି ଆଲେଖ୍ୟର ଲକ୍ଷ୍ୟ ନୁହେଁ । କେବଳ ଭାରତବର୍ଷର ଶ୍ରେଷ୍ଠତ୍ୱ ପ୍ରତିପକ୍ଷରେ ଓଡିଶାର  ପ୍ରତିସ୍ପର୍ଦ୍ଧା ପ୍ରକାଶକ ବୈଶିଷ୍ଟ୍ୟ ପ୍ରତିପାଦନ କରି ଓଡିଆଜାତିର ଚିନ୍ତା ଓ ଚେତନାକୁ ଦର୍ଶାଇବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ।

ହିମାଦ୍ରିର ଦକ୍ଷିଣରୁ ଦକ୍ଷିଣ ସାଗର( ଭାରତ ମହାସାଗର)  ପର୍ଯ୍ୟନ୍ତ ଭାରତ ଦେବଭୂମି ଓ ଏହାର ଅଧିବାସୀ ଭାରତୀ( ଭାରତୀୟ)  । ସେମାନଙ୍କ ଭାଷା ଦେବଭାଷା ଭାରତୀ (ସଂସ୍କୃତ) । ଲିପି ଦେବନାଗରୀ । ଦେବତାଙ୍କ ଅଧିଷ୍ଠାନ ଏଇ ଭାରତ ଅନନ୍ୟ ପ୍ରଜ୍ଞାର ଉଦ୍ଗମସ୍ଥଳ । ପ୍ରଜ୍ଞାର ଜ୍ୟୋତି ଆହରଣରେ ରତ ଏ ଭୂମି, ତେଣୁ ସେ ଭାରତ । ଅବଶ୍ୟ ଏହି ନାମକରଣ ସମ୍ପର୍କରେ ଭିନ୍ନ ଭିନ୍ନ ପୌରାଣିକ ମତ ରହିଛି । ବିଭିନ୍ନ ପୁରାଣ ଓ ଶାସ୍ତ୍ର ଅନୁସାରେ ଭାରତର ବିଭିନ୍ନ ଅଞ୍ଚଳ, ନଦୀ, ଦେବସ୍ଥାନ ଇତ୍ୟାଦି ମହନୀୟ ପ୍ରତିପାଦିତ ହୋଇଛି ।

ଭାରତରେ ସାତୋଟି ମୋକ୍ଷଦାୟିକା କ୍ଷେତ୍ରର ବର୍ଣ୍ଣନା ଗରୁଡ଼ ପୁରାଣରେ ରହିଛି । ଯଥା,

ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚି ଅବନ୍ତିକା ।
ପୁରୀ ଦ୍ୱାରାବତୀ ଚୈବ ସପ୍ତୈତାଃ  ମୋକ୍ଷଦାୟିକାଃ ।।

ଅଯୋଧ୍ୟା, ମଥୁରା, ମାୟା( ହରିଦ୍ୱାର) , କାଶୀ( ବାରାଣସୀ) , କାଞ୍ଚି, ଅବନ୍ତୀ(ଉଜ୍ଜୟିନୀ) ଓ ଦ୍ୱାରକା ଏହି ସପ୍ତପୁରୀ ହେଉଛି ପବିତ୍ର କ୍ଷେତ୍ର ଯେଉଁଠି ଜୀବକୁ ମୋକ୍ଷପ୍ରାପ୍ତି ଉପଲବ୍ଧ ହୁଏ । ବିଭିନ୍ନ କାରଣରୁ ଏହି ସପ୍ତକ୍ଷେତ୍ରର ମହତ୍ତ୍ୱ ସର୍ବଜନସ୍ୱୀକୃତ । କିନ୍ତୁ ଏହି ସପ୍ତମୋକ୍ଷଦାୟିକା କ୍ଷେତ୍ର ମଧ୍ୟରେ ଓଡ଼ିଶାର କୌଣସି କ୍ଷେତ୍ର ସ୍ଥାନ ପାଇନାହାନ୍ତି । ପ୍ରୋକ୍ତ କ୍ଷେତ୍ରସମୂହକୁ ତିଳେମାତ୍ର ଅବମାନନା ନକରି ଓଡିଆଜାତି ସୃଜିଛି ଆପଣାର ଗରିମାମୟ କ୍ଷେତ୍ର ଶ୍ରୀକ୍ଷେତ୍ରପୁରୀ । ଏଠାରେ ରହିଛି ସ୍ୱର୍ଗଦ୍ୱାର । ସ୍ୱର୍ଗର ପ୍ରବେଶପଥ । ଏଠାରେ ମୋକ୍ଷପ୍ରାପ୍ତି ସୁଲଭ । ସାମାନ୍ୟ ପକ୍ଷୀଟିଏ ଭୁଷଣ୍ଡକାକ ଚତୁର୍ଭୂଜ ହୋଇ ସାରୂପ୍ୟ ମୁକ୍ତି ଲାଭ କରିଛି ।ବ୍ରହ୍ମହତ୍ୟା ପାପକୁ ମଧ୍ୟ କ୍ଷାଳନ କରିବାରେ ଏ କ୍ଷେତ୍ର ସମର୍ଥ । କୁହାଯାଇଛି, ଓଡିଶା ଥିଲା ଅପବିତ୍ର ଦେଶ । ବ୍ରାତ୍ୟଭୂମି । ସେଠାକୁ ଗଲେ ପତିତ ହେବା କାରଣରୁ ପ୍ରାୟଶ୍ଚିତର ପ୍ରାବଧାନ ଥିଲା । କିନ୍ତୁ ଓଡ଼ିଆ ଜାତି ଏହି କ୍ଷେତ୍ରରେ ବଡ଼ଦେଉଳ ଚୂଡାରେ ଉଡାଇଦେଇଛି ପତିତପାବନ ବାନା । ଫରଫର ଏ ପତାକା ସତେଯେମିତି ଉଡାଇ ଦେଉଛି ଜୀବର ପାପତାପଯାତନା ।

"ଗୀର୍ବାଣମତେ ନିର୍ବାଣ ସାରୂପ୍ୟକୁ ଦେଇ
ସାକ୍ଷୀ ପକ୍ଷୀ କରଟ ପ୍ରତିମା ରୂପେ ଥାଇ ।
ବ୍ରହ୍ମହତ୍ୟାପାତକ ନିପାତକ ମହୀ
କପାଳମୋଚନ ତ୍ରିଲୋଚନ ସାକ୍ଷୀ ଯହିଁ ।
ଆସି କାଶୀଶ୍ୱର ବାସ କଲେ ଏହା ଜାଣି
ଅନ୍ୟକ୍ଷେତ୍ର ସମସ୍ତଙ୍କ ଏ ମସ୍ତକମଣି ଯେ ।"
କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

ଭାରତର ପଞ୍ଚତୀର୍ଥର ଗରିମାମୟ ଖ୍ୟାତି ପ୍ରାଚୀନ ଗ୍ରନ୍ଥରେ ବର୍ଣ୍ଣିତ ।
କୁରୁକ୍ଷେତ୍ର ଗୟା ଗଙ୍ଗା ପ୍ରଭାସ ପୁଷ୍କରାଣି ଚ
ଏତାନି ମନସା ଧ୍ୟାତ୍ୱା ଅବଗାହେତ୍ ତତୋଜଳମ୍ ।

ଏହି ପାଞ୍ଚଟି ତୀର୍ଥଜଳକୁ ମନରେ ଧ୍ୟାନ କରି ସେହି ଜଳରେ ସ୍ନାନ କରିବା ଉଚିତ ବୋଲି କୁହାଯାଇଛି । ପୁନଶ୍ଚ ଅନ୍ୟତ୍ର ସଂକଳ୍ପ ସମୟରେ ସପ୍ତ ପବିତ୍ର ନଦୀର ଜଳ ଉପସ୍ଥିତ ହୋଇ ସଂକଳ୍ପଜଳକୁ ପବିତ୍ର କରନ୍ତୁ ବୋଲି ମନ୍ତ୍ରୋଚ୍ଚାରଣ କରାଯାଏ । ପଞ୍ଚତୀର୍ଥଜଳ ହେଉ କି ସପ୍ତପୁଣ୍ୟନଦୀଜଳ ହେଉ ଏହି ତାଲିକାରେ ଓଡ଼ିଶାର କୌଣସି ତୀର୍ଥ କି ନଦୀର ନାମୋଲ୍ଲେଖ ନାହିଁ । ଓଡିଆଜାତି ଏହି ପଞ୍ଚତୀର୍ଥ ଓ ସପ୍ତନଦୀକୁ ଅବମାନନା ନକରି ଶ୍ରୀକ୍ଷେତ୍ରପୁରୀରେ ପରିକଳ୍ପନା କରିଛି ପଞ୍ଚତୀର୍ଥର ମହିମା ।ତାହା ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେୟ, ନରେନ୍ଦ୍ର, ଶ୍ୱେତଗଙ୍ଗା ଓ ମହୋଦଧି । ପୁଣି ମହୋଦଧି ହେଉଛି ତୀର୍ଥରାଜ । ସେହିପରି ଓଡ଼ିଶାର ଜୀବନରେଖା ପୁଣ୍ୟତୋୟା ନଦୀର ନାମ ହେଉଛି ମହାନଦୀ । ମହାନଦୀର ନାମକରଣ ହିଁ ତାହାର ମହାନତା ପ୍ରତିପାଦନ କରେ । ମହାନଦୀର ଜଳରେ ଗଙ୍ଗା ଗୁପ୍ତାବସ୍ଥାନ କରନ୍ତି ବୋଲି ବିଶ୍ୱାସ କରାଯାଏ ।

ଭାରତରେ ଅସଂଖ୍ୟ ଶୈବପୀଠ ରହିଛି । ତନ୍ମଧ୍ୟରୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମହନୀୟତାର ଶୀର୍ଷରେ ଅବସ୍ଥାନ କରନ୍ତି । ସେମାନେ ହେଲେ ସୋମନାଥ(ଗୁଜରାଟ), ମଲ୍ଲିକାର୍ଜ୍ଜୁନ (ଆନ୍ଧ୍ର), ମହାକାଳେଶ୍ୱର (ମଧ୍ୟପ୍ରଦେଶ), ଓଙ୍କାରେଶ୍ୱର ( ମଧ୍ୟପ୍ରଦେଶ) , ବୈଦ୍ୟନାଥ ( ଝାଡଖଣ୍ଡ) , ରାମେଶ୍ୱର (ତାମିଲନାଡୁ), ନାଗେଶ୍ୱର (ଗୁଜରାଟ), କାଶୀ ବିଶ୍ୱନାଥ (ଉତ୍ତର ପ୍ରଦେଶ) , ତ୍ରିମ୍ବକେଶ୍ୱର ( ମହାରାଷ୍ଟ୍ର) , ଭୀମଶଙ୍କର ( ମହାରାଷ୍ଟ୍ର) , କେଦାରନାଥ (ଉତ୍ତରାଖଣ୍ଡ) ଓ ଗ୍ରୀଷ୍ଣେଶ୍ୱର (ମହାରାଷ୍ଟ୍ର) । ଏହି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଓଡ଼ିଶାର ଶୈବପୀଠ ମର୍ଯ୍ୟାଦା ପାଇନାହିଁ । ଓଡିଆଜାତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଓ ସମ୍ପୃକ୍ତ ପୀଠକୁ ଅସମ୍ମାନ ପ୍ରଦର୍ଶନ କରି ନାହିଁ । କିନ୍ତୁ ସ୍ୱର୍ଣ୍ଣାଦ୍ରି (ଭୁବନେଶ୍ୱରର ଅନ୍ୟ ଏକ ପରିଚୟ)ରେ ଓଡ଼ିଆଜାତି ସ୍ଥାପନ କରିଛି ଲିଙ୍ଗରାଜଙ୍କୁ । ଏହି ନାମ ହିଁ ମହନୀୟତାର ଦ୍ୟୋତକ । ଲିଙ୍ଗରାଜଙ୍କ କ୍ଷେତ୍ର ଭୁବନେଶ୍ୱର । ତ୍ରିଭୁବନ ହେଉ କି ଚତୁର୍ଦ୍ଦଶ ଭୁବନ ହେଉ ତନ୍ମଧ୍ୟରେ ଏ କ୍ଷେତ୍ର ଈଶ୍ୱର ବା ଶ୍ରେଷ୍ଠ । ତେଣୁ ଭୁବନେଶ୍ୱର । ପ୍ରାୟତଃ ପ୍ରତ୍ୟେକ ଶିବମନ୍ଦିରର ଚୂଡାରେ ତ୍ରିଶୂଳ ଶୋଭାପାଏ । ମାତ୍ର ବ୍ୟତିକ୍ରମ ସ୍ୱରୂପ ଲିଙ୍ଗରାଜ ମନ୍ଦିର ଚୂଡାରେ ଶୋଭାପାଏ ଧନୁ (ପିନାକଧନୁ) ।

ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ରଚିତ ହୋଇଥିବା ନାଟ୍ୟଶାସ୍ତ୍ରରେ ଭରତମୁନି ଓଡ଼ିଶାର ଭାଷାକୁ ଉଡ୍ରବିଭାଷା ବୋଲି ଲେଖିଛନ୍ତି । ସେହି ବିଭାଷା ଆକ୍ଷେପକୁ ଭ୍ରୂକ୍ଷେପ ନକରି ସମୟକ୍ରମେ ଓଡିଆଜାତି ଗଢିଛି ଓଡ଼ିଆ ଭାଷାର କୋଣାର୍କ । ଅନ୍ୟାନ୍ୟ ଭିତରେ ଅନନ୍ୟ । ମୁଖ୍ୟତଃ ଏ ଭାଷା ସ୍ୱରାନ୍ତ । ଆଜି ଶାସ୍ତ୍ରୀୟ ସ୍ୱୀକୃତିପ୍ରାପ୍ତ । ବଙ୍ଗଳା ଭାଷାରେ ରଚିତ ଜାତୀୟ ସଙ୍ଗୀତ 'ଜନଗଣ ମନ ଅଧିନାୟକ' ଗାନ କରାଯାଏ ସ୍ୱରାନ୍ତ ଉଚ୍ଚାରଣରେ । ଏହା ହିଁ ଓଡ଼ିଆ ଭାଷାର ସର୍ବଭାରତୀୟ ଗରିମା ।

ପ୍ରତିସ୍ପର୍ଦ୍ଧୀ ଚେତନା ହିଁ ଓଡିଆଜାତିର ହୃତ୍- ସ୍ପନ୍ଦନ । ତା'ର ପ୍ରତିସ୍ପର୍ଦ୍ଧା ଈର୍ଷାକି ଅସୂୟାପ୍ରଣୋଦିତ ନୁହେଁ । ଆପଣାକୁ ଥାପିବାର ନିଷ୍କମ୍ପ ଅଭିଳାଷ ଓ ପ୍ରଚେଷ୍ଟା ହିଁ ପ୍ରତିସ୍ପର୍ଦ୍ଧାରେ ପ୍ରତିଫଳିତ । ଏ ଜାତି ବୁଝିଛି ସିଂହ କେବେ ସିଂହାସନ ଲୋଡେ ନାହିଁ । ସେ ଯେଉଁଠି ବସେ, ତାହା ହୋଇଯାଏ ସିଂହାସନ ।

***

**ମନୋରଞ୍ଜନ ଦାସ**
ଫ୍ଲାଟ୍ ନଂ -୨୦୭
ଜଗନ୍ନାଥ ରାଜଶିଖର ଆପାର୍ଟମେଂଟ୍,
ନାଗେଶ୍ୱରୀ ରୋଡ୍, ନନ୍ଦନ ବିହାର,
ପଟିଆ, ଭୁବନେଶ୍ୱର-୭୫୧୦୨୪





ସାରସ୍ୱତ ସାଧିକା (ଶ୍ରୀମତୀ ପ୍ରତିଭା ରାୟ)
ଙ୍କର ଆମ ପ୍ରତି ଆଦରକୁ ଆମେ ସଗୌରବ
କୃତଜ୍ଞତା ସହ ଗ୍ରହଣ କରୁଛୁ ।



# ମୋ ଗାଁର ମହକ

ସୁକିନ୍ଦା ରାଜବଂଶ ସୁକିନ୍ଦା ସାମ୍ରାଜ୍ୟରେ ୯ ଟି ବ୍ରାହ୍ମଣ ଶାସନ ବସାଇ ଥିଲେ। ସେହି ଶାସନ ମାନଙ୍କ ଭିତରେ କୁମୁଡି ଶାସନ ଅନ୍ୟତମ। କୁମୁଡି ଶାସନ ମୋର ଜନ୍ମ ମାଟି। ବହୁବର୍ଷ ତଳେ କମ୍ମା  ସଂପ୍ରଦାୟର ଲୋକମାନେ ଆସି ଏହି ଅଞ୍ଚଳରେ  ବସବାସ କରୁଥିଲେ ବୋଲି ଗାଁ ର ନାମ କମାଢି ଶାସନ ଦିଆଯାଇଥିଲା ବୋଲି ଶୁଣାଯାଏ । ଯଦି ଏହା ସତ ହେଇଥାଏ, ତାହେଲେ ସେମାନେ ତାମିଲନାଡୁ, କର୍ଣାଟକ କିମ୍ବା ଆନ୍ଧ୍ରପ୍ରଦେଶରୁ ଆସିଥିବେ। ତାମିଲନାଡୁ ଏବଂ କର୍ଣ୍ଣାଟକରେ କମ୍ମା ମାନେ ଉଚ୍ଚ ଜାତି ଓ ଆନ୍ଧ୍ରପ୍ରଦେଶରେ ନୀଚ ଜାତି।

କମ୍ମା  ବଂଶର ଲୋକମାନେ କାମ୍ମାନାଡୁର କୃଷକ ସମ୍ପ୍ରଦାୟରୁ ଉପୃତ୍ତି ହୋଇଥିବା ଜଣାଯାଏ। କୁମୁଡି ଅଞ୍ଚଳଟି ଯେହେତୁ ଏକ ଉର୍ବର ଅଞ୍ଚଳ, ଚାରିପାଖରେ ନଦୀ ଓ ଏକ ଦ୍ୱୀପ, ଚାଷ ବାସ ପାଇଁ ଏକ ଆଦର୍ଶ ସ୍ଥାନ, ସେଥିପାଇଁ ହୁଏତ ସେମାନେଏହି ସ୍ଥାନରେ ରହିବା ପାଇଁ ପସନ୍ଦ କରିଥିବେ। କମ୍ମା ଗୋଷ୍ଠୀର ଲୋକ ମାନେ କୂଳ ଓ ଗୋତ୍ର ଉପରେ ବିଶ୍ୱାସ କରନ୍ତି, ବର୍ଣ୍ଣ ଉପରେ ନୁହେଁ ।

କାଳକ୍ରମେ କମାଢିରୁ ଅପଭ୍ରଂଶ ହୋଇ ଗାଁ ର ନାମ କୁମୁଡି ହୋଇଥିଲା ବୋଲି ବିଶ୍ୱାସ କରାଯାଏ।  କୁମୁଡି ଶାସନର ପ୍ରକୃତ ନାମ ବୀର ରାମଚନ୍ଦ୍ରପୁର ଶାସନ। ଏହି ନାମଟି ସୁକିନ୍ଦା ଗଡର ୨୬ ତମ ରାଜା ରାମଚନ୍ଦ୍ର ଭୁପତିଙ୍କ ନାମରେ ନାମିତ କରାଯାଇଛି ବୋଲି ଅନୁମାନ କରାଯାଏ। ଅନ୍ୟ ବ୍ରାହ୍ମଣ ଶାସନ ଗୁଡିକର ନାମ ହେଲା ୧. ଉତ୍ତର ଜେମାଦେଇପୁର ଶାସନ ୨. ନୀଳମଣିଦେଇପୁର ଶାସନ ୩.ନିତ୍ୟାନନ୍ଦପୁର ଶାସନ ୪. ଉପେନ୍ଦ୍ରପୁର ଶାସନ ୫. ସୂର୍ଯ୍ୟମଣିଦେଇପୁର ଶାସନ ୬.ଦକ୍ଷିଣ ଜେମାଦେଇପୁର ଶାସନ ୭. ନନ୍ଦକିଶୋରପୁର ଶାସନ ଓ ୮. ମୁକ୍ତାଦେଇପୁର ଶାସନ। ୧୯୫୫ ମସିହାରେ ନଦୀ ବଢି, ୧୯୫୮ ମସିହାରେ ଘର ପୋଡି ଓ  ୧୯୬୦ ମସିହାରେ ବ୍ରାହ୍ମଣୀ ନଦୀରେ ପ୍ରବଳ ବଢି ଆସିଥିଲା । ଏହି ସବୁ ବିପଦ ଲୋକମାନଙ୍କର ମେରୁଦଣ୍ଡ ଦୋହଲାଇ ଦେଇଥିଲା । ୧୯୬୧ରେ ମୋର ଜନ୍ମ । ନଦୀ ବଢିରେ ଆମ ଘର ଭସେଇ ନେଲା। ତେଣୁ ସେ ଗାଁ ଛାଡି ତିନି ଚାରି କିଲୋମିଟର ଦୂରରେ ଗୋଟେ ହୁଡି ଉପରେ ଥିବା ରାଜଗୋଲା ଗାଁ କୁ ଗୋଟିଏ ଚାଳ ଘର କରି ବାପା ନିଜ ସଂସାର ଧରି କାହିଁ କେତେ ବର୍ଷର ଭିଟା ମାଟି ଛାଡି ଚାଲି ଆସିଲେ। ସେତେବେଳକୁ ସାଉଁଟିଆ ଅଜା, ଚିନ୍ତାମଣି ତ୍ରିପାଠୀ, କୃଷ୍ଣ ଗୋଶିବାପା ଓ ଆଉ କିଛି ଲୋକ ନୂଆ ଗାଁ ରାଜଗୋଲାରେ ଆସି ବସବାସ କରୁଥିଲେ। ଚାରିଆଡ଼େ ଜଙ୍ଗଲ । ସାପ, ଶିଆଳ, ଭାଲୁ ଭୟ। ଆମେ ଛୋଟ ଥିଲା ବେଳେ ସାଉଁଟିଆ ଅଜା ଘର ପାଖରେ ଥିବା ବାଉଁଶ ବୁଦା ପାଖରେ ଦିନ ଦିପହରେ ଗାଁ ଲୋକମାନେ ଗୋଟେ ଭାଲୁକୁ ପିଟି ପିଟି ମାରି ଦେଇଥିଲେ । ଅନେକ ସାପ ମଧ ଦେଖିଛୁ। ଗାଁ ଜାଗାଟି ସୁକିନ୍ଦା ରାଜା ଦେଇଥିଲେ ବୋଲି ଗାଁ ଟିର ନାମ ରାଜଗୋଲା ଓ ରାଜନଗର ଶାସନ ଦିଆ ଯାଇଛି ବୋଲି ଶୁଣାଯାଏ ।

ରାଜଗୋଲାରେ ରହିଲେ କଣ ହେଲା, ଦିନି ସକାଳୁ ଉଠି ଚାଲି ଚାଲି ଓ ପାରିଭଦ୍ରା ନଦୀ ପାର କରି ସମସ୍ତେ କୁମୁଡି ଯାଇ ନିଜ ନିଜର ଜମି ଚାଷ ବାସ କରନ୍ତି । ଆମ ଗାଁ ର ବୀର ମାଝି ଡଙ୍ଗା ରେ ନଦୀ ପାର କରନ୍ତି । ବାରଟା ଗୋଟେ ବେଳେ ପରିବା ପତ୍ର ଧରି ଫେରନ୍ତି । ମୂଲିଆ ହଳିଆ ମାନେ ସଂଧ୍ୟା ବେଳକୁ ଫେରନ୍ତି । ପରିବା ଚାଷ ଛଡା ଚିନାବାଦାମ, ଆଖୁ, ବିରି, ମୁଗ, କୋଳଥ, ବରଗୁଡି, ସୋଲା, ଚଣା, ମସୁର, ଜଡା ପ୍ରଭୃତି ଚାଷ କରାଯାଏ । ବଳଦ ଗାଡିରେ ବିରି, କୋଳଥ, ମୁଗ, ଚିନାବାଦାମ, ଧାନ ସବୁ ବିଲରୁ ଆଣି ରାଜଗୋଲାରେ ଆମ ଖଳାରେ ଅମଳ କରାଯାଏ । ଧାନ ଉଁଷାଇ ଢିଙ୍କିରେ କୁଟି ଚାଉଳ ବାହାର କରାଯାଏ । ବର୍ଷ ତମାମ ସେଇ ଚାଉଳ ଖାଇଲା ପରେ ବି ବଳେ। ଧାନ ଚାଉଳ ବିକ୍ରି କରି ପଇସା ମିଳିଲେ ଲୁଗାପଟା, ଆଳୁ, କିରୋସିନି ତେଲ, ଲୁଣ ପରି ଦରକାରୀ ଜିନିଷ କିଣାଯାଏ। ପରିବା, ଡାଲି କେବେ କିଣା ହେବାର ଆମେ ଦେଖି ନାହୁଁ। ଜଡାରୁ ଜଡା ତେଲ ବାହାର କରି ସେଇ ତେଲକୁ ଦେହ ମୁଣ୍ଡରେ ଲଗାଇବା ସଙ୍ଗେ ସଙ୍ଗେ ଖାଇବା ତେଲ ଭଳି ବ୍ୟବହାର କରାଯାଏ । ମୁଁ ଦେଖିଛି ଆମ ଘରେ କେମିତି ଜଡାରୁ ଜଡା ତେଲ ବାହାର କରାଯାଏ । ଆଜିକାଲି ଜଡା ତେଲ ଗାଁ ମାନଙ୍କରେ ଦେଖିବାକୁ ମିଳୁନି। ଔଷଧ ଦୋକାନରେ ମିଳୁଛି।  କେତେବେଳେ କେମିତି ସୋରିଷ ତେଲ କିଣାଯାଏ। ସେ ସମୟରେ ରିଫାଇନ ତେଲ ନଥିଲା। କିରୋସିନି ତେଲ ସବୁଠୁ ଦରକାରୀ ଥିଲା କାରଣ ଗାଁ ରେ ବିଜୁଳି ସଂଯୋଗ ହୋଇ ନଥିଲା। ଦିନ ସାରା ଖଟି ଖଟି କାମ ସରେନା। ପେଟ ଚାଖଣ୍ଡକ ପାଇଁ ଦିନ ରାତି ସଂଘର୍ଷ କରିବାକୁ ପଡ଼େ । ସେ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ କେମିତି ଲୋକମାନେ ଏତେ କାମ କରି ପାରୁଥିଲେ।

ସଂଧ୍ୟା ହେଲେ କଳା ପ୍ରେମୀ ଲୋକମାନେ ଠାକୁର ଘରେ ବସି ହାରମାନି, ଖୋଳ, ତବଲା, ତାଳ, ଗିନି ବଜାଇ ଗୀତ ବୋଲିବା ଆରମ୍ଭ କରନ୍ତି । ଧୋଇଆନା, ବାସୁଆ କା ପ୍ରମୁଖ ଗୀତ ବୋଲନ୍ତି । ବନା ଦଦା, କାର୍ତ୍ତିକ ନନା, ମହେଶ୍ୱର, ଏମାନେ ସମସ୍ତେ  ମୃଦଙ୍ଗ ଓ ଡୁବି ତବଲା ବଜାନ୍ତି । ସେମାନେ ସମସ୍ତେ ଗୋଟିଏ ବଂଶର । ଅଇଁଠୁ କର, ମାୟାଧର କର ମଧ ଭଲ ମୃଦଙ୍ଗ ବଜାନ୍ତି । କପିଳ ଓଝା ହାରମୋନିଅମ ବଜାନ୍ତି।   ଗୀତ ଆରମ୍ଭ ହେଲା ବେଳେ ବହୁତ ଲୋକ ଠୁଳ ହୋଇ ଯାଆନ୍ତି । କିଏ ତାଳ ବଜାଏ ତ କିଏ ଗିନି ବଜାଏ । ଏ ଗୀତର ଆକର୍ଷଣ ସମସ୍ତଙ୍କୁ କୋଠଘର ଆଡକୁ ଟାଣିଆଣେ। ଆଜିକାଲିର ଆଧୁନିକ ଗଦ୍ୟ କବିତା କଣ ସାଧାରଣ ଲୋକଟିକୁ ନିଜ ଆଡକୁ ଆକର୍ଷିତ କରିପାରିବ?  ପାଲା, ଦାସକାଠିଆ, ନାଟକ ହେଲେ  ଆଖ ପାଖ ଗାଁ ଗଣ୍ଡାରୁ ଲୋକ ମାନେ ଆସି ଭିଡ଼ କରନ୍ତି । ପାଲା ଦେଖିଲା ବେଳେ କିଛି ବିଜ୍ଞ ଜନ ପାଲା ଗାୟକଙ୍କୁ ପ୍ରଶ୍ନ ବାଣରେ ଘାଇଲା କରି ଦିଅନ୍ତି । ଆଧୁନିକତା ନାଁ ରେ ପାଲା ଦାସକାଠିଆ ବିଲୋପ ହେବାକୁ ବସିଲାଣି। ନାଟକ ଗୁଡିକରେ ନଗ୍ନତା ପରିବେଷଣ ନହେଲେ ବୋଧହୁଏ ସିଏ ବି ଲୋପ ପାଇ ଯାଇଥାନ୍ତା କି କଣ ! ସିନେମା, ଟେଲିଭିଜନ, ମୋବାଇଲ ଗାଁ ରେ ସଂଧ୍ୟା ସମୟର ସଙ୍ଗୀତ ଆସର, ରାମାୟଣ, ଭାଗବତ ପଢା, ଏ ସବୁକୁ ପଙ୍ଗୁ କରିଦେଲା । ଗାଁ ଲୋକମାନେ ରଜ ବେଳକୁ କି ଦୁର୍ଗା ପୂଜା ବେଳକୁ ନାଟକ ମଞ୍ଚସ୍ଥ କରନ୍ତି । ବାବାଜୀ ଦାଶ, ପଦନ ବିଶ୍ୱାଳ, ସେଣ୍ଢ ଓଝା, ବାସୁଦେବ ଦାଶ,  ଧୃବାନନ୍ଦ ଦାଶ ପ୍ରମୁଖ ଭଲ ଅଭିନୟ କରନ୍ତି । କବୀର ମହାନ୍ତି, କପିଳେଶ୍ୱର ଓଝା ପ୍ରମୁଖ ନାଟକ ନିର୍ଦ୍ଦେଶନା ଦିଅନ୍ତି ।

ଧନୀ ଦାଶ ଜଣେ କବି ସ୍ୱଭାବର ଲୋକ ଥିଲେ। ସେ ଗୀତ ଲେଖି ପାରୁଥିଲେ, ଯାହାକୁ ନେଇ ଗୀତିନାଟ୍ୟ କରାଯାଇ ପାରୁଥିଲା। ଉଦୟନାଥ ଦାଶ ଓ ଯୋଗୀନାଥ ଦାଶ ଆମ ଗାଁ ର ପ୍ରଥମ ଶିକ୍ଷକ । ଯୋଗୀନାଥ ଦାଶ ସାଇକେଲ୍ ଶିଖି ପାରିଲେ ନାହିଁ। ଯେତେ ଦୂର ହେଲେବି ବାମ ହାତକୁ ଯୋର୍ ରେ ହଲେଇ ହଲେଇ ଚାଲି ଚାଲି ସ୍କୁଲକୁ ଯାଆନ୍ତି । ଏମିତିକି ୧୦/୧୨ କିଲୋମିଟର ଦୂରରେ ଥିବା ସ୍କୁଲକୁ ମଧ ଦୈନିକ ଚାଲି ଚାଲି ଯାଆନ୍ତି ।  କଳ୍କି ଅବତାର, ମାଳିକା ବିଚାର ଉପରେ କେତେ ଖଣ୍ଡି ଚଟି ବହି ଲେଖିଥିଲେ । ସେ ବହି ସମସ୍ତଙ୍କୁ ପଢିବାକୁ ଭଲ ଲାଗୁଥିଲା । ନିଜେ ତାକୁ ଗୀତ ଗାଇ ସମସ୍ତଙ୍କୁ ଶୁଣାଉ ଥିଲେ। ଦୈତାରୀ ଦାଶ ଆମ ଗାଁ ସ୍କୁଲରେ ଶିକ୍ଷକ ଥିଲେ ଓ ତାଙ୍କର ଛାଟ ବାଜି ଆମ ଗାଁ ପିଲା ପାଠ ପଢି ମଣିଷ ହେଇଛନ୍ତି । ପ୍ରକୃତରେ ତାଙ୍କରି ଛାଟ ଖାଇ ମୋର ପାଠ ହେଲା ଓ ମୁଁ ଶ୍ରେଣୀର ତଳ ଆଡୁ ଫାଷ୍ଟରୁ ଉପର ଆଡୁ ଫାଷ୍ଟ ହେଲି। ତାଙ୍କ ଛାଟ ନ

ବାଜିଥିଲେ ବୋଧହୁଏ ଗାଁ ମୁଣ୍ଡରେ ପାନ ଦୋକାନ ଦେଇ ବସିଥାନ୍ତି। ନା ଆମେରିକା କି ୟୁରୋପ ଯାଇଥାନ୍ତି? ଉଦୟ କକା ଏକା ଧାରାରେ ଜଣେ ଶିକ୍ଷକ, ଗାୟକ, ଚିକିତ୍ସକ ଓ ଲେଖକ ଥିଲେ। ତେଣୁ ସମସ୍ତେ ତାଙ୍କୁ ୪ କ ବୋଲି କୁହନ୍ତି ।

ପର୍ବ ପର୍ବାଣୀରେ କେତେ ପ୍ରକାର ପିଠା ପଣା ହୁଏ। ସାଇ ପଡିଶାରେ ବଣ୍ଟା ଯାଏ । ଆଜିକାଲି ସେଇ ସବୁ ପିଠାପଣା ବଡ ବଡ ହୋଟେଲ ମାନଙ୍କରେ ଚଢା ଦରରେ ମିଳୁଛି। ଆମେ ତାକୁ ଖାଇ ମା, ବୁଢୀ ମା କଥା ମନେ ପକାଉଛୁ। ଆମ୍ବ ତୋଟାରେ ରଜ ଦୋଳି ଖେଳ ଆଉ ନାହିଁ । ମୁଁ ଶୁଣିଛି କୁମୁଡିରେ ଆମର ଗୋଟେ ବଡ ବର ଗଛ ଥିଲା ଯେଉଁଥିରେ ପଚାଶ ଉପରେ ଦୋଳି ଲାଗିପାରୁଥିଲା। ରଜ ଦୋଳି ଗୀତ ଓ ପିଲାମାନଙ୍କର କୋଳାହଳରେ ଗାଁ ଦାଣ୍ଡ ଉଠୁଥିଲା ପଡୁଥିଲା । ଆଜିକାଲି ପିଲାମାନଙ୍କର ବଚପନା ବୋଲି କିଛି ନାହିଁ। ପିଲାଙ୍କୁ ତିନିବର୍ଷ ଛୁଇଁଲେ ପାଠ ପଢା ଆରମ୍ଭ । ଟିଉସନ୍ ଆଉ ସ୍କୁଲରେ ସକାଳୁ ସଂଧ୍ୟା ହେଇଯାଉଛି। ଦୋଳି ବି ହୋଟେଲ ମାନଙ୍କରେ ଆମ ପିଲାମାନେ ଦେଖୁଛନ୍ତି। ଫୁଟବଲ, କବାଡ଼ି, ଡୁ ଡୁ, କିତ୍ କିତ୍, ପଇଆ ବାଡି, ବାଟି, ଫୁଟବଲ୍, ବୋହୂ ଚୋରି, ଖପରା ଡିଆଁ, ପୁଚି, ଦୋଉଡ଼ି ଡିଆଁ ଖେଳ ଛାଡି ଆଜି କାଲି ରଜ କୁଇନ୍ ପ୍ରତିଯୋଗିତା ଓ ୱେଷ୍ଟର୍ଣ୍ଣ୍ ନାଚ ଗୀତ ରାତି ୧୨ ଟା ଗୋଟେ ଯାଏ ହେଉଛି।

ଆମ ସମୟରେ ଦୋଳ ପୂର୍ଣ୍ଣିମାରେ ଗଉଡ଼ ବାଡ଼ି ଖେଳ, ଫଗୁ ଖେଳ, ଅବିର ଖେଳ, ବିଭିନ୍ନ ଗାଁକୁ ଆସିଥିବା ବିମାନ ଆଗରେ  ରାତିସାରା ଚାଲି ଥାଏ। ପେଟ୍ରୋମାକ୍ସ ଆଲୁଅରେ ଗାଁ ଦାଣ୍ଡ ଆଲୋକିତ ହୋଇଥାଏ । ଆମ ଗାଁ ର ଗଣନାଥ ଦାଶ, ଅନନ୍ତ ଦାଶ, ମାଣ୍ଡି ଦାଶ, ଗଙ୍ଗାଧର ଦାଶ, ଜୟକୃଷ୍ଣ ଦାଶ, ବାବାଜୀ ଦାଶ, ଭାଗୀରଥି ମିଶ୍ର, ପଦ୍ମନାଭ ବିଶ୍ୱାଳ, ପରମାନନ୍ଦ ଦାଶ, ଭିକାରୀ ଦାଶ, ବାବାଜୀ କର, ଅଇଁଠୁ କର, ବାବାଜୀ ବଳ ସମେତ ଅନେକ ଲୋକ ଫଗୁରେ ହୋଲି ଖେଳୁଥାନ୍ତି। କି ସୁନ୍ଦର ସେ ଦୃଶ୍ୟ । ମନେ ପଡିଲେ ଲାଗେ ସେ ଦିନ ଗୁଡିକ ଫେରି ଆସନ୍ତାନି? ହରି ହାଟରେ ଗାଁ ସାରା ଲୋକ ବସି ଖାଇବାରେ ବହୁତ ମଜା ଲାଗେ। କାର୍ତ୍ତିକ ମାସ ସାରା ଆକାଶ ଦୀପ ଉଠାଯାଏ। ଦୀପଟି ଗୋଟିଏ ହାଣ୍ଡି ଭିତରେ ରଖାଯାଏ । ହାଣ୍ଡିରେ ଅନେକ କଣା କରାଯାଇଥାଏ । ସେଇ କଣା ଦେଇ ଆଲୋକ ରଶ୍ମି ବାହାରକୁ ଆସେ। ରାତିରେ ବହୁତ ସୁନ୍ଦର ଦେଖାଯାଏ ।

ଗାଁ ରେ ବିଭିନ୍ନ କାରଣ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇ ମାଡପିଟ୍ ପର୍ଯ୍ୟନ୍ତ କଥା ଯାଏ । ମାଡଖାଇଥିବା ଲୋକ ବା କ୍ଷତି ସହିଥିବା ଲୋକ ଗାଁ ମକଦ୍ଦମ ଚିନ୍ତାମଣି ତ୍ରିପାଠୀ ଙ୍କୁ ନେହୁରା ହେଲେ ସଂଧ୍ୟା ବେଳେ ସଭା ହୁଏ। ସେ କର୍ମକାଣ୍ଡରେ ଧୁରନ୍ଧର ଥିଲେ। କୃଷ୍ଣ ଗୋସି ବାପା, ଯୁଧିଷ୍ଠିର ଦାଶ, ଅନନ୍ତ ଦାଶ, ମାଣ୍ଡି ଦାଶ ଓ ଜୟା ନା ପ୍ରମୁଖ ବଡ କର୍ମାଣିୟା ବ୍ରାହ୍ମଣ ଥିଲେ। ଗାଁ ଚୌକିଦାର ଶରଣ ମଳିକ ଓ ତାଙ୍କ ଅନ୍ତେ ତାଙ୍କ ପୁଅ ଗାଁ ସାରା ବୁଲି ସମସ୍ତଙ୍କ ଘରେ ଖବର ଦିଅନ୍ତି ଯେ ଆଜି ସଂଧ୍ୟା ବେଳେ ଦେଶ ବସିବ। ସଭାକୁ ସମସ୍ତେ ଯିବା ବାଧ୍ୟତାମୂଳକ । ସଂଧ୍ୟା ବେଳେ ଠାକୁର ଘର ପାଖରେ ବୀର କାହାଳୀ ବାଜିଲେ ଗାଁର ସବୁ ଗୁରୁଜନ ଲୋକ ଏକାଠି ହୁଅନ୍ତି। କେହି ଜଣେ ଦୁଇ ଜଣ ନ ଆସିଥିଲେ ଚୌକିଆ କୁ ପଠାଇ ଆଉଥରେ ଡକାଯାଏ । ଆମେ ଛୁଆ ମାନେ ଟିକିଏ ଦୂରରେ ବସି ନିଶାପ ଶୁଣୁ। ଗାଁ ଲୋକଙ୍କୁ ନ୍ୟାୟ ଦେବାପାଇଁ ଭାଗୀରଥି ମିଶ୍ର, କୃଷ୍ଣ ଚନ୍ଦ୍ର ଦାଶ, ଅନନ୍ତ ଦାଶ ଓ ଘନ ଖୁଣ୍ଟିଆ ପ୍ରମୁଖ ବିଚାର କରି ନ୍ୟାୟ ଦିଅନ୍ତି । ପ୍ରାୟ ସବୁ କେସ୍ ସମାଧାନ ହେଇଯାଏ । ଯେଉଁ ଗୋଟେ ଦି ଟା କେସ ଫଇସଲା ହେଇ ପାରେ ନି, ସେମାନଙ୍କୁ ଥାନା, କୋର୍ଟ କଚେରୀ ଯିବାପାଇଁ ସୁପାରିଶ କରାଯାଏ। କେଡେ ସୁନ୍ଦର ବ୍ୟବସ୍ଥା ଥିଲା ସତେ ! ସଙ୍ଗେ ସଙ୍ଗେ ସବୁ ଜଟିଳ ସମସ୍ୟା ଗୁଡ଼ିକର ସମାଧାନ ହେଇ ଯାଉଥିଲା। ମୋର ମନେଅଛି, ଆମେ ଛୋଟ ଥିବା ସମୟରେ ଗଙ୍ଗାଧର ଦାଶ ତାଙ୍କ ଭାଇ ଜୟକୃଷ୍ଣ ଦାଶ ମାନଙ୍କ ସହିତ ଜଗବନ୍ଧୁ ମିଶ୍ର ଓ ତାଙ୍କ ବଂଶଧରର ଯେଉଁ ଫୌଜଦାରି ମାମଲା ଓ କୋର୍ଟ କେସ୍ ହେଇଥିଲା ଆଜି ପର୍ଯ୍ୟନ୍ତ ସମାଧାନ ହୋଇନାହିଁ । ଯେଉଁମାନେ ମାଡଗୋଳ ଲାଗିଥିଲେ ଓ କେସ୍ କରିଥିଲେ, ସେମାନଙ୍କ ଭିତରୁ ଅନେକ ଆରପାରିକୁ ଚାଲି ଗଲେଣି କିନ୍ତୁ ସେମାନଙ୍କର କେସ୍ ଫଇସଲା ହେଇନାହିଁ । ସବୁଠୁ ମଜା କଥା ହେଲା ଆମ ଘର ଆଗରେ ଥିବା ଦୁଇ ଭାଇ ବାବାଜୀ ଦାଶ ଓ ଉଦୟନାଥ ଦାଶ। ପ୍ରାୟ ଦିନି ସଂଧ୍ୟା ବେଳେ ଝଗଡା। ତାଙ୍କ ଝଗଡା ଶୁଣିବାକୁ ଭାରି ମଜା ଲାଗେ । ବାବାଜୀ କକା ଉଦୟ କକା ଙ୍କୁ କହୁଥିବେ 'ଉଦିଆ ଖୁଦୁ ଖୁଦିଆ'। ଗଣ୍ଡଗୋଳ ଭୟଙ୍କର ରୂପ ନିଏ। ଠେଙ୍ଗା ବାଡି ଯାଏ କଥା ଯାଏ । କିନ୍ତୁ ତାଙ୍କ କଳି ସଭା ସମିତି କି ଥାନା, କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଏ ନାହିଁ। ତା ପର ଦିନ ସକାଳୁ ଆସି ବାବାଜୀ କା ଗୋଟେ ନାଲି ତୋଉଲିଆରେ ଦୁଇ ଆଣ୍ଠୁ କୁ ବାନ୍ଧି, ଉଦିଆ କା ଙ୍କ ପିଣ୍ଡାରେ ବସି ଡାକନ୍ତି 'କିରେ ଉଦିଆ କୁଆଡେ ଗଲୁ କିରେ'? ଉଦିଆ କା ବି ଜବାବ ଦିଅନ୍ତି, ହଁ ନନା ଯାଉଛି। ରାତିର ରାଗ ଆଉ ସକାଳକୁ ନଥାଏ।

ଆଜିକାଲି କେହି ମାଡପିଟ୍ ଲାଗିଲେ, କଥା କଥା କେ କହନ୍ତି ତତେ କିଆନାଳି ପାଣି ପିଆଇ ଦେବି। ମୁଁ ଏହାର ଅର୍ଥ ବୁଝୁ ନଥିଲି। ପରେ ମତେ ଜଣେ ବୁଝେଇ ଦେଲା କି ଯାଜପୁର କୋର୍ଟ କିଆନାଳି ଛକ ପାଖରେ ଅଛି। ସେଇଠି ବସି ବସି ଶୋଷ କଲେ ମୁଦେଇ ମୁଦାଲା ମାନେ କିଆନାଳିରୁ ପାଣି ପିଅନ୍ତି।

ରାମା ଖୁଣ୍ଟିଆ ଆମ ଗାଁ ମହାଜନ । ଧାନ ଚାଉଳରେ ତାଙ୍କ ଅମାର ଭର୍ତ୍ତି । ଦୁଃଖୀରଙ୍କୀ ମାନଙ୍କ ପାଇଁ ସେ ଦେବ ଦୂତ ପରି ଦାନ ଧର୍ମ କରନ୍ତି । ତାଙ୍କ ପରେ ତାଙ୍କ ସୁପୁତ୍ର ଘନ ଖୁଣ୍ଟିଆ ମଧ ଜଣେ ଦୟାଳୁ ଥିଲେ। ସେ ବହୁତ କମ୍ କଥା କହନ୍ତି । କିନ୍ତୁ ସମସ୍ତଙ୍କ କାମରେ ଆସନ୍ତି । ଧନୀ ଘର ବୋଲି ତାଙ୍କ ଘରୁ ଚୋରି ହୁଏ। ସେତେବେଳେ କାନ୍ଥ କଣା କରି ଘରେ ପଶି ଚୋରି କରନ୍ତି । ଏମାନଙ୍କୁ ସିନ୍ଧି ଚୋର କହନ୍ତି । ଚୌକିଦାର ଶରଣ ମଲ୍ଲିକ ଓ ତାଙ୍କ ଅନ୍ତେ ତାଙ୍କ ପୁଅ ପଗଡି ପିନ୍ଧି, ବାଡି ଓ ଟର୍ଚ୍ଚ ଧରି ରାତି ଅଧରେ ଗାଁ ସାରା ବୁଲି  ସମସ୍ତଙ୍କ ଘର ପାଖକୁ ଯାଇ ବଡ଼ ପାଟିରେ କହୁଥାନ୍ତି, ହୁସିଆର, ଖବରଦାର, ଜାଗ୍ରତ ରୁହ।  ତଥାପି ଅନେକ ସମୟରେ ଚୋରି ହୁଏ । ଥରେ ଆମ ଘର ପାଖରେ ଥିବା ଅମୂଲି କା ଘରକୁ ଚୋର ଆସିଥିଲେ। ଧୋଇଆ ନନା କେମିତି ଦେଖି ପାରିଲା। ବଡ଼ ସାହାସରେ ଗୋଟେ ଠେଙ୍ଗା ଧରି ସେମାନଙ୍କୁ ପିଟିବାକୁ ଉଦ୍ୟତ ହେଲା । ଏହି ସମୟରେ ସେମାନେ ଦୁଇ ତିନିଟା ବମ୍ ଫୁଟାଇ ଦେଲେ। ପ୍ରାଣ ଭୟରେ ଦୌଡି ଦୌଡି ଆସି କବାଟ କିଳି ଘର ଭିତରେ ପଶିଲା।

ପ୍ରତିବର୍ଷ ବାଲ୍ମିକୀ ଙ୍କ ଭଳି ଦିଶୁଥିବା ଜଣେ ବ୍ୟକ୍ତି ଗୁରୁ ମନ୍ତ୍ର ଦେବାପାଇଁ ପ୍ରତ୍ୟେକ ବ୍ରାହ୍ମଣ ଶାସନ ମାନଙ୍କୁ ଆସିଥାନ୍ତି । ଦେବ ପ୍ରତିମ ଚେହେରା। ଧୋବ ଫର ଫର ଶ୍ମଶ୍ରୁ, ରକ୍ତ ଚନ୍ଦନ ରଙ୍ଗର ଧୋତି ଓ ପଞ୍ଜାବୀ, ହାତରେ କମଣ୍ଡଳୁ, ଲୁହା ଚିମୁଟା, କାନ୍ଧରେ ଗଣ୍ଠିଲି ଧରି ଆସନ୍ତି, ଲାଗେ ଯେମିତି ସ୍ୱର୍ଗରୁ କେହି ଜଣେ ଦେବତା ଓହ୍ଲାଇ ଆସିଛନ୍ତି । ତାଙ୍କୁ ଗୁରୁ ଗୋସେଇଁ ଓ କେତେକ ଗୋସେଇଁ ମାହାପୁରୁ ବୋଲି ସମ୍ବୋଧନ କରନ୍ତି । ସେ ସମସ୍ତଙ୍କୁ ଗୁରୁ ମନ୍ତ୍ର ଦିଅନ୍ତି । ସମସ୍ତଙ୍କ ଘରେ ଦିନେ ଦିନେ ପାଳି କରି ତାଙ୍କ ଭୋଜନର ବ୍ୟବସ୍ଥା କରାଯାଏ। ଆମ ଘର ପାଳି ଯେଉଁ ଦିନ ପଡିଥାଏ, ସେଦିନ ସମସ୍ତେ ଖୁସି । ବାପା ଯାଇ ତାଙ୍କୁ ନିମନ୍ତ୍ରଣ କରି ଡାକି ଆଣନ୍ତି। ଘରେ ସମସ୍ତେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି। ସେଦିନର ସାତ୍ତ୍ୱିକ ଖାଦ୍ୟ ରୁଚିକର ଥାଏ। ସେଦିନ ଜଡା ତେଲରେ କିଛି ରନ୍ଧା ହୁଏନି। ନିଜ ଘରେ ତିଆରି କରା ଯାଇଥିବା ଗୁଆ ଘିଅରେ ସବୁ ରନ୍ଧା ଯାଇଥାଏ । ସେ ସମୟର ଭଜା ମୁଗଡାଲିର କି ବାସ୍ନା ! ବାଡି ହରଡ କୁ ଭାଜି ଖଟା ମିଠା ହରଡ ଡାଲି ର ସ୍ୱାଦ ଆଉ କାହିଁ ? କିଛିଦିନ ରହିଲା ପରେ ପାଖ ବ୍ରାହ୍ମଣ ଶାସନରୁ ଡାକରା ଆସେ ଓ ତାଙ୍କୁ ସେ ଗାଁ ର ଲୋକମାନେ ଓ ଆମ ଗାଁ ଲୋକମାନେ ପଟୁଆରରେ ନେଇ ଯାଆନ୍ତି । ଗୁରୁ ଗୋସେଇଁ ବିଦାୟ ନେଲା ବେଳେ ଗୋଟେ ଶୋକାକୁଳ ପରିବେଶ ସୃଷ୍ଟି ହୁଏ। ପୁଣି ବର୍ଷେ ଅପେକ୍ଷା ।

ସମସ୍ତେ ସାଷ୍ଟାଙ୍ଗ ପ୍ରମାଣ କରି ସନ୍ଥଙ୍କୁ ବିଦାୟ ଦିଅନ୍ତି । ଆଜିକାଲି ତାଙ୍କରି ବେଶରେ ଅନେକ ଭଣ୍ଡ ବାବାଙ୍କର ଆବିର୍ଭାବ ହେଲାଣି।

କିଛି ବର୍ଷ ପରେ ଗୁରୁ ଗୋସେଇଁ ତାଙ୍କ ଯବାନ ପୁଅକୁ ସାଙ୍ଗରେ ଆଣି ଆସିଲେ । ଉଦ୍ଦେଶ୍ୟ ଥିଲା ତାଙ୍କ ଅନ୍ତେ ତାଙ୍କ ସୁପୁତ୍ର ଏଇ ସବୁ ଗାଁ ମାନକୁ ଆସି ଲୋକମାନଙ୍କୁ ଗୁରୁ ମନ୍ତ୍ର ଦେବ। କିନ୍ତୁ ସେ ତାଙ୍କ ସମ ବୟସର ପିଲା ମାନଙ୍କ ସାଙ୍ଗରେ ମିଶି ସିଗାରେଟ ଟାଣିବା ଆରମ୍ଭ କରିଦେଲେ । ଲୋକମାନଙ୍କର ଆସ୍ଥା ତୁଟିଗଲା । ତା ପର ବର୍ଷ କଳା ଦାଢ଼ି ଛାଡି ଗୁରୁ ଗୋସେଇଁ ବେଶରେ ସବୁ ଗାଁ ମାନଙ୍କୁ ଆସିଲେ, ହେଲେ ତାଙ୍କ ପ୍ରତି ଲୋକମାନଙ୍କର ସ୍ନେହ ଶ୍ରଦ୍ଧା କି ସମ୍ମାନ ଦେବାର ଭାବ ଆସୁ ନଥିଲା । ତା ପର ବର୍ଷରୁ ସେ ଆଉ ଆସିଲେନି। ନିଜର କୌଳିକ ପ୍ରଥା ଛାଡିଦେଲେ । ଶୁଣାଯାଏ, କୋଉ ଗାଁ ରୁ ଗୋଟେ ଝିଅ ଧରି ଫେରାର ହେଇଗଲେ।

ଛୁଆ ଦିନେ  ବାପାଙ୍କ ସାଙ୍ଗରେ ହେଉ କି ନିଜ ସାଙ୍ଗ ରବି, ରାମ, ସୁବାସ, କାର୍ତ୍ତିକା, ଧୋଇଆ, ବେଣୁଆ ମାନଙ୍କ ସାଙ୍ଗରେ ହେଉ ବହୁବାର ଆମର ପୁରୁଣା ଗାଁ କୁ ଯାଇଛି। ବାପାଙ୍କ ସାଙ୍ଗରେ ଗଲେ ସେ ସବୁ ଗୁରୁଜନ ମାନଙ୍କୁ ଚିହ୍ନେଇ ଦିଅନ୍ତି । ପ୍ରଣାମ କରିବାକୁ କହନ୍ତି ।  ଆମ ଘର କୋଉଠି ଥିଲା, ଏବେ ତାର କେତେ ଭାଗ ନଦୀ ଗର୍ଭରେ ଅଛି, ଏ ସବୁ ବିଷୟରେ କିଛି ସୂଚନା ଦିଅନ୍ତି । ସାଙ୍ଗ ମାନଙ୍କ ସହିତ ଗଲେ ସବୁଜିମାମୟ ବିଲ,  ପ୍ରାନ୍ତର, ଆମ୍ବ ତୋଟା, ଆଖୁବାଡି, ନଈ ବାଲିରେ ବୁଦିବୁଦିକିଆ ଗଛରେ ହେଇଥିବା ମିଠା କଷା କୋଳି ଖାଇ ସବୁଆଡେ ବାଲି ଉପରେ ବୁଲୁଥାଉ। ବିରି, ମୁଗ, ବରଗୁଡି, ସୋଲା ଗଛ ଓପାଡି ମାଙ୍କଡ ଭଳିଆ ଏ ବିଲରୁ ସେ ବିଲ ଡେଇଁ ଡେଇଁ ଖାଉ। ବିଲ ମାଲିକ ଦେଖିଲେ ବି କିଛି କହନ୍ତି ନାହିଁ, ସେମାନଙ୍କ ହୃଦୟ ବହୁତ ବଡ଼ । ଆଖୁ ବାଡିରେ ପଶି ଆଖୁ ଭାଙ୍ଗି ଖାଉ। ସାମସେର ଆଖୁ ବହୁତ ମୋଟା, ମିଠା ଓ ରସାଳ। ସେଥିପାଇଁ ସାମସେର ଆଖୁ ଖାଉ। ମାଲିକ ଦେଖିଲେ କିଛି କହନ୍ତି ନି ବରଂ ଆମକୁ ଡାକିନେଇ ଆଖୁପେଡ଼ା ଜାଗାରେ ବସାନ୍ତି। ଆଖୁପେଡ଼ା ଦେଖିବାକୁ ଭାରି ମଜା ଲାଗେ। ବଳଦ ମାନେ ଗୋଟେ ବଡ଼ ବାଉଁଶରେ ଯୋଚା ହୋଇ ବୁଲନ୍ତି। ବାଉଁଶ ଟି ଗୋଟେ କଳ ସାଙ୍ଗରେ ଯୋଡା ହେଇଥାଏ । ସେଠି ଜଣେ ଲୋକ ଆଖୁ ଗୁଡିକୁ କଳ ଭିତରେ ପୁରାଉ ଥାଏ। ସେଥିରୁ ଦୋରୁଅ ବାହାରି ଗୋଟେ ବଡ଼ ଚାରିକୋଣିଆ କଡ଼େଇରେ ପଡ଼େ । ତାପରେ ବଡ଼ ଚୁଲି ଉପରେ ରଖିଲେ ଦୋରୁଅରୁ ଗୁଡ଼ ତିଆରି ହୁଏ । ପ୍ରଥମେ ଆମକୁ ଦୋରୁଅ(ଆଖୁ ରସ) ପିଇବାକୁ ଦିଅନ୍ତି । ତାପରେ ଗରମ ଗରମ ମହୁଆ( ଦୋରୁଅ ଗରମ ହେଲାପରେ ଓ ଗୁଡ଼ ତିଆରି ହେବାର ପୂର୍ବାବସ୍ଥା) ଓ ତାପରେ ଗରମ ଗରମ ଗୁଡ଼ ଖାଇବାକୁ ଦିଅନ୍ତି । ଆଖୁ ବାଡ଼ିରେ ବସି ଏବଂ ଆଖୁ ପେଷା ହେଉଥିବା ଜାଗାରେ ବସି ଦୋରୁଅ, ଗରମ ଗରମ ମହୁଆ ଓ ଗୁଡ଼ ଖାଇବାର ମଜା କିଛି ନିଆରା ।

ତାପରେ ଆମ୍ବ ଖାଇବାକୁ ଆମ୍ବ ତୋଟା ଆଡ଼କୁ ମାଡ଼ିଯାଉ। ଅନେକ ଗୁଡ଼ିଏ ଆମ୍ବ ତୋଟା ଥାଏ। ଆମ୍ବ ତୋଟାର ନାଁ ଓ ଆମ୍ବ ର ନାଁ ବି ଅଜବ। ଆମ୍ବ ର ନାଁ ମଣିଷ ମୁଣ୍ଡିଆ, ଜଗତ୍ର ବଲ୍ଲଭ, କାଳୀ ବଇଁଶୀ, କଦଳୀଆ ଏମିତି କେତେକଣ । ଆମ୍ବ ତୋଟା ମାନଙ୍କର ନାମ ତଇଲା ତୋଟା, ଗଜା ତୋଟା, ଚାରି ମାଣିଆ ତୋଟା ଏମିତି କେତେ କଣ। ସେ ସମୟର ଲୋକମାନେ କହନ୍ତି କୁମୁଡି ବିଲବାଡିରେ ଘେରେ ବୁଲି ଆସିଲେ ପେଟ ପୁରିଯାଏ, ନଈ ପାଣି ପିଇ ଦେଲେ ଶୋଷ ମେଣ୍ଟି ଯାଏ, ଆଉ ଘରେ ଆସି ଖାଇବାକୁ ମନ ହୁଏ ନାହିଁ କି ଖାଇବାକୁ ଦରକାର ପଡ଼େ ନାହିଁ। ଖରାଦିନେ ସେଇ ତୋଟା ମାନଙ୍କରୁ ବସ୍ତା ବସ୍ତା ଆମ୍ବ ଆମ ଘରକୁ ଆସେ। ସେ ଗୁଡ଼ିକୁ ଗୋଟେ ଖରଡ଼ିଆ ଭିତରେ ରଖାଯାଏ। ଦିନ ଚାରିଟା ବେଳେ ପାଚିଲା ଆମ୍ବ ବାହାର କରି ସମସ୍ତେ ବସି ଖାଆନ୍ତି । କୁଆଡ଼େ ଗଲା ସେ ଦିନ ଗୁଡିକ ସତରେ !

***

**ଡ. କିଶୋର ଚନ୍ଦ୍ର ଦାଶ**
ଦାଶ ଭିଲ୍ଲା, ଜଗନ୍ନାଥ ସାହି
ସୁକିନ୍ଦା, ଯାଜପୁର-୭୫୫୦୧୮
ଦୂରଭାଷ : ୯୪୩୭୩୪୩୮୭୪


Ankit Kataria : M: 8800360698    Joginder Kataria :  M.: 9810652852

**KATARIA ENTERPRISES**
Contractor and General Order Suppliers

**Deals in :** Electrical Items, Sanitary Works, Fire Items,
Painting & Printing Work, Stationary Items, Steel & Wooden Office Furniture,
Refreshment (Buniyaad), Science Material and Books Supplier
**Repair and Maintenance Work also undertaken**
Spl. V.K.S. and SSA

**13/1, Prem Nagar, Janak Puri, New Delhi-110058**

**GEM REGISTERED**



# ଏକାଳ ପଖାଳ

ଚାଲି ଚଳଣ ଆଚାର ବ୍ୟବହାର କୌଣସି ସ୍ଥାନରେ କସ୍ମିନ୍ କାଳେ ସ୍ଥିର ହୋଇ ରହିପାରେନା। ସମୟ ସହିତ ବଦଳି ଯାଉଥାଏ ଏହାର ରଙ୍ଗ ଢ଼ଙ୍ଗ ଚିତ୍ର ଚରିତ୍ର। ଏ କଥାଟି ସହଜରେ ମନକୁ ଛୁଏଁ ନାହିଁ,ଖୋଜୁଥାଏ ସେଦିନକୁ, ସେ ସମୟକୁ, ସେଦିନର ମଣିଷଙ୍କ ସାମ୍ନାରେ ଅହରହ ଝୁଲିପଡ଼ିଥିବା ବ୍ୟବସ୍ଥାକୁ। ସଭିଏଁ ସ୍ଥିର ନିଶ୍ଚିତ ଭାବେ ଜାଣନ୍ତି, ସେଦିନ କେବେ ଆଉ ଫେରିବ ନାହିଁ ତଥାପି ବର୍ତ୍ତମାନକୁ ତୁଳନା କରି କହନ୍ତି,'କୁଆଡେ ଗଲା ସେଦିନ,ସେ ପାଣି ପବନ, ମଣିଷର ମଣିଷପଣିଆ, ଗାଁ ଗଣ୍ଡା, ଆଚାର ବେଭାର,ରଙ୍ଗ ରସ, ହସ କଉତୁକ ଓ ସେକାଳ ପଖାଳ!' ଅମେ ସତରେ କଣ ସେଦିନକୁ ହରାଇ ଦରିଦ୍ର ହୋଇ ଯାଇଛୁ ! ସନ୍ଧାନ ଓ ସମୃଦ୍ଧିର ଦୁନିଆରେ ବସବାସ କରି ବିକଳରେ ଖୋଜୁଛୁ ସେକାଳକୁ, ଅତୀତର ସେ ସବୁ ଚଳଣିକୁ, ଯେଉଁ ଗୁଡିକ ଉଜ୍ଜ୍ୱଳ ହୋଇ ଉଭା ହୋଇଛନ୍ତି ଆମ ସାମ୍ନାରେ। ନିତି ପ୍ରତିଦିନ ଘୂରି ବୁଲୁଛୁ ସେଇ ଚକ୍ରରେ, ସମାଧିସ୍ଥ ବିଚାର ବ୍ୟବସ୍ଥାକୁ ଖୋଲି ଧରି ମନସ୍ତାପ ଭିତରେ ସମୟ କାଟୁଛୁ!

ନିଜ ସମାଜ,ଜାତି ଓ ଆପଣାପଣ କଥା ଉଠିଲେ ମନକୁ ସ୍ପର୍ଶ କରେ ନିଜସ୍ୱ ଭାବନା, ଏକାନ୍ତ ନିଜସ୍ୱ ଅଧିକାର,ଯାହା ଉପରେ କେହି ଟିପଟିଏ ସୁଦ୍ଧା ଦେଇ ପାରିବେ ନାହିଁ। ଛାତି ଫୁଲେଇ,ନିଶ ମୋଡ଼ି ସ୍ପର୍ଦ୍ଧା ଦେଖାଇ କହି ହୁଏ, ଏହା ମୋର ନିଜର, ଏହା ଉପରେ କେହି ଆଖି ପକାଇଲେ ସେ ଆଖିକୁ ତାଡି ବାହାର କରି ଦିଆଯିବ। ମାନ ଅଭିମାନ ଦୋଷ ଦୁର୍ଗତି ସବୁ କାନ୍ଧରେ ଲଦି ଆଗକୁ ନେବାରେ ବାଧା ନାହିଁ। ସେଥିରେ ଆଉ କାହାରି ଅଧିକାର ରହିବ ନାହିଁ। ଯାହା ପାଇଛି,ପାଉଛି ଓ ଯାହା ହରେଇ ଦେଇଛି ସବୁ ମୋର। କାଳର କରାଳ ଗର୍ଭରେ ଲିପ୍ତ ହୋଇ ଯାଇଥିବା କଥା, ବସ୍ତୁ, ଭାବନା ସବୁ ମୋର ଆପଣାର। ଯାହା ଉପରେ ଛିଡ଼ା ହୋଇଛି ବର୍ତ୍ତମାନ, ତାକୁ ମଧ ସ୍ୱୀକାର ନକରି ରହି ହେବନାହିଁ।

ଏ ଦୃଷ୍ଟିରୁ ଓଡ଼ିଆଙ୍କର ସାଧାରଣ ଭୋଜନ ପଖାଳକୁ ବିଚାର କରା ଯାଇପାରେ। ଗରିବ ଗୁରୁବା ମଧବିତ୍ତ ସଭିଙ୍କୁ ଆତ୍ମତୃପ୍ତିରେ ଭରି ଅପୂର୍ବ ଶାନ୍ତି ପ୍ରଦାନ କରୁଥିବା 'ପଖାଳ' ଜାତୀୟ ଜୀବନର ଏକ ଅଙ୍ଗ, ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଛପନ ଭୋଗ ମଧ୍ୟରୁ ଗୋଟିଏ। ଏହାକୁ ଉପଲକ୍ଷ କରି ଜମା ହୋଇଛି ଅସଂଖ୍ୟ କାହାଣୀ, କଥା କଥାରେ ଆସି ଯାଉଛି ଓଡିଆ ପଖାଳ। ପ୍ରିୟ ଭୋଜନ ରୂପେ ଏହା ଯେତିକି ଆଦର ଲାଭ କରିଛି, ତା ଠାରୁ ଅଧିକ ଜୀବନ ଚର୍ଯ୍ୟାର ଏକ ଅଙ୍ଗ ରୂପେ ବିଚାର କରାଯାଉଛି କେଉଁ କାଳୁ। ଓଡ଼ିଆ ସ୍ୱାଭିମାନର ପ୍ରତୀକ ରୂପେ ସାମ୍ନାରେ ରଖି ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଜାତୀୟ ଜୀବନର ଅସୁମାରି କଥା ନାନା ବ୍ୟଥାକୁ ଖୋଲି ଦିଆଯାଉଛି ଏହାର ଛାତି ଉପରେ।

ଯାହା ଆଜି ଆମ ହାତ ପାଆନ୍ତାରେ ନାହିଁ, ଯେଉଁ ଗୁଡ଼ିକ ଅତୀତ ହୋଇ ଯାଇଛି, ଆଉ କେବେ ଫେରିବାର ସଂଭାବନା ନାହିଁ, ତାକୁ ନେଇ ଝୁରି ହେବା ସାଧାରଣ କଥା। ପଛକୁ ଫେରି ଚାହିଁଲେ ଉଜ୍ଜ୍ୱଳ ଦିଶୁଥିବା ମୁହଁ, ଫର୍ଚ୍ଚା ଆକାଶ, ଖାଦ୍ୟ ପାନୀୟ, ପର୍ବ ପର୍ବାଣୀ ଓ ଆଚାର ବ୍ୟବହାର ଧୂସର ଦିଶୁଛନ୍ତି ସତ, ମାତ୍ର ବର୍ତ୍ତମାନକୁ ଅସ୍ୱୀକାର କରି ପାରୁନାହାନ୍ତି। ସେକାଳର ସଂପର୍କ କେତେ ନିର୍ଭେଜାଲ ଥିଲା, ସ୍ୱାର୍ଥପରତା କେଉଁ ସ୍ତରରେ ରହି ପରସ୍ପରକୁ ବାନ୍ଧୁଥିଲା, ପୂଜା ପାର୍ବଣରେ ଥିବା ନିଷ୍ଠା କେମିତି କେଉଁ ପରିବେଶ ସୃଷ୍ଟି କରୁଥିଲା ତାହା କଳନା କରି ହୁଏନା। ସ୍ନେହ ପ୍ରେମ ଆନ୍ତରିକତା ଓ ବନ୍ଧନ ଭିତରେ କେମିତି ଥିଲା ସଙ୍ଘର୍ଷ ସଂଘାତ, ଆଶା ଆକାଂକ୍ଷା ଓ ସ୍ୱପ୍ନ ସମ୍ଭାବନା! କେମିତି ଥିଲା ବଣ ଜଙ୍ଗଲର ନୀରବତା, ନଈର ଛଳ ଛଳ ଗତି, ନିର୍ମଳ ଆକାଶର ସ୍ୱର ଓ ଶାନ୍ତ ବାତାବରଣ!

ସବୁ ସୁବିଧା ସୁଯୋଗ ଆନନ୍ଦମୟ ପରିବେଶରେ କଣ ନଥିଲା ଦୁର୍ଘଟଣା? ନଈ ବଢ଼ି, ଘରପୋଡି, ଚୋରି, ରାହାଜାନୀ ଅତ୍ୟାଚାର, ଦମନ ଲୀଳା ସହିତ ଅଭାବ ଅସୁବିଧା ଓ ଦ୍ୱନ୍ଦ ମଣିଷକୁ ବ୍ୟଥିତ କରୁ ନଥିଲା ? ସେକାଳର ସମାଜ ବ୍ୟବସ୍ଥା ରାଜନୈତିକ ଅସୁସ୍ଥତା ଭିତରେ ସାଧାରଣ ମଣିଷଟିର ଆର୍ତ୍ତ ଚିତ୍କାର କିଏ ଶୁଣୁଥିଲା, କିଏ କେମିତି ସମାଧାନ କରୁଥିଲା ଏ ସବୁ ସମସ୍ୟା? ଭାବି ବସିଲେ ସେକାଳର ବେଦନା ବିଧୁର କଥା, ଛାତି ଥରା ବ୍ୟଥା କେଉଁ ଏକ ଅଗମ୍ୟ ବନରେ ପହଞ୍ଚାଇ ଦିଏ ମନକୁ, ଭାରାକ୍ରାନ୍ତ କରେ ପ୍ରାଣକୁ।

ଉନ୍ନତତର ଶିକ୍ଷା ଦୀକ୍ଷା ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ହାତରେ ଧରାଇ ଦେଇଛି ଅପହଞ୍ଚ ବସ୍ତୁ, ନାନାଦି ସୁଖ ସୁବିଧା। ଭୋଗ ବିଳାସ ସାମଗ୍ରୀର ପ୍ରାଚୁର୍ଯ୍ୟ ମଧ୍ୟରେ ତଥାପି ସେ ଅତୃପ୍ତ ରହୁଛି, ଖୋଜୁଛି କେମିତି ଆହୁରି ଆଗକୁ ଯିବ, ନିଜକୁ ଶ୍ରେଷ୍ଠ ସର୍ବମାନ୍ୟ ଓ ସମୃଦ୍ଧ ରୂପେ ପରିଚିତ କରାଇବ। ଅନ୍ତହୀନ ଶୋଷ ଓ ସ୍ୱପ୍ନ ତାକୁ କବଳିତ କରି ରଖିଛି। ପଖାଳ ପରିବର୍ତ୍ତେ ପିଜା, ଭାତ ବଦଳରେ ବିରିଆନି ଓ ପୋଡ଼ା ପଚୁଆ ସ୍ଥାନରେ ପକୋଡ଼ା ମଞ୍ଚୁରିଆ ଗୃହୀତ ହୋଇ ଯାଇଛି ସତ, ମାତ୍ର ଆତ୍ମତୃପ୍ତି କାହିଁ? କେଉଁଠି ସେ ଆନନ୍ଦ, କେତେଦୂରରେ ଶାନ୍ତି !

ଆଜି ପଖାଳର ରଙ୍ଗ ଢ଼ଙ୍ଗ ବଦଳିଛି, କେବଳ ଗରିବ ସାଧାରଣ ମଣିଷର ଭୋଜନ ନହୋଇ, ହୋଇ ଯାଇଛି ସମ୍ଭ୍ରାନ୍ତର ବୌଦ୍ଧିକ ବିଳାସ। ପାଞ୍ଚ ତାରକା ହୋଟେଲମାନଙ୍କରେ ସେମିତି ପଖାଳ ସହିତ ଶାଗ ବଡିଚୁରା ଭଜା ପରିବେଷିତ ହୋଇ ସେଦିନକୁ ମନେ ପକାଇ ଦେଉଛନ୍ତି ସତ, ମାତ୍ର ଛାତିରେ ହାତ ରଖି କଣ କହିହେବ ଅପୂର୍ବ ଶାନ୍ତିରେ ମନ ପ୍ରାଣକୁ ଆଚ୍ଛାଦିତ କରୁଛି! ତେଣୁ ବାଇ ମହାନ୍ତି କହନ୍ତି,"ସେକାଳ ଓ ଏକାଳ ମଧରେ ଦୂରତାକୁ କମ କରି ଏକାଳ ପଖାଳକୁ ଏମିତି ପ୍ରସ୍ତୁତ କର, ଯାହାର ସ୍ୱାଦ କେବଳ ଅନୁପମ ନ ହୋଇ ସେଥିରେ ମୋ ଗାଁ ମୋ ମଣିଷ ବାସୁଥିବେ, ଚୈତନ୍ୟକୁ ଖୁସ କରି ସେଥିରୁ ମହକି ଉଠୁଥିବ ଓଡ଼ିଆର ବାସ୍ନା।"

***

**ବଦ୍ରୀ ମହାନ୍ତି**
ବି-୧୦/୧୫୪, କେନ୍ଦ୍ରୀୟ ବିହାର,
ପୋ:ତମାଣ୍ଡୋ, ଭୁବନେଶ୍ୱର-୭୫୧୦୧୮
ଇ ମେଲ୍: badrimohanty60@gmail.com



# ମୟୂରଭଞ୍ଜ ଛଉର ଇତିବୃତ୍ତି

ଭାରତୀୟ ନୃତ୍ୟ ପରମ୍ପରାରେ ଛଉ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର । ଭାରତୀୟ ସଂସ୍କୃତି ପ୍ରତି ମୟୂରଭଞ୍ଜର ଛଉ ନୃତ୍ୟ ଏକ ମହନୀୟ ଅବଦାନ । ମୟୂରଭଞ୍ଜ ଏବଂ ଏହାର ସଂଲଗ୍ନ ଷଢେଇକଳା ଓ ପୁରୁଲିଆ ଅଞ୍ଚଳକୁ ଛଉ ନୃତ୍ୟର ପୀଠ ସ୍ଥଳୀ ରୂପେ ଗ୍ରହଣ କରାଯାଏ । ମାତ୍ର ଏହି ତିନୋଟି ଅଞ୍ଚଳରେ ଛଉ ନୃତ୍ୟ ର ଶୈଳୀରେ ପାର୍ଥକ୍ୟ ଦେଖାଯାଏ । ' ମୟୂରଭଞ୍ଜ ଛଉ' ଓ 'ଷଢେଇକଳା ଛଉ' ପାରମ୍ପରିକ ନୃତ୍ୟ ଶ୍ରେଣୀଭୁକ୍ତ ହୋଇଥିବା ବେଳେ 'ପୁରୁଲିଆ ଛଉ' ଲୋକ ନୃତ୍ୟ ଶୈଳୀର । ପୁନଶ୍ଚ ଷଢେଇକଳା ଓ ପୁରୁଲିଆରେ ମୁଖାର ବ୍ୟବହାର ପ୍ରଚଳିତ ଥିବା ବେଳେ ମୟୂରଭଞ୍ଜ ଛଉରେ ମୁଖାର ବ୍ୟବହାର ହୋଇ ନଥାଏ ।

ମୟୂରଭଞ୍ଜ ଛଉ ନୃତ୍ୟ ଉତ୍ପତ୍ତି ବିଷୟରେ ପଣ୍ଡିତ ମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଏ । ଡକ୍ଟର ଧିରେନ ପଟ୍ଟନାୟକଙ୍କ ମତରେ ଗଜପତି ରାଜାମାନେ ନିଜ ସୈନ୍ୟ ମାନଙ୍କର ମନୋରଞ୍ଜନ ପାଇଁ ପାଇକ ଆଖଡ଼ା ଆୟୋଜନ କରୁଥିଲେ । ଏହାକୁ ଅନ୍ୟ ରାଜାମାନେ ଅନୁସରଣ କରୁଥିଲେ । ସୈନ୍ୟମାନଙ୍କ ଅବସର ସମୟରେ 'ଆଖଡ଼ା' ଆୟୋଜିତ ହେଉଥିଲା । ତହିଁରୁ ଛଉ ନୃତ୍ୟର ସୃଷ୍ଟି । ତେଣୁ ଛଉକୁ 'ଛାଉଣୀ' ସହିତ ସମ୍ପୃକ୍ତ କରାଯାଏ । ଓଡ଼ିଶାର ଉତ୍ତର ସୀମାନ୍ତରେ ଭଞ୍ଜ ରାଜାମାନେ ରାଜତ୍ୱ କରୁଥିଲେ । ତେଣୁ ସେମାନେ ଏହି ନୃତ୍ୟକୁ ସୈନ୍ୟମାନଙ୍କ ମନୋରଞ୍ଜନ ପାଇଁ ବ୍ୟବହାର କରୁଥିବାର ଅନୁମାନ କରାଯାଏ ।

ଜନଶ୍ରୁତି ଅନୁସାରେ ମଦନ ସିଂବାବୁ ନାମକ ଜଣେ ଧଳଭୂମି ନିବାସୀ ନୃତ୍ୟ ବିଶାରଦ ବାରିପଦାରେ ପ୍ରଥମେ ଛଉ ନୃତ୍ୟର ପ୍ରଚଳନ କରାଇଥିଲେ । ରାମନବମୀ ସମୟରେ ରାମଲୀଳା ଆୟୋଜନ ସହିତ ଛଉ ନୃତ୍ୟକୁ ଜନସାଧାରଣ ଉପଭୋଗ କରୁଥିଲେ । ଭଞ୍ଜ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଜଣେ କଳାପ୍ରେମୀ ରାଜା ଥିଲେ । ବାରିପଦା ବାସୀଙ୍କ ନାନାବିଧ ଉନ୍ନତି ସହିତ ଛଉ ନୃତ୍ୟର ପୃଷ୍ଠପୋଷକତା ତାଙ୍କର ଏକ ମହତ୍ୱପୂର୍ଣ୍ଣ ଅବଦାନ ଥିଲା । ରାମ ହରିଜୀତ ବେବର୍ତ୍ତାବାବୁ ଷଢେଇକଳାର ଛଉ ନୃତ୍ୟ ବିଶାରଦ ମାନଙ୍କୁ ବାରିପଦା ଆଣିବାପାଇଁ ମହାରାଜାଙ୍କୁ ଅନୁରୋଧ କରିଥିଲେ । ପ୍ରଥମେ ଉପେନ୍ଦ୍ର ବିଶ୍ୱାଳ ନାମକ ଓସ୍ତାଦଙ୍କୁ ଷଢେଇକଳାରୁ ଆଣି ତାଙ୍କୁ ନିଷ୍କର ଲାଖରାଜ ପ୍ରଦାନ କରିଥିଲେ ଏବଂ ସେ ଉତ୍ତରସାହି ଛଉ ନୃତ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ତାଙ୍କ ପରେ ବନମାଳୀ ଦାଶ ନାମକ ଅନ୍ୟ ଜଣେ ଓସ୍ତାଦ ଏଠାକୁ ଆସି ଲାଖରାଜ ପାଇ ଦକ୍ଷିଣ ସାହିର କର୍ଣ୍ଣଧାର ହୋଇଥିଲେ । ତାଙ୍କର ବଂଶଧର ମାନେ ବର୍ତ୍ତମାନ କେନ୍ଦୁମୁଣ୍ଡି ଓ ବୁଢ଼ୀ ଖମାରିରେ ରାଜା ପ୍ରଦତ୍ତ ଜମି ଭୋଗ କରୁଛନ୍ତି ।

ବାସ୍ତବରେ ମୟୂରଭଞ୍ଜ ଛଉର ବିକାଶ ପାଇଁ ରାଜ ପରିବାରର ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ ଥିଲା । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ସାନଭାଇ ବୃନ୍ଦାବନ ଚନ୍ଦ୍ର ନିଜେ ଛଉ ନୃତ୍ୟ ନାଚିବା ସହ ଉତ୍ତରସାହି ପିଲାମାନଙ୍କୁ ନୃତ୍ୟ ଶିକ୍ଷା ଦେଉଥିଲେ । ସେହିପରି ଦକ୍ଷିଣସାହି ସହ ଥିଲେ ଭଞ୍ଜ ବଂଶଜ ଗୋକୁଳ ଚନ୍ଦ୍ର ଭଞ୍ଜ । ସେ ସମୟରେ ଯେଉଁ ବିଷୟ ବସ୍ତୁକୁ ନେଇ ନୃତ୍ୟ ହେଉଥିଲା ସେଥିରେ ଅତି ବେଶୀରେ ଚାରିଜଣ କଳାକାର ନୃତ୍ୟ କରୁଥିଲେ । ପୁରୁଷ ମାନେ ସ୍ତ୍ରୀ ଭୂମିକାରେ ନୃତ୍ୟ କରିବାର ବହୁ ଦିନ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ମାତ୍ର ରାଜତନ୍ତ୍ରର ଅବସାନ ପରେ ସ୍ୱାଧୀନ ଭାରତରେ ଛଉ ନୃତ୍ୟର ଆଭିମୁଖ୍ୟ ପରିବର୍ତ୍ତିତ ହୋଇଥିଲା । ଛଉ ନୃତ୍ୟରେ ସ୍ତ୍ରୀ ଲୋକମାନେ ଭାଗ ନେଲେ ଏବଂ ଦଳବଦ୍ଧ ଭାବରେ ବହୁ ସଂଖ୍ୟାରେ କଳାକାର ମାନେ ନୃତ୍ୟ କରିବା ଆରମ୍ଭ କଲେ । ସ୍ତ୍ରୀ ଲୋକମାନେ ୧୯୯୪-୯୫ ରୁ ଛଉ ନୃତ୍ୟ ରେ ଭାଗ ନେଇଥିଲେ ଏବଂ ଏଥିରେ ଲକ୍ଷ୍ମୀ ନାରାୟଣ ଦାସ ଓରଫ ଟୁରିବାବୁଙ୍କର ଅବଦାନ ସ୍ମରଣୀୟ । ତାପରେ ଚୈତ୍ର ପର୍ବରେ ଗ୍ରାମାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତା କରାଇବାରେ ଝୁରିବାବୁଙ୍କ ଅବଦାନ ଥିଲା । ଛଉ ନୃତ୍ୟର ପାଠ୍ୟ ଖସଡ଼ା ନଗେନ୍ଦ୍ର ନାଥ ବାରିକ ପ୍ରସ୍ତୁତ କରିଥିଲେ । ମୟୂରଭଞ୍ଜର ବିଶିଷ୍ଟ ମହିଳା ଛଉ ନୃତ୍ୟ ଶିଳ୍ପୀ ଥିଲେ ସୁମିତ୍ରା ଦେବୀ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱ କାଳରେ ତାଙ୍କର ଦୁଇ ସାନଭାଇ ଶ୍ୟାମଚନ୍ଦ୍ର ଓ ଦାମଚନ୍ଦ୍ର ଭଞ୍ଜ ଯଥା କ୍ରମେ ଉତ୍ତରସାହି ଓ ଦକ୍ଷିଣ ସାହିର ପୃଷ୍ଠପୋଷକ ଥିଲେ । ପ୍ରତ୍ୟେକ ସାହିକୁ ବାର୍ଷିକ ଦୁଇ ହଜାର ଟଙ୍କା ଅନୁଦାନ ସ୍ୱରୂପ ମିଳୁଥିଲା । ତେଣୁ ଛଉ ନୃତ୍ୟ ପାଇଁ ଦୁଇ ସାହି ମଧ୍ୟରେ ତୀବ୍ର ପ୍ରତିଯୋଗିତା ସହ ନୃତ୍ୟର ଉତ୍କର୍ଷ ସାଧନ ସମ୍ଭବ ହୋଇ ପାରିଲା । ଯଦୁନାଥ ରାୟ ଓ ନଗେନ୍ଦ୍ର ନାଥ ରାୟ ପ୍ରଭୃତି ଓସ୍ତାଦ ମାନେ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଓ ରାଗ ରାଗିଣୀକୁ ଛଉ ନୃତ୍ୟରେ ସାମିଲ କରିଥିଲେ । ଓସ୍ତାଦ ଯଦୁନାଥ ରାୟ ଶାସ୍ତ୍ରୀୟ ସଂଗୀତ ଓ ଧ୍ୱନୀରେ ପାରଙ୍ଗମ ଥିଲେ । ତେଣୁ ତାଙ୍କୁ 'ସଂଗୀତ ଭୂଷଣ' ଉପାଧି ମିଳିଥିଲା । ଓସ୍ତାଦ ମୁରାଦ ଅଲି ଖାଁଙ୍କ ନିକଟରୁ ସେ ଧ୍ରୁପଦ ଶିକ୍ଷା କରିଥିଲେ । ତେଣୁ ଧ୍ରୁପଦର ଅନୁପ୍ରବେଶ ଯୋଗୁଁ ଛଉ ନୃତ୍ୟରେ ତବଲା, ଉପୁଲି ଓ ଭଙ୍ଗୀ ମାନଙ୍କରେ ପରିଲକ୍ଷିତ ହୁଏ । ଛଉ କଳାକାର ମାନଙ୍କର ଚାଲିଚଳନ ଅଥଚ ଚମକପ୍ରଦ ଅଙ୍ଗ ଚାଂଚଲ୍ୟରେ ଶାସ୍ତ୍ରୀୟ ଭଙ୍ଗୀର ସ୍ପର୍ଶ ଅନୁଭୂତ ହୁଏ । ଯଦୁନାଥ ରାୟଙ୍କ ସମ୍ପର୍କୀୟ ସୁଧୀର ରାୟ ଏବଂ ନାରାୟଣ ରାୟ ପାଳଙ୍କ ପୁତ୍ର ରଜନୀକାନ୍ତ ପାଳ ଦକ୍ଷିଣ ସାହି ସହିତ ଏବଂ ନାରାୟଣ ରାୟଙ୍କ ଦ୍ୱିତୀୟ ପୁତ୍ର କାର୍ତ୍ତିକଚନ୍ଦ୍ର ପାଳ ଉତ୍ତର ସାହି ସହିତ ଜଡିତ ଥିଲେ । ପ୍ରଶିକ୍ଷଣ କାଳରେ କଳାକାର ମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅ ଯାଉଥିଲା । ସେମାନଙ୍କୁ ଅଧିକ ଆର୍ଥିକ ସାହାଯ୍ୟ ପୃଷ୍ଠପୋଷକ ମାନଙ୍କ ଠାରୁ ମିଳୁଥିଲା । ଏଥିରେ ଆଗ୍ରହ ପ୍ରକାଶ କରି କଳାକାର ମାନେ ବିଭିନ୍ନ ନୃତ୍ୟ ପାଇଁ ନୂତନ ପୋଷାକର ବ୍ୟବସ୍ଥା କରୁଥିଲେ । ୧୯୧୨ ମସିହାରେ ଇଂଲଣ୍ଡ ସମ୍ରାଟ ପଞ୍ଚମ ଜର୍ଜ ଓ ରାଣୀ ମେରୀଙ୍କ ଭାରତ ଆଗମନ ବେଳେ କଲିକତା ଠାରେ ତାଙ୍କର ସ୍ୱାଗତ ସମ୍ବର୍ଧନା ଉପଲକ୍ଷେ ପାଇକ ନୃତ୍ୟ ଅବା ଯୁଦ୍ଧ ନୃତ୍ୟ ଟିଏ ପ୍ରଦର୍ଶନ କରାଇଥିଲେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ । ସମ୍ରାଟ ପଞ୍ଚମ ଜର୍ଜ ଏହି ନୃତ୍ୟ ଦେଖି ଏତେ ମୁଗ୍ଧ ହୋଇଥିଲେ ଯେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ ପରେ ଭାଇସରାୟଙ୍କୁ ଲେଖିଥିବା ପତ୍ରରେ ଏହାର ପ୍ରଶଂସା କରିବାକୁ ଭୁଲି ନଥିଲେ । ଏହିପରି ଛଉ ନୃତ୍ୟ ବିଶ୍ୱ ଦରବାରରେ ଉପସ୍ଥାପିତ ହୋଇଥିଲା । ମହାରାଜାଙ୍କ ଅମଳରେ ଛଉର ବହୁ ପରୀକ୍ଷା ନିରୀକ୍ଷା ପରେ ବୀରରସ ବ୍ୟତୀତ ଅନ୍ୟ ରସ ଗୁଡିକର ସୃଷ୍ଟି ହୋଇଥିଲା । ଏହି କ୍ରମରେ ସୃଷ୍ଟି ହୋଇଥିବା ରାଧା କୃଷ୍ଣଙ୍କର ରାସଲୀଳା ଆଧାରିତ ନୃତ୍ୟ ଗୁଡିକ ହେଲା ରସ, ବଂଶୀ ଚୋରି , ନିଠୁର କାଳିଆ ଓ ନିଶିଥ ମିଳନ ।

୧୯୧୨ରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କର ନାବାଳକ ପୁତ୍ର ପୂର୍ଣ୍ଣଚନ୍ଦ୍ର ରାଜ୍ୟ କୋର୍ଟ ଅଫ ୱାର୍ଡସ ଅଧୀନରେ ରହିଲେ । ଶାସନ କ୍ଷମତାରେ ଥିବା ବ୍ରିଟିଶ ଅଧିକାରୀ ଛଉର ମହତ୍ତ୍ୱ ନବୁଝି ବାର୍ଷିକ ଅନୁଦାନକୁ ମାତ୍ର ଅଢେଇ ଶହ ଟଙ୍କାକୁ ହ୍ରାସ କରିଦେଲେ । ତେଣୁ ଛଉର ବିକାଶ ବାଧାପ୍ରାପ୍ତ ହେଲା । ୧୯୨୮ରେ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କର ଅକାଳ ବିୟୋଗ ପରେ ତାଙ୍କର ଅନୁଜ ମହାରାଜା ପ୍ରତାପଚନ୍ଦ୍ର ସିଂହାସନ ପ୍ରାପ୍ତ ହେଲେ । ତାଙ୍କ ପୃଷ୍ଠପୋଷକତାରେ ଛଉ ନୃତ୍ୟର ପୁନର୍ଜନ୍ମ ହେଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ପ୍ରତ୍ୟେକ ସାହିକୁ ବାର୍ଷିକ ପାଞ୍ଚ ହଜାର ଟଙ୍କାର ଅନୁଦାନ ଦେଲେ । ଚୈତ୍ର ପର୍ବ ସମୟରେ ଛଉ ନୃତ୍ୟ ପ୍ରଦର୍ଶନକୁ ଜାତୀୟ ଉତ୍ସବରେ ମାନ୍ୟତା ନେବା ଲକ୍ଷ୍ୟ ନେଇ ସେ ଦୁଇ ଜଣ ପରିଚାଳକଙ୍କୁ ନିଯୁକ୍ତ କରିଥିଲେ । ସେମାନଙ୍କୁ ମ୍ୟାନେଜର କୁହାଯାଉଥିଲା ଓ ସଂଗଠନ ଦାୟିତ୍ୱରେ ରହିଥିଲେ । ବିଶ୍ୱବିଖ୍ୟାତ ନୃତ୍ୟ ବିଶାରଦ ଉଦୟ ଶଙ୍କର, ଅମଲାଶଙ୍କର ଓ ଶିମିକି ଆଦି ଶିଳ୍ପୀ

ମାନଙ୍କୁ ଲକ୍ଷ୍ୟ କରି ସେମାନଙ୍କର କଳା ନୈପୁଣ୍ୟକୁ ଅନୁକରଣ କରିବା ପାଇଁ ମହାରାଜାଙ୍କ ନିର୍ଦ୍ଦେଶରେ ଓସ୍ତାଦ ମାନେ କଲିକତା ଯାଇଥିଲେ । ଓଡ଼ିଶାର ଗୋଟି ପୁଅ ନାଚ ଓ ବାଲି ଦ୍ୱୀପର ଲୋକନୃତ୍ୟର ବିଶେଷତ୍ୱ ସେମାନଙ୍କୁ ଆକୃଷ୍ଟ କରିଥିଲା । ଏହି ସମୟରେ ଝୁମର ସଙ୍ଗୀତର କଳା କୌଶଳ ଛଉ ନୃତ୍ୟରେ ପ୍ରବେଶ କରି ତାକୁ ସମୃଦ୍ଧ କରିଥିଲା । ମହାରାଜା ପାଶ୍ଚାତ୍ୟ ସଂଗୀତ ପ୍ରେମୀ ନଥିଲେ । ବରଂ ଓଡିଶୀ ଓ ଲୋକନୃତ୍ୟକୁ ଆଦରି ନେବାରେ ଓସ୍ତାଦ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୟୁରଭଞ୍ଜର ସାନ୍ତାଳ, କୁର୍ମୀ, କୋଲ୍ହ ଓ ଭୂମିଜ ମାନଙ୍କର ସମୂଳ ସଂଗୀତ, ନୃତ୍ୟ ଶୈଳୀ, ବାଦ୍ୟଯନ୍ତ୍ର, ସଂଗୀତ ଓ ଧ୍ୱନିକୁ ସେ ଖୁବ ପ୍ରଶଂସା କରୁଥିଲେ । ରାଜ୍ୟବାସୀଙ୍କ ନିଜସ୍ୱ ପରମ୍ପରାକୁ ବିକଶିତ କରିବା ପାଇଁ ସେ ଝୁମର ଓ ଛଉ ନୃତ୍ୟର ସମ୍ମିଶ୍ରଣକୁ ସ୍ୱୀକୃତି ଦେଇଥିଲେ । ସେହି ଦିନୁ ଝୁମର ହେଲା ଛଉର ପ୍ରାଣ ସ୍ପନ୍ଦନ ।  ଛଉ ନୃତ୍ୟର ନବକଳେବର ଭିତରେ ଆସିଲେ ପୁରୁଷ, ସ୍ତ୍ରୀ, ବାଳକ, ବାଳିକା, ଶବର, ଶବରୁଣୀ, କେଳା, କେଳୁଣୀ, ଧୀବର, ଶିକାରୀ, ପଶୁ ପକ୍ଷୀ, ରାଧାକୃଷ୍ଣ, ଶିବ ପାର୍ବତୀ, ରତି ମଦନ ଓ ଦଶ ଅବତାର ଇତ୍ୟାଦି । ବିଭବଶାଳୀ ଲୋକନୃତ୍ୟର ଅପୂର୍ବ ସମ୍ଭାର ଦେଖି ଦର୍ଶକ ମାନେ ଚକିତ ହୁଅନ୍ତି ।  ବାର୍ଷିକ ଉତ୍ସବରେ ବାରିପଦା ରାଜବାଟୀ ଭିତରେ ଥିବା ମଞ୍ଚରେ ଉତ୍ତରସାହି ଓ ଦକ୍ଷିଣସାହି ପ୍ରତିଥର ନୂତନ ସଂଗୀତ ଓ ନୃତ୍ୟ ସଂଯୋଜନା କରି ଦର୍ଶକ ମାନଙ୍କୁ ଅଭିଭୂତ କରନ୍ତି । ଉତ୍ତରସାହିର ଏକକ ନୃତ୍ୟ ପର୍ଶୁରାମ, ବଭ୍ରୁବାହନ, ନଟରାଜକୁ ଟକ୍କର ଦେଇ ଦକ୍ଷିଣସାହିର ରଙ୍ଗ ପଣ୍ଡା, ନାଗାର୍ଜୁନ, ଜାମ୍ବବାନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ ।  ନୃତ୍ୟଶିଳ୍ପୀ ମଦନମୋହନ ଲେଙ୍କାଙ୍କର ମହାଦେବ, ଦଣ୍ଡିନାଚ, କାଦୁ ବାବୁଙ୍କର ମହାଦେବ ନୃତ୍ୟ, କୃଷ୍ଣ ଚନ୍ଦ୍ର ନାୟକଙ୍କର ଦଣ୍ଡି ନୃତ୍ୟ, ଶ୍ରୀକାନ୍ତ ସେଣାଙ୍କର ନଟରାଜ ନୃତ୍ୟ ଚିତ୍ତାକର୍ଷକ ହୋଇଥାଏ ।

ରାଜ୍ୟ ସରକାରଙ୍କର ଅଧୀନରେ ଯେଉଁ ବ୍ୟାଣ୍ଡ ପାର୍ଟି ଜନସାଧାରଣଙ୍କର ମନୋରଞ୍ଜନ ପାଇଁ ପ୍ରତି ସପ୍ତାହରେ ଥରେ ଲେଖାଏଁ ସଂଗୀତ ପରିବେଷଣ କରୁଥିଲେ, ତାର ପରିଚାଳକ ଥିଲେ ଜଣେ ଇଉରୋପୀୟ । ତେଣୁ ପାର୍ଟିରେ ଅନେକ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଥିଲା । ସେଥି ମଧ୍ୟରୁ ଆବଶ୍ୟକତା ଅନୁସାରେ କିଛି ଛଉ ନୃତ୍ୟ ସମୟରେ ବ୍ୟବହୃତ ହେଉଥିଲା । ତେଣୁ ଛଉ ନୃତ୍ୟର ପ୍ରଦର୍ଶନରେ ମ୍ୟାନେଜର ମାନେ କେବଳ ଧୁମସା, ମହୁରୀ, ଢୋଲ, ଚଡ଼ ଚଡି ଓ ବଂଶୀ ଇତ୍ୟାଦି ସ୍ଥାନୀୟ ବାଦ୍ୟଯନ୍ତ୍ର ସହିତ ପାଶ୍ଚାତ୍ୟ ବାଦ୍ୟ ଯନ୍ତ୍ର ମଧ୍ୟ ବ୍ୟବହାର କରୁଥିଲେ । ଦୁଇ ସାହିର ନୃତ୍ୟ ଗୁଡିକ ବହୁ ପ୍ରତିଯୋଗିତା ମୂଳକ ହୋଇ ଥିବାରୁ ଉଭୟେ ଏକକ ନୃତ୍ୟ ଅପେକ୍ଷା ଦଳ ନୃତ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । ଏହି ଦଳନୃତ୍ୟ ମଧ୍ୟରେ ବେଶୀ ଲୋକପ୍ରିୟ ଥିଲା ବଂଶୀ ଚୋରି, ନିଶିଥ ମିଳନ, ହୋଲି, ବସ୍ତ୍ର ଚୋରି, କାଳୀୟ ଦଳନ, ମାତୃ ପୂଜା ଓ ସମୁଦ୍ର ମନ୍ଥନ ପ୍ରଭୃତି ।  ମହାରାଜା ପ୍ରତାପଚନ୍ଦ୍ରଙ୍କର ପୃଷ୍ଠପୋଷକତା ଓ ଉତ୍ସାହ ପାଇଁ ଛଉ ନୃତ୍ୟର ଯେଉଁ ଉନ୍ନତି ହୋଇଥିଲା, ତାହା ରାଜତନ୍ତ୍ର ଲୋପ ପାଇବା ପରେ ଆଉ ସମ୍ଭବ ହେଲା ନାହିଁ । ଓଡିଶା ସରକାରଙ୍କୁ ଛଉ ନୃତ୍ୟର ମହତ୍ତ୍ୱ ଉପଲବ୍ଧି କରିବାକୁ ସମୟ ଲାଗିଲା । ସେହି ସମୟରେ ଇନ୍ସପେକ୍ଟର ଜେନେରାଲ ରାମଚନ୍ଦ୍ର ଦାଶ ମୟୂରଭଞ୍ଜର ପୋଲିସ ଅଧୀକ୍ଷକ ଓ ଉତ୍ତର ସାହିର ମ୍ୟାନେଜର ଥିଲେ । ତାଙ୍କ ପ୍ରଚେଷ୍ଟାରେ ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ମୟୂରଭଞ୍ଜର ଛଉ ନୃତ୍ୟ ପ୍ରତିଷ୍ଠାନ ୧୯୫୪ ମସିହାରେ ଏକ ରେଜିଷ୍ଟ୍ରି ଭୁକ୍ତ ଅନୁଷ୍ଠାନ ଭାବେ ସ୍ଥାପିତ ହେଲା । ତହିଁରେ ମୟୂରଭଞ୍ଜର ଜିଲ୍ଲାପାଳ ସଭାପତି ରହିଲେ । ୧୯୫୬ ମସିହାରେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ହୀରାକୁଦ ବନ୍ଧ ଉଦ୍ଘାଟନ ପାଇଁ ଆସିଥିବା ବେଳେ ତାଙ୍କ ସମ୍ମାନାର୍ଥେ ଛଉ ନୃତ୍ୟ ପ୍ରଦର୍ଶିତ ହୋଇ ଥିଲା । ନେହେରୁ ମୁଗ୍ଧ ହୋଇ ଦଶ ହଜାର ଟଙ୍କା ପୁରସ୍କାର ଦେଇଥିଲେ । ସେହି ଅର୍ଥରେ ପ୍ରତିଷ୍ଠାନର ସ୍ଥାୟୀ ଗୃହ ନିର୍ମିତ ହୋଇଥିଲା ।  କ୍ରମେ କ୍ରମେ ସରକାରୀ ସ୍ୱୀକୃତି ଓ ଆର୍ଥିକ ଅନୁଦାନ ପାଇ ଛଉର ପୁନରୁଦ୍ଧାର ହେଲା  ୧୯୯୦ ଦଶକରେ । ଏହା ସମ୍ଭବ ହୋଇପାରିଥିଲା ପୁରୁଣା ଅଭିଜ୍ଞ ଉସ୍ତାଦମାନଙ୍କର ଅଦମ୍ୟ ପ୍ରୟାସ ଯୋଗୁଁ । ତା ନହୋଇ ଥିଲେ ଛଉ ନୃତ୍ୟ ପରି ଏକ ସୁନ୍ଦର ଓ ଜୀବନ୍ତ ଲୋକକଳା ହୁଏତ ବିସ୍ମୃତି ଗର୍ଭରେ ଲୋପ ପାଇଥାନ୍ତା ।

୧୯୭୯ ମସିହାରେ ଓଡିଶା ସଂଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ମୟୂରଭଞ୍ଜ ଛଉ ଉପରେ ଏକ ଦୁଇ ଦିନିଆ ଆଲୋଚନା ଚକ୍ର ହୋଇଥିଲା । ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଆଲୋଚନାରେ ଡ଼. କପିଳା ବାତ୍ସାୟନ, ଡ଼. ସୀତାକାନ୍ତ ମହାପାତ୍ର, ସୁନୀଲ କୋଠାରି, ଜୀବନାନନ୍ଦ ପାଣି ଓ ଡ଼. ଧିରେନ ପଟ୍ଟନାୟକଙ୍କ ସହ ଅନେକ ଖ୍ୟାତି ସମ୍ପର୍ଣ୍ଣ ନୃତ୍ୟ ଶୀଳ୍ପି ଅଂଶ ଗ୍ରହଣ କରିଥିଲେ । ଆଲୋଚନା ଚକ୍ରର ପରଦିନ ଜୟଦେବ ଭବନରେ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଏହି ନୃତ୍ୟ ଉତ୍ସବକୁ ତତ୍କାଳୀନ ରାଷ୍ଟ୍ରପତି ନିଲମ ସଂଜୀବ ରେଡ୍ଡି ଉଦ୍ଘାଟନ କରିଥିଲେ । ରାଷ୍ଟ୍ରପତି ମହୋଦୟ ଛଉ ନୃତ୍ୟ ଦେଖି ଆତ୍ମହରା ହୋଇଥିଲେ । ସେତେବେଳକୁ ଷଢ଼େଇକଳା ଓ ପୁରୁଲିଆ ଦଳକୁ ବିଦେଶ ଭ୍ରମଣର ସୁଯୋଗ ମିଳିଥିବାରୁ ମୟୂରଭଞ୍ଜ ଦଳକୁ ଏହି ସୁଯୋଗ ଦେବା ପାଇଁ ସଂଗୀତ ନାଟକ ଏକାଡେମୀର ସଭାପତି ଜଷ୍ଟିସ ହରିହର ମହାପାତ୍ରଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର ଦିଆଗଲା । ଏହାପରେ ମୟୂରଭଞ୍ଜ ଛଉ ଦଳକୁ ବିଦେଶ ମାଟିରେ ପ୍ରଦର୍ଶନର ସୁଯୋଗ ମିଳିଥିଲା ।


୧୯୯୦ ମସିହାରେ ବିଶିଷ୍ଟ ଛଉ ପ୍ରେମୀ ତଥା ଗବେଷକ ଡ଼. ଧିରେନ ପଟ୍ଟନାୟକଙ୍କ ଉଦ୍ୟମ ଫଳରେ ଓଡିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା 'ଛଉ ନୃତ୍ୟ ତାଲିମ କେନ୍ଦ୍ର' ପ୍ରତିଷ୍ଠା ହୋଇଥିଲା ।  ଏଥିରେ ନୃତ୍ୟ ଗୁରୁ ଅନନ୍ତଚରଣ ସିଏ ଓ ଲାଲମୋହନ ପାତ୍ରଙ୍କୁ ନିଯୁକ୍ତି ଦିଆ ଯାଇଥିଲା । ସେହି ମସିହାରେ ଡ଼. ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ମୟୁରଭଞ୍ଜର ଛଉଦଳ ଇରାକ, ହଲାଣ୍ଡ , ପର୍ତ୍ତୁଗାଲ, ସ୍ପେନ ଓ ଇଟାଲୀ ଭ୍ରମଣ କରିଥିଲେ । ୧୯୮୫ରେ ପ୍ୟାରିସରେ ଅନୁଷ୍ଠିତ ଭାରତ ଉତ୍ସବରେ ଯୋଗ ଦେବା ପାଇଁ ମଧ୍ୟ ମୟୂରଭଞ୍ଜ ଛଉ ଦଳକୁ ସୁଯୋଗ ମିଳିଥିଲା ।  ୧୯୬୮ ରୁ ୧୯୮୫ ମସିହା ମଧ୍ୟରେ ମୟୂରଭଞ୍ଜର ବିଶିଷ୍ଟ ଗୀତିକାର ଜୀବନାନନ୍ଦ ପାଣି କେନ୍ଦ୍ର ସାହିତ୍ୟ ଏକାଡେମୀର ସହକାରୀ ସମ୍ପାଦକ ଥିବା ବେଳେ ଏକାଡେମୀର ଆର୍ଥିକ ସହାୟତାରେ ଛଉ ନୃତ୍ୟ ପ୍ରତିଷ୍ଠାନର ନୃତ୍ୟଦଳ ଓଡିଶା ଓ ଓଡିଶା ବାହାରେ ନୃତ୍ୟ ପ୍ରଦର୍ଶନ କରିବା ସୁଯୋଗ ପାଇଥିଲେ ।

୧୯୯୫ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଛଉ ନୃତ୍ୟ ତାଲିମ ଯୋଜନା କାର୍ଯ୍ୟକାରୀ କରି ଥିଲେ ।  ଏହି ଯୋଜନାରେ ବାରିପଦା, ଚିତ୍ରଡା, ଭୁରକୁଣ୍ଡି ଓ ରାଇରଙ୍ଗପୁରରେ ଚାରୋଟି ତାଲିମ କେନ୍ଦ୍ର ସ୍ଥାପିତ ହୋଇଥିଲା ।  ମାତ୍ର ପରବର୍ତ୍ତୀ କାଳରେ ଚିତ୍ରଡା ଓ  ଭୁରକୁଣ୍ଡିର ତାଲିମ କେନ୍ଦ୍ର ବନ୍ଦ ହୋଇ ଯାଇଥିଲା ।

ବର୍ତ୍ତମାନ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଓ ଜିଲ୍ଲାପାଳ ମହୋଦୟଙ୍କ ଅଧ୍ୟକ୍ଷତାରେ ଚୈତ୍ରପର୍ବ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ଦୁଇ ଦିନ ପୂର୍ବରୁ ଆରମ୍ଭ ହୋଇ ସଂକ୍ରାନ୍ତିର ଦୁଇ ଦିନ ପର୍ଯ୍ୟନ୍ତ ଛଉ ପଡିଆର ମୁକ୍ତ ଆକାଶ ତଳେ ପ୍ରଦର୍ଶନ ହେଉଅଛି । ଏବେ ଏଠାରେ ଏକ ସ୍ଥାୟୀ ମଣ୍ଡପ ଓ ପ୍ରତିଯୋଗୀ ଦଳଙ୍କ ପାଇଁ ଗ୍ରୀନରୁମ ନିର୍ମିତ ହୋଇଥିବାରୁ ନୃତ୍ୟ ପରିବେଷଣ ଅଧିକ ସହଜ ଓ ସୁନ୍ଦର ହୋଇ ପାରୁଛି ।  ଛଉ ନୃତ୍ୟ ଆଜି ମୟୁରଭଞ୍ଜର ଚିତ୍ରଡା, ବେତନଟୀ, ରାଇରଙ୍ଗପୁର ଓ କରଞ୍ଜିଆ ପ୍ରଭୃତି ସ୍ଥାନରେ ବେଶ ଜନାଦୃତ ହୋଇ ସେଠାକାର ଯୁବ ସଂସ୍ଥା ଦ୍ୱାରା ଆୟୋଜିତ ହେଉଛି ।

***

**କୈବଲ୍ୟ ପ୍ରସାଦ ମହାପାତ୍ର**
ସେବା ନିବୃତ୍ତ ପ୍ରଧାନ ଶିକ୍ଷକ
ହନୁମାନ ବିହାର, ବାରିପଦା
ଦୂରଭାଷ : ୮୨୪୯୬୯୧୮୩୦



# ଆକର୍ଷଣ

ବେସିନ  ଆଡକୁ ଅଗ୍ରସର ହେଲାବେଳେ କାନ୍ଥରେ ଲାଗିଥିବା ଦର୍ପଣରେ ନିଜ ମୁହଁର ପ୍ରତିଫଳନ ଦେଖୁଦେଖୁ ଦେବେଶଙ୍କ ଓଠରେ ଖେଳିଗଲା ଧାରେ ସ୍ମିତହାସ୍ୟ । ହସର ପୁଲକ ସଂପ୍ରସାରିତ ହେଲା ଆଖିକୁ ଓ ସମଗ୍ର ମୁହଁକୁ । ଦେହ ମଧ ଯତ୍‌ସାମାନ୍ୟ ଆନ୍ଦୋଳିତ ହେଲା । କୁରୁଳି ଉଠୁଥିବା ଛାତିର ଅମାନିଆଁ କମ୍ପନକୁ କାବୁରେ ରଖି ମୁହୂର୍ତ୍ତକ ପାଇଁ ସେ ଲକ୍ଷ୍ୟକଲେ ବାମ ପାର୍ଶ୍ୱରେ ରହିଥିବା ଶୟନ କକ୍ଷକୁ ଯା'ଭିତରେ ପ୍ରବେଶ କରିଥିଲେ ଗଙ୍ଗୋତ୍ରୀ । ତାଙ୍କୁ ଛାଡି ଦେଇ  ସେହି ବୈଠକଖାନା ବନାମ ଭୋଜନ କକ୍ଷରେ । ଦୁଆର ମୁହଁରେ ସଯତ୍ନ ଟଙ୍ଗାଯାଇଥିବା ମୋଟା ନୀଳ ପରଦାକୁ ଭେଦ କରିପାରିଲାନି ତାଙ୍କର ଉତ୍ସୁକ ଦୃଷ୍ଟି ଓ ପରମୁହୂର୍ତ୍ତରେ ଶୁଭିଥିବା ଶବ୍ଦରୁ ସେ ସହସା ବାରି ପାରିଲେ ଯେ ଗଙ୍ଗୋତ୍ରୀ ଅଛନ୍ତି ଯାଇ ଶୟନ କକ୍ଷ ସଂଲଗ୍ନ ଗାଧୁଆ ଘର ଭିତରେ।

ଧୁଆଧୋଇ, ପାଲଟାପାଲଟି ହୋଇ ବାହାରିବାକୁ ଗଙ୍ଗୋତ୍ରୀଙ୍କୁ ସମୟ ଲାଗିବ । ବେସିନ୍ ପାଖରେ ମୁହଁ ଧୋଇ ରୁମାଲରେ ଭଲ କରି ପୋଛିହେଲେ ଦେବେଶ । ବୈଠକଖାନାରେ ପଦଚାରଣା କରି ମୁଗ୍ଧ ଦୃଷ୍ଟିରେ ଚାହିଁଲେ ଚତୁର୍ଦ୍ଦିଗକୁ ।

ଗଙ୍ଗୋତ୍ରୀଙ୍କ ସରକାରୀ ବାସଭବନର ଡ୍ରଇଁ ରୁମ୍ । ପ୍ରଶସ୍ତ କୋଠରୀ । ଜିଲ୍ଲାର ସଦର ମହକୁମାରେ ପ୍ରଶାସନିକ ଅଧିକାରୀଙ୍କ ପାଇଁ ଇଂରେଜ ଅମଳରୁ ନିର୍ମିତ ସେ ବଙ୍ଗଳା । ଚାରିପଟେ ସୁଦୃଢ ପାଚେରୀ । ପାଚେରୀ ଭିତରେ ପ୍ରକାଣ୍ଡ ଖୋଲା ଜାଗା । କେତେ କେତେ  ଗଛଲତା , ପରିଷ୍କାର ପରିଚ୍ଛନ୍ନ ବଗିଚା । ଗ୍ୟାରେଜ୍‌ରେ ଗାଡି ରଖି ଡ୍ରାଇଭର ଗଲାଣି ଘରକୁ । ଗେଟ୍ ସିଧାରେ, ପାଚେରୀ ଶେଷ ମୁଣ୍ଡରେ ସର୍ଭେଣ୍ଟ କ୍ୱାଟରର୍ସ ଦେଖିଥିଲେ ଦେବେଶ କାରରୁ ଓହ୍ଲାଇବା ପରେ।

ବୈଠକଖାନାକୁ ଅତି ସୁନ୍ଦର ଭାବରେ ସଜେଇଛନ୍ତି ଗଙ୍ଗୋତ୍ରୀ । ବାହାର ଘର ଭିତରକୁ ଆସିଲେ, ଦରଜା ପରେପରେ ପଡିଛି ସୁଦୃଶ୍ୟ ସୋଫା ସେଟ୍ ସେଣ୍ଟର ଟେବୁଲ ତଳେ ଗାଲିଚା । ବାମ ପାର୍ଶ୍ୱରେ ଝୁଲୁଛି ପ୍ରକାଣ୍ଡ ଗ୍ରୀନ ପରଦା । ପରଦା ଆଡେଇବା ପରେ ଦିଶିଥିଲା ଡିଭାନ୍ ଓ ଡାଇନିଂ ଟେବୁଲ, ଚେୟାର ସବୁକିଛି ଚକଚକ୍ ସୁନ୍ଦର । ଜଣେ ମଣିଷ ଶୋଇପାରିବା ଆକୃତିର ଡିଭାନ୍ ଉପରେ ଗଦି ଏବଂ ମନୋହର ବିଛଣା ଚଦର। ଡାଇନିଂ ଟେବୁଲ ଆରପଟେ ରୋଷେଇ ଘରର ପ୍ରବେଶ ପଥ । ଡାହାଣ ପାଖ କାନ୍ଥର ମଝାମଝି ଧୁଆଧୋଇ ହେବା ପାଇଁ ବେସିନ୍ ଓ ତା ନିକଟରେ ଗାଧୁଆ ଘରର କବାଟ । ତା ପରେ ପରେ ପ୍ରକାଣ୍ଡ ବାରଣ୍ଡା ଏବଂ ସୁଉଚ୍ଚ ପାଚେରୀଘେରା ଅଗଣା । ବାରନ୍ଦାକୁ ଯିବାପାଇଁ ରହିଛି  ଯେଉଁ ଦୁଆର ତା'କଡେ କଡେ ପ୍ରଥମ ଶୟନ କକ୍ଷର କାନ୍ଥ, ଯେଉଁ କକ୍ଷକୁ ଯିବା ନିମନ୍ତେ ବୈଠକଖାନାର ଡାହାଣ ପାଖକୁ କବାଟ ରହିଛି । ଗଙ୍ଗୋତ୍ରୀ ସେହି କୋଠରୀ ଦେଇ ଅନ୍ୟ ବାଥ୍‌ରୁମରେ ପ୍ରବେଶ କରିଛନ୍ତି । ତା ପରେପରେ । ଆଉ ଏକ ଶୟନକକ୍ଷ ରହିଥିବା ବିଷୟ ଜାଣିପାରିଲେ ଦେବେଶ, ଯେତେବେଳେ ସେ ଅଗଣାପାଖ ବାରନ୍ଦାକୁ ଗଲେ । ଅଗଣାରେ ଭର୍ତ୍ତି ହୋଇ ରହନ୍ତି ଅସଂଖ୍ୟ ଫୁଲଗଛ ,କେତେକେତେ  ଫୁଲକୁଣ୍ଡ ମଧ । ଈଷତ୍ ଦୂରରେ ତୁଳସୀ ଚଉରା ଓ ସାମ୍ନାର କାନ୍ଥକଡରେ ଦୁଇଟି ଲଙ୍କାଗଛର ବୁଦା।

ବିତିଗଲା ପ୍ରାୟ ଦଶ ମିନିଟ ସମୟ । ଶୟନକକ୍ଷରୁ ବାହାରି ନାହାନ୍ତି ଗଙ୍ଗୋତ୍ରୀ। ଦେବେଶ ବାରନ୍ଦାର ବୈଠକଖାନାକୁ ଆସିଲେ । ତାଙ୍କର  ନଜରରେ ପଡିଲା ଡିଭାନ୍‌ର ମୁଣ୍ଡପାଖ କାନ୍ଥରେ ଲାଗିଥିବା ଏଲ.ଇ.ଡି.ଟିଭି ଓ ତା ଉପର ଅଂଶରେ ଝୁଲୁଥିବା ଏକ ଚିତ୍ତାକର୍ଷକ ଅଥଚ ଦୁର୍ବୋଧ କଳାକୃତି ଶିଳ୍ପୀର ନା ଲେଖାଅଛି ଛନ୍ଦାଚରଣ । କିଏ ସେହି ଚିତ୍ରଶିଳ୍ପୀ, ତାହା ଜାଣନ୍ତି ନି ଦେବେଶ । ପ୍ରାୟ ପଚାଶ ବାଇ ଚାଳିଶ ଇଂଚର କାନଭାସ୍ ଉପରେ ତରଙ୍ଗାୟିତ ନୀଳ ସାଗର । ଫର୍ଦ୍ଦଫର୍ଦ୍ଦ ଧଳାମେଘ ଗହଣରେ ଆପାତ ଅତିକ୍ରାନ୍ତ ମଧ୍ୟାହ୍ନ ସୂର୍ଯ୍ୟ । କୁଂଚୁକୁଂଚିଆ ବେଳାଭୂମିରେ ଓଦାଓଦା ଓ ଶୁଷ୍କ ସୈକତ । ଓଦାବାଲିର ଧାରେଧାରେ, ଲହଡିର ଶେଷରେଖାରେ, ଅସଂଖ୍ୟ ବୁଦ୍‌ବୁଦ୍ । ତା'ର ଏ ପାଖକୁ ଶୁଖିଲା ବାଲି ଉପରେ ଲୋଟିଛି ଏକ ଅଷ୍ଟବକ୍ର ଅଶ୍ୱ । ଶରୀର ତୁଳନାରେ ସେ ଅଶ୍ୱଟିର ଥୋମଣି ବେଶ୍ ଲମ୍ବା ଓ ବିଶାଳ । ଆଖିରେ କାକୁସ୍ଥ ଭାବ, ନିପାରିଲାପଣ ଏବଂ ଅଜବ ଅସହାୟତା । ଘୋଡାର ଦୃଷ୍ଟି ଯେଉଁ ଦିଗକୁ ଥାଏ , ତାର ପ୍ରାୟ ଶେଷପ୍ରାନ୍ତରେ ବେଳାଭୂମିର ସମୂଦ୍ରର ଜୁଆର ଆଡକୁ ଧାବମାନ ନାରୀର ଛାୟାଚିତ୍ର । ପଶ୍ଚାତଭାଗକୁ ପ୍ରଲମ୍ବିତ ତା'ର ଫରଫର ପଣତ । କଳାକୃତିର ନା ରଖାଯାଇଛି–ଡିଜାଷ୍ଟ୍ରସ୍ ଷ୍ଟାଲିଅନ ମାନେ ବିପର୍ଯ୍ୟୟ ଗ୍ରସ୍ତ ଘୋଟନ।

ସେହି ପେଣ୍ଟିଂକୁ ଏକ ଲୟରେ ଚାହିଁ ରହି ଅର୍ଥ ଖୋଜୁଥିବା ଆତ୍ମବିସ୍ମୃତ ଦେବେଶଙ୍କ ନାକରେ ବାଜିଲା ବିମୋହକ ମୃଦୁ ସୁଗନ୍ଧ । ଚମକିପଡି ସେ ପଛକୁ ଚାହିଲା ବେଳକୁ ହାତେ ଦୂରରେ ଠିଆ ହୋଇଛନ୍ତି ଗଙ୍ଗୋତ୍ରୀ । ନୀଳ ଶାଢି,ସେହି ରଙ୍ଗର ବ୍ଲାଉଜ ଓ କପାଳରେ ହାଲ୍‌କା ନୀଳ ବିନ୍ଦି । ଗୋଲାପୀ ଲିପ୍‌ଷ୍ଟିକ୍ ଲାଗିଥିବା ଓଠରେ ଫିକା ନୀଳ ଆଭା । ସେତେ କମ ସମୟ ମଧ୍ୟରେ ସେ ରଚନା କରିଥିବା ରୂପଶିଙ୍ଗାରକୁ ଦେଖି ବିସ୍ମିତ ଓ ରୋମାଂଚିତ ହେଲେ ଦେବେଶ । ଉତ୍ତର ବୟସରେ ସୁଧା ନିଦା ଅଙ୍ଗସୌଷ୍ଠବ। କମନୀୟ ରୂପକାନ୍ତି, ମାଦକତାଭରା ଆଖି । ତରଙ୍ଗାୟିତ ଅଧର, ନିରନ୍ତର ଆମନ୍ତ୍ରଣ ଜଣାଇବା ପରି । ଇଏ ସେହି ଗଙ୍ଗୋତ୍ରୀ ନା ଅନ୍ୟ କେହି ରସାଳସା ରୂପସୀ।

ହୃତ୍‌ସ୍ପନ୍ଦନକୁ ନିୟନ୍ତ୍ରଣରେ ରଖିବା ପାଇଁ ଗଭୀର ପ୍ରଶ୍ୱାସ ଟାଣିଲେ ଦେବେଶ । ପ୍ରଶ୍ନକଲେ –କିଏ ସେହି ଚିତ୍ରଶିଳ୍ପୀ ?

ଗଙ୍ଗୋତ୍ରୀ ଉତ୍ତର ଦେଲେ- ଛନ୍ଦାଚରଣ ଆଚାର୍ଯ୍ୟ । ଏବେ ସେ ଆଉ ଜୀବିତ ନାହାନ୍ତି । ଊଣେଇଶି ଶହ ପଞ୍ଚାନବେ ମସିହା ମାର୍ଚ୍ଚ ମାସ ଊଣେଇଶି ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ । ସେଦିନ ଥିଲା ରବିବାର , ମୋର ମନେ ଅଛି ।

-ତୁମେ ତାଙ୍କ ସମ୍ପର୍କରେ ଏତେ ବିଷୟ କେମିତି ଜାଣ  ? ବିସ୍ମୟଭରା ସ୍ୱରରେ ପଚାରିଲେ ଦେବେଶ।

ସକରୁଣ ସ୍ମିତହସ ସହ ଜଣାଇଲେ ଗଙ୍ଗୋତ୍ରୀ – ବାସ୍ , ଜାଣିଛି ।ସେ ଅତ୍ୟନ୍ତ ବିଲକ୍ଷିତ ପ୍ରତିଭା । ବଂଚିଥିଲେ , ଏତେବେଳକୁ କେତେ ବଡ ଚିତ୍ରଶିଳ୍ପୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥାନ୍ତେ । ସେ ଥିଲେ ଅସାଧାରଣ । ଜୀବିତ ଥିବାବେଳେ ଗୁଣଗାହୀ ଲୋକମାନେ ତାଙ୍କୁ ଭିନ୍‌ସେଂଟଣ୍ଟ ଭେନଗକ୍‌ଙ୍କ ସହ ତୁଳନା କରୁଥିଲେ ।

କିନ୍ତୁ, କଣ ଏଇ ଚତ୍ରକଳାର ସନ୍ଦେଶ ? ଦେବେଶଙ୍କର ଜିଜ୍ଞାସା ।

ମୁଁ ମଧ ଜାଣେନା । ନିଜ ହସକୁ ଲୁଚାଇ ଉତ୍ତର ଦେଲେ ଗଙ୍ଗୋତ୍ରୀ।

ସେତେବେଳକୁ  ଡିଭାନ ଓ ଡାଇନିଂ ଟେବୁଲ ମଝିରେ ଟିଭି ଓ ପେଟିଙ୍ଗ୍‌ର ସାମନାରେ ପଡିଥିବା ଦୁଇଟି ବେତ ଚେୟାରରେ ମୁହାଁ ମୁହିଁ ବସିଥିଲେ ଗଙ୍ଗୋତ୍ରୀ ଓ ଦେବେଶ  । ଗଙ୍ଗୋତ୍ରୀଙ୍କର ହସକୁ ଲୁଚାଇବାର ପ୍ରୟାସ ଦେବେଶଙ୍କ ତୀକ୍ଷଣ ବୃଷ୍ଟିରୁ ଏଡେଇ ଯାଇପାରି ନଥିଲା । ଦେବେଶ କୌତୁହଳ ପ୍ରକାଶ କଲେ- ଚିତ୍ରଟି ତୁମକୁ ଭଲ ଲାଗିଥିବାରୁ ତୁମେ ସେଇଟିକୁ କାନ୍ଥରେ ଟଙ୍ଗାଇଛ ।  ଯେଉଁ କାରଣରୁ ତୁମକୁ ତାହା

ପ୍ରଭାବିତ କରିଥିବ, ସେୟା ହିଁ ସେଥିର ଅର୍ଥ ବା ସନ୍ଦେଶ ହୋଇଥାଇପାରେ । ଶିଳ୍ପୀର ଭାବନା କି ଚେତନାକୁ ଅବିକଳ ନ ହେଲେ ବି କେତେକାଂଶରେ ତୁମେ ତ ଠଉରେଇ ପାରିଥିବ ନିଶ୍ଚୟ ।

-ସତ କହୁଛି, ମୁଁ ଏଥିରୁ କିନ୍ତୁ ବି ବୁଝିନି । ମୁହଁ ଉପରକୁ ଉଡି ଆସିଥିବା କେଶରାଶିକୁ ସଜାଡୁ ସଜାଡୁ ସବିନୟ ଜଣାଇଲେ ଗଙ୍ଗୋତ୍ରୀ ।

ତଥାପି ? ଦେବେଶଙ୍କର ଅନୁସନ୍ଦିତ୍ସା ।

ଉଭୟ ଆଖିର ଉପର ପତା ଦୁଇଥର ଝାଡି ଏବଂ ଓଠରେ ଖେଳାଇ ଧାରେ ମୃଦୁହାସ, ପ୍ରସ୍ତାବ ଦେଲେ ଗଙ୍ଗୋତ୍ରୀ-ଚା ପିଇଲେ ହୁଅନ୍ତା ।

ଗଙ୍ଗୋତ୍ରୀଙ୍କ ଆଖିରେ ଆଖି ମିଶାଇ କହିଲେ ଦେବେଶ – ଏବେ କିନ୍ତୁ ଚା ବନାଇବା ପାଇ ତୁମେ ଯଦି ଉଠିଯାଅ ସମ୍ଭ୍ରାନ୍ତ, ମୋତେ ବୋଧେ ଭଲ ଲାଗିବନି ।

ଗଙ୍ଗୋତ୍ରୀ ଅପେକ୍ଷା କଲେ – ଏହିପରି ପଦେ କଥା ଆପଣ ମୋତେ ତିରିଶି ବର୍ଷ ତଳେ ଭଲା କହିଥାନ୍ତେ । ଆଜି ଆପଣଙ୍କୁ ମୁଁ ନିଜ ହାତରେ ରାନ୍ଧି ଖୁଆଇବି ନିଶ୍ଚୟ , ଚା ତିଆରି କରିବ ମୋ ଚାକରାଣୀ ଝିଅ ରେନି । ଏଠିକା କଲେଜରେ ପ୍ଲସ-ଟୁ ପଢୁଛି । ଚମତ୍କାର ଚା ବନାଏ ସେ ଝିଅ ।

ମୋବାଇଲ୍ ଫୋନ୍ ଉଠାଇ ସେ ରେନିକୁ ଡାକିଲେ, ଅଳ୍ପକ୍ଷଣ ମଧ୍ୟରେ ହି ରେନି ଆସି ହାଜର । ଷୋହଳ କି ସତର ବର୍ଷର ଝିଅ । ଦେବେଶଙ୍କ ପାଦତଳେ ମୁଣ୍ଡିଆ ମାରିଲା । ଚାକରାଣୀର ଝିଅ ବୋଲି କିଏ ତାକୁ କହିବ ? ରୁଚିପୂର୍ଣ୍ଣ ପରିପାଟୀ , ପରିଷ୍କାର ପୋଷାକ । ନିଃସଂକୋଚ ପଦନିଧି , ନିର୍ଭୀକ ଚାହାଣୀ । ଶୃଙ୍ଖଳିତ ବ୍ୟବହାର, ଉଲ୍ଲସିତ, ହସହସ ମୁହଁ ।

ଗଙ୍ଗୋତ୍ରୀଙ୍କ ନିର୍ଦ୍ଦେଶରେ ସେ ରୋଷେଇଘରକୁ ଗଲା ।

-ଟି.ଭି. ଦେଖିବେ ? ଶୁଣିବେ କି ସମ୍ବାଦ ? କାଲେ ଆମ ମିଟିଂର ବିବରଣୀ ଆସିପାରେ କେଉଁ ଚାନେଲ୍‌ରେ, କହିଲେ ଗଙ୍ଗୋତ୍ରୀ ।

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନୟନ ବିଭାଗର ସଚିବ ଦେବେଶ । ସେହି ପଛୁଆ ଜିଲ୍ଲାରେ ଅନୁଷ୍ଠିତ ରିବ୍ୟୁ ମିଟିଂରେ ଯୋଗଦେବାକୁ ଆସିଥିଲେ ରାଜଧାନୀରୁ । ଗଙ୍ଗୋତ୍ରୀ ସେହି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍କାର ପ୍ରକଳ୍ପ ନିର୍ଦ୍ଦେଶିକା । ରାଜ୍ୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରିଣୀ । ଚାରିମାସ ତଳେ ପାଇଛନ୍ତି ପଦୋନ୍ନତି । ଅଳ୍ପ ଅବଧି ମଧ୍ୟରେ ପାଇଲେଣି ଅକଳନ ଖ୍ୟାତି ।

ଦେବେଶ ଲକ୍ଷ୍ୟକଲେ, ଗଙ୍ଗୋତ୍ରୀ ତାଙ୍କ ମୁହଁକୁ ଅପଲକ ନେତ୍ରରେ ଚାହିଁ ରହିଛନ୍ତି ହୁଏତ ସେ ପଚାରିଥିବା ପଶ୍ନର ଉତ୍ତର ଶୁଣିବା ଆଶାରେ । ଦେବେଶ ହଁ ବୋଲି କରିବା ମାତ୍ରକେ ଯେମିତି ସେ ଟି.ଭି. ଖୋଲିବେ । ଦେବେଶ ତୁରନ୍ତ ଦୃଷ୍ଟି ଫେରାଇ ପୁଣିଥରେ କାନ୍ଥରେ ଝୁଲୁଥିବା କଳାକୃତିକୁ ଦେଖିଲେ ।

କିଛି ମୁହୂର୍ତ୍ତରେ ନୀରବତା ପରେ ପ୍ରଶ୍ନକଲେ ଦେବେଶ-ଆଉ ତୁମ ସ୍ୱାମୀଙ୍କ ଖବର କଣ ? ସେ ଏବେ କେଉଠି ? କେମିତି ଚାଲିଛି ତୁମର ସାଂସାରିକ ଜୀବନ ?

ସେ ତ ବିଗତ ଦଶବର୍ଷ ହେଲା ପଢିଛନ୍ତି ସେହି ମାଲୁଆ ଜିଲ୍ଲାର ସହର ମହକୁମାରେ । ଅଧ୍ୟାପକ ଚାକିରିରେ ଅବସର ଅଧିକ, ଅଥଚ, ଅକାଳେ ସକାଳେ ସେ ଆସିଥାନ୍ତି ଅନୁଗ୍ରହ କଲାଭଳି, ଆଗ୍ରହ ନ ଥାଇ । ମୋର ମନେହୁଏ,ପ୍ରଶାସନିକ ସେବାରେ ଯୋଗ ଦେଇଥିବା କୋଣସି ନାରୀ ଯଦି ଜଣେ ଅଧ୍ୟାପକକୁ ବାହା ହୋଇଥାଏ ତେବେ ସେ ଗୁଳିବିଦ୍ଧ ସୈନିକକୁ ବିବାହ କରିଥିବାର ମନ୍ଦଭାଗ୍ୟ ଭୋଗିବାକୁ ବାଧ୍ୟ । ସେ ଭାବନ୍ତି ଯେ ମୁଁ ସାମାନ୍ୟ ଚେଷ୍ଟାକଲେ ତାଙ୍କର ବଦଳି ରାଜଧାନୀର ପ୍ରମୁଖ କଲେଜକୁ ସହଜରେ ହୋଇଯାଇପାରେ ।

ଚା ପରଶିଦେଇ ରେନି ଚାଲିଗଲା ତା ବସାକୁ ।

-ବାସ୍ତବିକ, ଖୁବ୍ ବଢିଆ ଚା ତିଆରି କରିଛି ତୁମର ରେନି । ସପ୍ରଶଂସ ସନ୍ତୋଷ ପ୍ରକାଶ କଲେ ଦେବେଶ ।

ରାତ୍ରୀ ଭୋଜନ ପାଇଁ ଦେବେଶଙ୍କୁ ନିମନ୍ତ୍ରଣ ଜଣାଇ ସାଙ୍ଗରେ ଧରି ଆସିଥିଲେ ଗଙ୍ଗୋତ୍ରୀ । ନିମନ୍ତ୍ରଣ କେବଳ ନୁହେଁ ବି ତାହା ମଧ୍ୟ ଥିଲା ତାଙ୍କର ଦାବି । ସେପରି ଆନ୍ତରିକ ଆମନ୍ତ୍ରଣକୁ ଅଗ୍ରାହ୍ୟ କରିଦେବା ଅସମ୍ଭବ । ପୁଣି ତିରିଶ ବର୍ଷ ପରେ,ଗଙ୍ଗୋତ୍ରୀ ସହିତ ପାଖାପାଖି ଏବଂ ନିରୋଳାରେ କିଛି ସମୟ ବିତାଇବାର ସେ ବିରଳ ସୁଯୋଗ ।

କାରରେ୍ ଗଙ୍ଗୋତ୍ରୀ ସହ ତାଙ୍କ ବଙ୍ଗଳାକୁ ଆସିଥିବା ବେଳେ ଛାତି ଭିତରେ ବିଜୁଳି ଚମକିବା ଭଳି ଘନଘନ ଚାଇଁଚାଇଁ ଲାଗିଥିଲା ଦେବେଶଙ୍କୁ । ଏବେ ବି ହୃଦୟରେ କେଉଁ ଗହନ ଅଭ୍ୟନ୍ତରରେ, ହେଉ ପଛେ ଅଳ୍ପ ଟିକେ ଜାଗା, ମାଡି ବସିଛନ୍ତି ଗଙ୍ଗୋତ୍ରୀ ।

ଚା ପିଉପିଉ ଈଷତ୍ ଅନ୍ୟମନସ୍କ ହୋଇପଡିଥିବା ଗଙ୍ଗୋତ୍ରୀଙ୍କ ଆଡକୁ କଣେଇ ଚାହିଁଲେ ଦେବେଶ । ବାଉନ, ତେପନ ବର୍ଷରେ ବି ଦାଉଦାଉ ଝଟକୁଛନ୍ତି । କି କମନୀୟ କାନ୍ତି । ନିଟୋଳ ତନୁ । ମୁହଁରେ କି ଅଣ୍ଟାରେ ଟିକିଏ ସୁଦ୍ଧା କୁଂଚ କି ଭାଙ୍ଗ ପଡିନି ।

ଗୋଟିଏ ସହରରେ ଉଭୟଙ୍କର ଜନ୍ମ । ଦେବେଶଙ୍କ ଠାରୁ ବୟସରେ ଚାରି ପାଚଂ ବର୍ଷ ସାନ ଗଙ୍ଗୋତ୍ରୀ । ତାଙ୍କ ବାପା ଥିଲେ ହାଇସ୍କୁଲ ଶିକ୍ଷକ ଓ ମା ମଧ୍ୟ ସହରଠୁ ଦଶ କିଲେମିଟର ଦୂର ଏକ ଗାଁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ । ହାଇସ୍କୁଲରେ ଇଂଲିଶ୍ ପଢାଉ ଥିବା ଗଙ୍ଗୋତ୍ରୀଙ୍କ ବାପା ଦେବେଶଙ୍କୁ ବିଚକ୍ଷଣ ଧୀଶକ୍ତି ସମ୍ପନ୍ନ ବାଳକ ରୂପେ ଅଭିହିତ କରିବା ସହିତ ତାଙ୍କୁ ଖୁବ୍ ଭଲ ପାଉଥିଲେ ।

ଭାରତୀୟ ପ୍ରଶାସନିକ ସେବା ପାଇଁ ଯୋଗ୍ୟ ବିବେଚିତ ହୋଇ ତାଲିମ ନିମନ୍ତେ ମସୌରୀ ଯିବାକୁ ବାହାରିବା ଦିନ ପ୍ରିୟ ଶିକ୍ଷକଙ୍କ ଆଶୀର୍ବାଦ ନେବା ଉଦେଶ୍ୟରେ ଗଙ୍ଗୋତ୍ରୀଙ୍କ ଘରକୁ ଯାଇଥିଲେ ଦେବେଶ । ସେତେବେଳେକୁ ଅର୍ଥନୀତିରେ ଏମ୍.ଏ.ପରୀକ୍ଷା ଦେଇସାରଥିବା ଗଙ୍ଗୋତ୍ରୀ ସ୍ଥାନୀୟ ଏକ ବ୍ୟାଙ୍କରେ କ୍ୟାସିୟର୍ ଭାବେ ଯୋଗଦେଇ ସାରିଥିଲେ । ମାସେ ବି ହୋଇ ନଥିଲା ହୁଏତ । ଦେବେଶ ତାଙ୍କ ଘରେ ପହଚିଂବା ବେଳକୁ ଗଙ୍ଗୋତ୍ରୀ ଓ ତାଙ୍କ ବାପା ବସିଥିଲେ ବୈଠକଖାନାରେ ଏବଂ ମା ତରତର ହୋଇ ବାହାରୁଥିଲେ ସ୍କୁଲକୁ ଯିବା ନିମନ୍ତେ, ଘରପାଖ ଛକରୁ ଯାଇ ବସ୍ ଧରିବାକୁ ।

ଆପଣ ସେଇ ଯେ ତିରିଶ ବର୍ଷ ତଳେ ସେଦିନ ଆମଘରୁ ଫେରିଯିବା ବେଳେ, ମୋତେ ବେଶ୍ କିଛିକ୍ଷଣ ନିଠେଇ ନିଠେଇ ଦେଖିଥିଲେ । ମୋ ସହ ପୂର୍ବରୁ ମଧ୍ୟ ଆପଣଙ୍କର କେତେ ଥର ସାକ୍ଷାତ ହୋଇଥିଲା ।ଆଖିରୁ ଦେଖି ମୁ ବୁଝିଥିଲି,ନିଶ୍ଚୟ ମୋପ୍ରତି କିଛି ତ ମମତା ରହିଥିଲା । ଅଥଚ ସେଦିନ ଆପଣଙ୍କ ଆଖିରୁ ସାମାନ୍ୟ ତମ ଅନୁରାଗର ଆଭାସ ପାଇପାରିଲିନି । କମ୍ପିତ ସ୍ୱରରେ ସୂଚିତ କଲେ ଗଙ୍ଗୋତ୍ରୀ ଓ ଦୀର୍ଘଶ୍ୱାସ ଛାଡିଲେ ।

ମୁଣ୍ଡକୁ ଝଙ୍କାଇ ଦେଇ ଦେବେଶ ସତେ ଅବା ସ୍ୱଗତୋକ୍ତି କଲେ-ତୁମେ ପ୍ରଥମେ ବ୍ୟାଙ୍କ୍‌ର କ୍ୟାସିୟର ଚାକିରିରେ କାହିଁକି ଯୋଗଦେଲ ଗଙ୍ଗୋତ୍ରୀ ?

ଗଙ୍ଗୋତ୍ରୀ ସଶବ୍ଦ ହସିଲେ । ସେହି ହସରେ ନିହିତ ଅନ୍ତରର ବେଦନା ତାଙ୍କ ସ୍ୱରରେ ସ୍ପଷ୍ଟରୂପେ ଫୁଟିଲା-ଆପଣ ବି ବୋଧହୁଏ ମୋ ସ୍ୱାମୀଙ୍କ ଭଳି ଭାବନ୍ତି ଯେ ବ୍ୟାଙ୍କରେ ଚାକିରି କରୁଥିବା କୌଣସି ଜଣେ ସିଧା ଝିଅ ଉପଯୁକ୍ତ ପତ୍ନୀ କେବେ ହୋଇପାରିବନି !

ଦେବେଶ ନିଜ ଥୋଡି ଉପରେ ବାଁ ହାତରେ ଆଙ୍ଗୁଠିମାନ ଘୂରାଇ ଆଣି ଧୀର ସ୍ୱରରେ କହିଲେ-କିନ୍ତୁ ତୁମେ ତ ଆଉ ତିନିବର୍ଷ ପରେ ବ୍ୟାଙ୍କ୍ ଚାକିରି ଛାଡି ରାଜ୍ୟ ପ୍ରଶାସନିକ ସେବାରେ ନିଯୁକ୍ତ ହେଲ ନା !

-ଅଥଚ ତା ପୂର୍ବରୁ ବାପା ମୋର ବାହାଘର କରାଇ ସାରିଥିଲେ । ମନର ଅଭିଳାଷ ପୂର୍ଣ୍ଣ କରିବା ଅଭିପ୍ରାୟରେ ମୁଁ ଯେତେ ପ୍ରତିବାଦ କଲି, ମା ମଧ ସେଥିପ୍ରତି କାନ ଦେଲାନାହିଁ । ଆପଣ ଜାଣିଥିବେ କି ନାଇଁ ମୋତେ ଜଣାନାହିଁ , ଶିକ୍ଷକମାନେ ସତରେ ଅତ୍ୟନ୍ତ ଭୟାଳୁ । ଝିଅ ପରା ଘିଅ ପରି ! ବାପା-ମା ଉଭୟେ କହିଲେ । ସମାଜ ଓ ଆତ୍ମସମ୍ମାନକୁ ଜୀବନ ଓ ଆକାଂକ୍ଷାଠୁ ବଡ କରି ଦେଖନ୍ତି ସେମାନେ । ଗଙ୍ଗୋତ୍ରୀଙ୍କ ବେକ୍ଷୋଭିତ ସ୍ୱର ।

ବିବାହ କରିବା ବେଳକୁ ଗଙ୍ଗୋତ୍ରୀ ବ୍ୟାଙ୍କର କ୍ୟାସିୟର ଥିଲେ । ପ୍ରସ୍ତାବ ପଢବା ପରେ , ବିଧିବଦ୍ଧ ଭାବରେ ଦେଖାଦେଖି କରିବାକୁ ଘରକୁ ଆସିବା ପୂର୍ବରୁ ତାଙ୍କର ଭାବି ସ୍ୱାମୀ ତାଙ୍କୁ ଥରେ ବ୍ୟାଙ୍କରେ ଦେଖି ଆସିଥିଲେ । ସେକଥା ଗଙ୍ଗୋତ୍ରୀଙ୍କର ଅଗୋଚର ଥିଲା । ଭଦ୍ରଲୋକ ତାଙ୍କ ସହ ବିବାହ କରିବା ପାଇଁ ଅବଶ୍ୟ ଉତ୍ସାହିତ ଓ ଲାଳାୟିତ ହୋଇ ପଡି ଥିଲେ । ଦେବେଶଙ୍କୁ ସ୍ପଷ୍ଟଭାବେ ଜଣାଇଲେ ଗଙ୍ଗୋତ୍ରୀ । ତଥାପି ବିବାହ ପରେ ,କିଛିଦିନ ଉତ୍ତାରୁ, ଦିନେ ରାତିରେ ସେ ଗଙ୍ଗୋତ୍ରିଙ୍କୁ ପ୍ରଶ୍ନ କରିଥିଲେ-ତୁମକୁ ନିଦ ହୋଇଯିବା ପରେ କେବେ ଯଦି ମୁଁ ଆସି ତୁମ ଦେହକୁ ଜଡାଇ ଧରେ, ବିଳିବିଳେଇବା ପରି ତୁମେ କଣ କରିପାର ଦସ୍ତଖତ ମିଶୁନାହିଁ ବୋଲି ?

-ସେହିଭଳି ତୁମେ କେବେ କରି ଦେଇଥିଲ କି ? କୌତୁକରେ ପଚାରିଲେ ଦେବେଶ ।

ନାଇଁ ବା ! କି ଅଭେଲା କଥା । ଦସ୍ତଖତ ଯାଂଚ କରି ଗ୍ରାହକଙ୍କୁ ପେମେଣ୍ଟ ଦେଉଥିବା ବ୍ୟାଙ୍କ୍ କର୍ମଚାରୀଙ୍କ ପ୍ରତି ତାଙ୍କର ସର୍ବାଧିକ ଧାରଣାଟି ସେହିପରି । ଆମେ ଯେମିତି ଭାବୁ, ପିଲାଙ୍କ ପରୀକ୍ଷା ଖାତା ମୋଟେ ନ ପଢି ଅଧ୍ୟାପକମାନେ ହାତେ ମାପି ଦଶ କି ପନ୍ଦର ମାର୍କ ଥୋଇଦିଅନ୍ତି । ପିଲା ଯଦି ଯାଇତାଇ ଦଶ ପୃଷ୍ଠା ଲେଖି ଦେଇଥିବ , ଶତକଡା ଶହେ କି ଦେଢଶ' ମାର୍କ ପାଇଯାଇପାରେ । ଗଙ୍ଗୋତ୍ରୀଙ୍କ ସ୍ୱରରେ ବିଦ୍ରୁପ ।

ତଥାପି , ଗଙ୍ଗୋତ୍ରୀ ପୁଣି କଥାର ଖିଅ ଲମ୍ବାଇବାକୁ ଯାଇ ଜଣାଇଥିଲେ ଯେ ସେହି ଘଟଣାର ଆଉ କିଛିଦିନ ପରେ ସତକୁ ସତ ତାଙ୍କ ସ୍ୱାମୀ ଅଭିଯୋଗ କଲେକି ପଢା ଟେବୁଲ ପାଖକୁ ବିଳମ୍ବିତ ରାତିରେ ଆସି ସେ ତାଙ୍କ ଗାଲରେ ଚୁମ୍ବନ ଦେବାପରେ ସିଗନେଚର ଡିଫରସ୍ ବୋଲି ଚିତ୍କାର ଛାଡି ଗଙ୍ଗୋତ୍ରୀ ପରା ଶେଯ ଉପରେ ଉଠି ବସିଥିଲେ ।

ରୀତିମତ ଅବାନ୍ତର କପୋଳକଳ୍ପିତ ସେପରି ଦୋଷାରୋପ ଗଙ୍ଗୋତ୍ରୀଙ୍କର ସ୍ୱରରେ କରୁଣ କମ୍ପନ । ଚମକିଗଲେ ଦେବେଶ । ଗଙ୍ଗୋତ୍ରୀଙ୍କର ସେ ପ୍ରତିକ୍ରିୟା ଓ ପ୍ରତିବାଦ ଯେମିତିକି ତାଙ୍କ ପ୍ରତି ହିଁ ଉଦ୍ଦିଷ୍ଟ ଥିଲା । ସେ ଗଙ୍ଗୋତ୍ରୀଙ୍କ କପାଳରେ ହାତ ଛୁଆଁଇଲେ । ଗଙ୍ଗୋତ୍ରୀ ଜଣାଇଥିଲେ ଯେ ସେତେବେଳକୁ ତାଙ୍କର ବ୍ୟାଙ୍କ ଚାକିରିକୁ ଦୁଇବର୍ଷ ମାତ୍ର ପୂରିଥିଲା ଏବଂ ସେହି ସମୟରେ ତାଙ୍କ ଭଳି କନିଷ୍ଠ କ୍ୟାସିୟରମାନେ ଅଫିସରଙ୍କ ଦ୍ୱାରା ଯାଂଚ ତଥା ଅନୁମୋଦିତ ହୋଇଆସୁଥିବା ଚେକ୍ ବା ଟଙ୍କା ଉଠାଣ ଫର୍ମ ଦେଖି ଗ୍ରାହକଠାରୁ ଟୋକନ୍ ରଖି ପେମେଣ୍ଟ କରୁଥିଲେ । ଭଦ୍ରଲୋକଙ୍କୁ ସେକଥା ଜଣାନାହିଁ ।

ଗଙ୍ଗୋତ୍ରୀ ଚମକି ପଡି ଉଠିଯାଇଥିଲେ ସତ , କିନ୍ତୁ ସେ ବିଳିବିଳେଇ ନ ଥିବା ସତ୍ତ୍ୱେ ସେପରି ଅଭିଯୋଗ ରଚନା କରିବା ସ୍ୱାମୀଙ୍କର କି ପ୍ରକାର ଜଟିଳ ମାନସିକତାର ପରିଚାୟକ ତାହା ସେ ତଥାପି ବୁଝିପାରି ନାହାଁନ୍ତି ।

ଭାରି ଧୈର୍ଯ୍ୟବାନ, ଶ୍ରଦ୍ଧାଶୀଳ ଶ୍ରୋତା ଭଳି ଦେବେଶ ଶୁଣୁଥିଲେ ଗଙ୍ଗୋତ୍ରୀ କଥା । ଆହା ! ଗଙ୍ଗୋତ୍ରୀଙ୍କ ମନଗହନର ଆଭ୍ୟନ୍ତରରେ ଜମାଟ ବାନ୍ଧି ରହିଛି କେତେ ଦୁଃଖ, କେତେ ଅଭିମାନ । ଏମିତି ଜଣେ ମଣିଷ ବି ହୁଏତ ଜଣେ କିଏ ନାହିଁ ଯାହା ଆଗରେ ବହୁତ କିଛି ଗପିଦେଇ ସେ କିଛିଟା ଉଶ୍ୱାସ ହୁଅନ୍ତେ ।

ରାତି ଦଶଟା ଦଶ ମିନିଟ୍‌ରେ ଦେବେଶଙ୍କ ଟ୍ରେନ୍ । ସେ ଯିବେ ରାଜଧାନୀକୁ । ତାଙ୍କୁ ଘରକୁ ଡାକି ଆଣିବା ବେଳେ ଗଙ୍ଗୋତ୍ରୀ ପ୍ରସ୍ତାବ ଦେଇଥିଲେ ଯେ ସେ ନିଜ ହାତରେ ରାତ୍ରୀ ଭୋଜନ ପ୍ରସ୍ତୁତ କରିବେ । ଭୋଜନ କରିବା ପରେ ସେ ନିଜେ ଯାଇ ତାଙ୍କୁ ଷ୍ଟେସନରେ ଛାଡିଦେଇ ଆସିବେ ।

ମନା କରିପାରି ନ ଥିଲେ ଦେବେଶ । ଅଥଚ ବିସ୍ମିତ ହୋଇଥିଲେ ଯେ ଏକା ସହରର ମୂଳ ବାସିନ୍ଦା ହୋଇଥିଲେ ବି କହିହେବା ଭଳି ଗାଢ ନ ଥିଲା ସମ୍ପର୍କ । ତଥାପି କେତେ ଯେ ଆତ୍ମୀୟତା ଭରି ରହିଥିଲା ଗଙ୍ଗୋତ୍ରୀ ଅନ୍ତରଙ୍ଗ ଅନୁରୋଧରେ !

ଗଙ୍ଗୋତ୍ରୀ ରୋଷେଇ ଘରକୁ ଯିବା ପୂର୍ବରୁ ରେନିକୁ ଫୋନ କଲେ । ରେନି ସତେ ଅବା ଦୁଆର ମୁହଁରେ ହିଁ ଅପେକ୍ଷା କରି ରହିଥିଲା ତାଙ୍କ ଡାକକୁ । ନିମଶକେ ଆସି ପହଚିଂଲା ।

ରେନିକୁ କଟା, ବଟା ଓ ଅଟାଦଳିବା ଦାୟିତ୍ୱ ସଅଁପି, ଗଙ୍ଗୋତ୍ରି ଫେରିଆସିଲେ ଦେବେଶ ପାଖକୁ ।

ଦେବେଶ ପ୍ରଶ୍ନକଲେ –ତୁମେ ବୋଧହୁଏ ସର୍ବମୋଟ ତିନିବର୍ଷ କାମ କରିଥିଲ୍ ବ୍ୟାଙ୍କରେ । ତା ପରେ ତ ଆସିଲ ପ୍ରଶାସନିକ କ୍ଷେତ୍ରକୁ ?

ହଁ । ଏବଂ ତାପରେ ହିଁ ଆରମ୍ଭ ହୋଇଛି ଯାବତୀୟ ବିପର୍ଯ୍ୟୟ । ତାଙ୍କ ମନକୁ ଆବୋରି ବସିଛି ଅତି ଭିତ୍ତିହୀନ ହୀନମନ୍ୟତା । ଦୀର୍ଘଶ୍ୱାସ ଛାଡିଲେ ଗଙ୍ଗୋତ୍ରୀ । ପୁଣି ମନକୁ ମନ କହିଲେ-ପ୍ରତ୍ୟେକ ସ୍ୱାମୀ ମନରେ ଏତିକି ସନ୍ତୋଷ ରହିବା ବୋଧହୁଏ ନିହାତି ଆବଶ୍ୟକ ଯେ ଅନ୍ୟ କିଛି ହେଉ କି ନହେଉ ସମାଜ ଦୃଷ୍ଟିରେ ସେ ତା ସ୍ତ୍ରୀ ଠାରୁ ଉର୍ଦ୍ଧ୍ୱରେ ଅଛି ।

ସମୟ ସନ୍ଧ୍ୟା ସାତଟା । ଟି.ଭି. ଚଲାଇ ଦେଇ ଗଙ୍ଗୋତ୍ରୀ ପୁଣିଥରେ ରୋଷେଇଘରକୁ ଗଲେ ଓ କିନ୍ତୁ ଗୋଟେ ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ଲାଗିପଡିଲେ । କେତେ ସମୟ ପରେ ଫେରିଆସି ଦେବେଶଙ୍କୁ ପଚାରିଲେ - ଆପଣଙ୍କର ପତ୍ନୀ ବୋଧହୁଏ ଚାକିରି ଆରମ୍ଭରୁ ରାଜଧାନୀର ପ୍ରମୁଖ ସ୍ୱୟଂଶାସିତ କଲେଜରେ ଅଛନ୍ତି ।

ଦେବେଶ ସାମାନ୍ୟ ଅପ୍ରତିଭ ହୋଇଥିବା ଭଳି ଦିଶିଲେ । ଛନ୍ଦରେ ହସି ସ୍ୱୀକାର କଲେ – ହଁ , ଅଛି ତ ! ଅଳ୍ପ ସମୟ ନୀରବ ରହି , ଗଙ୍ଗୋତ୍ରୀଙ୍କୁ ଆଶା ଦେଖାଇଲେ – ତୁମ ସ୍ୱାମୀଙ୍କର ବି ରାଜଧାନୀକୁ ଅକ୍ଳେଶରେ ବଦଳି ହୋଇପାରିବ ।

ଗଙ୍ଗୋତ୍ରୀ ପୂର୍ଣ୍ଣଚ୍ଛେଦ ଟାଣିଲେ -ନା ଥାଉ ।

ତା ଉପରେ ନ୍ୟସ୍ତ କାରାଯାଇଥିବା କାମ ସାରିଦେଇ ରେନି ଚାଲିଗଲା । ପୁରି ଛାଣି ସାରିବା ପରେ ଗଙ୍ଗୋତ୍ରୀ ବଢାବଢା କଲେ ।

ଗଙ୍ଗୋତ୍ରୀଙ୍କର ଖାଦ୍ୟ ପରଷିବା ଶୈଳୀ ଏବଂ ଯତ୍ନ ଥିଲ ଅପୂର୍ବ । କେତେ ଶୀଘ୍ର ସେ ସଜାଡିଲେ ସବୁକିଛି, ଟେବୁଲ ଉପରେ ରନ୍ଧନ କାର୍ଯ୍ୟ ସରାଇ ବେଳାବେଳି, ଯଥା ସମୟରେ । ଅଭିଭୂତ ହୋଇଗଲେ ଦେବେଶ । ତା ଠାରୁ ଅଧିକ ସେ ଚମତ୍କୃତ ହେଲେ ଖାଦ୍ୟର ସ୍ୱାଦୁରେ । ତାଙ୍କର ହୃଦବୋଧ ହେଲା, ଏତେ ସ୍ୱାଦିଷ୍ଟ ବ୍ୟଞ୍ଜନମାନ ପ୍ରସ୍ତୁତ କରିଥିବା ଗଙ୍ଗୋତ୍ରୀଙ୍କୁ ହୃଦୟଖୋଲା ପ୍ରଶଂସା ନ କଲେ ତାଙ୍କର ମୂର୍ଦ୍ଧନାପାତ ହେବ । ଏପରି ତାରିଫରେ ସେ ଗଦଗଦ୍ ହୋଇଉଠିଲେ ଯେ ସେଥିର ପ୍ରକୋପରେ ଘନଘନ କୁରୁଳି ଉଠିଲେ ଗଙ୍ଗୋତ୍ରୀ ଏବଂ ମନକୁ ମନ କହିଲେ-ପିଲାବେଳୁ ରନ୍ଧାରନ୍ଧି କରି ଖୁଆଇବାରେ ମୋର ଭାରି ଆନନ୍ଦ । ଖାଇବାକୁ କିଏ ନଥିଲେ,କିନ୍ତୁ, ରାନ୍ଧିବାକୁ ମନ

ବଳେନାହିଁ।

ଇସାନୀ ହାତରେ ଏ ମହାନ୍ କାମଟି କେବେ ବି ଭଲ ହେଲାନି । ଆମ ବିବାହିତ ଜୀବନର ଏଇ ପ୍ରାୟ ଅଣଚ୍ଛିରିଶି ବର୍ଷ ମଧ୍ୟରେ କେବେ ଦିନେ ସୁଦ୍ଧା ସେ ଏପରି ତୃପ୍ତିଦାୟକ ଖାଦ୍ୟ ପରଶି ନାହାଁନ୍ତି । ମୋ ମନରେ ଏପରି ଧାରଣା ସୂତଃ ସୃଷ୍ଟି ହେଇଥିଲା ଯେ ଚାକିରିଜୀବୀ  ମହିଳା ଜଣେ କିଏ ସୁଦ୍ଧା ରୋଷେଇ କାମରେ ସେତେ ପାରଙ୍ଗମ ନ ଥିବେ। ତୁମେ କିନ୍ତୁ ସ୍ୱତନ୍ତ୍ର ଓ ଅନନ୍ୟ। କହିଲେ ଦେବେଶ।

ସେତିକି ବେଳେ  ଜୋରରେ କାଶି ଉଠିଲେ ଗଙ୍ଗୋତ୍ରୀ।

ତଣ୍ଟିରେ ଲାଗିଗଲା କି ! ବସିବା ଜାଗାରୁ ହଠାତ୍ ଉଠିଲେ ଦେବେଶ , ଉତ୍କଣ୍ଠା ଓ ବ୍ୟସ୍ତତା ପ୍ରକଟ କରି। ହଡବଡେଇ ଯାଇ ପାଣି ପିଇଲେ ଗଙ୍ଗୋତ୍ରୀ ଓ ସାଷ୍ଟାମ ହେଲେ। ଦେବେଶ ଇଚ୍ଚାରଣ କଲେ - ଧୀରେ ଷ୍ଟେଡି , ଆରାମରେ।

ନିଜେ ଦୁଇଢୋକ ପାଣି ପିଇବାବେଳେ ଦେବେଶ ଅନୁତାପ କଲେ , ଗଙ୍ଗୋତ୍ରୀ ଆଗରେ ନିଜ ସ୍ତ୍ରୀକୁ ଖୁଣିବା କଣ ବା ଆବଶ୍ୟକ ଥିଲା ପ୍ରକୃତରେ ! ବିଚାରୀ କାଶିକାଶି ବେଦମ୍ ହେଇଗଲା ଯେ !

ଖାଇସାରିବା ପରେ ଅଇଁଠା ବାସନ ଉଠାଇ ନେଇ ଗଙ୍ଗୋତ୍ରୀ ଯେତେବେଳେ ଆସି ବେତ ଚେୟାରରେ ବସିଲେ , ତାଙ୍କ ମୁହଁକୁ ଲକ୍ଷ୍ୟକରି ଦେବେଶଙ୍କର ମନେ ହେଲା, ସ୍ୱଷ୍ଟରୂପେ ସେ ବେଶ୍ ତନ୍ଦ୍ରାଛନ୍ନ ହେଲେଣି । ହୁଏତ ବେଦମ୍ କାଶିବା ହେତୁ ଅଥବା ସାରାଦିନର କାର୍ଯ୍ୟ ଜନିତ କ୍ଳାନ୍ତି ସେଥିର କାରଣ। ଅଥଚ ତାଙ୍କର ସେ ଅବସ୍ଥା ଦେଖି ଦେବେଶଙ୍କୁ ମୋହାଛନ୍ନ ବି ଲାଗୁଥିଲା । ତାଙ୍କ ମୁହଁରେ ଉଦ୍ଭାସିତ ହେଲା ଅନାବୃତ ଉଲ୍ଲାସ । ମୁହୂର୍ତ୍ତକ ପାଇଁ ତାଙ୍କ ମନରେ ଦୃଢ ପ୍ରଲୋଭନ ସୃଷ୍ଟି ହେଲା ଯେ ଯଥାର୍ଥ ନ ହେଲେ ସୁଦ୍ଧା ଅଯାଚିତ ଭାବରେ ସେ ଗଙ୍ଗୋତ୍ରିଙ୍କ ସହିତ ଆହୁରି ଅଧିକ ସମୟ ରହିଯିବେ ।ପୂରା ଭୁଲିଯିବେ ନିଜର କାର୍ଯ୍ୟସୂଚୀ ଓ ପରିସ୍ଥିତିକୁ।

ଟ୍ରେନ ଧରିବାକୁ ଯିବା ସମୟ ପାଖେଇ ଆସୁଥିଲା।

ଗଙ୍ଗୋତ୍ରୀଙ୍କ ଠାରେ କୌଣସି ପ୍ରକାର ତତ୍ପରତା ଦେଖିବାକୁ ପାଉ ନ ଥିଲେ ଦେବେଶ। ସେ ବରଂ ବିଶାଳ ବେତ ଚେୟାରରେ ଅର୍ଦ୍ଧଶାୟିତ ମୁଦ୍ରାରେ ଲୋଟି ପଡିଥିଲେ।

ଚେୟାରରୁ ଉଠିପଡି ଦେବେଶ ତାଙ୍କ ନିକଟକୁ ଗଲେ । ବାହୁକୁ ହଲାଇ ଉଠାଇଲେ । ସ୍ମିତହସି ପଚାରିଲେ-ଏତେ ଚମତ୍କାର ଭାବେ ରନ୍ଧାବଢା କରିବା ପ୍ରଣାଳୀ ତୁମେ କେବେ ଓ କିପରି ଶିଖିଲ ଗଙ୍ଗୋତ୍ରୀ ?

ଗଙ୍ଗୋତ୍ରି ଉତ୍ତର ଦେଲେ- ରନ୍ଧନକଳା ପୁସ୍ତକ ପଢିପଢି । ତାହା ମଧ ମୁଁ ସ୍କୁଲରେ ପଢିବା ଦିନରୁ । ମା ମୋର ଭାତ, ଡାଲି ରାନ୍ଧିଦେଇ ଧାଇଁବ ତା ବସ୍ ଧରିବାକୁ । ତାକୁ ମୋଟେ ସମୟ ହୁଏନା । ଭାତ, ତରକାରି ବିନା ବାପା ମୋର ଖାଇବେ କେମିତି ? ମୋତେ ବି ଜଣା ନଥିଲା, ହୋଟେଲରେ ବସି ଜଣେ ଇଚ୍ଛାକଲେ ମିଲ୍ ଖାଇପାରିବ।

ଗଭୀର ଚିନ୍ତା କରିବା ପରି ଚାହାଣିରେ ଗଙ୍ଗୋତ୍ରୀଙ୍କ ଶରୀରକୁ ନିରୀକ୍ଷଣ କରୁଥିଲେ ଦେବେଶ । ଚେୟାରରୁ ଉଠିଯାଇ ଗଙ୍ଗୋତ୍ରୀ ତାଙ୍କଆଡକୁ ଦି ପାଦ ଅଗ୍ରସର ହେବାମାତ୍ରେ ବାହୁକୁ ମୁଠାଇଧରି ଦୁଇ ଗାଲ ଓ ଓଟରେ ଆଙ୍କିଦେଲେ ସଶବ୍ଦ ଚୁମ୍ବନ।

ଗଙ୍ଗୋତ୍ରୀ ଗରିମାମୟ ଗଣ୍ଡଦେଶ ଏବଂ ବୁଦ୍ଧିଭ୍ରମ କରିଦେବା ଭଳି ଓଠ ପ୍ରତି ଦେବେଶଙ୍କ ମନରେ ଯୁବା ବୟସରୁ ଅବଶ୍ୟ ଭରିଥିଲା ଆଲୋଡିତ ଆକର୍ଷଣ।

ଗଙ୍ଗୋତ୍ରୀ ଆଉ ପାଦେ ଆଗକୁ ଆସିଲେ । ଚକିତ ହୋଇ କାନ ଡେରିଲେ ଦେବେଶ । ତାଙ୍କୁ ଅବା ଶୁଭିଗଲା, ନିକଟସ୍ଥ ଷ୍ଟେସନରେ ଅଟକିବାକୁ ଟ୍ରେନର ଗତି ମନ୍ଥର ହେଲାଣି । କର୍କଶ ହର୍ଣ୍ଣ ମଧ ବାଜିଲାଣି ତା'ର ଆସିବାର ସୂଚନା ସ୍ୱରୂପ !

ହତଭମ୍ବ ଦେବେଶ ପଛକୁ ଘୁଞ୍ଚିଯାଇ କାନ୍ଥରେ ଝୁଲୁଥିବା ସେ ଚିତ୍ରକୁ ଦେଖିଲେ । ଅଷ୍ଟବକ୍ର ଘୋଟକ, ପ୍ରତିହତ, ଅକ୍ଷମ । ଦେହ ତୁଳନାରେ ତା'ର ଥାକୁଲା ଓ ପ୍ରଲମ୍ବିତ ଥୋମଣି।

****

**ସଦାନନ୍ଦ ତ୍ରିପାଠୀ**

ଚୈତନ୍ୟ ବ୍ରାହ୍ମଣୀ ଭବନ
ପ୍ଲଟ୍ ନଂ ୨୪୦୮, ମଂଚେଶ୍ୱର, ଭୂବନେଶ୍ୱର -୭୫୧୦୧୭
ଦୂରଭାଷ : ୯୪୩୭୫୦୨୯୬୨



"ତୋ' ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରସେ ଜାତ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?"

(ଉତ୍କଳ ଗୌରବ ମଧୁସୂଦନ ଦାସ)



# ପଳାଶ ବନର ଛାଇ

ଅମ୍ଳାନ ଓ ସୁଜାତାଙ୍କ ଧାରାବାହିକ ଯୁଦ୍ଧରୁ ଦୁଇଟି ପ୍ରଶ୍ନ ଉଭା ହେଇଥିଲା ସାହୁବାବୁଙ୍କ ମନରେ। ପ୍ରଥମଟି ହେଲା, ସତରେ କଣ ପ୍ରେମ ବୋଲି କିଛି ଅଛି ନା ସେଇଟା ତୁଚ୍ଛା ମାୟା ! ଦ୍ୱିତୀୟଟି ହେଲା, ଯଦି ପ୍ରେମ ବୋଲି କିଛି ଥାଏ, ତାହା ଜଣଙ୍କର ଜୀବଦ୍ଦଶାରେ ଏକାଧିକ ଥର ଆସିଲେ ତାକୁ ପାପରେ ଗଣାଯିବ କି ?

ଅମ୍ଳାନ କହୁ କହୁ ସିନା କହିଦେଇଥିଲା, ସାହୁବାବୁଙ୍କ ମନରେ ପ୍ରଶ୍ନଟି ଛାପି ହେଇ ରହିଗଲା। ସେ ଦୁଇଜଣ ଯେତେବେଳେ ଲଢେଇ ଝଗଡାରେ ମାତୁଥିଲେ, ପାଖ ପଡିଶା ମିଛଟାରେ ଆହା.. ଚୁ.. ଚୁ.. କରୁଥିଲେ ସିନା, ବାସ୍ତବରେ ନିଆଁରେ ଘିଅ ଢାଳୁଥିଲେ। ନିଆଁରେ ଘିଅ ଢାଳିବା ଲୋକଙ୍କ ଭିତରେ ମିସେସ ସାହୁ ବି ଥିଲେ।

ଅମ୍ଳାନ ଓ ସୁଜାତାର ଘର ବସିବାରେ ପୃଷ୍ଠପୋଷକ ଥିଲେ ସାହୁବାବୁ। ବରବଧୂଙ୍କୁ ଧରି ମ୍ୟାରେଜ ରେଜିଷ୍ଟ୍ରାରଙ୍କ ଅଫିସ ଯିବା, ଫୁଲମାଳ, ଚୁଡି, ଅଳତା, ଶାଢୀ... ସବୁ ଆୟୋଜନ ସାହୁବାବୁ କରିଥିଲେ। ସାହୁବାବୁଙ୍କର ଯଦି ପିଲା ଛୁଆ ହେଇଥାନ୍ତେ, ତାହେଲେ ଆଜି ଅମ୍ଳାନ ବୟସର ହେଇଥାନ୍ତେ। ସେଇ ଦୃଷ୍ଟିରୁ ଅମ୍ଳାନ ସହକର୍ମୀ ହେଲେ ବି, ତାକୁ ପୁଅ ଦୃଷ୍ଟିରେ ଦେଖନ୍ତି ସାହୁବାବୁ। ତା ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ ସେ। କିନ୍ତୁ, ଯାହା ଦେଖିବାକୁ କେବେ ଚାହିଁନଥିଲେ, ତାହା ହିଁ ଦେଖିବାକୁ ପଡିଲା ଶେଷକୁ। ଜନ୍ମ ଜନ୍ମାନ୍ତରର ବନ୍ଧନ ଅଦିନ ଝଡରେ ତାସ ଘର ପରି ଅସ୍ତିତ୍ୱ ସଙ୍କଟରେ ଥିଲା। ଦୁହେଁ କ'ଣ ପାଇଲେ ? ପରିବାରର ମାନ ସମ୍ମାନ ପ୍ରତିଷ୍ଠା ଆଭିଜାତ୍ୟ ସବୁକିଛି ଛାଡିଦେଇ ଆସିଥିଲା ସୁଜାତା। କୋଟିଏରେ ଗୋଟିଏ ପିଲା ଅମ୍ଳାନ। ରୂପରେ କନ୍ଦର୍ପ, ବିଦ୍ୟାରେ ଗଣେଶ, ଗମ୍ଭୀର, ନୀରବ ଛନ୍ଦ କପଟହୀନ ପିଲା। ଉଭୟଙ୍କ ଜୀବନ ଗଣିତ ଜଟିଳ। ଉଭୟଙ୍କ ଜୀବନ ସାରା କେବଳ ହାହାକାର। ଏଥିପାଇଁ ଆଉ କାହା ମୁଣ୍ଡବ୍ୟଥା ହଉ କି ନ ହଉ, ସାହୁବାବୁ ଖୁବ୍ ଚିନ୍ତିତ।

ସବୁକିଛି ଠିକଠାକ ଚାଲିଥିଲା ବେଳେ ହଠାତ ଦିନେ ମାଡି ଆସିଲା ଅଦିନ ଝଡ। ସେ ରାତିଟି ଥିଲା ସେମାନଙ୍କ ବିବାହର ପ୍ରଥମ ବର୍ଷପୂର୍ତ୍ତି। ଅମ୍ଳାନ ପାଇଁ ଷ୍ଟାଫ ୱେଲଫେୟାର ଫଣ୍ଡରୁ ଦଶ ହଜାର ଟଙ୍କାର ଋଣ କରେଇଦେଇଥିଲେ ସାହୁବାବୁ। ଘରର ସାଜସଜ୍ଜା, ଭୋଜି ଭାତ, ସବୁର ଆୟୋଜନ କରିଥିଲେ ସେ ନିଜେ। କଲୋନୀର ଆଠ ପରିବାର ନିମନ୍ତ୍ରିତ ହେଇ ଆସିଥିଲେ। ଆଲୋକମାଳାରେ ସଜ୍ଜିତ ସେମାନଙ୍କ ଛୋଟ ବସାଟି ଆନନ୍ଦ ଉତ୍ସବରେ ଉଛୁଳି ପଡୁଥିଲା। ହଠାତ୍ ଘର ଭିତରୁ ଶବ୍ଦ ଆସିଲା, ଦର୍ପଣ ଭାଙ୍ଗିଯିବାର, ବ୍ରାସ ଫୁଲଦାନୀ ତଳେ କଚାଡି ହବାର, ଥାଳି ତାଟିଆ ଚଟାଣ ଉପରେ ଝଣଝାଣ୍ ହେଇ ପିଟିହବାର। ତାପରେ ଏକ ବୁକୁଫଟା ଚିତ୍କାର, ସୁଜାତା କାନ୍ଦିବାର... !

କିଛି ସମୟ ପୂର୍ବରୁ ବଗିଚାରେ ଫୁଟିଥିଲେ ରଜନୀଗନ୍ଧା, ମଲ୍ଲୀ ଓ ମଧୁମାଳତୀ। ବାସ ଚହଟି ଉଠୁଥିଲା। ଫୁଲ ସବୁ ମଉଳିଗଲେ, ମ୍ଳାନ ହେଇଗଲା ରାତିର ରଙ୍ଗ, ଫୁଲଗୁଡାକ ବାସ ହରେଇ ବସିଲେ।

ଅତିଥିମାନେ ପରସ୍ପରକୁ ଚାହାଁଚାହିଁ ହେଲେ। ପ୍ଲେଟରେ ଯିଏ ଯାହା ନେଇଥିଲେ ସେତିକି। ଅଇଁଠା ପ୍ଲେଟ ସବୁ ବିଛାଡି ହେଇ ପଡିଥିଲା ଟେବୁଲ ଉପରେ। ଅତିଥିମାନେ ଚାଲିଗଲେ।

ସେ ରାତିରେ ଅତିଥି ଅଭ୍ୟାଗତମାନେ ଖୁସିରେ ଗପସପ କରୁଥିଲେ ବୈଠକ ଘରେ। ଆର ପାଖ ଘରୁ ସୁଜାତା ଅମ୍ଳାନକୁ ଡାକିଲା, "ଯାଡେ ଟିକେ ଆସିଲ... ।" ତାପରେ ଆଉ ଯାହା କିଛି ଘଟିଗଲା।

ଅମ୍ଳାନ ପାଖରେ ଥିଲା ଗୋଟେ ପୁରୁଣା କଳଙ୍କିଲଗା ଲୁହା ବାକ୍ସ। ସେଇଟା ପୁଣି ତା ମାଆଙ୍କର। ବାହାହେଇ ଆସିବାବେଳେ ସେ ସେଇଟାକୁ ବାପଘରୁ ଆଣି ଆସିଥିଲେ। ସମ୍ପତ୍ତି ପାଇଁ ଭାତୃ ଯୁଦ୍ଧ ପରେ ପୈତୃକ ସମ୍ପତ୍ତି ଯାହା ମିଳିଥିଲା ଅମ୍ଳାନକୁ ତା ଭିତରେ ସେ ବାକ୍ସଟି ଥିଲା ଗୋଟିଏ। ବାସ୍ତବରେ ସେ ପୁରୁଣା ରଙ୍ଗଛଡା କଳଙ୍କିଲଗା ବାକ୍ସକୁ କିଏ ବା ନେଇଥାଆନ୍ତା ! ସେଇ ବାକ୍ସଟି ଅମ୍ଳାନର ଯୁଗ ଯୁଗର ସାଥୀ, କଲେଜ ଯିବା ଦିନଠାରୁ । ରଙ୍ଗଛଡା ବାକ୍ସଟି ଉପରେ କେବେ ଦିନେ ବୋଳିଦେଇଥିଲା ଗୋଲାପୀ ରଙ୍ଗ। ପୁଣି କେବେ ନୀଳ ରଙ୍ଗର କାଗଜରେ ଲେଖା ଗୋଟେ ଡାଏରୀ ତା ଭିତରେ ଆତ୍ମଗୋପନ କରିଥିଲା। ତାଲା ଲଗା ହେଇ ସେଇ ବାକ୍ସଟି ଥୁଆ ହେଇଥିଲା ତା ଖଟ ତଳେ।

ସେ ରାତିରେ ଯେଉଁ ଝଡର ସୂତ୍ରପାତ ହେଲା, ତାହା ସେଇ ବାକ୍ସ ଭିତରେ ଆହତ ସର୍ପ ପରି ଲୁଚି ବସିଥିଲା। ଝଡ ଥମିବାର ନାଆଁ ନେଲାନି। ସୁଜାତାର ତୀକ୍ଷ୍ଣ ସ୍ୱର କାନ୍ଥବାଡ ନମାନି ଯେମିତି ଚାରିଆଡକୁ ପ୍ଲାବିତ କରି, ସେମିତି ଅମ୍ଳାନ ପରି ଧୀର ସ୍ଥିର ପିଲାର ଉଚ୍ଚସ୍ୱର ଈର୍ଷାଳୁ ପଡୋଶୀଙ୍କୁ ଭରପୂର ମନୋରଞ୍ଜନ ଯୋଗେଇ ଚାଲିଲା। ସେମାନଙ୍କୁ ଆଉ କ'ଣ ଦରକାର କି ?

ସୁଜାତା ଯେଉଁମାନଙ୍କ ମୁହଁ କେବେ ଚାହିଁବନି ବୋଲି ପଣ କରି ଆସିଥିଲା, ସେଇମାନଙ୍କୁ ସେ ଫୋନ କରି ଡକାଏ। ତା ଭାଇ, ଭାଉଜ, ନାନୀ ଭିଣେଇ ଇତ୍ୟାଦି... । ବେଳେ ବେଳେ ତା ମାଆ ରାଗ ତମ୍‌ତମ୍ ହେଇ ଚାଲି ଆସନ୍ତି। ଝିଅକୁ ଧରି ଚାଲିଯାଆନ୍ତି। ଆଉ ଥରେ, ସୁଜାତାର ଭାଇ ତ ସମସ୍ତଙ୍କ ସମ୍ମୁଖରେ ଅମ୍ଳାନ ଗାଲରେ ଦୋ କିନା ଚାପୁଡାଟାଏ କଷିଦେଇ କହିଲେ, ଇଡିଅଟ୍... ଭିକାରି କୋଉଠିକାର !

ସାହୁବାବୁ ତାଙ୍କ ଘରଣୀଙ୍କୁ ବୁଝାନ୍ତି, କଲୋନୀର ସ୍ତ୍ରୀ ଲୋକଙ୍କ ସହିତ ସେ ଦୁହିଁଙ୍କ ବ୍ୟକ୍ତିଗତ ଜୀବନର କଥାଗୁଡାକୁ ନେଇ ଗପାଗପି ନକରିବା ପାଇଁ। ସିଏ ଶୁଣିଲେ ତ ! ଓଲଟି ଗାଳି ଶୁଣନ୍ତି ସାହୁବାବୁ। "ତୁ ଚନ୍ଦାମୁଣ୍ଡିଆ, ନାଟର ଗୋବର୍ଦ୍ଧନ। ପୁଅ ବୋହୂ... !"

ସୁଜାତା ଯେମିତି ମଝିରେ ମଝିରେ ବାପଘର ଚାଲିଯାଏ, ସେମିତି ଅକସ୍ମାତ ଫେରି ବି ଆସେ। ଅମ୍ଳାମ ଛାତିରେ ମୁହଁ ଗୁଞ୍ଜି କାନ୍ଦେ, ଭୁଲ ମାଗେ। ଏମିତି ଭୁଲ କେବେ କରିବନି ବୋଲି ବି କୁହେ। କଲୋନୀର ସ୍ତ୍ରୀ ଲୋକଗୁଡାଙ୍କର ସେଗୁଡାକ ଆଖି ନା ଦୂରବୀକ୍ଷଣ ଯନ୍ତ୍ର ! କେମିତି ସେମାନେ ସେ ସବୁ ଦେଖିପାରନ୍ତି କେଜାଣି ! ପୁରୁଷମାନେ ଅଫିସ ଚାଲିଯିବା ପରେ ସେମାନଙ୍କ ବୈଠକରେ ସେଇମାନଙ୍କ ଚର୍ଚ୍ଚା କଲେ ହିଁ ସେମାନଙ୍କ ଭାତ ହଜମ ହୁଏ।

ସେଦିନ ସୁଜାତାର ଭଉଣୀ ଆଉ ଭିଣୋଇ ଆସିଥାନ୍ତି। ଅମ୍ଳାନ ପକ୍ଷରୁ ସାହୁବାବୁ ଥାଆନ୍ତି। ଆଉ କିଏ ବା ରହିଥାନ୍ତା ! କାହାକୁ ବା ସେ ରହିବା ପାଇଁ କହିଥାନ୍ତା ! ଘରଣୀଙ୍କ ନାନା ବାରଣ ଓ ତାଚ୍ଛଲ୍ୟ ସତ୍ତ୍ୱେ ବି ସାହୁବାବୁ ମାମଲତକାର ହେଇ ପହଞ୍ଚିଗଲେ। ସୁଜାତାର ଭିଣୋଇ ପଚାରିଲେ, ହଇଓ ବାବୁ, ତମେ କିଏ ? ତମକୁ କିଏ ଡାକିଲା ଏଠିକୁ ?

ସାହୁବାବୁ ବୁଝେଇବାକୁ ଚେଷ୍ଟା କଲେ, "ଥୁଣ୍ଟା ଡାଳରେ ପତ୍ରଟିଏ କଅଁଳି ଆସୁଛି ଆଜ୍ଞା। ଏତିକି ବେଳେ ଝଡଟିଏ ବହିନଯାଉ... ।"

ବିଧାୟକଙ୍କ ଦୁଇ ବାଉନ୍ସର ଲଣ୍ଡାମୁଣ୍ଡିଆ ବୁଢାଟାକୁ ଗଳାଧକ୍କା ଦେଇ ବାହାରେ ଛାଡିଦେଇ ଆସିଲେ। ସାହୁବାବୁଙ୍କ ସ୍ତ୍ରୀ ଆସି କାନ୍ଦି କାନ୍ଦି ସ୍ୱାମୀଙ୍କୁ ଗାଳି ଦେଲେ, "ବୁଝିପାରୁନି, କି ଉପାଦାନରେ ଗଢା ତମେ... ! ଏଇ ଦୁଇଜଣଙ୍କ ପାଇଁ ନିଜ ମାନ

ଇଜ୍ଜତ ସବୁକିଛି ଜଳାଞ୍ଜଳି ଦେଇ କଣ ପାଉଛ ତମେ ?..."

ଅମ୍ଳାନ ଆସିଥିଲା ଷ୍ଟାଫ ଫଣ୍ଡରୁ ଉଠେଇଥିବା ଋଣ ଶୁଝିଦବା ପାଇଁ। ସାହୁ ବାବୁ କହିଲେ, "ଏତେ ଜଲ୍‌ଦି କଣ ଅଛି ? ମୁଁ ତ ଅଫିସ ଟଙ୍କା ସୁଝି ସାରିଛି । ମୋ ଠାରୁ ଉଧାର ନେଇଛ ଭାବି ତମେ ପାଖରେ ରଖିଥାଅ । ଆଗକୁ ସୁଜାତାର ଡେଲିଭରି ଅଛି, କାମରେ ଆସିବ ଏ ଟଙ୍କା ।"

ଅମ୍ଳାନ ନୀରବରେ ଫେରିଯାଉଥିଲା । ସାହୁବାବୁ ପଛରୁ ଡାକି କହିଲେ, "ତୁମ ବାପା ବୟସର ମୁଁ । ମୋର ଗୋଟେ କଥା ରଖିବ ?"

ଅମ୍ଳାନ ଅଟକି ଗଲା, ଫେରି ଚାହିଁଲା । ସାହୁବାବୁ ପଚାରିଲେ, "ସେ ବାକ୍ସଟା ଭିତରେ କଣ ଏମିତି ରଖିଛ କି ?"

ଝରକା ପାଖରେ କିଛି ସମୟ ନିରବରେ ଠିଆ ହେଇ ଫେରିଆସୁଥିଲା ଅମ୍ଳାନ। ସାହୁବାବୁ ଉତ୍ତର ପାଇବା ପାଇଁ ଅପେକ୍ଷା କରି ରହିଲେ । ଅମ୍ଳାନ ଉତ୍ତର ରଖିବା ପାଇଁ ଚେଷ୍ଟା କଲା, ଅଥଚ ପାରିଲାନି। ସାହୁବାବୁ କହିଲେ, "ଜାଣିଛ, ଭଗବାନ ସୁରଭିର କୋଳ କାହିଁକି ଖାଲି ରଖିଛନ୍ତି ? ମୋ ହୃଦୟ ଭିତରେ ଯେତେବେଳେ ପିତୃତ୍ୱର ଝର ବହିଆସେ, ମୁଁ କାହିଁକି ତୁମକୁ ଦେଖେ ଅମ୍ଳାନ..."

ଅମ୍ଳାନ ଯୋଉ ଭଲପାଇବାକୁ ଖୋଜୁଥିଲା, ସେଇ ଭଲପାଇବାକୁ ଖୋଜୁଥିଲା ସୁଜାତା ବି । ଏବଂ ସେଇ ଭଲପାଇବାକୁ ଅବସରର ଦ୍ୱାର ଦେଶରେ ଠିଆ ହେଇଥିବା ସାହୁବାବୁ ନାମକ ଅଦ୍ଭୁତ ଜୀବ ବି ଭଲପାଇ ବସିଥିଲେ ।।

ସାହୁବାବୁ ଚାହୁଁଥିଲେ, ସେ ଦୁହିଁଙ୍କ ଜୀବନରୁ ଅନ୍ଧାର ରାତିଟି ଅପସରି ଯାଉ। ବଗିଚାରେ ଫୁଟି ଉଠୁ ନାନା ରଙ୍ଗର ଫୁଲ। ଭ୍ରମର ଓ ପ୍ରଜାପତିରେ ଭରିଯାଉ ବଗିଚାଟି ।

ହୁଏତ ତାହା ହିଁ ହେଇଥାଆନ୍ତା ! ମାତ୍ର ଅମ୍ଳାନ ସେ ରାତିରେ କହିଲା, "ସୁଜାତା, ଏ ଘରର ଏରୁଣ୍ଡି ଯଦି ଡେଇଁଛ, ତାହେଲେ ଆଉ କେବେବି ଫେରିବା କଥା ଚିନ୍ତା କରିବନି । ଫେରି ଆସିଲେ ବି ମତେ ତୁମେ ପାଇବନି । ମୁଁ ତୁମଠାରୁ ଅନେକ ଦୂରକୁ ଚାଲିଯାଇସାରିଥିବି, ତମକୁ କଥା ଦଉଛି, ସ୍ୱର୍ଗ, ନର୍କ, ପାତାଳ, ଯୋଉଠି ବି ତୁମେ ମୋତେ ଖୋଜ, ମୋତେ ଆଉ ପାଇବନାହିଁ । "

ସାହୁବାବୁ ଭାବୁଥିଲେ, ରାତିର ଝଡ ଥମିଯିବା ପରେ, ବାଇଆ ବସାଟିକୁ ପକ୍ଷୀ ଦୁଇଟି ଫେରି ଆସିବେ । ସେ ବସାଟିରେ କୁନି ଅତିଥିଟିଏ ଆସିବ । ତା'ର କାନ୍ଦ ଆଉ ହସରେ ସବୁ କ୍ଷତ ଭରିଯିବ । ହସି ଉଠିବ ସଂସାରଟି । କିନ୍ତୁ, ସେ ଘର କବାଟରେ ଝୁଲୁଥିଲା ତାଲାଟିଏ । ସୁଜାତା ଆସିଥିଲା, କିନ୍ତୁ ଖାଲି ହାତରେ ଫେରିଯିବା ପାଇଁ ଆସିଥିଲା । ତାଲା ଆଉ କେବେ ଖୋଲିବାର କେହି ଦେଖିନାହାନ୍ତି ସେଇ ଦିନଠୁ ।

ଇତି ମଧ୍ୟରେ ସେ ହେଇଗଲେ ସେବା ନିବୃତ୍ତ । ପିଲା ଛୁଆ ନଥିଲେ । ଆଉ ଏ ସହରରେ ପଡିରହିବାକୁ ମନ ଡାକିଲାନି। ପତ୍ନୀଙ୍କୁ ଧରି ଅବଶିଷ୍ଟ ଜୀବନ ବିତେଇବା ପାଇଁ ସାହୁବାବୁ ଫେରିଗଲେ ତାଙ୍କ ପୈତୃକ ଗାଆଁକୁ । ତାପରେ ସେ ଦିନେ ବୁଢା ହେଇଗଲେ, ଆଖିକୁ ଦେଖାଗଲାନି । ଚାଲିପାରିଲେନି । ବିଛଣାରେ ପଡିରହିଲେ । ଜୀବନସାରା ତାଙ୍କୁ ସାନ୍ତ୍ୱନା ଦେଇ ଆସିଥିବା ପତ୍ନୀଙ୍କ କୋଳରେ ମଥାରଖି ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ତାଙ୍କ ମନରେ ସେଇ ପ୍ରଶ୍ନଟି ଉଙ୍କି ମାରିଥିଲା, ସତରେ ପ୍ରେମ ବୋଲି ସଂସାରରେ କଣ କିଛି ଅଛି ?" ଯଦି ସେ କିଛି ଉତ୍ତର ପାଇଥିବେ, ଆରପୁରରେ ପାଇଥିବେ। ଯେ କୌଣସି ଅଫିସକୁ ଯାଅ, ସାହୁବାବୁ ବୋଲି କିଏ ଅଛନ୍ତି ବୋଲି ଖୋଜିଲେ ଜଣେ ନିଶ୍ଚୟ କେହି ମିଳିଯିବେ ଅବଶ୍ୟ। ଅଥଚ, ଏ ସାହୁବାବୁ ବା ସିଏ ଯୋଉ ଅମ୍ଳାନକୁ ଏତେ ମୁଣ୍ଡରେ ଥୋଇଥିଲେ, ସେ ଦୁହେଁ ଆଉ କେବେ ଦେଖିବାକୁ ମିଳିନଥିଲେ ।

ଦିନ ପରେ ଦିନ, ବର୍ଷ ପରେ ବର୍ଷ ବିତିଗଲା । ଅଠର ବର୍ଷ ବିତିଗଲାଣି ଇତି ମଧ୍ୟରେ। ଅଠର ବର୍ଷ ତଳେ ଅମ୍ଳାନର ସନ୍ତକଟିକୁ ଭୂମିଷ୍ଠ କରେଇଥିଲା ସୁଜାତା । ବହୁ ଯତ୍ନରେ ସେ ତାକୁ ବଢେଇଛି । ନିଜ ଜୀବନରେ ଯାହା ସବୁ ଘଟି ଯାଇଛି, ସେଇ ଭୁଲ ସେ କରିନବସୁ । ଗୋଡେ ଗୋଡେ ଜଗି ବସିଛି ସୁଜାତା ।

ହେଲେ, ନଚିକେତା ଭାରି ଚଗଲା । ଏଇ ଆସୁଛି ବୋଲି କହି କୁଆଡେ ଚାଲିଯିବ ଯେ ଚାଲିଯିବ । ଯେତେ ଗାଳି ପଡିଲେ ବି ସୁଧୁରିବାର ପିଲା ନୁହଁ ସେ । ହେଲେ ସୁଜାତା ଜାଣେ, ସେ ତା ବାପ ପରି ନୁହଁ। ଝିଅମାନଙ୍କ ଛାଇ ମାଡିବା ପିଲା ସିଏ ନୁହଁ। ତା ସାଙ୍ଗମାନେ ଯେତେବେଳେ ନଚିକେତା ବିଷୟରେ ଏମିତି କଥାମାନ କୁହନ୍ତି, ସୁଜାତା ଆଶ୍ୱସ୍ତ ହୁଏ... । ଖଟତଳେ ଥୁଆ ହେଇଥିବା ରଙ୍ଗଛଡା ପୁରୁଣା ବାକ୍ସଟିକୁ ଦେଖି ଦୀର୍ଘଶ୍ୱାସ ମାରେ ।

ସେଦିନ ଖରାବେଳେ ନଚିକେତାର ଏକା ଜିଦ୍... ସାଙ୍ଗମାନଙ୍କ ସାଙ୍ଗରେ ପାହାଡ ଉପରକୁ ଯିବ। ସେ ମନ୍ଦିର ପାଖରେ ଝରଣା କୂଳରେ ବଣଭୋଜିର ଆସର। ତା ସାଙ୍ଗମାନେ, ତଥାଗତ, ସରୋଜ, ମଳୟ କରି ଆଉ ତିନିଜଣ ବି ଯିବେ । ସେମାନେ ଗୋଟେ ଭଡା କାରରେ ବାହାରିଗଲାବେଳେ ସୁଜାତା ପଛରୁ ଡାକିଲା, ଧନ... ତୋ ପାଣି ବୋତଲ ରହିଗଲା ଯେ... ।

ନଚିକେତା ନଶୁଣି ଚାଲିଗଲା ।

ପାହାଡ ଉପରେ ଝରଣା କୂଳରେ ସେ ଚାରିଜଣଙ୍କ ସାଙ୍ଗରେ ଭୋଜିରେ ଯୋଗ ଦବା ପାଇଁ ଆଉ ଦୁଇଜଣ ବି ଆସି ପହଞ୍ଚିଲେ। ନଚିକେତା ତ ସବୁବେଳେ ମାଆଙ୍କ ପଣତକାନିରେ ବନ୍ଧା । ଆଜି ଜାଣି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶେଷ ହବା ପରେ ସେ ଘାଇରୁ ମୁକୁଳି ବାହାରକୁ ବାହାରି ଆସିଛି । ସେ ଇଚ୍ଛା କଲା ସ୍କୁଟି ଚଲେଇବାକୁ। ତା ସାଙ୍ଗମାନେ କହିଲେ, ସାଇକେଲ ଚଲେଇ ଜାଣିଥିଲେ ସ୍କୁଟି ଚଲେଇବାଟା କି ବା ବଡ କଥା । ସେମାନେ ସ୍ୱାତୀକୁ କହିଲେ, ଯା... ନଚିକେତାକୁ ତୋ ସ୍କୁଟିରେ ନେଇ ତାକୁ ଚଲେଇବା ଶିଖେଇ ଦେ... ଆଗକୁ ତୁମ ଦୁଇଜଣଙ୍କ କାମରେ ଆସିବ ।

ସେତେବେଳେ ଚାଲିଥାଏ ବସନ୍ତ ଋତୁର ରାଜୁତି । ଉଷୁମ ପବନ ଭିତରେ ଲୁଚି ଥଣ୍ଡା ପବନ ମଝିରେ ମଝିରେ ତୁହାଏ ବହିଯାଉଥାଏ । ଦେହରେ ଲାଗିବା କ୍ଷଣି ଲାଗୁଥାଏ ଯେମିତି ସାତ ରଙ୍ଗର ବାଦଲରେ ଉଡି ବୁଲିବା ପରି । ତା ସାଙ୍ଗମାନେ ଯାହା ଭାବୁଥିଲେ ସେ ସେଇଆ ନଥିଲା । ସେ ଥିଲା ଅଭିଜ୍ଞ ପାଇଲଟ୍। ସ୍କୁଟି କି' ବା ସାମାନ୍ୟ ଯାନ ତା ଆଗରେ ।

ପୁଷ୍ପିତ କାନନ। କାନନର କୋଣ ଅନୁକୋଣ କୋକିଳର ଗୁଞ୍ଜନରେ ଅନୁରଣିତ। ନଚିକେତାର ଶିରା ପ୍ରଶିରାରେ ବହୁଛି ଏକ ଘାତକ ରାସାୟନିକ ପଦାର୍ଥ... ସେରୋଟିନିନ। ସ୍ୱାତୀ ଯେତେବେଳେ ତା ଅଣ୍ଟାକୁ ଜାବୁଡି ଧରୁଛି, ତାର ଅଙ୍ଗ ସୌଷ୍ଟବର କୋମଳ ସ୍ପର୍ଶରେ ଏ ରାସାୟନିକ ପଦାର୍ଥର କ୍ଷରଣ ଆହୁରି ବଢିଯାଉଛି ।

କିଏ କହିଲା, ଆଜିକାଲି ବସନ୍ତ ଋତୁ ହଜିଯାଇଛି ବୋଲି ! କିଏ କହିଲା, ଆଜିକାଲି ଖାଲି ଦାରୁଣ ନିଦାଘ... ।

ସ୍ୱାତୀ ନଚିକେତାର ଛାତିର ସାମନାପଟେ ତା ହାତଦୁଇଟିକୁ ବଢେଇ ତାକୁ ନାଗଫାଶରେ ବାନ୍ଧିଦେଇଥିଲା ।

କୋଉ ଗୋଟେ ଜଙ୍ଗଲରୁ ଆସିଥିଲା ଗୋଟେ ପଶୁ ପ୍ରାୟ ଲୋକ। ଲମ୍ବା ଫଟା ପାଇଜାମା କୁର୍ତ୍ତା ପିନ୍ଧିଥିଲା ପାଗଳ ଲୋକଟା, ମୁହଁରେ ସାଲୁବାଲୁ ଅସନା ନିଶଦାଢୀ, ଚୁଟିଗୁଡାକ ଜଟ ହେଇ ମୁଣ୍ଡରୁ ବରଗଛ ଓହଳ ପରି ତଳକୁ ଖସିପଡିଥିଲା । ଖରାଦିନର ଡହ ଡହ ତାତିରେ ବି ଚିରା ଫଟା କମ୍ବଳରେ ଦେହକୁ ଢାଙ୍କିଥିଲା । ରାସ୍ତା ଧାରରେ ଏକ ପଳାସ ଗଛର ଛାଇଟିକକ ତଳେ ଦେହକୁ ଲୁଚେଇ ଠିଆ ହେଇଥିଲା।

ଦେଖଣାହାରୀମାନେ ହାଁ... ହାଁ... କହୁ କହୁ ସେ ଡେଇଁ ପଡିଲା ନଚିକେତା ଓ ସ୍ୱାତୀର ସ୍କୁଟି ଆଗକୁ ।

ସ୍ୱାତୀ ସ୍କୁଟିରୁ ଡେଇଁ ପଡିଲା । ନଚିକେତା ପଡିଯାଉଥିଲା, କିନ୍ତୁ ଲୋକଟା ତତକ୍ଷଣ ସ୍କୁଟି ସହିତ ନଚିକେତାକୁ ସମ୍ଭାଳି ନେଲା ।

"ହଇଓ ବୁଢା ମଉସା... ଏଡେ ବଡ ବଡ ଆଖି ଦୁଇଟା ପାଇଛ... ତମକୁ କଣ ତଥାପି ଦେଖାଯାଉନି । ମରିବାକୁ ଆଉ କୋଉଠି ଜାଗା ମିଳିଲାନି... !" ସ୍ୱାତୀ ଗାଳିଦେଲା ପାଗଳ ଲୋକଟାକୁ ।

ଗୋଟେ ଝଡ ପରି ଲୋକଟା ଆସିଥିଲା, ହଠାତ କୁଆଡୁ ଆସିଥିଲା, କିଏ ଜାଣେ ! ପୁଣି କୁଆଡେ ପଳେଇଲା ବି କିଏ ଜାଣେ ! ଆଗରୁ ତ ଏ ଅଞ୍ଚଳରେ କେବେ ତାକୁ କେହି ଦେଖିନାହାନ୍ତି । ଯେମିତି ସେ ଆସି ଧକ୍କା ହେଇଥିଲା ନଚିକେତା ଦେହରେ, ସେମିତି ଏକମୁଖୀ ହେଇ ଫେରି ଯାଉଥିଲା  ଦୂର ପଳାଶବନ ପଥରେ, ନଚିକେତା ଓ ସ୍ୱାତୀର ବିପରୀତ ଦିଗରେ ।


ସ୍ୱାତୀ କହୁଥିଲା ..., "ଏଇ ଧର ଧର, ଚୋର ଲୋକଟା ପଳଉଛି ।"

ବିଜୁଳିର ଝଟକ ପରି ଲୋକଟା କୁଆଡେ ଉଭାନ ହେଇଗଲା ହେ !

ନଚିକେତା କିନ୍ତୁ ତଟସ୍ଥ ହେଇ ଠିଆ ହେଇଥିଲା । ଲୋକଟା ଯୋଉଠି ଯୋଉଠି ତା ଦେହକୁ ସ୍ପର୍ଶ କରିଥିଲା, ସେ ସବୁ ଜାଗାରେ ଅଦ୍ଭୁତ ଶିହରଣ ଖେଳୁଥିଲା ।

****

**ଶୈଳେନ୍ଦ୍ର ଜେନା**
କ୍ୱାର୍ଟର୍ ନଂ.: ସି-୨୮, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୦୩
ଇ ମେଲ୍: sailendrakjena@gmail.com


Ajit Singh : 9999005729
Kapil : 9999005329
Manager : 9990005329
Nakul : 9999109938

RAJ SAI
CATERERS & DECORATORS
*Exquisite Tenting & Decoration*
P-229, Pillanjil Village, Sarojini Nagar,
New Delhi-110023
rajsaitentanddecorators
rajsaitentanddecorators@gmail.com



# ଭଲ ବୋହୂ

ହାଣ୍ଡିଶାଳରୁ ଆରମ୍ଭ ହେଇଥିବା କଥାଟା ଚଟ୍ କରି କେମିତି ଢ଼ିଙ୍କିଶାଳରେ ଯାଇ ପହଞ୍ଚିଗଲା କେଜାଣି ! କହୁ କହୁ କହି ଦେଇଥିବା କଥା ପଦକ ଏମିତି ଭୀଷ୍ମରୂପ ଧରି ତାଙ୍କ ଘରଗୃହସ୍ଥୀ ଉପରେ ଓଜାଡି ହେଇପଡିବ ବୋଲି ଜାଣିଥିଲେ, ସୁଲକ୍ଷଣା କ'ଣ କେବେ ବି କହିଥାଆନ୍ତେ ସେତକ ! ତା' ପୁଣି କାଲିକାର ଏଇ ଝିଅଟା ଆଗରେ ! ଯାହାକୁ ଘରଗୃହସ୍ଥୀର 'ଅ .. ଆ' ଜଣାନାହିଁ କି ଜଣାନାହିଁ ଭଲମନ୍ଦର ପରଖ । କୋଉଠି କେତେ ପାଟି ଖୋଲି କହିବ, କେତେ ନିଜ ଭିତରେ ଚାପିବ, ସେତିକି ନ ଶିଖିପାରି କ'ଣ ସଂସାର କରିପାରିବ କେହି ! ହେଲେ ଆଜିକା ଛୁଆ କ'ଣ ସେତକ ବୁଝନ୍ତି କି ! ସେମାନେ ଖାଲି ଜାଣନ୍ତି ମନକୁ ନ ପାଇଥିବା କଥା ଉପରେ ସାଙ୍ଗେ ସାଙ୍ଗେ ନିଜ ପ୍ରତିକ୍ରିୟା ଦେଖେଇଦେବା ! ସାମ୍ନାରେ ତେଣିକି ବଡମାନେ ଥାଆନ୍ତୁ କି ଛୋଟ ! ହୁଁଃ .. ସେମିତି କ'ଣ ହେଲାଣି କୋଉଠି !

ମୁଣ୍ଡରେ ହାତ ଦେଇ ବସି ରହିଥିଲେ ସେ । ଏତେ ବର୍ଷର ତପସ୍ୟା ..ଛି, ଏମିତି କେମିତି ଭୁଲ୍ କରିବସିଲେ !

ସେପଟ ଘରର ଫୁସୁର ଫାସର, ଯୁକ୍ତିତର୍କ, କଥା କଟାକଟି, ସବୁ ତାଙ୍କ କାନ ଶୁଣୁଛି । ଆଉ ସେସବୁ ଶୁଣୁଛନ୍ତି ବୋଲି ଥ ମାରି ବସିଛନ୍ତି ଯେ ବସିଛନ୍ତି । ଉଠିବାକୁ ବଳ ପାଉନାହିଁ କି ନିଜ ବିପକ୍ଷରେ ଚାଲିଥିବା ମନ୍ତ୍ରଣାର ବିରୋଧ କରିବାକୁ ସାହସ କରି ପାରୁନାହାନ୍ତି । ରହି ରହି କେବଳ ନିଜକୁ ହିଁ ଗାଳି ଦେଇ ଚାଲିଛନ୍ତି । ଛି, କେତେ ବଡ ଭୁଲ୍ ହେଇଗଲା ସତରେ ! ଏତେ ବର୍ଷରୁ ସବୁକିଛିକୁ ପଣତ ଭିତରେ ଲୁଚେଇ ଲାଚେଇ ଭଲବୋହୂର ମାନ୍ୟତା ପାଇ ଗାଆଁ ଦାଣ୍ଡରେ ମୁଣ୍ଡ ଉଠେଇ ଚାଲିଛନ୍ତି । ଘରେ ବାହାରେ, ସମସ୍ତଙ୍କର ପ୍ରିୟପାତ୍ରୀ ହେଇଛନ୍ତି । ହେଲେ ଆଜି ପରେ ଆଉ କ'ଣ ସେପରି ରହିବ ପରିସ୍ଥିତି ! ସମସ୍ତଙ୍କ ନଜରରେ ଆଜି ପର୍ଯ୍ୟନ୍ତ ଯୋଉ ସ୍ନେହଶ୍ରଦ୍ଧା ତାଙ୍କ ପାଇଁ ଭରି ରହିଥିଲା, ଆଉ କ'ଣ ପାଇବେ ସେସବୁ ସେ?

ଅନ୍ୟମାନଙ୍କ କଥା ଛାଡ, ଯାହାର ଅନୁଗାମିନୀ ହେଇ ଦୀର୍ଘ ବତିଶ ବର୍ଷର ଲମ୍ବା ପଥକୁ ହସି ହସି ଅତିକ୍ରମ କରିଛନ୍ତି, ସେହି ଇହକାଳର ପରକାଳର ଦେବତାଙ୍କ ଆଗରେ ଭଲା ମୁଣ୍ଡ ଉଠେଇ ଠିଆ ହୋଇ ପାରିବେ ! ଦୁଃଖ ଅପମାନରେ ମୁଣ୍ଡ ଲଇଁଯିବନି ତାଙ୍କର ! ସତରେ ଏମିତି କରିବାଟା ଠିକ୍ ହେଲାନି । କେଜାଣି କେମିତି ପାଟି ଖୋଲିଗଲା । ବତିଶ ବର୍ଷ ତଳେ ବାପଘରୁ ବିଦା ହୋଇ ଆସିଲା ବେଳେ ବୋଉ ତାଙ୍କର କାନେ କାନେ ତାଙ୍କୁ କହିଥିଲା, "ଝିଅଲୋ, ଶାଶୁଘର ଗୋଟିଏ ଯଜ୍ଞ, ସେ ଯଜ୍ଞରେ ପ୍ରତି ମୁହୂର୍ତ୍ତରେ ନିଜକୁ ହିଁ ଆହୁତି କରିବାକୁ ପଡେ । ନିଜ ମାନସମ୍ମାନ, ଭଲମନ୍ଦ ଅପେକ୍ଷା, ବଂଶର ମାନସମ୍ମାନ, ଭଲମନ୍ଦ ଦେଖିବା ବୋହୂର ପ୍ରଥମ କର୍ତ୍ତବ୍ୟ । ଯେତେ କଷ୍ଟ ହେଲେ ବି ଛାତିତଳର କଥା ଛାତି ତଳେ ହି ରଖିବୁ । ପାଟି ପାଇଁ ଆହୁରି ଅନେକ କାମ ଅଛି, ତାକୁ ଛାତିର ସାଙ୍ଗ କରିବୁନି .."

ମାନି ଆସିଛନ୍ତି ବୋଉ କଥା ସେ ଆଜୀବନ । ସେଥିପାଇଁ ତ ବତିଶ ବର୍ଷର ସଂସାରରେ କଳାଦାଗଟିଏ ଲାଗିପାରିନି । କିନ୍ତୁ ଆଜି .. ଆଜି ପରେ ସବୁକିଛି ବଦଳିଯିବ । ଯେଉଁ ରଙ୍ଗୀନ ଚଷମା ଭିତରୁ ଦୁନିଆକୁ ସେ ଦେଖୁଥିଲେ, ନିଜ ଅସାବଧାନପଣ ପାଇଁ ସେ ଚଷମାକୁ କାଢ଼ି ଅନ୍ୟ ହାତରେ ଧରେଇ ଦେଇଛନ୍ତି । ଯା' ପରେ ସେ'ଟା ଭାଙ୍ଗିବ କି ରହିବ, କିଏ କହିପାରିବ !

ଗବ ଗବ ହେଇ ଭାତ ଫୁଟୁଛି, ଆଉ ତା'ଠୁ ଜୋର୍ ରେ ଛାତି ଭିତରୁ ଉତୁରି ଆସୁଛି କୋହ । ସେ ନିଜକୁ ସମ୍ଭାଳିବାକୁ ଚାହୁଁଥିଲେ, ବୁଝେଇବାକୁ ଚାହୁଁଥିଲେ, .. କିନ୍ତୁ ଅମାନିଆ ମନ ବୁଝିଲେ ତ !

ସେପଟ ଘରୁ ଶାଶୂଙ୍କର ଅସନ୍ତୁଷ୍ଟିଆ ସ୍ୱର, "ରାଧାମାଧବ ଦେଖୁଛନ୍ତି, ବୁଝୁଛନ୍ତି .. ଆଉ କିଛି କହିବା ଦରକାର ନାହିଁ । ଯୁଗ ବଦଳିଲାଣି । ସମସ୍ତେ ନିଜ ନିଜ କଥା ବୁଝିବାକୁ ସକ୍ଷମ । ମିଛୁଟାରେ ମୁଁ କାହିଁ ସବୁକିଛି ଆଟେଇ ବସିଥିବି ! ଯିଏ ଯାହା ଚାହୁଁଛି, କରୁ । ପଛରେ କାହିଁକି ଦୋଷ ଦେବ ମତେ .."

ଏସବୁ ସୁଲକ୍ଷଣାଙ୍କ ଉଦ୍ଦେଶ୍ୟରେ ହି କୁହାଯାଉଛି । ଗୋଡହାତ ଝିମ୍ ଝିମ୍ ହେଇଗଲା ତାଙ୍କର । ଶାଶୂ ଶ୍ୱଶୁର, ଯା' ଦେଢ଼ଶୁର, ଦିଅର ନଣନ୍ଦ, ସ୍ୱାମୀ ସନ୍ତାନରେ ଭରା ପରିବାର ତାଙ୍କର । ସଜେଇ ସାଜେଇ ଆଜି ପର୍ଯ୍ୟନ୍ତ ରଖି ଆସିଛନ୍ତି । ଆଜି ତାଙ୍କରି ପାଇଁ ସବୁ ଅସଜଡା ହେଇଗଲା ।

"ତୁ ଥରେ ତାକୁ ପଚାରି ବୁଝୁନୁ । ସତରେ ଏମିତି କିଛି ତା' ମନରେ ଯଦି ଥିବ, ତେବେ ସେସବୁ ଦୂର କରିବା କ'ଣ ଆମ କର୍ତ୍ତବ୍ୟ ନୁହେଁ !" ବୃନ୍ଦାବନଙ୍କର ସ୍ଥିର ଅବିଚଳିତ କଣ୍ଠସ୍ୱର ସାମାନ୍ୟ ଆଶ୍ୱସ୍ତ କରୁଥିଲା ତାଙ୍କୁ । ସେ ସ୍ୱରରେ ତାଙ୍କ ପ୍ରତି ସାମାନ୍ୟ ଚିନ୍ତା ଥିଲା ପରି ବି ଲାଗୁଥିଲା । ତା'ମାନେ, ଯେତିକି ଭୟ କରୁଥିଲେ, ସେତେ ବିଗିଡି ଯାଇନି କଥାଟା । ବୋଧହୁଏ ରୁଚିକୁ ପିଲାଲୋକ ଭାବି ତା' କଥା ଉପରେ ଗୁରୁତ୍ୱ ଦେଉନାହାନ୍ତି ସେ । ଶାଶୂଙ୍କ ସ୍ୱରରୁ ଅବଶ୍ୟ ସେପରି ଜଣା ପଡୁନଥିଲା । ତଥାପି ବୃନ୍ଦାବନ ତାଙ୍କ ଉପରେ ଭରସା ରଖିଛନ୍ତି । ସେ ଯେ ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ନଥିବେ, ସେକଥା ସେ ଜାଣନ୍ତି । ତଥାପି ...
"ଏଥିରେ ପଚାରି ବୁଝିବାର ଆବଶ୍ୟକତା କୋଉଠି ରହିଲା ! ଏତେ ବର୍ଷ ହେଲା ଆପଣମାନଙ୍କ ଆଖି କ'ଣ ସେସବୁ ଦେଖି ପାରୁନାହିଁ ଯେ, ତାଙ୍କୁ ପଚାରିବେ ! କ'ଣ ବା ପଚାରିବେ ? ରୋଷେଇଘରର ସେଇ ନୁଆଁଣିଆ ଚାଳଘରର ଚାରିକାନ୍ଥ ଭିତରେ ନିଆଁ ଧୂଆଁ ସହ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ନିଜକୁ ଜାଳିପୋଡି ଛାରଖାର କରିଦେଇ ତୁ କ'ଣ ସୁଖୀ ହେଇନୁ ! ଏଇ କଥା ତ ?"

ଧପ୍ କରି ଛାତିରୁ ଅତଡାଏ ଖସିପଡିଲା । ଏ କ'ଣ କହୁଛି ରୁଚି ! ଏମିତିଆ କଥା ଦିନେ କେବେ ସେ ଚିନ୍ତା ବି କରିପାରିବେନି ! ଆଉ ସମସ୍ତଙ୍କ ମୁହଁ ଉପରେ ସେ କହିଦେଇ ପାରିଲା !!

ଶାଶୂ ଶ୍ୱଶୁର, ଯା' ଦେଢ଼ଶୁର, ସବୁ ବଡମାନେ ଅଛନ୍ତି ସେଇଠି ... ନା, ନା, ଏତେ ଉଦ୍ଦଣ୍ଡତା କ୍ଷମାଯୋଗ୍ୟ ନୁହେଁ । ବଡମାନେ ନିଶ୍ଚୟ ତାକୁ ଆକଟ କରିବା କଥା । କୁହନ୍ତୁ, ଯାହା କହିବା କଥା କୁହନ୍ତୁ । ସାତ ସାନ ବୋଲି, ସହରରୁ ଆସିଛି ବୋଲି, ସବୁ ଅଝଟ, ସବୁ ଅମାନିଆ ପଣକୁ ତା'ର ପିଲାଳିଆମୀ କହି ସେ ହସି ଦେଉଥିଲେ । ସମସ୍ତଙ୍କ କୋପରୁ ରକ୍ଷା କରିଆସିଥିଲେ । କିନ୍ତୁ ଆଜି ପରେ ଆଉ ନୁହେଁ । ତାକୁ ରକ୍ଷା କରୁ କରୁ ତାଙ୍କ ନିଜ ଆସନ ଯେ ଟଳମଟଳ ଅବସ୍ଥାକୁ ଆସିଗଲାଣି !

ପାଠଶାଠ ଦି' ଅକ୍ଷର ପଢ଼ିଛି ବୋଲି କ'ଣ ବଡମାନଙ୍କୁ ଖାତର ନକରି ଯାହା ଇଛା ତାହା କହିଯିବ ! ସେ କ'ଣ ତାକୁ ଏଇଆ କହିଥିଲେ ! ଏ ଘରର ବୋହୂ ସେ ନିଜେ, ସମସ୍ତଙ୍କର ସେବା ଆଦର କରିବା ତାଙ୍କର ଧର୍ମ । ସମସ୍ତଙ୍କ ପେଟ ଚିହ୍ନି ପରଶିବା ତାଙ୍କ କର୍ତ୍ତବ୍ୟ, ଆଉ ସେଇ କଥାକୁ ଏତେ ବଢ଼େଇ ଚଢ଼େଇ କରି ରୁଚି କେମିତି

କହିଯାଉଛି । ଛି, ଛି, କ'ଣ ଭାବୁଥିବେ ସମସ୍ତେ ତାଙ୍କ ବିଷୟରେ ! ମାଟି ଫାଟି ଯାଆନ୍ତା କି, ନିଜର ଅଲାଜୁକ ମୁହଁକୁ ଲୁଚେଇ ସମସ୍ତଙ୍କ ଠାରୁ ସେ ଦୂରେଇ ଯାଆନ୍ତେ ।

ପୁଣି ଶୁଭିଲା ରୁଚିର ସ୍ୱର, "ଯୁଗ ଯାଇ କୋଉଠି ପହଞ୍ଚିଲାଣି ! ଏ ପୂଜାପାଠ, ନୀତି ନିୟମ, ଛୁଆଁଛୁତି ବାରଣ ଭିତରେ ହି ଆପଣମାନେ ବୁଡି ରହି ପାରୁଛନ୍ତି କେମିତି ! ଯେଉଁ ନିୟମ କାନୁନ୍‌କୁ ଜାବୁଡି ଧରିଛନ୍ତି, ତାହା କେତେ ଦୂର ବ୍ୟବହାରଯୁକ୍ତ, ବିଜ୍ଞାନସମ୍ମତ, ସେକଥା ଥରେ ହେଲେ ଚିନ୍ତା କରିଛନ୍ତି କି ! ତା'ଛଡା, ସବୁ ନିୟମ କାନୁନ କେବଳ ଘରର ସ୍ତ୍ରୀଲୋକଙ୍କ ପାଇଁ କାହିଁକି ? ପୁରୁଷମାନେ ବି ତ ମାନି ପାରନ୍ତେ ! ଉପାସ କରିବାଟା କିଛି ଖରାପ କଥା ନୁହେଁ, କିନ୍ତୁ ବ୍ରତ ନାଁରେ ଏସବୁ ପିଠାପଣା କରି ଯା'କୁ ତାକୁ ବାଣ୍ଟି କ'ଣ ଆପଣମାନେ ପ୍ରମାଣ କରିବାକୁ ଚାହାନ୍ତି ? ନିଜ ସାମର୍ଥ୍ୟପଣ ? କିନ୍ତୁ କ'ଣ ଲାଭ ଏ ସାମର୍ଥ୍ୟପଣରେ ? ସେସବୁ ପରକୁ ଦେଖୋଉ ଦେଖୋଉ ଉପାସ ପେଟରେ ଦିନରାତି ଖଟୁଥିବା ଘରର ସ୍ତ୍ରୀ ଲୋକମାନେ ତ ଦିନକୁ ଦିନ ଅସମର୍ଥ୍ୟ ହେଇ ହେଇ ଚାଲିଛନ୍ତି ସମସ୍ତଙ୍କ ଅଜାଣତରେ ! ସେମାନଙ୍କ କଥା ଥରେ ହେଲେ ଭାବିଛନ୍ତି କେବେ ! ଏସବୁ ଭିତରେ ସେମାନେ ଯେ ମଣିଷରୁ ମେସିନ୍ ପାଲଟି ଯାଉଛନ୍ତି, କେବେ ଦେଖା ଯାଉନି ଆପଣ ସମସ୍ତଙ୍କୁ ?"

"ବଡମାନଙ୍କ ଆଗରେ ଏପରି ଉଚ୍ଚ ସ୍ୱରରେ ଯୁକ୍ତି କରିବା ଆମ ଘରର ପରମ୍ପରା ନୁହେଁ । ତୁମ ସହରରେ ସେମିତି ଚଳୁଥିବ । କିନ୍ତୁ ଏଠିକୁ ଆସିଛୁ ଯେତେବେଳେ, ଏଠିକାର ନିୟମ କାନୁନ୍ ମାନି ତତେ ଚାଲିବାକୁ ପଡିବ । ତୋ' କଥାରେ ଜେଜେମାଆକୁ କଷ୍ଟ ହେଇଛି । ତାଙ୍କୁ କ୍ଷମା ମାଗିବା ଉଚିତ ତୋର । ଆଉ ଗୋଟିଏ କଥା, ଏ ଘରେ ଯାହା ଯେମିତି ପ୍ରଥମରୁ ଚାଲିଛି ସେମିତି  ହିଁ ଚାଲୁରହିବ । ଦିନ କେଇଟାର ବୋହୂ ତୁ, ତୋ' ପାଇଁ ସବୁକିଛି ବଦଳି ଯିବନାହିଁ । ତତେ ଯଦି ଏଠିକାର ପରିବେଶ ଭଲ ନଲାଗୁଛି, ତେବେ ନିରଞ୍ଜନକୁ ସାଙ୍ଗରେ ନେଇ ବାହାରେ ଯାଇ ତୁ ତୋର ନୂତନ ଗୃହସ୍ଥୀ ଆରମ୍ଭ କରିପାରିବୁ । ଯଦିଓ ଆମ ଘରର ନିୟମ ସେଇଟା ନୁହେଁ, ତଥାପି ସମସ୍ତଙ୍କ ଭଲ ପାଇଁ ଆମେ ସେ ବ୍ୟବସ୍ଥାକୁ ସ୍ୱୀକୃତି ଜଣେଇ ଦବୁ ।"

ଶ୍ୱଶୁରଙ୍କର ଗୁରୁଗମ୍ଭୀର ସ୍ୱର କ୍ଷଣିକ  ପାଇଁ ପରିବେଶକୁ ବୋଝିଲା କରିଦେଲା । ରୁଚିର ସ୍ୱର ଆଉ ଶୁଭି ନ ଥିଲା । ଭଲ ହେଲା, ଆପାତତଃ ସେଇଆ ହିଁ ହବା ଦରକାର ଥିଲା । ବାହାରେ କୋଉଠି କିଛି ଆଲୋଚନା ହେବା ଅପେକ୍ଷା ବରଂ ଘରକଥା ଘର ଭିତରେ ହିଁ ସମାଧାନ ହେଇଗଲା । ସକାଳ ପହରୁ ଉଠିଥିବା ଝଡ ବିଶେଷ କିଛି କ୍ଷୟକ୍ଷତି ନ ଘଟେଇ ଶାନ୍ତ ହୋଇଗଲା । କାରଣ ଆଜି ପର୍ଯ୍ୟନ୍ତ ସୁଲକ୍ଷଣା କାହାକୁ ଏ ଘରେ ଦେଖିନାହାନ୍ତି ଶ୍ୱଶୁରଙ୍କ କଥା ଉପରେ କଥା କହିବାର । ଘରର ପୁଅମାନେ ଯୋଉଠି ବାପାଙ୍କ ସାମନାରେ ସିଧା ହୋଇ ଠିଆ ହେବାକୁ ବି ସଂକୋଚ କରନ୍ତି, ସେଠି ଝିଅ ବୋହୂମାନଙ୍କ କଥା ବା ଉଠିବ କାହିଁକି ! ଆଉ ରୁଚି ତ ସହଜେ ମାସ କେଇଟାର ସଦସ୍ୟ !

ଚୁଲିରେ କାଠ ଦିଇଟା ଗେଞ୍ଜି ଦେଉ ଦେଉ ସେ ସକାଳର କଥା ଉପରେ ଆଉ ଟିକିଏ ତର୍ଜମା କରିବାକୁ ଲାଗିଲେ । ଏମିତି କଣଟା କହିଦେଲେ ସେ ! ଖାଲି ଏଇଆ ଯେ – 'ମୁଁ ତ ରୋଷେଇଘରର ଏ କାନ୍ଥ ବାହାରର ଦୁନିଆ ବିଷୟରେ କିଛି ବି ଜାଣିନାହିଁ, ତେଣୁ ତୁ କହୁଥିବା କଥା ମୋ ମୁଣ୍ଡରେ କିଛି ପଶୁନି । ରୋଷେଇ ଉପରେ କିଛି କଥା ଥିବ ଯଦି ମତେ କହ, ମୁଁ ଉତ୍ତର ଦେଇପାରିବି ।' ତାଙ୍କ କଥା ଶୁଣି ଚମକି ପଡିଥିଲା ରୁଚି । ଆଶ୍ଚର୍ଯ୍ୟ ଚକିତ ସ୍ୱରରେ କହିଥିଲା, "ବୋଉ, ଆପଣ ପାଠ ପଢ଼ିଛନ୍ତି । ଖାଲି ସ୍କୁଲ୍ ନୁହେଁ, କିଛି ଦିନ ପାଇଁ କଲେଜ୍ ବି ଯାଇଛନ୍ତି । ଆଉ ଏଇ ସାମାନ୍ୟ କଥା କାହିଁ ବୁଝି ପାରିବେନି ବୋଲି କହୁଛନ୍ତି ? ହିଁ, ଏକଥା ସତ ଯେ ସେ ଯୁଗର ପାଠ ଆଉ ଏବେକାର ପାଠ ଭିତରେ ବହୁତ ଫରକ ଆସିଗଲାଣି । ହେଲେ ମୁଁ କହୁଥିବା କଥାକୁ ଜାଣିବା ପାଇଁ ସେସବୁର ଆବଶ୍ୟକତା କିଛି ବି ନାହିଁ । ଏଇଟା ଗୋଟେ ଖୁବ୍ ମାମୁଲି କଥା । ଆଜିକାଲି ପିଲାମାନେ ଯେମିତି ମୋବାଇଲ୍ ବ୍ୟବହାର କରୁଛନ୍ତି, ସେମିତି ଯା'କୁ ଆପଣ ବେଶ୍ ଆରାମରେ ବ୍ୟବହାର କରି ପାରିବେ । ହେଇ ଦେଖନ୍ତୁ, ଏମିତି ହାତରେ ଲଗେଇ ତା'ର ସୁଇଚ୍ ଅନ୍ କରିବେ ଆଉ ସେ ଆପେ ଆପେ କହିବ ଆପଣଙ୍କର ରକ୍ତ ସଞ୍ଚାଳନଟା ଠିକ୍ ଭାବରେ ହେଉଛି କି ନାହିଁ । ଏ କଣ୍ଟାଟା ଏପଟକୁ ଗଲେ ଠିକ୍ ଚାଲିଛି, ଆଉ ଓଲଟା ପଟକୁ ଗଲେ ଖରାପ । ଯଦି ଖରାପ ଆଡକୁ ବେଶୀ ଯାଉଥିବ ତେବେ ଗୋଟେ ଦି'ଟା ଏକସ୍ରସାଇଜ୍ ମୁଁ ଶିଖେଇଦେବି । ଆପଣ ତାକୁ ନିୟମିତ କଲେ, ସଂପୂର୍ଣ୍ଣ ଠିକ୍ ହେଇଯିବେ । ନହେଲେ ସମସ୍ୟା ବଢ଼ିବ ଆଉ ବେଶି ବେଶି ଖରାପ ହେଇଯିବ ଦେହ । ହାତର ଏ ଅସ୍ୱାଭାବିକ ଫୁଲାଟା କିଛି ଭଲ ଲକ୍ଷଣ ନୁହେଁ ।"

"ନା, ମୁଁ ଏଥିରୁ କିଛି ବୁଝି ପାରୁନି । ତୁ ଆଉ କାହାକୁ କହ, ସେ ଶିଖିଯିବ । ଆସି ଟିକେ ପରୀକ୍ଷା କରିଦେବ ସଞ୍ଚାଳନ ଠିକ୍ ଭାବରେ ହେଉଛି ନା ନାହିଁ ।"

"ଆରେ ଏଥିରେ ଏମିତି କଣଟା ଅଛି ନବୁଝି ପାରିବା ଭଳି ! ସଫା ସଫା ତ ବୁଝେଇ ଦେଲି ! ଅନ୍ୟ କାହାକୁ କ'ଣ, ମୁଁ ନିଜେ ବି କରିଦିଅନ୍ତି, କିନ୍ତୁ ମୁଁ ଚାହୁଁଛି ଆପଣ ଯେମିତି ସମସ୍ତଙ୍କ ପାଇଁ ଏତେ ଚିନ୍ତା କରୁଛନ୍ତି, ନିଜ ପାଇଁ ବି ସେତିକି ଚିନ୍ତା କରନ୍ତୁ । ବାସ୍, ହେଇଗଲା ନିଜକୁ ତିଳ ତିଳ କରି ଜାଳିବା । ରୋଷେଇ ଘରର ବାହାରେ ବି ଦୁନିଆ ଅଛି । ସେ ବିଷୟରେ କିଛି ଜାଣନ୍ତୁ ଏଥର ।"

"ଆଉ ଏ ବୟସରେ ସେସବୁ ଜାଣି ମୁଁ କ'ଣ କରିବି ! ଯେବେ ଜାଣିଥିଲେ କିଛି ଲାଭ ହେଇଥାନ୍ତା, ସେତେବେଳେ ତ ମୁଣ୍ଡରୁ ଓଢ଼ଣା ବି ଖସେଇ ପାରିନି । ଆଉ ଦୁନିଆ କ'ଣ ଦେଖିଥାନ୍ତି !"

"ଆପଣ ବି ବୋଉ .." ତା' ସ୍ୱରରେ ସାମାନ୍ୟ ବିବ୍ରତ ଭାବ ଦେଖା ଦେବାର ଅନୁଭବ କରିଥିଲେ ସୁଲକ୍ଷଣା । ତଥାପି ରୁଚି କହୁଥିବା କଥା ନିଜ ମୁଣ୍ଡରେ ପଶେଇ ପାରିଲେ ନାହିଁ । ଏମିତି ଚାହିଁ ରହିଲେ ତା' ମୁହଁକୁ, ସତେ ଯେମିତି ଜୀବନରେ ପ୍ରଥମ ଥର ପାଇଁ ଡାକ୍ତର ଆଉ ତା' ମେସିନ୍ ପତ୍ରକୁ ଦେଖୁଛନ୍ତି ।

ହିଁ, ପ୍ରଥମ ଥର ନୁହେଁ ତ ଆଉ କ'ଣ ! ଦେହ ଖରାପ କାହାକୁ କହନ୍ତି, ସେ ତ ବିଗତ ବତିଶ ବର୍ଷରୁ ଜାଣି ବି ନାହାନ୍ତି । ଜର, କାଶ, ସର୍ଦ୍ଦି ଅବଶ୍ୟ ହେଇଛି, ହେଲେ ସେଗୁଡାକୁ କ'ଣ ଦେହ ଖରାପରେ ଗଣାଯାଏ । ମାଇକିନା ଜନମ ପାଇ ଏତେ ସୁକୁମାରୀ ହେଲେ କେମିତି ଚଳିବ ! ବାହାଘର ବେଳେ ବୋଉ କହିଥିଲା ତାଙ୍କୁ, 'ଟିକିଏ ଟିକିଏ କଥାରେ ଶେଯ ଧରି ପକେଇବୁ ନାହିଁ । ଘରଲୋକଙ୍କୁ ହଇରାଣ କରିବୁ ନାହିଁ । ସେମାନଙ୍କ ଦେହ ପା' ସବୁବେଳେ ଦେଖୁଥିବୁ ।'

ଆଉ ବୋଉ କଥା ମାନି ମାନି ଏତେ ବର୍ଷର ଗୃହସ୍ଥୀ ସମ୍ଭାଳି ରଖିଛନ୍ତି । ହେଲେ ଆଜି ଏ ରୁଚି ସବୁ ବିଗାଡି ପକେଇଲା । କିନ୍ତୁ ପିଲାଟିକୁ ସେ ଦୋଷ କେମିତି ଦେଇ ପାରିବେ ! ଆସିଲା ଦିନଠୁ ତ ତାଙ୍କରି ପଛରେ ଲାଗିଛି – 'ଏ କାଠଚୁଲିରେ ରୋଷେଇ କରିବା ଠିକ୍ ନୁହେଁ । ଏଥିରୁ ବାହାରୁଥିବା କଳା ଧୂଆଁ ସ୍ୱାସ୍ଥ୍ୟ ପ୍ରତି ବିପଦ । ଏତେ ପାଣିରେ କାମ କରନ୍ତୁ ନାହିଁ, ଆପଣଙ୍କର ଇଉସୁନ୍‌ଫୁଲିଆ ବଢ଼ିକି ଅଛି । ସାଇନସ୍ ଅଛି, ତେଣୁ ଆଖିକୁ ଟିକେ ଅଧିକ ବିଶ୍ରାମ ଦିଅନ୍ତୁ । ନିଆଁକୁ ଚାହିଁ ଏତେ ସମୟ ବସନ୍ତୁନି ! ଖାଲି ପାଦରେ ବାଡି ବଗିଚାକୁ ଯାଆନ୍ତୁ ନାହିଁ । ଯଦି ସମ୍ଭବ, ତେବେ ଘର ଭିତରେ ବି ଚପଲ ବ୍ୟବହାର କରିଲେ ଭଲ ।'

ଆଚ୍ଛା ଡାକ୍ତର ବୋହୂ କରିଛନ୍ତି ଯେ ପ୍ରତି ମୁହୂର୍ତ୍ତରେ ଖାଲି ଯା' କରନ୍ତୁନି ଆଉ ତା' କରନ୍ତୁନି । ଏତେ ବର୍ଷରୁ ଯାହା ସବୁ ଚାଲିଛି, ସେଗୁଡା ସବୁ ଖରାପ ବୋଲି

ବାରମ୍ବାର କହୁଛି ସମସ୍ତଙ୍କୁ । ତେଲ ମସଲା, ଘିଅ, ସବୁ ବନ୍ଦ କରନ୍ତୁ । କେବଳ ସିଝା ଖାଇଲେ ଭଲ । ରୋଷେଇ ଘରର ସନ୍ତସନ୍ତିଆ ବାତାବରଣକୁ ଆଗ ବଦଳେଇବାକୁ ପଡିବ । ଏସବୁ ତ ଯାହି ତାହି, ଚପଲ ପିନ୍ଧା କଥାରେ ଘରେ ମହାଭାରତ ତ ନିଶ୍ଚୟ ହେଇଥାନ୍ତା । କେମିତି କରି ବୁଝେଇ ଦେଲେ ସେ ! ହେଲେ ପିଲାଟା କ'ଣ ବୁଝୁଛି ! ଦିନ ରାତି ସମସ୍ତଙ୍କୁ ଖାଲି ବାରଣ ଆଉ ବାରଣ । କେବେ ସ୍ୱାସ୍ଥ୍ୟ ପାଇଁ ତ ଆଉ କେବେ ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ।

କେତେ କ'ଣ କହିଯାଉଛି ସତରେ ! ହେଲେ ତା' କଥା କିଏ ଶୁଣିବାକୁ ଯିବ ! ଯୋଉଠି ତାଙ୍କ ସ୍ୱର ଆଜି ଯାଏଁ ବାହାରିବାର ସୁଯୋଗ ପାଇନି, ସେଠି ତାଙ୍କ ବୋହୂ କହିବ, ଆଉ ଏଠିକା ଲୋକେ ଶୁଣିବେ ! କାହିଁକି ଦିନରେ ସ୍ୱପ୍ନ ଦେଖୁଛି ସେ ! କିନ୍ତୁ ପାଠ ପଢୁଆ ପିଲାଙ୍କର ଏଇଟା ଗୋଟେ ଅଜବ ଜିଦ୍ଦି ଯେ ଲୋକେ ନ ଶୁଣିଲା ପର୍ଯ୍ୟନ୍ତ ସେମାନେ କହି ଚାଲିଥିବେ । ଯେମିତି କରୁଛି ରୁଚି ! ହେଲେ ପିଲାଲୋକ ବୁଝି ପାରୁନି ଯେ ଏଥିରେ କିଛି ଲାଭ ହେବ ନାହିଁ, ବରଂ ଘର ଭିତରେ ଅପ୍ରିତିକର ପରିସ୍ଥିତି ଆହୁରି ବଢ଼ିବ । ଏମିତି ବି ନିରଞ୍ଜନ ନିଜେ ପସନ୍ଦ କରି ବାହା ହେଇଛି ବୋଲି କେତେ ଦିନ କାଳ ଘରର ବାତାବରଣ ବେଶ୍ ସରଗରମ ରହିଲା । ସେ ଝଡ ଥମୁ ନ ଥମୁଣୁ, ସେ ନିଜେ ଆରମ୍ଭ କରିଦେଲାଣି ଆଉ ଏକ ଝଡ । କ'ଣ କରିବେ, କେମିତି ସମ୍ଭାଳିବେ ! ଘରଲୋକ ତ ଅବୁଝା, ରୁଚି ବି କିଛି କମ୍ ନୁହେଁ । ସେଇଟା ଅଲଗା କଥା ଯେ ସେ ଯାହା କହୁଛି, ତାହା ସମସ୍ତଙ୍କ ଭଲ ପାଇଁ ହି କହୁଛି । କିନ୍ତୁ ବଡମାନଙ୍କ ଶାସନ ବିରୁଦ୍ଧରେ ମୁଣ୍ଡ ଉଠେଇ କହୁଥିବା କଥା ଯେତେ ଭଲ ପାଇଁ ହେଲେ ବି ତାକୁ ଶୁଣିବ କିଏ !

ସାନ ଯାଆ ରୁକ୍ମିଣୀକୁ ଚାରି ଦିନରୁ ହସ୍ପିଟାଲ୍ ରେ ନେଇ ଆଡ୍ମିଟ୍ କରେଇ ଦେଇଛି ରୁଚି । ରକ୍ତହୀନତା ପାଇଁ ମୁଣ୍ଡ ବୁଲେଇ ପଡିଗଲା ସେଦିନ ବାରଣ୍ଡାରେ ଚାଲୁ ଚାଲୁ । ଚୌକାଠରେ ପିଟି ହେଇଗଲା ମୁଣ୍ଡଟା । ଫାଟି ରକ୍ତ ବାହାରି ଆସିଲା । ଭାଗ୍ୟକୁ ରୁଚି ହସ୍ପିଟାଲ୍ ଯାଇନଥିଲା । ପରୀକ୍ଷା କରି ଦେଖିଲା ଅବସ୍ଥା ସାଂଘାତିକ । ଦିଅରଙ୍କ ଉପରେ ବିରକ୍ତ ହେଇଗଲା । ତାଙ୍କ ଭଳି ଦଣ୍ଡା ଲୋକଙ୍କୁ ଏତେ ଉଚ୍ଚ ସ୍ୱରରେ କଥା ହେଉଥିବାର ଦେଖି ରୁକ୍ମିଣୀ ସହିତ ନିଜେ ସୁଲକ୍ଷଣା ବି ଭୟରେ କମ୍ପିଗଲେ । ହେଲେ କି ସାହସ ତା'ର, ଟିକିଏ ବି ଭୟ ନକରି ବଡମାନଙ୍କର ଅନୁମତି ନ ନେଇ ନିଜ ସାଙ୍ଗରେ ନେଇଗଲା ହସ୍ପିଟାଲ୍ ।

ସେଇ ଦିନଠୁ ସୁଲକ୍ଷଣା ଅଜଣା ଏକ ଭୟରେ ଦିନରାତି ବତୁରି ଯାଉଛନ୍ତି । କେତେ ବା ବୟସ ରୁକ୍ମୀର ? ଛୁଆଗୁଡା ସାନ ସାନ । ରୁଚି କହିବାନୁସାରେ, କଥା ସରିବାକୁ ବିଳମ୍ବ ନଥିଲା । ମୁଣ୍ଡ ବୁଲେଇ ପଡିଲା ବୋଲି ଜଣା ପଡିଗଲା, ନହେଲେ କିଏ କହିପାରିବ ଆହୁରି ଅବସ୍ଥା ଗୁରୁତର ହେବା ପର୍ଯ୍ୟନ୍ତ କଥା ନ ଯାଇଥାନ୍ତା ବୋଲି ! 'ହେ ଠାକୁରେ, ରୁକ୍ମୀକୁ ଠିକ୍ କରିଦିଅ । ମୋରି ଆଗରେ ବୋହୂ ହେଇ ଆସିଛି, ମୋରି ହାତକୁ ହାତ ମିଳେଇ ଯାହା କହିଛି କରିଛି । ଦିନେ କାଳେ ଭୟରେ ପାଟି ଫିଟେଇ ନାହିଁ । ଗରୀବ ଘରର ଝିଅ ବୋଲି ପ୍ରତି କଥାରେ ଡରି ଡରି ଜିଇଁଛି । ନା ଦିନେ ମନଖୋଲି ହସିଛି, ନା ମନ ମୁତାବକ ଖିଆପିଆ କରିଛି । ଯାହା ମିଳିଗଲେ ଶାନ୍ତି ।' ଦୁଇ ଯାଆଙ୍କ ଅବସ୍ଥା ସମାନ । ସେଥିପାଇଁ ଉଭୟେ ଉଭୟଙ୍କ ସାହା ଭରସା ହୋଇ ଆଜି ଯାଏଁ ସଂସାର କରିଛନ୍ତି । ଆଜି ଯଦି ସତରେ କିଛି ତାକୁ ହେଇଯାଏ, ତେବେ ସେ ହିଁ ଆଗ ମୁଣ୍ଡ ବାଡେଇ ମରିବେ ।

ଛୁଆଗୁଡାଙ୍କୁ ଜୁଳୁଜୁଳୁ କରି ଚାହିଁ ରହିଥିବାର ଦେଖି ତାଙ୍କ କଲିଜା ଫାଟି ଯାଉଛି । କି ଆଶ୍ୱାସନା ଦେଇପାରିବେ ସେ ! ମା' ବିନା ଛୁଆର ସ୍ଥିତି କ'ଣ ଏ ସଂସାରରେ ! ଦୁଇ ଚାରି ଦିନ ଆହା ଓହୋ କହିବେ ସମସ୍ତେ, ତା'ପରେ ? ସାରା ଜୀବନ ପାଇଁ ତ ଏକୁଟିଆ ହେଇଯିବେ ପିଲାଗୁଡା ! ବାପା ଅଛି ସତ, ହେଲେ ମା' ସ୍ଥାନ କିଏ ନେଇପାରିବ ! ରୁଚିକୁ ଆୟୁଷ ଦେଇଥାଅ ହେ ପ୍ରଭୁ । ରୁକ୍ମୀକୁ ନେଇଯାଇ ନାହିଁ ଯେ ତା' ପରିବାରକୁ ଉଦ୍ଧାର କରି ଦେଇଛି !!

କିନ୍ତୁ ଘରଲୋକେ ! ହଁ ସେଇମାନଙ୍କ ଡରରେ ତ ରୋଷେଇ ଘରର କଳା ପଡି ଯାଇଥିବା କାନ୍ଥ ଭିତରେ ନିଜକୁ ଲୁଚେଇ ରଖିଛନ୍ତି ସେ ସକାଳ ପହରୁ । ତା'ର ଏ ପଦକ୍ଷେପ କେମିତି ଗ୍ରହଣ କରିବେ ସମସ୍ତେ କେଜାଣି ! ନିଶ୍ଚୟ ହଲ୍ଲାଗୁଲା ହେଉଥିବ ସେପଟେ ।

ସତରେ ଚହଳ ପଡିଯାଇଛି ଘରେ ! ଏ କି କଥା ହେଲା ! ଘରର ଝିଅ ବୋହୂ ଏବେ ବିଛଣା ଧରିବେ ! ଡାକ୍ତର ପାଖରେ ଚିକିତ୍ସା କରିବେ ! ମୁଣ୍ଡ ବୁଲା ଏମିତି କି ରୋଗଟାଏ ଯେ ତାକୁ ନେଇ ଏତେ ଘଣ୍ଟାଚକଟା ! ମଣିଷ ଜନ୍ମ ପାଇ ଏତିକି ବି ସହି ପାରିବନି ରୁକ୍ମିଣୀ ! ଆଉ ଏ ଅଣ୍ଡିରାଚଣ୍ଡୀ ବୋହୂକୁ ଆମର ଦେଖ, କାହାକୁ ପଚରା ନାହିଁ କି ଉଚୁରା ନାହିଁ, ସିଧା ନେଇ ଡାକ୍ତରଖାନାରେ ଠୁକି ଦେଇଛି । ମୁଁ ପଚାରୁଛି, ଏସବୁ ମୁହଁ ବଢ଼ାଣ କାମ ଆମ ଘରେ ଚାଲେନି ବୋଲି ତାକୁ କିଏ ଶିଖେଇବ !

ଶାଶୂଙ୍କ ସ୍ୱରରେ ଥରି ଉଠିଥିଲେ ସୁଲକ୍ଷଣା । ଏ ରୁଚି, ନିଜ ସାଥେ ସାଥେ ମତେ ବି କୋଉଦିନ ବୁଡେଇ ମାରିବ ବୋଲି ମୁଣ୍ଡରେ ହାତ ଦେଇ ବସିଗଲେ । ନିରଞ୍ଜନ ହେଲେ ପାଖରେ ଥାଆନ୍ତା, ତାକୁ କହିଥାନ୍ତେ ରୁଚିକୁ ମନା କରିବାକୁ ଏମିତି ଓଲଟା ସିଧା କାମ କରିବାକୁ । ଏ ଘରର ନୀତି ନିୟମ ହିସାବରେ କାମ କଲେ ଘରେ ଶାନ୍ତି ରହିବ, ସମସ୍ତେ ଖୁସିରେ ମିଳିମିଶି ରହି ପାରିବେ । କିନ୍ତୁ ସେ ତ ଅଫିସ୍ କାମରେ ଅଧା ଦିନ ବାହାରେ ରହୁଛି । ଆଉ ତାକୁ ଏ ଘରକଥା କହି ଚିନ୍ତାରେ କେମିତି ପକେଇ ପାରିବେ ସେ !
ଓଃ, ଏ ରୁଚି ବଡ ଅସୁବିଧା ସୃଷ୍ଟି କରିଦେଲା ତାଙ୍କ ପାଇଁ ! କ'ଣ କରି ଏସବୁଥିରେ ପୂର୍ଣ୍ଣଚ୍ଛେଦ ମାରିବେ, ସେ ତ ଜମା ଭାବି ପାରୁନାହାନ୍ତି ।

ରୁକ୍ମିଣୀ ହସ୍ପିଟାଲ୍ ଗଲା ପରେ ରୁଚି ଆହୁରି ସକ୍ରିୟ ହେଇଯାଇଛି ନିଜ କଥା ମନେଇବାରେ । ଆଗ ତାଙ୍କରି ଠୋଉଁ ଆରମ୍ଭ କରିଛି । ଦୁଇ ଦିନରୁ ତାଙ୍କର ରକ୍ତ, ଝାଡା ପରୀକ୍ଷା କରିବାଠୁ ଆରମ୍ଭ କରି ବ୍ଲଡ୍ ପ୍ରେସର୍ ମାପିବା, ହାଡଗୋଡ ଚେକ୍ କରିବା ସବୁ କରିଚାଲିଛି । ତାଙ୍କର ସବୁ ନାହିଁ ନାହିଁ କୁ ଜମାରୁ ଶୁଣିନାହିଁ । ଆଉ ଆଜି ସକାଳୁ ଆସି ପହଞ୍ଚିଥିବା ରିପୋର୍ଟକୁ ଦେଖିଲା ପରେ ତ ଆକାଶ ପାତାଳ କମ୍ପେଇ ପକେଉଛି । ସମସ୍ତଙ୍କ ଆଗରେ କେତେ ସାହସରେ ଯାଇ ଠିଆ ହୋଇ ପାଟି ଖୋଲି କହୁଛି ଯେ ଯାହା ଯେମିତି ଚାଲି ଆସୁଥିଲା ଏ ଘରେ, ଆଗକୁ ସେମିତି ଆଉ ଚାଲି ପାରିବ ନାହିଁ । ସବୁଥିରେ ପରିବର୍ତ୍ତନ ହେବ । ଖୁଡୀଙ୍କ ପରି, ବୋଉ ବି କୋଉ ଦିନ ମୁଣ୍ଡ ବୁଲେଇ ପଡିଥାନ୍ତେ ! ଖାଲି ସେତିକି ନୁହେଁ, ତାଙ୍କ ଅବସ୍ଥା ଆଦୌ ଭଲ ନାହିଁ । କୋଉ ମୁହୂର୍ତ୍ତରେ ବି ଅବସ୍ଥା ସାଂଘାତିକ ହୋଇ ଯାଇପାରେ ।

ଶୁଣୁ ଶୁଣୁ ଗର୍ଜି ଉଠିଥିଲେ ଶାଶୂ । "ତୋ' ମନଇଚ୍ଛା ତୁ ଯାହା ଚାହିଁବୁ, ଏ ଘରେ କରିପାରିବୁ ନାହିଁ । ମଝିଆଣୀର କିଛି ହେଇନାହିଁ, ମିଛଟାରେ ପାଟି କରି ଦାଣ୍ଡରେ ଲୋକ ଜମା କରନା । ବରଂ ଗୋଟାଏ କାମ କର ଯେ ସାନକୁ ଯେମିତି ନେଇଥିଲୁ, ସେମିତି ଫେରେଇ ଆଣ । ଯଦି ସତରେ ତା' ଦେହ ଖରାପ ଥିବ, ମୁଁ ତାକୁ ଆମ ବଇଦ ସାଆନ୍ତେଙ୍କ ପାଖକୁ ନେଇକି ଯିବି । ଆମେ ଥାଉ ଥାଉ ତୋର ଏତେ ବ୍ୟସ୍ତ ହେବା ଦରକାର ନାହିଁ ।"

ଶାଶୂଙ୍କ କଠୋର ସ୍ୱର ଏବେ ବି ତାଙ୍କ କାନ ପାଖରେ ଗୁଞ୍ଜରି ଉଠୁଛି । ଡରରେ ହାତପାଦ ବଙ୍କା ହେଇଯାଉଛି । ହେଲେ ଧନ୍ୟ କହିବ ଏ ରୁଚିକୁ, ଟିକିଏ ବି ଦବିବାର ନାହିଁ । ବରଂ ସେତିକି ଦୃଢ଼ ସ୍ୱରରେ ଉତ୍ତର ଦେଲା, "ଆପଣମାନେ

ଯଦି ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲେଇ ଥାଆନ୍ତେ, ତେବେ ପରିସ୍ଥିତି ଏମିତି ହେବାକୁ ଯାଇନଥାନ୍ତା । ଆପଣମାନେ ଜାଣିଛନ୍ତି, ଖୁଡିଙ୍କ ଠାରୁ ବୋଉଙ୍କ ବେମାରୀ ଅଧିକ ଗୁରୁତର । ସେ କେବେ ପାଟି ଖୋଲି କହିନାହାନ୍ତି ବୋଲି ଯେ ତାଙ୍କୁ କଷ୍ଟ ହେଉନାହିଁ, ସେକଥା କେମିତି ମାନିନେଇ ଚୁପ୍ଚାପ୍ ବସି ଯାଇଛନ୍ତି ସମସ୍ତେ ! ବାପା, ବୋଉଙ୍କର ଏ ଅବସ୍ଥା ପାଇଁ ଆପଣ ହି ଶତ ପ୍ରତିଶତ ଦାୟୀ । ଜେଜେମା' ତ ପାଠଶାଠ ପଢ଼ିନାହାନ୍ତି ବୋଲି ଅବୁଝା ହେଉଛନ୍ତି । କିନ୍ତୁ ଆପଣ କେମିତି ସେଇଆ ହେଇଗଲେ ! ନିଜ ପତ୍ନୀର ଅଭାବ ଅସୁବିଧା କଥା ଆପଣ ଚିନ୍ତା କରିବେନି ତ ଆଉ କିଏ କରିବ ! ସାରା ଜୀବନ ତାଙ୍କର ବିତିଗଲା ଏ ଘର ପରିବାରକୁ ସମ୍ଭାଳିବାରେ, ହେଲେ ତାଙ୍କ ପାଇଁ କିଏ କେତେ ଚିନ୍ତିତ ! କାଲିକୁ କିଛି ହେଇଗଲେ, କ୍ଷତି କାହାର ହେବ ଆପଣ ବାପ ପୁଅଙ୍କ ଛଡା ..?"

ଏ ତ ସିଧା ସଳଖ ଅପମାନ । ବୃନ୍ଦାବନଙ୍କର ରାଗ କେବେ ଦେଖିନି ତ ସେଥିପାଇଁ ଏତେ ସବୁ କହିଚାଲିଛି । ସେ କାହୁଁ ଜାଣିବ, ବୋଉଙ୍କୁ ତାଙ୍କର ପଦେ କେହି ଓଲଟିକି କହିଦେଲେ କେମିତି ନିଆଁ ଲଗେଇ ଦିଅନ୍ତି ସେ ଘରେ ! କାଉକୁ ବୋଉ ଧଳା କହିଛି ମାନେ, ସେ କାଉ ଧଳା ହି ହେବ । ଆଉ ସେଇ ବୋଉଙ୍କୁ ରୁଚି ପରିକା କାଲିର ଛୁଆ ଜବାବ ଦେଉଛି । ଖାଲି ସେତିକି ନୁହେଁ, ତାଙ୍କ ଶାସନ ବିରୁଦ୍ଧରେ ମୁଣ୍ଡ ଉଠେଇ ପ୍ରତିବାଦ କରୁଛି । ହେ ଭଗବାନ, ପିଲାଟାକୁ ସଦ୍‌ବୁଦ୍ଧି ଦିଅ । ସେ ଜାଣି ପାରୁନି କ'ଣ କହିଯାଉଛି ।

ବୃନ୍ଦାବନଙ୍କର ନିରବତା ତାଙ୍କ ମନରେ ଆହୁରି ଭୟ ସୃଷ୍ଟି କରେଉଥିଲା । କ'ଣ ହେବ ହେ ଠାକୁରେ ! ତୁମେ ହି ରକ୍ଷା କର । ବଡ ଅବୁଝା ପିଲାଟା, ତାକୁ ଟିକିଏ ଭଲ ବୁଦ୍ଧି ଦିଅ, ଯେମିତି କାହାର ନିଶ୍ୱାସ ନପଡୁ ତା' ଉପରେ ..

କେତେବେଳକେ ପୁଣି ଶୁଭିଲା ରୁଚିର ସ୍ୱର । ଏଥରକ ଦିଅରଙ୍କୁ କହୁଥିଲା କିଛି, "ଖୁଡିଙ୍କୁ ଏବେ ବେଶ୍ କିଛି ଦିନ ଆରାମ କରିବାକୁ ହେବ । ତାଙ୍କ ଖାଇବା ପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ହେବ । ସେସବୁ ଆପଣଙ୍କର ଦାୟିତ୍ୱ । ମୁଁ ଭାବୁଛି ଆପଣ ଏହାର ଗୁରୁତ୍ୱ ବୁଝୁଥିବେ ।"

ସେପଟୁ କିଛି ଶୁଭିଲାନି । ଆଶ୍ଚର୍ଯ୍ୟ, ଯିଏ କଥାରେ କଥାରେ ଠେଙ୍ଗା ଉଞ୍ଚେଇ ପକାନ୍ତି, ସେ ପୁଣି ନୀରବ! କ'ଣ ଚାଲିଛି ସେ ଘରେ ! ଏ ରୁଚି ଆଜି ହସ୍ପିଟାଲ୍ ନଯାଇ କାହିଁ ଏତେ ସମୟ ଘରେ ରହିଛି କେଜାଣି ! ଯେତେ ସମୟ ବାହାରେ ରହିବ, ସେତିକି ସମୟ ସେ ହିଁ ନିଶ୍ଚିନ୍ତ ରହିବେ । ତାକୁ ଘରକୁ ଆସିବାର ଦେଖିଲେ ଭୟରେ ତଣ୍ଟି ପାଟି ଶୁଖିଯାଉଛି ତାଙ୍କର । ପୁଣି କୋଉ କଥାକୁ ନେଇ ସମସ୍ତଙ୍କର ଅସନ୍ତୁଷ୍ଟତା ସହିବାକୁ ପଡିବ ତାକୁ, କିଏ ଜାଣେ !

ହଠାତ୍ ରୋଷେଇ ଘର ବାହାରେ କିଛି ଗହଳ ଚହଳ ଅନୁଭବ କରି ସେ ଆତଙ୍କିତ ହୋଇ ପଡିଲେ । ଝରକା ଦେଇ ବୃନ୍ଦାବନଙ୍କୁ ଇଆଡକୁ ଆସୁଥିବାର ଦେଖି ପାରିଲେ । ତାଙ୍କ ସହିତ ଦିଅର ବି ଅଛନ୍ତି । ଆଉ ମଧ୍ୟ ଅଛି ରୁଚି । ଓଃ, ଗଲା । ସବୁ ସରିଲା ଆଜିଠୁ । ତାଙ୍କ ସୁନାର ସଂସାରକୁ ଭାଙ୍ଗିରୁଜି ଛାରଖାର କରିଦେଲା ଏ ଝିଅ ! କାହିଁକି ନିରଞ୍ଜନ କଥାରେ ରାଜି ହେଇ ତାକୁ ବାହା ହେବାକୁ ହଁ କରିଦେଇଥିଲେ ! କି ଦୁର୍ବୁଦ୍ଧି ପଶିଥିଲା ସେତେବେଳେ ! ରୂପରେ ଗୁଣରେ କିଛି କୋଉଠି ବାରିବାକୁ ନଥିଲା ବୋଲି ପୁଅର ପସନ୍ଦ ଉପରେ ତାଙ୍କର କିଛି କହିବାର ନଥିଲା । ଏମିତି ବି ପୁଅ ସିନା ତାଙ୍କୁ ପଚାରିଥିଲା, ହେଲେ ସେ କ'ଣ ନିଜ ଇଚ୍ଛାରେ ହଁ ମାରି ପାରିଥାନ୍ତେ ! ଡରି ଡରି କହିଥିଲେ, "ଜେଜେଙ୍କୁ ପଚାରିଛୁ ? ବାପାଙ୍କୁ ପଚାରିଛୁ ? ମା'ଙ୍କୁ ପଚାରେ, ବଡବାପାଙ୍କୁ ପଚାରେ, କାକାଙ୍କୁ ବି .."

"ବୋଉ, ମୁଁ ତତେ ପଚାରୁଛି । ତୁ ତୋର ମତ ଦେ । ତୋ' ହଁ ନା ମୋ ପାଇଁ ଜରୁରୀ । ବାକି କାହାର ପସନ୍ଦ ଅପସନ୍ଦକୁ ମୁଁ କାହିଁକି ଏତେ ଗୁରୁତ୍ୱ ଦେବାକୁ ଯିବି ! ବାପାଙ୍କ ଉତ୍ତର କ'ଣ ହେବ ମତେ ଜଣା ଅଛି, ତେଣୁ ମୁଁ ସେମାନଙ୍କୁ ପଚାରିବାକୁ ଚାହୁଁନି, କେବଳ ଜଣେଇବି ମାତ୍ର ।"

ଭୟ ପାଇ ଯାଇଥିଲେ ସୁଲକ୍ଷଣା । ଏ କ'ଣ କହୁଛି ତାଙ୍କ ପୁଅ । ଏ ଘରେ ସେ କୋଉ ମଣିଷରେ ଗଣା ଯେ ତାଙ୍କ ମତାମତକୁ ପଚାରି ବାହା ହେବାକୁ ଚାହୁଁଛି ! କ'ଣ କହିବେ ସେ ! ହଁ ...? ନା କହି ତା' ମନରେ ଦୁଃଖ କେମିତି ଦେଇପାରିବେ ! ତେବେ ପାଟି ଖୋଲିବା ପୂର୍ବରୁ ଭୟରେ ସେଦିନ ବତୁରି ଉଠିଥିଲେ ଗୋଟା ପଣେ । ଘରଲୋକେ ଜାଣିଲେ କ'ଣ ହେବ,ର ଚିନ୍ତାରେ ସାରା ରାତି ଅନିଦ୍ରାରେ ବିତି ଯାଇଥିଲା ।

ହେଲେ ସେ ଭୟ ଠାରୁ ବଳିଗଲା ଆଜିର ଭୟ । ରୁଚି ଆସିବାକୁ ନେଇ ଯେତେ ଝଡ ଉଠିଥିଲା, ତା'ର ଏ ସାହାସୀକ ପଦକ୍ଷେପ ଅଧିକ ବଳେଇଗଲା । କ'ଣ କରିବେ ଏବେ ! କେମିତି ସମ୍ଭାଳିବେ ନିଜ ଛୋଟିଆ ସଂସାରକୁ ! ଆଖିରେ ଲୁହ ଜକେଇ ଆସୁଥିଲା, ହେଲେ ଲୁଚେଇ ପକେଇଲେ । ଦୁଇ ଭାଇ ଭିତରକୁ ପଶି ଆସିଥିଲେ ସେତେବେଳକୁ । ମୁଣ୍ଡ ଉଠେଇ ସେମାନଙ୍କ ଆଡକୁ ଚାହିଁବାର ବି ସାହସ ନଥିଲା ତାଙ୍କର ।

"ହଁ, କୋଉଠୁ ଆରମ୍ଭ କରିବାକୁ କହୁଛୁ ତୁ ? ଚୁଲିରୁ ?" ବୃନ୍ଦାବନଙ୍କ ସ୍ୱରରେ ଭୂତ ଦେଖିଲା ପରି ଚମକି ପଡିଲେ ସେ । କ'ଣ କହୁଛନ୍ତି ସେ ? କ'ଣ ଆରମ୍ଭ କରିବେ ଚୁଲିରୁ ?

"ଏକା ଥରେ ସବୁ କରିଦବା ଭାଇ । ଜାଣିକି କିଛି ଦିନ ବନ୍ଦ ହେବା କଥା ହେବ । କିନ୍ତୁ ରୁଚି କହିବାନୁସାରେ ପୂରା ଚକାଚକ୍ କରିଦବା । ତା'ର ମୋର ଆମେ ଆଜି ସହରକୁ ଯାଇ ସବୁ ଦେଖି ହିସାବ କରିଦଉଛୁ ।" ଦିଅରଙ୍କ କଥା ଆହୁରି ଅବୁଝା । ଜଳ ଜଳ କରି ସେ ଚାହିଁ ରହିଥିଲେ ସେମାନଙ୍କୁ । ନା, ସ୍ୱରରୁ ରାଗିଥିଲା ପରି ତ ମୋଟେ ଲାଗୁନାହାନ୍ତି । ତାହାହେଲେ ରୋଷେଇଘରେ କ'ଣ କରୁଛନ୍ତି ସେମାନେ ! ରୁଚି କ'ଣ ତାଙ୍କୁ କହୁଥିଲା ଆଉ ସେମାନେ ମୁଣ୍ଡ ଟୁଙ୍ଗାରୁଥିଲେ । ସୁଲକ୍ଷଣା କେବଳ ଦୁର୍ଗା ସହସ୍ର ନାମ ଉଚ୍ଚାରଣ କରି ଚାଲିଥିଲେ । ସେଇଠି ଥାଇ ବି ତାଙ୍କୁ କିଛି ଶୁଭୁନଥିଲା ।

କେତେବେଳକେ ବୃନ୍ଦାବନଙ୍କର ଅତି କୋମଳ ସ୍ୱର ତାଙ୍କ କାନରେ ପଡିଲା, "ସୁଲି, ତମେ କିଛି ଦିନ ଆରାମ କର, ଆଉ ଆମେ ତମ ପାଇଁ ଗୋଟିଏ ନୂଆ ରୋଷେଇଘର ବନେଇଦବୁ । ଏକଦମ୍ ରୁଚି ଚାହୁଁଥିବା ପରି ।"

"ନାହିଁ ନାହିଁ ସେଗୁଡା କ'ଣ ହେବ ! ଆମର କିଛି ଅସୁବିଧା ହେଉନି । ସେ ପିଲାଟା କ'ଣ କହିଦେଲା ବୋଲି ତମେ କାହିଁ ବ୍ୟସ୍ତ ହେଉଛ ! ରୁକ୍ମୀ ଆସିଗଲେ ସବୁ ଚଳିଯିବ ।" କହୁ କହୁ ତଣ୍ଟି ଶୁଖି ଆସିଲା ତାଙ୍କର । ରୁକ୍ମୀ ପାଇଁ ଦୁଃଖ ଆଉ ଭୟ ସହିତ ରୁଚି ପାଇଁ ବ୍ୟାକୁଳତା ଥିଲା ସେ ସ୍ୱରରେ । ଠୋ ଠୋ କରି ହସି ଉଠିଲେ ଦୁଇ ଭାଇ । ଚମକି ପଡିଲେ ପୁଣି ଥରେ ସେ । ଏ ଘରଲୋକ ପୁଣି ହସି ବି ପାରନ୍ତି ?

"ଆହେ ଭାଉଜ ! ତମେ ପରା ଶାଶୂ ହେଲଣି ! ତା' ପୁଣି ରୁଚି ଡାକ୍ତରାଣୀର ! ଆଉ ଏମିତି କଥାରେ କଥାରେ ଭୟ କଲେ ଚଳିବ ! ଯାଅ ଯାଅ, ଏ ରୋଷଇଘରୁ ବାହାରିକି ଯାଅ । ଆମେ ଟିକେ ମପାମପି କରିଦଉ ଜାଗାଟା ।"

"ହେଲେ ରୋଷେଇ ସରିନି ଯେ !" ଏପର୍ଯ୍ୟନ୍ତ ବି ପରିସ୍ଥିତିକୁ ବୁଝିବାକୁ ସେ ଅସମର୍ଥ ଥିଲେ । ଦୁଇ ଭାଇଙ୍କ ମୁହଁରେ ହସ ଥିବାର ସେ ଦେଖି ପାରୁଥିଲେ । କିନ୍ତୁ ଆଉ ଯାହା ଦେଖୁଥିଲେ, ତାକୁ ସେ ବିଶ୍ୱାସ ବି କରି ପାରୁନଥିଲେ । ଆଉ ତାହା ଥିଲା ବୃନ୍ଦାବନଙ୍କ ଆଖିରେ ତାଙ୍କ ପ୍ରତି ଅଶେଷ ଚିନ୍ତା, ସମବେଦନା... ବୋଧହୁଏ କିଛି କିଛି ଭଲ ପାଇବା ବି ।

ରୁଚି ଆଗେଇ ଆସି ତାଙ୍କୁ ସେଠୁ ଭିଡି ନଉ ନଉ କହିଲା, "ବୋଉ, ରୋଷେଇଘର ବନିଯିବା ପର୍ଯ୍ୟନ୍ତ ପୂରା ଘରର ଖାଇବା ପିଇବା ଦାୟିତ୍ୱ ସଂପୂର୍ଣ୍ଣ ରୂପେ ମୋର । କେମିତି ଆସିବ, କୋଉଠୁ ଆସିବ, କ'ଣ ଆସିବ, ଆଉ କିଏ ଆଣିବ, ସେକଥା ମୁଁ ବୁଝିବି । ସେତିକି ଦିନ ଆପଣ ନିଜ ହାତକୁ ଆରାମ ଦେବେ । ହଁ ନିଜେ ମେସିନ୍ ଲଗେଇ ପରୀକ୍ଷା କରୁଥିବେ ଏତିକି ଦିନ । ଥରେ ରୋଷେଇ ଘରଟା ବନିଗଲା ପରେ କିନ୍ତୁ ଆପଣଙ୍କ ହାତ ତିଆରି ଘାଣ୍ଟ ତରକାରୀ ରାତିଦିନ ମୁଁ ଖାଇ ଚାଲିବି ଯେମିତି । ସେଥିରେ ଜମା ହେଳା କରିବେନି .."

ମନଖୋଲି ହସୁଥିଲା ସେ, ଆଉ ଝର ଝର ହୋଇ ଅଜସ୍ର ଲୁହଧାର ଝରି ଯାଉଥିଲା ସୁଲକ୍ଷଣାଙ୍କ ଆଖିରୁ । ମା' ହେବାର ସୁଖ ଠାରୁ ବଳି ଯାଉଥିଲା ଶାଶୂ ହେବାର ସୁଖ, ତା' ପୁଣି ରୁଚି ପରିକା ବୋହୂର ଶାଶୂ । ପୁଣି ଥରେ ଦୁର୍ଗା ସହସ୍ର ନାମ ଆପେ ଆପେ ମନ ଭିତରକୁ ପଶି ଆସୁଥିଲା । ... କିନ୍ତୁ ଭୟରେ ନୁହେଁ, ଏକ ଅଦ୍ଭୁତ ପରିପୂର୍ଣ୍ଣତାରେ ..!!

****

**କମଳା ଶତପଥୀ**
ମୁମ୍ବାଇ
ଇ ମେଲ୍: kamala.satpathy@gmail.com





# କୃତଜ୍ଞତା

ସେଦିନ ଥିଲା ସୋମବାର। ସକାଳର ନିତ୍ୟକର୍ମ ସାରି କଲେଜକୁ ଯିବି ବୋଲି ବାହାରିଛି ବଂଧୁ ବୀରେନ୍ଦ୍ର ଫୋନ୍ କରି କହିଲା---"ବଂଧୁ,ମୁଁ ଅଫିସ କାମରେ ବାହାରକୁ ଆସିଛି। ଆଜି ଫେରିଯିବା କଥା। କିନ୍ତୁ ଯାଇ ପାରିବିନି। କଥା କ'ଣ କି ଆମ ଫରେଷ୍ଟ ଡିପାର୍ଟମେଣ୍ଟର ଜଣେ ଲୋକକୁ ଦେଢଲକ୍ଷ ଟଂକା ଦେବା ନିହାତି ଜରୁରୀ ଥିଲା। ମୁଁ ଷ୍ଟେଟବ୍ୟାଙ୍କ ଚେକ୍ ରେ ଦସ୍ତଖତ କରିଦେଇ ଆସିଥିଲି। ତୁମେ ତୁମ ଭାଉଜଙ୍କୁ ନେଇ ବ୍ୟାଙ୍କକୁ ଟିକିଏ ଯିବ ଆଉ ଟଙ୍କା ଉଠାଇବାରେ ଟିକିଏ ସାହାଯ୍ୟ କରିବ, ପ୍ଲିଜ୍ "!!

ମୁଁ ଜାଣେ,ବୀରେନ୍ଦ୍ର ନିହାତି ଅସୁବିଧାରେ ପଡିଲେ ମୋତେ ହିଁ କହିବ। ପିଲାଦିନେ ଏକାବେଳେ ପାଠ ପଢୁଥିଲୁ। ମ୍ୟାଟ୍ରିକ୍ ପରେ ପରେ ସେ ଗାର୍ଡ଼ ହୋଇ ପଶିଗଲା ଫରେଷ୍ଟ ଡିପାର୍ଟମେଣ୍ଟରେ। ଘରେ ଅସୁବିଧା ଯୋଗୁ ବେଶି ପାଠ ପଢି ପାରିଲାନି। ବଡି ଫିଟନେସ୍ ଥିଲା। ସୁଯୋଗରେ ଫରେଷ୍ଟ ଗାର୍ଡ଼ ଚାକିରି ମିଳିଯିବାରୁ ସେଦିନ ଭାରି ଖୁସିହୋଇ ମିଠା ଧରି ଆସିଥିଲା ଘରକୁ। ପରବର୍ତ୍ତୀ ସମୟରେ ମୁଁ ଅଧ୍ୟାପକ ହେଲା ପରେ ବି ଆମଦୁଇଜଣଙ୍କ ସଂପର୍କରେ ଆଦୌ ଫରକ୍ ପଡି ନଥିଲା। ସେ ଯାହାହେଉ, ତା'ର ଅନୁରୋଧ ତ କେବେ ଏଡ଼ାଇ ପାରିବିନି, ତେଣୁ କହିଲି --" ଏବେ ତ ବ୍ୟାଙ୍କ୍ ଖୋଲି ନଥିବ ! ତୁ ଗୋଟିଏ କାମ କର୍। ଭାଉଜଙ୍କୁ ଫୋନରେ କହି ଦେଇ ଥା', ମୁଁ ଦି'ଟା କ୍ଲାସ୍ ସାରି ସାଢେ ଏଗାରଟାରେ ଯାଇ ପହଞ୍ଚିବି ତୋର ଘରେ। ଭାଉଜ ପ୍ରସ୍ତୁତ ହୋଇ ମୋ ଅପେକ୍ଷାରେ ଥିବେ, ତୋ କାମ ହୋଇଯିବ। ବ୍ୟସ୍ତ ହ'ନା "!!

ଠିକ୍ ସାଢେ ଏଗାରଟାରେ ମୁଁ ଯାଇ ପହଞ୍ଚିବା ବେଳକୁ ଘର ବାହାରେ ଅପେକ୍ଷାରେ ଥିଲେ ଭାଉଜ। କୌଣସି ଉପକ୍ରମ ନ ରଖି ମୁଁ ତାଙ୍କୁ ବାଇକ୍ ପଛପଟେ ବସାଇ ସିଧା ନେଇ ଆସିଲି ଷ୍ଟେଟ୍ ବ୍ୟାଙ୍କ୍ ର ମୁଖ୍ୟ ଶାଖାକୁ। ଖୁବ୍ ଭିଡଥିଲା ପ୍ରାୟ ସବୁ କାଉଣ୍ଟରରେ। ତେବେ ସେ ମୁଣ୍ଡ ପାଞ୍ଚ ନମ୍ବର୍ କାଉଣ୍ଟରରେ ଅଳ୍ପ ଭିଡଥିବା ଲକ୍ଷ୍ୟ କରି ଭାଉଜଙ୍କୁ ଠାରିଦେଲି ସେପଟେ। ଭାଉଜ ଆମର ଖୁବ୍ ଚାଲାକ୍। ବୁଝିପାରି ଖୁବଶୀଘ୍ର ମାଡିଯାଇ ଧାଡି ପଛପଟେ ଲାଗିଗଲେ। ଆଉ ତାଙ୍କ ପଛେପଛେ ମୁଁ। ପ୍ରାୟ ପନ୍ଦର ମିନିଟ୍ ପରେ ଆମର ପାଳି ପଡିଲା।

କାଉଣ୍ଟରରେ ବସିଥିଲେ ଜଣେ ସୌମ୍ୟଦର୍ଶନ ଯୁବକ। ଚେହେରାକୁ ଖାପ ଖାଇଲା ଭଳି ତାଙ୍କ ସାମ୍ନାରେ ଥିବା ଏକ ଫଳକରେ ଲେଖାଥିଲା--' ସୌମ୍ୟରଞ୍ଜନ ମିଶ୍ର',ତା'ର ତଳକୁ ତାଙ୍କର ପଦବୀ,'ଆକାଉଣ୍ଟାଣ୍ଟ'। ବୟସ ଅନ୍ଦାଜ୍ ରେ ଅଠେଇଶ କିମ୍ବା ତିରିଶ। ମୁଁ 'ଗୁଡ୍ ମର୍ଣ୍ଣିଂ ସାର୍ '! କହିବାରୁ ସ୍ମିତ ହାସ୍ୟ ଖେଳାଇ ପ୍ରତ୍ୟୁତ୍ତରରେ , 'ଭେରି ଗୁଡ୍ ମର୍ଣ୍ଣିଂ '! ବୋଲି କହିଲେ ଏବଂ ଭାଉଜଙ୍କ ହାତରୁ ଚେକ୍ ଟା ନେଲେ। ବଡ ବ୍ୟାଗ୍ ଟିଏ କାଖତଳେ ଭିଡି ରଖିଥାନ୍ତି ଭାଉଜ। କଳ୍ପନା କଲି, ଯେତେବଡ ବ୍ୟାଗ୍, ସେଥିରେ ଏକକୋଟି ଟଙ୍କାରୁ ବି ଅଧିକ ଧରିବ ! ଏଇ ସ୍ତ୍ରୀଲୋକମାନଙ୍କର ସ୍ୱଭାବ ଟା ବୋଧହୁଏ ସେମିତି। ସବୁବେଳେ ବଡ ଆଖି। ଦଶଟଙ୍କାର ଶାଗ କିଣିବାକୁ ବାହାରିଲେ ବି ଅଖାଟେ ଧରି ବାହାରିବେ। ଶାଗ ବାଲା ଦଶଟଙ୍କାରେ ଏମିତି କେତେ ଶାଗ ଦେବ କେଜାଣି!! ମନେ ମନେ ଖୁବ୍ ହସିଲି। ଏ ଭିତରେ ଆକ୍ରମକ ଭାବରେ ପଛକୁ ପଛ ଲାଗିଗଲା ଲମ୍ବାଧାଡିଟିଏ। ଚିନ୍ତାକଲି, ଟିକିଏ ଡେରିରେ ଆସିଥିଲେ ପାଖାପାଖି ଦି'ଘଣ୍ଟା ଆଜି ରଥଦଉଡି ଧରି ଛିଡାହେଲା ଭଳି ଅପେକ୍ଷା କରିବାକୁ ପଡିଥାନ୍ତା।

ଚେକ୍ ଏନ୍- କ୍ୟାସ୍ କରି ଯୁବକଜଣକ ବଢାଇ ଦେଲେ କିଛି ବଣ୍ଡଲ୍ ନୋଟ୍। ଭାଉଜ ଆମର ତରତରହୋଇ ତାଙ୍କ ବଡବ୍ୟାଗ୍ ରେ ପୂରାଇ ସ୍ୱସ୍ତିରେ ଲମ୍ବା ନିଃଶ୍ୱାସ ନେଇ କହିଲେ--'ଚାଲଯିବା'! ମୁଁ ଯୁବକକୁ ଧନ୍ୟବାଦ ଜଣାଇଦେଲି ଆଉ ଭାଉଜଙ୍କ ପଛେପଛେ ଚାଲି ଆସିଲି ବିଶ୍ୱସ୍ତ ବଡିଗାର୍ଡ଼ ଭଳି।

ମାତ୍ର ଦଶମିନିଟ୍ ଭିତରେ ଭାଉଜଙ୍କୁ ତାଙ୍କ ଘରେ ଛାଡି ଦେଇ ମୁଁ ପୁଣି ଫେରି ଆସିଲି କଲେଜକୁ। ଅବଶ୍ୟ ସେ ଖୁବ୍ ସମାଦରରେ ଡାକୁଥିଲେ ଚା'ଜଳଖିଆ ପାଇଁ। କିନ୍ତୁ କ୍ଲାସ୍ ଟାଇମ୍ ହୋଇ ଯାଇଥିବାରୁ କହିଲି--' ଭାଉଜ, ଏମିତିରେ ଟିକିଏ ଡେରି ହୋଇଗଲାଣି। ପୁଣି ଆଉଦିନେ କେବେ ଆସିବି ବୀରେନ୍ଦ୍ର ଥିଲାବେଳେ। ଟିଫିନ୍ କ'ଣ, ମୁଁ ଫୁଲ୍ ମିଲ୍ ଖାଇକି ଯିବି ତୁମ ହାତରୁ। ଗୋଟିଏ କାମ କର,ତୁମେ ଘରଭିତରୁ ଲକ୍ କରି ଟଙ୍କାତକ ଗଡ୍ରେଜ୍ ରେ ରଖିଦିଅ ସୁବିଧାରେ '!

ସେଦିନର ମୋର ଶେଷ ପିରିଅଡ୍ ସାରି ଘରକୁ ଫେରିବାକୁ ବାହାରିଛି ବଂଧୁ ବୀରେନ୍ଦ୍ର ବ୍ୟସ୍ତ ବିବ୍ରତ କଣ୍ଠସ୍ୱର ରେ ଫୋନ୍ କଲା ସେପଟୁ---" ବ୍ୟାଗ୍ ରେ ଟଙ୍କା ନେଇ ଫେରିବାପରେ ତୁମ ଭାଉଜ ଘରକବାଟ ବନ୍ଦ କରି ଯେତେବେଳେ ଆଲମାରୀରେ ଥୋଇବାକୁ ଗଲା, ତା'ର ଜାଣ ମୁଣ୍ଡ ଖରାପ୍!! ମୋତେ ଫୋନ୍ କରି କ'ଣ କହିଲା ଜାଣିଛ! କହିଲା--' ହଇହେ ଶୁଣୁଛ, ପାଞ୍ଚଟା ପାଞ୍ଚଶହ ଟଙ୍କିଆ ନୋଟ୍ ବିଡା ପରା ହେଲା ଅଢେଇ ଲକ୍ଷ ଟଙ୍କା। କମ୍ ପାଠ ପଢିଛି ବୋଲି ଏଇ ସାମାନ୍ୟ ହିସାବଟା ଜାଣିନି ନା କ'ଣ! ତୁମେ ପରା ଦେଢଲକ୍ଷ ଟଙ୍କାର ଚେକ୍ ଦେଇକି ଯାଇଥିଲ, ସେଇ ଚିକ୍କଣିଆ ଟୋକାଟା ମୋତେ ଅଢେଇ ଲକ୍ଷ ଟଙ୍କା ଦେଇ ପକାଇଲା କେମିତି '! ମୁଁ କହିଲି, 'ତୁମେ ସୁନ୍ଦରୀ ଟେ ତ, ତୁମ ମୁହଁକୁ ଦେଖି ଭୁଲିଯାଇ ଭୁଲ୍ ରେ ଦେଇଦେଲା'! ଏତିକିରେ ତୁମ ଭାଉଜ ରାଗିକି ନିଆଁବାଣ। ଯା' ଇଚ୍ଛା ତା' ବକିଗଲା ଫୋନ୍ ରେ। ଶେଷରେ କହିଲା--' ଯାହା ହେବାର ହୋଇ ଯାଉ, ମୁଁ ଆଉ ଏକ ଟଙ୍କା ବି ଫେରାଇବିନି। ଏବେ ସୁନା ରେଟ୍ କମ୍ ଅଛି, ଯାହାହେଲେ କିଣି ପକାଇବି ମହାଲକ୍ଷ୍ମୀ ଜୁଏଲର୍ସ ରୁ। ତୁମେ ଏକଥା ଆଉ କାହାରିକୁ ବି କୁହନି। ଏପରିକି ତୁମ ଲେକଚର ବଂଧୁକୁ ବି। ସେଇ ଟୋକାଟା ମୋତେ ଅଧିକା ଦେଇଛି ବୋଲି ତା'ର ପ୍ରମାଣ କ'ଣ କହୁନ!! ଭାବି ନିଅ, ଘରକୁ ଆଜି ମା'ଲକ୍ଷ୍ମୀ ଆସିବାର ଥିଲା, ଆସିଗଲେ। ତା'ଛଡା ବ୍ୟାଙ୍କରେ ତ କୋଟିକୋଟି ଟଙ୍କାର ନେଣଦେଣ। ତା' ଭିତରେ ଲକ୍ଷେ ଅଧିକ ଦେଇପକାଇଲେ କୋଉ ନିହାଲ ହୋଇଯାଉଛି ସତରେ"!!

ଭାଉଜ ଆମର ମ୍ୟାଟ୍ରିକ ଫେଲ୍। ଡିଗ୍ରୀରେ ସିନା ଫେଲ୍,କିନ୍ତୁ ବୁଦ୍ଧିବିବେକ ମାଫିକେ ଯେ ଟୋଟାଲ ଫେଲ୍ ସେଦିନ ପ୍ରଥମ ଜାଣିଲି। ତେବେ ବୀରେନ୍ଦ୍ରର ମାନସିକତାକୁ ପରୀକ୍ଷା କରିବାକୁ ଯାଇ ଗମ୍ଭୀର ହୋଇ କହିଲି---' ହଁ ମ', ଭାଉଜ କୋଉ ନାକରା କଥା କହି ପକାଇଛନ୍ତି !! ଭୁଲ୍ ସେଇ ଆକାଉଣ୍ଟାଣ୍ଟ ଟୋକାର। ଆଗରେ ଥିବାଟଙ୍କା ଗଣିବା ମେସିନ୍ ରେ ସେଇ ଟଙ୍କାତକ ହିସାବ କଲାପରେ ସେ ଦେଇଛି ନା ନାହିଁ? ଏଥିରେ ଭାଉଜଙ୍କର ଭୁଲ୍ କ'ଣ? ସେ ଟୋକା ଯାହା ଦେଲା ଖାଳେଇରେ ମାଛ ଭର୍ତ୍ତି କଲାଭଳି ଚଟାପଟ ବ୍ୟାଗରେ ଭର୍ତ୍ତିକରି ନେଇ ଆସିଲେ ଘରକୁ। ଆଉ ଗୋଟିଗୋଟି କରି ସେଇ କାଉଣ୍ଟର ଆଗରେ ଗଣି ତା' ଆଗରେ କହିଥା'ନ୍ତେ କି ତୁମେ ଅଧିକ ପଇସା ଦେଇପକାଇଲ ବୋଲି!! ତାଛଡା ଭାଉଜଙ୍କ କହିବା ଅନୁସାରେ ବ୍ୟାଙ୍କରେ କୋଟିକୋଟି ଟଙ୍କାର କାରବାର ହେଉଛି। ତା ଭିତରେ ଲକ୍ଷେ ଗଳିପଡିଲା ବୋଲି ଭାବି ନେ। ହଉ ସେସବୁ ଛାଡ଼୍, ତୁ ନିଜେ କ'ଣ ଭାବୁଛୁ କହ'!!

--' ତୁ ଯାହା ଠିକ୍ ବୋଲି ଭାବୁଛୁ ତାହା କରିବୁ। ତୋ ଭାଉଜ ଯାହା କହୁଛି ତାହା ବି ମନ୍ଦ ନୁହଁ। ବାକି ତୁ ହେଲୁ ବଡ ପାଠୁଆ, ଆମେ ହେଲୁ ଛୋଟ ମୁଣ୍ଡ। ତେଣୁ ମୋର ବିଶ୍ୱାସ ତୁ ଯାହା ବି କରିବୁ ଠିକ୍ ହିଁ କରିବୁ '-- ଏତିକି କହିଦେଇ ସେ

ଫୋନ୍ କାଟିଦେଲା। ଶିକ୍ଷାଦୀକ୍ଷାର ବାସ୍ତବ ଦର୍ଶନ ହେଲା ଜୀବନର ସତ୍ୟକୁ ବୁଝିବା। ତେଣୁ ସେଇ ଭାବନା ନେଇ ଚିନ୍ତା କଲି--' ଡ୍ୟୁଟି ଓଭର ହେବାପରେ ସେଇ ଆକାଉଣ୍ଟାଣ୍ଟ ଯୁବକ ଜଣକ ଯେତେବେଳେ ଆକାଉଣ୍ଟ୍ କ୍ଲୋଜ୍ କରିବ ସେ ନିଶ୍ଚୟ ଜାଣିନେବ ତା'ର କ୍ୟାସ୍ ବକ୍ସ୍ ରେ ଲକ୍ଷେ ଟଙ୍କା କମ୍ ଅଛି। ତାପରେ ତା' ମାନସିକ ସ୍ଥିତି କ'ଣ ହେବ '!! ଉଦ୍‌ବିଗ୍ନ ମନରେ ସାଙ୍ଗେସାଙ୍ଗେ ବାଇକ୍ ବାହାର କରି ଚାଲିଆସିଲି ବୀରେନ୍ଦ୍ର ଘରକୁ ଆଉ କଲିଂ ବେଲ୍ ରେ ହାତ ରଖିଲି। ଭାଉଜ ବୋଧହୁଏ ଖାଇସାରି ସୁଖନିଦ୍ରାରେ ଥିଲେ। ବ୍ୟାଘାତ ହେବାରୁ ଅସନ୍ତୁଷ୍ଟିର ମୁଦ୍ରାରେ କବାଟ ଖୋଲୁଖୋଲୁ ମୋତେ ଦେଖି ଚମକି ପଡିଲେ ଆଉ ସ୍ମିତହାସ୍ୟ ଖେଳାଇ ଭିତରକୁ ଡାକିଲେ। ମୁଁ ସେଇମିତି ବାଇକ୍ ଉପରେ ଥାଇ କହିଲି--" ତୁମେ ଖାଇ ପିଇ ନିଦଟେ ମାରିସାରିଲଣି। ଓହୋ କି ଭାଗ୍ୟ!! ପୁରୁଷ ମାନଙ୍କ ଭାଗ୍ୟରେ କ'ଣ ଏମିତି ସୁଖ ଲେଖା ଅଛି ଭାଉଜ? ମୋର ଏଭଳି କଟାକ୍ଷ ବୁଝି ନପାରି ଭାଉଜ ଅଡୁଆରେ ପଡିବା ଲକ୍ଷ୍ୟକରି ପୁଣି କହିଲି---" ଏମିତି ମୋତେ ଭକଭକ ହୋଇ ଅନେଇଁଛ କ'ଣ ! ଯାଅ,ମୁହଁଧୋଇ ବାହାରି ପଡ ଶୀଘ୍ର। ବ୍ୟାଙ୍କ କୁ ଯିବା। କାମ ସାରିଦେଇ ମୁଁ ସିଧାସଳଖ ଘରକୁ ଯିବି। ଭୋକ ରେ କରଡି ଜଳିଲାଣି"। ସେ ତଥାପି କିଛି ବୁଝି ନ ପାରି କହିଲେ--" ଆସୁନ ,ଆମଘରେ ଖାଇ ଦେଇକି ଯିବ। ଏକୁଟିଆ ଅଛି ବୋଲି ହାଣ୍ଡି ଉବୁଡାଇ ଦେଇଛି ନା କ'ଣ!! ହଇହେ, ବ୍ୟାଙ୍କ୍ କାମ ପରା ସାରିକି ଆସିଲେ, ଆଉଥରେ ପୁଣି ଯିବା କାହିଁକି "?

ସେଇ ପ୍ରଥମ ଥର ପାଇଁ ଜଣେ ବଂଧୁ ପତ୍ନୀକୁ ନିଜ ଭାଉଜ ଉପ୍ରୋଧରେ ଆଉ ଅଧିକାର ବୋଧରେ ରାଗିଯାଇ କହିଲି--' ତୁମ ମୁଣ୍ଡ ଆଉ ଗଣ୍ଡି ପାଇଁ ଯିବା!! ହଇଓ, ଭୁଲ୍ ରେ ପିଲାଟା ଦେଢଲକ୍ଷ ଜାଗାରେ ଅଢେଇ ଲକ୍ଷ ଦେଇ ପକାଇଛି। ଭୁଲ୍ କଲା ବୋଲି ପ୍ରାୟଶ୍ଚିତ କରିବ ସିଏ, ଆଉ ଘରକୁ ଲକ୍ଷ୍ମୀ ଆସିଛନ୍ତି କହି ଖୁସିହୋଇ ଖାଇପିଇ ସୁଖନିଦ୍ରାରେ ଶୋଇବ ତୁମେ!! ମାନି ନିଅ, ସିଏ ତୁମର ନିଜ ଭାଇ ହୋଇଥା'ନ୍ତା, ତାହେଲେ ଠିକ୍ ଏଇଭଳି ଆଚରଣ କରନ୍ତ କି?? ଚାଲ ଚାଲ, ଯେତେଶୀଘ୍ର ପାରି ସେହି ଟଙ୍କାତକ ଫେରାଇ ଦେବା ସେଇ କାଉଣ୍ଟରରେ। ତୁମେ ଜାଣିନ ଭାଉଜ ଏଇ ଭୁଲ୍ ପାଇଁ ତଣ୍ଡ ଗଣିବ ସେଇ ପିଲା। ତା'ର ଦରମାରୁ କଟିଯିବ ସେତକ। ତାକୁ କେତେ ବାଧିବ ଜାଣିପାରୁଛ ଟି"!!

ଭାଉଜ କ'ଣ ଭାବିଲେ କେଜାଣି ଭିତରକୁ ଯାଇ ବ୍ୟାଗ୍ ରେ ଭର୍ତ୍ତିକରି ନେଇ ଆସିଲେ ଲକ୍ଷେ ଟଙ୍କା ଆଉ କବାଟରେ ତାଲା ଲଗାଇ ବସି ପଡିଲେ ବାଇକ୍ ପଛପଟେ। ମନେମନେ ହୁଏତ ସେ ନିଶ୍ଚୟ ରାଗିଥିବେ ବୀରେନ୍ଦ୍ର ଉପରେ କାହିଁକି ସେ ମୋତେ କହିପକାଇଲା ବୋଲି। କହିବା ବାହୁଲ୍ୟ, ସମାନ ଅସନ୍ତୁଷ୍ଟି ନେଇ ବ୍ୟାଙ୍କ୍ ର ସେଇ କାଉଣ୍ଟରରେ ଲକ୍ଷେଟଙ୍କା ଫେରାଇ ଦେଇ ଆସିବା ପର୍ଯ୍ୟନ୍ତ ମୋ ମୁହଁକୁ ଆଉ ଟିକିଏ ବି ଅନାଇଁଲେ ନାହିଁ ସେ।

ନିଜ ଆଖିକୁ ବି ବିଶ୍ୱାସ କରି ପାରିଲେନି ସେଇ ସୌମ୍ୟ ଦର୍ଶନ ଯୁବକ ଜଣକ। ତାଙ୍କ ଆଖିରୁ ଆପେଆପେ ଦି'ଟୋପା ଲୁହ ଗଡିପଡିଲା। ଭାଉଜଙ୍କୁ କୃତଜ୍ଞତା ପୂର୍ଣ୍ଣ ଧନ୍ୟବାଦ ଜଣାଇଲା ବେଳେ ସେ ତାହା ଶୁଣିଲେ କି ନାହିଁ ମୁଁ ଜାଣେ ନାହିଁ କିନ୍ତୁ ଏତିକି କହିବି ଯୁବକ ଜଣକର ସମଗ୍ର ଦୃଷ୍ଟି ନିବଦ୍ଧ ଥିଲା ମୋ ଉପରେ। ମୁଁ ତାଙ୍କୁ ନିଶ୍ଚିନ୍ତ ରହିବା ପାଇଁ ହାତ ହଲେଇ ଠାରିଦେଲା ବେଳେ ସେ ଯେଉଁ ଆଖିରେ ମୋତେ ଅନାଇଁଲେ ସେଥିରେ ଭରିରହିଥିଲା କୃତଜ୍ଞତାର ନିଷ୍କପଟ ଅଭିବ୍ୟକ୍ତି। ଯାହାକି ଲକ୍ଷ୍ୟ କରିବା ପାଇଁ ଭାଉଜଙ୍କ ପାଖରେ ନା ଥିଲା ସମୟ ,ନା ଥିଲା କୌଣସି ଆଗ୍ରହ।

ସମୟ ବିତିଯାଏ ତା'ବାଟରେ। ଜଣା ପଡେନି। ଏଇ ଘଟଣାର କିଛିଦିନ ପରେ ଦୈନିକ ବଜାରକୁ ଯାଇଥିଲି କିଛି ତଟକା ପନିପରିବା କିଣିବା ପାଇଁ। ଖୁସିର କଥା ଯେ, ଆମ ଏଇ ବଜାରରେ ବରାବର ତଟକା ପନିପରିବା ଉପଲବ୍ଧ ହୋଇ ଥାଏ ପ୍ରଚୁର ପରିମାଣରେ। ଭେଜିଟେରିଆନ୍ ହୋଇଥିବାରୁ ମୋର ଭାରି ଲୋଭଥାଏ ବଜାର ସାରା ବୁଲିବୁଲି କିଣିବାରେ। ଯାହା ମନେପଡୁଛି, ସେଦିନ ଥିଲା ରବିବାର। ଛୁଟିଦିନ ହୋଇ ଥିବାରୁ ବଜାରରେ ଭିଡଥିଲା। ନୂଆ ନୂଆ ଆସିଥାଏ ପୋଟଳ। ମୁଁ ଅଧାକିଲୋ ଦେବାପାଇଁ କହୁଥାଏ, କେହି ଜଣେ ମୋ ପାଦ ଛୁଇଁ ପ୍ରଣାମ କଲା। ଚମକି ପଡି ଅନାଇଁଲା ବେଳକୁ ନୀଳ ଶାଢୀ ପରିହିତା ସୁନ୍ଦରୀ ଝିଅଟିଏ ମୃଦୁମୃଦୁ ହସୁଥିଲା। ଦୋଦୋପାଞ୍ଚ ହେଲାବେଳେ ସେ ଆତ୍ମ ପରିଚୟ ଦେଲା---" ସାର୍, ମୋତେ ଚିହ୍ନି ପାରୁଛନ୍ତି ତ ! ମୁଁ ସୌମ୍ୟା, ସୌମ୍ୟା ଶେଫାଳିକା, ଆପଣଙ୍କ ଛାତ୍ରୀ "! ସତରେ ଝିଅଗୁଡାକ ସ୍କୁଲ ତଥା କଲେଜ ୟୁନିଫର୍ମ୍ ରୁ ପ୍ରମୋଶନ ପାଇ ଶାଢୀ,ଶଂଖା ଆଉ ସିନ୍ଦୂର ପୋଜିସନରେ ପହଞ୍ଚିଗଲେ ଚମତ୍କାର ଭାବରେ ବଦଳି ଯାଆନ୍ତି। ଯା'ଫଳରେ ହଠାତ୍ ଚିହ୍ନିହୁଏ ନାହିଁ। ଯା'ହେଉ ରକ୍ଷା!! ମନେପକାଇ ଜାଣିନେଲି ଇଏ ହେଉଛି ସେଇ ନାକ କାନ୍ଦୁରୀ ସୌମ୍ୟା ଯିଏକି କରୋନା ପୂର୍ବରୁ ଆମ କଲେଜରେ ବିଜ୍ଞାନରେ ପଢୁଥିଲା। କେହି ବି ଟିକିଏ ତାକୁ କୌଣସି କାରଣ ରୁ ରାଗିଗଲେ କାନ୍ଦିପକାଏ ନାକ ଅଗରେ। ହସିପକାଇ କହିଲି, --' ତୁ ସେଇ ନାକ କାନ୍ଦୁରୀ ସୌମ୍ୟା ନା '?? ସୌମ୍ୟା କାନିରେ ମୁହଁ ଘୋଡାଇ ହସିଲା କିରିକିରି ହୋଇ।

ସେଇ ମାର୍କେଟ୍ ଭିତରେ ଅଳ୍ପ ସମୟର ଆଲୋଚନା ଭିତରେ ସୌମ୍ୟା ଜଣକୁ ଅର୍ଥାତ୍ ତା ସ୍ୱାମୀଙ୍କୁ ଡାକିଲା ହାତଠାରି ମୋ ସହ ପରିଚିତ କରାଇବା ପାଇଁ। ଭିଡ ଭିତରୁ ଯେଉଁ ଯୁବକଜଣକ ବାହାରି ଆସି ଅପଲକ ଦୃଷ୍ଟିରେ ମୋତେ ଅନାଇଁ ରହିଲେ ସେ ଥିଲେ ପୂର୍ବୋକ୍ତ ଷ୍ଟେଟବ୍ୟାଙ୍କ ଆକାଉଣ୍ଟାଣ୍ଟ୍ ସୌମ୍ୟରଞ୍ଜନ ମିଶ୍ର। ସୌମ୍ୟା ପାଖକୁ ଟାଣି ନେଇ କହିଲା---" ଏମିତି ଅନାଇଁଛ କ'ଣ ! ଇଏ ପରା ମୋ ସାର୍। ମୋ ଟିଚର୍। ମୋ ଜୀବନର ଫେଭରାଇଟ ମନୋଜ ସାର୍। ସାର୍ ଙ୍କ କଥା ମୁଁ ଏଇଠି କହିବିନି ତୁମକୁ। ଘରକୁ ଗଲେ କହିବି"।

ସୌମ୍ୟା ପାଖରୁ ଏସବୁ ଶୁଣୁଶୁଣୁ ପାଦଛୁଇଁବାକୁ ନଇଁ ପଡିଲେ ସୌମ୍ୟରଞ୍ଜନ ଏବଂ ଶ୍ରଦ୍ଧାପୂର୍ଣ୍ଣ ସ୍ୱରରେ କହିଲେ---" ସାର୍,ଆପଣ ସୌମ୍ୟାର ସାର୍ ମାନେ ଆଜିଠୁଁ ମୋର ବି ସାର୍। ଗତବର୍ଷ ସୌମ୍ୟାକୁ ବିବାହ କଲି ମୁଁ ଏଇ ଷ୍ଟେଟବ୍ୟାଙ୍କରେ ଚାକିରି ପାଇବା ପରେ। ମୁଁ ବହୁତ ଖୁସି ସାର୍ ସୌମ୍ୟାକୁ ପାଇ। ଆମେ ଦୁହେଁ ଆଦର୍ଶ ନଗରରେ ଭଡାଘର ନେଇ ରହୁଛୁ। ଆପଣଙ୍କୁ ଅନୁରୋଧ, ଯେମିତି ହେଉ ଆଶୀର୍ବାଦ ଦେବାପାଇଁ ଆସିବେ। ଭୁଲିବେ ନାହିଁ "! ତାପରେ ସେ ସୌମ୍ୟାକୁ ଅନାଇଁ କହିଲେ--" ସୌମ୍ୟା, ତୁମେ ସାର୍ ଭାବରେ ସାର୍ ଙ୍କୁ ଯେତିକି ଜାଣ,ମୁଁ ଏଇ ଅଳ୍ପଦିନ ଭିତରେ ତାଙ୍କୁ ଆହୁରି ବିଶେଷ ଭାବରେ ଜାଣେ। ଘର କୁ ଚାଲ ମୁଁ ସବୁ କହିବି "! ଏହାପରେ ଦୁଇଜଣଯାକ ପାଦଛୁଇଁ ପ୍ରଣାମ କଲେ ଆଉ ଚାଲିଗଲେ।

ବଜାର ସଉଦା ସରିଗଲା। ଏଣିକି କେବଳ ଫେରିବାର ଉପକ୍ରମ। ବୀରେନ୍ଦ୍ର ଆଉ ତା ସ୍ତ୍ରୀ ଜୀବନରେ କ'ଣ ପାଇଲେ କେଜାଣି!! ମୁଁ କିନ୍ତୁ ବହୁତ ପାଇଲି। ହୃଦୟ ପଞ୍ଜୁରି ଭିତରେ ଚିରଦିନ ସାଇତି ରଖିବା ପାଇଁ ଦୁଇଟି ସ୍ନେହାସ୍ପଦ ପକ୍ଷୀ-- ସୌମ୍ୟ ଆଉ ସୌମ୍ୟାର ଭାବମୁଗ୍ଧ କଳ-ଗୁଂଜନ। ଯେଉଁ ଆନନ୍ଦର ତୁଳନା ହିଁ ନାହିଁ। 'ଏମିତି ଖୁସିରେ ଥାଆନ୍ତୁ ମୋ ପିଲାମାନେ, ଜୀବନର ମଧୁମୟତାକୁ ନେଇ। ପ୍ରଭୁ ଘଣ୍ଟ ଘୋଡ଼ାଇ ରଖିଥାନ୍ତୁ ଦୁହିଁଙ୍କୁ'-- ମନେମନେ କଲ୍ୟାଣ କରୁ କରୁ ବାହାରି ଆସିଲି ମୁଁ ଭିଡ ଭିତରୁ। ବ୍ୟାଗ୍ ଟା ଆଜି ଯଥେଷ୍ଟ ଭାରିଭାରି ଲାଗୁଥିଲା। ବୋଧହୁଏ କାହାର ସ୍ନେହ, ସଦିଚ୍ଛା ଆଉ କୃତଜ୍ଞତାର ଅଦୃଶ୍ୟ ବୋଝରେ!!

***

**ଡକ୍ଟର୍ ମନୋଜ ପ୍ରଧାନ**
ରେଢାଖୋଲ, ସମ୍ବଲପୁର
ଦୂରଭାଷ : ୮୯୧୭୩୫୫୧୪୪



# ଉତ୍କଳର ପୂର୍ବାପର

ଯେ କୌଣସି ପୂଜା ଆରମ୍ଭ ସଂକଳ୍ପ ସମୟରେ ସ୍ଥାନ ଓ କାଳର ବର୍ଣ୍ଣନା ଦିଆଯାଏ- ଜମ୍ବୁ ଦ୍ୱୀପେ, ଭାରତ ଖଣ୍ଡେ, ଭାରତ ବର୍ଷେ, ଉତ୍କଳ ପ୍ରଦେଶେ ,,,,। ଅର୍ଥାତ ଉତ୍କଳର ଏକ ଦ୍ୱୀପ ଅନ୍ତର୍ଗତ ସମଗ୍ର ଭାରତ ବର୍ଷ। ସେହି ଉତ୍କଳ ପ୍ରଦେଶ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ (୧୯୩୬) ମାନ୍ୟତା ପାଇବା ପୂର୍ବରୁ ବହୁ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ, ଇତିହାସରେ ଗୌରବମୟ ଅଧ୍ୟାୟ ଲିପିବଦ୍ଧ କରିଯାଇଛି। ଉତ୍କଳଗୌରବଙ୍କ ଭାଷାରେ:

"ତୋ ପୂର୍ବ ପୁରୁଷ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ।"

ଐତିହାସିକ ସାହିତ୍ୟକାର ଡଃ ହରିହର କାନୁନଗୋଙ୍କ "ଗଙ୍ଗବଂଶର ଉତ୍ପତ୍ତି" ବିଷୟରେ ସେ ଏହି ନାମ ଗଙ୍ଗାକୂଳର ଅଧିବାସୀଙ୍କ ସହିତ ସଂଯୋଗ କରି ଗଙ୍ଗାତଟର ସମଗ୍ର ଉତ୍ତର ଭାରତ ଓ ପୂର୍ବ ଭାରତ ଗଙ୍ଗବଂଶର ଅଧୀନ ଥିଲା ବୋଲି ପ୍ରମାଣିତ କରିଛନ୍ତି। ଗଜପତି ପୁରୁଷୋତ୍ତମ ଦେବ କାଞ୍ଚିରାଜ୍ୟର ସାଲ୍ୱ ନରସିଂହ ଦେବଙ୍କ ଠାରୁ ପରାଜିତ ହେବାପରେ ପୁନଶ୍ଚ ଆକ୍ରମଣ କରି ଜୟ କରିବା ସହ ହାତୀମାନଙ୍କ ପିଠିରେ ଅନେକ ସ୍ୱର୍ଣ୍ଣ ବହି ଆଣିଥିବା କଥା ବିଦିତ। ଓଡ଼ିଶାର ଦକ୍ଷିଣରେ ଥିବା ସହର ଆନ୍ଧ୍ରପ୍ରଦେଶର ଇଛାପୁରମ୍, ଶ୍ରୀକାକୁଲମ୍, ବିଜୟ ନଗରମ୍, ବିଶାଖା ପାଟଣା (ଭାଇଜାଗ୍), ବିଜୟ ବାହୁଡ଼ା (ବିଜୟୱାଡ଼ା), ମଛଲିପାଟଣା (ମଛଲିପଟନମ୍) ଆଦି ଦିନେ ଓଡ଼ିଶା ଶାସିତ ଅଞ୍ଚଳ ଥିଲା, ସ୍ୱତଃ ଅନୁମେୟ।

ପୁରାଣ ଓ ଇତିହାସରେ ଥିବା ଉଡ୍ର, ଉତ୍କଳ, କଳିଙ୍ଗ ଓ କଙ୍ଗୋଦ ଆଦି ନାମକରଣକୁ ନେଇ ସନ୍ଦେହ, ଏସବୁ ଗୋଟିଏ ରାଜ୍ୟ ଥିଲା ନା ଏକାଧିକ; ସିଦ୍ଧାନ୍ତରେ ଉପନୀତ ହେବା କଷ୍ଟକର। ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅନୁସାରେ କଳିଙ୍ଗ, ଉତ୍କଳ ଓ କଙ୍ଗୋଦକୁ ନେଇ ତ୍ରିକଳିଙ୍ଗ ସୃଷ୍ଟି। ତେବେ ପୁରାଣ/ ଇତିହାସରେ କଙ୍ଗୋଦ ବିଷୟରେ କୌଣସି ବର୍ଣ୍ଣନା ଅନୁପସ୍ଥିତିରେ, ଲିଖିତ ଇତିହାସ/ ସାହିତ୍ୟ ସୃଷ୍ଟି ପୂର୍ବରୁ ଏହା ଏକ ଉପନାମ ହୋଇଥିବା ଅନୁମେୟ।

ଅଶୋକଙ୍କ କଳିଙ୍ଗ ଯୁଦ୍ଧ, ଅବିଭକ୍ତ ପୁରୀ ଜିଲ୍ଲାର ଦୟାନଦୀ ତଟରେ ହୋଇଥିବା ଓ ଭୁବନେଶ୍ୱରର ଶିଶୁପାଳଗଡ଼ରେ ଏକ ସମୃଦ୍ଧ ରାଜଧାନୀର ଧ୍ୱଂସାବଶେଷ ସହ କପିଳପ୍ରସାଦ ମାଟିତଳେ ଏକ ରାଜବାଟୀର ଧ୍ୱଂସାବଶେଷ (ଅର୍ଦ୍ଧ ଖୋଦିତ) ଅବିଭକ୍ତ କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାକୁ କଳିଙ୍ଗ ଭାବରେ ଚିହ୍ନିତ କରାଯାଇଛି। ମହାଭାରତର ଜ୍ୟେଷ୍ଠ କୁରୁପୁତ୍ର ଦୁର୍ଯ୍ୟୋଧନଙ୍କ ପତ୍ନୀ ଚିତ୍ରାଙ୍ଗଦା କଳିଙ୍ଗ ରାଜକନ୍ୟା ହୋଇଥିବାରୁ, ସେମାନେ କୌରବଙ୍କ ସପକ୍ଷରେ ଯୁଦ୍ଧ କରି ପରାସ୍ତ ହୋଇଥିବା ବର୍ଣ୍ଣିତ ହୋଇଛି।

ରାମାୟଣ ବର୍ଣ୍ଣନାନୁସାରେ ଶ୍ରୀରାମ ବନବାସ କାଳରେ କୋଶଳ ପ୍ରଦେଶ ଅନତିଦୂରରେ ଚିତ୍ରକୂଟଠାରେ ଆଶ୍ରମ ପ୍ରତିଷ୍ଠା କରିଥିଲେ। ସୀତାଚୋରୀ ପରେ ସୁଗ୍ରୀବଙ୍କ ସହାୟତାରେ ସୀତାଠାବ ପାଇଁ ହନୁମାନଙ୍କ ଦଳ ଦକ୍ଷିଣକୁ ଯାତ୍ରାକାଳରେ ଉତ୍କଳ ଓ କଳିଙ୍ଗ ପାରହୋଇ ଲଙ୍କାଭିମୁଖେ ଯାତ୍ରା କରିଥିଲେ- (୪୧ ସର୍ଗ- ବାଲ୍ମୀକି ରାମାୟଣ, କିଷ୍କିନ୍ଧା କାଣ୍ଡ)। ବୃହତ୍ ସଂହିତା ଅନୁସାରେ ବୃହତ୍ତର ଭାରତବର୍ଷ ୯ ଭାଗରେ ବିଭକ୍ତ ହୋଇ ପୂର୍ବାଞ୍ଚଳରେ ଓଡ୍ର ଓ ଉତ୍କଳ ଥିବାର ପ୍ରମାଣ ରହିଛି। ଚୀନ ପରିବ୍ରାଜକ ହୁଏନସାଂ (ଖ୍ରୀ ୬୩୯ ଷ୍ଟାବ୍ଦ) ତାଙ୍କ ଭାରତ ଭ୍ରମଣ କାହାଣୀରେ ଉତ୍କଳ ଭ୍ରମଣ ପରେ କଳିଙ୍ଗ, କଙ୍ଗୋଦ ଓ କୋଶଳ ମଧ୍ୟ ଦେଇ ଦକ୍ଷିଣକୁ ଯାତ୍ରା କରିଥିଲେ।

ଉପରୋକ୍ତ ଆଲୋଚନାର ନିଷ୍କର୍ଷ, ଉଡ୍ର (ଆଧୁନିକ ଓଡ଼ିଶା) ଓ କଳିଙ୍ଗ ଏକ ଅଞ୍ଚଳର ଦୁଇଟି ନାମ ହେବା ସମ୍ଭବ, କାରଣ ଓଡ୍ର ଏକ ଜାତିର ନାମ ଓ କଳିଙ୍ଗ ଏକ ରାଜ୍ୟର ନାମ। ଉଡ୍ର ବା ଓଡ଼ କୃଷି ସମ୍ପର୍କିତ ଏକ ଜାତି, ଯାହାକୁ ସ୍ଥାନୀୟ ଭାଷାରେ ଓଡ଼ଚାଷୀ କୁହାଯାଏ। କୋଶଳ ପ୍ରଦେଶ ଶ୍ରୀରାମଙ୍କ ମାତୁଳାଳୟ, ତାଙ୍କ ମାତାଙ୍କ ନାମ କୌଶଲ୍ୟା। ଏହି ରାଜ୍ୟର ସୀମା ସମ୍ବଲପୁର ଠାରୁ ଛତିଶଗଡ଼ର ରାଜଧାନୀ ରାୟପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ତେଣୁ ଓଡ଼ିଶାର ଅନାଲୋଚିତ ଅଞ୍ଚଳ ଅବିଭକ୍ତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଆଦି କଙ୍ଗୋଦ ମଣ୍ଡଳର ଅନ୍ତର୍ଭୁକ୍ତ ହୋଇପାରେ।

ଉତ୍କର୍ଷ କଳାପାଇଁ କଳିଙ୍ଗର ଏକ ସାଂସ୍କୃତିକ ଅଙ୍ଗସଜ୍ଞା ନାମ ଉତ୍କଳ, ସ୍କନ୍ଦ ପୁରାଣ (ଉତ୍କଳସ୍ୟ ସମ ଦେଶ ଦେଶୋ ନାସ୍ତି ମହୀତଳେ) ଠାରୁ ଇତିହାସରେ ସ୍ଥାନୀତ। ଅଶୋକ କଳିଙ୍ଗର ସୀମା ଜୟ କରିଥିଲେ ମଧ୍ୟ, ଲକ୍ଷ ଓଡ଼ିଆଙ୍କ ପ୍ରାଣପାତରେ ତା'ର ଆତ୍ମାକୁ ଜୟ କରିପାରି ନଥିଲେ। କଳିଙ୍ଗ ଯୁଦ୍ଧ (ଖ୍ରୀ ୨୬୧ ପୂ) ପରେ ଚେଦୀ ବଂଶୀୟ ରାଜା ଐର ଖାରବେଳ (ଖ୍ରୀ ୧୮୫ ପୂ)ରେ ମଗଧ ସହ ସମଗ୍ର ଉତ୍ତର ଭାରତ ଆକ୍ରମଣ କରି ସାମ୍ରାଜ୍ୟ ବିସ୍ତାର କରିଥିଲେ।

କ୍ରମେ ଦେଶ ତଥା ଆମ ରାଜ୍ୟ ବିଦେଶୀ ଶାସନାଧୀନ ହେବା ପୂର୍ବରୁ ଏକତ୍ରିତ ହୋଇଥିବା ତ୍ରିକଳିଙ୍ଗ ଓଡ଼ିଶା ବା ଉତ୍କଳ ନାମରେ ପରିଚିତ ହେଲା। ସେତେବେଳର ରାଜଧାନୀ ସାମୟିକ ଯାଜପୁର (ଯଯାତି କେଶରୀ), କେତେବେଳେ ଅଭିନବ ବାରାଣାସୀ କଟକ (ବାରବାଟୀ) ଓ ଇଂରେଜ ଶାସନାଧୀନ ହେବାପୂର୍ବରୁ ଖୋର୍ଦ୍ଧାରେ ଅବସ୍ଥାପିତ ଥିଲା। ସମଗ୍ର ଭାରତରେ ଓଡ଼ିଶା ଶେଷ ପରାଧିନ ରାଜ୍ୟ (ଖ୍ରୀ ୧୮୦୦ ଅବ୍ଦ) ହୋଇଥିବାବେଳେ ମାତ୍ର ୪ ବର୍ଷ ପରେ ଜୟୀ ରାଜଗୁରୁ (ଖୋର୍ଦ୍ଧାଗଡ଼ର ରାଜପୁରୋହିତ) ଅମିତ ପରାକ୍ରମ ଦେଖାଇ ସ୍ଥାନୀୟ ଯୋଦ୍ଧାଙ୍କ ସହାୟତାରେ ଇଂରେଜ ସେନାକୁ ଅନେକ ବାଟ ତଡ଼ି ଦେଇଥିଲେ। ପରେପରେ ସେହି ଖୋର୍ଦ୍ଧାଗଡ଼ ସନ୍ନିକଟ ଚନ୍ଦକାର ପିଣ୍ଡିକି ବାହୁବଳେନ୍ଦ୍ର ଇଂରେଜ ମାନଙ୍କୁ ନାକେଦମ କରିଥିଲେ ତଥା ବକ୍ସି ଜଗବନ୍ଧୁ (ଖ୍ରୀ ୧୮୨୦ ଅବ୍ଦ)ରେ ଇଂରେଜ ସେନାଙ୍କୁ କଡା ମୁକାବଲା କରିଥିଲେ ମଧ୍ୟ ତିନିହେଁ ଶହୀଦ ହୋଇଥିଲେ। ଏହାର ବହୁବର୍ଷ ପରେ, ସିପାହୀ ବିଦ୍ରୋହ (ଖ୍ରୀ ୧୮୫୭ ଅବ୍ଦ) ଭାବରେ ଦେଶର ବୃହତ ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥିଲା।

ଏହି କଳିଙ୍ଗ ବା ଉତ୍କଳର ପ୍ରମୁଖ ସେନାନୀ ବା ଅଗ୍ରଦୂତ ଭାବରେ ଗଙ୍ଗବଂଶୀ କୈବର୍ତ୍ତ ମାନେ ଦୁର୍ଦ୍ଧର୍ଷ ସାମ୍ରାଜ୍ୟର ଅଧୀଶ୍ୱର ଥାଇ ଏକ ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ପ୍ରତିଷ୍ଠା କରିଥିଲେ। ସେମାନେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ (ଇଣ୍ଡୋନେସିଆ), ଶ୍ୟାମ (ଥାଇଲାଣ୍ଡ), ସିଂହଳ ଓ ଜାପାନ ଆଦି ସାଗର ଗର୍ଭକୁ ପାଲଟଣା ଜାହାଜରେ ଜଳଯାତ୍ରା କରି ସମୁନ୍ନତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିବା ସହ କଳା, ସାହିତ୍ୟ ଓ ସଂସ୍କୃତିର ଆଦାନପ୍ରଦାନ ପୂର୍ବକ ଏକ ଖ୍ୟାତନାମା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏକାଦଶ ଶତାବ୍ଦୀରେ କେଶରୀବଂଶୀୟ ରାଜା ଯଯାତିକେଶରୀ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶୀ ରାଜା ଚୋଡ଼ଗଙ୍ଗ (ଚୁଡଙ୍ଗ) ଦେବ ପୁରୀରେ ଶ୍ରୀମନ୍ଦିର ତଥା ଖ୍ରୀ ୧୨୫୦ଷ୍ଟାବ୍ଦରେ ସେହି ବଂଶର ଲାଙ୍ଗୁଳା ନରସିଂହ ଦେବ କୋଣାର୍କର ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ।

ଏସିଆର ଆଲୋକ ତଥାଗତ ବୁଦ୍ଧଙ୍କ ବୁଦ୍ଧତ୍ୱପ୍ରାପ୍ତି ପରେ ତପିସ୍ସୁ ଓ ଭଲ୍ଲିକ ନାମକ

ଦୁଇ ଓଡ଼ିଆ ପ୍ରଥମେ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ବୌଦ୍ଧ କୀର୍ତ୍ତିରାଜି ପୂର୍ଣ୍ଣ ବୌଦ୍ଧ ଜିଲ୍ଲାକୁ ଛାଡ଼ି, ଯାଜପୁର ଜିଲ୍ଲାର ରତ୍ନଗିରିଠାରେ ନାଳନ୍ଦା ସମକକ୍ଷ ଏକ ବିଶ୍ୱବିଦ୍ୟାଳୟ ସହ ଚୈତ୍ୟ ଗୃହ ଆଦି ବୌଦ୍ଧ ତ୍ରିକୋଣ ଭୂମି ଲଳିତଗିରି, ରତ୍ନଗିରି ଓ ଉଦୟଗିରି ତଥା ପୁଷ୍ପଗିରିଠାରେ, ପ୍ରତ୍ନତାତ୍ତ୍ୱିକ ଖନନ ପରେ ଆବିଷ୍କୃତ ହୋଇଛି। ବୁଦ୍ଧଙ୍କ ଜନ୍ମସ୍ଥାନ ନେପାଳର କପିଳବାସ୍ତୁ ବୋଲି ଇତିହାସରେଜ ଉଲ୍ଲେଖ ଥିଲେ ମଧ, ଭୁବନେଶ୍ୱରର କପିଳପ୍ରସାଦ ଠାରେ ମାଟିତଳୁ ଆବିଷ୍କୃତ ରାଜପ୍ରାସାଦ ତଥାଗତଙ୍କ ଜନ୍ମସ୍ଥାନ ହୋଇପାରେ ଅନୁମେୟ। କାରଣ, ତାଙ୍କ ପିତା ଶୁଦ୍ଧୋଦନ ଜଣେ କୃଷକ ରାଜା ହୋଇଥିବାରୁ ନେପାଳର ତରାଇ ଅଞ୍ଚଳ କୃଷି ଅନୁପଯୁକ୍ତ, ପ୍ରକାରାନ୍ତେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ତାଙ୍କ ବୁଦ୍ଧତ୍ୱ ପ୍ରାପ୍ତିର ସ୍ଥଳ ବିହାରର ବୋଧଗୟା ଉଭୟ ଓଡ଼ିଶା ଓ ନେପାଳଠାରୁ ସମ ଦୂରତ୍ୱ ହୋଇଥିବାରୁ ତାଙ୍କ ଜନ୍ମସ୍ଥାନ ନିର୍ଣ୍ଣୟ, ଅଧିକ ଗବେଷଣାର ଅପେକ୍ଷା ରଖେ।

ଅତିଥି ଦେବୋ ଭବ- ଏହି ଉପନିଷଦୀୟ ବାଣୀ ଉତ୍କଳୀୟମାନେ ପ୍ରମାଣିତ କରନ୍ତି ନିଜ ଆଚାର ବ୍ୟବହାରରେ। ସମଗ୍ର ପୃଥିବୀରେ କେବଳ ଜଗନ୍ନାଥଙ୍କୁ ଅନ୍ନବ୍ରହ୍ମ ଆଖ୍ୟାୟିତ କରାଯାଇ ଦୈନିକ ଛପନ ପ୍ରକାର (ସାଧାରଣତଃ, ଆବଶ୍ୟକ ସ୍ଥଳେ ଶଠାଧିକ) ବ୍ୟଞ୍ଜନ, ଷାଠିଏ ପୌଟି ପରିମାଣର ପ୍ରସ୍ତୁତ ହୁଏ, ଯାହା ପୃଥିବୀର ସର୍ବ ବୃହତ ପାକଶାଳାର ମାନ୍ୟତା ପ୍ରାପ୍ତ। ପ୍ରାତରୁ ପହୁଡ଼ ପର୍ଯ୍ୟନ୍ତ ଏତେ ପ୍ରକାର ପ୍ରସାଦ ଲାଗିହୁଏ, ଯେକୌଣସି ସମୟରେ କେହି ଏଠାରୁ ଖାଲିପେଟରେ ଫେରିଯିବାର ନଜିର ନାହିଁ। କାରଣ ଟଙ୍କ ତୋରାଣି ମଧ କ୍ଷୁଧା ତୃଷା ନିବାରଣ କରିବାକୁ ଯଥେଷ୍ଟ।

ବିସ୍ତୀର୍ଣ୍ଣ ବେଳାଭୂମିର ବିବିଧତା (ଚାନ୍ଦିପୁର ପରି ଅନନ୍ୟ), ଚିଲିକାର ଆକର୍ଷଣ, କୋଣାର୍କ- ପୁରୀ-ଭୁବନେଶ୍ୱର ତଥା ବୌଦ୍ଧ ତ୍ରିକୋଣ, ଭିତରକନିକାର ଜୈବ ବିବିଧତା ତଥା ଗହୀରମଥା ଓ ଋଷିକୁଲ୍ୟା ମୁହାଣର ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ଭୂମି, ଶିମିଳିପାଳ ଜୈବ ମଣ୍ଡଳ, ଖଣ୍ଡାଧାର ଜଳପ୍ରପାତ, କୋରାପୁଟ ଓ ଫୁଲବାଣୀର ଆରଣ୍ୟକ ପରିବେଶ, କେନ୍ଦୁଝର ଓ ସୁନ୍ଦରଗଡର ଖଣି, ଶିଳ୍ପ ସହର ରାଉରକେଲା, ସମ୍ବଲପୁରର ବାନ୍ଧକଳା, କଟକର ତାରକସି କାମ, ରେଶମ ସହର ବ୍ରହ୍ମପୁର, ନଦୀ ମାତୃକା, ଅଷ୍ଟ ଚଣ୍ଡୀପୀଠ, ଓଡ଼ିଶୀ, ସମ୍ବଲପୁରୀ ଓ ଛଉ ନୃତ୍ୟ, ସର୍ବୋପରି କୋଟି ଓଡିଆର ପ୍ରାଣ କାଳିଆ ସାଆନ୍ତ; ସବୁମିଶି ଭାରତର ଆଧାତ୍ମ କେନ୍ଦ୍ର, ଦର୍ଶକ/ ଭ୍ରମଣକାରୀମାନଙ୍କ ପାଇଁ ଅବିଶ୍ୱାସନୀୟ। କବିବର ତାଙ୍କ ଭାରତଗୀତିକାରେ ଯଥାର୍ଥରେ କହିଛନ୍ତି:

"ଭାରତ ପଙ୍କଜ ଦଳମିଦମୁତ୍କଳ ମଣ୍ଡଳମିତି ବିଦିତମ୍ ଯତ୍।"

ଇଂରେଜ ମାନଙ୍କ ପାଇଁ କଲିକତାରୁ ମାନ୍ଦ୍ରାଜ ଯିବାପାଇଁ ଓଡ଼ିଶା ଦଖଲ ଅନିର୍ବାର୍ଯ୍ୟ ଥିଲା। କଳେ ବଳେ ଓଡ଼ିଶା ଦଖଲ କଲାପରେ ଏହାକୁ ଭାଗଭାଗ କରି ମାନ୍ଦ୍ରାଜ, ବିହାର ଓ କେନ୍ଦ୍ରୀୟ ପ୍ରୋଭିନ୍ସରେ ମିଶାଇ ଦିଆଗଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଗଜପତି କୃଷ୍ଣଚନ୍ଦ୍ର ଦେବ, ମଧୁବାବୁ, ଗୋପବନ୍ଧୁ ତଥା ଅଗଣିତ ସ୍ୱାଭିମାନୀ ଓଡ଼ିଆ ଆନ୍ଦୋଳନ କରି ୧୯୩୬ ଖ୍ରୀଷ୍ଟାବ୍ଦ ଅପ୍ରେଲ ପହିଲାରେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ଗଠିତ ହେଲା। ପୁଣି ଏକ ସରକାରୀ ଉଦ୍ୟମରେ ୨୦୧୪ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୧ ତାରିଖ ଦିନ, ଓଡ଼ିଆ ଭାଷା, ଭାରତର ଷଷ୍ଠ ତଥା ସମଗ୍ର ଅଣଦକ୍ଷିଣର ପ୍ରଥମ ଭାଷା ଭାବରେ ସାଂସ୍କୃତିକ ମାନ୍ୟତା ପ୍ରାପ୍ତ ହେଲା।

ଦିନେ ଓଡ଼ିଶା କହିଲେ, ଭାରତର ଅନ୍ୟ ରାଜ୍ୟର ଲୋକେ ଜାଣିପାରୁ ନଥିଲେ। ଜଗନ୍ନାଥଙ୍କର ପରିଚୟରେ ଓଡ଼ିଶାର ପରିଚୟ ଥିଲା। ଆଜି ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚିତି ସୃଷ୍ଟିକରି, ଏହା ନିଜକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିପାରିଛି। ଆନ୍ତର୍ଜାତିକ ହକି ମହାକୁମ୍ଭ ଆୟୋଜନ ତଥା ସେଥିପାଇଁ ଭୁବନେଶ୍ୱର ଓ ରାଉରକେଲାରେ ଦୁଇଟି ବିଶ୍ୱ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ତଥା ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଆଦି କେତୋଟି ଉଦାହରଣ ମାତ୍ର। ଭୁବନେଶ୍ୱରର କିସ୍ ଶିକ୍ଷାନୁଷ୍ଠାନ (ଡଃ ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଘରୋଇ ଶିକ୍ଷାନୁଷ୍ଠାନ) ପରି ଚାଳିଶ ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରି ବିଶ୍ୱର ଅବିଶ୍ୱାସନୀୟ ଅନୁଷ୍ଠାନ ଭାବରେ ଉଭା ହୋଇଛି।

ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବିମାନ ବନ୍ଦର ଆନ୍ତର୍ଜାତିକ ମାନ୍ୟତା ପାଇ, ମଧ ପ୍ରାଚ୍ୟ ଯାତ୍ରାକୁ ପ୍ରାଧାନ୍ୟ ଦେବା ଅବସରରେ ଓଡ଼ିଶା ପାଇଁ ଅସୁମାରୀ ଆଶା ଉଜ୍ଜୀବିତ କରିଛି। ଏକ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଷଢ଼େଇକଳା ଓ ଖରସୁଆଁ(ଓଡ଼ିଆ ଭାଷାଭାଷୀ)କୁ ହରାଇ ମଧ ଓଡ଼ିଆ ଆଜି ଦର୍ପରେ ମୁଣ୍ଡ ଟେକିଛି, କେତେବେଳେ ବିବିସିର ଖବର ମଣ୍ଡନ କରୁଛି ତ କେତେବେଳେ ମିଳିତ ଜାତିସଙ୍ଘର ପ୍ରଶଂସା ସାଉଁଟୁଛି। ଜଣେ ଶ୍ରେଷ୍ଠ ଓଡ଼ିଆ ଭାବରେ ସନ୍ଥକବି ଭୀମଭୋଇଙ୍କ ଅନବଦ୍ୟ କବିତା ଜାତିସଂଘ କାନ୍ଥରେ ସ୍ଥାନୀତ ହୋଇଛି:

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେ ବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।"

ବିଜୁ ପଟ୍ଟନାୟକ ବିଶ୍ୱର ବୈଜ୍ଞାନିକ ମାନଙ୍କୁ ପ୍ରୋତ୍ସାହନ ଦେବାକୁ ଜାତିସଂଘରେ "କଳିଙ୍ଗ ପୁରସ୍କାର" ପରି ଚେୟାର ପ୍ରତିଷ୍ଠା କରିଥିଲେ। ଶେଷ ସ୍ପର୍ଶ ବେଳେ, କୁଳବୃଦ୍ଧଙ୍କ ଉଦାତ୍ତ ବାଣୀ ଝଙ୍କୃତ ହୁଏ:

"ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା ପଡୁନାହିଁକିରେ ମନେ !"

****

**ବିଶ୍ୱେଶ୍ୱର ମାଝୀ**
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୭୫୧୦୧୬
ଦୂରଭାଷ : ୯୪୩୭୬୯୭୧୭୧

"କାତରତା ସିନା କାପୁରୁଷ ପଣ,
ବୀର ମାରେ ଅବା ମରେ କରି ରଣ ।
ପଛଘୁଞ୍ଚା ନାହିଁ ବୀରର ଜାତକେ
ନ ମରେ ସେ କେବେ ପରାଣ ଆତଙ୍କେ ।"

ଉତ୍କଳମଣି ଗୋପବନ୍ଧୁ ଦାସ



# ପୁରୁଷ ବି କାନ୍ଦି ପାରେ

ବର୍ତ୍ତମାନ ସମୟରେ ଆମ ଚତୁପାର୍ଶ୍ୱରେ ଘଟୁଥିବା ଘଟଣାର କିଛି ଚକିତ ଖବରମାନ ଆମ ହୃଦୟକୁ ସଦା ସର୍ବଦା ଆନ୍ଦୋଳିତ ବା ବ୍ୟତିବ୍ୟସ୍ତ କରିଦେଉଛି। ଶିକ୍ଷା ବଢ଼ିଛି ସତ କିନ୍ତୁ; ଶିକ୍ଷିତ ବ୍ୟକ୍ତିଙ୍କର ଜୀବନଶୈଳୀ ଓ ଦୃଷ୍ଟି ଭଙ୍ଗୀରେ କିଛି ଫରକ ଜଣା ପଡୁନି। ଏହା ସବୁ ଦେଖି କଷ୍ଟ ଲାଗୁଛି। ଏବେ ଆମେ ଏହି ଦୁଇଟି କଥାକୁ ବିଶେଷ ଭାବରେ ଅନୁଭବ କରିଥାଉ,ଯଥା, ସୁଖ ଦୁଃଖ, ହସ କାନ୍ଦ,ଧର୍ମ ଅଧର୍ମ,ବିଶ୍ୱାସ ଅବିଶ୍ୱାସ ଓ ନ୍ୟାୟ ,ଅନ୍ୟାୟ। ଏସବୁ ଲହର ଭିତରୁ ଆମକୁ ଗୋଟିକୁ ହିଁ ସମର୍ଥନ କରିବାକୁ ପଡିବ।ତାହା ପୁଣି ନିଜର ବୁଦ୍ଧି ବିବେକ ଏବଂ ମଣିଷ ପଣିଆ ଉପରେ ନିର୍ଭର କରେ। ଏହା ଅତ୍ୟନ୍ତ କଷ୍ଟ ସାଧ। ଏବେ ଆମେ ଉପର ଲିଖିତ ବିଷୟ ବସ୍ତୁ ଉପରକୁ ଆସିବା,ଆପଣ ମାନେ ଭାବୁଥିବେ, ପୁରୁଷ ତ ସଦା ସର୍ବଦା ମାନସିକ ସ୍ତରରେ ଶକ୍ତିଶାଳୀ ସେ କାହିଁ କାନ୍ଦିବ ଯେ, ଶୁଣିବାକୁ ଟିକେ ଅଡୁଆ ତଡୁଆ ଲାଗିପାରେ,କିନ୍ତୁ ବାସ୍ତବରେ ଏହା ସତ୍ୟ। ବର୍ତ୍ତମାନ ସମାଜ ଯେତିକି ବିଜ୍ଞାନର ଅଗ୍ରଗତିରେ ଦୌଡୁଛି, ସେତିକି ପରିମାଣରେ ତାର ପରିବର୍ତ୍ତିତ ଆଧୁନିକ ହାବ ଭାବ ଦ୍ୱାରା ମଣିଷରୁ ଅମଣିଷ ହୋଇ ଯାଉଛି।

କଥାରେ କୁହାଯାଏ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କିନ୍ତୁ; ଅଧୁନା ଟିକିଏ ଭିନ୍ନ ଲାଗୁଛି।କାରଣ ବର୍ତ୍ତମାନ ଯୁଗରେ ସେମାନଙ୍କ ମଧ୍ୟରେ ଏତେ ପାରିମାଣରେ ଛଳନାତ୍ମକ ସମ୍ପର୍କ ସବୁ ଖୁନ୍ଦି ହୋଇ ସାରିଲାଣି ଯାହା ଦୁନିଆ ସାମ୍ନାରେ ସ୍ପଷ୍ଟ ବାରି ହୋଇ ପଡୁଛି । ପୁରୁଷ ଟିଏ ତାର ପରିବାରର କାର୍ଯ୍ୟଭାରକୁ ସୁଚାରୁ ରୂପେ ଚଳାଇବା ଠାରୁ ଆରମ୍ଭ କରି ନିଜ ଭବିଷ୍ୟତକୁ ଆଗେଇ ନେବା ପାଇଁ ଶତପ୍ରତିଶତ ଚେଷ୍ଟା କରିଥାଏ । କେଉଁଠି ଠିକ୍ ରେ ତୁଲାଇ ଥାଏ ତ ଆଉ କେଉଁଠି ଝୁଣ୍ଟି ପଡେ। ଯଥା ପ୍ରତିଯୋଗିତାର ଯୁଗରେ ତାଳ ଦେଇ ଚାଲିବା ଟିକେ କଷ୍ଟ ହୁଏ।

ପୁରୁଣା ପ୍ରଥା ପରମ୍ପରା ଅନୁସାରେ ଆମର ନାରୀକୁ ସର୍ବଂସହା କୁହାଯାଉଥିବା ଶବ୍ଦଟି ଏବେ ବଦଳିଯାଇଛି। ସ୍ୱାଧିନତାର ଦ୍ୱାହି ଦେଇ ନିଜ ସ୍ୱାର୍ଥ ପାଇଁ ପ୍ରତ୍ୟେକ କ୍ଷେତ୍ରରେ ନିଜ ଅହଂକୁ ପରିପ୍ରକାଶ କରିବାକୁ ସର୍ବତ୍ର ଚେଷ୍ଟା କରୁଛି । ପୁରୁଷଟିକୁ ହୀନ ଦୃଷ୍ଟିରେ ଦେଖିବାକୁ ତିଳେ ମାତ୍ର ପଛାଉନି । ଏତେ ମାତ୍ରାରେ ସୀମା ଲଙ୍ଘନ କରୁଛି ଯାହାକି ପ୍ରତିଦିନ କିଛି ଅପ୍ରୀତିକର ଘଟଣାର ଝଲକ ସବୁ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ସତରେ ଏହା ବହୁତ କ୍ଷୋଭର ବିଷୟ।ଏପରି ଧାରା ଯଦି ଜାରି ରହେ, ତେବେ କେତେ ଯେ ମୂଲ୍ୟବାନ ଜୀବନ ଧରାଶାୟୀ ହେବ ତାହାର ହିସାବ ନାହିଁ।

ସମସ୍ତେ ଜାଣନ୍ତି ପ୍ରତ୍ୟେକ ମଣିଷଙ୍କର ଗୋଟିଏ ସୁନ୍ଦର ହୃଦୟ ଆଉ ମନ ଟିଏ ଅଛି।ସେ ଚାହେଁ ନିଜ ମନୋଭାବକୁ ବୁଝିପାରୁଥିବା ଜୀବନ ସାଥିଟିଏ । କିନ୍ତୁ କୌଣସି କାରଣ ବଶତଃ ଯଦି ସେହି ସାଥି ଦ୍ୱାରା ଅହରହ ନିର୍ଯାତିତା ହେଲା, ତେବେ ମାନସିକ ସ୍ତରରେ ପୁରୁଷଟି ଅତ୍ୟନ୍ତ ଦୁର୍ବଳ ହେବା ସ୍ୱାଭାବିକ। ଖାଲି ଯେ ନାରୀ ନିର୍ଯାତିତା ହେଉଛି କହିବାର ଦିନ ସବୁ ଚାଲିଗଲାଣି। ଏବେ ଖୋଦ ପୁଅ ମାନେ ବିଭିନ୍ନ ପ୍ରକାର ନିର୍ଯ୍ୟାତନାର ଶିକାର ହେଉଛନ୍ତି। ନାରୀର ସାମାନ୍ୟ କଷ୍ଟ ସର୍ବଦା ଲୋକଲୋଚନକୁ ଆସିଥାଏ। କିନ୍ତୁ ପୁରୁଷର କଷ୍ଟକୁ ଆଲୋଚନାର ପରିସରକୁ ଅଣା ଯାଇନଥାଏ। ପୁରୁଷ ଟି କିନ୍ତୁ ବହୁତ କଷ୍ଟ ପାଇବା ପରେ ଅତି ଜଟିଳ ସମସ୍ୟାକୁ ସାମ୍ନା କରି ନପାରି ଭୋ ଭୋ କାନ୍ଦିଥାଏ, ହେଲେ ସମାଜ ତାକୁ ଅନେକ ପ୍ରକାର ତାଗ୍ଛଲ୍ୟ କରିବାକୁ ପଛାଇନଥାଏ।

ପୁରୁଷଟି ବିଚରା କେଉଁଠାରେ ପ୍ରେମରେ ଧୋକାଖାଏ ତ କେଉଁଠି ବ୍ୟବସାୟରେ ଅସଫଳ ହୁଏ। ବିଶେଷ ଭାବେ ପାରିବାରିକ କଳହ ଇତ୍ୟାଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ। ସ୍ୱାଭିମାନକୁ ନେଇ ବଞ୍ଚୁଥିବା ପୁଅଟି ବେଳେବେଳେ ଅତ୍ୟଧିକ ମାନସିକ ଯନ୍ତ୍ରଣାକୁ ସହ୍ୟ କରି ନ ପାରି ଶେଷରେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଥାଏ। ବର୍ତ୍ତମାନ ପ୍ରତିଦିନର ଖବରକାଗଜରେ ଏହି ସବୁ ଖବର ଉଦାହରଣର ଅଭାବ ନାହିଁ।

ଅଳ୍ପ ଦିନ ତଳେ କିଛି ଖବର କାଗଜର ମୁଖ୍ୟ ଖବର ଥିଲା ଯେ ଜଣେ କଟକର ଜଣେ ତିରିଶ ବର୍ଷର ଓଡ଼ିଆ ପୁଅ ତାର ସ୍ତ୍ରୀ ଏବଂ ସ୍ତ୍ରୀ ପରିବାରର ସମସ୍ତ ଲୋକଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ବାଙ୍ଗାଲୋରରେ ଆତ୍ମହତ୍ୟା କରିଛି। ସୋସିଆଲ ମିଡ଼ିଆରୁ ଯାହା ବୁଝାପଡ଼ିଲା, ବିବାହ ପରେ ପୁରୁଷଟି ଏତେ ମାତ୍ରାରେ ମାନସିକ ଚାପଗ୍ରସ୍ତ ଥିଲା ଯେ, ଶେଷରେ ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲା। ବିଚରା ଭବିଷ୍ୟତର ଉତ୍ତରାଧିକାରୀ ହେବାର ସ୍ୱପ୍ନ ଦେଖୁଥିବା ଏକମାତ୍ର ପୁଅର ମୃତ୍ୟୁ ଖବରରେ ପିତାମାତା ଉଭୟ ମାନସିକ ଭାରସାମ୍ୟ ହରାଇ ବସିଲେ । ଏହିପରି ଅସ୍ୱାଭାବିକ ଘଟଣା ପ୍ରତ୍ୟେକ ଦିନ ଶହ ଶହ ଆମ ଭାରତ ବର୍ଷରେ ଘଟୁଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ମଣିଷ ଆତ୍ମହତ୍ୟା କରେ କାହିଁକି ? ମଣିଷର ଭିତରେ ଥିବା ଇଚ୍ଛା ଶକ୍ତି ଯାହା ପୂରଣ ନ ହୋଇପାରେ। ଆମ ମନ ଭିତରେ ଥିବା ଅଦୃଶ୍ୟ ଇଚ୍ଛା ବେଳେବେଳେ ମଣିଷକୁ ଅବାଟକୁ ନେଇ ଯାଏ। ଆଜି କାଲିର ମଣିଷ ଇଣ୍ଟରନେଟ୍ ର କାଠ କଣ୍ଢେଇ ସାଜିଛି। ସକାଳୁ ବିଛଣାରୁ ଉଠି ନିଜ ମୁହଁରେ ମୋବାଇଲ ଟି ଖୋଲେ। ସେହି ମୋବାଇଲ ଦ୍ୱାରା ଫେସବୁକ ହେଉ ଇନ୍ଷ୍ଟାଗ୍ରାମ୍ ରୁ ପୁଅ ସହ ଝିଅର ବନ୍ଧୁତା ସ୍ଥାପନ ଏବଂ ସ୍ୱଳ୍ପ ପରିଚୟର ଚାଟିଂ ପରେ ବିବାହ ପାଇଁ ମନ ଦେବା ନେବା ଆରମ୍ଭ ହୁଏ। ଶେଷରେ ପିତାମାତା ମଧ ବିବାହର ସମ୍ମତି ଦେଇ ଦିଅନ୍ତି। କାରଣ ଆଜି କାଲିର ଶିକ୍ଷିତ ଯୁବକ ଯୁବତୀ ନିଜ ଅନୁସାରେ ଠିକ ସାଥି ଟିଏ ବାଛିକି ବୈବାହିକ ଜୀବନ ନିଶ୍ଚିତ ଶୃଙ୍ଖଳିତ ହେବାର ବିଶ୍ୱାସ ରଖି ଥାନ୍ତି। କିନ୍ତୁ ବିବାହ ପରେ ଏପରି ସମସ୍ୟା ସୃଷ୍ଟି ହେଉଛି ଯାହାକି ଝିଅଟି ଶାଶୁ ଘରର ଲୋକଙ୍କ ବା ସ୍ୱାମୀ କାହାରି ସହ ମିଳିମିଶି ଚଳି ପାରେନି। ସେଇଠୁ ଆରମ୍ଭ ହୁଏ ସମସ୍ୟା, ଯାହା କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଏ । ତଥାପି ସମାଧାନ ହୋଇ ପାରେନି, ଶେଷରେ ପୁଅଟି ନିଜ ମାନ ସମ୍ମାନକୁ ବଞ୍ଚାଇବା ପାଇଁ ଆତ୍ମହତ୍ୟା ଭଳି ରାସ୍ତା ବାଛି ନିଏ।

ପୁଣି ମଧ ଦେଖାଯାଉଛି ନିଜ ଜୀବନ ର ଲକ୍ଷ ହାସଲ ନ କରି ପାରି ବା ଅତ୍ୟଧିକ ଅଫିସ୍ ଚାପ ଯୋଗୁ ପୁରୁଷ ମାନେ ବେଶୀ ଆତ୍ମହତ୍ୟା ପ୍ରବଣ ହେବାର ଦେଖାଯାଉଛି। ୨୦୨୧ରେ ମହିଳାଙ୍କ ଆତ୍ମହତ୍ୟା ହାର ୧ ଲକ୍ଷ ଜନ ସଂଖ୍ୟାର ୫.୯% ଥିବାବେଳେ ପୁରୁଷଙ୍କ କ୍ଷେତ୍ରରେ ୧୨.୩% ଥିଲା। ୨୦୨୨ରେ ୧,୭୦,୨୯୪ ଆତ୍ମହତ୍ୟା ମଧ୍ୟରୁ ୧,୨୨,୭୨୪ ଜଣ ପୁରୁଷ ଓ ୪୮,୧୭୨ ମହିଳା ଆତ୍ମହତ୍ୟା କରିବାର ତଥ୍ୟ ରହିଛି। ଆତ୍ମହତ୍ୟାର ଏହି ଜନ ସଂଖ୍ୟା ବିଗତ ଦଶ ବର୍ଷରେ ୩୩%ବୃଦ୍ଧି ପାଇଛି। ଯାହାର କାରଣ ପାରିବାରିକ ଅଶାନ୍ତି ରିପୋର୍ଟରୁ ଜଣାପଡିଛି। ବିବାହିତା ପୁରୁଷଙ୍କ ସଂଖ୍ୟା ଅଧିକା ବୋଲି ଯାହା ଜଣାପଡିଛି।

ନାରୀ ମାନଙ୍କ ପାଇଁ ଯେପରି ଆଇନ୍ କାନୁନ୍ ର ବ୍ୟବସ୍ଥା ରହିଛି, ପୁରୁଷ ମାନଙ୍କ ପାଇଁ ସମାନ ବ୍ୟବସ୍ଥା ରହିବା ଉଚିତ। କାରଣ ଆଜି କାଲିର ଝିଅ ମାନେ ସମାନ ଶିକ୍ଷା ଓ ଉଚ୍ଚ ବେତନରେ ଚାକିରି କରିବା ଯୋଗୁ କେହି କାହାରି କଥା ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ତେଣୁ ସମସ୍ତଙ୍କ ପାଇଁ ସମାନ ଦଣ୍ଡ ବିଧାନର ନିୟମ ରହିବା ଆବଶ୍ୟକ।

ମୋର ବ୍ୟକ୍ତିଗତ ମତ, ଯଦି ଶିକ୍ଷିତ ଯୁବକ ଯୁବତୀ ମାନେ ନିଜ ନିଜ ଭିତରେ ବୁଝାବଣାକୁ ଠିକ ରଖନ୍ତେ, ତେବେ କୌଣସି କୋର୍ଟ କଚେରୀର ଆବଶ୍ୟକତା ପଡ଼ନ୍ତାନି । କିମ୍ବା ଯେ କୌଣସି ପରିସ୍ଥିତିରେ ପୁରୁଷ ଆଖିରୁ ଲୁହ ନ ବୋହିବା ସହ ସହଜରେ ସବୁ ସମସ୍ୟାର ସମାଧାନ ହୋଇ ପାରନ୍ତା ।

ଉଭୟଙ୍କ ଶୃଙ୍ଖଳିତ ଚିନ୍ତାଧାରାରୁ ସୁ ସମାଜ ଗଠନରେ ସାହାଯ୍ୟ କରିବା ସହ ଆମ ଭବିଷ୍ୟତ ଉତ୍ତର ଦାୟାଦ ମାନଙ୍କ ପାଇଁ ନିଶ୍ଚିତ ସହାୟ ହୁଅନ୍ତା ।

****

**ରଶ୍ମୀ ସାମଲ**
ଭୁବନେଶ୍ୱର
ଦୂରଭାଷ : ୯୪୩୭୧୧୫୮୭୫





# ଓଡ଼ିଶାରେ ଦୁର୍ଗା ଉପାସନାର ଆରମ୍ଭ

ଓଡ଼ିଶାରେ ଦୁର୍ଗା ଉପାସନାର ଆରମ୍ଭ ଅଶୋକଙ୍କ ପୂର୍ବ ସମୟରୁ ହୋଇଥିଲା । କାରଣ ପୁରାଣ ବର୍ଣ୍ଣିତ ରାଜ୍ୟ ଭ୍ରଷ୍ଟ ରାଜା ସୁରଥ ଜ୍ଞାତି-ପରିଜନ ଉପେକ୍ଷିତ ସମାଧି ବୈଶ୍ୟ ଓ ମେଧସ ଋଷି ଙ୍କୁ ଉପଜୀବ୍ୟ କରି ଓଡ଼ିଶା ମାଟିରେ ପଲ୍ଲବିତ ତଥା ପୁଷ୍ପିତ ହୋଇ ଗଢି ଉଠିଥିବା ଘଟଣାବଳୀରୁ ଓଡ଼ିଶାରେ ମୃଣ୍ମୟୀ ଦୁର୍ଗା ଉପାସନାର ବୀଜ ବପନ ହୋଇଥିବାର ପ୍ରମାଣ ମିଳେ ।

ପୂର୍ବେ ଓଡିଶା ଥିଲା ମୁନି ଋଷିଙ୍କର ତପୋଭୂମି । ସେମାନଙ୍କ ମଧ୍ୟରେ ମାର୍କଣ୍ଡ ଋଷି ଏଠାରେ ଅବସ୍ଥାନ କରି ଗୁପ୍ତ ରାଜତ୍ୱ କାଳରେ ମାର୍କଣ୍ଡେୟ ପୁରାଣ ରଚନା କରିଥିଲେ । ଏହି କଥା ଡଃ ସତ୍ୟନାରାୟଣ ରାଜଗୁରୁ ବ୍ୟକ୍ତ କରିଛନ୍ତି । ଖ୍ରୀଷ୍ଟୀୟ ଚତୁର୍ଥ ଶତକର ପ୍ରାରମ୍ଭରେ ମାର୍କଣ୍ଡ ପୁରାଣ ରଚିତ ହୋଇଥିବାରୁ ଓଡ଼ିଶାରେ ଦୁର୍ଗାପୂଜା ଏହି ସମୟରୁ ହୋଇଥିବା ଜଣାଯାଏ । ସେହି ପୁରାଣରୁ ଅନୁଶୀଳନ କରାଯାଏ ଯେ ଓଡ଼ିଶାରେ ରାଜତ୍ୱ କରୁଥିବା ଚୈତ୍ର ବଂଶ (ଚେଦି ବଂଶ )ର ପ୍ରସିଦ୍ଧ ନରପତି ମେଘବାହନ ଐର ଖାରବେଳଙ୍କ ପୂର୍ବରୁ ସୁରଥ ହେଉଛନ୍ତି ଏହି ଚୈତ୍ର ବଂଶର ଜଣେ ପୂର୍ବତନ ରାଜା । ଅଶୋକଙ୍କ ଦ୍ୱାରା ସଂଘଟିତ କଳିଙ୍ଗ ଯୁଧରେ ପରାଜିତ ହୋଇ ଉତ୍କଳର ଚୈତ୍ର ବଂଶୀୟ ରାଜା ସୁରଥ ପଳାୟନ କରି ବନରେ ଆତ୍ମଗୋପନ କଲେ । ସେଠାରେ ନିଜ ସ୍ତ୍ରୀ ପୁତ୍ର ଦ୍ୱାରା ତିରସ୍କୃତ ହେବାପାରେ ସମାଧି ନାମକ ଜନୈକ ନିର୍ଧନ ସାଧକଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଉଭୟେ ମେଧସ ଋଷି ଙ୍କ ଆଶ୍ରମରେ ଆଶ୍ରୟ ନେଇ ସେମାନଙ୍କ ପରାମର୍ଶ କ୍ରମେ ଶରତ ଋତୁରେ ନଦୀ ତଟରେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ କରି ପୁଷ୍ପ ଧୂପ ନୈବେଦ୍ୟ ସମର୍ପଣ କରି ଶ୍ରୀ ଶ୍ରୀ ଦେବୀ ସୂକ୍ତରେ ମୃଣ୍ମୟୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କଲେ । ସମ୍ପ୍ରତି ସେହି ସ୍ମୃତିକୁ ଉଜ୍ଜିବୀତ କରି ନଦୀ କୂଳରେ ମୃତ୍ତିକା ସଂଗ୍ରହ କରି ଦେବ ଦେବୀଙ୍କ ମୂର୍ତ୍ତି ନିର୍ମାଣ କରା ଯାଇଥିଲା । ସେହି ପରମ୍ପରା ଆଜି ଯାଏ ଅବ୍ୟାହତ ରହିଛି, ଯାହାକି ଉତ୍କଳୀୟ ମାନଙ୍କର ଏକାନ୍ତ ନିଜସ୍ୱ । ଦେବୀ ପୂଜା କରିବା ଫଳରେ ଧନହୀନ ବଣିକ ସମାଧି ପ୍ରଚୁର ଧନ ଲାଭ କଲେ । ରାଜା ସୁରଥ ମଧ ଦେବୀ କୃପା ବଳରେ ପୂର୍ବ ଅପମାନର ପ୍ରତିଶୋଧ ନେଇ ମଗଧ ରାଜ ପୁଷ୍ପମିତ୍ର ଙ୍କୁ ପରାସ୍ତ କରି ହରାଇଥିବା ରାଜ୍ୟ ଅଧିକାର କଲେ ।

ଉପରୋକ୍ତ ଆଲୋଚନାରୁ ଦୁର୍ଗାପୂଜା ପ୍ରଥମେ ରାଜ ସୁରଥଙ୍କ ସମୟରୁ ହୋଇଥିଲା ବୋଲି ଜଣାଯାଏ । ତାଙ୍କ ପୂର୍ବରୁ ମୃଣ୍ମୟୀ ମୂର୍ତ୍ତି ପୂଜାର ସମ୍ବନ୍ଧରେ କୌଣସି ଶାସ୍ତ୍ରୀୟ ତଥ୍ୟ ଉପଲବ୍ଧି ହୁଏ ନାହିଁ । ମାର୍କଣ୍ଡେୟ ପୁରାଣ ହିସାବରେ ଓଡ଼ିଶାର ମୃଣ୍ମୟୀ ଦୁର୍ଗାଙ୍କର ଗଠନ ପ୍ରାୟ ଦୁଇ ହଜାର ବର୍ଷରୁ ପ୍ରାଚୀନତର । ପୁରାଣ ଯୁଗରେ ଦୁର୍ଗା ବୈଦିକ ଦେବତାଙ୍କ ଠାରୁ ସ୍ୱତନ୍ତ୍ର ଚେତନା ରୂପେ 'ଚଣ୍ଡୀ' ନାମରେ ଉପାସିତ ହୋଇଥିଲେ । ମାର୍କଣ୍ଡେୟ ପୁରାଣରେ ସନ୍ନିବେଶିତ ଚଣ୍ଡୀ ସ୍ତୁତି ଏହାର ଜ୍ୱଳନ୍ତ ପ୍ରମାଣ ।

ମୃତ୍ତିକା ଗଠିତ ବିଗ୍ରହ ସ୍ନାନାଦି ଉପଚାର ପ୍ରଶସ୍ତ ନ ହେବାରୁ ପ୍ରସ୍ତର ତଥା ଧାତୁର ଦୀର୍ଘସ୍ଥାୟୀ ମୂର୍ତ୍ତି ନିର୍ମାଣ କରା ଯାଇ ଓଡ଼ିଶାର ଦୁର୍ଗା ଉପାସନା କ୍ରମଶଃ ପ୍ରସାର ଲାଭ କଲା । ଐତିହାସିକ ଦୃଷ୍ଟିରୁ ଦୁଇ ହଜାର ବର୍ଷ ତଳୁ ଓଡ଼ିଶାର ସାର୍ବଜନୀନ ଦୁର୍ଗାପୂଜା ହୋଇ ଆସୁଛି ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ ତନ୍ତ୍ରର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ତନ୍ତ୍ରପୀଠ ମାନ ଗଢି ଉଠିଲା । ଗୁପ୍ତ ଯୁଗରେ ପୁରାଣ ବର୍ଣ୍ଣିତ ରୂପର ଆଧାରରେ ଦୁର୍ଗାଙ୍କୁ ମହିଷାମର୍ଦ୍ଦିନୀ ରୂପେ ପ୍ରସ୍ତରରେ ରୂପାୟିତ କରି ତନ୍ତ୍ରପୀଠରେ ପୀଠଦେବୀ ରୂପରେ ଅବସ୍ଥାପନା ପୂର୍ବକ ଉପାସନା କରାଗଲା । ଓଡ଼ିଶାର ସର୍ବପ୍ରଥମ ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ଭାବେ ଯାଜପୁର ଅଷ୍ଟଧାତ୍ରୀ ଦେବୀ ଦ୍ୱିଭୁଜା ବିରଜା ପ୍ରତିଷ୍ଠା କରାଯାଇଥିଲା । ସମଗ୍ର ଭାରତ ବର୍ଷରେ ଏହା ସର୍ବ ପ୍ରାଚୀନ ଦୁର୍ଗାମୂର୍ତ୍ତି ଭାବରେ ଗଣାଯାଏ । ଯାହାକି ଖ୍ରୀଷ୍ଟପୂର୍ବ ଚତୁର୍ଥ, ପଞ୍ଚମ ଶତାବ୍ଦୀରେ ନିର୍ମିତ ହୋଇଥିଲା ।

ଖ୍ରୀଷ୍ଟୀୟ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ତନ୍ତ୍ର ଉପାସନାର ସୁବର୍ଣ୍ଣ ଯୁଗ ସମୟରେ ଦୁର୍ଗାପୂଜା ବିଧାନ ସମ୍ପୂର୍ଣ୍ଣ ବିକଶିତ ହୋଇ ତନ୍ତ୍ରପୀଠ ରେ ନୈଷ୍ଟିକତା ର ସହିତ ଚଣ୍ଡୀପାଠ ଓ ପଶୁବଳି ଦିଆଯିବା ସହିତ ଷୋଡଶ ଦିବସ ବ୍ୟାପି ପୂଜାର୍ଚ୍ଚନା କରାଗଲା । ତାହାକୁ ସାଧାରଣ ଜନତା ପାର୍ବଣ ନାମରେ ଅଭିହିତ କଲେ । ଯାହାକି ପ୍ରଥମେ ଓଡ଼ିଶାରେ ନୌବାଣିଜ୍ୟ ତଥା ଯୁଧ ଅଭିଯାନ ପୂର୍ବରୁ ପାଳନ କରା ଯାଉଥିଲା ।

ଓଡ଼ିଶାର ସମସ୍ତ ଦୁର୍ଗା ବିଗ୍ରହ ଭିତରେ ଦଶଭୁଜା ଦୁର୍ଗାଙ୍କର ବିଗ୍ରହ ଅଧିକ ଦେଖିବାକୁ ମିଳେ । ପୁନଶ୍ଚ ଗଙ୍ଗବଂଶୀ ସମ୍ରାଟ ନରସିଂହ ଦେବ ୧୨୪୭ ଖ୍ରୀଷ୍ଟାବ୍ଦରେ କପିଳାସ ପାହାଡ ପରି ବିଦ୍ୟମାନ ଶିଶିରେଶ୍ୱର ମହାଦେବଙ୍କ ଚୂଡ଼ାସ୍ଥିତ ଦଧିନଉତି ବକ୍ଷରେ ସଗର୍ବରେ ନିଜକୁ ପୁରୁଷୋତ୍ତମ ପୁତ୍ର -ଦୁର୍ଗା ପୁତ୍ର ବୋଲି ଉଲ୍ଲେଖ କରିବା ସହିତ କୋଣାର୍କ ମନ୍ଦିର ଗାତ୍ରରେ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ବିଗ୍ରହ ସହିତ ଦଶଭୁଜା ବିଗ୍ରହକୁ ଉତ୍କୀର୍ଣ୍ଣ କରିଛନ୍ତି । ତେଣୁ ଦୁର୍ଗା ଯେ ଉତ୍କଳୀୟ ମାନଙ୍କର ନିଜସ୍ୱ ଏଥିରୁ ପ୍ରମାଣ ମିଳେ ।

ଓଡ଼ିଶାର ରାଜ ବଂଶାବଳୀ କୁ ଅନୁଶୀଳନ କଲେ ଜଣାଯାଏ ଯେ ସ୍ୱୟଂ ଗଜପତି କପିଳେଶ୍ୱର ଦେବ କୃଷ୍ଣା ନଦୀ ତଟବର୍ତ୍ତୀ ବିଜୟୱାଡା ଠାରେ କନକ ଦୁର୍ଗା ପ୍ରତିଷ୍ଠା ପୂର୍ବକ ସ୍ୱୀୟ ଶକ୍ତି ଓ ଆନୁଗତ୍ୟ ପ୍ରମାଣ କରି ଯାଇଛନ୍ତି । କେବଳ ସେତିକି ନୁହେଁ ଗଜପତି ପୁରୁଷୋତ୍ତମ ଦେବଙ୍କ 'ଭୁବନେଶ୍ୱରୀ' 'ପୂଜା ପଲ୍ଲବ' ଶକ୍ତି ସାଧକ ଗୋଦାବରୀ ମିଶ୍ରଙ୍କ 'ତତ୍ତ୍ୱ ଚିନ୍ତାମଣି' ଓ 'ଶାରଦା' 'ଶରଦର୍ଚ୍ଚନ ପଦ୍ଧତି' , ବାସୁଦେବ ରଥଙ୍କ 'ଶ୍ୟାମାର୍ଚ୍ଚନା ପଦ୍ଧତି' ଓ ଭୁବନେଶ୍ୱରୀ ପ୍ରକାଶ ରାଜଗୁରୁବର୍ଦ୍ଧନ ମହାପାତ୍ରଙ୍କ 'ଦୁର୍ଗୋତ୍ସବ ଚନ୍ଦ୍ରିକା' ପ୍ରଭୃତି ଶାକ୍ତଗ୍ରନ୍ଥ ଅବଲମ୍ବନରେ ରାଜ ନଗରର ଗଡ଼ଚଣ୍ଡୀଙ୍କ ନିକଟରେ ଅପରାଜିତା ସ୍ତୋତ୍ର, ଦୁର୍ଗା ଶପ୍ତଶତୀ, ଦୁର୍ଗା ସହସ୍ର ନାମ ପ୍ରଭୃତି ପାଠ କରିବା ସହିତ ପଶୁବଳି ଦେଇ ପୂଜାର୍ଚ୍ଚନା କରା ଯାଉଥିଲା ।

ଓଡ଼ିଶା ଦୁର୍ଗାଙ୍କ ଦେଶ, ଦୁର୍ଗା ଓଡ଼ିଶାର ଇଷ୍ଟଦେବୀ । ଶାରଦୀୟ ଦୁର୍ଗାପୂଜା ସେହି ସମୟରେ ଏପରି ଲୋକପ୍ରିୟତା ହାସଲ କଲାଯେ, ତାହା ଆଉ ତନ୍ତ୍ର ପୀଠ ଓ ରାଜବାଟୀ ରେ ସୀମିତ ନ ରହି ଓଡିଶା ର ପୁରପଲ୍ଲୀରେ ପ୍ରତି ଘରେ ଘରେ କଳସ ପୂଜା ପ୍ରତୀକ ଭାବରେ ଦୁର୍ଗାପୂଜା ପରିବ୍ୟାପ୍ତ ହେଲା । ଆଶ୍ୱିନ ଶୁକ୍ଳ ଷଷ୍ଠୀରୁ ଏହି ପୂଜା ଆରମ୍ଭ ହୋଇ ବିଲ୍ୱବରଣ କରାଯାଏ । ପରିବାରର ମୁଖ୍ୟ ବା ଗାଁର ମୁରବୀ ନବବସ୍ତ୍ର ପରିଧାନ କରି ନୂତନ ଘଟକୁ ଚନ୍ଦନ, ସିନ୍ଦୁର ରେ ମଣ୍ଡିତ କରି ନବବସ୍ତ୍ର ବେଷ୍ଟନ କରାଇ ଦୁର୍ଗା କଳସ କୁ ଧରି ନଦୀ ବା କୌଣସି ଜଳ ଘାଟ ଉଦ୍ଦେଶ୍ୟରେ ଯାତ୍ରା କରନ୍ତି । ନଦୀରେ ସ୍ନାନ କରି ଜଳ ପୂର୍ଣ୍ଣ ଘଟ ଧରି ଫେରିବା ସମୟରେ ଝାଞ୍ଜ, ମୃଦଙ୍ଗ ଘଣ୍ଟ ଓ ଶଙ୍ଖର ନିନାଦ ମଧ୍ୟରେ ଗ୍ରାମବାସୀ ଛୋଟ ପୁଅ ଝିଅଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସାଙ୍ଗରେ ଚାଲି ଥାଆନ୍ତି । ସାନ ବଡ କ୍ରମରେ ଦୁଇଟି ପଟୁଆର ଆସେ । ବଡ଼ଟି ଦୁର୍ଗାଙ୍କର ଓ ସାନଟି ଗଣେଶଙ୍କର । କଳସ ପଛରେ ଦୁର୍ଗାଙ୍କର ପ୍ରତୀକ ଦୁର୍ଗା କଳସ ଗ୍ରାମ ଭିତର ଦେଇ ଗଲାବେଳେ ପ୍ରତି ଘରର ଦ୍ୱାରା ମୁହଁରେ ନାରୀ ମାନେ ଦୁର୍ବାକ୍ଷତ , ବରକୋଳି ପତ୍ର ସହ ଦୀପ ଧରି ବନ୍ଦନା କରିଥାନ୍ତି । ହୁଳହୁଳି ଧ୍ୱନିରେ ଗାଁ ଦାଣ୍ଡରେ କଳସ ଯାତ୍ରା କଲା ବେଳେ ଗାଁରେ ଆନନ୍ଦ ଉଲ୍ଲାସରେ ଶିହରଣ ଖେଳି ଯାଏ । ସେହି

କଳସ ଆସି କୋଠଘରେ ରହେ । ସେହି କୋଠଘରକୁ ଗୋମୟ ଜଳରେ ପରିଚ୍ଛନ୍ନ କରି କାଛ ଓ ଚଟାଣରେ ଚିତା ପକା ଯାଇଥାଏ । ସପ୍ତମୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ କଳସ ବସାଇବା କାର୍ଯ୍ୟ ବଡ ନିଷ୍ଠାର ସହିତ ସମାହିତ ହୁଏ । ପବିତ୍ର କଳସରେ ସ୍ୱସ୍ତିକ ଚିହ୍ନ ଏବଂ ଉଭୟ ପାର୍ଶ୍ୱରେ ତ୍ରିଶୁଳ ଆଙ୍କି ଜଳପୂର୍ଣ୍ଣ ଘଟକୁ ଶୁକ୍ଳଧାନ ଉପରେ ସ୍ଥାପନ କରି ଆମ୍ବଡାଳ, ଶ୍ରୀଫଳ ତା' ଉପରେ ଥୋଇ ଦୁର୍ଗା ଆବାହନ କରାଯାଏ । କଳସକୁ କଳା କରିଆ ଓ ମନ୍ଦାର ମାଳରେ ସଜାଇ ଦେବୀର ପ୍ରତୀକ ସୃଷ୍ଟି କରା ଯାଇଥାଏ । ଝୁଣା, ଗୋଳୁଳ, ଚନ୍ଦନ, କର୍ପୂର, ଧୂପ, ଦୀପରେ ପୂଜାସ୍ଥଳ ସୁରଭିତ ହୋଇ ଉଠେ । ମହାଷ୍ଟମୀ ଦିନ ଚଣ୍ଡୀ ପାଠ ହୋଇ ପିଠା ପଣା ଭୋଗ ଲାଗେ । ଉପାସ ରହିଥିବା ଝିଅ ବୋହୂ ଚଣ୍ଡୀ ପାଠ ଶୁଣି ଭୋଗ ଖାଇ ଘରକୁ ଫେରିଥାନ୍ତି । ପୀଠ ଦୁର୍ଗାଙ୍କୁ ମାଂସ ଲାଗି ହୋଇଥିବା ବେଳେ ଘରେ କଳସ ସ୍ଥାପନ କରି ହେଉଥିବା ପୂଜା ପାଖରେ ସୁବର୍ଣ୍ଣ ଫଳ ପାଣି କଖାରୁ ବଳି ପଡେ ।

ଓଡ଼ିଶାର ସଂସ୍କୃତି ଓ ଧର୍ମୀୟ ଜୀବନରେ ଦୁର୍ଗାପୂଜା ଏକ ବିଶେଷ ଉତ୍ସବ ଭାବରେ ସର୍ବଜନୀନତା ଲାଭ କରିଛି । ଓଡ଼ିଶାରେ ଅନୁଷ୍ଠିତ ସାମ୍ପ୍ରତିକ ମୃଣ୍ମୟୀ ଦୁର୍ଗା ଉପାସନାର ତାତ୍ତ୍ୱିକ ଦିଗ ଉପରେ ପ୍ରାସଙ୍ଗିକତା ଦୃଷ୍ଟିରୁ ପର୍ଯ୍ୟାଲୋଚନା ବିଧେୟ । ଜନଗଣର ଭକ୍ତି ବିଶ୍ୱାସର ମୂର୍ତ୍ତିମତୀ ବିଗ୍ରହ ହେଉଛି ମୃଣ୍ମୟୀ ଦୁର୍ଗା । 'ମୃଣ୍ମୟୀ ଦୁର୍ଗା' ଧ୍ୟାନ ଓ ମନ୍ତ୍ରଶକ୍ତି ଦ୍ୱାରା ଚିନ୍ମୟୀ ରୂପେ ପ୍ରତିଭାତ ହୋଇଥାଆନ୍ତି । ଚୈତନ୍ୟ ସ୍ୱରୂପିଣୀ ମା ଦୁର୍ଗା ହେଉଛନ୍ତି ସମସ୍ତ ବୃହତ, ମଧ୍ୟମ ଓ କ୍ଷୁଦ୍ର ଶକ୍ତିର ସମାହାର । କୌଣସି ଦୁର୍ଜୟ, ଦୁର୍ଦ୍ଧର୍ଷ ଶତ୍ରୁର କବଳରୁ ରାଷ୍ଟ୍ରକୁ ରକ୍ଷା କରିବା ପାଇଁ ଚାରୋଟି ବୃହତ ଶକ୍ତିର ସହଯୋଗ ହେଉଛି ବିତ୍ତଶକ୍ତି, ଜ୍ଞାନଶକ୍ତି, ସିଦ୍ଧଶକ୍ତି, କ୍ଷାତ୍ରଶକ୍ତି ।

ଶାରଦୀୟ ମହାପୂଜା ଅବସରରେ ପୂଜା ମଣ୍ଡପ ଗୁଡିକୁ ଦେଖିଲେ ଏହି ଉକ୍ତିର ସତ୍ୟତା ଉପଲବ୍ଧ ହୋଇଥାଏ । କେନ୍ଦ୍ରର ମହାଶକ୍ତି ମହାମାୟା ଦଶ ହସ୍ତରେ ଦଶାୟୁଧ ଧାରଣ ପୂର୍ବକ ଜଗତ ରକ୍ଷା ନିମନ୍ତେ ବିଜୟ ଗାରିମାର ଦଣ୍ଡାୟମାନ ହୋଇଥାନ୍ତି । ତାଙ୍କର ଚତୁଃପାର୍ଶ୍ୱରେ ବିତ୍ତଶକ୍ତିର ପ୍ରତୀକ ମହାଲକ୍ଷ୍ମୀ, ଜ୍ଞାନଶକ୍ତି ସ୍ୱରୂପା ମହା ସରସ୍ୱତୀ, ଗଣଶକ୍ତିର ପ୍ରତୀକ ସିଦ୍ଧିଦାତା ଗଣନାଥ, କ୍ଷତ୍ର ଶକ୍ତିର ପ୍ରତୀକ ଦର୍ପଧ୍ୱଂସୀ କାର୍ତ୍ତିକେୟ ପରିବେଷ୍ଟିତ ହୋଇଥାନ୍ତି । ମାଆର ଚରଣ ତଳେ ଜୀବ ରୂପୀ ସିଂହ । ତେଣୁ ମାଆ ସିଂହବାହିନୀ, ଆଉ ଅହଂକାର ରୂପୀ ଦୁର୍ଦ୍ଦମନୀୟ ମହିଷାସୁର ତ୍ରିଶୂଳାଘାତରେ ମାଆର ପଦ ପ୍ରାନ୍ତେ ଭୂଲୁଣ୍ଠିତ । ଏହା ସହିତ ଘଟ କଳସ ରୂପୀ ପ୍ରତୀକ ଦୁର୍ଗା । ନବ ପ୍ରତୀକ ରୂପେ ନବଦେବୀ ମଧ୍ୟ ପୂଜାମଣ୍ଡପରେ ଶୋଭା ପାଆନ୍ତି । ଓଡ଼ିଶାରେ ମହା ସପ୍ତମୀ, ମହାଷ୍ଟମୀ, ମହାନବମୀ ମହା ଆଡମ୍ବରରେ ପୂଜା କରା ଯାଏ । ବିଜୟା ଦଶମୀରେ ମାଆଙ୍କ ବିସର୍ଜନ ହୁଏ । ଓଡ଼ିଶାରେ ମହାଷ୍ଟମୀରେ ପଶ୍ଚିମ ଓଡ଼ିଶାରେ 'ଭାଇ ଯୁଇନ୍ତିଆ' ପର୍ବ ପାଳନ କରନ୍ତି । ଯାହାକୁ ଝିଅ ବୋହୂ ମାନେ ଭାଇଙ୍କ, ପାଇଁ ଉପବାସ କରି, ନବମୀ ଦିନ ଭାଇକୁ କନ୍ଦେଇଲା ପରେ ଉପବାସ ଭାଙ୍ଗିଥାନ୍ତି । ସେହିପରି ନବମୀ ଦିନ କୁମାରୀ ପୂଜା ଓ ଦଶମୀରେ ଓଡ଼ିଶାରେ ଥିବା ବଙ୍ଗୀୟ ରମଣୀ ମାନେ ସିନ୍ଦୂର ଖେଳ କରିଥାନ୍ତି । ଏହିପରି ପ୍ରତ୍ୟେକଙ୍କୁ ନେଇ ଓଡ଼ିଶାରେ ସହରରୁ ଗ୍ରାମ ଯାଏ ମହା ଉଲ୍ଲାସରେ ଦୁର୍ଗାଙ୍କର ଉପାସନା ସହିତ ଉତ୍ସବ ମାନାଯାଏ ।

***

**ଡ଼ଲିରାଣୀ ବ୍ରହ୍ମା**
ଯୋଗାଯୋଗ: ବି-୧୫୦, ସେକ୍ଟର୍-୭,
ରାଉରକେଲା-୭୬୯୦୦୩
ଦୂରଭାଷ : ୯୯୩୭୫ ୧୪୯୬୯



**"ଉଠରେ ଉଠରେ ଉତ୍କଳ ସନ୍ତାନ**
**ଉଠିବୁ ତୁ କେତେ ଦିନେ**
**ପୂରୁବ ଗୌରବ ପୂରୁବ ସାହସ**
**ପଡ଼ିବକି କେବେ ମନେ ?"**

(ଉତ୍କଳ ଗୌରବ ମଧୁସୂଦନ ଦାସ)



# ଦୁଇଟି ମିନି ଗଳ୍ପ

**ବିଶ୍ୱାସ**

ଅଧା ଫୁଙ୍ଗୁଳା ତା' କଳା ଘୁମର ଦେହ । ଅଳସ ଛୁଇଁ ନି କେବେ ଦୁଇ ପାଦ । କେନ୍ଦୁ ଛାଟ ଧରି ଜଙ୍ଗଲୀ ଝିଅଟି ସକାଳୁ ସକାଳୁ ଛେଳିଙ୍କୁ ନେଇ ମହୁଲ ଡୋଟାରେ ଚରାଏ । ମଝିରେ ମଝିରେ ପଦେ ପଦେ ଗୀତ ବୋଲୁ ଥାଏ । ଜଙ୍ଗଲୀ ଝିଅଟିର ନାଁ ଝୁମୁରୀ । ମୁଣ୍ଡିଆଠୁ ଡାକେ ବାଟ ତା' ଝାଟି ମାଟି ଘର । ମହୁଲ ଡୋଟାରେ ଅଧା ଖରା ଅଧା ଛାଇ । ଛେଳି ଗୁଡାକ ଇଚ୍ଛାମତେ ଚରାବୁଲା କରନ୍ତି । ଝୁମୁରୀ ଗୋଟି ଗୋଟି କରି ଛେଳିଙ୍କୁ ନାଁ ଧରି ଡାକ ଦିଏ । ଏହି ପୋଷା ପଶୁ ଗୁଡିକ ଡାକ ଶୁଣିଲେ ମୁହଁ ବୁଲେଇ ଚାହାଁନ୍ତି । ମୁଣ୍ଡିଆ ତଳେ ଏପଟ ସେପଟ ହୋଇ ଦଶ ଘଡି ବେଳକୁ ଝୁମୁରୀ ଘରକୁ ଫେରେ । ଝିଅର ଫେରିବା ବାଟକୁ ମାଆ ଚାହିଁ ରହିଥାଏ । ଘରେ ମାଣ୍ଡିଆ ଯାଉ ସାଙ୍ଗକୁ ଶିଝା କନ୍ଦମୂଳ ଆଉ ଆମ୍ବୁଲ ପାଣି ଖାଇ ଝୁମୁରୀ ଘଡ଼ିଏ ବିଶ୍ରାମ କରେ । ସଞ୍ଜ ପୂର୍ବରୁ ବେକରେ କାଇଁଚ ମାଳି, ମଣିବନ୍ଧରେ ଗରଗଡ଼ ଗୁଛା ବଟଫଳ ପିନ୍ଧି ଗ୍ରାମ ଦେବତୀ ମାଆ ମଙ୍ଗଳାଙ୍କ ମଣ୍ଡପକୁ ଯାଏ । ମୁଣ୍ଡିଆ ମାରେ । ଗାଁ ଦେହୁରୀ ମଣ୍ଡପରେ ବସିଥାଏ । ସେଠାରେ ସମବୟସୀ ସାଙ୍ଗଙ୍କ ସହିତ ଗୀତ ବୋଲେ, ନାଚ କରେ ।

ସେ ଦେଖିନି ସମୁଦ୍ରରେ କେମିତି କେତେ ଢେଉ ଉଠେ । ଦେଖିନି ଗଡ ଜମିଦାରଙ୍କ ବଗିଚାରେ ସକାଳକୁ କେତେ ଫୁଲ ଫୁଟେ । କେବେ କାହାକୁ ମାଗିନି ପାଉଁଜି, କାନ ଫୁଲ, ବେଣୀ ଖୋସା କି ବାସନା ତେଲ ମାଗିଥିଲେ କେବେ ମାଗିଥିବ ମାଆକୁ ମାଣ୍ଡିଆ ଜାଉ ରୁ ଆଉ ଗୋଟେ ଡଙ୍କା । ତା' ପାଇଁ ପୃଥିବୀ ନିଆରା । ମନଟା ନିର୍ମଳ, ହୃଦୟଟା ଖୋଲା, ହସ ହସ ମୁହଁ । ତା' ସ୍ୱପ୍ନରେ ନାହିଁ ଘୋଡା ହାତୀ, ପାଟଛତା ଅବା ଖୁଆଡ଼ ମରା ଘର । ନିଜ ଉପରେ ଆଉ ମାଆ ମଙ୍ଗଳାଙ୍କ ଉପରେ ତା'ର ଅତୁଟ ବିଶ୍ୱାସ । ଜେଜୀ ମାଆ ତାକୁ ଦିନେ କହିଥିଲା - କେବେ ମନ ଊଣା କରିବୁନି ଲୋ ଝୁମ । କେବେ ବିଶ୍ୱାସ ଭାଙ୍ଗି ଦେବୁନି । ବିଶ୍ୱାସରେ ସଫା ସଫା ବାଟ, ନିଜ ଉପରେ ବିଶ୍ୱାସ ରଖି ବାଟ ଚାଲୁଥିଲେ ଭୋକିଲା ରହିବନି ପେଟ ।

ଜୀବନ ବୋଲି ଝୁମୁରୀ ଯାହା ବୁଝେ, ପ୍ରାଚୁର୍ଯ୍ୟ ରେ ଭାସୁଥିବା ଏ ଯୁଗର ମଣିଷ ମାନଙ୍କୁ ଜନ୍ମ ପରେ ଆଉ କେତେ ଜନ୍ମ ବିତି ଯିବ ।

**ତାଙ୍କ ଭଳି ସେ**

ଜଣେ ନିଛଳିଆ ମଣିଷ ନବଘନ ଦାଶ । ରାଗ, ହିଂସା, ଗାଳି ମନ୍ଦ , ଛନ୍ଦ କପଟ. ଝଗଡା ଝାଟି ଠୁ ବହୁତ ଦୂରରେ । କେହି କେହି ତାଙ୍କୁ ଭୋଳା, ବାଉଳା ବୋଲି କହନ୍ତି । ଚାଲୁଥିଲେ ଚାଲୁଥିବେ କୋଶ କୋଶ, ତାଙ୍କର ମନେ ନଥିବ କୁଆଡେ କାହା ପାଖକୁ ଯିବେ । ପଢୁଥିଲେ ପଢୁଥିବେ ଭାଗବତ ଏକାଦଶ ସ୍କନ୍ଧରୁ ଅଧ୍ୟାୟ ପରେ ଅଧ୍ୟାୟ, ଗୋପୀ ଭାଷା, ମଥୁରା ମଙ୍ଗଳ । ତାଙ୍କ ଗଳାଟି ମଧୁର । ଯିଏ ଯାହା ଥଟ୍ଟା କରି କହିଲେ ବି , ସେ ଟିକିଏ ହସି ଦିଅନ୍ତି । କେବେ କାହାର ଅନିଷ୍ଟ କରି ନାହାନ୍ତି । ତାଙ୍କ ଭଳି ସେ । ଆଖ ପାଖ ଦଶ ପନ୍ଦର ଖଣ୍ଡ ମୌଜାରେ ତାଙ୍କ ଭଳି ଆଉ ଜଣେ ଥିବ -ସମ୍ଭବ ନୁହେଁ ।

ଦିନେ ପୁଅକୁ ଡାକି କହିଲେ - ରେ ବାବୁ । ମୁଁ ଏତେ କୃତଘ୍ନ ଯେ ଠେଙ୍ଗା ଧରି ପ୍ରତିଦିନ ମୋ ଛାଇ ମୋତେ ଗୋଡାଉଛି । ନିଜ ଜଞ୍ଜାଳରେ ଏତେ ବର୍ଷ ବାନ୍ଧି ହୋଇ ମୋ ପାରିବାର ପଣ ଦେଖାଉଛି । ଯାହା ପାଇଁ ଆଜି ମୁଁ ଦି ଅକ୍ଷର ପାଠ ପଢି, ପୁରାଣ ଭାଗବତ ବୋଲି ଦି ପଇସା କମେଇ ଚାଲିଛି, ତାଙ୍କୁ ମୁଁ ଭୁଲି ଯାଇଛି । ସେ ନରି ମଉସା, ଯିଏକି ବାପାଙ୍କର ଅତି ଆପଣାର ସାଙ୍ଗ ଥିଲେ । ଏମିତି ସାଙ୍ଗ ଏ ଯୁଗକୁ ସ୍ୱପ୍ନ । ଆମ ଗାଁ ମାଇନର ସ୍କୁଲ ରେ ସେ ଶିକ୍ଷକ ଥିଲେ , ମୋତେ ଦୁଇ ବର୍ଷ ପାଠ ପଢାଇ ଥିଲେ , କେତେ ଉପଦେଶ ଦେଇଥିଲେ , ତାଗିଦ କରିଥିଲେ ।

ବଦଳି ହୋଇ ଘର ପାଖକୁ ଚାଲିଗଲେ । ଏବେ ଦିନେ ଗାଁ ମନ୍ଦିର ପୂଜାରୀଙ୍କ ପୁଅ ତାଙ୍କ କଥା କହିଲା । ମୋର ମନେ ପଡିଗଲା, ସେଇ ପିଲା ଦିନର କଥା । ମନଟା କେମିତି କେମିତି ହୋଇଗଲା । ମାଆଙ୍କ ପରେ ବାପା ଚାଲି ଯିବାରୁ, ଘରଠୁ ମୁଁ ବାଟ ବଣା ହୋଇଗଲି । ବାପା ମଧ କେତେ ଥର ନରି ମଉସାଙ୍କ କଥା ମତେ କହିଥିଲେ । ଏଇ ଶୁଣ । ଆଠ ଦିନ ରହିଲା ବାପାଙ୍କର ଶ୍ରାଦ୍ଧ । ତୁ ଯାଇ ବୁଝି ଆସିବୁ କେମିତି ଅଛନ୍ତି ନରି ମଉସା । ବୋଇରାଣୀକୁ ଲାଗି ତାଙ୍କ ଶାସନୀ ଗାଆଁ । ବଡ ପୁରୋହିତ ଘର । ତୁ ସେଠାକୁ ଯାଇ ଦି' ପଦ ଖବର ଆଣିଦେଲେ ମୁଁ ବୁଝିବି ଯେ ମୋ ଉପରେ ବାପାଙ୍କର ଆଶୀର୍ବାଦ ଅଛି । ମୁଁ ଯାଇ ନେହୁରା ହୋଇ, ଗୋଡ ହାତ ଧରି ଆମ ଘରେ ପଦ ପକାଇବା ପାଇଁ ମଉସାଙ୍କୁ ନିମନ୍ତ୍ରଣ ଜଣାଇବି ।

***

**ଇଂ ସତ୍ୟବ୍ରତ ରଥ**
କଲେଜ୍ ରୋଡ଼, ବାଙ୍କୀ
ପୋ. ଅ. : ବାଙ୍କୀ, ଜି. : କଟକ
ଦୂରଭାଷ : ୯୯୩୭୭୩୨୭୬୪୨

> **"ଜାତି ନନ୍ଦିଘୋଷ ଚଳିବ କି ଭାଇ**
> **ସ୍ୱାର୍ଥ କୁ ସାରଥି କଲେ**
> **ଟାଣେ କିରେ ଗାଡି ଦାନାର ତୋବଡ଼ା**
> **ଘୋଡା ମୁହେଁ ବନ୍ଧା ଥିଲେ ?"**
>
> (ଉତ୍କଳ ଗୌରବ ମଧୁସୂଦନ ଦାସ)



# ଆଦିବାସୀ ପରମ୍ପରାରେ ଟୁସୁ ଦେବୀ

ଆଦିବାସୀ ପରମ୍ପରାରେ ଟୁସୁଦେବୀଙ୍କ ମହାତ୍ମ୍ୟ ଅନନ୍ୟ । ଟୁସୁ "ଦେବୀ ନା ମାନବୀ" ଏକଥାକୁ ଉର୍ଦ୍ଧ୍ୱରେ ରଖି ଆଦିବାସୀ ଲଳନାମାନେ ଟୁସୁଙ୍କୁ ଉପାସନା କରିଥାନ୍ତି । ନିଜର ଆତ୍ମ ବେଦନାକୁ ବ୍ୟକ୍ତ କରିଥାନ୍ତି ଟୁସୁଙ୍କ ପାଖରେ । ତାଙ୍କ ମାହାତ୍ମ୍ୟ ସମ୍ବନ୍ଧରେ ଅସୀମତାର ପ୍ରତୀକ ଭାବେ ଗ୍ରାମ୍ୟ ଲଳନାମାନେ ପ୍ରତିନିଧିତ୍ୱ କରିଥାନ୍ତି । ଟୁସୁଙ୍କ ଅନବଦ୍ୟ ମହିମାକୁ ଅଞ୍ଚଳର କୋଣ ଅନୁକୋଣରେ ଯେମିତିକି ଗ୍ରହ, ନକ୍ଷତ୍ର, ଆକାଶ, ପବନ, ସମୁଦ୍ର, ନଦନଦୀ, ଜଙ୍ଗଲ, ଜୀବଜନ୍ତୁ, ମାଟି, ପଥର ଆଦି ସବୁ ସ୍ଥାନରେ ଯେଉଁ ସଂସ୍କୃତି ଉପଲବ୍ଧି କରେ ସେଠାରେ ଟୁସୁ" ଦେବୀ" ନୁହନ୍ତି ତ ଆଉ କଣ? ତେଣୁ ଶାକ୍ତ ଶାସ୍ତ୍ରରେ ବୈଦିକ ମନ୍ତ୍ର କହେ ପରା "ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ।"

ମକର ମାସରୁ ଆରମ୍ଭ ହୋଇଥାଏ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି । ତେଣୁ ଦକ୍ଷିଣ ଭାରତର ପୋଙ୍ଗଲ ପର୍ବ ପରି ଉତ୍ତର ଭାରତର ମକର ପର୍ବ ଏକ ବିସ୍ତୀର୍ଣ୍ଣ ମାଳ ଅଞ୍ଚଳର (ଉତ୍ତର ଓଡିଶା, ଦକ୍ଷିଣ ପୂର୍ବ ବିହାର,ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ )ଗଣପର୍ବ ଭାବରେ ଆଦୃତ । ସବୁ ଉତ୍ସବର ଧାର୍ମିକ ଭିତ୍ତିଭୂମି ହେଉଛନ୍ତି ସର୍ବଦେବାଦେବୀ । ପବିତ୍ର ମକର ଉତ୍ସବର ଅଧିଷ୍ଠାତ୍ରୀ ହେଉଛନ୍ତି ଟୁସୁଦେବୀ । ଶାବର ସଂସ୍କୃତିରେ ଦାରୁବ୍ରହ୍ମଙ୍କର ନିତ୍ୟ ନୈମିତ୍ତିକ ନୀତି କାନ୍ତି ପରି ମାଆ ଟୁସୁ ଦେବୀ ମଧ ପୌଷ ମାସରେ ଅଧିଷ୍ଠାତ୍ରୀ ହୋଇ ଭକ୍ତଙ୍କୁ ଆଶୀଷ ପ୍ରଦାନ କରିଥାନ୍ତି । ଦାରୁବ୍ରହ୍ମଙ୍କୁ ଦେବଦାସୀର ନୃତ୍ୟ ତଥା ଗୀତଗୋବିନ୍ଦର ଲାଳିତ୍ୟ ସ୍ୱରବ୍ୟଞ୍ଜନା ଯେପରି ନିଦ୍ରା ବିଭୂତ କରିଦିଏ ସେପରି ଟୁସୁମାଆଙ୍କ ଆଖିପତାରେ ନାନାବାୟା ଟୁସୁଗୀତ ନିଦ୍ରା ଭରିଦିଏ । ଟୁସୁ ଦେବୀଙ୍କ ସଖି ସହଚରୀ ହୋଇଥାନ୍ତି କୁମାରୀ କନ୍ୟାମାନେ । ଟୁସୁଦେବୀଙ୍କୁ ପୂଜା,ଭକ୍ତି ତଥା ଅର୍ଘ୍ୟ ପ୍ରଦାନ ସେମାନଙ୍କର ଜନ୍ମଗତ ଅଧିକାର ସଦୃଶ।

ମକର ପର୍ବଟି ଆଦିବାସୀଙ୍କର କଥିତ ଭାଷାରେ ପୁଷ ପର୍ବ ବୋଲି କୁହାଯାଏ । ପାରମ୍ପରିକ ରୀତିରେ ଦେବୀ ଟୁସୁମଣୀଙ୍କର ପୂଜାର୍ଚ୍ଚାନ କରାଯାଏ । କୁମାରୀ କନ୍ୟାମାନେ ଟୁସୁଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି ପୁଷ ମାସରେ ସ୍ଥାପନା କରିଥାନ୍ତି । ସାଧାରଣ ଭାବରେ ଗ୍ରାମ ମୁଖିଆ, ଦେଶ ପ୍ରଧାନ ବା ମାହାନ୍ତଙ୍କ ଗୃହରେ ଟୁସୁଦେବୀଙ୍କର ପୂଜାସ୍ଥଳୀ ହୋଇଥାଏ । ଶିଳ୍ପୀଦ୍ୱାରା ନଡା, ମାଟି, କାଠ, ସୋଲ, ଓ ରଙ୍ଗୀନ କାଗଜରେ ନିର୍ମିତ ମୂର୍ତ୍ତି ପୂଜାସ୍ଥଳୀକୁ ଏକ ଦିବ୍ୟତାର ଅନୁଭବ ଦେଇଥାଏ । କିଛି କିଛି ସ୍ଥାନରେ ଅଗାଡି, ମାଟି, ଗୋବରରେ ତିଆରି ଲଡୁ ଆକୃତି ଅଥବା ଚାଉଳ ଚୁନାରେ ତିଆରି ଲଡୁ ଆକୃତିକୁ ବିଗ୍ରହ ରୂପେ ପୂଜା କରିଥାନ୍ତି।

ପୌଷ ସଂକ୍ରାନ୍ତି ଅର୍ଥାତ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ଏହି ପର୍ବ ମକର ସଂକ୍ରାନ୍ତିରେ ବିସର୍ଜନ ହୋଇଥାଏ । ତେଣୁ ଏହି ପର୍ବକୁ ମକର ପର୍ବ ଭାବରେ ନାମିତ କରାଯାଏ । ମାସ ତମାମ କୁମାରୀ କନ୍ୟାମାନଙ୍କ ଟୁସୁ ସଂଗୀତରେ ହିଲ୍ଲୋଳିତ ହୋଇଉଠେ ରାତ୍ରିର ଗ୍ରାମ୍ୟ ପରିବେଶ । ମାଆଙ୍କ ପ୍ରତି ନୈବେଦ୍ୟ କେବଳ ଟୁସୁ ସଂଗୀତ । ଏହି ସଂଗୀତରେ ଟୁସୁ ଦେବୀଙ୍କ ଲୀଳାଖେଳା, ଟୁସୁ ଦେବୀଙ୍କ ମହିମା ଝୁମରର ସ୍ୱରରେ ଅଳସୀ ରାତ୍ରିର ପରିବେଶ ମୁଖରିତ ହୋଇଉଠେ । ଆର୍ଯ୍ୟ ସଂସ୍କୃତିରେ ଖୁଦୁରୁକୁଣୀ ଓଷାରେ ଯେପରି କୁମାରୀ କନ୍ୟାମାନଙ୍କର ପୂର୍ଣ୍ଣ ଅଧିକାର ଥାଏ ସେପରି ଟୁସୁ ଦେବୀଙ୍କର ପୂଜାର୍ଚ୍ଚନାରେ କେବଳ କୁମାରୀ କନ୍ୟାମାନେ ହିଁ ଅଧିକାରିଣୀ । ଟୁସୁ ଦେବୀଙ୍କ ପାଇଁ ବାସ୍ତବ ନୈବେଦ୍ୟ ହେଉଛି ଟୁସୁ ସଂଗୀତ । ଅବଶ୍ୟ ପିଠାପଣା ଓ ମିଷ୍ଟାନ ଆଦି ସମର୍ପଣ କରାଯାଇଥାଏ । ପୌଷ ମାସରୁ ପୂଜିତା ଟୁସୁ ଦେବୀ ଆଦ୍ୟ ମକରରେ ବିସର୍ଜନ ହୁଅନ୍ତି । ସମ୍ପୂର୍ଣ୍ଣ ମାସେ କାଳ ଗାଁ ଦାଣ୍ଡ,ବଣ, ବିଲ, ପାହାଡ଼ ଭୂଇଁ ଟୁସୁ ସଂଗୀତରେ ଉଲ୍ଲସିତ ହୁଏ।

ଟୁସୁ ପର୍ବ ସାଧାରଣତଃ ଭାରତର ପଶ୍ଚିମ ବଙ୍ଗ, ଝାଡ଼ଖଣ୍ଡ, ଓଡିଶା, ଆସାମର କିଛି ଅଂଶରେ ମୁଖ୍ୟ ଗଣପର୍ବ ଭାବେ ପାଳନ କରାଯାଇଥାଏ । ଏହା ଏକ ଧର୍ମନିରପେକ୍ଷ ପର୍ବ ଅଟେ । ସବୁ ଜାତି ତଥା ଧର୍ମର ଲୋକେ ଏହାକୁ ପାଳନ କରି ଆନନ୍ଦ ପାଇଥାନ୍ତି । ଏହା ମୁଖ୍ୟତଃ ସାନ୍ତାଳ, ମୁଣ୍ଡା, ଭୂମିଜ, ଖଡ଼ିଆ, ହୋ, କୋରା, ଗେଣ୍ଡ, ଉରାମ୍, ଖେରବାର, ଲୋହରା, ମାହାଲି, କୁଡୁମି, କରମାଲୀ, ଲୋଧା, ବାଗାଳ, ଭୂୟାଁ, ଗୌଁଛୁ ଇତ୍ୟାଦିଙ୍କ ଦ୍ୱାରା ଧୁମଧାମରେ ପାଳନ କରାଯାଇଥାଏ । ଟୁସୁ ଦେବୀଙ୍କୁ ଚଉଡାଲା (ବିମାନ )ରେ ବସାଇ ଉତ୍ତରାୟଣର ସୂର୍ଯ୍ୟୋଦୟରେ ବିସର୍ଜନ କରିଥାନ୍ତି।

ଟୁସୁମନୀ ଦେବୀ ନା ମାନବୀ ପ୍ରଶ୍ନ ଆସୁଥିଲାବେଳେ ଟୁସୁଙ୍କୁ ନେଇ ଅନେକ ପ୍ରଚଳିତ କାହାଣୀର ଆଭାସ ମିଳେ । ଭୂମିଜ ଓ ସାନ୍ତାଳମାନେ କୁହନ୍ତି :ଗୁଜୁରାଟରେ ଏକ ରାଜକନ୍ୟା ଥିଲେ ରୁକ୍ମିଣୀ ଯାହାଙ୍କୁ ଟୁସୁ ନାମରେ ଡକାଯାଉଥିଲା । ରାଜକୁମାରୀ ଟୁସୁଙ୍କୁ ପଞ୍ଜାବର ରାଜକୁମାର ସୀତାରାମଙ୍କ ସହିତ ପ୍ରେମ ଥିଲା । କିନ୍ତୁ ଏକ ମୋଗଲ ବାଦଶାହା ଟୁସୁଙ୍କ ପ୍ରତି ଆକର୍ଷିତ ହୋଇଥିଲେ । ମୋଗଲ ବାଦଶାହା ଙ୍କଠାରୁ ବଞ୍ଚିବାକୁ ଦୁହେଁ ଘରୁ ଲୁଚି ପଳାଇଲେ । ପଥଭ୍ରଷ୍ଟ ହୋଇ ସେମାନେ ଭୂମିଜ ରାଜ୍ୟରେ ପହଞ୍ଚିଲେ । ସେଠାକାର ରାଜା ସେମାନଙ୍କ ବିବାହ କରାଇଲେ । କିନ୍ତୁ ଦୁର୍ଭାଗ୍ୟର କଥା ପତି ସୀତାରାମଙ୍କୁ ନିଧନ କରାଗଲା । ଟୁସୁଙ୍କ ମନ ପ୍ରାଣରେ ବଞ୍ଚିବାର ସ୍ପୃହା ନଥିଲା । ତେଣୁ ସ୍ୱାମୀଙ୍କ ଚିତାରେ ଟୁସୁ ଦେବୀ ଝାସ ଦେଇଥିଲେ । ଏହାପରେ ଭୂମିଜ, ସାନ୍ତାଳ ଏବଂ କୁଡୁମୀ ସମ୍ପ୍ରଦାୟ ଟୁସୁଙ୍କ ଦୟା, ସଦାଚାର, ପ୍ରେମ ଏବଂ ବଳିଦାନର ପ୍ରତୀକ ସ୍ୱରୂପ ଟୁସୁପର୍ବ ପାଳନ କଲେ।

ଆଉ ଏକ କଥାରୁ ଜଣାଯାଏ କି ଟୁସୁ ପର୍ବ ଟୁସୁମନୀ ନାମକ ଯୁବତୀର ସ୍ୱାଭିମାନ ଆଧାରିତ ଗାଥା ଅଟେ । ଟୁସୁମନୀ ଏକ ଗରିବ କୃଷକର ଝିଅ ଥିଲେ । ରୂପରେ ଅତ୍ୟନ୍ତ ସୁନ୍ଦରୀ । ତାଙ୍କର ରୂପ ସମ୍ପର୍କରେ ଚତୁର୍ଦ୍ଦିଗରେ ଚର୍ଚ୍ଚା ହୋଇଥିଲା । ଏହି ଚର୍ଚ୍ଚା ଗାଁରୁ ମୋଗଲ ଦରବାର ପର୍ଯ୍ୟନ୍ତ ଲମ୍ବିଥିଲା । କନ୍ୟାକୁ ପ୍ରାପ୍ତ କରିବା ପାଇଁ ମୋଗଲ ରାଜା ଷଡଯନ୍ତ୍ର କଲା । ଯୋଗକୁ ସେହି ବର୍ଷ ଭୀଷଣ ଅକାଳ ପଡିଥିଲା । କୃଷକଟି କର ଦେବାକୁ ଅସମର୍ଥ ଥିଲା । ଏହି ପରିସ୍ଥିତିର ସୁଯୋଗ ନେବାପାଇଁ ଦୁଇଗୁଣ କର ପୈଠ କରିବାକୁ ମୋଗଲ ରାଜା ଆଦେଶ ଦେଲା । ଅସମର୍ଥ କୃଷକ କର ପୈଠ କରିପାରିବନି ବୋଲି କ୍ଷମା ମାଗିଲା । କ୍ଷମା ବଦଳରେ ମୋଗଲ ରାଜା ଟୁସୁମନୀକୁ ମାଗିଲା । ଟୁସୁମନୀ କିନ୍ତୁ ନିଜର ସ୍ୱାଭିମାନ ରକ୍ଷା ପାଇଁ ନଦୀରେ ଝାସ ଦେଲେ । ସୁବର୍ଣ୍ଣରେଖା ନଦୀର ସତୀଘାଟ ସ୍ଥଳରେ ନିଜକୁ ବିସର୍ଜିତ କରିଦେଲେ । ଟୁସୁଙ୍କର ଏପରି ତ୍ୟାଗକୁ ଟୁସୁ ପର୍ବ ସ୍ୱରୂପରେ ପାଳନ କରାଗଲା।

ଆଉ କିଛି ଲୋକକଥାରୁ ଜଣାଯାଏ ଜଣେ କୁରୁମୀ କୃଷକର ତିନୋଟି ଝିଅ ଥିଲେ । ସରଳା, ଭାଦୁ ଓ ଟୁସୁମନୀ ନାମକ ତିନି ଭଉଣୀ ଅନିନ୍ଦ୍ୟ ସୁନ୍ଦରୀ ଥିଲେ । କିନ୍ତୁ ଟୁସୁମନୀ ରୂପ ଓ ଗୁଣରେ ଅନନ୍ୟ ଥିଲେ । ସେହି ସମୟରେ ମୋଗଲ ସାଶନ ପ୍ରଚଳିତ ଥିଲା । ତେଣୁ ମୋଗଲ ବାଦଶାହା ଟୁସୁମନୀଙ୍କୁ ଆପଣାର କରିବା ପାଇଁ ଲୋଲୁପ ଦୃଷ୍ଟି ରଖିଥିଲେ । ବ୍ୟଥିତ ଟୁସୁମନୀ ନିଜର ସତୀଧର୍ମ ରକ୍ଷା ପାଇଁ ପବିତ୍ର ମକର ସଂକ୍ରାନ୍ତି ଦିନ ପବିତ୍ର ସୁବର୍ଣ୍ଣରେଖା ନଦୀ ଗର୍ଭରେ ଝାସ ଦେଇଥିଲେ । ତେଣୁ ଟୁସୁମନୀଙ୍କର ଭିନ୍ନ ଭିନ୍ନ କାହାଣୀରୁ ପ୍ରତୀୟ ହୁଏ ଟୁସୁମନୀ ଜଣେ ପରମ ରୂପବତୀ ଏବଂ ସେ ନିଶ୍ଚିତ ଭାବେ ମୋଗଲ ବାଦଶାହାଙ୍କଠାରୁ

ବଞ୍ଚିବାକୁ ନିଜର ଆତ୍ମ ବିସର୍ଜନ କରି କୁମାରୀ କନ୍ୟାମାନଙ୍କର ଆଦର୍ଶ ପାଲଟିଛନ୍ତି।

ସବୁ ବିତର୍କକୁ ଅନ୍ତକରି ଟୁସୁମନୀ ଯେ ପୂଜାରିଣୀ ପାଖରେ ଲକ୍ଷ୍ମୀ,, ସରସ୍ୱତୀ, ଦୁର୍ଗା, କାଳୀଙ୍କ ପରି ଅଲୌକିକ ଶକ୍ତି ସମ୍ପର୍ଣ୍ଣାକହିଲେ ଅତ୍ୟୁକ୍ତି ହେବ ନାହିଁ। ମାତ୍ର ସେ ମାତୃସ୍ଥାନୀୟା ନୁହଁନ୍ତି। ସେ ଆଦରଣୀୟା କନ୍ୟା ଭଳି। ନିଷ୍ଠାବତୀ ପୂଜାରିଣୀ ନିଜ ଦୁଃଖ, ଯନ୍ତ୍ରଣା ଓ ମନର କଷ୍ଟକୁ ବ୍ୟକ୍ତ କରିଥାଏ ଟୁସୁ ସଂଗୀତ ମାଧ୍ୟମରେ। ଏଥିରେ ପୂଜାର ନିର୍ଦ୍ଦିଷ୍ଟ ମନ୍ତ୍ର କିଛି ନାହିଁ। ଟୁସୁ ଦେବୀଙ୍କ ସମ୍ବନ୍ଧରେ ଗବେଷକ ଡ଼. ବଙ୍କିମ ଚନ୍ଦ୍ର ମହାତୋ ଓ ଡ଼. ପ୍ରସନ୍ନ କୁମାର ପ୍ରଧାନ କୁହନ୍ତି ଏହା ନାରୀମାନଙ୍କର ତୁଷୁଲା ବ୍ରତ ପରି ଲକ୍ଷ୍ମୀଙ୍କ ପ୍ରତୀକ ପରି ଲାଗେ। ଏଥିରେ ବି ମତ ଅଲଗା ଆସେ କି ଟୁସୁ ଲକ୍ଷ୍ମୀ ନୁହନ୍ତି ବରଂ ଗଙ୍ଗା ଅଟନ୍ତି। କାରଣ ଭସାଣି ସମୟର ଲୋକ ଗୀତ କହେ --"ଜଲ ଜଲ ଯେ କରେ ଟୁସୁ, ଜଲେ ତହର କେ ଅଛେ, ମନକେ ଭାବିୟେ ଦେଖ, ଜଲେ ଶଶୁର ଘର ଆଛେ। "ଲୋକ ସଂସ୍କୃତିର ଗବେଷକ ଆଦିକନ୍ଦ ମହାନ୍ତ କୁହନ୍ତି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବିହାର, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି, ଷଢ଼େଇକଳା, ଖରସୁଆଁ, ରାଞ୍ଚି ଏବଂ ପଶ୍ଚିମବଙ୍ଗର ପୁରୁଲିଆ, ମାନଭୂମି, ମେଦିନାପୁର ଇତ୍ୟାଦି ଅଞ୍ଚଳରେ ମକର ଖାଲି ଏକ ପର୍ବ ନୁହେଁ ପରନ୍ତୁ ଏକ ଜାତୀୟ ପାର୍ବଣ। ଏହାର ମଣି ହେଉଛନ୍ତି ଟୁସୁଦେବୀ। ଆଉ ଟୁସୁଙ୍କର ପୂଜାବିଧିକୁ ବାଦ ଦେଲେ ପର୍ବର କୌଣସି ମାଦକତା ନାହିଁ।

ନାନା ମତରେ ପରିପୂର୍ଣ୍ଣ ଟୁସୁଦେବୀଙ୍କ ମହିମା। ଗବେଷକ ଚୈତନ୍ୟ ପ୍ରସାଦ ମହାନ୍ତ ଟୁସୁଙ୍କ ବିଷୟରେ ଭିନ୍ନ ମତ ଦେଇ କୁହନ୍ତି, ଟୁସୁ ହେଉଛନ୍ତି ବେଦ ବର୍ଣ୍ଣିତ ତନ୍ତ୍ର ଯୁଗର ମହାମାୟା ଏକ କୁମାରୀ ଦେବୀ ଦୁର୍ଗାଙ୍କ ମୂର୍ତ୍ତିମନ୍ତ ରୂପ। ଦେବୀ ଅକ୍ଷସୂତ୍ରଧାରିଣୀ, ଅଭୟ ବରଦାୟିନୀ।

ପୁରାକାଳରେ ଦେବୀଙ୍କୁ ଦର୍ଶନ କରିବା ନିଷିଦ୍ଧ ଥିଲା ବୋଲି ଦେବୀଙ୍କ ଆବାହନୀ ପୂଜା ନାହିଁ। କେବଳ ବିସର୍ଜନୀ ପୂଜା କରାଯାଏ। ଶକ୍ତିବାଦର ପ୍ରଚାର ଫଳରେ ଦେବୀ ହେଲେ ସାକାର ରୂପୀ। ଟୁସୁଙ୍କୁ ସୁପ୍ତ ଭାବରେ ପୂଜା କରାଯାଏ ବୋଲି ତାଙ୍କୁ ସୁପ୍ତା ଦେବୀ କୁହାଗଲା। ତାନ୍ତ୍ରିକ ମତରେ ଶବ୍ଦର ବିପରୀତ ପ୍ରୟୋଗ ହେଉଥିବାରୁ "ସୁପ୍ତା" ଦେବୀଙ୍କୁ "ପ୍ତାସୁ" ଓ ଅପଭ୍ରଂଶରେ "ତୁଷୁ "କୁହାଗଲା। କାଳକ୍ରମେ "ଟୁସୁ" ଭାବରେ ପୂଜିତା ହେଲେ।

ଆମ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସର୍ବବୃହତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏହି ଅଞ୍ଚଳରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟ ଲୋକେ ମକର ପର୍ବକୁ ଏକ ଗଣପର୍ବ ଭାବରେ ପାଳନ କରନ୍ତି। ଏହା ବ୍ୟତୀତ ସାନ୍ତାଳ, କୋହ୍ଲ, ଭୂମିଜ, ବାଥୁଡି ଆଦି ଜନଜାତି ମଧ୍ୟ ଏହି ପର୍ବକୁ ମହା ସମାରୋହରେ ପାଳନ କରିଥାନ୍ତି। ଟୁସୁ ଶସ୍ୟର ଦେବୀ ବୋଲି ଟୁସୁ ସଂଗୀତରୁ ବୁଝାପଡେ --"ଯେତେ ଧାନୀ, ଖେରେୟେ ଡିନି, ପାଲନେ ଡିମନି, ଯେଇ ଡିନି, ୟହିଁ ଟୁସୁମନୀ "ଅର୍ଥାତ କ୍ଷେତରେ ଶସ୍ୟ ଦେବୀ ଧାନୀ, ଓ ପାଳନ କରିବାରେ ଡିମନି, ସେଇ ଦେବୀ ହିଁ ଟୁସୁମନୀ। ଶକ୍ତିବାଦରେ ମାଆ ଶାକମ୍ଭରୀଙ୍କ କୃପାରୁ ଯେପରି ଅକାଳ ଦୁର୍ଭିକ୍ଷରୁ ରକ୍ଷା ପାଇଥିଲା ଧରାବକ୍ଷ ସେପରି ମାଆ ଟୁସୁଙ୍କ ମହିମାରୁ ଶସ୍ୟର ସମ୍ଭାରରେ ଧରାବକ୍ଷ ଭରିଯାଏ।

ଏହି ସମୟଟି କୃଷକର ମନପ୍ରାଣରେ ଆନନ୍ଦର ଲହରୀ ଖେଳାଇଦିଏ। ଧାନର ଅମଳରେ ଦୁଇଗୁଣା ଖୁସି ଆଣିଦିଏ। ଆଉ ଟୁସୁଦେବୀ ହେଉଛନ୍ତି ଏହାର ଆଦର୍ଶ। ମକରର ମାସକ ଆଗରୁ ଗାଁ ଝିଅମାନେ ଏକତ୍ରିତ ହୋଇ ଟୁସୁ ଗୀତ ଗାଆନ୍ତି। ଚାଷୀଭାଇମାନେ ଏହି ପର୍ବକୁ ତିନିଦିନ ଧରି ପାଳନ କରନ୍ତି। ପ୍ରଥମ ଦିନକୁ "ବାହୁଣ୍ଡି "କୁହାଯାଏ। ଦ୍ୱିତୀୟ ଦିନ "ସଂକ୍ରନ୍ତି ଓ ଟୁସୁ ପର୍ବ "। ତୃତୀୟ ଦିନ "ଆକ୍ଷଆୟାନ "ବୋଲି କୁହାଯାଏ। "ବାହୁଣ୍ଡି "ରାତିରେ ପ୍ରତ୍ୟେକ ଘରେ ଆଗରୁ ଲିପାପୋଛା ହୋଇ ପିଠାପଣା ପ୍ରସ୍ତୁତି କରାଯାଏ। ପିଠାର ପ୍ରସ୍ତୁତି ପ୍ରଣାଳୀ ଭାରି ନିଆରା। ଢ଼ିଙ୍କିକୁଟା ନୂଆ ଚାଉଳରେ ପ୍ରସ୍ତୁତ ଗୁଡ଼, ବାଦାମ ଦିଆ ପିଠା ବହୁତ ସ୍ୱାଦିଷ୍ଟ। ଦୁଇ ପ୍ରକାର ପିଠା ପ୍ରସ୍ତୁତିରେ ଜିଲୁ ପିଠା ଓ ଧୁସୁ ପିଠା ବିଶେଷ ଭାବରେ ପ୍ରଚଳିତ। ଜିଲୁ ପିଠା ସାଧାରଣ ଭାବେ ଚାଉଳ ଚୁନା, ପିଆଜ, ମାଂସ, ଲଙ୍କା, ଲୁଣ, ଓ ଅନ୍ୟାନ୍ୟ ଗରମ ମସଲା ଦେଇ ପ୍ରସ୍ତୁତ କରାଯାଏ। ୟାକୁ ଲେଟ ମଧ୍ୟ କୁହାଯାଏ। ଧୁସୁ ପୀଠାରେ ଚାଉଳ ଚୁନା, ନୂଆ ଆଖୁର ରସର ଗୁଡ଼ ଓ ବାଦାମ ଦିଆଯାଇଥାଏ। ୟାକୁ ଗୁଡ଼ ପିଠା ବୋଲି କୁହାଯାଏ। ଏଥିରେ ଜଣାଯାଏ ମାଆ ଟୁସୁ ସାତ୍ତ୍ୱିକ ଓ ତାନ୍ତ୍ରିକ ମତରେ ପୂଜା ପାଆନ୍ତି।

ମକର ଦିନ ପ୍ରତ୍ୟେକ ଘରେ ପିଲାଠାରୁ ବୁଢାବୁଢ଼ୀଯାଏ ସମସ୍ତେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଗ୍ରାମଦେବୀଙ୍କର ଦର୍ଶନ କରି ଆଶୀର୍ବାଦ ଓ କୃପା ଭିକ୍ଷା କରିଥାନ୍ତି। ସଂକ୍ରାନ୍ତିର ପ୍ରଭାତରୁ ଟୁସୁଦେବୀଙ୍କୁ ନଦୀ, ନାଳ ତଥା ପୋଖରୀରେ ବିସର୍ଜନ କରାଯାଏ। ପରଦିନ ଅର୍ଥାତ ସଂକ୍ରାନ୍ତି ବାସିରେ "ଆକ୍ଷଆୟାନ" ପର୍ବ କରାଯାଏ। ଏହି ଦିନରେ ଚାଷୀମାନେ ଚାଷ କାର୍ଯ୍ୟର ଶୁଭାରମ୍ଭ କରନ୍ତି। ସଂକ୍ରାନ୍ତି ପରଠାରୁ ସାତଦିନ ଧରି ଆଦିବାସୀ, ଆଦିମ ଜାତି, ଓ ଜନଜାତି ସମ୍ପ୍ରଦାୟର ଲୋକେ ପାରମ୍ପରିକ ବସ୍ତ୍ର ପରିଧାନ କରି ଧୂମସା, ମାଦଳ, ଢୋଲ, ଘଣ୍ଟାର ତାଳେ ତାଳେ" ଡାଣ୍ଡା "ନାଚ ପରିବେଷଣ କରନ୍ତି। ଆଧାତ୍ମିକ ଚେତନା ବହନ କରୁଥିବା ଏହି ସମ୍ପ୍ରଦାୟ ମକର ସଂକ୍ରାନ୍ତିର ତୃତୀୟ ଦିନଠାରୁ ପବିତ୍ର ନଦୀମାନଙ୍କରେ ସ୍ନାନ, ଦାନ ପରେ ପିତୃପୁରୁଷଙ୍କର ଅସ୍ଥି ବିସର୍ଜନ କରିଥାନ୍ତି।

ଆଦିବାସୀଙ୍କର ଏହି ମହାନ ସଂସ୍କୃତି ଆଜିର କ୍ରମବିକାଶଶୀଳ ସଭ୍ୟ, ଶିକ୍ଷିତ ସମାଜରେ ପ୍ରଦୂଷିତ ହେଲା ପରି ଲାଗେ। ସହରୀ ତଥା ଅଧୁନିକବାଦର ଆବାହନରେ ମଣିଷ ନିଜର ସଂସ୍କୃତି, ପରମ୍ପରା ପାଖରୁ ଦୂରେଇ ଯାଉଛି। ଆଜି ସମସ୍ତ ସାଂସ୍କୃତିକ ପୃଷ୍ଠଭୂମି ପାଶ୍ଚାତ୍ୟ ସଂସ୍କୃତିର ଅନୁପ୍ରବେଶରେ ବିନଷ୍ଟ ହେଉଛି। ଟୁସୁ ଗୀତର ଆଦର ଆଜି ଉଭେଇ ଗଲାଭଳି ଲାଗୁଛି। ଲୋକକଥା, ଲୋକବିଶ୍ୱାସ, ଲୋକସଂସ୍କାରର ଆଧାରରେ ଟୁସୁ ଦେବୀ ଅଲୌକିକ ତଥା ମହନୀୟ ଅଟନ୍ତି। ଲୋକକଲ୍ୟାଣ ପାଇଁ କାଳେ କାଳେ ମାଆ ଅବତାରଣା କରନ୍ତି ଭବଭୂମିକୁ। କେତେବେଳେ ଦୁର୍ଗା, ଲକ୍ଷ୍ମୀ, କାଳୀ, ଗଙ୍ଗା, ଶାକମ୍ଭରୀ ତ କେତେବେଳେ ଟୁସୁ ରୂପରେ ବିରାଜମାନ ହୋଇ ଭକ୍ତର କଷଣକୁ ଦୂର କରିଥାନ୍ତି।

ପବିତ୍ର ନିଷ୍ଠା, ଦୃଢ଼ ବିଶ୍ୱାସ, ଅନ୍ତଃଶ୍ରଦ୍ଧାରେ ମଣିଷ ପାଷାଣକୁ ଜୀବନ୍ତ କରିଦିଏ। ଅଲୌକିକ ଶକ୍ତିଧାରୀ ଦେବାଦେବୀ କାହିଁକି ମଣିଷର ଶ୍ରଦ୍ଧା ଓ ବିଶ୍ୱାସକୁ ପ୍ରତିହତ କରିବେ। ଭାରତୀୟ ସଂସ୍କୃତି ଓ ପରମ୍ପରା ମଣିଷର ଆସ୍ଥାକୁ ମଜବୁତ କରେ ସାମାଜିକ ଜୀବନ ଯାତ୍ରାକୁ ସ୍ୱତନ୍ତ୍ର ଦିଗଦର୍ଶନ ଦିଏ। ତା' ଛଡା ବ୍ରତ ପ୍ରତି ନିଷ୍ଠା ଓ ନାରୀ ଆଚରଣରେ ଶୃଙ୍ଖଳିତ ରକ୍ଷା ହେଉଛି ଟୁସୁ ପୂଜାର ଲକ୍ଷ୍ୟ। ବନ ବିଥୀକାର ଦେବୀ ଟୁସୁ ଆଦିବାସୀଙ୍କର ଲୋକଦେବୀ, ଜଲଦେବୀ, ଶସ୍ୟଦେବୀ ଯେ ଅଲୌକିକ ଶକ୍ତିର ଅଧିକାରିଣୀ ନିଶ୍ଚୟ। ଟୁସୁ ଦେବୀ ହେଉଛନ୍ତି ଆଦିବାସୀର ସ୍ୱତନ୍ତ୍ର ପରିଚୟ। ଏହି ସଂସ୍କୃତି ଓ ପରମ୍ପରା ଭାରତୀୟ ଜନମାନସରେ ଉଜ୍ଜୀବିତ ହୋଇ ରହିଥାଉ।

****

**ଗୀତାଞ୍ଜଳି କର**
ଜଗତପୁର, କଟକ
ଦୂରଭାଷ : ୭୦୦୮୯୪୭୫୨୭



# ପଣା ପାନର ବିଶେଷତ୍ୱ

ଓଡ଼ିଶା ଏକ କୃଷି ଭିତ୍ତିକ ତଥା ସଂସ୍କୃତି କୈନ୍ଦ୍ରିକ ରାଜ୍ୟ । ଏଠି ବାରମାସରେ ତେରପର୍ବ ନୁହେଁ ବରଂ ତିନିଶହ ପଞ୍ଚଷଠି ଦିନ ଯାକ ପାଳିତ ହୋଇଥାଏ କିଛି ନା କିଛି ପର୍ବ ପର୍ବାଣି । ସୁଖ, ଶାନ୍ତି ଓ ସୌହାର୍ଦ୍ଦ୍ୟ ମାଧ୍ୟମରେ କର୍ମମୟ ଜୀବନକୁ ରସୋସିକ୍ତ ତଥା ଉପଭୋଗ୍ୟ କରିବା ନିମନ୍ତେ ଏ ଜାତି ପାଳନ କରିଥାଏ ନାନାଦି ଯାନିଯାତ୍ରା ଓ ମହୋତ୍ସବ । ପ୍ରାୟତଃ ପ୍ରତ୍ୟେକ ଉତ୍ସବ, ଜଡିତ ଥାଏ କେଉଁ ପୂର୍ଣ୍ଣିମା, ସଂକ୍ରାନ୍ତି, ନକ୍ଷତ୍ର, ରାଶି, ତିଥି ବା ଲଗ୍ନ ସହିତ । ବିଶେଷ କରି ହିନ୍ଦୁ ଧର୍ମରେ ଏ ସବୁ ପର୍ବ ପର୍ବାଣି ଅଧିକ ପରିଲକ୍ଷିତ ଓ ପାଳିତ ହୋଇଥାଏ । ଅନ୍ଧ ବିଶ୍ୱାସ ତଥା କୁସଂସ୍କାର ଜନିତ ଭୀଷଣ ଭୟ, ପାପ-ତାପ, ଅଧର୍ମ-ଅନୀତି, ଭଗବତ୍ ପ୍ରାପ୍ତିର ଦୁର୍ବାର ଅଭିଳାଷ ସର୍ବୋପରି ମୋକ୍ଷ ପ୍ରାପ୍ତି ମଧ୍ୟ ପର୍ବ ପର୍ବାଣି ସୃଷ୍ଟିର କାରଣ ବୋଲି କେତେକାଂଶରେ ବିଶ୍ୱାସ କରାଯାଏ । ଏହା ମାଧ୍ୟମରେ ଦୈନନ୍ଦିନ ନୀରସ ଜୀବନରେ ଭରିଥାଏ ସରସତା, ମନରେ ସୃଷ୍ଟି ହୁଏ ନୂତନ ଆଗ୍ରହ ଓ ଉଦ୍ଦୀପନା । ଏହି ପରିବର୍ତ୍ତନ ହିଁ କର୍ମକ୍ଷେତ୍ରରେ ଯୋଗାଏ ପ୍ରେରଣା ।

ଏତଦଭିନ୍ନ, ପ୍ରାୟ ପ୍ରତ୍ୟେକ ପର୍ବପର୍ବାଣି ପାଳନର ଅନ୍ତରାଳେ ନିହିତ ଥାଏ, ବିଜ୍ଞାନର କିଛି ଗୂଢ଼ ତତ୍ତ୍ୱ । ଧର୍ମ ସିନା କହେ, ପ୍ରଥମେ ବିଶ୍ୱାସ କର ଓ ପରେ ପରୀକ୍ଷା କର (first believe then test) କିନ୍ତୁ ବିଜ୍ଞାନ କହେ ପ୍ରଥମେ ପରୀକ୍ଷା କର ଓ ପରେ ବିଶ୍ୱାସ କର (first test then believe). ବାସ୍ତବିକ, "Science without religion is blind and religion without science is dumb". ଏହି ପରିପ୍ରେକ୍ଷୀରେ ହିନ୍ଦୁ ମାନଙ୍କର ଓଡ଼ିଆ ନବବର୍ଷ ବା ମହା ବିଷୁବ ସଂକ୍ରାନ୍ତିକୁ ଆଲୋଚନା ପରିସର ଭୁକ୍ତ କରାଯାଇପାରେ । ଏହି ସଂକ୍ରାନ୍ତି, ହନୁମାନ ଜୟନ୍ତୀ ବା ପଣା ସଂକ୍ରାନ୍ତି ଭାବେ ମଧ୍ୟ ଅଭିହିତ । ହିନ୍ଦୁ ସୌର ପଞ୍ଜିକା ଅନୁଯାୟୀ, ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଅବସ୍ଥାନ କରିଥାନ୍ତି ଏବଂ ତାଙ୍କ ତେଜର ପ୍ରଭାବ ଆମ ଉପରେ ତୀବ୍ର ବା ପ୍ରଖର ଥାଏ । ତେଣୁ ଏହାକୁ ମହା ବିଷୁବ ସଂକ୍ରାନ୍ତି କୁହାଯାଏ । ଏହି ସଂକ୍ରାନ୍ତିଠାରୁ ମାସନ୍ତ ପର୍ଯ୍ୟନ୍ତ ସୂର୍ଯ୍ୟ ମେଷ ରାଶିରେ ଅବସ୍ଥାନ କରୁଥିବାରୁ ଏହାକୁ ମେଷ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏହି ପଞ୍ଜିକା ଅନୁସାରେ ବୈଶାଖ ମାସ ପହିଲାକୁ ବର୍ଷର ପ୍ରଥମ ଦିନ ଭାବେ ଗଣନା କରାଯାଏ । ଏଣୁ ଏହାକୁ ବୈଶାଖ ସଂକ୍ରାନ୍ତି ବୋଲି ମଧ୍ୟ କହନ୍ତି । ଏହା କୃଷିକର୍ମର ପ୍ରାରମ୍ଭ ସମୟ । ଓଡ଼ିଶା ଏକ କୃଷି ଭିତ୍ତିକ ରାଜ୍ୟ ହୋଇଥିବାରୁ କୃଷକ ମାନେ ତଥା ପ୍ରତି ଘରେ ଘରେ ଏହି ପର୍ବକୁ ଖୁବ୍ ଉତ୍ସାହରେ ପାଳନ କରନ୍ତି । ଏହି ସମୟରେ ଖରା ଖୁବ୍ ଟାଣ ହୁଏ । ଏଣୁ ଏହି ସଂକ୍ରାନ୍ତିରୁ ତୁଳସୀ ଚଉଁରା ଉପରେ ଏକ ସରୁ ରନ୍ଧ୍ର ଯୁକ୍ତ ମାଠିଆ ବାନ୍ଧି ସେଥିରେ ପାଣି ପୂର୍ଣ୍ଣ କରାଯାଏ । ସେହି ରନ୍ଧ୍ରରେ ଦୁବ କେରାଏ ଖୋସି ଦିଆଯାଏ ଓ ତାହାରି ମାଧ୍ୟମରେ ବିନ୍ଦୁ ବିନ୍ଦୁ ହୋଇ ଜଳ ତୁଳସୀ ମୂଳରେ ପଡୁଥାଏ । ଏହି ମାଟି ପାତ୍ରକୁ ବସୁନ୍ଧରା ଠେକି କୁହଯାଏ । ସଂକ୍ରାନ୍ତି ଦିନ ଏହି ଠେକିରେ ପଣା ଅର୍ପଣ ପୂର୍ବକ ମା' ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରାଯାଏ । ପରବର୍ତ୍ତୀ ଦିନଠାରୁ ପ୍ରତ୍ୟହ କେବଳ ପାଣି ଢ଼ାଳି ମାଠିଆ ପୂର୍ଣ୍ଣ ରଖାଯାଏ । ଏହି ପରମ୍ପରା ମାଧ୍ୟମରେ କୃଷକମାନେ ବର୍ଷାକୁ ଆହ୍ୱାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ମାତ୍ର ବିଜ୍ଞାନ କହେ, ବୈଶାଖର ଟାଣ ଖରାରୁ ଉପକାରୀ ତୁଳସୀ ବୃକ୍ଷକୁ ବଞ୍ଚାଇ ରଖିବା ପାଇଁ ଏଭଳି ଉପାୟ ଅବଲମ୍ବନ କରାଯାଇଥାଏ । ଠିକ୍ ସେଇଭଳି ପଶୁ ପକ୍ଷୀଙ୍କ ଶୋଷ ମେଣ୍ଟାଇବା ପାଇଁ ରାସ୍ତାଘାଟ, ଅଗଣା, ଛାତ ଉପରେ ପାଣିକୁଣ୍ଡ ମାନ ରଖାଯାଏ । ସାମାଜିକ କର୍ମୀ, ପରୋପକାରୀ ତଥା ସ୍କାଉଟସ୍ ଏବଂ ଗାଇଡସ୍ ମାନଙ୍କ ଦ୍ୱାରା ତୃଷାର୍ତ୍ତଙ୍କ ତୃଷ୍ଣା ନିବାରଣ ନିମନ୍ତେ ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲା ଯାଇଥାଏ । ମୁଣ୍ଡଫଟା ଖରା ତଥା ଅଂଶୁଘାତରୁ ରକ୍ଷା ପାଇବା ଲାଗି ପଥଚାରୀଙ୍କୁ ଥଣ୍ଡା ପାଣି ବ୍ୟତୀତ ପୋଡ଼ା ଆମ୍ବର ପଣା, ବେଲ ପଣା, ଦହି ସର୍ବତ୍ ଆଦି ଯୋଗାଇ ଦିଆଯାଏ ।

ଓଡ଼ିଆ ନବବର୍ଷ ବା ପଣା ସଂକ୍ରାନ୍ତିରେ ହେଉଥିବା ପହିଲି ପଣାର ସ୍ୱାଦ କିନ୍ତୁ ବେଶ୍ ନିଆରା । ଏହି ପଣା ବିଭିନ୍ନ ଉପାୟରେ ନିଜ ନିଜର ରୁଚି ଅନୁଯାୟୀ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ତାହାର ମୁଖ୍ୟ ଉପାଦାନ ଗୁଡିକ ହେଉଛି, ବେଲ, କଞ୍ଚାଆମ୍ବ, ଦହି, ଛେନା, ନଡ଼ିଆ କୋରା, କଦଳୀ, ବୁନ୍ଦିଆ, ଗୁଡ଼, ଗୋଲମରିଚ ଗୁଣ୍ଡ, ବରଫ ବା ଥଣ୍ଡା ପାଣି ଇତ୍ୟାଦି । କେହି କେହି ମଜା ନେବା ପାଇଁ ସେଥିରେ ଟିକିଏ ଭାଙ୍ଗ ମଧ୍ୟ ମିଶାଇଥାନ୍ତି । ସେଦିନ ସ୍ୱାଦିଷ୍ଟ ପଣା ପାନକରି ସମସ୍ତେ ହର୍ଷ ଉଲ୍ଲାସରେ ନବବର୍ଷ ତଥା ବିଷୁବ ମିଳନ ପାଳନ କରନ୍ତି । ଏହି ପ୍ରଥା ଯଦିଓ ବର୍ଷାର ଆଗମନ ପର୍ଯ୍ୟନ୍ତ ଚାଲୁରହେ ମାତ୍ର ଧୀରେ ଧୀରେ କମିଯାଇଥାଏ ପଣାର ଗୁଣବତ୍ତା । ବେଳେ ବେଳେ କେବଳ ଦହି ସର୍ବତ୍, ବେଲ ସର୍ବତ୍, ଲେମ୍ବୁ ସର୍ବତ୍, ତୋରାଣି କାଞ୍ଜି ବା ଟଙ୍କ ତୋରାଣିରେ ତୃପ୍ତ ହେବାକୁ ପଡ଼ିଥାଏ । ଉଦ୍ଦେଶ୍ୟ କେବଳ ରୌଦ୍ରର ଭୀଷଣ ପ୍ରକୋପରୁ ନିଜକୁ ରକ୍ଷା କରିବା, ଦେହ, ମନ, ମସ୍ତିଷ୍କକୁ ଥଣ୍ଡା ରଖିବା ଏବଂ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ସର୍ବୋପରି ଅଂଶୁଘାତରୁ ମୁକ୍ତି ପାଇବା ।

****


**ସୁସ୍ମିତା ମହାପାତ୍ର**

ରାଉରକେଲା,

ଦୂରଭାଷ : ୯୪୩୭୫୦୩୨୩୮

ଇ ମେଲ୍: susmita6674@gmail.com


"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?"

(ସ୍ୱଭାବକବି ଗଙ୍ଗାଧର ମେହେର)



# ପରଦେଶିଆ

କଲେଜ ଅଧାପକ ଚାକିରିରୁ ଛାଡି ବ୍ୟାଙ୍କ୍ ଚାକିରିରେ ଯୋଗ ଦେବାର ଥିଲା । ନୂଆ ନିଯୁକ୍ତିର ଶେଷ ତାରିଖ ଥିଲା ଜୁଲାଇ ଏକ । କଲେଜରୁ ଇସ୍ତଫା ଦେବାର ଔପଚାରିକତା ସାରି ଜୁନ୍ ତିରିଶ ତାରିଖ ସକାଳୁ ମୁଁ ଯାଉଥାଏ କେନ୍ଦୁଝରରୁ ସମ୍ବଲପୁର ଯାଉଥିବା ବସ୍ ରେ । ମୋର ଗନ୍ତବ୍ୟ ସ୍ଥାନ କେବେ ଆଗରୁ ଦେଖି ନଥିଲି । ତା' ନାଆଁ ଶୁଣିଥିଲେ ବି ଯାଇ ନଥିଲି ତତ୍କାଳୀନ ଢେଙ୍କାନାଳ ଜିଲ୍ଲାର ପାଲଲହଡ଼ା । ଘାଟି ରାସ୍ତା ଦେଇ ବସରେ ଯାଉଥିବା ବେଳେ ମୌସୁମୀ ପ୍ରଭାବରେ ଆକାଶରେ ମେଘ ଥିଲା । ବଣ ପାହାଡ଼ ଘେରା ଅଙ୍କା ବଙ୍କା ରାସ୍ତା ଲାଗୁଥିଲା ଧୂଆଁ ଧୂଆଁ, ନିଦୁଆ ନିଦୁଆ । ରାସ୍ତା କଡ଼ରେ ଥିବା ପାହାଡ଼ ଦେହରୁ ଝରି ପଡୁଥିଲା ପ୍ରପାତ ସଦୃଶ ଅନେକ ଜଳଧାର । ଏପରି ଦୃଶ୍ୟ ଦେଖିବା ମୋ ପାଇଁ ପ୍ରଥମ ଥିଲା । କାରଣ ତା' ପୂର୍ବରୁ ମୋର ସମସ୍ତ ଚଳପ୍ରଚଳ ଥିଲା ଉପକୂଳ ଅଞ୍ଚଳରେ ।

ବସ୍ ଯାତ୍ରୀମାନଙ୍କ ମଧ୍ୟରୁ କେହି ଜଣେ କଥା ପ୍ରସଙ୍ଗରେ କହିଦେଲେ, "ଆଜି ବ୍ୟାଙ୍କ୍ ଛୁଟି ।" ସେ କଥା ଶୁଣି ମୋ ହଲକ ଶୁଖି ଗଲା । ସପ୍ତାହ ମଝିରେ ଗୋଟିଏ କାର୍ଯ୍ୟ ଦିବସରେ ବ୍ୟାଙ୍କ୍ ଛୁଟିକୁ ନେଇ ମୋତେ ଯେତିକି ଆଶ୍ଚର୍ଯ୍ୟ ଲାଗୁଥିଲା ତାଠୁ ବେଶି ଛାନିଆଁ । ଅପ୍ରତ୍ୟାଶିତ ଭାବେ କରେଣ୍ଟ ଲାଗିଗଲା ଭଳି ଲାଗିଲା । ମୋ ଜାଣିବାରେ ସେଦିନ ଏମିତି କିଛି ପୂଜା ପର୍ବ ତ ନଥାଏ, ପୁଣି ବ୍ୟାଙ୍କ୍ ଛୁଟି କାହିଁକି ଭାବୁଥାଏ । ଯଦି କଥାଟା ସତ ହୋଇ ଥାଏ କ'ଣ କରିବି ଚିନ୍ତା କରି ଅହେତୁକ ଭୟରେ ଝାଳ କଣ୍ଟେଇ ଆସୁଥାଏ । ଦେଖି ନଥିଲେ ବି ଅନୁମାନ କରୁଥାଏ ପାଲଲହଡ଼ା ଗୋଟିଏ ଛୋଟ ଜାଗା ହୋଇଥିବ । ସେଠି ରହିବା ପାଇଁ ହୋଟେଲ୍, ଲଜ୍ ଆଦି ନଥିବ । ତେଣୁ ରାତି ହେଲେ କୁଆଡେ ଯିବି, କେଉଁଠି ରହିବି ଚିନ୍ତା କରି ମୁଁ ମନେ ମନେ ବିଚଳିତ ହେଉଥାଏ । ନାମକୁ ମାତ୍ର ବେତନ ପାଉଥିବା କଲେଜର ଅଧାପକ । ଚାକିରି ଛାଡ଼ି ବ୍ୟାଙ୍କ ଚାକିରିରେ ଯୋଗ ଦେବାରେ ଯେଉଁ ଆଗ୍ରହ ଉଦ୍ଦୀପନା ଥିଲା, ସେ ଆଶଙ୍କାରେ ପରିବର୍ତ୍ତିତ ହୋଇ ଯାଇଥିଲା ।

ଦୁଇ ଘଣ୍ଟାର ଯାତ୍ରା ପରେ ବସ୍ ପହଞ୍ଚିଲା ପାଲଲହଡ଼ା ବଜାରରେ ଥିବା ବସ୍ ଷ୍ଟାଣ୍ଡରେ । ଓହ୍ଲାଇ ପଡ଼ି ରାସ୍ତା ପଚାରିବାରୁ କେହିଜଣେ ଦେଖାଇ ଦେଲେ ନାଲିଗୋଡ଼ି ବିଛା ରାସ୍ତାଟିଏ ସିଧା ଲମ୍ବିଥିଲା ଅନତି ଦୂରରେ ଥିବା ସେ ସ୍ଥାନର ଏକ ମାତ୍ର ବ୍ୟାଙ୍କ୍ ଯାଏ । ଶଙ୍କା ଆଶଙ୍କା ମଧ୍ୟରେ ସେହି ନାଲିଗୋଡ଼ି ରାସ୍ତାରେ ଚାଲୁଥିବା ବେଳେ ଦେଖା ଦେଲା ଝଙ୍କାଳିଆ ଆମ୍ବ ଗଛ ମୂଳେ ଘରଟିଏ । ତା' ଉପରେ ଲାଗିଥାଏ ବ୍ୟାଙ୍କ୍ ଫଳକ । ଆଖପାଖରେ କେହି ଲୋକବାକ ଦେଖା ଯାଉ ନଥାନ୍ତି । ଦୂରରୁ ବ୍ୟାଙ୍କ୍ ହତା ଭିତରକୁ ପଶିବାକୁ ଥିବା ଗେଟ୍ ବନ୍ଦ ଥିବା ଦେଖି ମୋ ଆଶଙ୍କା ଦୃଢୀଭୂତ ହେବାକୁ ଲାଗିଲା । ହୃତ ସ୍ପନ୍ଦନ ବଢ଼ିବାକୁ ଲାଗିଲା । ମୋ ବ୍ୟାଗ୍ ଧରି ତଥାପି ମୁଁ ଚାଲୁଥାଏ । ବାକ୍ସ ବେଡ଼ିଙ୍ଗ ସାଙ୍ଗରେ ନେଇ ନଥାଏ । ଆଗ ଅଜଣା ଜାଗାରେ ରହିବା ବ୍ୟବସ୍ଥା ହେବା ପରେ ଯାଇ ଲୁଗାପଟା, ବିଛଣା ପତ୍ର ଆଣିବାର ଯୋଜନା ଥାଏ ।

ବ୍ୟାଙ୍କ୍ ଗେଟ୍ ପାଖରେ ପହଞ୍ଚିବା ବେଳକୁ ହଠାତ୍ ମୋ ଆଶା ଦୀପ ଉଜ୍ଜ୍ୱଳ ହୋଇ ଗଲା । ବ୍ୟାଙ୍କ୍ ବନ୍ଦ ଥିଲେ ବି ମୁଖ୍ୟ ଦ୍ୱାରର ସଟରଟି ଅଧା ଟେକା ହୋଇଥାଏ । ଫାଟକରେ ବି ତାଲା ପଡି ନଥାଏ । ଝରକା ଖୋଲା ଥାଏ । ବ୍ୟାଙ୍କ୍ ଘର ଭିତରେ କେହି ନା କେହି ଥିବାର ଆଶା ସଞ୍ଚାର ହେଲା । ସନ୍ତର୍ପଣରେ ଫାଟକ ଖୋଲି ଅଣ ଓସାରିଆ ପାଦ ଚଲା ରାସ୍ତାରେ ଯିବା ପରେ ବାରଣ୍ଡା । ବାରଣ୍ଡାରେ ଚଢ଼ି ମୁଖ୍ୟ ଦ୍ୱାରର ସଟର ଭିତରକୁ ନଇଁ ଦେଖି ଆଶ୍ଚର୍ଯ୍ୟ ହୋଇ ଗଲି । ଭିତରେ ଆଲୁଅ ଜଳୁଥିବା ସହ ମ୍ୟାନେଜର୍ ସମେତ ସବୁ କର୍ମଚାରୀ ଉପସ୍ଥିତ ଥିଲେ । ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିଲେ ।

ସମସ୍ତଙ୍କୁ ଦେଖି ଆଶ୍ୱସ୍ତ ହେବା ପୂର୍ବରୁ ସେମାନେ ମୋତେ ସ୍ୱାଗତ କରି ବ୍ୟାଙ୍କ୍ ଭିତରକୁ ଡାକି ନେଲେ । ମୋର ପରିଚୟ ପାଇ ନଥିଲେ ବି ଅନୁମାନ କରି ନେଇଥିଲେ ମୁଁ ତାଙ୍କର ନୂଆ ସହକର୍ମୀ । ସେଯାଏ କିନ୍ତୁ ମୁଁ ବୁଝି ପାରୁ ନଥାଏ କାରଣ କ'ଣ । ବାହାରେ ବ୍ୟାଙ୍କ୍ ବନ୍ଦ କିନ୍ତୁ ଭିତରେ ଖୋଲା । ସମସ୍ତେ ଗୋଟିଏ ଗୋଟିଏ ବଡ଼ ଖାତା ଧରି କଣ ହିସାବ କରୁଥାଆନ୍ତି । କିଛି ସମୟ ମଧ୍ୟରେ ଜାଣିଲି ସେ ଗୁଡ଼ିକ ଲେଜର୍ ଏବଂ ସେଦିନ ଥିଲା ବ୍ୟାଙ୍କ୍ କ୍ଲୋଜିଙ୍ଗ୍ ଯାହା ବର୍ଷରେ ଦୁଇଥର ହୋଇଥାଏ ଜୁନ୍ ଏବଂ ଡିସେମ୍ବର ମାସ ଶେଷ ଦିନ ।

ମ୍ୟାନେଜର୍ ଙ୍କ ଟେବୁଲ ସାମ୍ନାରେ ପଡ଼ିଥିବା ଚେୟାରରେ ମୁଁ ବସିଥାଏ । ଜଣେ କର୍ମଚାରୀ ଆସି ମୋର ବ୍ୟାଙ୍କ୍ ଖାତା ଖୋଲିବା ସହ ନିଯୁକ୍ତିର ଅନ୍ୟ ଔପଚାରିକତା ପୂରା କରିଦେଲେ । ସେତେବେଳକୁ ମଧ୍ୟାହ୍ନ ହୋଇ ଯାଇଥିଲା । ଭୋକ ବି ଲାଗୁଥାଏ । କିଛି ସମୟ ମଧ୍ୟରେ ସମସ୍ତଙ୍କ ପାଇଁ ଜଳଖିଆ ଆସିଗଲା । ସେ ସାମାନ୍ୟ ଜଳଯୋଗ ନଥିଲା । ପେଟ ପୂରାଇ ଖାଇବା ଭଳି ବରା, ସିଙ୍ଗଡା, ଆଳୁ ଚପ୍ ସହ ରସଗୋଲା ଥିଲା । ପରେ ଜଣାଗଲା ବ୍ୟାଙ୍କ୍ କ୍ଲୋଜିଙ୍ଗ ଦିନ ସବୁ କର୍ମଚାରୀଙ୍କ ନିମିତ୍ତ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ମଞ୍ଜୁର ହୋଇଥାଏ ଖିଆ ପିଆ ଲାଗି । ସେପରି ସକାଳୁ ରାତି ଯାଏ ଅବିରତ କାମ ବି କରିବାକୁ ପଡୁଥାଏ । କମ୍ପ୍ୟୁଟର୍ ଯୁଗ ଆସିନଥାଏ । ମଧ୍ୟାହ୍ନ ଭୋଜନ ଉପରାନ୍ତ ପୁଣି କାମ ଚାଲିଲା ସନ୍ଧ୍ୟା ପାଞ୍ଚଟା ଯାଏ । ଏମିତିରେ କାର୍ଯ୍ୟ ଦିବସମାନଙ୍କରେ ପାଞ୍ଚଟା ବେଳେ ବ୍ୟାଙ୍କ୍ ବନ୍ଦ ହୋଇଯାଏ । ସେଦିନ କ୍ଲୋଜିଂ କାମ ଥିବାରୁ ଯେପର୍ଯ୍ୟନ୍ତ ଲେଜର୍ ସବୁ ମିଳା ନ ସରିଛି କାମ ଚାଲିବା ନିୟମ । ତେଣୁ କିଛି କର୍ମଚାରୀ ଘରକୁ ଚାଲିଗଲେ ପୁଣି ସନ୍ଧ୍ୟାରେ ଫେରିବେ କହି ।

ସନ୍ଧ୍ୟା ବେଳେ ଆଉ ଯାହା ରହିଲା ବାକି କାମ ସାରିବା ବ୍ୟତୀତ ଭୋଜିର କାର୍ଯ୍ୟକ୍ରମ ଥାଏ । ସେଥିପାଇଁ ଦିନରୁ ଆୟୋଜନ ଚାଲିଥାଏ । ମୋତେ ବି ଜଣେ କର୍ମଚାରୀ ତାଙ୍କ ସାଥିରେ ନେଇଗଲେ ସେମାନେ ରହୁଥିବା ଭଡା ଘର ଦେଖାଇ ଦେବାକୁ । ସେହିଠାରେ ସେମାନଙ୍କ ସହ ମୋର ବି ରହିବାର ବ୍ୟବସ୍ଥା ଥିବା ଜଣାଇଲେ । ସେ ସହକର୍ମୀଙ୍କ ଘର କେଉଁଝର ପାଖ ଗୋଟିଏ ଗାଁରେ । ତାଙ୍କ ନାଁ ରମେଶ ମିଶ୍ର । ରମେଶ ବାବୁ ବଡ଼ ଅମାୟିକ ପରୋପକାରୀ ଲୋକ । ସେ ବ୍ୟାଙ୍କ୍ ମେସ୍ ପରିଚାଳନା ଦାୟିତ୍ୱ ସ୍ୱତଃସ୍ଫୂର୍ତ୍ତ ଭାବେ ନେଇ ଥାଆନ୍ତି । ସମସ୍ତଙ୍କ ମନ ନେଇ ମେସ୍ ଚଳାଉ ଥାଆନ୍ତି ।

ବ୍ୟାଙ୍କ୍ ମେସ୍ ଘର ଠାରୁ ବ୍ୟାଙ୍କ୍ ଅଫିସ୍ ଯାଏ ମାତ୍ର ପାଞ୍ଚ ମିନିଟ୍ ର ପାଦଚଲା ରାସ୍ତା । ମେସ୍ ଘରଟି ତିନି କୋଠରି ବିଶିଷ୍ଟ ଆଜବେଷ୍ଟସ୍ ଛପର ଘର ଥିଲା । ଚଉଡା ବାରଣ୍ଡାରେ ବାଉଁଶ ବତା ଜାଲି ଲାଗିଥାଏ । ସେହି ବାଉଁଶ ବତା ଘେରା ବାରଣ୍ଡାରେ ରୋଷେଇ ହୁଏ । ରୋଷେଇ କରିବାକୁ ପିଲାଟିଏ ଥାଏ । ମେସ୍ ଘର ବାହାରେ ଥିବା ବାଡ଼ିରେ ଗୋଟିଏ କୋଣକୁ ଥାଏ ବରପାଲି ପାଇଖାନାଟିଏ । ମେସ୍ ଘରେ ପାଣିର ସୁବିଧା ନଥାଏ । ସେଥିପାଇଁ ତା' ପାଖରେ ଥିବା ପଡୋଶୀଙ୍କ କୂଅ ଉପରେ ନିର୍ଭର କରିବାକୁ ପଡୁ ଥାଏ । ବ୍ୟାଙ୍କ୍ ରୁ ମେସ୍ ଘର ଯାଏ ଯିବା ଭିତରେ ମିଶ୍ର ବାବୁ ଏତକ ସୂଚନା ଦେଇ ଥିଲେ । ତା' ସହ କହିଲେ, ବ୍ୟାଙ୍କ୍ ରେ ହେଉଥିବା ବର୍ଷରେ ଦୁଇଥର କ୍ଲୋଜିଙ୍ଗ୍ ଦିନମାନଙ୍କରେ ଲୋକମାନଙ୍କ ନିମିତ୍ତ ବ୍ୟାଙ୍କ୍ ବନ୍ଦ କିନ୍ତୁ ଅଧିକାରୀ ଏବଂ କର୍ମଚାରୀମାନେ କାମ

କରନ୍ତି । ତା' ବ୍ୟତୀତ ସେଠାରେ ଥିବା ବ୍ୟାଙ୍କ୍ ରେ ପ୍ରାୟ କ୍ଲୋଜିଙ୍ଗ୍ ଦିନ ଭୋଜି ହୁଏ । ଯାହା ହେଉ ଛୁଟି ବୋଲି ଭାବି ବସ୍ ଯାତ୍ରା ସମୟରେ ଯେପରି ଡରି ଯାଇଥିଲି ସେଥିରୁ ଆଶ୍ୱସ୍ତି ମିଳିଲା । ତା' ସହ ବ୍ୟାଙ୍କ୍ ଚାକିରିର ପ୍ରଥମ ଦିନ ଏମିତି ଖାଇବା, ଭୋଜିଭାତ ଆୟୋଜନ ଦେଖି ଖୁସି ଲାଗିଲା ।

ସନ୍ଧ୍ୟାରେ ସମସ୍ତଙ୍କ ସହିତ ଆଉ ଥରେ ପରିଚୟ ସହ ଆଳାପ ଆଲୋଚନା ହେଲା । କିଛି କର୍ମଚାରୀ ସହ ମ୍ୟାନେଜର୍ ବାକିଥିବା କାମ ସାରିଦେଲେ । ଲେଜର୍ ରେ ଆୟ ବ୍ୟୟରେ ହିସାବ ମିଶିଗଲା । କିଛି କାମ ନଥିବା କର୍ମଚାରୀ ବସି ତାସ୍ ଖେଳୁଥାଆନ୍ତି । ସେଦିନ ଭୋଜିରେ ଯୋଗ ଦେଇଥାଆନ୍ତି ବ୍ୟାଙ୍କ୍ କର୍ମଚାରୀ ବ୍ୟତୀତ ଦୁଇ ଜଣ ଠିକାଦାର ଏବଂ ଇଞ୍ଜିନିଅର୍ ଯେଉଁମାନଙ୍କର ବ୍ୟାଙ୍କ୍ ସହ ଥାଏ ଅଧିକ କାରବାର । କାମ ସରି ଯିବା ପରେ ଅପେକ୍ଷା ଥାଏ ରାତ୍ରି ଭୋଜନକୁ । ରୋଷେଇ ବ୍ୟାଙ୍କ୍ ଘର ପଛପଟ ବାରଣ୍ଡାରେ ହେଉଥିଲା । କିଛି ସମୟ ମଧ୍ୟରେ ଆସିଗଲା ଚାଖଣା । ଖୋଲି ଗଲା ବୋତଲ । ସେତେବେଳେ ବ୍ୟାଙ୍କ୍ ଅଧିକାରୀ ଏବଂ କର୍ମଚାରୀମାନେ ଦୁଇ ଭାଗରେ ବିଭକ୍ତ ହୋଇଗଲେ । ଦଳେ ବସିଲେ ଗୋଟିଏ ସ୍ଥାନରେ ଯେଉଁ ମାନେ ମଦିରା ସେବନ କରିବାରେ ଅଭ୍ୟସ୍ତ ଥିଲେ । ଆମେ ଥିଲୁ ଅନ୍ୟ ପଟେ ଯେଉଁମାନଙ୍କର ସେ ଅଭ୍ୟାସ ନଥିଲା । କଥା ବାର୍ତ୍ତା ସହ ଥଟ୍ଟା ପରିହାସ ଚାଲୁଥାଏ । ରାତି ନଅଟା ବେଳକୁ ଭୋଜନ ପ୍ରସ୍ତୁତ ହୋଇ ଯାଇଥାଏ । ସମସ୍ତେ ଏକାଠି ବସି ଭୋଜନ କଲୁ । ଆମିଷ ନିରାମିଷ ବହୁତ ପ୍ରକାର ଅନ୍ନ ବ୍ୟଞ୍ଜନ କ୍ଷୀରି ମିଷ୍ଟାନ୍ନ ପ୍ରସ୍ତୁତ ହୋଇଥାଏ ।


ଭୁରି ଭୋଜନ ପରେ ସବୁ ନିଜ ନିଜ ଘରକୁ ଗଲେ । ଆମେ ତିନି ଚାରି ଜଣ ମେସ୍ କୁ ଆସିଲୁ । ତା' ପର ରବିବାର ଦିନ ମୁଁ କଲେଜ ଯାଇ କିଛି ବାକିଆ ପାଉଣା ସହ ବାକ୍ସ ବେଡ଼ିଙ୍ଗ୍ ନେଇ ଆସିଲି । ସେବେଠୁ ତିନିବର୍ଷ ଯାଏ ସେ ବ୍ୟାଙ୍କ୍ ମେସ୍ ହୋଇଗଲା ମୋ ରହଣି ସ୍ଥଳ, ଏବଂ ତା' ସହ ଯୋଡ଼ି ହୋଇଗଲା କେତେ ସ୍ମୃତି ଅନୁଭୂତି ମାଲ୍ୟବନ୍ତ ପର୍ବତ ଘେରା ରାଜରାଜୁଡ଼ା ଅଞ୍ଚଳ ପାଲଲହଡ଼ା ସହିତ ।

ଛୋଟ ଟାଉନ୍ ପାଲଲହଡ଼ାରେ ବଡବଡ ଦୋକାନ ବଜାର, ସିନେମା ହଲ ଆଦି ମନୋରଞ୍ଜନର କୌଣସି ସୁବିଧା ନଥାଏ । ମୁଁ ଗୋଟିଏ ଛୋଟ ରେଡିଓ ଛଅ ଶହ ଟଙ୍କାଦେଇ କିଣି ଥିଲି ସେହି ସମୟରେ ଭାରତୀୟ କ୍ରିକେଟ୍ ଦଳ ପ୍ରଥମ ଥର ପାଇଁ ବିଶ୍ୱକପ ଜିତିଥିଲା କପିଲ ଦେବ୍ ଙ୍କ ନେତୃତ୍ୱରେ । ମୋର ସେହି ରେଡିଓରେ ଆମେ ସବୁ ମ୍ୟାଚ ଶୁଣି ଥିଲୁ । ସେଇଠି ଥିବା ଅବସ୍ଥାରେ ମଧ ମୁଁ ସିଭିଲ ସର୍ଭିସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଥିଲି ।


ମୋତେ ଯେବେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ରକ୍ଷା ମନ୍ତ୍ରାଳୟରେ ନିଯୁକ୍ତି ମିଳିଲା ମୋତେ ବ୍ୟାଙ୍କ୍ ଚାକିରିରୁ ଇସ୍ତଫା ଦେଇ ଦିଲ୍ଲୀ ଯିବାର ଥିଲା । ଜୁଲାଇ ଦୁଇ ତାରିଖରେ ମୋର ନୂଆ ଚାକିରିରେ ଯୋଗଦେବାକୁ ଥାଏ । ତେଣୁ ପାଲଲହଡ଼ା ଛାଡିବାକୁ ପଡ଼ିଲା ଜୁନ୍ ଶେଷ ସପ୍ତାହରେ । ସେଦିନ କଥା ଏବେ ବି ମନେ ଅଛି । ମୌସୁମୀ ଆସି ଯାଇ ଥିବାରୁ ହେଉଥାଏ ଭୀଷଣ ବର୍ଷା । ଦୀର୍ଘ ତିନି ବର୍ଷର ରହଣି ପରେ ସହକର୍ମୀମାନଙ୍କୁ ଛାଡ଼ି ବ୍ୟାଙ୍କ୍ ମେସ୍ ରୁ ବିଦାୟ ନେଇ ଆସିବା ବେଳେ ସ୍ୱାଭାବିକ ଭାବେ ମନ ଉଦାସ ଥାଏ । ତା' ସହ ମୋ ରେଡିଓରୁ ଭାସି ଆସୁଥାଏ ସୁଗମ ସଙ୍ଗୀତ " ପରଦେଶ୍ ଯା କେ ପରଦେଶିଆ ........।"

****

**ପ୍ରଦ୍ୟୁମ୍ନ ପଟ୍ଟନାୟକ**
ଫ୍ଲାଟ୍ ନମ୍ବର୍ -୧୦୧,
ପ୍ରକାଶ ଦୀପ ଟାୱାର୍, ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ଦୂରଭାଷ : ୯୯୭୮୨୮୦୮୯୭


(ସ୍ୱଭାବକବି ଗଙ୍ଗାଧର ମେହେର)

"ତହିଁରୁ ବୁଝିବ ନିଜେ କେଡେ ଦୀନ,
କରିଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ?
ଉଠ ଭାଇ, ଉଠ ନବୀନ ଆଲୋକେ,
ଶୋଇଥିଲେ ଚାହିଁ ହସୁଥିବେ ଲୋକେ ।
ଶୁଭ କର୍ମ ପଥେ ହୁଅ ଅଗ୍ରସର,
ଚକ୍ଷୁ ମିଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ,
ଦୀପ୍ତ କର ଦେଇ ଧନ ଧାନ ମନ ।
ଶୁଭ ପଥେ ବିଭୁ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ ।"



# ସତ୍ୟ ଯୁଗ ଭଲ ହେବକି

ସନ୍ଧ୍ୟା ହେଲେ ଗପର ଆସର ଜମି ଯାଏ । ଶ୍ରୋତା ଦୁଇ ନାତୁଣୀ - ଚଗୁଲି ଓ ଲିଟି । ବକ୍ତା ନିଜେ ଅଜା - ମୋହନ ଚରଣ । ଅଜା କହିଥିଲେ, ସତ୍ୟ ଯୁଗର କଥା । ଭକ୍ତ ପ୍ରହ୍ଲାଦ କିପରି ପିତାଙ୍କ ମୃତ୍ୟୁର କାରଣ ହେଲା । ନାସ୍ତିକତା କିପରି ବିଲୟ ହେଲା, ପ୍ରଗାଢ ବିଶ୍ୱାସର ବିଜୟ ହେଲା - ଏ ସବୁ ନୈତିକତା ଉପରେ ଆଧାରିତ ଥିଲା କଥା "ପ୍ରହ୍ଲାଦ ଚରିତ" । ସାନ ନାତୁଣୀ ଭାରି ବୁଦ୍ଧିମତୀ, ତା'ର ପ୍ରଶ୍ନ ଥିଲା - ଯୁଗ କେତେଟା ? ସତ୍ୟ ଯୁଗର ସ୍ୱରୂପ କଣ ?

ଆଜି ଅଜା ସେ ସବୁ କଥା କହି ଚାଲିଲେ । ସତ୍ୟ ଯୁଗର ବିଶେଷତ୍ୱ ପୁରାଣ ମତରେ ବୁଝାଇଲେ । ଉଭୟ ନାତୁଣୀଙ୍କ ମନକୁ କଥା ପାଉ ନଥାଏ । ଉଭୟ ଜିଦ ଧରିଲେ, ଅଜାଙ୍କୁ ଅଡୁଆରେ ପକାଇଲେ । ସେ ଦୁହିଁଙ୍କ ଆଗ୍ରହ ଥିଲା ଯେ ସତ୍ୟ ଯୁଗ ସ୍ଥିତି ଏବେ ଉପସ୍ଥିତି ହେଲେ କ'ଣ ହେବ ବୋଲି । ଏଇ ଏକ ତୁଳନାତ୍ମକ ବିବରଣୀ ପାଇଁ ଅଜା ଟିକେ ନୀରବ ରହିଲେ । ମାନସିକ ପ୍ରସ୍ତୁତି ପରେ ଆରମ୍ଭ କଲେ :

୧ . ସାରା ପୃଥିବୀରେ କୋଟି କୋଟି ଲୋକ ସୈନ୍ୟ ବାହିନୀରେ ଚାକିରୀ କରି ପେଟ ପୋଷନ୍ତି । କୌଣସି ଦେଶ ସହ କୌଣସି ଦେଶର ଯୁଦ୍ଧ ହେବ ନାହିଁ । ଏମାନେ କରିବେ କଣ ?

୨. ସେହିପରି ପୋଲିସ ବାହିନୀରେ କୋଟି କୋଟି ଲୋକ ଚାକିରୀ କରିଛନ୍ତି । ଚୋର, ଡକାୟତ ଆଉ ରହିବେ ନାହିଁ । ପୋଲିସ କରିବେ କଣ ? ଏମାନେ ସବୁ ବେକାର ହେବେ । କୋର୍ଟ କଚେରୀର ଆବଶ୍ୟକ ରହିବ କି ? ଜେଲ ଗୁଡିକ କଣ ହେବ ? ତାହେଲେ ଏ କୋଟି କୋଟି ଲୋକ ବଞ୍ଚିବେ କିପରି ?

ଏଣୁ ତୁମ ଦୁହିଁଙ୍କ ଆଗରେ ଆଜିର ବିଶେଷ ଯୁକ୍ତି - ଏ ସତ୍ୟଯୁଗ ନ ଆସୁ । କର୍ମ ନିଯୁକ୍ତି ହରାଇ କୋଟି କୋଟି ଲୋକ ଉପାର୍ଜନହୀନ ନ ହୁଅନ୍ତୁ । କାମ ବିନା ଆଳସ୍ୟ ଜଡତା ମାଡି ଆସିବ । କର୍ମଠ ଲୋକେ କର୍ମ କରନ୍ତୁ, ସୁଖରେ ବଞ୍ଚନ୍ତୁ ।

ଉଭୟ ଅଜାଙ୍କ ଏଇ ତୁଳନାତ୍ମକ ଯୁକ୍ତି ଶୁଣି ଖୁସି ହେଲେ । ଗପର ଆସର ବିଶ୍ଲେଷଣର ରୂପ ନେଲା ।

****

**ଗୋକୁଳ ଚନ୍ଦ୍ର ଜେନା**
ବାଙ୍ଗାଲୋର
ମୋ.: ୯୯୪୫୧୦୧୭୪୩



# ଶୂନ୍ୟତାର ପ୍ରବାହ

ବଢି ଚାଲେ, ସମୟ ଯେମିତି ଗଡି ଚାଲେ ।

ମୁଁ ଭୁଲେଇ ଦିଏ ନିଜକୁ , ମୋବାଇଲ ଫୋନ ର ଅନବରତ ବ୍ୟସ୍ତତାରେ , ମାତିଯାଏ ମନ କେଜାଣି କଣ ଖୋଜିବାରେ, ଖୋଜି ଖୋଜି ପାଇ ଯାଏ ସେ ଅଦରକାରୀ ଅନେକ ଗୁଡ଼ାଏ ତଥ୍ୟ, ଏମିତି ଅଗଣିତ ସମୟ ଗଡି ଚାଲେ, ମଣିଷର ଉପସ୍ଥିତି ଆଉ ଅନୁଭବ କରି ହୁଏନା , କି ପରିବାର କି ସାଙ୍ଗ ସାଥି , ସେ ଆଉ କାହାକୁ ଚିହ୍ନେନା ।

ମୁଁ ମଣିଷ, କୌଣସି ଯନ୍ତ୍ର ନୁହେଁ, ତାହେଲେ ମୋ ମନସ୍ଥିତି କାହିଁକି ଯାନ୍ତ୍ରିକ ।

ଉତ୍ତର ଏବେ ମିଳିବ ନାହିଁ,

କାଳେ ଆଉ ଗୋଟେ ଯୁଗ ପରେ ଏ ମନସ୍ଥିତି ବଦଳି ଯାଏ , ସମୟର ଶୂନ୍ୟତା ଚାଲି ଯାଏ , ମୁଁ, ମୁଁ ରହେ , କୌଣସି ଯନ୍ତ୍ରରେ ପରିବର୍ତ୍ତିତ ନ ହୋଇଯାଏ , ଦୁର୍ମୂଲ୍ୟ ଏ ଜୀବନ , ପଛରେ ଛାଡି ଯା ସେ ଚିନ୍ତାଧାରା , ସାମାଜିକ ମୂଲ୍ୟବୋଧ ଫେରି ପାଇବା ସମୟ ହୁଏତ ହୋଇ ଯାଇଛି, ଅନ୍ତର୍ନିହିତ ବାସ୍ତବିକ ପ୍ରତି ଛବିକୁ ପୃଷ୍ଠ ଭୂମିକୁ ଆଣିବା ସମୟ ବୋଧ ହୁଏ ଆସି ଯାଇଛି, ଚାଲ କିଛି ସମୟ ଆତ୍ମଚିନ୍ତନ କରିବା , ଆମର ସେଇ ପରିବାର ସେଇ ସାଙ୍ଗ ସାଥୀଙ୍କୁ ଫେରି ପାଇବା ।

ରାତ୍ରିର ଲେଖାରେ ଦିନର ଅନୁଭୂତି ଥାଏ ।

****

**ମଞ୍ଜୁଶ୍ରୀ ପଣ୍ଡା**
ସି ୧୭/୩, ଆରଡୀ ସିଟି,
ଗୁଡ଼ଗାଓଁ, ହରିୟାଣା





# ସରଳ ହେଲେ,କାନ୍ଦିବ

ଟଂ ଟଂ ହେଇ କାନ୍ଥ ଘଣ୍ଟା, ବାଜି, ସୂଚନା ଦେଲା, ରାତି ତିନିଟା। ସୂର୍ଯ୍ୟନାରାୟଣଙ୍କ ଉଦୟ ପୂର୍ବରୁ, ସୂର୍ଯ୍ୟ ବିଛଣା ଛାଡି, ଗୁହାଳ ଆଡେ ବୁଲି ଆସିଲେ।ନିଜ ହାତ ଜଗନ୍ନାଥ ମଣି,ସୂର୍ଯ୍ୟ ଆତ୍ମ ନିର୍ଭରଶୀଳ ହେଇଛନ୍ତି। ନିଜଘର ପାଇଁ,ଆବଶ୍ୟକ ପନିପରିବା ଯୋଗାଡ ପାଇଁ,ବାଡିରେ ବାଇଗଣ, ଲଙ୍କା,ଶାଗ ଲଗେଇଛନ୍ତି। ହେଲେ,ମୁଣ୍ଡ ଝାଳ ତୁଣ୍ଡରେ ମାରି, ଫସଲ କଲାବେଳକୁ, ମାଙ୍କଡ ଶତ୍ରୁ ସାଜି, ସବୁ ଛିଣ୍ଡାଇ, ଖାଇ ଯାଉଛି। ଘରେ ଜର୍ସି ଗାଇ ବନ୍ଧା ହେଇଛନ୍ତି। ଘରେ ବନ୍ଧା ଯାଇଥିବା, ଜର୍ସିଗାଇକୁ, ଦାନା କଣି ଆଣି ଦେଉଛି। ହେଲେ, ବିନା ପରିଶ୍ରମରେ, ପରାଙ୍ଗପୁଷ୍ଟ, ଏ ନିଆଁ ଲଗା ଟିଙ୍କଗୁଡାକ, ସବୁ ରକ୍ତ ଶୋଷିନେଉଛନ୍ତି।

ଏ ନିଲଠାଗୁଡାଙ୍କୁ ଭଗବାନ କାହିଁକି ଜନ୍ମ ଦେଇଛନ୍ତି କେଜାଣି। ସବୁବେଳେ ପର ଧନ ଲୁଟିବା ଏମାନଙ୍କ ଆଦତ। ସୂର୍ଯ୍ୟ କିନ୍ତୁ ସୂର୍ଯ୍ୟଙ୍କ ଭଳି ନିଷ୍କଳଙ୍କ। ନିଜ ଶକ୍ତି ମୁତାବକ ପରିଶ୍ରମ କରି, ରୋଜଗାରରୁ ଯେତିକି ମିଳେ, ସେତିକିରେ ଶାନ୍ତିରେ ଚଳିଯାନ୍ତି।

ଋଣକରି କିଣିଥିବା କାର୍ କୁ ଧରି,ସବୁଦିନ ଭଳି, ବାହାରିଗଲେ ସୂର୍ଯ୍ୟ, ଭଦ୍ରକ ରେଳ ଷ୍ଟେସନ ଆଡେ। ରାତି ତିନିଟା ରୁ ଚାରିଟା ଭିତରେ, ଅନେକ ଗୁଡିଏ ଦ୍ରୁତଗାମୀ ରେଳଗାଡି, ଭଦ୍ରକ ଷ୍ଟେସନରେ ଅଟକନ୍ତି । ରାତି ଥିବାରୁ, ସେଇ ସମୟରେ, ଯାତ୍ରୀମାନେ, ଘରକୁ ଫେରିବାକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ତେଣୁ,ଯେଉଁ ଗାଡି ପାଆନ୍ତି, ତାକୁ ରିଜର୍ଭ କରି ଘରକୁ ଫେରନ୍ତି। ସେଇ ଭଳି ଯାତ୍ରୀଟିଏ ପାଇଲେ, ସୂର୍ଯ୍ୟ ଯାତ୍ରୀଙ୍କୁ ଘରେ ପହଞ୍ଚେଇ ଦେଇ, ଭଲ ଦି' ପଇସା ରୋଜଗାର କରନ୍ତି।

ସେଦିନ, ଜଗିଥିଲା ବେଳେ, ଜଣେ ଯାତ୍ରୀ ମିଳିଗଲେ। ବାବୁଙ୍କର କାନ୍ଧରେ ଗୋଟିଏ କଲିକତି ବ୍ୟାଗ୍ । ଭାରି ଭଦ୍ର। ବାବୁ ଏକା ଯିବେ ଧୁଷୁରୀ। ଭଦ୍ରକ ଷ୍ଟେସନରୁ ଧୁଷୁରୀ, ପ୍ରାୟ ୩୭ କିଲୋମିଟର ବ୍ୟବଧାନ। ଭଡା ସ୍ଥିର ହେଲା, ୫୦୦ଟଙ୍କା। ବାବୁ ବସିଲା କ୍ଷଣି, ଦୁଇ ହଜାର ଟଙ୍କିଆ ନୋଟ ବଢେଇ ଦେଲେ, ସୂର୍ଯ୍ୟଙ୍କ ଆଡକୁ। ସୂର୍ଯ୍ୟ ବିନମ୍ର ଭାବରେ କହିଲେ,ଆଜ୍ଞା, ମୋ ପାଖରେ ଏତେ ଚେଞ୍ଜ ନାହିଁ। ଆପଣ ଓହ୍ଲାଇଲା ବେଳକୁ ଚେଞ୍ଜ କରି ଦେବେ।

"ଠିକ ଅଛି।",ବାବୁ ଜଣକ କହିଲେ। ମୁଁ ଗାଡିରେ ବସିବା କ୍ଷଣି ପାଉଣା ଦେଇ ଦିଏ। ଭଲ ହେଲା। ଓହ୍ଲାଇଲା ବେଳକୁ ଦେଇ ଦେବି। ମୋର ତ ସେଇଟା ବେଳରୁ ଆଦତ। ଟ୍ରେନରେ ଆସିବା ବେଳେ, ଷ୍ଟେସନରେ କଦଳୀ ବିକାଳି, ମୋ ପଖରୁ ଟଙ୍କା ପାଇ ନାହିଁ, ଟ୍ରେନ ଛାଡିଦେଲା। କଣ କରିବି। ବାଧ ହେଇ ଚେନ୍ ଟାଣି, ଟ୍ରେନ ଅଟକେଇ, ତା ପାଉଣା ଦେଇକି ଆସିଲି। ଗରିବ ଲୋକ। ତା ଆଖି ଲୁହ ମୋ ଉପରେ ପଡିଯିବ।"

ସୂର୍ଯ୍ୟ କହିଲା,"ଆଜ୍ଞା ଏ ଭଳି ଲୋକ ଦୁନିଆରେ କେତେ ଜଣ ଅଛନ୍ତି। ଆପଣ ଜଣେ ଦେବତା ଭଳି ମଣିଷ। ଆପଣ କଣ ସେମିତି କରି ପାରିବେ।"

କିଛି ବାଟ ଗଲାପରେ, ରାସ୍ତା କଡରେ ହୋଟେଲ ଦେଖି, ବାବୁ ଜଣକ କହିଲେ,"ବାବୁରେ। ଏଇଠି ଟିକିଏ ଅଟକା।କାଲି ରାତିରେ କେଉଁଠି ଖାଇବାକୁ ପାଇନି।ଏଇଠି ଟିକିଏ ଜଳପାନ କରି ଦେବା।"

ସୂର୍ଯ୍ୟ, ଗାଡି ଅଟକେଇ କହିଲା, ଯାନ୍ତୁ। ଟିକିଏ ଶୀଘ୍ର ଖାଇ ଦେଇ ଆସନ୍ତୁ।" “କି କଥା ଇଏ ? ମୁଁ ଏକା ଖାଇ ପାରିବି ନା ? ଆସ। ସାଙ୍ଗରେ ବସି ଖାଇବା। ଆରେ ପଇସା ମୁଁ ଦେବି।ଆସ।"

ସୂର୍ଯ୍ୟ ମନା କରିବା ସତ୍ତ୍ୱେ,ବାବୁ ଜଣକ, ତାଙ୍କୁ ଟାଣିଟାଣି, ହୋଟେଲ ଭିତରକୁ ନେଇ ଗଲେ। ଦୋଷା, ରାବିଡ଼ି ,ସାଙ୍ଗକୁ ଛେନାପୋଡ ବରାଦ କଲେ ବାବୁ ଜଣକ। ବିଲ୍ ହେଲା ଦୁଇ ଶହଟଙ୍କା। ବାବୁ ଜଣକ ସେଇ ଦୁଇ ହଜାର ଟଙ୍କାର ନୋଟ ବଢେଇ ଦେଲେ, ଦୋକାନୀକୁ। ଦୋକାନୀ ବିରକ୍ତ ହେଇ କହିଲା, ଚେଞ୍ଜ ଦିଅ। ବାବୁ କହିଲେ,"ମୋ ପାଖରେ ଚେଞ୍ଜ ନାହିଁ। ଡ୍ରାଇଭର ବାବୁ, ତାଙ୍କୁ ଦୁଇ ଶହ ଟଙ୍କା ଦେଇ ଦିଅ। ମୁଁ ଓହ୍ଲେଇଲା ବେଳକୁ ତମକୁ ଦେଇ ଦେବି।"

ବାଧ ହେଇ ସୂର୍ଯ୍ୟ ଦୁଇ ଶହ ଟଙ୍କା ପକେଟରୁ ବାହାର କରି ଦେଇ ଦେଲେ।

ପୁଣି, ଗାଡି ଚାଲିଲା, ଧୁଷୁରୀ ଅଭିମୁଖେ। ସେତେବେଳକୁ ରାତି ପାହି ଯାଇ ଥିଲା।

ଗୋଟେ ମିଠା ଦୋକାନ ଦେଖି, ବାବୁ ଜଣକ କହିଲେ,"ବାବୁରେ। ଏଇଠି ଟିକିଏ ଅଟକା।ଘରକୁ ଗଲେ, ଯେମିତି ହେଉ, ମିଠା ତ ନେବାକୁ ପଡିବ। ମୁଁ ଏଇଠି ମିଠା କିଣି, ଟଙ୍କା ଚେଞ୍ଜ କରିଦେବି। ତମ ଟଙ୍କା ଦେଇଦେବି ।"

ସୂର୍ଯ୍ୟ ଗାଡି ଅଟକେଇଲା।ବାବୁ ଜଣକ, ମିଠା ଦୋକାନକୁ ଗଲେ, କିଛି ସମୟ ପରେ, ଫେରି ଆସି କହିଲେ, "ଏଠି ଚେଞ୍ଜ ହେଇ ପାରିଲା ନାହିଁ। ସେ ପାନ ଦୋକାନୀ ଆମ ଗାଁ ଲୋକ। ତା ପାଖରୁ ଚେଞ୍ଜ କରି ଆଣେ। ଟିକିଏ ଅପେକ୍ଷା କରିଥାଅ।"

ସୂର୍ଯ୍ୟ ଅପେକ୍ଷା କଲା। ବାବୁଙ୍କ ପାଖରୁ ପଇସା ପାଇଲେ, ଘରକୁ ଫେରିଯିବ। ହେଲେ, ସେ ଅପେକ୍ଷାର ଅନ୍ତ ଘଟିଲା ନାହିଁ। ପନ୍ଦର ମିନିଟ.....ଅଧଘଣ୍ଟାଏ......ଘଣ୍ଟାଏ......। କାହାନ୍ତି ସେ ଭଦ୍ର ଲୋକ ? ବହୁ ସମୟ ଅପେକ୍ଷା କଲାପରେ, ନିରୁପାୟ ହେଇ, କାନ ମୁଣ୍ଡ ଆଉଁସି, ଘରକୁ ଫେରିବାକୁ ଗାଡି ଷ୍ଟାର୍ଟ କରିବା ବେଳକୁ, ସେ ମିଠା ଦୋକାନୀ , ଆସି ଗାଡି ଆଗରେ ଠିଆ ହେଇ ଗଲା। କହିଲା,"ହେଃ.......ହେଃ ଠକ। ଯାଉଛୁ କୁଆଡେ। ମୋ ଟଙ୍କା ଦେଇକି ଯା।"

"ତମ ଟଙ୍କା। ତମର କି ଟଙ୍କା ?"

"ମିଠା ଟଙ୍କା"। ଦୋକାନୀ କହିଲା। "ମୋ ପାଖରୁ ପାଞ୍ଚ ଶହ ଟଙ୍କାର ମିଠା କିଣି, ସେ ବାବୁ ଜଣକ ଦି ହଜାର ଟଙ୍କାର ନୋଟ ଦେଲେ। ମୁଁ କହିଲି,ଚେଞ୍ଜ ନାହିଁ। ସେଇଠୁ ସେ କହିଲେ, ମୋ କାର୍ ସେଇଠି ଠିଆ ହେଇଛି। ମୁଁ ଚେଞ୍ଜ କରି ଆଣେ। ମୁଁ ଦେଖିଛି, ସେ ବାବୁ ଏଇ ଗାଡିରୁ ଓହ୍ଲାଇବାର। ମୋ ପଇସା ନ ଦେଇ ତମେ ଯିବ କୁଆଡେ ?"

ହଠାତ୍ ସୂର୍ଯ୍ୟଙ୍କ ମୁହଁରୁ ବାହାରି ଆସିଲା,"ହେ ଭଗବାନ...........।

****

**ରାଖାଲ ଚନ୍ଦ୍ର ସ୍ୱାଇଁ**
ଭଦ୍ରକ
ଦୂରଭାଷ : ୯୩୩୭୬ ୨୩୬୮୫



# କନ୍ଧମାଳ ପର୍ଯ୍ୟଟନରେ 'ଚକାପାଦ':

ଏକ ଅନୁଶୀଳନ

'ପର୍ଯ୍ୟଟନ' ଏକ କ୍ରିୟା ବାଚକ ବିଶେଷ୍ୟ ପଦ । ପରି (ଉପସର୍ଗ) + ଅଟନ= ପର୍ଯ୍ୟଟନ । 'ପରି' ଅର୍ଥାତ ପରିପାର୍ଶ୍ୱିକ ଏବଂ ଅଟନ ଅର୍ଥାତ ଭ୍ରମଣ । 'ପରି ସମନ୍ତାତ୍ ଅଟନମ୍ ଇତି ପର୍ଯ୍ୟଟନମ୍'। ଜ୍ଞାନ ଆହରଣ, ସୌନ୍ଦର୍ଯ୍ୟ ଉପୋଭୋଗ ବା ଚିତ୍ତବିନୋଦନ, ଧର୍ମ ଅର୍ଜନ, ଗବେଷଣା ବା ଅନୁଭୂତି ସାଉଁଟିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନ ଭ୍ରମଣକୁ ପର୍ଯ୍ୟଟନ କୁହାଯାଏ । ଶବ୍ଦ ଅନୁଶାସନ ଶାସ୍ତ୍ର ବ୍ୟାକରଣ ଅନୁଯାୟୀ, ପରି(ବିଶେଷ ଭାବରେ)ଉପସର୍ଗ+ +ଅଟ+ଅନ(ଲ୍ୟୁଟ ପ୍ରତ୍ୟୟ) ବା ପରି+ ଅଟନ= ପର୍ଯଟନ ଅଟେ । ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା:- ଅନ୍ତଃଦେଶୀୟ ପର୍ଯ୍ୟଟନ ଏବଂ ବହିଃ ଦେଶୀୟ ବା ବୈଦେଶିକ ପର୍ଯ୍ୟଟନ। ପୁଣି ବୈଦେଶିକ ପର୍ଯ୍ୟଟନକୁ ମଧ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା :- ବହିରାଗତ (ବିଦେଶରୁ) ଏବଂ ବହିର୍ଗମନ(ବିଦେଶକୁ)। ନିକଟ ଅତୀତରେ ଶିଳ୍ପର ମାନ୍ୟତା ପାଇଥିବା ପର୍ଯ୍ୟଟନ ଶିଳ୍ପ ବର୍ତ୍ତମାନ ସମୟରେ ଅନେକ ଦେଶର ଅର୍ଥନୈତିକ ସମୃଦ୍ଧି ଆଣି ଦେବାରେ ସହାୟକ ହେଇପାରିବା ସହ ଏହାର ସହଗୋଗୀ ଶିଳ୍ପ ଭାବରେ ହୋଟେଲ, ପରିବହନ, କୁଟୀର ଶିଳ୍ପ, ହସ୍ତ ଶିଳ୍ପର ଉନ୍ନତି, ଲୋକ କଳା, ଲୋକ ସଂସ୍କୃତିର ପ୍ରଚାର ତଥା ସ୍ଥାନୀୟ ଉତ୍ପାଦିତ ସାମଗ୍ରୀର ବ୍ୟବସାୟ ପାଇଁ ବଜାର ଏବଂ ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତ ସୁଯୋଗ ମଧ ସୃଷ୍ଟି କରିପାରିଛି। ପର୍ଯ୍ୟଟନର ଇତିହାସ ବହୁ ପ୍ରାଚୀନ । ପର୍ଯଟନପ୍ରତି ଆଗ୍ରହ ମଣିଷ ମନରେ ବହୁ ପ୍ରାଚୀନ କାଳରୁ ରହିଆସିଛି । ପ୍ରାଚୀନ କାଳରୁ ମୁନି, ଋଷି, ରାଜା, ମହାରାଜା ମାନେ ତୀର୍ଥ ଭ୍ରମଣ ଉଦ୍ଦେଶ୍ୟରେ ବହୁ ପ୍ରସିଦ୍ଧ ସ୍ଥାନ ମାନଙ୍କୁ ଭ୍ରମଣ କରିଥିବାର ପ୍ରମାଣ ରହିଛି । ରାମାୟଣ ଏବଂ ମହାଭାରତ ଭଳି ଲୋକ ପ୍ରିୟ ଗ୍ରନ୍ଥକୁ ପାଠ କଲେ ଜଣାଯାଏ ଯେ ପୁରାଣରେ ବର୍ଣ୍ଣିତ ନଦ, ନଦୀ, ବନ, ପର୍ବତ, ଧର୍ମସ୍ଥାନ, ରାଜ୍ୟ ଇତ୍ୟାଦିର ଭୌଗୋଳିକ ଅବସ୍ଥିତି ଉକ୍ତ ସ୍ଥାନକୁ ବ୍ୟକ୍ତିଗତ ଭ୍ରମଣ ବିନା ଅସମ୍ଭବ। ପୁରାଣକାର ଭାରତ ଭୂଖଣ୍ଡର ବହୁ ସ୍ଥାନ ଭ୍ରମଣକରି ସେସବୁର ସଠିକ ବର୍ଣ୍ଣନା କରିଥିବା ପରି ମନେହୁଏ। ଶାସ୍ତ୍ର ରଚନା ଉଦ୍ଦେଶ୍ୟରେ ବା ଧର୍ମ ଅର୍ଜନ ଉଦ୍ଦେଶ୍ୟରେ ବିଭିର୍ଣ୍ଣ ସ୍ଥାନ ଭ୍ରମଣକୁ ମଧ ପର୍ଯ୍ୟଟନ ପର୍ଯ୍ୟାୟଭୁକ୍ତ କରାଯାଇପାରେ।

ପର୍ଯ୍ୟଟକ ଏବଂ ପର୍ଯ୍ୟଟନର ଦୁଇ ଇଂରାଜୀ ପ୍ରତିଶବ୍ଦ "tourist and tourism"ର ପ୍ରଥମ ବ୍ୟବହାର ଯଥାକ୍ରମେ 1772 ଏବଂ 1811 ମସିହାରେ ଆରମ୍ଭ ହୋଇଥିଲା । ପ୍ରାଚୀନ ଏବଂ ମଧ୍ୟଯୁଗରେ ବିଦେଶରୁ ଭାରତକୁ ଭ୍ରମଣ ଅଥବା ଜ୍ଞାନ ଆହରଣ ଉଦ୍ଦେଶ୍ୟରେ ଆସିଥିବା ପର୍ଯ୍ୟଟକଙ୍କୁ ଓଡିଆ ଭାଷାରେ ପରିବ୍ରାଜକ ଏବଂ ଭ୍ରମଣକୁ ପରିଭ୍ରମଣ ଭାବେ ବର୍ଣ୍ଣନା କରାଯାଇଛି । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ଗ୍ରୀକ ପରିବ୍ରାଜକ ମେଘାସ୍ଥେନିସ, ଦିତୀୟ ଚନ୍ଦ୍ରଗୁପ୍ତଙ୍କ ଶାସନକାଳରେ ଚୀନ ପରିବ୍ରାଜକ ଫା–ହିୟାନ, ହର୍ଷବର୍ଦ୍ଧନଙ୍କ ଶାସନକାଳରେ ମଧ ଚୀନ ପରିବ୍ରାଜକ ହୁଏନ-ସାଙ୍ଗ ଏବଂ ଇତ-ସିଂ ଭାରତ ଭ୍ରମଣରେ ଆସିଥିବାର ଐତିହାସିକ ପ୍ରମାଣ ମିଳେ। ମଧ୍ୟଯୁଗରେ ବିଭିନ୍ନ ପର୍ଯ୍ୟାୟରେ ଇବାନ ବତୁତା, ଆଲ ବେରୁଣୀ, ଅଲବିଳାଦୁରି, ହାସାନ ନିଜାମୀ, ଆଲ ମାସୁଦି ଇତ୍ୟାଦି ଆରବୀୟ ଭ୍ରମଣକାରୀ ଭାରତକୁ ଆସିଥିବା ସୂଚନା ମିଳେ । ସେହିପରି ଆଧୁନିକ କାଳରେ ମଧ ବହୁ ବିଦେଶୀ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସିଥିବା ସୂଚନା ରହିଛି।

ପର୍ଯ୍ୟଟନକୁ ସ୍ଥାନର ମହତ୍ତ୍ୱ, ଭୌଗୋଳିକ ଅବସ୍ଥିତି, ଭ୍ରମଣର ଉଦ୍ଦେଶ୍ୟ ଏବଂ ଆବଶ୍ୟକତାକୁ ନେଇ ବହୁ ଭାଗରେ ବିଭକ୍ତ କାରାଯାଇଛି। ଯଥା-

- ଐତିହାସିକ ପର୍ଯ୍ୟଟନ
- ଧାର୍ମିକ ପର୍ଯ୍ୟଟନ
- ସାଂସ୍କୃତିକ ପର୍ଯ୍ୟଟନ
- ପୌରାଣିକ ପର୍ଯ୍ୟଟନ
- ପ୍ରତ୍ନତାତ୍ତ୍ୱିକ ପର୍ଯ୍ୟଟନ
- ମେଳା ଓ ଉତ୍ସବ ପର୍ଯ୍ୟଟନ
- ଦୁଃସାହସିକ ଅନୁଭୂତି ପର୍ଯ୍ୟଟନ
- ମନୋରମ ପ୍ରାକୃତିକ ପର୍ଯ୍ୟଟନ
- ଗବେଷଣାତ୍ମକ ପର୍ଯ୍ୟଟନ
- ବ୍ୟବସାୟିକ ଏବଂ
- ଜଡିବୁଟି ଶରୀରଚର୍ଯ୍ୟା ପର୍ଯ୍ୟଟନ ଇତ୍ୟାଦି ଇତ୍ୟାଦି ।

ଉକ୍ତ ପ୍ରବନ୍ଧର ଆଲୋଚ୍ୟ ପର୍ଯ୍ୟଟନ ସ୍ଥଳୀ "ଚକାପାଦ" ଏକ ପୌରାଣିକ, ଧାର୍ମିକ, ସଂସ୍କୃତିକ, ପ୍ରତ୍ନତାତ୍ତ୍ୱିକ, ମନୋରମ ପ୍ରାକୃତିକ ଦୃଶ୍ୟ ପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ। ଏହା କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀଠାରୁ ୭୫ କିଲୋମିଟର ଏବଂ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରୁ ଭାୟା ବାଣିଗୋଛା, ବଦଲା ଦେଇ ଚକାପାଦ ପ୍ରାୟ ୧୩୦ କିଲୋମିଟର ଦୂରରେ ଅବସ୍ଥିତ। ଏଠାକୁ କେବଳ ବସ ଯୋଗେ କିମ୍ବା ବ୍ୟକ୍ତିଗତ ଯାନ ବ୍ୟବହାର କରି ଆସିପାରିବେ। ଏହା ପୁରାଣ ପ୍ରସିଦ୍ଧ ବୃତଙ୍ଗ ନଦୀ କୂଳରେ ଅବସ୍ଥିତ ଏବଂ ବୃତଙ୍ଗ ନଦୀ ମଣିଭଦ୍ରା ପର୍ବତ ପାଦଦେଶରେ ପ୍ରବାହିତ ହେଉଛି।ସାରଳା ଦାସ ତାଙ୍କ ମହାଭାରତର ମଧପର୍ବରେ ବୃତଙ୍ଗ ନଦୀ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଯଥା –

"ନଦୀର ନାମ ବୀରତୁଙ୍ଗ ସେ ଦିଅନ୍ତି
ଦେବାଙ୍ଗ ପାଟେକ ଯେ ବାନ୍ଧିଲେ ଶ୍ରୀପତି" ।

ଅର୍ଜୁନ ବନବାସ କାଳରେ ମଣିଭଦ୍ରା ପର୍ବତରେ କିଛିଦିନ ବିତେଇଥିବା କଥା ମହାଭାରତରେ ବର୍ଣ୍ଣିତ ଅଛି। ବୃତଙ୍ଗ ନଦୀ କନ୍ଧମାଳ ଜିଲ୍ଲାର ଚକାପାଦ ନିକଟ ବସ୍ତିଙ୍ଗିଆ ମୁଠା ଦେଇ ପ୍ରବାହିତ ହେଉଛି। ଏ ସମ୍ପର୍କରେ ସାରଳା ଦାସ ପୁଣି ବର୍ଣ୍ଣନା ଦେଇଛନ୍ତି ଯଥା –

"ବୌଦ ନାମେ ଲାଟ ଯେ ମଣିଭଦ୍ରା ନାମେ ଗିରି
କୋଟିଏ ଲିଙ୍ଗ ଘେନି ତହିଁ ବିଜୟେ ତ୍ରିପୁରାରି" ।

କନ୍ଧମାଳ ଜିଲ୍ଲା ପ୍ରାଚୀନ କାଳରେ ବୌଦ୍ଧ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ତେଣୁ ଐତିହାସିକ ମାନେ କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକର ବୃତଙ୍ଗ ନଦୀ ଏବଂ ମଣିଭଦ୍ରା ପର୍ବତ ଉଭୟଙ୍କୁ ସାରଳା ମହାଭାରତ ବର୍ଣ୍ଣିତ ନଦୀ ଓ ପର୍ବତର ସାମଞ୍ଜସ୍ୟ ଥିବା କହିଛନ୍ତି। ଚକାପାଦରେ ଶ୍ରୀ ବିରୂପାକ୍ଷ ଶିବ ମୁଖ୍ୟ ମନ୍ଦିରରେ ପୂଜା ପାଉଥିବା ବେଳେ ଆନନ୍ଦେଶ୍ୱର ଏବଂ ଯୋଗେଶ୍ୱର ଶିବଙ୍କ ଅନ୍ୟ ଦୁଇ ମନ୍ଦିର, ମୁଖ୍ୟ ମନ୍ଦିରର ଉଭୟ ପାର୍ଶ୍ୱରେ ଅବସ୍ଥିତ। ବୃତଙ୍ଗ ନଦୀ କୂଳେ କୂଳେ ଅନେକ ଗ୍ରାମରେ ଶିବ ମନ୍ଦିର ମାନଙ୍କରେ ଶିବ ଉପାସନା ଚାଲୁ ରହିଛି। ଅର୍ଜୁନ ବନବାସ କାଳରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ମଣିଭଦ୍ରା ପର୍ବତ ନିକଟରେ ଗଙ୍ଗାଙ୍କୁ ଆବିର୍ଭାବ କରିବାକୁ ଅନୁରୋଧ କରିବାରୁ, ଶ୍ରୀ କୃଷ୍ଣ ଅର୍ଜୁନଙ୍କୁ ଆଦେଶ ପ୍ରଦାନ କରିଥିଲେ ଯେ ସୁରତରଙ୍ଗ ଶର ସାହାଯ୍ୟରେ ମାଟିକୁ ଖୋଳି ଗଙ୍ଗାଙ୍କ ଧାରାକୁ

ପ୍ରବାହିତ କରିବାକୁ ପଥ ଦେଖାଇବାକୁ । ଅର୍ଜୁନ ସେପରି କରନ୍ତେ ଗଙ୍ଗା ଉପୂର୍ଣ୍ଣହେଲେ ଏବଂ ଶ୍ରୀକୃଷ୍ଣ ତାଙ୍କୁ ବୀରତୁଙ୍ଗ ନାମାରରେ ନାମିତ କାଲେ ଏବଂ ପାପୀଙ୍କୁ ଉଦ୍ଧାର କରିବାକୁ ଆଶୀର୍ବାଦ ପ୍ରଦାନ କଲେ। ସାରଳା ଦାସଙ୍କ ବର୍ଣ୍ଣନା ଅନୁଯାୟୀ-

"ବୋଇଲେ ସୁରଭି ତୁମ୍ଭେ ଆମ୍ଭ ଆଜ୍ଞା ଶୁଣ
ମହା ମହା ବାରୁଣୀ ଯେ ପଡିବ ଯେବଣ ଦିନ
ସତ୍ୟ ତ୍ରେତୟା ଦ୍ୱାପର କଳିଯୁଗ ଚାରି
ଯେ ଶର ଆଗେ ଥିବ ଏହି ରୂପ ଧରି
ମ୍ଳେଚ୍ଛଙ୍କ ମୁକତି ହୋଇବାର ନିମନ୍ତେ
ଅବଶ୍ୟ ବିଜେ ଦେବୀ କରିବୁ ଶର ପଥେ"।

ଏହି ଆଶୀର୍ବାଦ ଫଳ ସ୍ୱରୂପ ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ଯାହା ତିଳ ସପ୍ତମୀ ନାମରେ ବିଖ୍ୟାତ , ସେହିଦିନ ବୃତଙ୍ଗ ନଦୀରେ ଭକ୍ତମାନେ ମାହାବାରୁଣୀ ସ୍ନାନ କରିଥାନ୍ତି।

ମହାଭାରତ କାହାଣୀ ବ୍ୟତୀତ  ଚକାପାଦ ବିରୂପାକ୍ଷ ଶିବଙ୍କୁ ନେଇ ଏକ କିମ୍ବଦନ୍ତୀ, ରାମାୟଣ କାହାଣୀ ସହିତ ଯୋଡା ହେଇରହିଛି । ଲଙ୍କାଧିପତି ରାବଣ କୈଳାଶ ପର୍ବତରେ ତପ ସାଧନ କରି ପ୍ରଭୁ କୈଳାଶପତି ଶିବଙ୍କୁ ସନ୍ତୁଷ୍ଟ କରି ଶିବଙ୍କ ପ୍ରତୀକ ଗୋଟିଏ ଶିବଲିଙ୍ଗ ଶ୍ରୀଲଙ୍କାକୁ ନେଇଯାଉଥିଲେ। ସର୍ତ୍ତ ଥିଲା ଲଙ୍କାରେ ପହଞ୍ଚିବା ପର୍ଯ୍ୟନ୍ତ ଶିବଲିଙ୍ଗଙ୍କୁ କୌଣସି ପରିସ୍ଥିତିରେ ବି ତଳେ ରଖିବେନାହିଁ । କିନ୍ତୁ ଚକାପାଦ ନିକଟରେ ଲଘୁଶଙ୍କାର ପ୍ରବଳ ଚାପ ଯୋଗୁଁ ସେ ଜଣେ ଅଜଣା ବ୍ୟକ୍ତିଙ୍କ ହସ୍ତରେ ଶିବଲିଙ୍ଗଙ୍କୁ ଧରେଇ ଦେଇ ସ୍ନାନଶୌଚ ସମାପାନ କରିବାକୁ ଗଲେ। ଶିବଲିଙ୍ଗଙ୍କ ଭାରା ସମ୍ଭାଳି ନପାରି ବ୍ୟକ୍ତି ଜଣକ ବାଧ ହୋଇ ଶିବଲିଙ୍ଗଙ୍କୁ ତଳେ ଥୋଇଦେଲେ। ପରବର୍ତ୍ତୀ ସମୟରେ ରାବଣ ଯେତେ ଚେଷ୍ଟା କଲେ ମଧ ଶିବଲିଙ୍ଗଙ୍କୁ ମାଟିରୁ ଉଠାଇ ପାରିଲେ ନହିଁ । ରାବଣ, ଶିବଙ୍କୁ ପ୍ରାର୍ଥନା କରିବାରୁ ପ୍ରଭୁ ଶିବ ସେଠାରେ ରହିବାକୁ ଇଛା ପ୍ରକାଶ କରି ଏପରି ମାୟା କରିଥିବା କଥା କହିଲେ। ରାବଣ ଯେହେତୁ ପ୍ରଭୁଙ୍କୁ ଲଙ୍କାକୁ ନେଇଯିବାକୁ ଚାହୁଁଥିଲା ତେଣୁ ସେ ପ୍ରାର୍ଥନା କରି ଅନୁରୋଧ କଲା ଯେ ଆପଣ ଯଦି ଏଠାରେ ରହିବେ ତେବେ ଆପଣଙ୍କ ଶୁଭଦୃଷ୍ଟି ଲଙ୍କାଉପରେ ରଖିଥିବେ । ରାବଣର ଅନୁରୋଧକୁ ସ୍ୱୀକାର କରି ପ୍ରଭୁଙ୍କ ପ୍ରତୀକ ଶିବ ଲିଙ୍ଗ ଦକ୍ଷିଣ ଆଡକୁ ଢଳି ରହିଛନ୍ତି । କିଛି ସ୍ଥାନୀୟ ବ୍ୟକ୍ତି କହନ୍ତି ରାବଣ ଶିବଲିଙ୍ଗଙ୍କୁ ଜବରଦସ୍ତ ଉପାଡି ନେବାକୁ ଚେଷ୍ଟା କରିଥିବାରୁ ଲିଙ୍ଗଟି ଦକ୍ଷିଣ ଦିଗକୁ ଢଳି ରହିଛନ୍ତି । କେବଳ ଲିଙ୍ଗ ନୁହନ୍ତି ଆଖ ପାଖର ସମସ୍ତ ବୃକ୍ଷ ଏବଂ ମନ୍ଦିର ମଧ ଦକ୍ଷିଣ ଆଡକୁ ଢଳି ରହିଥିବା ଦେଖାଯାଏ । ସମ୍ବଲପୁର ଜିଲ୍ଲାର ଧୁମା ନିକଟବର୍ତ୍ତୀ ହୁମା ଶିବ ମନ୍ଦିର ପରେ ଏହା ହେଉଛି ଓଡିଶାର ଦ୍ୱିତୀୟ ବକ୍ର ମନ୍ଦିର ।

ଯାତ୍ରୀ ସବୁବେଳେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସ୍ୱଳ୍ପ ଦୂରତା ସମ୍ପର୍ଣ୍ଣ ଗତିପଥ ବାଛିଥାଏ । ଶ୍ରୀଲଙ୍କା ଏବଂ କୈଳାଶ ପର୍ବତର ଭୌଗୋଳିକ ଅବସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ରାବଣ କୈଳାଶ  ପରବତରୁ ଶ୍ରୀଲଙ୍କା ଯାତ୍ରା କଲାସମୟରେ ଓଡିଶା ଉପର ଦେଇ ପୁଷ୍ପକ ବିମାନରେ ଯାଇଥିବ; କାରଣ ଏହାହିଁ ସବୁଠାରୁ କମ ଦୂରତା ସମ୍ପର୍ଣ୍ଣ  ଗତିପଥ । ଏସବୁ ଦୃଷ୍ଟିରୁ ବିଚାର କଲେ ଚକାପାଦ ଶୈବ ପୀଠ ସହ ଜଡିତ ରାମାୟଣ କିମ୍ବଦନ୍ତୀଟି ସତ୍ୟ ମନେହୁଏ।

ମହାଶିବରାତ୍ରୀ ଜାଗର ଅବସରରେ, କାର୍ତ୍ତିକ ମାସ ପ୍ରତ୍ୟେକ ସୋମବାରରେ, କାର୍ତ୍ତିକ ପୂର୍ଣ୍ଣିମା ଅବସରରେ,ବୈଶାଖ ମାସରେ, ଜ୍ୟେଷ୍ଠ ଶୁକ୍ଳ ଷଷ୍ଠି ତିଥି ବା ଶୀତଳ ଷଷ୍ଠୀରେ (ଶିବ ପାର୍ବତୀଙ୍କ ବିବାହ ତିଥିରେ) ଏବଂ ଶ୍ରାବଣ ମାସରେ କାଉଡିଆଙ୍କ ସହିତ ଏଠାରେ ପ୍ରବଳ ଜନ ସମାଗମ ହେଇଥାଏ । ଇତ୍ୟବସରରେ ଏଠାରେ ମେଳା ବସିଥାଏ ଏବଂ ପର୍ଯଟକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।  ଏତଦବ୍ୟତୀତ ଏଠାକୁ ବର୍ଷ ସାରା ପର୍ଯଟକଙ୍କ ଭିଡ ଲାଗି ରହିଥାଏ । ବିରୁପାକ୍ଷ ମନ୍ଦିର ସମ୍ପର୍କରେ ଯଦିବା କୌଣସି ଲିଖିତ ପ୍ରାଚୀନ ଦସ୍ତାବିଜ ନାହିଁ କିନ୍ତୁ (କିମ୍ବଦନ୍ତୀ ଅନୁଯାୟୀ)ପୁରାଣ ଯୁଗରୁ ଏଠାରେ ବିରୁପାକ୍ଷ ଶିବଲିଙ୍ଗ ପୂଜା ପାଉଥିବା ଲୋକ ମୁଖରୁ ଶୁଣାଯାଏ।

ନବମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବୌଦ୍ଧ ରାଜା ରଣଭଞ୍ଜଙ୍କ ମୃତ୍ୟୁପରେ ସୋମବଂଶୀ ରାଜା ମହାଭବଭୂତି ଜନ୍ମେଜୟ ବୌଦ୍ଧ ରାଜ୍ୟ ଅଧିକାର କଲେ ଏବଂ ସେ ଶୈବ ଧର୍ମାବଲମ୍ବୀ ହେଇଥିବାରୁ ବହୁ ସ୍ଥାନ ରେ ବୌଦ୍ଧ ପୀଠଗୁଡିକୁ ଶୈବ ପୀଠରେ ପରିଣତ କରାଯାଇଥିବା କଥା ବହୁ ଗବେଷକ ମତ ପୋଷଣ କରନ୍ତି। ତତ୍ ସହିତ ସୋମବଂଶୀ ଶାସନ କାଳରେ ସମଗ୍ର ଓଡିଶାରେ ଅନେକ ନୂତନ ଶିବ ମନ୍ଦିର ମଧ ନିର୍ମାଣ କରାଯାଇଥିଲା ଏବଂ ପରେ ପରେ ଶିବ ଶକ୍ତିଙ୍କ ଆରାଧନା ସହିତ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଲୋକନୃତ୍ୟ ଦଣ୍ଡନାଟର ଉତ୍ପତ୍ତି ହେଇଥିବା ମନେହୁଏ । କିଛି ଗବେଷକ ଗଞ୍ଜାମର ଗାଲେରୀ ଠାରୁ ଦଣ୍ଡନାଟର ସୃଷ୍ଟି ହେଇଥିବା ମତ ଦେଇଥିବା ବେଳେ ଆଉ କିଛି ଗବେଷକ ଏହାର ସୃଷ୍ଟି ବିରୁପାକ୍ଷ ମନ୍ଦିର ନିକଟରେ ଅବସ୍ଥିତ ଆନନ୍ଦେଶ୍ୱର ମନ୍ଦିରରୁ ହେଇଥିବା ମତ ଦିଅନ୍ତି । ବିରୁପାକ୍ଷ ପୀଠ ବା ଚକାପାଦକୁ ପଞ୍ଚଶମ୍ଭୁ ପୀଠ (ବିରୁପାକ୍ଷ, ଆନନ୍ଦେଶ୍ୱର, ଯୋଗେଶ୍ୱର, ରାମେଶ୍ୱର ଏବଂ ଲଡୁକେଶ୍ୱରଙ୍କ ପୀଠ) କୁହାଯାଏ । କିଛି ଗବେଷକ ବିରୁପାକ୍ଷ, ଆନନ୍ଦେଶ୍ୱର ଏବଂ ଯୋଗେଶ୍ୱର ଏହି ତିନି ମନ୍ଦିରର ପାଖା ପାଖି ଅବସ୍ଥିତିକୁ ଲକ୍ଷ କରି ଏହାକୁ ତ୍ରିଶମ୍ଭୁ ପୀଠ ମଧ କହିଥାନ୍ତି । ବର୍ତ୍ତମାନର ବିରୁପାକ୍ଷ ମନ୍ଦିର 1976 ମସିହାରେ ବିର୍ଲା କମ୍ପାନୀର ଜଣେ କର୍ମଚାରୀ ବାସୁଦେବ ଶର୍ମାଙ୍କ ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଥିଲା । ଏହା ସଂପୂର୍ଣ୍ଣ ହେବାକୁ ତିନି ବର୍ଷ ଲାଗିଥିଲା। ମନ୍ଦିରର ଉଚ୍ଚତା 70 ଫୁଟ ଥିବାବେଳେ ଜଗମୋହନର ଲମ୍ବ 30 ଫୁଟ ଏବଂ ପ୍ରସ୍ତ 25 ଫୁଟ ରହିଛି । ମନ୍ଦିର ପରିସର ମୋଟ 11 ଏକର ଜମି ରେ ଅବସ୍ଥିତ । ଆନନ୍ଦେଶ୍ୱର ମନ୍ଦିରର ଉଚ୍ଚତା 60 ଫୁଟ,ଲମ୍ବ 15 ଫୁଟ ଏବଂ ପ୍ରସ୍ତ 15 ଫୁଟ ଅଟେ। ସବୁ ଶିବ ମନ୍ଦିର ପରି ଏଇ ଶିବ ମନ୍ଦିର ଗୁଡିକର ପାର୍ଶ୍ୱ ଦେବତା ଭାବେ ଶ୍ରୀ ଗଣେଶ, ଶ୍ରୀ କାର୍ତ୍ତିକେଶ୍ୱର ଏବଂ ପାର୍ଶ୍ୱ ଦେବୀ ଶ୍ରୀ  ପାର୍ବତୀ ପୂଜା ପାଇ ଆସୁଛନ୍ତି ।

ଚକାପାଦ ନିଜର ପୌରାଣିକ କିମ୍ବଦନ୍ତୀ, ବିରୁପାକ୍ଷଙ୍କ ମହିମା, ମନୋରମ ପ୍ରାକୃତିକ ପରିବେଶ ଏବଂ ମନ୍ଦିର ତଥା ଶିବଲିଙ୍ଗଙ୍କ ବକ୍ର ଗଠନ ଶୈଳୀ ପର୍ଯଟକଙ୍କୁ ହଜାର ହଜାର ବର୍ଷ ଧରି ଆକୃଷ୍ଟ କରି ଆସୁଛି । ଏହା କନ୍ଧମାଳ ତଥା ଓଡିଶାର ଅର୍ଥନୀତିକୁ ପର୍ଯ୍ୟଟନ ଶିଳ୍ପ ମାଧମରରେ ସମୃଦ୍ଧ କରୁଥିବା ପ୍ରମୁଖ ପର୍ଯଟନ ସ୍ଥାନ ମାନଙ୍କ ମଧ୍ୟରୁ ଗୋଟିଏ।  ସରକାରଙ୍କ ପର୍ଯଟନ ବିଭାଗ ତରଫରୁ ଯଦି ଏହାର ଅଧିକ ସୌନ୍ଦର୍ଯ୍ୟ  କରଣ, ଯାତ୍ରୀମାନଙ୍କ ନିମନ୍ତେ ଆଶ୍ରୟ ସ୍ଥଳୀ ଏବଂ ଗମନା ଗମନର ସୁବନ୍ଦୋବସ୍ତ କରାଯାଇ ପାରନ୍ତା ତେବେ ଏହି ପର୍ଯ୍ୟଟନ ସ୍ଥଳୀଟି ଅଧିକ ଆକର୍ଷଣୀୟ ହେବା ସହ ଏଠାକୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୁଆନ୍ତା ।

****

**ଡ ଚିତ୍ତରଞ୍ଜନ ମିଶ୍ର**
ପଞ୍ଚାୟତ ମହାବିଦ୍ୟାଳୟ,
ଫିରିଙ୍ଗିଆ, କନ୍ଧମାଳ



# ଆତ୍ମଗ୍ଲାନି

ତିନିଦିନ ପରେ ଟୁର୍ ରୁ ଫେରି ଗେଟ୍ ଖୋଲୁଖୋଲୁ ଦୌଡିଆସିଲା ଝିଅ । ବେକରେ ଓହଳିପଡି ପଚାରିଲା ପାପା.. ମୋପାଇଁ କଣ ଆଣିଛ ?

ହସି ହସି ତା ହାତକୁ ଚକୋଲେଟ ପ୍ୟାକେଟଟିଏ ବଢାଇଦେଲା ଶୁଭ। ଚକୋଲେଟ ଖାଉଖାଉ ଝିଅ ବରାଦ କଲା, ପାପା ମୋ ପେନସିଲ ବକ୍ସ ଭାଙ୍ଗିଗଲାଣି ଗୋଟେ ବାର୍ବୀଡଲ୍ ବାଲା ପେନସିଲ ବକ୍ସ ଆଣିଦେବ, ଯେମିତି ଭବ୍ୟା ର ଅଛି । ହଁ... ସେଥିରେ ଯେମିତି ୱାଟର ପ୍ରୁଫ୍ ବାଲା ରୁଟିନପେପର୍ ବି ଥିବ, ହେଲା ?

ହଉ ତୋପାଇଁ ସବୁ ଆଣିଦେବି, ଏବେତ ଘର ଭିତରକୁ ଚାଲ! ଝିଅକୁ କାଖକରି ଘରେ ପାଦ ଦେଉ ଦେଉ ଶିଖାର ପାଟିଶୁଣି ଆଶ୍ଚର୍ଯ୍ୟ ହେଲା ଶୁଭ । ତାକୁ ଏତେ ପାଟିକରି ରାଗିବା ସେ କେବେ ଦେଖିନଥିଲା। ଘରେ କାମ କରୁଥିବା ମାଉସୀଙ୍କ ଉପରେ ବିରକ୍ତ ହେଉଥିଲା ସେ । ମାଉସୀ ବି ନଛୋଡବନ୍ଧା, ମୁହଁକୁ ମୁହଁ ଯୋଖି ପ୍ରତ୍ୟୁତ୍ତର ଦେଉଥିଲେ।

ଏତେ ବର୍ଷ ଏ ଘରେ କାମ କଲିଣି ଏଇ ପ୍ରତିଦାନ ! ବୋହୁ ତମ ଶାଶୂ ମତେ ଦିନେ ପାଟିଫିଟାଇ କିଛି କହି ନଥିଲେ । ତମେ ଏତେବଡ ଅପବାଦ ଦେଲ କେମିତି ? ହଠାତ୍ ସାମନା ରେ ଶୁଭକୁ ଦେଖି କାନ୍ଦି ପକାଇ ମୁଣ୍ଡରେ ଲୁଗାଟାଣିଲେ ସେ। 'କଣହେଲା ମାଉସୀଙ୍କୁ କଣପାଇଁ ରାଗୁଛ' ଅବିଶ୍ୱାସଭରା କଣ୍ଠରେ ପଚାରିଲା ଶୁଭ । ଏକା ନିଶ୍ୱାସରେ ଶିଖା କହିଗଲା ସବୁ।

ଶୁଣ... କାଲି ପଣ୍ଡା ବାବୁଙ୍କର ଘରଭଡା ଦେଇଗଲେ, କ୍ଷୀରବାଲା ଆସିବାରୁ ମୁଁ ତରତର ହୋଇ ଗଦିତଳେ ଟଙ୍କା ରଖି ଚାଲିଗଲି। ତାପରେ ରୋଷେଇରେ ବ୍ୟସ୍ତ ରହି ଟଙ୍କା କଥା ଭୁଲିଗଲି। ଆଜି ଦେଖିଲା ବେଳକୁ ସେଥିରୁ ଦୁଇହଜାର ଟଙ୍କା କମ୍ । ମାଉସୀ ଝିଅକୁ ସେଇଠି ଖୁଆଇ ଦେଉଥିବା ବେଳେ ମୁଁ ଟଙ୍କା ରଖିବା ଦେଖିଥିଲେ। ତାଛଡା ଦୁଇଦିନ ତଳେ ତାଙ୍କର କିଛି ଟଙ୍କା ଦରକାର ଥିଲା ବୋଲି ମୋତେ ମାଗୁଥିଲେ । ଏଥିରେ ତମେ କୁହ ତାଙ୍କ ଛଡା ଘରଭିତରକୁ ଆସି ଟଙ୍କା କିଏ ନେବ ? ସେତିକି ବେଳଠୁ ପଚାରୁଛି, ଓଲଟି ଏଣୁତେଣୁ କହୁଛନ୍ତି । ଚୁପ୍ ହୋଇ ଠିଆ ହୋଇଥାନ୍ତି ମାଉସୀ ଯେମିତି ମୋ ଠାରୁ ନ୍ୟାୟ ଅପେକ୍ଷାରେ ଅଛନ୍ତି । ମା' ଅମଳରୁ ଆମଘରେ କାମ କଲେଣି କେବେକିଛି ଚୋରିକରିବା ସେ ଜାଣିନି । ଝିଅ ପାଞ୍ଚବର୍ଷ ର ହେଲାଣି ତାଙ୍କରି କୋଳରେ ବଢିଛି। ଘର ଗୋଟାକ କାମକରନ୍ତି, ଶିଖାକୁ ରୋଷେଇରେ ସାହାଯ୍ୟ କରନ୍ତି, ଝିଅକୁ ସ୍କୁଲଠାରୁ ପାର୍କଯାଏ ନବାଆଣିବା କରନ୍ତି। ତାକୁ ଗାଧୋଇବା, ଖୁଆଇବା, ଶୁଆଇବାଠୁ ନେଇ ତାର ଅଳିଅର୍ଦ୍ଦଳୀ ସବୁ ସହନ୍ତି।

ହେଲେ ଆଜି କଣହେଲା!

ଆଚ୍ଛା ଶିଖା ତମେ କେଉଁଠି ରଖିଥିଲ ଠିକ୍ ରେ ମନେ ରଖିଛ ତ ?

ଆରେ ମାଉସୀଙ୍କୁ ପଚାରୁନ ସେ ନିଜେ ପରା କହୁଛନ୍ତି, ମୁଁ ଟଙ୍କା ରଖିବା ସେ ଦେଖିଛନ୍ତି ! ତାହେଲେ ସେ ନେଇନାହାନ୍ତି ତ' ଟଙ୍କାଟା କଣ ପର ଲଗାଇ ଉଡିଗଲା ?

କିଛି ଚିନ୍ତାକରି ପାରୁନଥିଲା ଶୁଭ। ଉପର ଘର ତାର । ତଳ ଘରେ ପୁଲିସ୍ ଅଫିସର ପଣ୍ଡାବାବୁ ରହୁଛନ୍ତି । ଉପରକୁ ଏତେ କାହାର ଯିବା ଆସିବା ନାହିଁ । ଦୁଇଟା ଗେଟ୍ ଟପି ବାହାର ଲୋକ କିଏ ଆସି ଆଉକିଛି ନନେଇ, କେବଳ ଗଦିଟେକି ସେଥିରୁ ଦୁଇହଜାର ଟଙ୍କା ନେଇ ଚାଲିଗଲା ...ନା ତାହା ତ' ହେବନି ! ତାହେଲେ ଶିଖା କ'ଣ ଠିକ୍ କହୁଛି, ମାଉସୀ ନେଇଛନ୍ତି?

କେଜାଣି ଅଭାବେ ସ୍ୱଭାବ ନଷ୍ଟ ! ଏଣେ ପୁଅଟା ତାଙ୍କର ଦଣ୍ଡାବାଳୁଂଗା ସବୁବେଳେ ମାଉସୀଙ୍କୁ ଟଙ୍କା ପଇସା ମାଗେ। ଏମିତିକି ନଦେଲେ ମରାମରି ମଧ କରେ। ଗଭୀର ଭାବନାରେ ବୁଡିଗଲା ସେ । ସେଇ ସମୟ ଭିତରେ ଶିଖା ଯାଇ ପଣ୍ଡାବାବୁଙ୍କୁ ଡାକିଆଣିଲା । ପୁଲିସ ଚାକିରିଆ ସେ। ପୁଲିସ ଠାଣିରେ ଜେରା ଆରମ୍ଭକଲେ । ଧମକ ଚମକ ଦେଲେ । ହେଲେ ମାଉସୀଙ୍କର ସେଇ ପଦେକଥା 'ମୁଁ ନେଇନି' । ବିରକ୍ତହୋଇ ସେ କହିଲେ ଥାନାକୁ ଗଲେ ସତମିଛ ସବୁ ବାହାରି ପଡିବ। ଏ ଛୋଟଲୋକ ଗୁଡା ଯେଉଁ ପତ୍ରରେ ଖାଇବେ ସେଇ ପତ୍ରରେ ଧୂଳି ଦେବେ ।

ଏଥର ବାହୁନି ଉଠିଲେ ମାଉସୀ। ଶୁଭକୁ ଅନାଇ କହିଲେ ପୁଅ ତମେ ତ ବିଶ୍ୱାସକର ! ଗରିବଲୋକ ଆମେ, ମାନ ସମ୍ମାନ ଛଡା ଆଉ କିଛି ନାହିଁ । ସେଥିରେ କଳା ବୋଲିଲେ କି ଅପବାଦ ଦେଲେ ଜୀଇଁ ହେବନି । ଏ ବୟସରେ ଥାନାକୁ ଗଲେ ମୋର ମାନଇଜ୍ଜତ ରହିବ ଟି... ହେଲେ ସେ କିଛି କହିବା ଆଗରୁ ପଣ୍ଡାବାବୁ ତାଙ୍କୁ ଜୋର କରି ଜିପ୍ ରେ ବସାଇ ଥାନାକୁ ନେଇଗଲେ । ଶିଖା ଟଙ୍କା ଦୁଇହଜାର ପାଇଁ ମାଉସୀଙ୍କୁ ଥାନାକୁ ପଠାଇବା ଠିକ୍ ହେଲାନି, ବିମର୍ଶ ହୋଇ ଶୁଭ କହିଲା । ତା କଥାକାଟି ଶିଖା କହିଲା, ଦେଖ ଟଙ୍କା ଟା ବଡକଥା ନୁହେଁ, ବିଶ୍ୱାସ ହେଲା ବଡ କଥା। କେତେ ବିଶ୍ୱାସଥିଲା ଆମର ମାଉସୀଙ୍କ ଉପରେ !

ଝିଅକୁ ନେଇ ସ୍କୁଲ ଯାଉଛନ୍ତି, ଟଙ୍କା ପାଇଁ କାହାକୁ ବିକି ଦେବେ ଭରସା କଣ !

ନେଡିଗୁଡ କହୁଣୀ କୁ ବୋହିବା ଆଗରୁ ସତର୍କ ହୋଇଯିବା ଭଲ। ପରେ ଦୋଷ ଦେଇ କଣ ମିଳିଥାନ୍ତା ଭଲମନ୍ଦ ହେଲେ ତମେ ବୁଝିଥାନ୍ତ ? ତାଛଡା କାଲି ଆଉ କାହାଘରେ କାମ କରିବେ, ତା' ଘରେ ମଧ ଚୋରି କରିବେ ନା ନାହିଁ ?

ଏମାନଙ୍କୁ ନିହାତି ଶାସ୍ତି ମିଳିବା ଦରକାର।ସବୁ ଶୁଣି ଦୀର୍ଘନିଶ୍ୱାସ ପକାଇ ଚୁପ୍ ରହିଲା ଶୁଭ । ଜିପ୍ ଶବ୍ଦ ସହ ମାଉସୀଙ୍କ କାନ୍ଦ ଧିରେଧିରେ ଦୂରେଇ ଯାଉଥିଲା। ସେତିକି ବେଳେ ଶୋଇବାଘରୁ ଝିଅର କଇଁ କଇଁ କାନ୍ଦ ଶୁଣି ଦୌଡିଗଲେ ଦୁହେଁ । ପାଟିତୁଣ୍ଡରେ ଭୟଭୀତ ହୋଇ ସେ ଶୋଇଲାଘର କବାଟ କଣରେ ଲୁଚି ବସିଛି । ଚାରିଆଡେ ଖେଳଣା ପେନସିଲ ରବର ଖେଳାଇ ହୋଇ ପଡିଛି । ଝିଅକୁ କାଖେଇବାକୁ ନଇଁ ପଡି ହତବାକ ହୋଇଗଲା ଶୁଭ। ଝିଅର ଖୋଲା ପେନସିଲ ବକ୍ସ ଭିତରେ ଦୁଇହଜାର ଟଙ୍କିଆ ନୋଟ ଖଣ୍ଡକ। ଉଠାଇ ଆଣିଲା ସେ। ତା ଉପରେ କ୍ରାୟନ କଲର୍ ରେ କେତେକଣ ଚିତ୍ର ସବୁ ଗାରେଇ ଝିଅ ସାଇତିଛି। ସବୁ ବୁଝିଗଲା ସେ। ଗଦିତଳୁ ନୂଆ ଦୁଇହଜାର ଟଙ୍କିଆ ଖଣ୍ଡକ ଆଣି ଝିଅ ପେନସିଲବକ୍ସ ରେ ରୁଟିନ୍ ପେପର୍ କରିଛି । ଆଖି ସାମ୍ନାରେ ମାଉସୀଙ୍କ କରୁଣ ମୁହଁଟା ଦିଶିଯିବା ସହ, ଥାନାରେ ତାଙ୍କ ଦୁର୍ଦ୍ଦଶା କଥା ଚିନ୍ତାକରି ଶୁଭ ଆଖିରୁ ଲୁହ ଦୁଇଟୋପା ଖସିପଡିଲା । କିଛି ନକହି ଟଙ୍କାକୁ ବଢାଇଦେଲା ଶିଖା ହାତକୁ। ଗଛରୁ ଖସିପଡିଲା ପରି ଆର୍ତ୍ତନାଦ କରିଉଠିଲା ସେ। ତାପରେ ଝିଅକୁ ଧମକାଇ ପଚାରିଲା ତତେ ଟଙ୍କା କିଏ ଦେଲା ! ଏବେ ପର୍ଯ୍ୟନ୍ତ କୋହ ଭାଙ୍ଗି ନଥିଲା ତାର। ସେମିତି କାନ୍ଦୁକାନ୍ଦୁ କହିଲା, କେହିଦେଇ ନାହାନ୍ତି ମୁଁ ନିଜେ ନେଇଥିଲି। ସମସ୍ତଙ୍କର ପେନସିଲ ବକ୍ସରେ ରୁଟିନ୍ ପେପର ଅଛି, ମୋରନାହିଁ ସେଥିପାଇଁ .... ହେଲେ ସେଥିରେ ବାର୍ବିଡଲ୍ ଫଟ ନାହିଁ.... ମୋର ସେଇଟା ଦରକାର ନାହିଁ

ନେଇଯାଅ । ହେଲେ ମାଉସୀଙ୍କୁ ଫେରାଇ ଆଣ। ତମେ ସମସ୍ତେ ମାଉସୀଙ୍କୁ କାହିଁକି ରାଗିଲ ! ତୁମସହ ଜମା କଥାହେବିନ। ମୁଁ ତାଙ୍କ ପାଖକୁ ଯିବି.... ପୁଣି କୋହ ଉଠାଇ କାନ୍ଦିଉଠିଲା ସେ । ଆତ୍ମଗ୍ଲାନୀ ରେ ଜୁଡୁବୁଡୁ ହୋଇ ହୋଇ ଚୁପଚାପ୍ ଛିଡା ହୋଇଥିବା ଶିଖାକୁ ବିମର୍ଶ ମନରେ ଶୁଭ କହିଲା ଚାଲ ଏବେ ଥାନାକୁ ଯିବା....

***

**ପ୍ରଜ୍ଞା ମହାନ୍ତି**
ତ୍ରିଶୂଳିଆ, କଟକ
ଦୂରଭାଷ : ୯୪୩୭୩୬୨୪୭୩

# Indian Red Cross Society NHQ Blood Centre

Red Cross Road, Sansad Marg A1rea, New Delhi , New Delhi, Delhi
Phone; 1123711551, Fax; 01123717454 Email: directorbloodbank@indianredcross.org

## OCWA Camp Blood Donor List
Camp Date : 09-FEB-25

| S. No. | Bag No. | Name | Age/Sex | Blood Group |
|---|---|---|---|---|
| 1 | 25R1226 | Prasanta Kumar Das | 51 Yr/M | O+Ve |
| 2 | 25R1227 | Sananta Kumar Sahoo | 57 Yr/M | B+Ve |
| 3 | 25R1228 | Suresh Kumar Swain | 44 Yr/M | AB+Ve |
| 4 | 25R1229 | Padeepta Bhuyan | 57 Yr/M | B+Ve |
| 5 | 25R1230 | Hrishkesh Sharma | 50 Yr/M | B+Ve |
| 6 | 25R1231 | Naveen Sharma | 42 Yr/M | B-Ve |
| 7 | 25R1232 | Prabhat Kishore Buyani | 53 Yr/M | O+Ve |
| 8 | 25R1233 | Narender Singh Bisht | 49 Yr/M | B+Ve |
| 9 | 25R1234 | Ramesh Kumar Sha | 20 Yr/M | AB+Ve |
| 10 | 25R1235 | Kapil | 35 Yr/M | B-Ve |
| 11 | 25R1236 | Rajveer Singh | 22 Yr/M | B+Ve |
| 12 | 25R1237 | Rajesh Kumar | 49 Yr/M | O+Ve |
| 13 | 25R1238 | Mohd Irfan Khan | 33 Yr/M | B+Ve |
| 14 | 25R1239 | C K Behera | 49 Yr/M | B-Ve |
| 15 | 25R1240 | Natarajan C | 27 Yr/M | B+Ve |
| 16 | 25R1241 | Pragnyajit Jena | 44 Yr/M | B+Ve |
| 17 | 25R1242 | Aswanee Samantaray | 53 Yr/M | B+Ve |
| 18 | 25R1243 | Shiba Prasad Naik | 56 Yr/M | A-Ve |
| 19 | 25R1244 | Ajit Kumar Barek | 44 Yr/M | A+Ve |
| 20 | 25R1245 | Pranshu Bhuyan | 18 Yr/M | B+Ve |
| 21 | 25R1246 | Deepak Kumar | 40 Yr/M | B+Ve |
| 22 | 25R1247 | Pryaranjan Nayak | 24 Yr/M | B+Ve |
| 23 | 25R1248 | Ujjawal Saini | 22 Yr/M | O+Ve |
| 24 | 25R1249 | Shubham Das | 21 Yr/M | O+Ve |
| 24 | 25R1250 | Ajit Chakraborty | 39 Yr/M | A+Ve |
| 26 | 25R1251 | Ramakant Parida | 50 Yr/M | A+Ve |
| 27 | 25R1252 | Rahul Kumar | 26 Yr/M | A+Ve |
| 28 | 25R1253 | Sitakanta Das | 42 Yr/M | B+Ve |
| 29 | 25R1254 | Debasis Goswami | 47 Yr/M | O+Ve |
| 30 | 25R1255 | Jeetendra Kumar Sahoo | 53 Yr/M | O+Ve |
| 31 | 25R1256 | Kavi Raj | 49 Yr/M | O+Ve |
| 32 | 25R1257 | Anana Charan Sahoo | 45 Yr/M | O+Ve |
| 33 | 25R1258 | Pradeep Parija | 53 Yr/M | B+Ve |
| 34 | 25R1259 | Aman Kumar | 21 Yr/M | A+Ve |
| 35 | 25R1260 | Bimal Samal | 56 Yr/M | B+Ve |



# ଜୀବନର ଅନ୍ୟନାମ

ଜୀବନର ଅନ୍ୟନାମ ଯନ୍ତ୍ରଣା ,ମଣିଷ ଜୀବନକୁ ଘେରି ରହିଛି ଦୁଃଖ ସୁଖ ,ଅଭାବ ଅସୁବିଧା, ରୋଗ ବୈରାଗ ଭଳି ନାନା ବିଧ ସମସ୍ୟା । ତେବେ ଜୀବନରେ ଦୁଃଖ ଯନ୍ତ୍ରଣା ନଥିଲେ ,ଜୀବନ ନିର୍ଜୀବ ପାଲଟି ଯାଏ । ଯନ୍ତ୍ରଣା ଓ ବିଭିନ୍ନ ସମସ୍ୟାର ଅନୁଭବ ଜୀବନକୁ ମାର୍ଜିତ କରି ନିୟନ୍ତ୍ରିତ କରିଥାଏ । ଏବଂ ସାମାନ୍ୟ ସୁଖ ବର୍ଦ୍ଧିତ କରିଥାଏ । ଯେମିତି କି --

ପାପ ନଥିଲେ ମାପି ହୁଅନ୍ତା କି ପୁଣ୍ୟର ଗଭୀରତା
ପଙ୍କ ନଥିଲେ ଫୁଟନ୍ତା କି ପଦ୍ମ ଗନ୍ଧେ ଭରି ମାଦକତା ।

କଳଙ୍କ ନଥିଲେ ଜାଣି ହୁଅନ୍ତା କି ପ୍ରେମ କେତେ ପବିତ୍ରତା
ବିଛେଦ ନଥିଲେ ଚାଖି ହୁଅନ୍ତା କି ମିଳନର ମଧୁରତା ।

ଅନ୍ଧାର ନଥିଲେ କଳି ହୁଅନ୍ତା କି ,ଦୀପ ଶିଖା ଉଜ୍ଜ୍ୱଳତା
ଯାତନା ନଥିଲେ ଜାଣି ହୁଅନ୍ତା କି, ଜୀବନ କେତେ ନିରୁତା ।

ବନ୍ଧନ ନଥିଲେ ମୁକ୍ତିର ଆନନ୍ଦ ମନକୁ କାହିଁ ମିଳନ୍ତା
ସମସ୍ୟା ନଥିଲେ ସମାଧାନ ପଥ କିଏ ବା,କାହିଁ ଖୋଜନ୍ତା ।

ସେଇଭଳି ଯନ୍ତ୍ରଣା ଦୁଇ ପ୍ରକାର । ଶାରୀରିକ ଏବଂ ମାନସିକ । ଯେତେବେଳେ ମଣିଷ ଯନ୍ତ୍ରଣାର ଶିକାର ହୁଏ ସେତେବେଳେ ସେ ,ଆତ୍ମିକ ସ୍ୱଜନ ପ୍ରିୟ ପରିଜନଙ୍କ ଠାରୁ ,ସ୍ନେହ ଶ୍ରଦ୍ଧା, ସେବା ସହାନୁଭୂତି ଆଶା କରିଥାଏ । ତେବେ ଏଭଳି ଦୁଃସମୟରେ ଯଦି ସହୃଦୟ ମଣିଷ ଟିଏ ସେବା ମନୋବୃତ୍ତି ନେଇ ସହଯୋଗର ହାତ ବଢାଇ ଶ୍ରଦ୍ଧାର ସହିତ ଉପକାର କଲା,ହୁଏତ ଅସୁବିଧାରେ ପଡ଼ିଥିବା ମଣିଷଟି ନିଶ୍ଚୟ ଉପକୃତ ହେବ ।

ମଣିଷ ବେଳେ ବେଳେ ଅସହାୟ ଅବସ୍ଥାରେ କୁଟା ଖିଅକୁ ଆଶ୍ରା କଲା ଭଳି ସ୍ୱାର୍ଥପର ମଣିଷ କଥାରେ ବିଶ୍ୱାସ ରଖେ । ଶେଷରେ ଉପକୃତ ନହୋଇ ଅପଦସ୍ତ ହୋଇ ଅଧିକ ଅନୁତାପ କରେ ଏବଂ ଜୀବନର ସମସ୍ୟା କଷ୍ଟ ବଢିଯାଏ ସିନା, ଲାଘବ ହୁଏନି । ବରଂ ଦ୍ୱିଗୁଣିତ ହୋଇ ସମସ୍ୟା ବଢିବା ସାର ହୁଏ ।

ମଣିଷଟିଏ ଦୁର୍ଲ୍ଲଭ ଜନ୍ମ ପାଇ, କେତେ ଦିନ ଏ ଦୁନିଆଁରେ ବଞ୍ଚି ରହୁଛି ! ବଞ୍ଚି ରହିବା ଭିତରେ ସୁଖ ଅପେକ୍ଷା ଦୁଃଖ ଅଧିକ ପାଇଥାଏ । ବେଳେ ବେଳେ ଅସମୟରେ( ଆକସ୍ମିକ ଦୁର୍ଘଟଣା ବା ରୋଗ, ଅଭାବଗ୍ରସ୍ତ ଭଳି ଦୁର୍ବିସହ ସ୍ଥିତିକୁ ସାମ୍ନା କରି ନପାରି ) ଚାଲିଯାଏ । ପଛରେ ତା,ର ପଡ଼ିଯାଏ ଆଶା ଆକାଂକ୍ଷା ସୁଖ ସ୍ୱପ୍ନ ।

ଏସବୁ ଆମେ ଅନୁଭବ କରୁଥିଲେ ମଧ୍ୟ ନବୁଝିଲା ପରି ଆତ୍ମିକ ସ୍ୱଜନ ଙ୍କ ପାଖରୁ ଦୂରେଇ ରହୁ । କର୍ମ ବ୍ୟସ୍ତତା ହେତୁ ସେଭଳି ସ୍ଥିତିରେ ସେମାନଙ୍କୁ ସମୟ ଦେଇ ପାରୁ ନାହୁଁ । ତା,ର କାରଣ ବି ଏମିତି ହୁଏ । ଟିକିଏ ଭାବି ଦେଖିଲେ ଆମେ ଜାଣି ପାରନ୍ତି ।ସ୍ଥିତି ପରିସ୍ଥିତି ଦେଖି ବେଳେବେଳେ ମଣିଷର ମନ ବଦଳି ଯାଏ । ଈର୍ଷା ଅହଂଭାବ ଏବଂ ଧନୀ ଗରିବ ଭେଦ ଭାବ --ଏଭଳି ଗୁଣକାରୀ ବ୍ୟକ୍ତି ବିଶେଷ ଆମ ସମାଜରେ ଅଧିକ ଅଛନ୍ତି ।

ଯେମିତିକି ବାପା, ମାଆ ବଞ୍ଚିଥିବା ବେଳେ ତାଙ୍କୁ ଅବହେଳା ଅଣଦେଖା କରିବା,ବୟସାଧିକ ହେତୁ ପରିବାରର ବୋଝ ମନେକରି କେବଳ ଶେଷ ସମୟକୁ ଦିନ ଗଣୁଥିବେ ,ନଚେତ୍ ଏମିତି ବ୍ୟବହାର କରିବେ,ଜରାଶ୍ରମରେ ରହିବାକୁ ସେମାନେ ବାଧ ହେବେ । କାରଣ ଜୀବନ ଅଛି , ଯେମିତି ହେଲେ ବାକି ଆୟୁଷ ସାରିବାକୁ ତ ପଡିବ ।

ଦୁନିଆଁରୁ ଚାଲିଗଲା ପରେ ,ଯାହା କିଛି ତାଙ୍କର ଅଛି ସେ ସବୁକୁ ଭାଗ ବାଣ୍ଟି ନେଇ ଯିବେ ଏବଂ ତାପରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଶ୍ରାଦ୍ଧ କ୍ରିୟା, ଭୋଜି ଭାତ, ଗଙ୍ଗାରେ ଅସ୍ଥି ବିସର୍ଜନ, ପୁଣି ଶ୍ରାଦ୍ଧ ଦିବସ ପାଳନ, ଆଉ ଘରର ବାଡିପଟ, ବିଲ ହୁଡା ଉପରେ ସମାଧି ଟିଏ ଗଢି ପିତୃ ମାତୃ ଭକ୍ତିର ପରଂପରାକୁ ଉଜ୍ଜୀବିତ କରି ରଖିଥାନ୍ତି । ନଚେତ୍ ନୂତନ ଘର ତୋଳି ତାଙ୍କରି ନାମରେ ନାମିତ ହୋଇଯାଏ ।

ଠିକ୍ ସେମିତି ଲୋକଟି ବଞ୍ଚିଥିବା ବେଳେ, ନିଜ ଦୁର୍ଦ୍ଦିନରେ କେବେ କାହାଠାରୁ ସ୍ନେହ ସହାନୁଭୂତି ଟିକେ ପାଇବା ତା' ପାଇଁ ଦୁର୍ମୂଲ୍ୟ ହୋଇପଡେ । ଯଦି ଦୁର୍ଭାଗ୍ୟ ବଶତଃ ସେ ଦୁନିଆଁରୁ ଚାଲିଯାଏ, ଅନେକ ତା' ପାଇଁ ଶୋକ ପ୍ରସ୍ତାବ ବାଢି ବିଭିନ୍ନ ପତ୍ର ପତ୍ରିକାରେ କିମ୍ବା ସଭା ସମିତିରେ ତା'ର ଗୁଣ ଗାନ କରୁଥିବା ଦେଖାଯାଏ । ନଚେତ୍ ପ୍ରତିମୂର୍ତ୍ତି ଟିଏ ଗଢି ଶ୍ରାଦ୍ଧବାର୍ଷିକୀ ପାଳନ କିମ୍ବା ଘର ବା ସାହିର ଗଳି ରାସ୍ତାକୁ ତାଙ୍କ ନାମରେ ନାମିତ କରନ୍ତି । ପୁଣି 'ସ୍ମୃତି ସମ୍ମାନ ' ଅନୁଷ୍ଠାନ ଦ୍ୱାରା ଦେଇଥାନ୍ତି । ମଣିଷ ଟିଏ ବଞ୍ଚିଥିଲା ବେଳେ ତା' ନିଜସ୍ୱ ଅଧିକାରରୁ ବଞ୍ଚିତ ହୋଇ ଦୁଃଖ ସମୟରେ ଆତ୍ମୀୟ ସ୍ୱଜନଙ୍କ ପାଖରୁ ସ୍ନେହ ସହାନୁଭୂତି ଟିକେ ପାଇଁ ନାହିଁ । ମରିଗଲା ପରେ ସେମାନେ ତା'ର ଆପଣାର ବୋଲି ସେ କେମିତି ଜାଣିବ ?

ତେଣୁ ଜଣେ ମଣିଷ ,ଅନ୍ୟ ପାଇଁ ମାନସିକ ସ୍ତରରେ ସମ୍ବେଦନଶୀଳ ସ୍ନେହୀ ଦରଦୀ ମଣିଷ ଟିଏ ହୋଇ ଅନ୍ୟ ହୃଦୟରେ ସ୍ଥାନଟିଏ ନରଖିବ କାହିଁକି ? ଏଥିପାଇଁ କିଛି ଅର୍ଥର ଆବଶ୍ୟକ ପଡେ ନାହିଁ ।

****

**ରତ୍ନପ୍ରଭା ବାଇ**
ସଂପାଦିକା,
ବର୍ଣ୍ଣାଳୀ ସାହିତ୍ୟ ସଂସଦ,ତାଳଚେର, ଅନୁଗୁଳ
ଦୂରଭାଷ : ୯୩୩୭୯୭୨୭୪୯



# ଭାଗବତରେ ବାୟୋଲୋଜି ଶିକ୍ଷା

ଆଜିକାଲିର ପ୍ରତିଦ୍ୱନ୍ଦିତାମୂଳକ ଜୀବନରେ ଆମଭଳି ବାପାମାଆଙ୍କର ଚିନ୍ତା ହେଉଛି ପିଲାଟି କେମିତି ପାଠଶାଠ ପଢ଼ି ଡିଗ୍ରୀ ହାସଲ କରି ବଡ଼ ଚାକିରି କରୁ। ବାକି ସବୁ ପଛକଥା। ପଛ କଥା ଭିତରେ ଅନେକ ଜିନିଷ ଲୁଚି ରହିଯାଉଛି, ହଜି ବି ଯାଉଛି। ଏ ଫର ଆପଲ, ବି ଫର ବ୍ୟାଟ ମଧ୍ୟରେ ଲାଗୁଛି ସବୁକିଛି ହଜିଯାଉଛି। କଣ ହଜିଯାଉଛି ମନେ ପକାଇବା ବେଳକୁ, କଣ ସବୁ ହଜେଇ ସାଇଲେଣି, ତା ବି ମନେ ପଡୁନି। ଡେରିରେ ହେଉ ନାଁ କାହିଁକି, ଭାଗବତ ଅଧ୍ୟାୟେ ଲେଖାଏଁ କାନରେ ପଡୁଛି ପ୍ରତିଦିନ। ପ୍ରତିଟି ଅଧ୍ୟାୟରେ ଜୀବନର ଗତି ସମ୍ବନ୍ଧରେ କିଛି ନା କିଛି ମାର୍ଗଦର୍ଶନ ମିଳୁଛି, ଯାହା ଆମ ଜୀବନ ଯାତ୍ରାକୁ ନିଶ୍ଚିତ ଭାବେ ସୁଗମ କରୁଛି। ଏବେ ଭାଗବତର ତୃତୀୟ ସ୍କନ୍ଧ ପଢ଼ା ଚାଲିଥିଲା। ସେଥିରେ ଗୋଟିଏ ଅଧ୍ୟାୟ ରହିଛି - ଏକତ୍ରିଂଶ ଅଧ୍ୟାୟ। ଅଧ୍ୟାୟଟିରେ ମିଳିବ ଜୀବନର ଗତି ସମ୍ବନ୍ଧରେ ସୁନ୍ଦର ଉପଦେଶ। ଏକତ୍ରିଂଶ ଅଧ୍ୟାୟଟି ହେଉଛି ମାତା ଓ ପୁତ୍ରଙ୍କ ମଧ୍ୟରେ ଆଲୋଚନା । ଭକ୍ତ (ମାତା) ଏବଂ ଭଗବାନ (ପୁତ୍ର)ଙ୍କ ମଧ୍ୟରେ । ଶିକ୍ଷାପ୍ରଦ ବିଷୟଟି ହେଉଛି ଶିଷ୍ୟା (ମାତା) ଏବଂ ଗୁରୁଙ୍କ (ପୁତ୍ର) ମଧ୍ୟରେ। ଏହି ସମ୍ବନ୍ଧ ଅଦ୍ଭୁତ ଅଟେ। ଏଠି ମାତା ଦେବହୂତି ପରମ ଭଗବାନଙ୍କୁ ପୁତ୍ର (କପିଳ ମୁନି) ରୂପେ ପ୍ରାପ୍ତ କରି ଆଶ୍ଚର୍ଯ୍ୟଚକିତ ହୋଇ କହିଛନ୍ତି -

ଏ ବିଶ୍ୱ ଯାହାର ଉଦରେ, ମୁଁ ତାକୁ କେମନ୍ତେ ଜଠରେ ।
ଧଇଲି ବୁଝି ନପାରଇ, କେବଳ ତୋ ମାୟା ଗୋସାଇଁ ।

ଦେବହୂତି ହେଉଛନ୍ତି ଆଦି ମନୁ ଅର୍ଥାତ ସ୍ୱାୟମ୍ଭୁବ ମନୁଙ୍କ ଦୁହିତା ଏବଂ କର୍ଦ୍ଦମ ଋଷିଙ୍କ ଧର୍ମପତ୍ନୀ। ଦେବହୂତିଙ୍କ ଅନୁରୋଧରେ ଭଗବାନ କପିଳ ତାଙ୍କୁ ଭକ୍ତିର ଲକ୍ଷଣ, ଅଷ୍ଟାଙ୍ଗ ଯୋଗ, ଭକ୍ତି ଯୋଗ ସହିତ ସଂସାରର ଦୁଃଖଦାୟୀ ସ୍ୱରୂପକୁ ମଧ ପ୍ରଦର୍ଶିତ କରିଛନ୍ତି। ସଂସାରର ସ୍ୱରୂପ ଅନ୍ତର୍ଗତ ଜୀବର କ୍ରମବିକାଶକୁ ସେ ଏକତ୍ରିଂଶ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି। ଏଠାରେ ସେ ମାତା ଦେବହୂତିଙ୍କର ବାୟୋଲୋଜି ଶିକ୍ଷକ ବନିଛନ୍ତି - ପୁତ୍ର ମାତାଙ୍କୁ ବାୟୋଲୋଜି ଅର୍ଥାତ ଜୀବ ବିଜ୍ଞାନ ପଢ଼ାଉଛନ୍ତି । ଏମିତି କହିହେବ ଯେ ସେ ସଂସାରର ପ୍ରଥମ ବାୟୋଲୋଜି ଶିକ୍ଷକ । ଭାବୁଛି, ମୁଁ ଯଦି ସ୍କୁଲରେ ବିଜ୍ଞାନ ପଢ଼ିବା ପୂର୍ବରୁ ଭାଗବତ ପଢ଼ିଥାନ୍ତି, ବାୟୋଲୋଜିକୁ ଭଲ କରି ବୁଝିପାରିଥାନ୍ତି।

ଆମେ ଯେତେବେଳେ ଜଣେ ନାରୀ ବିଷୟରେ ଭାବୁ, ସେତେବେଳ ଜାଣୁ ଯେ ମାତୃତ୍ୱ ହେଉଛି ନାରୀ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ସୀଢ଼ି । ଜଣେ ନାରୀ ଯେତେବେଳେ ଗର୍ଭବତୀ ହୁଏ, ସେତେବେଳେ ଆମେ ଗର୍ଭାବସ୍ଥାରେ କେବଳ ମାଆର କାହାଣୀ ଶୁଣିଥାଉ । ଗର୍ଭାବସ୍ଥାରେ ମାଆ କଣ କୁହନ୍ତି, କଣ ଅନୁଭବ କରିନ୍ତି - ସେ ବିଷୟରେ ଆଲୋଚନା ହୋଇଥାଏ । ଗର୍ଭଧାରଣପରେ ପ୍ରତ୍ୟେକ ଦିନରେ ନୂଆ ନୂଆ ଅନୁଭୂତି ମାଆ ପରିପ୍ରେକ୍ଷୀରେ ଶୁଣିବାକୁ ମିଳେ। ଗର୍ଭାବସ୍ଥା ପ୍ରତ୍ୟେକ ନାରୀର ଏକ ମହତ୍ତ୍ୱପୂର୍ଣ୍ଣ ଅବସ୍ଥା ଅଟେ। ତାହା ଏକ ସୁନ୍ଦର ଯାତ୍ରା ଅଟେ। ଗର୍ଭ ଭିତରେ ଅଜନ୍ମା ସନ୍ତାନ କିଭଳି ବ୍ୟବହାର ପ୍ରଦର୍ଶନ କରୁଛି - ଯାହା ମାଆ କୁହନ୍ତି ଆମେ ବିଶ୍ୱାସ କରୁ। ଜଣେ ମାଆ ସବୁବେଳେ ପ୍ରସ୍ତୁତ ହୋଇ ରହିଥାଏ, ଜଣେ ନୂଆ ଅତିଥିକୁ ଧରାପୃଷ୍ଠରେ ଅବତରଣ କରାଇବାକୁ। ୧୦ ମାସ ଧରି ନୂଆ ନୂଆ ଅଭିଜ୍ଞତା ସହିତ ତାର ଜୀବନ ଅତିବାହିତ ହୋଇଥାଏ। ପ୍ରତିଟି ମୁହୂର୍ତ୍ତରେ ତା'ର ସନ୍ତାନର କ୍ରିୟାକଳାପକୁ ଅନୁଭବ କରୁଥାଏ।

ଭାଗବତ ମହାପୁରାଣ ତୃତୀୟ ସ୍କନ୍ଧ ଅଷ୍ଟାବିଂଶ ଅଧ୍ୟାୟରେ ଦେବହୂତି ତାଙ୍କ ପୁଅ କପିଳଙ୍କଠାରୁ ମୁକ୍ତି ବିଷୟରେ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। କପିଳ ମୁନି ମାତାଙ୍କୁ ସମସ୍ତ କଥା ବିସ୍ତୃତ ଭାବରେ ବୁଝାଇବା ଆରମ୍ଭ କରିଛନ୍ତି। ଏହି ବକ୍ତବ୍ୟ ମଧରେ ମାତା ଗର୍ଭରେ ଶିଶୁର ବିକାଶ ସମ୍ବନ୍ଧୀୟ ବିଷୟ ଆଲୋଚିତ ହୋଇଛି। ମାତୃ ଗର୍ଭ ମଧ୍ୟରେ ଭ୍ରୁଣର ୧୦ ମାସର କ୍ରମବୃଦ୍ଧିର ବର୍ଣ୍ଣନା ଆମକୁ ମିଳିବ ଏକତ୍ରିଂଶ ଅଧ୍ୟାୟରେ। ଏହି ଅଧ୍ୟାୟ ଆଧୁନିକ ବିଜ୍ଞାନ ଶିକ୍ଷା ପାଇଁ ଏକ ଆହ୍ୱାନ। ଏମିତି ସୁଲଳିତ ଏବଂ ଚମତ୍କାର ବର୍ଣ୍ଣନା ସର୍ବଜନ ଆଦୃତ ଭାଷା ଭାଗବତରେ ହିଁ ସମ୍ଭବ ହୋଇପାରିଛି। ବିଷ୍ଣୁଙ୍କ ଅଂଶରେ ଜନ୍ମ ଭଗବାନ ବେଦବ୍ୟାସଙ୍କ ଦ୍ୱାରା ଭାଗବତ ୫୦୦୦ ବର୍ଷ ପୂର୍ବେ ରଚିତ ବୋଲି କୁହାଯାଏ।

ମାତା ଦେବହୂତି କପିଳ ମୁନିଙ୍କୁ ପଚାରିଲେ, "ଗର୍ଭସ୍ଥ ଶିଶୁ ନିଶ୍ଚିତ ଭାବେ ଶାନ୍ତିରେ ଥିବ, ଖୁସିରେ ଥିବ? ତାକୁ ନା ଥଣ୍ଡା ସହିବାକୁ ପଡୁଥିବ, ନ ଗରମ। ମାତା ଗର୍ଭରେ ନିଶ୍ଚିତ ରୂପେ ସୁରକ୍ଷିତ ଥିବ। ଏହାର ଉତ୍ତରରେ କପିଳ ଭଗବାନ କହନ୍ତି, ନାଁ ମାଆ, ଶିଶୁ ଗର୍ଭ ମଧ୍ୟରେ କେବେ ବି ଖୁସିରେ ନଥାଏ। ଗର୍ଭସ୍ଥ ଶିଶୁ ସର୍ବଦା ଭାବେ - ଗର୍ଭବାସ ସମଂ ଦୁଃଖଂ ନ ଭୂତୋ ନ ଭବିଷ୍ୟତି। ଅର୍ଥାତ୍ ଗର୍ଭସ୍ଥ ଶିଶୁ ଯେଉଁ କଷ୍ଟ ଭୋଗ କରେ, ସେ ଅତୀତରେ କେବେ ଭୋଗ କରିନଥିଲା, କି ଭବିଷ୍ୟତରେ କରିବ ନାହିଁ। ଗର୍ଭ ମଧ୍ୟରେ ପ୍ରତିକ୍ଷଣରେ ହଜାର ହଜାର କୀଟ କୋମଳ ଶିଶୁର ଚର୍ମ ବାରମ୍ବାର କ୍ଷତବିକ୍ଷତ କରିଥାନ୍ତି - ଅତି କୋମଳ କଳେବର, କୃମି ଭକ୍ଷଣେ ନୋହେ ସ୍ଥିର। ସେହି କଷ୍ଟରୁ ଉଦ୍ଧାର କରିବା ପାଇଁ ସେଠି କେହି ନଥାନ୍ତି ସାହାଯ୍ୟ କରିବାକୁ। ମାତା ବି ନୁହେଁ। ବରଂ ମାତା ଶିଶୁକୁ ଅଧିକ କଷ୍ଟ ପ୍ରଦାନ କରିଥାଏ। ମାତା ଯେତେବେଳେ ତା ସ୍ୱାଦ ଦୃଷ୍ଟିରୁ ଖଟା, ତିକ୍ତ, ମସଲାଯୁକ୍ତ ଖାଦ୍ୟ ଖାଇଥାଏ, ତାହା ଗର୍ଭସ୍ଥ ଶିଶୁକୁ ଅତ୍ୟନ୍ତ ପୀଡ଼ା ପହଞ୍ଚାଇଥାଏ। ଗର୍ଭସ୍ଥ ଶିଶୁର ବେଦନା କିଏ ଶୁଣିବ?

ଭାଗବତରେ ଗର୍ଭାବସ୍ଥାରେ କେଉଁ ସମୟରେ ଶିଶୁର କେତେ ବୃଦ୍ଧି ହୁଏ ତା ମଧ ଉଲ୍ଲେଖ ଅଛି। ପ୍ରଥମ ରାତ୍ରିରେ ରଜଃ ଓ ବୀର୍ଯ୍ୟର ମିଶ୍ରଣ ହୁଏ ଏବଂ ପଞ୍ଚମ ରାତ୍ରିରେ ଏହା ବୁଦ୍‌ବୁଦାକାର (ପାଣି ଫୋଟକା)ରେ ପରିଣତ ହୁଏ। ଦଶ ରାତ୍ରିରେ ଏହା ଏକ ବରକୋଳି ସଦୃଶ ହୁଏ ଏବଂ ତା ପରେ ଏହା କ୍ରମଶଃ ଏକ ମାଂସପିଣ୍ଡୁଳା ରୂପ ଧାରଣ କରେ।

କଲଲଂ ତ୍ୱେକରାତ୍ରେଣ ପଞ୍ଚରାତ୍ରେଣ ବୁଦ୍‌ବୁଦମ୍ ।
ଦଶାହେନ ତୁ କର୍କନ୍ଧୂଃ ପେଶ୍ୟଣ୍ଡଂ ବା ତତଃ ପରମ୍। (ଭା.୩-୩୧-୨)

(ସେ ରେତ ପ୍ରଥମ ଦିନରେ, ମିଶଇ ଶୋଣିତ ସଙ୍ଗରେ
ତାହାକୁ ବୋଲିଟି କଲ୍ଲୋଳ, ପଞ୍ଚମ ଦିନେ ସେ ବର୍ତ୍ତୁଳ
ସେ ପୁଣି ବଦରୀ ସମାନେ, କଠିନ ହୁଏ ଦଶଦିନେ
ତାପରେ ହୋଇ ମାଂସ ପିଣ୍ଡ, ତଦନ୍ତେ ପ୍ରକାଶଇ ଅଣ୍ଡ) ।

ମାସକରେ ମସ୍ତକ, ଦୁଇ ମାସରେ ବାହୁ, ପାଦ ଆଦି ଅଙ୍ଗ ସୃଷ୍ଟି ହୋଇଥାଏ। ତିନିମାସରେ ନଖ, ଲୋମ, ଅସ୍ଥି, ଚର୍ମ, ଜନନେନ୍ଦ୍ରିୟ ଆଦି ସହିତ ନବଦ୍ୱାର ସୃଷ୍ଟି ହୋଇଥାଏ।

ମାସେନ ତୁ ଶିରୋ ଦ୍ୱାଭ୍ୟା ବାହ୍ୱଙ୍ଘ୍ରିଂ-ଆଦ୍ୟଙ୍ଗ-ବିଗ୍ରହ
ନଖ-ଲୋମାସ୍ଥି-ଚର୍ମାଣି ଲିଙ୍ଗଚ୍ଛିରୋଭବସ୍ତ୍ରିଭିଃ (ଭା.୩-୩୧-୩)

(ମସ୍ତକ ପ୍ରଥମ ମାସରେ, ପ୍ରକାଶ ହୁଏ ତା କନ୍ଧରେ
ସମ୍ପୂର୍ଣ୍ଣ ବେନି ମାସ ଯାଏ, କର ଚରଣ ଆଦି ହୋଏ
ଅଙ୍ଗୁଳି ନଖ ତନୁ ରୋମ, ଅସ୍ଥି ହୃଦୟ ନାଡ଼ିମାନ

ଲିଙ୍ଗ ଇନ୍ଦ୍ରିୟ ଛିଦ୍ର ଆଦି, ତୃତୀୟ ମାସେ ଏ ପ୍ରସିଦ୍ଧି)

ଗର୍ଭଧାରଣର ଚାରିମାସ ମଧରେ ଶରୀରର ସାତୋଟି ମୁଖ୍ୟ ଅବୟବ ଉତ୍ପନ୍ନ ହୁଏ । ସେମାନଙ୍କର ନାମ ହେଉଛି ରସ, ରକ୍ତ, ମାଂସ, ଚର୍ବି, ହାଡ, ମଜ୍ଜା ତଥା ଶୁକ୍ର । ପାଞ୍ଚ ମାସରେ, ସେ ଭୋକ ଏବଂ ଶୋଷ ଅନୁଭବ କରିବା ଆରମ୍ଭ କରେ ଏବଂ ଛଅ ମାସ ଶେଷ ସୁଦ୍ଧା, ଝିଲ୍ଲୀ (ଜରାୟୁ) ମଧରେ ଆବଦ୍ଧ ଗର୍ଭସ୍ଥ ଶିଶୁ ପେଟର ଡାହାଣ ଭାଗରେ ଗତି କରିବା ଆରମ୍ଭ କରେ । ମା 'ଖାଉଥିବା ଭୋଜନ ତଥା ଜଳରୁ ପୋଷଣ ପ୍ରାପ୍ତ କରିବା ପରେ ଗର୍ଭସ୍ଥ ଶିଶୁ ବଢ଼ି ଥାଏ ଏବଂ ମଳ - ମୂତ୍ରର ଘୃଣ୍ୟ ସ୍ଥାନରେ ରହିଥାଏ, ଯାହା ସମସ୍ତ ପ୍ରକାରର କୀଟାଣୁ ବୃଦ୍ଧିର ସ୍ଥାନ ଅଟେ ।

ଚତୁର୍ଭିର୍ଧାତବଃ ସପ୍ତ ପଞ୍ଚଭିଃ କ୍ଷୁତ୍ତୃଡୁଦ୍ଭବଃ ।
ଷଡ୍ଭିର୍ଜରାୟୁଣା ବୀତଃ କୁକ୍ଷୌ ଭ୍ରାମ୍ୟତି ଦକ୍ଷିଣେ ॥( ଭା.୩-୩୧-୪)
ମାତୁର୍ଜଗ୍ଧାନ୍ନପାନାଦ୍ୟୈରେଧଦ୍ଧାତୁରସମ୍ମତେ ।
ଶେତେ ବିଣ୍‌ମୂତ୍ରୟୋର୍ଗର୍ତେ ସ ଜନ୍ତୁର୍ଜନ୍ତୁସମ୍ଭବେ (ଭା.୩-୩୧-୫)

(ଚତୁର୍ଥମାସେ ଧାତୁ ହୋଏ । ପଞ୍ଚମେ କ୍ଷୁଧା ତୃଷା ବହେ ॥
ତଦନ୍ତେ ଷଷ୍ଠ ପରିମିତ । କ୍ଷୁଧା ତୃଷାରେ ସେ ପୀଡ଼ିତ ॥
ଗର୍ଭ ବେଷ୍ଟନେ ବଦ୍ଧ ହୋଇ । ଦକ୍ଷିଣ କୁକ୍ଷିରେ ଭ୍ରମଇ ॥
ଜନନୀ ଯେ ଦ୍ରବ୍ୟ ଭକ୍ଷଇ । ସେ ରସେ ସର୍ବାଙ୍ଗ ପୀଡଇ ॥
ଜନନୀ ଯେ ଦ୍ରବ୍ୟ ଭକ୍ଷଇ । ସେ ରସେ ତା ଧାତୁ ବଢ଼ଇ ॥
ମୂତ୍ର ପୁରୀଷ ରକ୍ତ ଲାଳେ । କୃମି ପୀଡିତ ସମାକୁଳେ ॥
ତହିଁ ଯାକ୍ତିତେ ଶୋଇଥାଇ । କୃମି ସଂକୁଳ ମଧେ ରହି ॥)

ଶ୍ରୀମଦ୍‌ଭାଗବତ ଆଉ କିଛି ଶିକ୍ଷା ମିଳିଛି, ଯାହା ବାୟୋଲୋଜିରେ ନାହିଁ। ସପ୍ତମ ମାସରେ ଗର୍ଭସ୍ଥ ଶିଶୁର ଯେଉଁ ଯେଉଁ ଅବସ୍ଥା ବାୟୋଲୋଜିରେ ମିଳିନି। ସପ୍ତମ ମାସରେ, ଶିଶୁର ଜ୍ଞାନୋଦୟ ହୁଏ। ସେ ତାର ଅତୀତର ଜୀବନ ଅବସ୍ଥା ବିଷୟରେ ସଚେତନ ହୁଏ। ତାହା ତାକୁ ଆହୁରି ଦୁଃଖ ଦେଇଥାଏ। ସେଥିପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରେ -
ତସ୍ୟୋପସନ୍ନମ୍ ଅବିତୁଂ ଜଗଦିଚ୍ଛୟାତ୍ତ - ନାନାତନୋର୍ଭୁବି ଚଳଚ୍ଚରଣାରବିନ୍ଦମ୍ (ଭା. ୩-୩୧-୧୨)।

(ଗର୍ଭକୁ ଆଣିଲା ଯେ ମୋତେ । ତା ପାଦେ ସ୍ତୁତି ମୋ ନିରତେ ॥
ତା ପାଦେ ପଶିଲି ଶରଣ । ସେ ମୋତେ କରୁ ପରିତ୍ରାଣ ॥
ସେବଇ ତାର ପାଦଗତେ । ଅଶେଷ କର୍ତ୍ତା ଯେ ଜଗତେ ॥
ଯେ ପ୍ରଭୁ ସୃଷ୍ଟି ରକ୍ଷା ପାଇଁ । ଇଚ୍ଛାରେ ଶରୀର ଧରଇ ॥)

ଏହି ଭଳି ସେ ସାତ ମାସରୁ ଦଶ ମାସ ପର୍ଯ୍ୟନ୍ତ ଭଗବାନଙ୍କୁ ପ୍ରାର୍ଥନା କରିଚାଲିଥାଏ। ମାତୃଗର୍ଭରେ ଭୋଗୁଥିବା କଷ୍ଟରୁ ଲାଘବ ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇଥାଏ। ଭଗବାନଙ୍କୁ ପ୍ରାର୍ଥନା କରି କହେ, ହେ ଭଗବାନ, ମୋ ପରି ଏକ ହତଭାଗ୍ୟ ଆତ୍ମା କେବେ ଏ ବନ୍ଦୀଶାଳାରୁ ମୁକ୍ତ ହେବ। ହେ ଭଗବାନ, ମୋତେ ଏହି ଗର୍ଭରୁ ଶୀଘ୍ର ମୁକ୍ତ କର ଏବଂ ମୁଁ ତୁମକୁ ପୂଜା କରିବି ଏବଂ ସମସ୍ତ ଭଲ କାର୍ଯ୍ୟ କରିବି ଯାହା ମୁଁ ପୂର୍ବ ଜନ୍ମରେ କେବେ କରି ନ ଥିଲି। ତେଣୁ, ମୋତେ ପୁନର୍ବାର ଏହି ଗର୍ଭରେ ଆସିବାକୁ ପଡିବ ନାହିଁ। ଏହି ଭଳି ପ୍ରାର୍ଥନା କରୁ କରୁ ଦଶମାସ ଉପଗତ ହୁଏ। ଦଶମାସ ବୟସ୍କ ଗର୍ଭସ୍ଥ ଶିଶୁ ଯେତେବେଳେ ଭଗବାନଙ୍କ ସ୍ତବ କରିଥାଏ, ସେତିକି ବେଳେ ପ୍ରସବକାଳୀନ ବାୟୁ ତାହାକୁ ଅଧୋମୁଖ କରି ଭୂମିଷ୍ଠ ହେବା ନିମିତ୍ତ ପ୍ରେରଣ କରେ। ସେ ଅତି କଷ୍ଟରେ ଦୁନିଆକୁ ଆସିଥାଏ। ଜନ୍ମ ହେବା ପରେ ମଧ୍ୟ ତାର ଦୁଃଖର ଅନ୍ତ ହୁଏ ନାହିଁ। ଶୈଶବାସ୍ଥାରେ ଭୋଗୁଥିବା କଷ୍ଟର ସେ ପରିପ୍ରକାଶ କରିପାରେ ନାହିଁ, କେବଳ କ୍ରନ୍ଦନ ହିଁ ସାର ହୋଇଥାଏ। ତାର ଶରୀରର ବିଭିନ୍ନ ଜୀବନଯାତ୍ରା ଆରମ୍ଭ ହୋଇଥାଏ, ଯାହାକୁ ଆମେ ଓତଃପ୍ରୋତଃ ଭାବେ ଅବଗତ ହୋଇଛେ। ଭାବୁଛି, ମୁଁ ଯଦି ସ୍କୁଲରେ ବିଜ୍ଞାନ ପଢ଼ିବା ପୂର୍ବରୁ ଭାଗବତ ପଢ଼ିଥାନ୍ତି ଏବଂ ବୁଝିଥାନ୍ତି, ତେବେ ଭଲ ହୋଇଥାନ୍ତା ।

****

**ସୁଶାନ୍ତ କୁମାର ନାୟକ**
ଡ଼ି-୯, ଟାୱାର୍ -୧୭, ଟାଇପ୍-୪
କିଦୱାଇ ନଗର୍ (ପୂର୍ବ),
ନୂଆ ଦିଲ୍ଲୀ -୧୧୦୦୨୩



"ତୋ' ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରସେ ଜାତ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?"

(ଉତ୍କଳ ଗୌରବ ମଧୁସୂଦନ ଦାସ)



# ଶେଷ କବିତା

ସେଦିନ ଥିଲା ରବିବାର । ଦ୍ୱିପହର ଭୋଜନ ପରେ ଟିଭି ଦେଖୁ ଦେଖୁ ଢୋଳେଇ ପଡ଼ିଥିଲି । ଘର ଭିତରୁ ମିନି ଡାକ ଛାଡ଼ିଲା ;

- ବାପା ୟେ "କୃଷ୍ଣ କବରୀ" କ୍ୟା ହୋତା ହୈ ?

ଟିକିଏ ରହି ପୁଣି ପଚାରିଲା " କୃଷ୍ଣ କବରୀ ରେ ଶ୍ରାବଣର ଛଟା"

ମୁଁ ଚମକି ପଡ଼ିଲି । ଲଙ୍କାରେ ହରି ଶବ୍ଦ ! ମିନୁ ମୁହଁ ରେ ଏ ପ୍ରକାର ଓଜନିଆ ସାହିତ୍ୟିକ ଶବ୍ଦସମ୍ଭାର, ସିଏ ପୁଣି ହିନ୍ଦୀ ବାକ୍ୟ ମଧ୍ୟରେ । କୃଷ୍ଣ କବରୀ ଶବ୍ଦର ଅର୍ଥ ବଖାଣିବା ବଦଳରେ ଓଲଟା ପ୍ରଶ୍ନ କଲି - " ଆରେ ମିନୁ, ଆଗ କହିଲୁ ତୁ କଣ କରୁଛୁ ?

-ବାପା, ଆପଣଙ୍କ ବହି ଥାକ ସଜାଡୁଛି । କି ଧୂଳି ! ପଢ଼ିବାରେ ତ ନା ଚର୍ଚ୍ଚା ନାହିଁ । କେବଳ ଓଡ଼ିଆ ବୁକ୍ସ collection କରି ଚାଲିଛନ୍ତି । କେବେ ଏ ଅଭ୍ୟାସ ଛାଡ଼ିବେ କେଜାଣି ।

ମୁଁ ଓଡ଼ିଆ ପୁସ୍ତକ ସଂଗ୍ରହ କରିବା କେବେ ଛାଡ଼ିବି, ମିନୁକୁ ଉତ୍ତର ଦେବା ଉଚିତ୍ ମନେ ନ କରି ଓଲଟା ପଚାରିଲି " କେଉଁ ବହି ପାଇଲୁକିରେ" ? କାରଣ ମିନୁ ମୁହଁ ରେ "କୃଷ୍ଣ କବରୀ " ଶବ୍ଦର ଉଚ୍ଚାରଣର କାରଣ ଜାଣିବାକୁ ଚାହୁଁ ଥିଲି ।

- ନା ବାପା ବହି ନୁହେଁ । ଆପଣଙ୍କ କବିତା ଡାଏରୀ ।

ଆଏଁ, କବିତା ଡାଏରୀ ! ପ୍ରକୃତିସ୍ଥ ହେଲି ।

ମିନୁ ହାତରେ ମୋ କବିତା ଡାଏରୀ ! ଅନ୍ୟ କେହି ହୋଇଥିଲେ ସେଦିନ ତ୍ରାହି ନ ଥାନ୍ତା । କିନ୍ତୁ ମିନୁ ମୋ ଗେହ୍ଲା ଝିଅ ଯେ ! ତା ପାଇଁ ସବୁ ମାଫ୍ ।

ମିନୁ କଟକ ମେଡିକାଲ କଲେଜରେ MBBS ପଢୁଛି ।ଏବେ ଛୁଟିରେ ଘରକୁ ଆସିଛି, ଅର୍ଥାତ୍ କଟକରୁ ଦିଲ୍ଲୀ ଆସିଛି ।ଦୀର୍ଘ ପଚିଶି ବର୍ଷ ହେଲା ମୁଁ ଚାକିରି ବଶତଃ ଓଡ଼ିଶା ବାହାରେ ବିଶେଷ କରି ଦିଲ୍ଲୀରେ ଅଧିକାଂଶ ସମୟ କାଟିଛି । ଝିଅ ମିନୁ ଓ ପୁଅ ମିଟୁ ଜନ୍ମରୁ ଅଣଓଡ଼ିଆ ପରିବେଶରେ ବଢ଼ି ଆସିଛନ୍ତି । ଝିଅ ମିନୁ ର ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବେଶ୍ ରୁଚି ଥିଲା ବେଳେ ପୁଅ ମିଟୁ ସମ୍ପୂର୍ଣ୍ଣ ଓଲଟା । ମିନୁ ଯେବେଠୁ କଟକରେ ଡାକ୍ତରୀ ପଢିବାକୁ ଗଲାଣି ତା ଓଡ଼ିଆ ଭାଷାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି । ତା'ର ଉଚ୍ଚାରଣ ଅପେକ୍ଷାକୃତ ମାର୍ଜିତ ଓ ସେ କିଛି କିଛି ଓଡ଼ିଆ ଲେଖି ଶିଖିଲାଣି । ଏମିତିକି ବହୁତ୍ ସାହିତ୍ୟିକ ଶବ୍ଦର ଭାବାର୍ଥ ବୁଝିବାକୁ ଚେଷ୍ଟା କଲାଣି । କିନ୍ତୁ ଏତେ ସମର୍ଥ ହେଇ ନାହିଁ ଯେ ପାରମ୍ପରିକ କାବ୍ୟକବିତାରେ ପ୍ରୟୋଗ ଶବ୍ଦାବଳୀର ଉପଯୁକ୍ତ ତର୍ଜମା କରି ପାରିବ । ତା ଛଡ଼ା ପିଲା ଦିନରୁ ସେ ଅଣଓଡ଼ିଆ ପରିବେଶରେ ବଢ଼ି ଆସିଥିବାରୁ ତା'ର କଥିତ ଓଡ଼ିଆ ଭାଷାରେ ଅନେକ ହିନ୍ଦୀ ଶବ୍ଦର ପ୍ରୟୋଗ କରିଥାଏ । ବିଶେଷ କରି ହିନ୍ଦୀ କ୍ରିୟା ବାଚକ ଶବ୍ଦର ଓଡ଼ିଆକରଣ, ଏଇ ଯେମିତି ବଜାର ଘୁମି ଯିବା, ଖାନା ପକେଇବା, ତ୍ୟୋହାର ମନେଇବା ଇତ୍ୟାଦି । ସେଥିପାଇଁ ମିନୁକୁ ଦୋଷ ଦେଇ କିଛି ଲାଭ ନାହିଁ । ଦୀର୍ଘ ଦିନ ହିନ୍ଦୀ ଭାଷୀ ଅଞ୍ଚଳରେ ଚାକିରି ଜୀବନ ଭିତରେ ମିନୁ କଥା ଛାଡ ମୋ କଥିତ ଭାଷା ବି ଅପଭ୍ରଂଶ ହୋଇଯାଇଛି । କିନ୍ତୁ ମୁଁ ଖୁସି ଯେ ମୋ ଝିଅ ଡାକ୍ତର ହେବାକୁ ଯାଉଥିଲେବି ମୋ ପରି ତା ଭିତରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଯଥେଷ୍ଟ ଆଗ୍ରହ ଓ ଅନୁରାଗ ଅଛି । ମୁଁ ଛାତ୍ରାବସ୍ଥାରୁ ଲେଖାଲେଖି ଆରମ୍ଭ କରିଥିଲି । କର୍ମମୟ ଜୀବନର ବ୍ୟସ୍ତତା ଓ ବାଧକତା ପାଇଁ ଲେଖା ଲେଖି ପ୍ରାୟତଃ ଛାଡ଼ିଦେଇଥିଲେ ବି କେତେବେଳେ କେମିତି ମନେ ହେଲେ ପଦେ ଅଧେ ଲେଖି ଦିଏ । ମନେ ଅଛି ଦଶମ ଶ୍ରେଣୀ ପରୀକ୍ଷା ଦେଇ ସରି ଖରା ଛୁଟିରେ ମୋର ପ୍ରଥମ କବିତା ଲେଖି ଥିଲି । ସେ ସମୟର କବିତା ସବୁ କୈଶୋର ଚିନ୍ତା ଧାରାର ଅପରିପକ୍ୱ ପରିପ୍ରକାଶ ଥିଲା । ସେ କେଉଁ କ୍ଲାସମେଟ ର ଲମ୍ବା ବେଣୀ ହେଉ କି କାହାର ଟଣା ଚାହାଣୀ । କବିତାର ନାୟିକା ସିଂଘାଣୀ ନାକି ଗୌରୀ ହେଉ କି ଚିପା ଫ୍ରକ୍ ପିନ୍ଧା ଅନିତା । ପ୍ରେମୋଚ୍ଛ୍ୱାସ୍ ଅପରିପକ୍ୱ କବିତା ଗୁଡିକରେ ପ୍ରତ୍ୟକ୍ଷ ଚରିତ୍ର ମାନଙ୍କର ରୂପକଳ୍ପ ସ୍ପଷ୍ଟ ବାରି ହେଇ ପଡୁଥିବାରୁ ମୁଁ ସବୁ ବେଳେ ମୋ କବିତା ଡାଏରୀ କୁ ଲୁଚାଇ ରଖୁଥିଲି । ସେ ସମୟର କବିତା ମୁଖ୍ୟତଃ ପ୍ରତିଷ୍ଠିତ କବି ମାନଙ୍କ ଲୋକପ୍ରିୟ କବିତା ଛାୟାରେ ଲେଖୁଥିଲି । ଅନାବଶ୍ୟକ ବିଶେଷଣ ଭରା ଶବ୍ଦ ସଂଯୋଜନା ଭିତରେ ପ୍ରତିଷ୍ଠିତ କବି ଦୀନକୃଷ୍ଣ, ଭଞ୍ଜୀୟ କବିତାର ଶବ୍ଦ ଓ ଧାଡ଼ି ଗୁଡ଼ିକ ଚୋରି କରି ମୋ କବିତାରେ ପୂରାଇ ଦେଉଥିଲି । ହଁ, ଚୋରି ନୁହେଁ ତ ଆଉ କଣ । କିନ୍ତୁ ମୁଁ ସନ୍ତୋଷ ଅନୁଭବ କରୁଥିଲି ଯେ ମୁଁ ଉତ୍ତମ ଉପମା ଅଳଙ୍କାର ଦେଇ ଭଲ କବିତା ଲେଖି ପାରେ ।ଏ ସବୁ ଥିଲା କଅଁଳ କୈଶୋରର କୁଶଳତା ।

କ୍ରମଶଃ କବିତା ପରିପକ୍ୱ ହେଉଥିଲା ।କଲେଜ ପତ୍ରିକାରେ ବାହାରିଲା । ଖବର କାଗଜରେ ରବିବାର ସାହିତ୍ୟ ଫର୍ଦ୍ଦ ରେ ପ୍ରକାଶ ପାଇଲା । ସବୁଠୁଁ ଆନନ୍ଦ ସେଇଦିନ ମିଳିଥିଲା ଯେଉଁ ଦିନ ଆକାଶବାଣୀ କଟକର ଯୁବବାଣୀ କାର୍ଯ୍ୟକ୍ରମରେ ମୁଁ ନିଜେ କବିତା ପାଠ କରିଥିଲି । ବି.ଏସ.ସି,. ଶେଷବର୍ଷ ବେଳକୁ ମୋ କବିତାର ଅନେକ ଅନୁରାଗୀ ପାଠକ ପାଠିକା ଓ ଶ୍ରୋତା ହୋଇ ସାରିଥିଲେ । ସେମାନଙ୍କ ପ୍ରଶଂସାଭରା ଚିଠି ମୋ ପାଇଁ ଅମୂଲ୍ୟ ଧନ ଥିଲା । ମୋ ଝିଅ ମିନୁ କୁଆଡୁ ଜାଣିବ ସେ ସମୟର romanticism । ସେ କୈଶୋର ବୟୋସନ୍ଧି ସମୟର ଅପରିପକ୍ୱ ପ୍ରେମୋଶ୍ୱାସ ହେଉ କି କଲେଜ ବେଳ ଦରଦୀ ହୃଦୟର ତରୁଣ ଗୀତି । ଗ୍ରାମ୍ୟ ଜୀବନର ପ୍ରତ୍ୟେକଟି ଦୃଶ୍ୟପଟ ଥିଲା ଋଦ୍ଧିମନ୍ତ କବିତାର ଉତ୍ସ । କୁଆଁର ପୁନେଇଁ ରେ ଗ୍ରାମ୍ୟ ଯୁବକ ମାନଙ୍କ ମଧ୍ୟରେ ଅଘୋଷିତ ପ୍ରତିଦ୍ୱନ୍ଦିତା । କିଏ ସବୁଠୁ ବେଶି କଇଁ ଫୁଲ ତୋଳି ସାହି ଝିଅଙ୍କୁ ଦେଇପାରିବ । ନାଁ ଆଜି ପାଟ ଅଛି , ନା କଇଁ ଫୁଲ । ଡୋଟାମାଳ ଗଛ ଓହଳରେ ସବୁଠୁ ଉଚ୍ଚା ଉଡୁଥିବା ରଜ ଦୋଳି କିଏ ବାନ୍ଧି ପାରିବ ? ଗାଁ ପୋଖରୀ ହୁଡା ରେ ବିରାଟ ଅଶୋକ ଗଛ । ଖରାଦିନେ ଗଛ ସାରା ନାରଙ୍ଗୀ ରଙ୍ଗର ଫୁଲରେ ଭାରିଯାଏ । ଫୁଲ ତୋଳିବା ବାହାନାରେ ଗଛ ଡାଳରେ ବସିବା ଓ ଝପକ କରି ଗଛ ଡାଳରୁ ପୋଖରୀ ପାଣିକୁ ଡ଼ିଆଁ ମାରିବା , ଏ ସବୁ ଥିଲା ସେ ସମୟର ମିଠା ଅପରାଧ । ସ୍ନାନରତ ଗ୍ରାମ୍ୟ ତରୁଣୀ ମାନଙ୍କ କୃତ୍ରିମ ରୋଷ । ବଜାରୀ ଟୋକା ଗୁଡାକ.... । ଗାଁ ପୋଖରୀ ତୁଠ କୁଆଁରୀ ମନର ଅକୁହା ଭାବନା ପରିପ୍ରକାଶର ମଞ୍ଚ । ଘର ବାହୁଡ଼ା ସଦ୍ୟସ୍ନାତ ତରୁଣୀ କାଖରେ ପାଣି କଳସୀ । ସ୍ୱତଃ କବିତାଟିଏ ମନକୁ ଆସିଯାଏ;

"ସଦ୍ୟ ସ୍ନାତ ତୁମ ଖୋଲା କବରୀ,

ସାଥିମେଳେ ରାଧା, କାହ୍ନୁ ମରେ ଝୁରି "

"କାଖରେ କଳସି, ଦେହେ ସିକ୍ତ ବସନ,

ଅଙ୍ଗେ ଅଙ୍ଗେ ଉଙ୍କୀ ମାରେ ଭରା ଯୌବନ"

ଏ ସବୁ ତରୁଣାବସ୍ଥାର ରୋମାଞ୍ଚ । ବାପା ହୋଇ କଣ ମୁଁ ବୁଝାଇ ପାରିବି ମିନୁକୁ ମୋ ନିଷିଦ୍ଧ ଭାବନା । ମିନୁ ଆଜିକାଲିକା ଝିଅ ହେଲେ ବି ମୁଁ ଆଜି କାଲିକା ବାପା ହେଇ ପାରି ନାହିଁ । ଅନେକ ଥର ଚେଷ୍ଟା କରିଛି ନିଜକୁ ତା ସାମ୍ନାରେ ଖୋଲା ପୁସ୍ତକଟିଏ ହେଇ ଯିବାକୁ । କିନ୍ତୁ ସମ୍ପୂର୍ଣ୍ଣ ସଫଳ ହେଇ ପାରି ନାହିଁ । ରକ୍ଷଣଶୀଳ ପରିବାର ଓ ପରମ୍ପରା ମୋତେ ମୁକ୍ତ କରି ପାରି ନାହିଁ । କିନ୍ତୁ ମିନୁ, ସିଏ ଏକଦମ ଖୋଲା ସ୍ୱଭାବର । ଏତେ ବଡ଼ ହେଲାଣି , ମୋ ପାଖରେ କେବେ କୌଣସି କଥା ଲୁଚାଏ ନାହିଁ । ଏବେ ବି ଘରକୁ ଛୁଟିରେ ଆସିଲେ ମୋ ରୁମ୍ ରେ

ଶୋଇବାକୁ ଜିଦ୍ କରେ । ମୁଁ ଯେମିତି ତା ବାପା ନୁହେଁ ବେଷ୍ଟଫ୍ରେଣ୍ଡ୍ ଟାଏ ।

ମିନୁ ଡାଏରୀ ଟା ନେଇ ଡ୍ରଇଂ ରୁମ ରେ ବସିଗଲା । ପୃଷ୍ଠା ପରେ ପୃଷ୍ଠା ଲେଉଟାଇ ପଢ଼ି ଚାଲିଛି । ମଝିରେ ମଝି ରେ ସଶବ୍ଦେ କବିତା ଆବୃତ୍ତି କରି ଚାଲିଛି ।

"ଉଜଣୀ ଯମୁନା କୂଳେ ଝରା କଦମ୍ବ,

ପୀନ ଉରଜ ତୁମ ଭାରି ନିତମ୍ବ "

ଧେତ୍ ତେରିକି , ମିନୁ ଟା କଣ କରୁଛି ? ଇଚ୍ଛା ହେଉଥିଲା ମିନୁ ହାତରୁ ଡାଏରୀ ଟା ଛଡେଇ ନେଇ ତା ଗାଲରେ ଚଟକାଣୀ ଟାଏ ଲଗେଇ ଦିଅନ୍ତି । ହେଲେ ମିନୁ ଟା ମୋ ଗେହ୍ଲେଇ ଝିଅ ଯେ । ମନେ ମନେ ଲଜ୍ଜିତ ହେଉଥିଲି । ମୋ ସାମ୍ନା ରେ ମୋ ଯୁବାବସ୍ଥା ର ନିଷିଦ୍ଧ ଭାବନା କୁ ପରସ୍ତ ପରସ୍ତ କରି ଯେମିତି ଉଲଗ୍ନ କରି ଚାଲିଛି, ଠିକ୍ ପିଆଜର ଚୋପା ଛଡେଇଲା ପରି । ନିଜ ଭିତରେ ସଙ୍କୁଚିତ ହେଇ ଯାଉଥିଲି । ମିନୁକୁ କବିତା ପଢିବାକୁ ମନା କରି ପାରୁ ନ ଥିଲି କି ତା ହାତରୁ ଡାଏରୀ ଟା ଛଡେଇ ଆଣି ପାରୁ ଥିଲି । ଏତିକି ରକ୍ଷା ଥିଲା , ମିନୁ ଯାହା ପଢୁଥିଲା ଠିକ୍ ରୂପେ ସବୁ ବୁଝି ପାରୁ ନ ଥିଲା । ଶୁଣି ନ ଶୁଣିଲା ପରି ପୁଣି ଆଖି ବୁଜି ଶୋଇବାକୁ ଚେଷ୍ଟା କଲି । ମିନୁ ପଢ଼ି ଚାଲିଥାଏ ।

"ଚୂର୍ଣ୍ଣ କୁନ୍ତଳ ତୁମ ଚପଳା ଛନ୍ଦା,

ତୋ କଜ୍ଜ୍ଳ ନୟନେ ପଡ଼ିଲି ବନ୍ଧା"

- ବାପା, ଏ ଚପଳା ଛନ୍ଦା କିଏ ? ମମି ନା ?

ଆଖି ଖୋଲି ସ୍ମିତ ହସି ପୁଣି ଶୋଇବାର ଅଭିନୟ କଲି । ଭାବୁଥିଲି କହିଦେବି କି ମିନୁକୁ " ନାଁ ରେ ମିନୁ, ଏ ସବୁ ମୋ କିଶୋରାବସ୍ଥାର ରଚନା । ପ୍ରତ୍ୟେକଟି କବିତାର ପ୍ରେରଣା ଅଧିକାଂଶ ମୋଠୁ ବୟସରେ ଜ୍ୟେଷ୍ଠ ଆମ ସାହି ଝିଅ ମାନେ । ସେମାନଙ୍କ ଅଗୋଚରରେ କିଛି କ୍ଷଣ ପାଇଁ ହଜି ଯାଇଥିବା ଦୁଷ୍ଟ ମନର ନିଷ୍ପାପ କଳ୍ପନା । ଇଂରାଜୀରେ Infatuation ଅଥବା ଆଜି କାଲିକା ଭାଷାରେ First Crush । ଆମ ଘର ଟା ସାହି ଝିଅ ମାନଂକ ଆଡ୍ଡା ଥିଲା । ମୋ ମା ଥିଲା ସେମାନଙ୍କ ଅଘୋଷିତ ଗୁରୁମା । ନ ହେବ ବା କାହିଁକି ? ସବୁ ନାରୀ ସୁଲଭ ସଣ୍ଡଣା ଓ କଳାର ପ୍ରବୀଣା ମୋ ମା । ସେ ରୁମାଲ ବୁଣା ହେଉ କି ମଗୁଶିର ମାସର ଝୋଟି ଚିତା, ପିଠା ପଣା । କୁଆଁର ପୁନେଇ ରଜ ଦୋଳି ଗୀତ ହେଉ କି ଝିଅ ବିଭାଘର କାନ୍ଦଣା ଗୀତ । କର୍ମୋପରାନ୍ତ ଅପରାହ୍ଣ ଥିଲା ଏ ସବୁ କଳାର କର୍ମଶାଳା । ଆମ ଘର ପରସ୍ତ ଭିତରେ ଥିବା ଅଗଣା ଥିଲା ମୋ ମା ଙ୍କ କର୍ମଶାଳା । ମୁଁ ବି କୈଶୋର ରୁ ଯୁବକ ହେଉଥିଲି । ସମବୟସୀ ସାହି ଝିଅ ମାନେ ସ୍ୱଳ୍ପ ପାଠୋଇ ହେଲେ ବି ତରୁଣ ସୁଲଭ ଆକର୍ଷଣ କାହା ପାଖରେ ରହି ଯିବାଟା ସ୍ୱାଭାବିକ । କିନ୍ତୁ ଗାଁ ର ସୀମିତ ପରିସର ମୋତେ ସେମାନଙ୍କ ଠାରୁ ଦୂରେଇ ରଖୁଥିଲା । କିନ୍ତୁ ମନ ଭିତରେ ଥିବା ନିଷିଦ୍ଧ ଭାବନା କୁ କଣ ଲଗାମ ଦେଇ ହେବ । ଏ କବିତା ସବୁ ସେଇ ନିଷିଦ୍ଧ ଭାବନାର ପରିପ୍ରକାଶ ।

ତିରିଶ ପଇଁତିରିଶ ବର୍ଷ ତଳର କଥା । ଚଳଚ୍ଚିତ୍ର ପ୍ରାୟ ଆଖି ଆଗରେ ଯେମିତି ପୁନ ସଜୀବ ହୋଇ ଉଠୁଥିଲା । ସେ ସମୟର ସ୍ମୃତି ରୋମନ୍ଥନରେ ମନେ ମନେ ରୋମାଞ୍ଚିତ ହେଉ ଥିଲି । ହଠାତ୍ ସଚେତ ହେଲି । ଆରେ, ମିନୁ ମୋ ମନର ଭାବ ପଢ଼ି ନେଉନି ତ । ଆଖି ଖୋଲି ଦେଖିଲି ଏ କଣ । ମିନୁ ଆଖିରେ ଧାର ଧାର ଲୁହ । ଉଠି ତା ପାଖକୁ ଗଲି । ତା ହାତରେ ମୋ କବିତା ଡାଏରୀ ର ଶେଷ ପୃଷ୍ଠା । ଅର୍ଦ୍ଧଶିକ୍ତ ଫର୍ଦ୍ଦରୁ ସ୍ପଷ୍ଟ ପଢ଼ି ହେଉଥିଲା ଦଶବର୍ଷ ତଳେ ଲେଖିଥିବା ମୋର ଶେଷ କବିତା । ମିନୁକୁ ସେତେବେଳେ ମାତ୍ର ବାର ବର୍ଷ । ପତ୍ନୀ ପ୍ରମିଳାଙ୍କ ଅକାଳ ବିୟୋଗ ମୋତେ ସମ୍ପୂର୍ଣ୍ଣ ଏକୁଟିଆ କରି ଦେଇଥିଲା । ଝିଅ ମିନୁ ଓ ପୁଅ ମିଟୁ ର ଦାୟିତ୍ୱ ମୋ ହାତରେ ସଂଅପି ଦେଇ ପ୍ରମିଳା ସଂସାର ରୁ ଚିରଦିନ ପାଇଁ ବିଦାୟ ନେବାବେଳେ ମୋ ପାଇଁ ଛାଡ଼ି ଦେଇଥିଲା ଅନେକ ଦ୍ୱନ୍ଦ୍ୱର ଦୁନ୍ଦୁଭି । ବନ୍ଧୁ ପରିଜନଠୁ ସହକର୍ମୀ ଯାଏ ଅଧିକାଂଶ ବାଧ କରିଥିଲେ ପୁନର୍ବିବାହ ପାଇଁ । ପ୍ରତ୍ୟେକଟି ମତାମତ ଯୁକ୍ତି ସମ୍ମତଃ ମନେ ହେଉଥିଲେବି, ମୋ ସମସ୍ତ ଦ୍ୱନ୍ଦର ଏକମାତ୍ର ସମାଧାନ ସୂତ୍ର ଥିଲା "ମୋ ଝିଅ ମିନୁ" । ପ୍ରମିଳା ଯେଉଁ ଦିନ ଆଖି ବୁଜି ଦେଇଥିଲା , ମିନୁର ଛଳ ଛଳ ଲୋତକାପ୍ଳୁତ ଆଖିରେ ଦିଶି ଯାଉଥିଲା ପ୍ରମିଳାର ବିବାହବେଳର କ୍ରନ୍ଦନରତ ସଜ୍ଜଳ ଆଖି । ସତେ ଯେମିତି ପ୍ରମିଳା ତାର '' ମୋ ପାଖରେ ଛାଡି ଯାଇଥିଲା । ଆଉ ଗୋଟେ ପ୍ରମିଳା କୋଉଠୁ ଆଣି ଦେଇ ଥାଆନ୍ତି ମିନୁ ହାତରେ । ଆଜିକାଲି ମିନୁଟା ଶାଢ଼ୀ ପିନ୍ଧିଲେ ଗୋଟାପରି ପ୍ରମିଳା ଭଳି ଲାଗେ । ସେଦିନ ତା କଲେଜ ଫଂକ୍ସନ୍ ର ଶାଢ଼ୀ ପିନ୍ଧା ଫୋଟୋ ଓ ଭିଡ଼ିଓ ଦେଖାଉଥିଲା । ମୁଁ ମୋ ଆଖିକୁ ବିଶ୍ୱାସ କରି ପାରୁ ନ ଥିଲି । ଯେମିତି ସେ ମୋ ଝିଅ ମିନୁ ନୁହେଁ, ମୋ ପତ୍ନୀ ପ୍ରମିଳା , ଠିକ୍ ମୋ ବିବାହ ବେଳର । ସେଇ ଆଖି, ସେଇ ଠାଣି। ଏତେ ଛୋଟ ବୟସରେ ମୋର ଏତେ ଯତ୍ନ ନେଉ ଥିଲା ଯେମିତି ସିଏ ମୋ ଝିଅ ନୁହେଁ, ମୁଁ ତା ପୁଅ । ଅନ୍ୟ ପକ୍ଷରେ ସେ ବାରମ୍ବାର ପତ୍ନୀ ପ୍ରମିଳାର ଉପସ୍ଥିତି ଜାହିର କରୁଥିଲା । ସେ ଯେମିତି ମୋ ପାଇଁ ଏକାଧାରରେ ମୋ ସ୍ନେହୀ ମା, ସୁନ୍ଦରୀ ପତ୍ନୀ ପ୍ରମିଳା ଓ ସର୍ବୋପରି ଗେହ୍ଲେଇ ଝିଅ ମିନୁ । ମିନୁକୁ ନିଜ ଆଡକୁ ଆଉଜେଇ ନେଇ ତା ଆଖିରୁ ଲୁହ ପୋଛିଦେଲି । ତା ହାତରୁ ଡାଏରୀଟା ଆଣି ପଢୁଥିଲି, ଦଶବର୍ଷ ତଳେ ପ୍ରମିଳା ର ବିୟୋଗ ପରେ ପ୍ରଥମ ହୋଲିରେ ଲେଖିଥିବା ସେଇ କବିତା "ମିଛ ବସନ୍ତର ବେରଙ୍ଗ ହୋଲି" ।

"........କଥା ଦେଇଥିଲ ସାଥିରେ ଖେଳିବ

କେତେ ସପନର ହୋଲି,

ବେଳ ନ ପୁରୁଣୁ, ଚାଲିଗଲ ଛାଡ଼ି ଅସରନ୍ତି ମରୁବାଲି ....."

***

**ମୁକ୍ତିକାନ୍ତ ନାୟକ**

ଦୂରଭାଷ : ୯୮୧୦୨୨୪୭୫୧



# ରୁବିୟା ଓ ପିତା ଶୁଖୁଆ ବୋହୂ

ରୁବିୟା ଆମେରିକା ଝିଅ। ସେ କିନ୍ତୁ ଓଡିଶାର ଉଚ୍ଚ ପଦସ୍ଥ ଅଫିସର ଚାକିରି କରିଥିବା ସିଦ୍ଧାର୍ଥଙ୍କୁ ବିବାହ କରି ସୁଖରେ ସଂସାର କରୁଥିଲେ। ତାଙ୍କ ଚାଲି ଚଳଣିରେ ଯେମିତି ଓଡ଼ିଆ ଘରର ବାସ୍ନା ଭରି ରହିଥିଲା। ଗୋଟିଏ ଅଫିସିରେ ଦୁହେଁ କାମ କରୁଥିବା ବେଳେ ଦୁହେଁ ଦୁହିଁଙ୍କୁ ଭଲ ପାଇ ବିବାହ କରିଥିଲେ। ତେଣୁ ଦୁହେଁ ରହୁଥିଲେ ଆମେରିକାରେ ।

ସିଦ୍ଧାର୍ଥଙ୍କ ମା" ଅନୁଦେବୀ ସ୍ୱାମୀ ମଲା ପରଠାରୁ ପୁଅ ପାଖରେ ଆମେରିକାରେ ମଧ ରହିଆସୁଛନ୍ତି। ଅନୁଦେବୀ ପ୍ରଥମେ ଆମେରିକା ନରହି ଝିଅ ପାଖରେ ଓଡିଶାରେ ରହୁଥିଲେ । ହେଲେ ପୁଅ ସିଦ୍ଧାର୍ଥ ଯେତେବେଳେ ଜିଦ୍ କଲେ,ମା" ତମେ ବାହା ହୋଇ ଯାଇଥିବା ଝିଅ ପାଖରେ ରହିଲେ ସୁନ୍ଦର ନୁହେଁ।ଏଣିକି ମୋ ପାଖରେ ରହିବ।ତେଣୁ ବାଧ ହୋଇ ପୁଅ ପାଖକୁ ଆମେରିକା ଚାଲି ଯାଇଥିଲେ ।

ଅନେକ ଦିନ ହୋଇଗଲାଣି ଅନୁ ଦେବୀଙ୍କ ଆମେରିକାରେ ରହିବା। ପୁଅ ସିଦ୍ଧାର୍ଥଙ୍କର ଦୁଇ ପିଲାଙ୍କ ସହିତ ଏବେ  ତାଙ୍କର ସମୟ ଖୁବ୍ ଭଲରେ କଟି ଯାଉଛି । ନାତି ଆଦିତ୍ୟ ଏବଂ ନାତୁଣୀ ପ୍ରିୟଙ୍କା ଖୁବ୍ ଭଲ ପାଆନ୍ତି ଅନୁ ଦେବୀଙ୍କୁ,ଏମିତିକି ଜେଜେ ମାଙ୍କ ସହିତ ଓଡିଆରେ  ମଧ କଥା ହୁଅନ୍ତି।ସେ ଦୁହେଁ ଇଂରାଜୀ ମିଡିୟମ୍ ରେ ପଢିଥିଲେ ମଧ ଅନୁ ଦେବୀ,ନିଜ ଶିକ୍ଷୟିତ୍ରୀ ଚାକିରିକୁ ମନେ ରଖିବା ପାଇଁ,ନାତି ନାତୁଣୀଙ୍କୁ ଘରେ ଓଡିଆ ପଢାଇ,ଓଡିଆରେ ପ୍ରବୀଣ କରିଥିଲେ, ଯାହା ତାଙ୍କର ଗୌରବ। ଏପରିକି ଆଦିତ୍ୟ ଓ ପ୍ରିୟଙ୍କା ଆମେରିକାରେ ରହି ମଧ ପ୍ରତିଦିନ ନେଟ୍ ମାଧମରେ ଓଡିଆ ଖବର ସବୁ ପଢୁଥିଲେ। ସେଇଭଳି ଅନୁ ଦେବୀ ଆମେରିକାରେ ରହିଲେ ମଧ,ଓଡିଆ ଘରର ସବୁ ପର୍ବପର୍ବାଣୀ ପାଳନ କରୁଥିଲେ।ତାଙ୍କର ଯାହା ଦରକାର,ଓଡିଆ କ୍ୟାଲେଣ୍ଡର୍ ଠାରୁ ସବୁ କିଛି ଓଡିଶାରେ ରହୁଥିବା ଝିଅ ସୁଲେଖା କୋରିଅର୍ କରି ପଠାଇ ଦିଏ ।

ଏଇ କିଛି ଦିନ ତଳେ ଝିଅ ପଠାଇ ଥିବା ପିତା ଶୁଖୁଆ ପୁଡିଆଟି ରଖିଥିବା ସ୍ଥାନରେ,ବୋହୂ ରୁବିୟାର କିପରି ନଜର ପଡିଗଲା। ରୁବିୟା ନାକଟେକି ଫିସ୍ ଡେଡ୍ ବଡି କହି ବାହାରକୁ ଫିଙ୍ଗି ଦେବା ବେଳକୁ, ଅନୁ ଦେବୀ ଧରି ପକାଇ କହିଲେ ,ନୋ ନୋ, ଏହା ପିତା ଶୁଖୁଆ। କାଞ୍ଜି ଅଁଳା ଓଷାରେ ପୂଜା ହେବ।

ରୁବିୟା ଓଡିଆରେ ସବୁକଥା ନବୁଝିଲେବି ପୂଜାହେବ ବୁଝିଗଲେ । ସଙ୍ଗେ ସଙ୍ଗେ ସରି କହି ଯଥା ସ୍ଥାନରେ ପିତା ସୁଖୁଆ ପୁଡିଆଟି ରଖିଦେଲେ। ଅନୁ ଦେବୀ ଆମେରିକାରେ ଯାହାବି ଓଡିଆ ଘରର ପୂଜା କରନ୍ତି ବୋହୂ ରୁବିୟା ଖୁସି ହୁଅନ୍ତି ଏବଂ କୁହନ୍ତି, ଭେରି ଗୁଡ୍ ୱାର୍କ । ଥାଙ୍କସ୍  ମମ୍  ।

ରୁବିୟାକୁ ଓଡିଶାର ପରମ୍ପରା ଓ ଓଡିଆ ଖାଦ୍ୟ ବହୁତ ପସନ୍ଦ।ଏମିତି କି ଅନୁ ଦେବୀ ସକାଳେ ଜଗନ୍ନାଥଙ୍କୁ ପୂଜା କଲାବେଳେ ରୁବିୟା  କିଛି ସମୟ ବସି ପୂଜା ଦେଖନ୍ତି ଏବଂ ଜଗନ୍ନାଥଙ୍କୁ ପ୍ରଗାଢ ବିଶ୍ୱାସ କରି କୁହନ୍ତି,ଆଇ ଲଭ୍ ଗଡ୍ ଜଗନ୍ନାଥ। ଜଗନ୍ନାଥ ଇଜ୍ ପିୟର୍ ଆଣ୍ଡ ପାୱାର୍ ଫୁଲ୍।

ସେଦିନ ଯେତେବେଳେ ଅନୁ ଦେବୀ ସାତଟି ପିତା ଶୁଖୁଆକୁ ବୋହୂ ବେଶରେ ଲୁଗା ପିନ୍ଧାଇ,ହଳଦି ସିନ୍ଦୂର ଲଗାଇ,ତାଙ୍କ ମୁଣ୍ଡରେ ଓଢଣା ଦେଇ ପୂଜା କରୁଥିଲେ ସେଇ ସମୟରେ ବୋହୂ ରୁବିୟା ଭାବବିହ୍ୱଳ ହୋଇ କାନ୍ଦୁଥିଲେ।କାନ୍ଦିବାର କାରଣ କଣ ଅନୁ ଦେବୀ କିଛି ବୁଝି ପାରିଲେ ନାହିଁ । ପୁଅ ଝିଅ ଓ ସ୍ୱାମୀ ସିଦ୍ଧାର୍ଥ ପୂରା ବ୍ୟସ୍ତ ହୋଇଗଲେ ।

ରୁବିୟା ସେଇ ଭାବବିହ୍ୱଳ ଭିତରେ ସିଦ୍ଧାର୍ଥଙ୍କୁ ଅନୁରୋଧ କଲେ ,ଏଇ ପୂଜା ବିଷୟରେ ମୋତେ କୁହ। ନ ଜାଣିବା ପର୍ଯ୍ୟନ୍ତ ମୋର ଧୈର୍ଯ୍ୟ ରହିବ ନାହିଁ।

ପୂଜା ସରିଲା ପରେ ସମସ୍ତେ ଏକାଠି ବସିଲେ ,ସିଦ୍ଧାର୍ଥ କାଞ୍ଜି ଅଁଳା ପୂଜା ବିଷୟରେ ସ୍ତ୍ରୀ ରୁବିୟାକୁ ଅତି ସୁନ୍ଦର ଭାବରେ କହିବା ଆରମ୍ଭ କଲେ। ମାର୍ଗଶିର ମାସ,କୃଷ୍ଣ ପକ୍ଷ ନବମୀ ତିଥିରେ ବିବାହିତ ନାରୀମାନେ ଷଠୀ ଦେବୀଙ୍କୁ ପୂଜା କରିଥାନ୍ତି । ଯାହା କାଞ୍ଜିଅଁଳା ପୂଜା ନାମରେ ବିଦିତ। ଏଇ ଓଷାରେ ଏକ ପୋଖରୀ ଖୋଳି, ସେଠାରେ ବାଲୁଙ୍ଗାଧାନ, ସାରୁ, କୋଇଲିଖିଆ ( କୋଇଲେଖା ) ଦାସ କେରେଣ୍ଡା ଆଦି ଗଛ ପୂଜା ପାଇଁ ରଖାଯାଏ। ତା ପାଖରେ ସାତଟି ପିତା ଶୁଖୁଆଙ୍କୁ ହଳଦି ପାଣିରେ ଗାଧୋଇ, ସିନ୍ଦୂର ଓ କଜଳ ଲଗାଇ , ବୋହୂ ପରି ହଳଦି କିମ୍ବା ଲାଲ୍ ରଙ୍ଗର ଲୁଗା ପିନ୍ଧାଇ ପିଢା କିମ୍ବା ଆସନ ଉପରେ ବସାଯାଏ।ଭାତ ଓ କାଞ୍ଜି ସହିତ,ପୋଇ ପିତାଶୁଖୁଆ,ମୂଳା ଓ କଖାରୁ ଆଦି ପଡି ଛଅ ପ୍ରକାର ତରକାରୀ, ଛଅ ପ୍ରକାର ପିଠା ଆଦି ବାଢି  ଭୋଗ ଭାବରେ ପୂଜା କରାଯାଏ।ଯାହାକୁ ପୂଜାପରେ ପିଲାମାନେ ଖାଇଥାନ୍ତି। ଏଥିରେ ଭୋଗ ହେଉଥିବା କାଞ୍ଜିରେ ଅଁଳା ପଡୁଥିବାରୁ ଏବଂ ଏହି ପୂଜା କୃଷ୍ଣ ନବମୀ ତିଥିରେ ପଡୁଥିବାରୁ ଏହି ପୂଜାର ନାମ କାଞ୍ଜି ଅଁଳା ନବମୀ ବା କାଞ୍ଜିଅଁଳା ଓଷା ନାମରେ ବିଦିତ।

ଏଇ ଓଷା ଉପରେ ଆଉ ଏକ ସୁନ୍ଦର କଥା ଅଛି। ସାଧବ ଘର ସାନ ବୋହୂ ରୋଷେଇ କରିବାକୁ ଯାଇ ଦେଖିଲା,ଘରେ ପରିବା ନାହିଁ। ତେଣୁ ପଡିଶା ଘର ଦୋ ସମାଳିରୁ କଖାରୁଟିଏ ଚୋରେଇ ଆଣି ରାନ୍ଧିଲା।

ଏ କଥା ଜାଣିବା ପରେ ପଡିଶା ଘରର ସ୍ତ୍ରୀ ଲୋକଟି କହିଲା, ମୋ କଖାରୁ ଯିଏ ଚୋରି କଲା ତା ପିଲାମାନେ ମରନ୍ତୁ ବୋଲି ଅଭିଶାପ ଦେଲା। ଏହା ଫଳରେ ସାଧବଘର ସାନ ବୋହୂ ସାତଥର ଗର୍ଭ ହୋଇବି, ସାତପୁଅ ଜନ୍ମପରେ ସବୁ ଛୁଆଙ୍କୁ ଷଠୀ ନେଇଗଲେ। ଶେଷରେ ଅଷ୍ଟମ ଗର୍ଭରେ ଝିଅଟିଏ ରହିଲା। ହେଲେ ଏଥରକ ସାଧବ ଘର ସାନ ବୋହୂର ଦୁଃଖ ଷଠୀମା ସହି ନପାରି,ଏକ ବୁଢୀ ବେଶରେ ଆସି ସାନ ବୋହୂ ପାଖରେ ପହଞ୍ଚି ଗଲେ। ସେ ପଡିଶା ଘରର କଖାରୁ ଚୋରି କରିଛି ଅନୁତାପ କରୁଛି ବୋଲି ଷଠୀ ମା" ଜାଣିବା ପରେ, ସାନ ବୋହୂକୁ ବିଧିବଧ ଭାବରେ କାଞ୍ଜି ଅଁଳା ପୂଜା କରିବାକୁ କହିଲେ। ସାଧବଘର ସାନ ବୋହୂ ମଧ ବୁଢୀ ରୂପରେ ଆସିଥିବା ଷଠୀ ମା"ଙ୍କ କଥା ମାନି କାଞ୍ଜିଅଁଳା ପୂଜାକଲା ଏବଂ ଷଠୀ ମାଙ୍କ ଦୟାରୁ ତା ସାତପୁଅ ଓ ଗୋଟିଏ ଝିଅକୁ ଫେରି ପାଇଲା। ସ୍ୱାମୀ ସିଦ୍ଧାର୍ଥଙ୍କ ମୁହଁରୁ ଏଭଳି କଥା ଶୁଣି ସ୍ତ୍ରୀ ରୁବିୟା ଖୁବ୍ ଆନନ୍ଦ ଅନୁଭବ କଲେ।

ଏ କଥା କହିବା ପରେ ମଧ ସିଦ୍ଧାର୍ଥ, ରୁବିୟା ଓ ପିଲା ଦୁଇ ଜଣଙ୍କୁ କହିଲେ ଯେ, କାଞ୍ଜି ଓ ଅଁଳା ଶୀତ ଦିନେ ସ୍ୱାସ୍ଥ୍ୟ ପାଇଁ ବହୁତ ହିତ। କାଞ୍ଜି ଲଘୁପାକ ଓ ଅରୁଚି ନିବାରକ।ପୁଣି ଏହା ମଧରେ ଖାଦ୍ୟ ସାର ( ଖ ) ଲୌହ ଓ କ୍ୟାଲସିୟମ୍ ଆଦି ଭରପୁର ଥାଏ । ତେଣୁ ଶୀତ ଦିନରେ ଓଠ ଫାଟିବାରୁ ଏହା ରକ୍ଷା କରିଥାଏ । ଶୀତ ଦିନିଆ ବାୟୁ ଓ କଫ ବିକାର ମଧ ଏହାଦ୍ୱାରା ନାଶ ହୋଇଥାଏ।ପର୍ବପର୍ବାଣୀ ଭିତରେ ଆମ ସ୍ୱାସ୍ଥ୍ୟ ସମ୍ପଦର କଥା ମଧ

ରହିଛି।ଏହାଛଡା ପୋଇ,ପିତା ଶୁଖୁଆ, ମୂଳା ଓ କଖାରୁ ଆଦିର ତରକାରୀ ମଧ ଶୀତ ଦିନରେ ଆମ ଶରୀରର ପାଇଁ ଅତି ଉପଯୋଗୀ ଅଟେ । ଏଣୁ କାଞ୍ଜି ଅଁଳା ଓଷା କଥା ଆମକୁ କେବଳ ନୀତିଶିକ୍ଷା ଦିଏ ନାହିଁ, ବରଂ ଆମକୁ ଏଥିରୁ ସ୍ୱାସ୍ଥ୍ୟ ରକ୍ଷା ପାଇଁ ବହୁତ ମୂଲ୍ୟବାନ ବାର୍ତ୍ତା ମଧ ଦେଇଥାଏ ।

ସବୁ କଥା ଶୁଣିବା ପରେ ରୁବିୟା, ସ୍ୱାମୀ ସିଦ୍ଧାର୍ଥଙ୍କୁ କହିଲେ,ଚାଲ ଆମେ ଚାକିରି ଛାଡିଦେଇ ଓଡିଶା ଫେରିଯିବା। ସେଠାରେ ସବୁ ପ୍ରକାର ସଂସ୍କାର ଓ ସଂସ୍କୃତି ଭିତରେ ପରିବାର ନେଇ ଚଳିବା,ଏତେ ସୁନ୍ଦର ରାଜ୍ୟକୁ ଛାଡି,ଆମେ କାହିଁକି ଆମେରିକାରେ ରହିବା । ଏହାପରେ ଅନୁ ଦେବୀ ଏବଂ ସିଦ୍ଧାର୍ଥ ଆଶ୍ଚର୍ଯ୍ୟ ହୋଇ ରୁବିୟାକୁ ଚାହିଁଥିଲେ ଏବଂ ଭାବୁଥିଲେ ଆମେରିକାର ଝିଅ ରୁବିୟା ସତ, ହେଲେ ଓଡ଼ିଶା ପାଇଁ ତାର ସମ୍ମାନ ଢେର୍ ଅଧିକ।

******

**ମନୋରମା ମିଶ୍ର**
୪୩୦/୨୧୮୧, ଶକ୍ତି ନଗର୍,
ଶିଶୁପାଳଗଡ଼ ଗଡ଼।
ପୁରୁଣା ଭୁବନେଶ୍ୱର, ଖୋର୍ଦ୍ଧା।
ଦୂରଭାଷ : ୯୮୭୧୭୭୭୪୪୯୭

## Oriya Cultural & Welfare Association (Regd.)

### Sponsorship List - Ganesh Puja 2025

| Sl. No. | Names | Sl. No. | Names |
|---|---|---|---|
| 1. | Mr. Surajeet Pattnaik | 16. | Mr. Madhusudhan Pothal |
| 2. | Mr. Pradeep Rout | 17. | Ms. Leena |
| 3. | Mr. Ajit Kumar Barek | 18. | Bhuyan Family |
| 4. | Ms. Mr. Shruti Samal | 19. | Mr. Suresh Chandra Behera |
| 5. | Mr. Dinesh Goel | 20. | Mr. Roul Family |
| 6. | Ms. Lata Tiwari | 21. | Mr. Badri Singh Rawat |
| 7. | Dr. Sananta Sahoo | 22. | Mr. Ramnath Sahoo |
| 8. | Mr. Bimal Prasad Samal | 23. | Mr. Tapan Thatoi |
| 9. | Mr. Dhiren Biswal | 24. | Mr. Jeetendra Sahu |
| 10. | Mr. Biren Biswal | 25. | Mr. Aswaniee Samantray |
| 11. | Mr. Nabaghana Dalei | 26. | Mrs. Seema Rath |
| 12. | Mr. Pradeep Kumar Sahoo | 27. | Mr. Ajay Mohanty |
| 13. | Mr. Ashok Kumar | 28. | J-Block Residents |
| 14. | Mr. Aswaniee Samantray | 29. | Dr. Shubham Sahoo |
| 15. | Mr. Jayakrushna Swain | | |



# ପ୍ରକୃତିର ଖେଳ

ପ୍ରକୃତି ରାଣୀର ଲୀଳା ଅପାର । ଏ ପ୍ରକୃତି କ୍ରୋଡ଼ରେ ସ୍ଥାନ ନେଇଛନ୍ତି ଛଅଟି ଋତୁ ପୁତ୍ର ପୁତ୍ରୀ  ସହିତ ବାରଟି ପୌତ୍ର ପୌତ୍ରୀ । ସେମାନେ ଘଡି ଦେଖି ନିଜ ନିଜର କାର୍ଯ୍ୟକଳାପ ସୁଚାରୁ ରୂପେ ପ୍ରକୃତିର ନିୟମାନୁଯାୟୀ କରି ଚାଲି ଥାଆନ୍ତି । ସୂର୍ଯ୍ୟଙ୍କର ଆଗମନରେ ଆଲୋକିତ ପ୍ରକୃତି ଯେପରି ଏ ଅନ୍ଧକାରଛନ୍ନ ପ୍ରକୃତି ରୂପିଣୀ ମା'ର ଗୃହ ମଧ୍ୟରେ ଆଲୋକ ଟିଏ ଜଳାଇ ଦେବାକୁ ଭୁଲେନି, ଠିକ୍ ସେହିପରି ଅସ୍ତଗାମୀ ସୂର୍ଯ୍ୟ ମଧ୍ୟ ପ୍ରକୃତି ରୂପିଣୀ ଗୃହର ସଦସ୍ୟ, ସଦସ୍ୟା ମାନଙ୍କର କାର୍ଯ୍ୟକଳାପ ସମାପନ ପରେ ଆଲୋକଟିକୁ ଲିଭାଇ ଦେଇ ଅନ୍ଧକାରଛନ୍ନ ଶୟନ କକ୍ଷରେ ବେଡ୍ ଲ୍ୟାମ୍ପ୍, କେବେ କେବେ ଡିମ୍ ଲାଇଟ୍ ତ କେବେ କେବେ ସମ୍ପୂର୍ଣ୍ଣ ଅନ୍ଧକାର କକ୍ଷରେ ଶୟନ କରିବାକୁ ଚନ୍ଦ୍ରଙ୍କ ଠାରୁ ସହାୟତା ମାଗି ଥାଆନ୍ତି ।

ସେହିପରି ପ୍ରକୃତି ମା' ନିଜର କ୍ରୋଡ଼ରେ ସ୍ଥାନ ଦେଇଥାଏ ଦୈତ୍ୟରାଜ ପରି ଖୁବ ଉଚ୍ଚ ପାହାଡ, ପର୍ବତ ସହିତ ଅଥଳ ଗଭୀର ନଦୀ ଓ ସମୁଦ୍ର ମଧ୍ୟ । ଏମାନେ ପ୍ରକୃତି ମା'ର ଆଦେଶାନୁଯାୟୀ ଠିକ୍ ସମୟରେ ପୂର୍ଣ୍ଣମୀ, ଅମାବାସ୍ୟା ତଥା ଜୁଆର ଓ ଭଟ୍ଟା ଆଣି ଦେଇଥାଏ । ଧରିତ୍ରୀ ମାତାର ସମସ୍ତ ସନ୍ତାନ ସନ୍ତତି ଭାବି ନିଜର କାର୍ଯ୍ୟକୁ ସୁଚାରୁ ରୂପେ ଚଳାଇବାକୁ ଭୁଲି ନ ଥାଆନ୍ତି ଯେପରି ?

ସୂର୍ଯ୍ୟ ଦେବଙ୍କ ଉପରେ କିଛି ସମୟ ପାଇଁ ଜ୍ୟେଷ୍ଠ ପୁତ୍ର "ଗ୍ରୀଷ୍ମ" କ୍ରୋଧାନ୍ୱିତ ହୋଇ ଅଗ୍ନି ତାପରେ ଧରିତ୍ରୀ ମା'କୁ ଜଳାଇବା ସଂଗେ ସଂଗେ ସମସ୍ତ ବୃକ୍ଷ ଲତା .. ଇତ୍ୟାଦିଙ୍କୁ ଜାଳିପୋଡ଼ି ଛାରଖାର କରିଦିଏ । ତତ ସଂଗେ ସଂଗେ ମଧ୍ୟ ନଦୀ, ସମୁଦ୍ର .. ଇତ୍ୟାଦିର ଜଳକୁ କ୍ରୋଧରେ ପିଇ ଯାଇଥାଏ ।

ସେହିପରି ପ୍ରକୃତି ରାଣୀର ଜ୍ୟେଷ୍ଠା କନ୍ୟା ଯେତେବେଳେ ବଡ ଭାଇର କ୍ରୋଧରେ ଜର୍ଜରିତ ହୋଇ ଉଠେ ସେ ଦାନ୍ତ କଡ଼ମଡ଼ କରି ଘଡଘଡ଼ିକୁ ନିମନ୍ତ୍ରଣ କରେ ସମୟ ସମୟ ରେ ଅସ୍ତବ୍ୟସ୍ତ ହୋଇ କାନରେ ଏବଂ ଗଳାରେ ପିନ୍ଧିଥିବା ଅଳଙ୍କାରକୁ ଜୋରରେ ହଲାଇ ବିଜୁଳି ରାଣୀକୁ ଆଲୋକ ରୂପରେ ସ୍ୱାଗତ କରେ । ସମୟ କ୍ରମେ କ୍ରୋଧ ଜର୍ଜରିତ ହୋଇ ହାତ, ଗୋଡ ପିଟି ପିଟି ନିଜର କେଶ ଗୁଡିକୁ ଆଲୋରା କରି ପବନ ବା ବାତ୍ୟା ଅନ୍ଧକାର ରୂପେ ପ୍ରତୀୟମାନ ହୁଏ ।  ଯେତେବେଳେ ଗୃହର ଅନ୍ୟ ସଦସ୍ୟ ମାନଙ୍କ ସହିତ ନିଜର ପ୍ରକୃତି ରୂପିଣୀ ମା'କୁ ଦେଖେ ତ' ଗଳାରେ ଲୋଟି  ପଡି ମା'ର ବକ୍ଷ ଓ ପଣତରେ ଢାଳିଦିଏ ଅବାରିତ ଅଶ୍ରୁଧାରା । ସେ ଝିଅଟିର ନାମ ଦେଇଥାଏ 'ବର୍ଷା' ।

କନିଷ୍ଠ ପୁଅ 'ଶୀତଟି' ଖୁବ ଶାନ୍ତ ପ୍ରକୃତିର । ଥଣ୍ଡାର ମଲମ ଲଗାଇ ଦେଇ ସମସ୍ତ ସଂସାରକୁ ଥଣ୍ଡା ଅନୁଭବ କରିବାକୁ ଦିଏ ତ କେବେ କେମିତି ମୁହଁରୁ ଦୁଗ୍ଧ ପରି ଧଳା ଫେଣ ରୂପୀ ବରଫ ପାତ କରି ଅସୁରରୂପୀ ପର୍ବତକୁ ଧଳା ମଖମଲ ବସ୍ତ୍ର ପରିଧାନ କରାଇ ଶାନ୍ତ କରିଦିଏ । ପ୍ରକୃତି ରାଣୀ ତା'କୁ ଯେତେ ବିରକ୍ତ କରି ରଗାଇବା ପାଇଁ ଚେଷ୍ଟା କଲେ ସେ ଅଳ୍ପ ସମୟ ପାଇଁ କ୍ରୋଧାନ୍ୱିତ ହୋଇ ସୂର୍ଯ୍ୟକିରଣ କୁ ଆଚ୍ଛନ୍ନ  କରିଥାଏ । ମାତ୍ର ସେ କ୍ରୋଧ ଅସ୍ତବ୍ୟସ୍ତ କରିବା ପରିବର୍ତ୍ତେ ଅଳ୍ପ ମାତ୍ରାରେ ଉଷ୍ମତା  ପ୍ରଦାନ କରି ପ୍ରକୃତି ମା' ଠାରୁ ହସଖୁସିରେ ବିଦାୟ ନିଏ ।

ଆଉ ମଧ୍ୟ କନିଷ୍ଠା କନ୍ୟା 'ବାସନ୍ତୀ' ବଡଭାଇ ଶୀତକୁ ଖୁବ୍ ଭଲପାଏ । ତେଣୁ ଯେତେବେଳେ ବଡଭାଇ ଶୀତ କିଛି ଦିନ ପାଇଁ ମାତୃ କୋଡରେ ବିଶ୍ରାମ କରି ଶାନ୍ତି ଅନୁଭବ କରେ, ସେ ସମୟରେ ବାସନ୍ତୀ ଧାରା ପୃଷ୍ଠକୁ ହଳଦୀ, ଲାଲ ରଙ୍ଗର ରିବନ ମୁଣ୍ଡରେ ବାନ୍ଧି ଗାଢ଼ ସବୁଜ ରଙ୍ଗର ପୋଷାକ ପିନ୍ଧି ହସଖୁସି ନାଚକୁଦ କରି ପ୍ରକୃତି ରାଣୀ ପାଇଥିବା ବଡ ପୁତ୍ରର କ୍ରୋଧାଗ୍ନି, ବଡ ଝିଅର ଅବଧ କ୍ରନ୍ଦନ ସହ ଅଶ୍ରୁ ପାତକୁ ଲାଘବ କରେ । ତତ ସଂଗେ ମା' କୁ ଖୁବ ହସ ଭରା କରି ମନ ଖୋଲା ହସ ହସାଇବା ସାଙ୍ଗରେ ପ୍ରକୃତି ରାଣୀର ସଦସ୍ୟ ସଦସ୍ୟା ମାନଙ୍କୁ ଖୁବ୍ ମନ ମୁଗ୍ଧ କରାଏ । ବସନ୍ତ ଟି ଏମିତିରେ ଦେଖିବା ପାଇଁ ଖୁବ ସୁନ୍ଦର । ତା'ର ଖିଲି  ଖିଲା ହସ ସହିତ ପବନ ରୂପୀ ବାଦ୍ୟ ଏବଂ ବିହଙ୍ଗ ମାନଙ୍କର ସଂଗୀତ ବାଦନରେ ଓ କୋଇଲିର କୁ କୁ ଗୀତ ରେ ତାଳ ଦେଇ ସେ ନୃତ୍ୟ ସଂଗୀତରେ ମଜ୍ଜି ରହି ଖୁବ୍ ଆନନ୍ଦ ଲାଭ କରିବା ସଂଗେ ସଂଗେ ସମସ୍ତଙ୍କର ମନରେ ଭରି ଦେଇଥାଏ ସ୍ୱର୍ଗୀୟ ଆନନ୍ଦ ।

ଏମିତି ରୂପରେ ପ୍ରକୃତି ମା' ସମସ୍ତଙ୍କର ଖେଳ କୁଦ, ହସ, ନୃତ୍ୟ ଦେଖି ଦେଖି ପଥର ହୋଇ ଯାଇଥିଲେ ମଧ୍ୟ କେବେ କେବେ ବିରକ୍ତି ଭାବ ପ୍ରକାଶ କରି କ୍ରୋଧାନ୍ୱିତ ହୋଇ ଚିତ୍କାର କରି ଯେତେବେଳେ ତା'ର ମୁହଁ ଖୋଲି ଦିଏ, ସେ ଗୃହ ମଧ୍ୟରେ ରହିବ ଅସମ୍ଭବ ହୋଇ ଉଠେ । ତାହା ଖୁବ କ୍ଷତିକାରକ 'ଭୂକମ୍ପ, ବା 'ଭୂମିକମ୍ପ' ରୂପରେ ଦେଖାଦିଏ  । ଏ 'ଭୂକମ୍ପ' ତା'ର ସ୍ଥାନ, କାଳ, ପାତ୍ର କିଛି ସମୟ ପାଇଁ ଭୁଲି କ୍ରୋଧ ଜର୍ଜରିତ ହୋଇ ଏଠାରୁ ସେଠାକୁ ଦୌଡେ । ଏହି କ୍ରୋଧାଗ୍ନି ଯେତେବେଳେ ପ୍ରକୃତି ମା'ର ଚକ୍ଷୁ ଯୁଗଳରୁ ବାହାରି ଆସେ, ଆମେ କହୁ 'ଲାର୍ଭା' ।  ଯେତେବେଳେ ଏ ନିଜର କ୍ରୋଧାନ୍ୱିତ ସ୍ଥିତି ସମୁଦ୍ର ବା ସାଗର ଅର୍ଥାତ ନିଜର ପତି ଦେବଙ୍କ ଉପରେ ପ୍ରଖ୍ୟାପନ କରେ ଏବଂ ଦୁଇ ଜଣଙ୍କ ମଧ୍ୟରେ ଅଜସ୍ର ଯୁକ୍ତି ଲାଗି ରହେ, ତ'କୁ କୁହାଯାଏ 'ସୁନାମୀ' । ପତି ଦେବ ମଧ୍ୟ ପତ୍ନୀର କଥାରେ ବ୍ୟତିବ୍ୟସ୍ତ ହୋଇ ଶିବଙ୍କ ପରି ଗଙ୍ଗା ରୂପୀ ପ୍ରକୃତି କୁ ମସ୍ତକରେ ବହନ କରି ତାଣ୍ଡବ ନୃତ୍ୟ ଆରମ୍ଭ କରି ଦିଅନ୍ତି । ସେ ନୃତ୍ୟର ବିଭୀଷିକା ଏତେ ଭୟଙ୍କର ଓ ଦୟନୀୟ ହୋଇ ଉଠେ ଯେ ପ୍ରକୃତି ରାଣୀ କେତୋଟି ସ୍ଥାନରେ ଗଗନ ଭେଦି ସାଗରର ଲହଡି 'ପବନ ଦେବ' ଙ୍କୁ ମଧ୍ୟ ତାଙ୍କ ନୃତ୍ୟରେ ଯୋଗଦାନ କରିବାକୁ ଅଭିନନ୍ଦନ ଜଣାଇ ଦିଅନ୍ତି ।

କିଛି ସମୟ ପାଇଁ ସମସ୍ତେ କ୍ରୀଡାରତ ଥିବା ସମୟରେ 'ଭଗବାନ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର' ଆଦି ଅନ୍ୟାନ୍ୟ ଦେବା ଦେବୀ ମାନେ ପ୍ରକୃତି ମା'ର ପରିବାର ବର୍ଗଙ୍କ ଅନୁରୋଧ ରକ୍ଷା କରି କିଛି ସମୟ ପାଇଁ ପଦାର୍ପଣ କରି ସାଗରକୁ ପ୍ରକୃତି ରାଣୀର ଭୂକମ୍ପ  ଏବଂ ପବନ ଦେବଙ୍କୁ  ଉତ୍ପାତରୁ ବଞ୍ଚିତ କରିବାକୁ ଚେଷ୍ଟା କରିବାରେ ଲାଗିବା ସଂଗେ ସଂଗେ ଶତ ଅନୁରୋଧ କରି ଥାଆନ୍ତି ।

ମାତ୍ର ସେହି ଅଳ୍ପ ସମୟର ତାଣ୍ଡବ ଲୀଳାରେ ପ୍ରକୃତି ରାଣୀର ଅପୂର୍ବ ସୌନ୍ଦର୍ଯ୍ୟ କିୟଦାଂଶ ଏତେ ନିଷ୍ଠୁର ଭାବରେ ଧ୍ୱଂସ ବିଧ୍ୱସ୍ତ ହୋଇଯାଏ, ତା'ର କଳ୍ପନା କରିବା ଅସମ୍ଭବ ।

ସତରେ ଏ ପ୍ରକୃତି ମା'ର ସଂସାରର ଲୀଳାର ଅନ୍ତ ନାହିଁ । କେତେବେଳେ ସେ ସର୍ବଂସହା ଧରିତ୍ରୀ ତ କେତେବେଳେ ଜଗଜ୍ଜନନୀ  ଆଦ୍ୟାଶକ୍ତି, କରୁଣାମୟୀ ମା' !  କେତେବେଳେ ହୋଇ ଉଠେ ନୃମୁଣ୍ଡମାଳିନୀ, ମହିଷାସୁର ମର୍ଦ୍ଦିନୀ ମା' ଦୁର୍ଗେ ! ସତରେ ମା' ତୋର ଲୀଳା ବିଚିତ୍ର । ସିଂହ ବାହିନୀ ମା ! ଏ ସଂସାରକୁ ସମସ୍ତ ପ୍ରକାର କଷ୍ଟ ଯନ୍ତ୍ରଣାରୁ ଉଦ୍ଧାର କର ! ତୁ ହିଁ ଏ ସଂସାର ର ସୃଷ୍ଟିକର୍ତ୍ତ୍ରୀ । ତୁ ହିଁ ସର୍ବ ଶକ୍ତି ପ୍ରଦାୟିନୀ ଓ ସମସ୍ତଙ୍କର ଦୁଃଖ, କଷ୍ଟ ବିନାଶିନୀ ମା ! ତୁ ହିଁ ପ୍ରମାଣ କରି ଦେଇଥାଉ - "ସମୟ ବଡ ବଳବାନ"

***

**ପୁଷ୍ପିତା ଜେନା**
୪୨୧, ସାଉଥ୍ ଦିଲ୍ଲୀ ଆପାର୍ଟମେଣ୍ଟ୍
ପ୍ଲଟ୍ ନ. ୮, ସେକ୍ଟର୍-୪, ଦ୍ୱାରକା, ନୂଆ ଦିଲ୍ଲୀ -୧୧୦୦୭୮
ଦୂରଭାଷ : ୯୮୧୦୦ ୫୫୪୭୬



# ଅନ୍ଧାରୀ ମୁଲକ

ଅଧୋବଦନରେ ଠିଆ ହୋଇଥିଲେ ଧରିତ୍ରୀ, ସତେ ଯେପରି ସେ ଗର୍ହିତ ଅପରାଧଟିଏ କରିପକାଇଛି । ଆଉ ଭାଷଣ ଦେବା ପରି  ଅନର୍ଗଳ ଭାବେ କହି ଚାଲିଥିଲେ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ଥିବା  ଗୋଟିଏ ସମ୍ଭ୍ରାନ୍ତ ପତ୍ରିକାର ବରିଷ୍ଠ ସମ୍ପାଦକ- କ'ଣ ଭାବିଛନ୍ତି ; ମନଇଚ୍ଛା ଯାହାତାହା ଗାରେଇ ଦେଲେ ତାହା ଗଳ୍ପ ହୋଇଯିବ ?  ବୁଝିଲେ, ଦି ଚାରିଟା ଗଳ୍ପ ଲେଖି ଯେଉଁ ସାମାନ୍ୟ ପ୍ରଶଂସା ଆଉ ପାଠକୀୟ ସ୍ୱୀକୃତି ସାଉଁଟି ପକାଇଲେ, ସେତିକିରେ ତ ଗର୍ବରେ ଆପଣଙ୍କ ନାକ ତାଳୁକୁ ଉଠିଗଲା ଆଉ ଗପ ନା ଗୀତ, କିଛି ବି ହେବନାହିଁ । ସେ ଯାହାହେଉ ଏପରି ବାଜେ ଲେଖା ଆମ ପ୍ରଗତିବାଦୀ ତ୍ରୟମାସିକ ପତ୍ରିକାରେ ପ୍ରକାଶ୍ୟ ଯୋଗ୍ୟ ନୁହେଁ।

ବଡଲୋକଙ୍କୁ ଉତ୍ତର ନାହିଁ ନ୍ୟାୟରେ ଏପର୍ଯ୍ୟନ୍ତ ନୀରବଥିଲେ ଧରିତ୍ରୀ । କିନ୍ତୁ ସମ୍ପାଦକ ପ୍ରସ୍ଥାନ କରିବାପରେ ପାଣ୍ଡୁଲିପିରେ ଦୃଷ୍ଟି ବୁଲାଇଆଣି ସେ ବିସ୍ମୟାଭିଭୂତ ହୋଇ ରହିଗଲେ । ପ୍ରାୟ ପ୍ରତ୍ୟେକ ପୃଷ୍ଠାର ଅନେକ ଧାଡି ତଳେ ନାଲି ଡଟକଲମରେ ଦିଆଯାଇଥିବା ଲମ୍ବା ଲମ୍ବା ନାଲି ଗାର ଦେଖି ତାଙ୍କର ମନେ ହେଉଥିଲା, କ୍ରୋଧ ବଶତଃ ସମ୍ପାଦକ ମହାଶୟ ତାଙ୍କ ମାନସ ସନ୍ତାନ ବକ୍ଷରେ ନୁହଁ ବରଂ ତାଙ୍କ ବକ୍ଷକୁ ତୀକ୍ଷ୍ଣ ଛୁରିରେ କାଟି ରକ୍ତାକ୍ତ କରି ଦେଇଛନ୍ତି।

ତେବେ ସମ୍ପାଦକଙ୍କ ସମାଲୋଚନାର ଶରବ୍ୟ ହୋଇ ଧରିତ୍ରୀ ଅନ୍ତର୍ବେଦନାରେ ମ୍ରିୟମାଣ ହୋଇ ପଡୁଥିବା ବେଳେ କାକତାଳୀୟ ଭାବରେ ତାଙ୍କ ଘରେ ପହଂଚିଗଲେ ଜନୈକ ଯୁବ ସାହିତ୍ୟିକ ଧର୍ମେନ୍ଦ୍ର - ଧରିତ୍ରୀଙ୍କୁ ଦେଖିବା ମାତ୍ରେ ସେ ହର୍ଷୋତ୍‌ଫୁଲ୍ଲ ହୋଇ କାହିଲେ ଆପଣଙ୍କ ଲେଖା ଗଳ୍ପଗୁଡିକ ଏତେ ଚମତ୍କାର ହୋଇଛି ଯେ, ସତେ ଯେପରି ଆପଣ ଜଣେ ନୂତନ ଲେଖିକା ନୁହଁନ୍ତି ବରଂ ପୋଖତ ଲେଖିକା । ସେଇଥି ପାଇଁ ମୁଁ ପରା ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବାକୁ ଆସିଛି।

ଧର୍ମେନ୍ଦ୍ରର ପ୍ରଶଂସାରେ ଉଲ୍ଲସିତ ହେବା ପରିବର୍ତ୍ତେ ଧରିତ୍ରୀ ତା' ହାତକୁ ସମ୍ପାଦକ ମହାଶୟ ପ୍ରତ୍ୟାଖ୍ୟାନ କରି ଦେଇଥିବା ଗଳ୍ପର ପାଣ୍ଡୁଲିପିଟି ବଢାଇଦେଇ ବିଷାଦ ଭରା କଣ୍ଠରେ ଉତ୍ତର ଦେଲେ –କାହିଁକି ବୃଥାଟାରେ ଏପରି ପ୍ରଶଂସା କରୁଛ ? ଏଇ ଦେଖ ମୋ ଗଳ୍ପର ଭାଗ୍ୟ ଆଉ ମୋ ପରି ଜଣେ ନୂତନ ଲେଖିକାର ଭବିଷ୍ୟତ । ମୋର ଲେଖିବାର  ସ୍ପୃହା ତ ଏଇ ପ୍ରାରମ୍ଭରୁ ହିଁ ମରି ଗଲାଣି ଆଉ କଣ ମୁଁ ଲେଖି ପାରିବି ?

ଧେତ୍  ତେରିକା, ଆପଣ ପରା ଜୀବନର ଉତ୍ତରାର୍ଦ୍ଧରେ ପହଂଚି ଥିବା ଜଣେ ଅନୁଭୂତିଶୀଳା ନାରୀ, ଜଣେ ସୃଜନଶୀଳ ସ୍ରଷ୍ଟା । ଆଉ ଏହିପରି ଈର୍ଷାଳୁ, ଦୋଷଦର୍ଶୀ ବ୍ୟକ୍ତିମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା ନ କରି ଲେଖନି ବର୍ଜନ କରିବା କ'ଣ ଶୋଭନୀୟ ? କହନ୍ତି ପରା, ଅନ୍ୟର ଦୋଷ ନିମନ୍ତେ ନିଜକୁ ଶାସ୍ତି ଦେବା ହିଁ କ୍ରୋଧ । ଆଉ ଏଥିରେ ଦୋଷୀ ଅପେକ୍ଷା ନିର୍ଦ୍ଦୋଶ ବ୍ୟକ୍ତି ହିଁ ବେଶୀ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗକରେ । ସୁତରାଂ ଆପଣ ଚୋରକୁ ମାନ କରି ଖପରାରେ ଖାଇବା ନୀତି ତ୍ୟାଗ କରି ପୁନଃ ଗଳ୍ପ ଲିଖନରେ ମନୋନିବେଶ କରନ୍ତୁ।

ଧରିତ୍ରୀ ତଥାପି ନିରୁତ୍ତର ରହିବା ଦେଖି ଧର୍ମେନ୍ଦ୍ର ପୁଣି ତାଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ କହିଲା – ମୁଁ ସତ କହୁଛି ଆପଣଙ୍କ ଗପ ଗୁଡିକ ଏତେ ଦମଦାର୍ ହୋଇଛି ଯେ ରାଜ୍ୟ ତଥା ରାଜ୍ୟ ବାହାରର ଯେ କୌଣସି ନାମୀଦାମୀ ପତ୍ରିକାକୁ ପଠାଇଲେ ମଧ୍ୟ ସେମାନେ  ତାହା ତାଙ୍କ ପତ୍ରିକାରେ ସ୍ଥାନିତ କରିବା ନିମନ୍ତେ ତିଳେମାତ୍ର କୁଣ୍ଠାବୋଧ କରିବେ ନାହିଁ । ସୁତରାଂ ଗଳ୍ପର ପାଣ୍ଡୁଲିପି ଗୁଡିକ ମୋତେ ଦେଲେ ମୁଁ ନିଜେ ସେ ଗୁଡିକ ଡାକରେ ପଠାଇଦେବି । ତତ୍ ପରେ  ଦେଖିବେ ଆପଣଙ୍କ ସୃଜନଶୀଳତାର କିପରି ଭାଗ୍ୟୋଦୟ ହେବ।

ସତକୁ ସତ ଧର୍ମେନ୍ଦ୍ର ତା ବାକ୍ୟ ରକ୍ଷାକଲା ଏବଂ କିଛି ମାସର ବ୍ୟବଧାନ ପରେ ଧରିତ୍ରୀ ସେହି ପତ୍ରିକାଗୁଡିକର ସୌଜନ୍ୟ ମୁଳକ କପି ମଧ୍ୟ ପାଇଲେ ।ଏପରି କି ନିଜ ସହରର ସମ୍ପାଦକ ଯେଉଁ ଗଳ୍ପକୁ ପ୍ରତ୍ୟାଖାନ କରି ଦେଇଥିଲେ ତାହା ଜଗନ୍ନାଥ ଧାମର ଏକ ସଂଭ୍ରାନ୍ତ ପତ୍ରିକାରେ ପୁରସ୍କୃତ ହେଇଥିବା ସମ୍ବାଦ ପାଇ ତାଙ୍କ ଛାତି ଖୁସୀରେ କୁଣ୍ଢେମୋଟ ହୋଇଗଲା । ଦିଅଁ ଦେଖା କଦଳୀ ବିକା ନ୍ୟାୟରେ ସେ ନିର୍ଦ୍ଧିଷ୍ଟ ଦିନ ପଂହଚିଲେ ସେହି ସମ୍ବର୍ଦ୍ଧନା ଉତ୍ସବରେ।

ସଞ୍ଜବେଳେ ଧରିତ୍ରୀ ସମୁଦ୍ର ବେଳାଭୂମିରେ ଭ୍ରମଣ କରୁଥିବା ସମୟରେ ଅଚାନକ ସାକ୍ଷାତ ହୋଇଗଲା ନିଜ ସହରର ଅନ୍ୟ ଏକ ସାହିତ୍ୟ ସଂସ୍ଥାର ଜନୈକ ସମ୍ପାଦକ  ଓ ତାଙ୍କ ସହିତ ବୁଲୁଥିଲା ଅନ୍ୟ କେତେ ଜଣ ସତୀର୍ଥ ବନ୍ଧୁଙ୍କୁ ଧରିତ୍ରୀଙ୍କ ପରିଚୟ ପ୍ରଦାନ କରିବାକୁ ଯାଇ ସମ୍ପାଦକ ମହାଶୟ ଉଲ୍ଲସିତ କଣ୍ଠରେ ଟିପଣୀ ଦେଲେ – ବନ୍ଧୁଗଣ, ସାଗର ଜଳରାଶିରୁ ମୁଁ ସାଉଁଟି ଆଣିଛି ଏକ ଅମୁଲ୍ୟ ମଣି । ଯିଏକି ତାଙ୍କ ସଚେତନ ଧର୍ମୀ ତଥା ହୃଦୟସ୍ପର୍ଶୀ ଗଳ୍ପଗୁଡିକ ପାଇଁ ଆଜି ରାଜ୍ୟସ୍ତରୀୟ ସମ୍ବର୍ଦ୍ଧିତ ହୋଇପାରିଛନ୍ତି । ମୋର ଯାହା ମନେ ହୁଏ ଦିନେ ସେ ତାଙ୍କର ସୃଜନଶୀଳତାର ମହକରେ କେବଳ ଆମ ଅନୁଷ୍ଠାନର କିମ୍ବା ଆମ ସହରର ଗୌରବ ଅକ୍ଷୁର୍ଣ୍ଣ ରଖିବେ ସେ କଥା ନୁହେଁ ବରଂ ଆମ ରାଜ୍ୟ ତଥା ଆମ ଦେଶର ବାଣୀ ଭଣ୍ଡାରକୁ ମଧ୍ୟ ରଦ୍ଧିମନ୍ତ କରିପାରିବେ।

ଧରିତ୍ରୀ ସମ୍ପାଦକଙ୍କ ଅଭିମତ ଶୁଣି ଅତ୍ୟନ୍ତ ଆତ୍ମପ୍ରସାଦ ଅନୁଭବ କରୁଥିଲେ । ତାଙ୍କର ଧାରଣା ହେଉଥିଲା ସତେ ଯେପରି ତାଙ୍କ ମଧରେ ଲୁକାୟିତ ଥିବା ଅକଳନୀୟ ସୃଜନଶକ୍ତି ତଥା ସମ୍ଭାବନା ସଂପର୍କରେ ସୂଚାଇ ଦେଇଛନ୍ତି, ସେହି ବରିଷ୍ଠ ସମ୍ପାଦକ ମହୋଦୟ।

ତତ୍‌ପରେ ଗୋଟିଏ ଅନୁଷ୍ଠାନରେ ପାଦ ଦେଉ ନଦେଉଣୁ ଅନେକ ସାହିତ୍ୟ ସଂସଦ ସ୍ୱାଗତ ଜଣାଇଲେ ଧରିତ୍ରୀଙ୍କୁ । ଆଉ ସତୀର୍ଥ ବନ୍ଧୁମାନଙ୍କ ସ୍ନେହଶ୍ରଦ୍ଧା, ସାହାଯ୍ୟ ସହଯୋଗ ମନ୍ତ୍ରଶକ୍ତି ପରି ବଦଳାଇ ଦେଲା ତାଙ୍କ ଜୀବନକୁ । କର୍ମ କ୍ଷେତ୍ରରେ ଯୋଗଦେଇଥିବା ପୁତ୍ର କନ୍ୟାଙ୍କ ବିହୁନେ ଶୂନ୍ୟ ପଡିଥିବା ହୃଦୟ ଅଳିନ୍ଦଟି ତାଙ୍କର ପୂର୍ଣ୍ଣ ହୋଇଗଲା ସତୀର୍ଥ ବନ୍ଧୁଗଣଙ୍କ ଆତ୍ମୀୟତାରେ । ଆଉ ଉଲ୍ଲସିତ ଧରିତ୍ରୀ ମଧର ଜ୍ଞାନ, ଅଭିଜ୍ଞତା, ସହ ଚିନ୍ତନ ମନନ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଗଳ୍ପ ଲେଖିବା ସହିତ ତାଙ୍କୁ ଦିନେ ଦୁର୍ବୋଧ ମନେ ହେଉଥିବା କବିତା  ଓ  ପ୍ରବନ୍ଧ ଲେଖିବା ମଧ ଆରମ୍ଭ କଲେ।

ଅଥଚ ପତ୍ରିକା ଗୁଡିକରେ ଧରିତ୍ରୀଙ୍କ ଗଳ୍ପର ସଂଖ୍ୟା ଦିନକୁ ଦିନ କମି ଯାଉଥିବା ଲକ୍ଷ୍ୟକରି ଜନୈକ ହିତୈଷୀ ତଥା ବ୍ୟଙ୍ଗ ପତ୍ରିକାର ସମ୍ପାଦକ ତାଙ୍କୁ ସମୟୋଚିତ ଚେତାବନୀ ଦେଇ କହିଲେ-କାହିଁକି ସେ କବିତା ଏବଂ ପ୍ରବନ୍ଧ ପଛରେ ଧାଇଁଛ ? ଏବେ ତ ବର୍ଷାଦିନିଆଁ ଛତୁ ପରି ଗଣ୍ଡା ଗଣ୍ଡା କବି ସାହିତ୍ୟ ସଂସ୍ଥା ଗୁଡିକରେ ଘୁରି ବୁଲୁଛନ୍ତି ଆଉ ପ୍ରବନ୍ଧ ବି ଏବେ କିଏ ପଢୁଛନ୍ତି କହିଲ  ? ସତ କହୁଛି ନାନୀ, କବିତାରେ ପ୍ରେମର ଫଲ୍‌ଗୁ ବୁହାଇ ପାଠକଙ୍କ ଅନ୍ତରକୁ ଛୁଇଁବାର ବୟସ ଆଉ ତୁମର ନାହିଁ କି ପ୍ରବନ୍ଧ ଲେଖିବା ନିମନ୍ତେ ବୟସ ତୁମର ଏବେ ମଧ୍ୟ ପାକଳ ହୋଇନି । ସୁତରାଂ ମୋ ସାନକୁହା ମାନି ତୁମେ ଗପ ଲେଖିବାରେ ଧ୍ୟାନ ଦିଅ।

କିନ୍ତୁ ସେତେବେଳେ ହିତାକାଂକ୍ଷୀ ମାନଙ୍କ ହିତୋପଦେଶ ଶୁଣି ମଧ୍ୟ ପଛକୁ ଫେରିବା ଅବସ୍ଥାରେ ଆଉ ନଥିଲେ ଧରିତ୍ରୀ । ନିଦ ବଟିକାର ନିଶାଠାରୁ ଖୁବ୍ ଅଧିକ ଘାରିଥିଲା ତାଙ୍କୁ ସାହିତ୍ୟର ପ୍ରତ୍ୟେକ କ୍ଷେତ୍ରରେ ପାଦ ଥାପି ଖ୍ୟାତି ଅର୍ଜନ କରିବାର ନିଶା । ସତକୁ ସତ ଜୀବନର  ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ  ସେ ଯେପରି କବି, ଗାଳ୍ପିକା ଏବଂ ପ୍ରାବନ୍ଧିକା ଭାବରେ ପରିଚିତ ହେଲେ ସେପରି ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ନିଜ ଲେଖାଗୁଡିକୁ ପାଠ କରିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରୁଥିଲେ । ଏପରିକି ସମସ୍ତଙ୍କୁ ବିସ୍ମୟାନ୍ୱିତ କରି ତାଙ୍କ ଲିଖିତ ଗଳ୍ପଟିଏ ଯେତେବେଳେ ଜନୈକ ଯଶସ୍ୱୀ

ନାଟ୍ୟକାର, ନିର୍ଦ୍ଦେଶକ ତଥା ନାଟକ ରଚୟିତାଙ୍କ ଦ୍ୱାରା ନାଟକରେ ରୂପାନ୍ତରିତ ହେଲା ଏବଂ ସ୍ଥାନୀୟ ଏକ ନାମଜାଦା ନାଟ୍ୟସସ୍ଥାର କଳାକାର ମାନଙ୍କ ଦ୍ୱାରା ଆନ୍ତର୍ଜାତିକ ନାଟକ ମହୋତ୍ସବରେ ଅଭିନୀତ ହୋଇ ପ୍ରଶଂସା ଭାଜନ ହେଲା ସେତେବେଳେ ଧରିତ୍ରୀଙ୍କ ଆନନ୍ଦ ଭୂମିରୁ ଭୁମାକୁ ଛୁଇଁଯାଉଥିଲା।

ଅଥଚ ତାଙ୍କ ସମସ୍ତ ଆନନ୍ଦ ଭୂମିସାତ୍ ହୋଇଗଲା, ସେ ଯୋଗଦେଇଥିବା ସାହିତ୍ୟ ସଂସ୍ଥାର ସମ୍ପାଦକଙ୍କ କପଟାଚାରରେ ଦିନେ ତାଙ୍କ ପ୍ରତି ଯାହାର ଆପଣାପଣର ପଟାନ୍ତର ନଥିଲା ସେ ପୁଣି ଦୋଷଦର୍ଶୀ ହୋଇ ତାଙ୍କୁ ଅନ୍ୟମାନଙ୍କ ସମ୍ମୁଖରେ ସମାଲୋଚନା କରିବା ଆରମ୍ଭ କରିଦେଲେ । ଏପରିକି ଧରିତ୍ରୀ ବାର୍ଷିକୋତ୍ସବରେ ସଂସ୍ଥାର ଶ୍ରେଷ୍ଠ ସମ୍ମାନ ପାଇଁ ସମ୍ବର୍ଦ୍ଧିତ ହେବା ନିମନ୍ତେ ମନୋନିତ ହୋଇଥିବା ସତ୍ତ୍ୱେ ସେ ତାଙ୍କ ପ୍ରତି ପକ୍ଷପାତ ନୀତି ଆଚରଣ କରି ଅନ୍ୟ ଜଣେ କବିଙ୍କ ଠାରୁ ବିପୁଳ ପରିମାଣରେ ଅନୁଦାନ ଗ୍ରହଣ କରି ତାଙ୍କୁ ସମ୍ବର୍ଦ୍ଧନା ଦେବା ନିମନ୍ତେ ନିଷ୍ପତ୍ତି ନେଲେ ଏବଂ ଧରିତ୍ରୀଙ୍କୁ ରୋକଠୋକ ଜବାବ ଦେଇ କହିଲେ ଯିଏ ଟଙ୍କା ଦେଲା ସିଏ ବିଜୟ ମୁକୁଟ ପିନ୍ଧିଲା । ଏହା ତ ଆମ ସଂସ୍ଥାର ଏକ ଚିରାଚରିତ ପ୍ରଥା । ଯାହା କହନ୍ତି ଓପନ୍ ସିକ୍ରେଟ୍ । ପୂର୍ବରୁ ସମ୍ବର୍ଦ୍ଧିତ ହୋଇଥିବା କେତେଜଣ ସତୀର୍ଥ ବନ୍ଧୁଙ୍କୁ ପ୍ରଶ୍ନକରି ଏଥିରେ ସତ୍ୟତା ଥିବାର ପ୍ରମାଣ ମଧ୍ୟ ପାଇଲେ ଧରିତ୍ରୀ । ତେବେ ଉତ୍କୋଚ ଦେଇ ସମ୍ବର୍ଦ୍ଧିତ ହେବାର ଲାଳସା କେବେ ବି ନଥିଲା ତାଙ୍କର ନା ପାରିତୋଷିକ ପାଇବାରୁ ବଂଚିତ ହୋଇଥିବାରୁ ସେ ତିଳେମାତ୍ର ଦୁଃଖିତ ହେଲେ । କିନ୍ତୁ ସମ୍ପାଦକ ଯେତେବେଳେ ତାଙ୍କପ୍ରତି ବୈରଭାବ ରଖି ସେ ବର୍ଷର ସମ୍ବର୍ଦ୍ଧିତ କବିଙ୍କ ମାନପତ୍ର ମଂଚରେ ଯାଇ ପାଠ କରିବାକୁ ନିର୍ଦ୍ଦେଶ ଦେଲେ ସେତେବେଳେ ତାହା ତାଙ୍କ ସ୍ୱାଭିମାନ ଉପରେ ଭୀଷଣ କୁଠାରଘାତ କଲା । ତତ୍ପରେ ଅପମାନିତା ଧରିତ୍ରୀ ଅଶାନ୍ତିରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ ନା'ତ ସେହି ସମ୍ବର୍ଦ୍ଧନା ସଭାରେ ଯୋଗଦେଲେ ନା' ଆଉ ସେ କର୍ମକର୍ତ୍ତାଙ୍କ ସହିତ ସଂପର୍କ ରଖିଲେ।

କୌଣସି ସୂତ୍ରରୁ ଉକ୍ତ ସମ୍ବାଦ ପାଇ ପୁଣି ତାଙ୍କ ଘରେ ପହଂଚିଗଲା ଧର୍ମେନ୍ଦ୍ର ଏବଂ କ୍ଷୋଭ ପ୍ରକାଶ କରି କହିଲା-କ'ଣ କହିବି ମାମ୍, ପ୍ରତିଭା ଅପେକ୍ଷା ପ୍ରଚାର ସର୍ବସ୍ୱ ହେଲାଣି ଆଜିର ଯୁଗ ଧର୍ମ । ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି କେହି ଦୃଷ୍ଟି ନଦେଇ କେବଳ କିଏ କେତେ ସାହିତ୍ୟ ସଂସ୍ଥାର ମାନପତ୍ର ଏବଂ ସମ୍ବର୍ଦ୍ଧନା ପାଇଲା ସେ ସବୁର ବିଚାର କରୁଛନ୍ତି । ଯାହା ଫଳରେ ଏହି ବିଜୟ ମୁକୁଟ କିଣା ବିକାର ଘୋଡା ବେପାର ଦିନକୁ ଦିନ କ୍ୟାନ୍ସର ପରି ବୃଦ୍ଧି ପାଉଛି । ତେବେ ଯେଉଁଦିନ ପର୍ଯ୍ୟନ୍ତ ପ୍ରତିଭା ନିର୍ଦ୍ଧାରଣକାରୀଙ୍କ ମଧ୍ୟରେ ସାଧୁତା ଦେଖା ନଦେଇଛି କିମ୍ବା ଏହି ଅନ୍ୟାୟ ଉପରେ ଅଙ୍କୁଶ ନ ଲାଗିଛି ସେତେଦିନ ପର୍ଯ୍ୟନ୍ତ ଏହାକୁ ରୋକାଯିବା ସମ୍ଭବ ନୁହେଁ । କିନ୍ତୁ ମୋ ମତରେ ପାଠକୀୟ ଶ୍ରଦ୍ଧା ପ୍ରାପ୍ତିରେ ହିଁ ସାହିତ୍ୟର ସିଦ୍ଧି ଏବଂ ଜଣେ ସାହିତ୍ୟିକର ଶ୍ରେଷ୍ଠ ପୁରସ୍କାର । ଏଇ ଲୋକ ଦେଖାଣିଆ ସମ୍ବର୍ଦ୍ଧନା, ମାନପତ୍ର,ଓ ଉପଢୌକନ ତୁଳନାରେ ତାହା ତ ଖୁବ ଉଚ୍ଚରେ । ସେ ଯାହା ହେଉ ମୁଖିଆ ମାନଙ୍କ ନୈରାଶ୍ୟ ଜନକ ବାଣୀରେ ପ୍ରଭାବିତ ହୋଇ ଆପଣ ଏପର୍ଯ୍ୟନ୍ତ ଲେଖିବା ନିମନ୍ତେ ନିରୁତ୍ସାହିତ ହୋଇ ନାହାଁନ୍ତି ତାହା ତ ଏକ ଶୁଭ ଲକ୍ଷଣ । ବିଜୟର ମନ୍ତ୍ର । ମନେରଖ ଦୃଢ ସଂକଳ୍ପିତ ଆତ୍ମାକୁ ଦୁନିଆର ସମସ୍ତ ବାଧା ବିଘ୍ନ ବାଟ ଛାଡି ଦେଇଥାଏ।

ଧର୍ମେନ୍ଦ୍ରର ଆଶ୍ୱାସନାରେ ଧରିତ୍ରୀଙ୍କ ଦୁଃଖ ସମ୍ପୂର୍ଣ୍ଣ ନହେଲେ ବି ସାମୟିକ ଲାଘବ ହେଲା ଏବଂ ସେ ନିରାଶାର ସ୍ଥାୟୀଦାସ ନହୋଇ ପୁଣି ଲେଖିବା ଆରମ୍ଭ କଲେ । ତେବେ ବାରମ୍ବାର ଧୋକା ଖାଇବାପରେ ସେ ଆଉ ଅନ୍ୟ କୌଣସି ସଂସ୍ଥାର ବଡପଣ୍ଡାଙ୍କୁ ଏପରି ଅନ୍ଧ ଭାବରେ ବିଶ୍ୱାସ କରିବେ ନାହିଁ ବୋଲି ଦୃଢ ସଂକଳ୍ପ କରି ଖୁବ୍ ସନ୍ତର୍ପଣରେ ବାର୍ତ୍ତାଳାପ କଲେ । ତଥାପି ସରଳ ବିଶ୍ୱାସୀ ତଥା ମେଳାପୀ ଧରିତ୍ରୀ ପୁନଃ ଜନୈକ ବଡପଣ୍ଡାଙ୍କ ମଧୁର ବଚନରେ ମୋହିତ ହେବା ସହିତ ତାଙ୍କ ଆଦର୍ଶବାଦୀ ଚିନ୍ତାଧାରା ସାଧୁତା ତଥା ସଚ୍ଚୋଟତାର ପରିଚୟ ପାଇ ତାଙ୍କ ସାହିତ୍ୟ ସଂସ୍ଥାରେ ଯୋଗଦେଲେ । ଏବଂ ଧିରେ ଧିରେ ସେମାନଙ୍କ ସହିତ ମଧ ପୁଣି ଘନିଷ୍ଠତାର ତଥା ଆତ୍ମୀୟତାର ସୁଦୃଢ ସୂତ୍ରଟିଏ ଯୋଡି ହୋଇଗଲା । ତାଙ୍କ ସୃଷ୍ଟି ସମ୍ଭାରକୁ ସମୀକ୍ଷା କରି ମୁଖ୍ୟ କର୍ମକର୍ତ୍ତା ଯେପରି ପ୍ରସଂଶା କରି କହୁଥିଲେ, ଆପଣଙ୍କ ଲେଖାଗୁଡିକ ଏତେ ଉପାଦେୟ ଏବଂ ସଚେତନ ଧର୍ମୀ ଯେ ତାହା ପାଠକଲେ ପାଠକ ମାନେ ପ୍ରଭାବିତ ହେବା ସହ ସେମାନଙ୍କ ମଧ୍ୟରେ ସାଂପ୍ରତିକ ସମାଜର ସମସ୍ୟା ଦୂର କରିବା ନିମନ୍ତେ ଦାୟୀତ୍ୱବୋଧ ତଥା ପ୍ରତିବଦ୍ଧତା ବୃଦ୍ଧି ପାଇବ । ସେପରି ଧରିତ୍ରୀ ମଧ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବା ସହିତ ଢିଙ୍କିଶାଳ ଠାରୁ ଢେଙ୍କାନାଳ ଯାଏ ପ୍ରତ୍ୟେକ ବିଷୟରେ ଆଲୋଚନା କରୁଥିଲେ।

ଆନନ୍ଦ ଦାୟକ ସମୟଗୁଡିକ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ପରି ଗଡିଗଲା କ୍ଷିପ୍ର ଗତିରେ । ପୁନଃ ପଂହଚିଗଲା ସେହି ସଂସ୍ଥାର ବାର୍ଷିକୋତ୍ସବ ଏବଂ ମହୋତ୍ସବର ମାତ୍ର ଦୁଇଦିନ ପୂର୍ବରୁ ଧରିତ୍ରୀଙ୍କୁ ନିମନ୍ତ୍ରଣ ପତ୍ରଟି ଦେଇ କର୍ମକର୍ତ୍ତା ଯେତେବେଳେ ସେଇ ମୁହୁର୍ତ୍ତରେ ହିଁ ତାହା ପାଠକରିବାକୁ କହିଲେ ସେତେବେଳେ ଧରିତ୍ରୀ ସ୍ମିତ ହାସ୍ୟରେ ଉତ୍ତର ଦେଲେ- ଚଳିତ ବର୍ଷରେ ଶ୍ରେଷ୍ଠ ସମ୍ମାନ ପାଇଁ ସମ୍ବର୍ଦ୍ଧିତ ହେଉଥିବା ଦୁଇଜଣ ପ୍ରତିଭାମୟୀ ନାରୀଙ୍କ ସୂଚନା ତ ଆପଣ ମୋତେ ବହୁ ପୂର୍ବରୁ ଦେଇଛନ୍ତି । ଯେହେତୁ ତୃତୀୟ ପୁରସ୍କାରର ସ୍ଥାନ ନାହିଁ ବୋଲି କହିଛନ୍ତି ତେବେ ସେଥିରେ ଆଉ ଅଧିକା କ'ଣ ଥିବ ଯେ, ଏଇ ମୁହୁର୍ତ୍ତରେ ହିଁ ନପଢିଲେ ହେବନାହିଁ।

ମୁଖିଆ ଗୌର ଚନ୍ଦ୍ରିକା କଳାପରି ପ୍ରତ୍ୟୁତ୍ତର ଦେଲେ- କ'ଣ ଏତିକି ବି ଆପଣ ବୁଝି ପାରୁନାହାନ୍ତି, ମୋ ସମ୍ମୁଖରେ ପାଠକଲେ ସିନା ମୁଁ ଆପଣଙ୍କ ମୁଖ ମଣ୍ଡଳର ପ୍ରତିକ୍ରିୟା ଲକ୍ଷ୍ୟ କରିପାରିବି।

ପ୍ରତିକ୍ରିୟା ! କି ପ୍ରତିକ୍ରିୟା ଅବା ଦେଖିବାକୁ ଚାହୁଁଛନ୍ତି ସେଇ ମୁଖ୍ୟ କର୍ମକର୍ତ୍ତା, କି ଗୂଢ ରହସ୍ୟ ଅବା ଲୁଚିରହିଛି ତାଙ୍କ କୁଟିଳ ଚାହାଣୀ ଛଟକରେ ? ତାଙ୍କ ଗୁମର କଥାର ଭେଦ କିଛି ବୁଝିନପାରି ଗୋଲକ ଧନ୍ଦାରେ ଛନ୍ଦି ହୋଇ ଯାଉଥିଲେ ଧରିତ୍ରୀ।

ଅଥଚ ନିଦାବିଷ୍ଟ ପରି ବସିଥିବା ଧରିତ୍ରୀଙ୍କୁ ଲକ୍ଷ୍ୟ କରି ତାଙ୍କ ସ୍ୱାମୀ କହିଲେ-ଆରେ; ବସିଲ କ'ଣ ? ସାର୍ ପରା ଖରାତରାରେ ବୁଲିବୁଲି ଆସିଛନ୍ତି, ପ୍ରଥମେ ତାଙ୍କୁ ଅନ୍ତତଃ ଥଣ୍ଡା ପାଣି ଗ୍ଲାସଟିଏ ତ ଦିଅ।

ସୁଯୋଗ ପାଇ ଭିତରକୁ ଚାଲିଗଲେ ଧରିତ୍ରୀ । କିନ୍ତୁ ଲେମ୍ବୁ ସର୍ବତ ନେଇ ସେ ଫେରିଆସି ଦେଖିବା ବେଳକୁ ତାଙ୍କ ସ୍ୱାମୀଙ୍କ ହସ୍ତରେ ଥିଲା ଲଫାପାରୁ ଖୋଲାଯାଇଥିବା ସେଇ ନିମନ୍ତ୍ରଣ ପତ୍ର ଏବଂ ତାଙ୍କ ମୁଖ ଦେଖାଯାଉଥିଲା ଅତ୍ୟନ୍ତ ଗମ୍ଭୀର । ବଡପଣ୍ଡାଙ୍କର ମଧ ଘାବରା ଅବସ୍ଥା । ଯେତେ ଶୀଘ୍ର ସମ୍ଭବ ସର୍ବତ ଢୋକିନେଇ ସେ କାମର ଆଳ ଦେଖାଇ ସେଠାରୁ ଚାଲିଯିବାକୁ ବାହାରିଲେ ଏବଂ ଯିବା ପୂର୍ବରୁ ଧରିତ୍ରୀଙ୍କୁ ଲକ୍ଷ୍ୟ କରି କହିଲେ- ମୋର କିଛି ଦୋଷ ନାହିଁ, ପ୍ରତିଭା ଚୟନର ଭାର ଅମୁକ କର୍ମକର୍ତ୍ତାଙ୍କ ଉପରେ ନ୍ୟସ୍ତ ଥିଲା।

ମୁଖିଆ ତାଙ୍କ ଫାଟକ ଡେଉଁ ନ ଡେଉଁଣୁ ନିମନ୍ତ୍ରଣ ପତ୍ରରେ ଚକ୍ଷୁ ପହଁରାଇ ଆଣି ସ୍ତମ୍ଭୀଭୂତ ପାଲଟି ଗଲେ ଧରିତ୍ରୀ । ଚଳିତ ବର୍ଷ ଦିଆଯାଉଥିବା ଦୁଇଜଣ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ନାମ ମଧରେ ଥିବା ଶୂନ୍ୟ ସ୍ଥାନକୁ ପୂର୍ଣ୍ଣ କରି ଦିଆଯାଉଥିଲା ଅନ୍ୟ ଜଣେ ମହିଳାଙ୍କ ନାମ ଲେଖି ଆଉ କଙ୍କଡା ନୀତି ଅବଲମ୍ବନ କରି ଧରିତ୍ରୀଙ୍କୁ ଖସାଇ ଦିଆଯାଇଥିଲା ସବୁଠାରୁ ଶେଷ ପାହାଚକୁ ସବୁ ଜାଣି ଅନ୍ଧାରକାଣୀ ସାଜି ବଡପଣ୍ଡା ସେହି ତଥ୍ୟ ଏପର୍ଯ୍ୟନ୍ତ ଲୁକ୍‌କାୟିତ ରଖିଥିଲେ ତାଙ୍କ ନିକଟରେ । ଯିଏ ଦିନେ ତାଙ୍କ ସାହିତ୍ୟର ପ୍ରତ୍ୟେକ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ଜଣେ ଅସାଧାରଣ ପ୍ରତିଭା ପରି ମିଠାମିଠା କଥା କହି ଲେଖିବା ନିମନ୍ତେ ପ୍ରୋତ୍ସାହିତ କରୁଥିଲେ ସେ ପୁଣି କ୍ଷମତାର ଅହଂରେ ଅନ୍ଧ ହୋଇ ଛନ୍ଦ କପଟ କରି ତାଙ୍କ ପିଠିରେ ହିଁ ଛୁରି ମାରିଦେଲେ।

ମୁଖିଆଙ୍କ ଏହିପରି କାରସାଦି ଦେଖି ତାଙ୍କର ମନେ ହେଉଥିଲା ଆଜିର ଦୁନିଆରେ ଜୀବନ ସେଇ ମାନଙ୍କର ହିଁ ଉଜ୍ଜ୍ୱଳ ହୁଏ ଯେଉଁମାନେ ଗିରଗିଟ୍ ପରି ରଙ୍ଗ ବଦଳାଇବା ଜାଣନ୍ତି । ମର୍ମାହତ ହେଲେ ଧରିତ୍ରୀ । ପ୍ରତୀକ୍ଷିତ ପୁରସ୍କାରଟି ତାଙ୍କୁ ଏବେ ତିରସ୍କାର ପରି ହୃଦ୍‌ବୋଧ ହେଲା । ନା' ସେ ଏକଥା କାହାକୁ କହି ପାରୁଥିଲେ ନା ସହିପାରୁଥିଲେ । ତାଙ୍କ

ବିଚଳିତ ନେତ୍ର ଏବଂ ଅବ୍ୟକ୍ତ ଭାଷା ହିଁ ବୁଝାଇ ଦେଉଥିଲା ତାଙ୍କ  ଅନ୍ତର ତରଳ ଆର୍ତ୍ତନାଦ । ସୁଦୂର ପରାହତ ହୋଇଗଲା ତାଙ୍କ ମାନସିକ ଶାନ୍ତି । ଯାହା ଫଳରେ କର୍ମକର୍ତ୍ତା ଦୁହିଁଙ୍କ ସହିତ ଥିବା ତାଙ୍କ ମଧୁର ସଂପର୍କର ମହଜୁତ ସେତୁଟି ଯେପରି ହଠାତ୍ ଭୁଷୁଡି ପଡିଲା ସେପରି ଦଲକାଏ ପବନରେ ଭଙ୍ଗିଗଲା ତାଙ୍କ ଦୃଢ ବିଶ୍ୱାସର ବାୟାବସା ।

ତେବେ ସେଇ ମହୋତ୍ସବରେ ଯୋଗ ଦେବେ କି ନାହିଁ ଭାବି ଚିନ୍ତାର ଦୋଛକିରେ ଛାଡି ହୋଇଥିଲେ ଧରିତ୍ରୀ । ଅଚାନକ ଅନ୍ତର୍ବିବେକ ଜାଗ୍ରତ ହେଲା ଏବଂ କିଏ ଯେପରି ତାଙ୍କୁ ସଚେତନ କଲାପରି କହିଲା-ଶୁଣ୍ ଧରିତ୍ରୀ; ଯିଏ ପରନିନ୍ଦା ଅପବାଦକୁ ଭ୍ରୁକ୍ଷେପ କରେ ନାହିଁ  ଶ୍ଳେଷ ମଧ ତା’ ପାଇଁ ଅଶ୍ଳେଷ ହୋଇଯାଏ । ସୁତାରାଂ ସେମାନଙ୍କ ଅପମାନକୁ ମଧ ତୁ ଯଦି ସମ୍ମାନ ଭାବି ଗ୍ରହଣ କରିନେବୁ , ତେବେ ସେଇ ଅପମାନ ଫେରିଯିବ ସେଇ ଅପମାନ ଦେଉଥିବା ଦାତା ମାନଙ୍କ  ନିକଟକୁ । କିନ୍ତୁ ତୁ ଯଦି ନ ଯାଉ ତେବେ ଉକ୍ତ ଗୁମର କଥା ଜାଣିନଥିବା ସତୀର୍ଥ ବନ୍ଧୁମାନେ ତୋତେ ସ୍ୱାଭିମାନୀ ନୁହଁ ବରଂ ଗୁମାନୀ ବା ଗର୍ବୀ ବୋଲି ମନେ କରିବେ ।

କରତ ଝିକିଲେ କାଟୁଛି ପେଲିଲେ ବି କାଟୁଛି ପରି ଅବସ୍ଥା । ତଥାପି ଛାତିରେ ଛାତିଏ ବେଦନାକୁ ଖିପିରଖି  ମହୋତ୍ସବରେ ଯୋଗଦେଲେ ଧରିତ୍ରୀ । କି ଅପ୍ରୀତିକର ପରିସ୍ଥିତି ! ଅପ୍ରତିଭ ବୋଧ ହେଉଥିଲେ ବି ନିର୍ଜୀବ ପିତୁଳା ପରି ବସିରହି କର୍ମକର୍ତ୍ତାଙ୍କ ଭାଷଣ ଶୁଣୁଥିଲେ ।  ଭାବବିହ୍ୱଳ ହୋଇ କର୍ମକର୍ତ୍ତା କହୁଥିଲେ –ମୋ ମତରେ  କବି ହେଉଛନ୍ତ ବ୍ରହ୍ମା ସଦୃଶ ।  ସେମାନେ ଯାହା ବି ଲେଖନ୍ତି ଯାହା ବି କହନ୍ତି ତାହା ବେଦର ଗାର ପରି ଅକାଟ୍ୟ ।ସୁତରାଂ ସେହିପରି ଜଣେ ବରିଷ୍ଠ ଲେଖିକାଙ୍କୁ ଆମେ ଆମ ସଂସ୍ଥାର ଶ୍ରେଷ୍ଠ ସମ୍ମାନ ଦେଇଥିବାରୁ ନିଜକୁ ଧନ୍ୟ ମନେ କରୁଛୁ ।

ତତ୍ପରେ ଭଦ୍ର ମହିଳା ନିଜର କୃତଜ୍ଞତା  ଜଣାଇ କହିଲେ-ମୁଁ ସତ କହୁଛି ଆଜ୍ଞା ; ଶ୍ରୀରାମଙ୍କ ସେତୁ ବନ୍ଧ  ନିର୍ମାଣରେ ଯୋଗ ଦେଇଥିବା କ୍ଷୁଦ୍ର ଗୁଣ୍ଡୁଚି ମୂଷା ଯେପରି ନିଜ ଶରୀରର ବାଲିକଣିକା କିଛି ଝାଡିଦେଇ ଯୁଗଯୁଗକୁ ଅବିସ୍ମରଣୀୟ ହୋଇଗଲା, ସେପରି ମୁଁ ମଧ୍ୟ କେବଳ କବିତା କିଛି ଲେଖି ଉକ୍ତ ସଂସ୍ଥାର ଶ୍ରେଷ୍ଠ ସମ୍ମାନରେ ଯଶୋମଣ୍ଡିତ ହୋଇ ଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି ।

ଆଉ ଶୁଣିବାର ଧୈର୍ଯ୍ୟ ନଥିଲା ଧରିତ୍ରୀଙ୍କର । ସଂସ୍ଥାରୁ ପାଇଥିବା ତିରସ୍କାରର ବୋଝଟି ମୁଣ୍ଡେଇ ସେ ସ୍ୱଗୃହକୁ ପ୍ରସ୍ଥାନ କଲେ । ଗୃହରେ ପାଦ ଦେଉ ନଦେଉଣୁ ଫୋନ୍ କରି କହିଲେ ଜଣେ ସାହିତ୍ୟିକ ବନ୍ଧୁ-ଶୁଣନ୍ତୁ ମେଡମ; ଆପଣଙ୍କ ପ୍ରତି ଅନ୍ୟାୟ କରିଥିବା ପ୍ରାକ୍ତନ ମୁଖିଆଙ୍କ ମନମୁଖୀ କାର୍ଯ୍ୟରେ ଆମେ ପ୍ରତିରୋଧ କରିପାରିଲୁ ନାହିଁ ସତ କିନ୍ତୁ ଆପଣଙ୍କ ସୃଜନଶୀଳତାର ମୁଗ୍ଧ ଆମ ନୂତନ କମିଟିର ସମସ୍ତ ସଦସ୍ୟ ଆପଣଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ସମ୍ମାନ ଦେଇ ସମ୍ବର୍ଦ୍ଧିତ କରିବାକୁ ଚାହୁଁଛନ୍ତି । ଆଶା, ଆପଣ ନିଶ୍ଚୟ ଆପଣଙ୍କ ସ୍ୱୀକାରୋକ୍ତି ପ୍ରଦାନ କରିବେ ।

ଦ୍ୱନ୍ଦ୍ୱରେ ପଡିଗଲେ ଧରିତ୍ରୀ । ପ୍ରତ୍ୟୁତ୍ତର କେବଳ ତୋଳୁଥିଲା ନୀରବତାର ଧ୍ୱନି ହଠାତ୍ ତାଙ୍କ ନିଦ ଭାଙ୍ଗିଗଲା ଏବଂ ସ୍ୱପ୍ନ ରାଇଜର ଅନ୍ଧାରୀ ମୁଲକରୁ ସେ ଫେରି ଆସିଲେ ପୁଣି ନିଜ ଦୁନିଆକୁ ।

****



**ବିନୋଦିନୀ ନନ୍ଦ**

ଡି/୩୦୬ କୋଏଲ୍ ନଗର୍,

ରାଉଲକେଲା -୭୬୯୦୧୪

ସୁନ୍ଦରଗଡ

ଦୂରଭାଷ : ୭୯୭୮୮୦୪୦୨୩

**"ପ୍ରତିବେଶୀଙ୍କର ସହିତ ତୁଳନା**
**କରି  କର ନିଜ ମଧ୍ୟରେ କଳନା**
**ତହିଁରୁ ବୁଝିବ ନିଜେ କେତେ ଦୀନ**
**କରିଅଛ ପୁଣି ମାତୃଭାଷା ହୀନ"**

(ସ୍ୱଭାବକବି ଗଙ୍ଗାଧର ମେହର)



# "ବିଦ୍ୟାର ମନ୍ଦିର"

ବିଦ୍ୟାଳୟ ତ ନୁହେଁ, ତାହା ହେଉଛି ଦେବାଳୟ । କାହିଁକି ନା ଯେଉଁଠି କୁନିକୁନି ପିଲାମାନଙ୍କର ନିଛନ୍ଦ କୋଳାହଳ, ପରସ୍ପର ମଧ୍ୟରେ ସୁନ୍ଦର ବନ୍ଧୁତା, ଯେଉଁ ବନ୍ଧୁତ୍ୱରେ ସ୍ୱାର୍ଥ ନାହିଁ, ସରଳ ନିରୀହ ମୁହଁରେ ସରସ ହସ ଆଉ କଅଁଳ ମୁଖରେ ହେଉଥାନ୍ତି ଦରୋଟି କଣ୍ଠରେ କଥାବାର୍ତ୍ତା । ପ୍ରକୃତରେ ଯଦି କେଉଁଠି ଈଶ୍ୱର ଥାଆନ୍ତି ତାହେଲେ ଏହି କୋମଳମତି ଶିଶୁ ମାନଙ୍କ ଠାରେ ହିଁ ପ୍ରକଟ ହୋଇଥାନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଅଥବା ମା ସରସ୍ୱତୀ, ବାବା ଗଣପତି । ନା ଥାଏ ତାଙ୍କ ପାଖରେ ଟଙ୍କା ପଇସାର ସ୍ୱପ୍ନ ନା ଥାଏ ତାଙ୍କ ପାଖରେ କୋଠାବାଡ଼ିର ସ୍ୱପ୍ନ । କେବଳ ଗୋଟାଏ ଜରି କାଗଜରେ ମୋଡ଼ାହୋଇ ରହିଥିବା ଚୁଚୁମା ପାଖରେ ଥାଏ ତାଙ୍କର ମନ । ମିଛ ତ ତାଙ୍କ ପାଖରେ ଟିକେ ହେଲେ ନଥାଏ । କାହିଁକି ନା ତାଙ୍କ ପାଖରେ ଥାଏ ଗୋଟାଏ ମାତ୍ର ଭୟ । ମିଛ କହିଲେ କାଳେ ପାଠ ହୁଏ ନାହିଁ । ଯଦି କେବେ କେହି ମିଛ କହିଦିଏ ତାହେଲେ ତାକୁ ଅନ୍ୟମାନେ ଡରେଇ ଥାଆନ୍ତି " ତୋ ବିଦ୍ୟାରାଣ ମିଛ କୁହନା ।" ଆଉ ସବୁଠାରୁ ବଡ଼କଥା ହେଲା ବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ ହେବା ଆଗରୁ ପ୍ରାର୍ଥନାରେ ଏହି କଥା ବୋଲା ଯାଇଥାଏ -

"ସତ କହିବାକୁ କିଆଁ ଡରିବି<br>
ସତ କହି ପଛେ ମଲେ ମରିବି ।<br>
ମୋତେ ଏତିକି ଶିଖାଅ ସାଇଁ ହେ<br>
ମୋର ଧନ ଜନ ଲୋଡ଼ା ନାହିଁ ହେ ।"

କିଏ ବା ଭୁଲିପାରିବ ସେହି ପିଲାଦିନର ସ୍ମୃତି ସବୁକୁ ଓ ଝାଟିମାଟିର ଚାଳ ଛପର ତଳେ ପଢ଼ା ଯାଉଥିବା ସେହି ଅଭୁଲା ପାଠ, ବେତ ପାହାର । ପୁଣି ଗୁରୁଜୀଙ୍କର ସେହି ହିତ ବାଣୀ । ହଁ ଆଜିବି ମନେ ପଡ଼େ ସେହି ପୁରୁଣା କଥା । ଗୋଟିଏ କଲମରେ ବର୍ଷ ବର୍ଷ ଧରି ପାଠ ପଢ଼ିବା । ଯଦି ସେହି କଲମ ଟିଏ ହଜି ଗଲା ତାହେଲେ ମା' ଙ୍କ ଠାରୁ ଗାଳି ଶୁଣିବା । ଖାତା ସରିଗଲେ ବାପାଙ୍କ ପାଖରେ କାଗଜ ପାଇଁ ଅଳି କରିବା । ଖାଇବା ଛୁଟିରେ ସାଙ୍ଗ ମାନଙ୍କ ସହିତ ଏକାଠି ବସି ଖାଇବା । ସରସ୍ୱତୀ ପୂଜା, ଗଣେଶ ପୂଜା ଆସିଲେ ମାସକ ଆଗରୁ ପାଞ୍ଚ ପାଞ୍ଚ ଟଙ୍କା ଚାନ୍ଦା ଆଦାୟ କରିବା । ତା ସହିତ ମନେପଡେ ବର୍ଣ୍ଣବୋଧ ପାଠ ।

ଚକ ଅଖ କଳ ନଳ, ଆଇ ଉଇ ।<br>
"ହରିଣ ନ ଦିଏ ଧରା, ଦୌଡ଼ନା ବଡ଼ ଖରା ।<br>
ପଣସ ରସ ବଡ଼ ସରସ, ଛପର ଘର ବଡ ଜବର ।<br>
ପିତାମାତାଠାରୁ ବଡ଼ ଦେବତା କେ<br>
ସରଗ ରାଇଜେ ନାହିଁ<br>
ତାଙ୍କରି ଆଶିଷେ ସାହା ଏକା ସିନା<br>
ବିପଦୁ ତରିବା ପାଇଁ ।"

ଧୋବ ଫରଫର ଢିଲା ପଞ୍ଜାବୀ, ନୀଳ ଉଜାଳା ରଙ୍ଗଦିଆ ଧୋତି । କଳା ରଙ୍ଗର ଫ୍ରେମ୍ ହୋଇଥିବା ଗୋଲେଇ କାଚ ଚଷମା । ପରାଗନ୍ ଭଳି ଚମଡ଼ାର ପୁରୁଣା ଚପଲ ଓ ପକେଟରେ ମରାଯାଇଥିବା କଲମ । ନିଶରୁ ହଲେ ରଖି ଆସନ୍ତି ପଢ଼ାଇବା ପାଇଁ ଆମ ଗୁରୁଜୀ । ସମସ୍ତ ଛାତ୍ରଛାତ୍ରୀ ନିଶବ୍ଦ ହୋଇ ଯାଆନ୍ତି ସେତେବେଳେ । କେବଳ ଚାଳ ଉପରୁ ଶୁଭୁଥାଏ ସେହି ଘରଚଟିଆଙ୍କ କିଚିରି ମିଚିରି ଶବ୍ଦ । ପାଠ ଶେଷରେ ଗୁରୁଜୀ ପିଲାମାନଙ୍କୁ ଗପ ଶୁଣାନ୍ତି:

"ଦିନେ ଚୁଆଁ ଟୁଇଁକୁ ଡ଼ାକି କହିଲା ଆରେ ଗୋଟେ କଥା ଜାଣିଛ ! ଭାଲୁ ଆମ ଘରକୁ ନିମନ୍ତ୍ରଣ ପତ୍ର ନେଇ ଆସିଥିଲେ ଆଜି । ସେ ବହୁତ କରି କହି ଯାଇଛନ୍ତି ଯେ ଆମକୁ ଯିବା ପାଇଁ କାଲି ସନ୍ଧ୍ୟାରେ ହାତୀ ରାଜାଙ୍କ ବାହାଘରକୁ । ହାକିମ ହାତୀ ରାଜା ଦୂରରୁ ଥାଇ କହିଛନ୍ତି ଯେ ତାଙ୍କ ବାହାଘରରେ ଆମକୁ ବରଯାତ୍ରୀ ହୋଇ ଯିବା ପାଇଁ । ତାଙ୍କ ବାହାଘରରେ ତେଲିଙ୍ଗି ବାଇଦ ତୂରୀ, ଭେରି, ମହୁରୀ, ଶଙ୍ଖ ବାଜିବ । ଠେକୁଆ ମାନେ ଦଳବଳ ହୋଇ ନାଚିବେ । ଗଧ ମାନେ ଲିଚୁ ଲାଇଟି ଗଛଫୁଲ ଆଦି ଧରି ଚାଲିବେ । ବାଘ ଭାଇନା ବାଣୁଆ ହୋଇ ଜଙ୍ଗଲରେ ବାଣ ଫୁଟାଇବେ । ବାକି ଆଉ ଯେତେ ଜୀବଜନ୍ତୁ ସବୁ ରହିଲେ ଜଙ୍ଗଲରେ ସେମାନେ ମିଶି ହାତୀ ରାଜାଙ୍କ ରଥ ଟାଣିବେ । ଯେତେବେଳେ ହାତୀରାଜା ରୋଷଣୀ କରି ଘରୁ ବାହାରି ଯିବେ ସେତେବେଳେ ବେଙ୍ଗୁଲି ମାନେ ହୁଳହୁଳି ପାକାଇବେ ଓ ବେଙ୍ଗ ମାନେ ତାଳି ମାରିବେ । ବାକି ରହିଗଲେ ବିଲୁଆ ନନା ସେ ବେଦମନ୍ତ୍ର ପଢ଼ି ଫୁଲମାଳ ପିନ୍ଧାଇ ହାତୀ ରାଜାଙ୍କର ବାହାଘର କରିବେ । ଓଟମାନେ ମିଠାଇ କ୍ଷୀରି ଆମ୍ବିଳ ପୁରି ଇତ୍ୟାଦି ବାଣ୍ଟିବେ ବସି । ନେଉଳ ଶ୍ୱାନ ଆଉ ଯେତେ ପଶୁ ପକ୍ଷୀ କୀଟ ପତଙ୍ଗ ରହିଲେ ସେମାନେ ସବୁ ମନ ଖୁସିରେ ବସି ଭୋଜିଭାତ ଖାଇବେ ହସିହସି । ହରିଣ ମାନେ ସେହି ଭୋଜିଭାତ ରାନ୍ଧିବେ ସୁସ୍ୱାଦୁ କରି । ଖାଇବା ପରସିବା କାମ ସବୁ ସିଂହମାନେ କରିବେ । ଶେଷରେ ଘୋଡ଼ା ଗାଡ଼ିରେ ଆଣି ଆଦରର ସହ ଘରେ ଛାଡ଼ିଦେଇ ଯିବେ । ସେଠାରେ ବହୁତ ଆନନ୍ଦ ଲାଗିବ । ତେଣୁ ଆମେ କାଲି ସନ୍ଧ୍ୟାରେ ନିଶ୍ଚୟ ଯିବା ବୋଲି ଟୁଇଁ ଚୁଆଁକୁ କହିଲା କାନରେ ।"

ଏମିତି ପ୍ରକାରର ଗପ ଗୀତ ପାଠ ସମ୍ଭାରକୁ ନେଇ ରସମୟ ହେଉଥିଲା ପାଠପଢ଼ା । ଯାହା ଆଜିର ଶିଶୁମାନଙ୍କ ପାଇଁ ଏକ ଉଦାହରଣ । କେବଳ କାନ୍ଥରେ ଝୁଲୁଥିବା ଫଟଭଳି ସେହି ସମୟ ପାଲଟି ଯାଇଛି ଅଲୋଡ଼ା ଅଭୁଲା ଅତୀତ ହୋଇ ଆଜି ।

****

**ଅମରନାଥ ବାରିକ୍**<br>
ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର<br>
ଓଡ଼ିଶା, ପିନ୍ ନମ୍ବର୍ - ୭୫୫୦୧୧<br>
ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

**"ଜାତି ନନ୍ଦିଘୋଷ ଚଳିବ କି ଭାଇ<br>
ସ୍ୱାର୍ଥ କୁ ସାରଥି କଲେ<br>
ଟାଣେ କିରେ ଗାଡି ଦାନାର ଡୋବଡ଼ା<br>
ଘୋଡା ମୁହେଁ ବନ୍ଧା ଥିଲେ ?"**

(ଉତ୍କଳ ଗୌରବ ମଧୁସୂଦନ ଦାସ)

# GANESH MAHOTSAV-2024















# CULTURAL PROGRAMME

















## CULTURAL PROGRAMME



















# BLOOD DONATION CAMP
























# BLOOD DONATION CAMP
































# SOUVENIR RELEASE























# SOUVENIR RELEASE






















*With Best Compliments From :*

**Ajay Mohanty M: 9810973244, 9868089979**

# AJ-DEEP SERVICES

**DOMESTIC & INTERNATIONAL COURIER & CARGO**

**Head Office :** A-33, D.D.A. Flat, New Ranjit Nagar, Opp. Satyam Cinema, New Delhi-110008 Phone : 011-41605237, 8745929393

**Dwarka Office :** 303, Durga Tower, Plot No -10, Sector-4, Dwarka, New Delhi-110075 Phone : 011-42614443, 8745929494

**Rajendra Place Office :** 115, Rajendra Bhawan, Rajendra Place, New Delhi-110008 Phone : 011-44775237, 8745928989

**Customer Service No. : 8745 92 9393 / 8745 92 9494 / 8745 92 8989**

**E-mail : ajdeep2000@gmail.com Website : www.ajdeepservices.com**

DHL FedEx Express aramex ups

BLUE DART DELHIVERY



# କବିତା ଗୋ ତମେ

କବିତା ଗୋ ତମେ ଛନ୍ଦ ବନ୍ଧରେ
ବାନ୍ଧି ରଖିଛ ମତେ
କଳିରୁ କବିତା ଫୁଲ ହୋଇ ଫୁଟ
ନାନା ରଙ୍ଗେ ନାନା ମତେ ।

ଆକାଶ ଓହ୍ଲାଏ ମାଟି କୋଳେ ଲୋଭେ
ବରଷା ସୋପାନ ଛୁଇଁ
ସବୁଜ ମାୟାରେ ପ୍ରୀତି ପରଶରେ
ଜୀବନ ସଙ୍ଗୀତ ଗାଇ ।

ଯେଉଁଠି ନିଗିଡ଼େ ମାଟି ମଣିଷର
ଶ୍ରମ ବିନ୍ଦୁ ଟୋପା ଟୋପା
ଯେଉଁଠି ଶିଳିପୀ ନିହାଣ ମୁଗୁର
ଶିଳାରେ କୁହାଏ କଥା ।

ପଥରେ ଲୋଟାଏ ପଦ୍ମ କୋରକ
ରୂପ ଲବଣ୍ୟେ ତନ୍ୱୀର ଅଙ୍ଗ ନ୍ୟାସ
କୃଷ୍ଣ ଖୋଷାରେ କନକ ଚମ୍ପା
ଝିନ ବସନେ କୁନ୍ଦିତ ଅଙ୍ଗ ରାସ ।

ଏ ରସ ରାସର ଚିତ୍ର ପୁରୀରୁ
କଦବା ଦେଖାଅ ମଣିଷ ମଣିଷ ଯୁଝି ହୁଏ ନିଜ ସାଥେ
ପ୍ରକୃତି ନାଶି କେମିତି ମଣିଷ
ନିଜେ ମରେ ନିଜ ହାତେ ।


କେବେ ଗୋ କବିତା ଶୁଣିଅଛ ତମେ
ନର୍ଦ୍ଦମା କଡ଼ୁ ଶିଶୁ କନ୍ୟାର ବିକଳ କଅଁଳ ରଡ଼ି
ସଦ୍ୟ ପ୍ରସୂତ ଅମୃତ ଶିଶୁ
କେଉଁ ପିଶାଚିନୀ ଜନନୀ ଯାଇଛି ଛାଡ଼ି ।

କବିତା ଗୋ ତମେ ।
କେବେ ଛାତି ଫଟା କୋହେ ବୁଡ଼ିଯାଅ
ସଧବା ସିନ୍ଦୂର ଯାଉଥାଏ ଯେବେ ଲିଭି
ଭାଙ୍ଗୁଥାଏ ଯେବେ ସଧବାର ଚୁଡ଼ି
ତମ ଆଖି ଲୁହ ଧାର ଧାର ଯାଏ ସ୍ରବି ।

ଶିଶୁ ଶ୍ରମେ ଦୁଃଖେ ବିଗଳିତା ତମେ
କୋହରେ କୋହରେ ଉଷୁମ ଲୋତକ ତାଳ
ଶୋଷଣ ଦୂଷଣ ଅନ୍ୟାୟ ପଥେ
କବିତା ଗୋ ତମେ ପାଲଟ ଝଞ୍ଜା ଝଡ ।
ଅଶାନ୍ତ ମନ ଶାନ୍ତ କରାଇ
ଜୀବନ ମନ୍ତ୍ରେ ମନ୍ତ୍ର ଗୋ ଅନୁରାଗେ
କବି କର୍ମର ଚେତନା ଗୋ ତମେ
ଭାବରେ ଭାବରେ ଆସୁଥାଅ ଅନୁଭବେ ।


****

**ତାରିଣୀ ଚରଣ ସାହୁ**
ଘର ନଂ. ଜେ. ଜି -୧୦୮
ଜଗଦା , ରାଉରକେଲା -୭୬୯୦୪୨
ଦୂରଭାଷ : ୮୯୧୭୫୭୫୯୮୦



"ପହିଲାଣି ଘୋର ତାମସୀ -ଯାମିନୀ
ଫୁଟିବ ଉତ୍କଳ-ଭାଷା-କମଳିନୀ"

(କବିବର ରାଧାନାଥ ରାୟ)



# ସନ୍ଧ୍ୟା ଆଳତି

ସନ୍ଧ୍ୟା ଆଗମନେ ଗାଆଁ ମନ୍ଦିରରେ
ଶୁଭେ ଘଣ୍ଟ ହୁଳହୁଳି
ଗାଈଗୋରୁ ପଲ ଗୋଠରୁ ଫେରନ୍ତି
ଉଡ଼ାଇ ଦାଣ୍ଡରେ ଧୂଳି ।
ପଲ୍ଲୀବଧୂ ମାନେ ଶୁଭ ମନାସନ୍ତି
ମନରେ ରଖି ଭକତି
ଚଉରା ମୂଳେ ସଞ୍ଜବତୀ ଜାଳି
କରନ୍ତି ସନ୍ଧ୍ୟା ଆଳତି ।
ନୀଡ଼କୁ ଫେରନ୍ତି ବିହଙ୍ଗମ ଦଳ
ଖାଦ୍ୟ ଅନ୍ୱେଷଣ ସାରି
କୃଷକ ଭାଇଟା କୃଷିକ୍ଷେତ୍ରୁ ଫେରେ
କାନ୍ଧରେ ଲଙ୍ଗଳ ଧରି ।
ଗ୍ରାମ ସୀମନ୍ତିନୀ ଘଟେ ସ୍ନାନସାରି
ଗୃହେ ଆସେ ବେଗେ ଚଳି
ଗ୍ରାମ ଦେବତୀଙ୍କୁ ବନ୍ଦାପନା କରେ
ହାତେ ଧରି ଅର୍ଘ୍ୟଥାଳି ।
ସନ୍ଧ୍ୟା ଆଳତିର ଘିଅ ଝୁଣା ବାସ୍ନା
ମନରେ ପୁଲକ ଆଣେ
ଗ୍ରାମ୍ୟ ପରିବେଶ ମୁଖରିତ ହୁଏ
ଚଞ୍ଚଳତା ଖେଳେ ପ୍ରାଣେ ।
ଗାଆଁରୁ ସହର ମଠରୁ ମନ୍ଦିର
ଭକ୍ତଙ୍କ ଆସର ଜମେ
ସର୍ବ ଜନ ହିତେ ଏ ସନ୍ଧ୍ୟା ଆଳତି
ହୁଏ ଏଇ ପୁଣ୍ୟ ଧାମେ ।

****

**ରାମ ଚନ୍ଦ୍ର ପ୍ରଧାନ**
ଶିକ୍ଷକ
ଗ୍ରାମ – ସାନ୍ତରାପଲ୍ଲୀ, ପୋଷ୍ଟ - କନିଆରୀ
ଭାୟା - ନୂଆଁ ଗାଁ, ଥାନା - କବିସୂର୍ଯ୍ୟ ନଗର
ଜିଲ୍ଲା - ଗଞ୍ଜାମ, ପିନ୍ - 761111
ଦୂରଭାଷ : 9861638736



# ବ୍ରହ୍ମଦର୍ଶନର ପ୍ରତୀକ୍ଷାରେ

ଜୀବନ ଖୋଜିବା ବାଟେ ଅବା ଯିବା ବେଳେ
ଚାଲେ ମୁଁ ଝିପଟି ଗିରି ଶିଖର କୁ ଚାହିଁ ,
ପଚର ପଚର ପାଣି କାଦୁଅରେ
ଚାଲିବାକୁ ଥିଲେ କେବେ ମୁଁ ଅଟକେ ନାହିଁ ।।

କିବା କଣ୍ଟା ଝଟା ଆବଡ଼ା ଖାବଡ଼ା
ବାଟ ହୋଇଥିଲେ ଚାଲେ ମୁଁ ଅକ୍ଳାନ୍ତ ରହି,
ଭାଳିବା ଭଳିବା ବିଭାବନା ଉର୍ଦ୍ଧ୍ୱେ
ରହି ମୁଁ ଚାଲଇ, ମୋ ବାଟରେ ବାଟ ହୋଇ ।।

ଭାଇ ବନ୍ଧୁ ସାଥି ସହୋଦର କେହି
କେବେ ଅକସ୍ମାତ୍ ବାଟେ ଦେଖା ହୋଇଗଲେ,
ଅମୃତ ବଚନେ ସୌଜନ୍ୟ ପରଶି
ହସ ଖୁସି ବାଣ୍ଟି ମୋ ବାଟେ ମୁଁ ବାଟ ଚାଲେ ।।

ହିତ ଶତ୍ରୁ କେହି କେବେ ଦେଖା ହେଲେ
ଚାହେଁ ସେ ପଢ଼ାଇବାକୁ ତା' ଅପଢ଼ା ପାଠ,
ତା ଭିନ୍ନ ଆଚାର ବିଚାର କେବେବି
ମୋ ପଥ ବନ୍ଧନେ ଲଗାଇ ପାରେନି ହଟ ।।

ଦେଖେ ମୁଁ ଆଳସ୍ୟ ବିଳାସ ବରଜି
ପକ୍ଷୀ ମାନେ ଉଡି ବୁଲୁଥାନ୍ତି ଆକାଶରେ,
ସୁରକ୍ଷିତ ରାହା ବାଛି ଜୀବଜନ୍ତୁ
ଜୀବନ କାଟନ୍ତି ନିତି ଦିନ ଉଲ୍ଲାସରେ ।।

ଜଗତକୁ ଦେଖି ନିଜକୁ ନିରେଖି
ଆଉ କାହାକୁ ମୁଁ ଦେଖିବାକୁ ଇଚ୍ଛା କରେ,
ଧର୍ମ କର୍ମେ ହଜି ଭିଜି ନିରନ୍ତର
ରହିଥାଏ ବ୍ରହ୍ମ ଦର୍ଶନର ପ୍ରତୀକ୍ଷାରେ ।।

****

**ପଦ୍ମଚରଣ ମଲ୍ଲିକ**
କୈବଲ୍ୟ ମାଗୁଣି ତୀର୍ଥ , ଦୈତାରୀ ପୁର,
ଆଳି, କେନ୍ଦ୍ରାପଡା, ଓଡିଶା
ପିନ୍-୭୫୪୨୩୯
ଦୂରଭାଷ : ୯୪୩୭୪୬୨୧୧୭



## ଉଚ୍ଛ୍ୱାସ

ଝିଅ ଲୋ !
ଏବେ ଆଉ ନାହିଁ ସେ କାଳ,
କାଉ କୋଇଲି ନ ରାବୁଣୁ ଉଠି
ବାସି ପାଇଟି ସାରିବା,
ପେଟ ଭୋକ ମାରି
ସମସ୍ତେ ଖାଇ ସାରିବା ଯାଏଁ ଜଗିବା,
ନଇଁ ନଇଁ ଅଣ୍ଟା ପିଠି ବଙ୍କା କରିବା କି
ଦେଢଶୁରକୁ ହାତେ ଓଢ଼ଣା ଟାଣିବାର
ଦୁଃସ୍ଥ ଦୟନୀୟ ବେଳ ।

ପାରିବୁ ତ, ବାପର ଇଜ୍ଜତ ଓ
କୁଳର ମହତ ଟିକକୁ ସମ୍ଭାଳ କରି
ସାଇତି ରଖିବୁ କାଳକାଳ ।

ତୁ ପାରିବୁ ଝିଅ, ମୁଁ ଜାଣେ,
ତୋ'ରି ପାଇଁ ତ ମୋର ଏ ସ୍ଥିତି,
ତୁ ମୋ ସ୍ଥାବର, ଅସ୍ଥାବର
ଅସୁମାରି ସମ୍ପତ୍ତି ।

ମୋ ଜୀବନ ପୃଷ୍ଠାର ତୁ ଅଲିଭା ଅକ୍ଷର,
ମୋ ପାରିଲା ପଣର ସୂକ୍ଷ୍ମ ସ୍ୱାକ୍ଷର,
ଅନ୍ଧାରୀ ଉପତ୍ୟକାର ଉଜ୍ଜ୍ୱଳତା,
ମଉନ ମହାଯୋଗର ପ୍ରବଣତା,
ତୁ ମୋ ଛାତିର ଦମ୍ଭ,
ମୋ ଘରର ମେରୁ ଖମ୍ବ,
ଯାବତ ସୁଖର ସ୍ରୋତ,
ମୋ କଣ୍ଠ ସଙ୍ଗୀତ,
ଯାହାପାଇଁ ଦିନେ ପୂରି ଉଠିଥିଲା
ମୋ ଶୂନ୍ୟ ଅଗଣା,
ତୁ ହିଁ ତ ମୋ ଜୀବନ ପ୍ରବାହର
ପୁଲକିତ ପ୍ରେରଣା ।

ତୁ ମୋ ପ୍ରାଣ କଲ୍ଲୋଳ,
ମୁଗ୍ଧ ମୁଖରିତ କୋଳାହଳ,
ଅସୂର୍ଯ୍ୟ ଦ୍ୱୀପର ଅର୍ଚ୍ଚନା,
ଛିନ୍ନ ବୀଣାର ମୂର୍ଚ୍ଛନା ।

ମୋ ଶ୍ୱାସ, ମୋ ପ୍ରଶ୍ୱାସ,
ତୁ ମୋ ହୃଦୟର ଭାବୋଚ୍ଛ୍ୱାସ ।

ରଖିବୁ ମା' ମୋର ଛୋଟ ଗୋଟେ କଥା,
ସତ୍ୟପଥେ ଥିବୁ ସଦା ନକରି ଅନ୍ୟଥା ।

ଆସୁପଛେ ଜୀବନରେ ଯେତେ ଝଞ୍ଜା ଝଡ଼,
କଥାଛଳେ ନକହିବୁ ବାପଘର ବଡ଼ ।

ଚାଲିବୁ ମା' ସ୍ୱାମୀସହ ମିଳାଇ ତୋ ପାଦ,
ଆପଣାର ହେବେ ସର୍ବେ, ନକରିବୁ ବାଦ ।

ସୁଖେ ଦିନ କାଟିବାକୁ ଥିଲେ ଅଭିପ୍ରାୟ,
ଚିନ୍ମୟରେ ରଖିଥିବୁ ଚିର ତୋର ଲୟ ।
ଅମନର ମନ ତୁ' ତ ମୋ ଜୀବ ଜୀବନ,
ବଦନରେ ତୀକ୍ଷ୍ଣ ନାସା, ସୁଢଳ ନୟନ ।

ତୁ' ମୋ ଲକ୍ଷ୍ମୀପ୍ରତିମ ସୁନାନାକୀ ସୁକନ୍ୟା,
ନନ୍ଦିତା ନନ୍ଦିନୀ, ଅନୁପମା ଅନନ୍ୟା ।
****

**ସୁସ୍ମିତା ମହାପାତ୍ର**
ରାଉରକେଲା, ଓଡ଼ିଶା
ଦୂରଭାଷ : ୭୯୭୮୪୪୯୨୧୮

"ମାନବ ଜୀବନ ନୁହଇ
କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଯିଏ ନର କର୍ମ ଏକ ତା'ର
ଜୀବନର ମାନଦଣ୍ଡ"
(ଉତ୍କଳମଣି ଗୋପବନ୍ଧୁ ଦାସ)



# ଈଶ୍ୱର ଦର୍ଶନ

କେହି ଦେଖିଛ ଈଶ୍ୱରଙ୍କୁ ?
ମୁଁ ଦେଖିଛି ଖୋଦ୍
ଭେଟିଛି ତାଙ୍କୁ,
ମନ୍ଦିର ବାହାରେ ଚାଦର ଘୋଡ଼େଇ ବସିଥିବା
କୁଷ୍ଠରୋଗୀର ପଚା ଘାଆରେ,
ତା' ଉପରେ ବସିଥିବା ଭଣଭଣ
ମାଛିଙ୍କ ଦେହରେ !

ମୁଁ ଦେଖିଛି,
ଡଷ୍ଟବିନ୍ ର ଉଚ୍ଛିଷ୍ଟକୁ ମହାର୍ଘ୍ୟ ଭାବି
ଅଯୁତଯୁଗରୁ କ୍ଷୁଧିତ ରମେୟା ପାଗଳର
ଟିକମିକ ଆଖିରେ !

ମୁଁ ଦେଖିଛି,
ପାଞ୍ଚବର୍ଷର ଜରିଗୋଟାଳି ଝିଅର
ଫୁଙ୍ଗୁଳା ଶରୀରକୁ
ଗୋଟା ଗିଳି ପକାଉଥିବା
କାମୁକ ପୁରୁଷର ରଡ଼ ଆଖିରେ !

ମୁଁ ଦେଖିଛି,
ରାସ୍ତାକଡ଼ରେ ସଦ୍ୟ ପ୍ରସବିନୀ ମାଆର
ଶୁଷ୍କ ଲୋଳିତ ଚର୍ମରେ !

ଦେଖିଛି ମୁଁ
ଯୌତୁକ ଜୁଇରେ ମିଳେଇ ଯାଉଥିବା
କେଉଁ ଅଲିଅଳୀର ଆର୍ତ୍ତ ଚିତ୍କାରରେ !

ମୁଁ ଦେଖିଛି,
ଜରାନିବାସର ଯୋଡ଼ା ଯୋଡ଼ା
ବିବଶ ରକ୍ତଶୂନ୍ୟ ପେଜୁଆ ଆଖିରେ !

ଦେଖିଛି ମୁଁ
ମଜବୁର କୁନି ଦାଦନର ନୀରିହ ଆଖିରେ,
ତା' ରକ୍ତ ଜରଜର କଟା ପାପୁଲିରେ !

ମୁଁ ଭେଟିଛି,
ମୁକୁଳା ଆକାଶ ତଳେ ଡହଡହ ଖରା,
ହାଡଭଙ୍ଗା ଶୀତ, ଧୁ ଧୁ ବର୍ଷାରେ
ଗଣି ହେଉଥିବା ମୂଲିଆର ପଂଜରା ହାଡ଼ରେ !

ଦେଖିଛି ମୁଁ
ଶହଶହ ଆହତ ଶୈଶବକୁ
ମଦରେ ଗୋଳେଇ ଢକଢକ ପିଇଯାଇଥିବା
ବାପର ନିର୍ଲ୍ଲଜ ପଣିଆରେ !

ମୁଁ ଦେଖିଛି,
ବୁକୁ ଫଟାଇ କାନ୍ଦି ପାରୁନଥିବା,
ନାଚାର, ପୀଡିତାର ନୀରବ ବିଳାପରେ !


ଆହୁରି ଦେଖିଛି,
ଅନ୍ଧଗଳିରେ ଦେହ ବିକୁଥିବା
ଅସହାୟା ଲଳନାର କାକୁସ୍ଥ ପଣରେ !

ଅହରହ ଭେଟୁଛି ବି,
ପକ୍ଷାଘାତ ସମାଜର ନିକମା ପଣରେ !
ଆଉ ଖୁବ୍ ନିକଟରୁ ଏ ସବୁ ଦୃଶ୍ୟକୁ
ଅସମ୍ଭବ ନୀରବ ରହି,
ନିର୍ବିକାରରେ ହଜମ କରୁଥିବା
ଈଶ୍ୱରଙ୍କ ଅପାରଗତାରେ !!

****

**ସୁନନ୍ଦା ବି ମହାପାତ୍ର**
ବାଙ୍ଗାଲୋର
ଦୂରଭାଷ : ୭୦୦୮୫୧୩୯୧୩

**"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ**
**ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ"**
(ଉତ୍କଳମଣି ଗୋପବନ୍ଧୁ ଦାସ)



# ଆମ ଓଡିଶା

ବୀର ପ୍ରସବିନୀ ରାଇଜ ଓଡିଶା
ଖାରବେଳ ଯା'ର ପୁଅ
କପିଳେନ୍ଦ୍ର ଦେବ କାଞ୍ଚି ଅଭିଯାନ
ଭୁଲିଛ କି କେହି କୁହ?

ଗଙ୍ଗା ତଟରୁ ଗୋଦାବରୀ ଯାଏ
ବିଶାଳ ବକ୍ଷେ ତା'ର
ଉଡୁଥିଲା ଦିନେ ବିଜୟ କେତନ
ହୋଇ କେତେ ଫରଫର ।

ସହସ୍ର ଗଜର ବାହିନୀକୁ ଦେଖି
ଡରୁଥିଲେ ଶତ୍ରୁସେନା
ମହାଭାରତରେ ଉଲ୍ଲିଖିତ ଅଛି
କଳିଙ୍ଗ ସେନା ବର୍ଣ୍ଣନା ।

ସମ୍ରାଟ୍ ଅଶୋକ କଳିଙ୍ଗ ଯୁଦ୍ଧେ
ବୁହାଇଲେ ରକ୍ତ ସୁଅ
ଲକ୍ଷେ ପାଇକ ହାଣିଥିଲେ କାଳେ
ତାଙ୍କର ଦଶା ବି କୁହ?

ପାଞ୍ଚ ଲକ୍ଷ ସୈନ୍ୟ ମଗଧରୁ ପରା
ଯୁଦ୍ଧ ଆଶେ ଆସିଥିଲେ
କହିବକି କେହି କଳିଙ୍ଗ ସମର
ପରେ ସେ କୁଆଡେ ଗଲେ?

ଶାନ୍ତିର ଗାଥା ଗାଇଲେ ଅଶୋକ
ତରବାରୀ ଦେଇ ଛାଡି
ଧର୍ମର ବାଣୀ ପ୍ରଚାର କରିଲେ
ବୁଦ୍ଧଙ୍କ ପାଦେ ପଡି।

ସିଂହବାହୁ ରାଜା ଦେଶାନ୍ତରି ହେବା
କଥାବି ଲାଗଇ ସତ
ତାଙ୍କରି ନାମରେ ସିଂହଳ ରାଇଜ
ପୂର୍ବସୂରିଙ୍କର ମତ।

ଏ ରାଜ୍ୟ ବଣିକ ଜାହାଜରେ ଜାଭା
ବାଲି ଦ୍ୱୀପେ ଯାଉଥିଲା
ଏବେ ବି ସେଠାରେ ପ୍ରଭୁ ଜଗନ୍ନାଥ
ପୂଜା ପାଉଛନ୍ତି ଭଲା ।

ଦାଶ, ସାହୁ, ମିଶ୍ର, ନାୟକ, ବେହେରା
ସାଙ୍ଗିଆ ତାଙ୍କର ଶୁଣି
ଗର୍ବ ଲାଗେ ଆମ ଓଡିଶା ମହାନ୍
ରାଇଜ ମଉଡମଣି।

ଶେଷ ହିନ୍ଦୁରାଜା କୃଷ୍ଣଦେବରାୟଙ୍କର
ଥିଲେ ଯେ ଦ୍ୱିତୀୟ ରାଣୀ
ଅଟନ୍ତି ପରା ସେ ମୁକୁନ୍ଦ ଦେବଙ୍କ
ଅଲିଅଳୀ ଜେମାମଣି ।

କଳିଙ୍ଗ ସାଗରେ ହୁଏନ୍ ସାଂ ପରା
ନୌଯାତ୍ରାରେ ଯାଇଥିଲେ
ଚୀନ୍ ଦେଶ ଯାଇ ଭ୍ରମଣ ବୃତ୍ତାନ୍ତ
ନିଜ ହାତେ ଲେଖିଥିଲେ।

ହୀରାକୁଦ ଠାରେ ହୀରା ମିଳୁଥିବା
କଥା ବି ଲାଗଇ ସତ
ଇଂରେଜ ସାହେବ ଲର୍ଡ କ୍ଲାଇଭ୍
ଲେଖିଥିଲେ ଏହି ତଥ୍ୟ ।

ଉତ୍କଳ,କଳିଙ୍ଗ, ଓଡିଶା ରାଇଜ
ଅଟଇ ଆମର ଧନ୍ୟ
ତା ସନ୍ତାନ ଆମେ ରଖିବା ତା ମାନ
ହେଉ ଏହା ଆମ କାମ୍ୟ।

****

**ଇଂ ବିଜୟ କୁମାର ସେନାପତି**
ଜି ୧୯, ସେକ୍ଟର୍ ୨, ରାଉରକେଲା - ୬
ପିନ୍ ୭୬୯୦୦୬
ଦୂରଭାଷ : ୮୯୫୫୦୦୯୯୨



# ଚଳନ୍ତି ଠାକୁର

ବାପା ଯାଇଥିଲେ ଶ୍ରୀ ଗୁଣ୍ଡିଚା ଯାତ
ସାଥେ ନେଇଥିଲେ ପୁଅକୁ
ରଥେ ବସି ଯିବେ ମାଉସୀ ଘରକୁ
ଦେଖିବେ ଚାଲନ୍ତି ଦିଅଁକୁ
କଳା ଧଳା ପୀତ ମୁହଁକୁ
ପାପ ଧୋଇ ଯିବ ଦର୍ଶନ କରିଲେ
କି ଦେଖିବ ଭକ୍ତ ସୁଅକୁ ।।୧।

ମାଆ ବଦଳରେ ରହିଛି ମାଉସୀ
ପୋଡ଼ ପିଠା ପୋଡି ରଖିଛି
କାଣ୍ଡିଆ କୁଣ୍ଡାର ଯେଉଁ ପୋଡ଼ ପିଠା
ଭିଟାମିନ୍ କେତେ ରହିଛି
ବାପା ଦେଉଥିଲେ ବୁଝାଇ
ସ୍ନେହ ଶରଧାର ମାତୃ ଋଣ କିଏ
ଜଗତେ ପାରିଛି ଶୁଝାଇ ।  ।୨।

ଜନ ସମୁଦ୍ରରେ ଲୁଚିଗଲେ ଦିଅଁ
ପୁଅକୁ କିଛି ନ ଦିଶିଲା
କହିଥିଲେ ବାପା ପରବାଏ ନାହିଁ
ପୁଅ ବାପ କାନ୍ଧେ ବସିଲା
ମନେ ମନେ ପୁଅ ହସିଲା
ପ୍ରଭୁ ଚକାଡୋଳା ଦର୍ଶନ କରିଣ
ସବୁ ପାପ ଯାକ ନାଶିଲା ।।୩।


ରଥକୁ ଚାହିଁଲା ରଥେ ହସୁଛନ୍ତି
କହୁଛନ୍ତି ଆରେ ବାଳକ
ଚଳନ୍ତି ପ୍ରତିମା ମୁହିଁ ନୁହେଁ ଧନ
ପଣ୍ଡା ଅଟନ୍ତି ମୋ ଚାଳକ
ମିଛେ ମୁଁ ସଭିଙ୍କ ପାଳକ
ତୋ ପାଳନ କର୍ତ୍ତା ଯା କାନ୍ଧେ ବସିଛୁ
ଚଳନ୍ତି ଦିଅଁ ତୋ ଜନକ ।।୪।

ଦିଅଁ କାନ୍ଧେ ବସି ଦିଅଁ ଦରଶନେ
ନଥାଏ କୌଣସି ଧରମ
ସେ ଦିଅଁକୁ ସେବି ମୋତେ ସୁମରିଲେ
ତାହା ହୁଏ ଶ୍ରେଷ୍ଠ କରମ
ବୁଝିଲୁ ଧରମ ମରମ
ପିତା ମାତା ସେହି ହେବୁ ଋଣ ମୁକ୍ତ
ସତ୍ୟ ବାଣୀ ଏହା ଚରମ ।।୫।

ଏହି କଥା ହେଜି ପିତା ଓ ମାତାଙ୍କୁ
ମଣିବା ଚଳନ୍ତି ଠାକୁର
ପ୍ରଭାତରୁ ଉଠି ଭକତି ଭାବରେ
କରିବା ପ୍ରଥମେ ଜୁହାର
କଥା ମାନୁଥିବା ତାଙ୍କର
ସର୍ବ ଦେବା ଦେବୀ ବିରାଜିତ ସେଠି
ଏ ସାରା ପୃଥିବୀ ଯାକର ।।୬।

****

**ବ୍ରଜ ବିହାରୀ ଦାଶ**
ବି-୭୪, ସେକ୍ଟର୍-୧୭, ରାଉରକେଲା-୩
ଦୂରଭାଷ : ୯୮୫୩୧୯୭୩୫୯୫



"ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚାଲି ଯାଉଅଛି କାମ ରୁଣ୍ଡାଇ ପୁଣ୍ଡାଇ
କୁକୁର କି ପାଇଁ ଗୋଟେ ବନାଇବ ଘର
ଚାଟିବୁଲେ ବରାମିଶା ଅଇଁଠା ପତର"

(କଥା ସମ୍ରାଟ ଫକୀର ମୋହନ ସେନାପତି)



# ଭିକ୍ଷୁକ

ଭିକ୍ଷାଂ ଦେହି ମନ୍ତ୍ରରେ
ଏ ସାରା ଜଗତ
ମୁଁ ବା ସେଥିରୁ ବର୍ତ୍ତିବି କେମିତି !

ଯେତେବେଳେ ଯାହା ଇଛା
ମନ ଭରି ମାଗିଚି
ମାଗି ମାଗି ବଞ୍ଚିବାର କଳା ମୁଁ ଶିଖିଚି
ତମେ କହିପାର ମୁଁ 'ଭିକ୍ଷୁକ'
ହଁ ମୁଁ ଭିକ୍ଷୁକ।।

ନଦୀକୁ ମାଗିଚି
ସମୁଦ୍ରକୁ ମାଗିଚି
ଆକାଶକୁ ମାଗିଚି
ପାହାଡ଼ ପର୍ବତ
ଗଛ ଲତା ପତ୍ର ଫୁଲ ଫଳ
ସମସ୍ତଙ୍କୁ ମାଗିଚି
ସେମାନେ ଦେଇଚନ୍ତି ମୋତେ
ବଞ୍ଚିବାକୁ ରାହା ।।

ଏବେ କୁହ
ଏମାନଙ୍କ ବିନା ତମେ କ'ଣ
ବଞ୍ଚି ପାରିବ !!

ଦାନ, ଧର୍ମ, ଧୈର୍ଯ୍ୟ,ଶାନ୍ତି,
ଶୃଙ୍ଖଳା, ସଂସ୍କୃତି,
ଭଲପାଇବାର ଏଇ
ପବିତ୍ର ଭାବନାର ଭିକ୍ଷୁକ ମୁଁ ।

ଭିକ୍ଷୁକ ହୋଇ ବଞ୍ଚିବାକୁ ଚାହେଁ
ଭିକ୍ଷାଂ ଦେହି ମନ୍ତ୍ରରେ ମୁଁ
ଦୀକ୍ଷିତ ହେବାକୁ ଚାହେଁ।।

***

**ସୁଚରିତା ମହାନ୍ତି**
ବାରିପଦା, ମୟୂରଭଞ୍ଜ
ଦୂରଭାଷ : ୮୯୧୭୫୭୧୨୦୨



# ଜୀବନର ଅନ୍ତାକ୍ଷରୀ

ଆଳାପ ନୁହେଁ ସେ ଅଳପ ବେଦନା
ଦେଇଥିଲ ଯାହା ଛାତିଚିରି
ଅଦେଖା କାଗଜେ ବନ୍ଧା ପଡ଼ିଛି ସେ
ଜାଳୁଅଛି ନିତି ଥିରି ଥିରି ।

ଫି 'ସନ ମେଘ ଆସିଲେ ଇଆଡ଼େ
ବତୁରେ କାଗଜ ଭିଟାମାଟି
ଫୁଲ ଯେତେ ସବୁ ଆଖି ମଳୁଥାନ୍ତି
ଦେବାକୁ ସାଉଁଟି ସ୍ମୃତି ଭେଟି ।

ନଈ ବନ୍ଧେ ନାହିଁ କେନ୍ଦୁ କି କଇଥ
ଶୂନ୍ ଶାନ୍ ଲାଗେ ରାସ୍ତା ଘାଟ
ନାଚି ଉଠେ ଯାହା ଆଖିର ପଲକେ
ସେଦିନ ମେଘରେ ଭେଟ ଭାଟ ।

ଗାଁ ଦାଣ୍ଡ ଆଉ ପଚାରି ବୁଝୁନି
ଶ୍ରାବଣର ସୂକ୍ଷ୍ମ କଳା କୀର୍ତ୍ତି
କେମିତି ଥିଲା ସେ କଳାର ପସରା
ଦେଇଥିଲା ଯାହା ଆପେ ଯାଚି ।

ଆଳାପ ନୁହେଁ ସେ ଅଳପ ବେଦନା
ଦେଇଥିଲ ଯାହା ଛାତି ଚିରି
ଇତିହାସ ସିଏ ବିଳାପ କରୁଛି
ଏକି ଜୀବନର ଅନ୍ତାକ୍ଷରୀ???

****

**ଲକ୍ଷ୍ମୀପ୍ରିୟା ପୃଷ୍ଟି**
ଅଧ୍ୟାପିକା, ଦଶରଥପୁର,
ଯାଜପୁର-୭୫୫୦୦୭
ଦୂରଭାଷ : ୭୩୭୭୩୧୮୭୮୯



# ଶ୍ରୀ ଜଗନ୍ନାଥ

ମଧ୍ୟ ଭାରତରେ
ଅବନ୍ତୀ ନାମରେ
ପବିତ୍ର ରାଜ୍ୟଟେ ଥିଲା
ଇନ୍ଦ୍ରଦ୍ୟୁମ୍ନ ବୋଲି
ରାଜା ଜଣେ ଥିଲେ
ନାଆଁ ବି ତାଙ୍କର ଥିଲା ।

ବିଷ୍ଣୁଙ୍କର ସିଏ
ବଡ ଭକ୍ତ ଥିଲେ
ପୂଜାପାଠ କରୁଥିଲେ
ତାଙ୍କ ନିକଟରେ
ଋଷି ଜଣେ ଆସି
ଉପଗତ ହୋଇ ଥିଲେ ।

ଓଡିଶା ଭୂଖଣ୍ଡେ
ପୂରୁବ ଭାଗରେ
ବିଷ୍ଣୁ କରୁଛନ୍ତି ବାସ
କହୁ କହୁ ସିଏ
ସୂଚନାଟିଏ ଦେଲେ
ହୋଇ ସିଏ ହସ ହସ ।

କୌତୁହଳ ହୋଇ
ରାଜା ଇନ୍ଦ୍ରଦ୍ୟୁମ୍ନ
ଚର ହିଁ ପ୍ରେରଣ କଲେ
କେଉଁଠି ଅଛନ୍ତି
ବିଷ୍ଣୁ ମହାପ୍ରଭୁ
ବହୁ ଖୋଜା ଖୋଜି କଲେ ।

ବିଦ୍ୟାପତି ବୋଲି
ବିଚକ୍ଷଣ ବ୍ୟକ୍ତି
କଣ୍ଟିଲୋକୁ ଆସିଥିଲେ
ଲଳିତା ନାମକ
ଶବରୀ କନ୍ୟାର
ପ୍ରେମରେ ସେ ପଡିଗଲେ ।

ପ୍ରତ୍ୟେହ ଦେଖନ୍ତି
ଲଳିତାର ପିତା
କେଉଁ ଆଡେ ଯାଉଛନ୍ତି
ଫୁଲ ଟାଙ୍ଗୁଡିରେ
ପୁଷ୍ପ ଫଳ ଧରି
ପ୍ରତ୍ୟୁଷରୁ ଯାଉଛନ୍ତି ।

ନାମ ବିଶ୍ୱାବସୁ
ଲଲିତାଠୁଁ ସିଏ
ଅବଗତ ହୋଇଥିଲେ
ପୂଜା କରିବାକୁ
ଗୁମ୍ଫାକୁ ଯାଆନ୍ତି
ବିଶ୍ୱାସରେ କହି ଦେଲେ ।

ସେ ଗୁମ୍ଫା ଭିତରେ
ଠାକୁର ଦେଖିବେ
ବିଦ୍ୟାପତି ବ୍ୟସ୍ତ ହେଲେ
ଚକ୍ଷୁ ବାନ୍ଧି ଦେଇ
ଲଳିତା ତାହାଙ୍କୁ
ଗୁମ୍ଫା ଯାଏ ନେଇଥିଲେ ।

ବିଦ୍ୟାପତି କିନ୍ତୁ
ଅତ୍ୟନ୍ତ ଚତୁର
ସୋରିଷରୁ କିଛି ନେଇ
ଚାଲ ପଥେ ସିଏ
ବାଟ ଯାକ ବୁଣି
ଗୁମ୍ଫା ଠାରେ ପହଞ୍ଚିଲେ ।

ଗୁମ୍ଫା ଭିତରକୁ
ନେଇ ସେ ଲଳିତା
ଦିଅଁକୁ ଦେଖେଇ ଦେଲା
ଦିଅଁକୁ ଦେଖି ସେ
ବିଦ୍ୟାପତିଙ୍କର
ମନ ଉତ୍‌ଫୁଲ୍ଲିତ ହେଲା ।

ରାଜାଙ୍କର କଥା
ମନେ ପଡିଗଲା
ଅବନ୍ତୀକୁ ବାହୁଡ଼ିଲେ
କଣ୍ଟିଲୋରେ ସିଏ
ଯାହା ଦେଖିଥିଲେ
ସବୁ କିଛି ବଖାଣିଲେ ।

ରାଜା ମନ୍ତ୍ରୀ ଆଉ
ସୈନ୍ୟ ସାମନ୍ତ ବି
ଘୋଡା ଚଢି ଯାଇଥିଲେ
ସୋରିଷ ଫୁଲକୁ
ଦେଖି ବିଦ୍ୟାପତି
ବାଟ ହିଁ ବତାଇ ଥିଲେ ।

ବିଦ୍ୟାପତିଙ୍କର ଏହି
ଏହି କାର୍ଯ୍ୟ ଦେଖି
ବିଶ୍ୱାବସୁ କ୍ଷୁବ୍ଧ ହେଲେ
ବିଶ୍ୱାସ ଘାତକ

କହି ସେ ତାହାଙ୍କୁ
ଭର୍ତ୍ସନା ବି କରିଥିଲେ ।

ଗୁମ୍ଫାରେ ପହଞ୍ଚି
ନୀଳ ମାଧବଙ୍କ
ମୂର୍ତ୍ତି ସେ ପାଇଲେ ନାହିଁ
ଶୂନ୍ୟବାଣୀ ହେଲା
ଆହେ ଇନ୍ଦ୍ରଦ୍ୟୁମ୍ନ
ଦାରୁବ୍ରହ୍ମ ଆଣ ଯାଇ ।

ପୁରୀ ତଟେ ମୁହିଁ
ସମୁଦ୍ର ଜଳରେ
ଦାରୁ ହୋଇ ଭାସୁଅଛି
ମୂର୍ତ୍ତି ଗଢି ତାକୁ
ପୂଜା ପାଠ କର
ତା' ଭିତରେ ମୁହିଁ ଅଛି ।

ଆହେ ବିଶ୍ୱାବସୁ
ଦୁଃଖ କରନାହିଁ
ତୁମେହିଁ କରିବ ପୂଜା
ଇନ୍ଦ୍ରଦ୍ୟୁମ୍ନ ଜଣେ
ବିବେକୀ ମଣିଷ
ଶାନ୍ତିରେ ପାଳନ୍ତି ପ୍ରଜା ।

ରାଜା ଇନ୍ଦ୍ରଦ୍ୟୁମ୍ନ
ପୁରୀରେ ପହଞ୍ଚି
ଆଶ୍ଚର୍ଯ୍ୟ ଚକିତ ହେଲେ
ଦାରୁବ୍ରହ୍ମ ହୋଇ
ପ୍ରଭୁ ଜଗନ୍ନାଥ
ସମୁଦ୍ରରେ ଭାସୁଥିଲେ ।

ଯତନରେ ତାଙ୍କୁ
ଉଦ୍ଧାର କରିଲେ
କାରିଗର ଖୋଜିଥିଲେ
ଭବ୍ୟ ମୂର୍ତ୍ତି କିଏ
ନିର୍ମାଣ କରିବ
ଡେଙ୍ଗୁରା ସେ ପିଟାଇଲେ ।

ବିଶ୍ୱକର୍ମା ଜଣେ
ଆସି ପହଞ୍ଚିଲେ
ପ୍ରତିଶ୍ରୁତି ସିଏ ଦେଲେ
ଭବ୍ୟ ମୂର୍ତ୍ତି ସିଏ
ନିର୍ମାଣ କରିବେ
ସର୍ତ୍ତ ଟିଏ ରଖିଥିଲେ ।

ରୁଦ୍ଧ ଦ୍ୱାରେ ସିଏ
ମୂର୍ତ୍ତି ହିଁ ଗଢିବେ
ଖୋଲିବେନି ତାକୁ କେହି

ଏକବିଂଶ ଦିନେ
ସମାପ୍ତ ହୋଇବ
ଦ୍ୱାବିଂଶେ ଖୋଲିବେ ଯାଇ ।

ସର୍ତ୍ତ ଅନୁସାରେ
ବିଶ୍ୱକର୍ମା ଯାଇ
ରୁଦ୍ଧଦ୍ୱାରେ ରହୁଥିଲେ
ସେ ଦାରୁକୁ କାଟି
ଠୁକୁ ଠୁକୁ କରି
ମୂର୍ତ୍ତି ସିଏ ଗଢୁଥିଲେ ।

ଦି ସପ୍ତାହ ପରେ
ଠୁକୁ ଠୁକୁ ଶବ୍ଦ
ଜମା ଆଉ ଶୁଭିଲାନି
ରାଜାଙ୍କର ତହୁଁ
ସନ୍ଦେହ ହୋଇଲା
ବିଶ୍ୱକର୍ମା ଗଲେ କାହିଁ ?

ଭାବି ନେଲେ ସିଏ
ଭୋକ ଉପାସରେ
ଦେହାନ୍ତ ହୋଇଛି ବୋଧେ
ରାଜାଙ୍କୁ ପୁଛିଲେ
ବିଶ୍ୱକର୍ମାଙ୍କର
ଅନାଗ୍ରହ ଥିଲା ଖାଦ୍ୟେ !

ରାଣୀଙ୍କ କଥାରେ
ରୁଦ୍ଧ ଦ୍ୱାରା ତହୁଁ
ମୁକ୍ତ କରା ଯାଇଥିଲା
ବିଶ୍ୱକର୍ମା ପୁଣି ନଥିଲେ
ସେଠାରେ ମୂର୍ତ୍ତି ଗଢ଼ାହେଲା ଅଧା ।

ରାହା ଧରି ରାଜା କାନ୍ଦିଲେ ସେଠାରେ
କେଡେ ହତଭାଗ୍ୟ ମୁହିଁ
ଅଧାଗଢା ହୋଇ ରହିଲେ ମୋ ଦିଅଁ
ବିଶ୍ୱକର୍ମା ଗଲେ କାହିଁ ?

ଶୂନ୍ୟବାଣୀ ହେଲା "ଶୁଣ ଇନ୍ଦ୍ରଦ୍ୟୁମ୍ନ
କିଛି ଭୁଲ ହୋଇ ନାହିଁ
ଏହି ପରି ମୁହିଁ ପୂଜାହିଁ ପାଇବି
ଦୁଃଖ ତୁମେ କର ନାହିଁ "

****

**ଅକ୍ଷୟ ମହାନ୍ତି**
ନିର୍ମାଲ୍ୟ
ଦୂରଭାଷ : ୯୯୩୭୪୭୨୫୦୭



# ବୋଉ

ଅନ୍ଧାର ଭିତରେ
କାହ୍ନୁ ଅଛି ବୋଉ ,
ତୋ କଥା କେତେ
ମନେ ପଡୁଛି  ,
ଧାର ଧାର ଲୁହ
ବହି ଗଲା ବେଳେ
ତୋ ପଣତେ ପୋଛିବା
ମନେ ପଡୁଛି ।

ଶୂଳି ଠାରୁ ବଳି
ଶୂଳରେ ଶୂଳରେ ,
ଏ ଅଧମକୁ ବୋଉ
ଜନମ ଦେଲୁ ,
ଜୀବନ ଯନ୍ତ୍ରଣା
ନାହି ନାଡ଼ କାଟି,
ମୋ ପାଇଁକି କେତେ
ସ୍ୱପ୍ନ ଦେଖିଲୁ ।

ସୁଖ ବେଳେ ଏବେ
ଭାରି ମନେପଡ଼େ,
ବୋଉ କେମିତି କଟିଛି
ଆମ ଦୁଃଖଦ ବେଳ ,
ସୁଖର ସାଥୀକୁ
କହିବି କେମିତି,
କେତେ ଭଲଥିଲା
ଆମ ବାସି ପଖାଳ ।

ରୁଟିମନ୍ତେ ମୋତେ
ଖିରି କାକରା,
ଅତି ଆଦରରେ
ବଳାଇ ଖୋଉ ,
ଭୋକ ପାଇଁ ତୋର
ଲୁଚାଇ ଲୁଚାଇ ,
ତୋରାଣି ପାଣିରେ
ଲୁହ ଠୋପା ଠୋପା
ଗୋଳାଇ ପିଉ ।

ଦୁଃଖରେ ଯେବେ ବି
ଭାଙ୍ଗି ପଡି ଅଛି ,
ସାରା ଆକାଶଟା
ଦେଖାଉ ଥାଉ ,
ପକ୍ଷୀ ହୋଇ ମୋତେ
ଉଡିବାକୁ ହେବ ,
ଦିଗବଳୟ ଆଡେ
ଇସାରା ଦେଉ ।

ସଂସାର ଜଞ୍ଜାଳ
ଭୋକର କରାଳ ,
ଯୁଝିବାକୁ କେତେ
ସାମର୍ଥ୍ୟ ଦେଉ ,
ସୁନ୍ଦର ସକାଳ
ଆଣିବାକୁ ହେବ ,
କାନେ କାନେ ମୋତେ
ବୁଝାଉ ଥାଉ ।

ଯେତେବେଳେ ଯେଉଁ
ପରୀକ୍ଷା ଦେଇଛି,
ବୋଉ,
ତୋ ପାଦ ଦୁଇଟାକୁ
ମନେ ଭାଳିଛି ,
ପରୀକ୍ଷା ପ୍ରଶ୍ନର
ଉତ୍ତର ଖୋଜିଲେ ,
ତୋ ସୁନ୍ଦର ମୁହଁଟା
ଜଳ ଜଳ ଦିଶିଛି ।

ତୋ ମୁରୁକା ହସକୁ
ମନେ ପକାଇ ପକାଇ
ଉତ୍ତର ଖାତାରେ
କାହିଁ କେତେ ଲେଖିଛି ,
ସ୍ଥିର ଚିତ ହୋଇ
ଲେଖିବୁ ବାବୁରେ,
ତୋର,
ଏହି ପଦେ,କଥା,
ମୋତେ ସଫଳତା ଦେଇଛି ।

ଏମିତି କର୍ମଟେ
ଯୋଗାଡ଼ିଲି ବୋଉ ,
ରାତି ପାହିଲେ
ମୁଁ ଲୁହ ପୋଛୁଛି ,
ଦୁନିଆ ଦାଣ୍ଡରେ
ହାରିଯାଏ ଯେବେ,
ତୋର କଥା ସବୁ
ମନେ ପଡୁଛି ।
****

**ସନ୍ନ୍ୟାସୀ ନାୟକ**
ଚକ୍ଷୁ ଚିକିତ୍ସା ଅଧିକାରୀ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ପୁରୀ
ଦୂରଭାଷ : ୯୪୩୭୩୫୨୫୬୦



# ଅନୋଖା ସଜେସନ୍

କାଳ ବୈଶାଖୀ ପ୍ରଭାବେ ହେବାରୁ
ବରଷା ସହିତ ଝଡ
ମନେହେଲା ସତେ ଚାଷୀକପାଳରେ
ହୋଇଚି ବୋଲୁଅ ମାଡ଼।

ଅଦିନ ବରଷା ପ୍ରଭାବେ ଫସଲ
କ୍ଷେତରେ ଯିବାରୁ ସଢି
ଉପାୟ ନପାଇ ଛାମୁଙ୍କ ପାଖରେ
ପହଞ୍ଚିଲେ କରଯୋଡି।

ପରଜାଙ୍କୁ ଦେଖି ମଣିମା ଭାଷିଲେ
"ଆସିଅଛ କାହିଁପାଇଁ"
କହିଲେ ସଭିଏଁ କି କରିବୁ କିଛି
ବୁଦ୍ଧିବାଟ ଦିଶୁନାହିଁ?

ବହୁକଷ୍ଟେ ଚାଷ କରିଥିଲୁ ଆମେ
ମୁଣ୍ଡଝାଳ ତୁଣ୍ଡେମାରି
ଏଥିପାଇଁ ଛାମୁ ନେଇଛୁ ବି ଋଣ
କରିଛୁ ହାତ ଉଧାରି।

ଆମ ରାଇଜ ତ ସାଜିଅଛି ବଢି
ବାତ୍ୟା ର ଚରାଭୂଇଁ
ଯେତେ ଖଟିଲେ ବି ଅଭାବ ଆମର
ପିଛା ଜମା ଛାଡୁନାହିଁ।

ସରକାରୀ ବାବୁଭାୟା ଙ୍କ କଥାରେ
ପୁରୁଣା ଚାଷକୁ ଛାଡି
ନୂଆ କିସମର ଚାଷକଲୁ ହେବ
ବୋଲି ତା ଅର୍ଥକାରୀ।

କାଳବୈଶାଖୀ ରେ ବରଷା ସହିତ
ପଡିକି କୁଆପଥର
ଚାଷ ଉଜୁଡ଼ିଲା କିପରି ବଞ୍ଚିବୁ
ଉପାୟ ଏଥକୁ କର।"

ଶୁଣିକରି ଛାମୁ କହିଲେ ମାଣ୍ଡିଆ
ଚାଷ କରୁନାହଁ କିଆଁ
ଅବାକ୍ ହୋଇକି ତୁମକୁ ଚାହିଁକି
ରହିବେ ହୋଲ ଇଣ୍ଡିଆ।"

ଶୁଣିକରି ଜଣେ କହିଲା ମଣିମା
କେକ୍ ଚେନାଚୁର୍ କରି
ଏଇଥିରୁ କଣ ଋଣ ଶୁଝି ଛାମୁ
ପେଟକୁ ପାରିବୁ ଭରି?

କହିଲେ ମଣିମା ଉପାୟ ଚିନ୍ତିଛି
ଟେନ୍ ସନ୍ ନିଅନାହିଁ
ନିଷ୍ପତ୍ତି ନେଇଛୁ ମାଣ୍ଡିଆ ରୁ ଭଲ
ମଦ ତିଆରିବା ପାଇଁ।

ରାଇଜ ର ଖ୍ୟାତି ବଢିବ ତୁମର
ପକେଟ୍ ଗରମ୍ ହେବ
ଜହ୍ନ ଧଉଳା ରାତି ପରି ତୁମ
ଭାଗ୍ୟ ଚମକୁଥିବ।"

ଛାମୁଙ୍କ ମୁଖରୁ ଏପରି ଅନୋଖା
ସଜେସନ୍ ଶୁଣିକରି
ପରସ୍ପର କୁ ଚାହିଁ ରହିଥିଲେ
କେବଳ ଜଳକା ପରି।

****

**ଦେବାଶିଷ ଚକ୍ରବର୍ତ୍ତୀ**
ମଣ୍ଡୁଆ, କେନ୍ଦୁଝର ଗଡ
ଦୂରଭାଷ : ୯୪୩୭୭୫୨୩୯୫

"ପ୍ରେମ ଭାବେ ଯାର, ଅନ୍ତର ପୂରିତ
ସର୍ବ ପ୍ରାଣୀ ହୃଦ, ତା ହୃଦେ ଅଙ୍କିତ ।
ସର୍ବ ଅନୁଭୂତି ସର୍ବ ଭୂତେ ତାର,
ତା ଦୃଷ୍ଟିରେ ବିଶ୍ୱ ଏକ ପରିବାର ।"
(ଉତ୍କଳମଣି ଗୋପବନ୍ଧୁ ଦାସ)
"ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ,
ଶିଖ, ଜୈନ ଯେତେ ଭାରତ ସନ୍ତାନ ।
ଯେତେ ଧର୍ମ, ଯେତେ ବର୍ଣ୍ଣ, ଜାତି କୁଳ,
ଭାରତ ଜନନୀ ସମସ୍ତଙ୍କ ମୂଳ ।"
(ଉତ୍କଳମଣି ଗୋପବନ୍ଧୁ ଦାସ)




## ସ୍ୱାଧୀନତାର ସୂର୍ଯ୍ୟ ଆସିଛି ଉଇଁ

"ସର୍ବେଷାମ୍ ନୋ, ଜନନୀ ଭାରତ ଧରଣୀ କଳ୍ପଲେତୟମ୍'
' ବନ୍ଦେ ମାତରଂ, ବନ୍ଦେ ମାତରଂ, ବନ୍ଦେ ମାତରଂ '
'ସାରେ ଯାହାଁସେ ଆଛା ହିନ୍ଦୁସ୍ଥାଁ ହମାରା ହମାରା'
' ବନ୍ଦେ ଭାରତ ଜନନୀ, ବନ୍ଦେ ଉତ୍କଳ ଜନନୀ '
' ଭାରତମାତାର ଜୈତ୍ରୀ ଗାଥାର
ମୂର୍ଚ୍ଛନା ଛୁଟେ ଆକୁମାରୀ ହିମାଳୟ
ସବୁରି କଣ୍ଠେ ଗୋଟିଏ ସ୍ୱର
ଜୟ ଭାରତର ଜୟ,ଜୟ ଭାରତର ଜୟ ...
ହଜାରେ ବର୍ଷର ଅନ୍ଧାରୀ ଶାସନ ପରେ ଏ ଭାରତେ
ସ୍ୱାଧୀନତାର ସୂର୍ଯ୍ୟ ଆସିଛି ଉଇଁ
ଜାତୀୟ ପତାକା ଲହରାଇ ଆମେ
ପ୍ରଣାମ କରୁଛୁ ଆମରି ମଥାକୁ ଛୁଇଁ ....
ନାରଙ୍ଗି  ଧଳା ପୁଣି ସବୁଜ ରଙ୍ଗର
ତ୍ରିରଙ୍ଗା  ପତାକା ତୁହି
ଘୋଷୁଅଛୁ ଆଜି ସ୍ୱାଧୀନ ହୋଇଛି ଆମରି ଜନମ  ଭୂଇଁ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଏହି ଯେ ଭାରତ ଭୂଇଁ
ଏଠି କେହି ସାନ ନାହିଁ କେହି ବଡ ନାହିଁ
ଗୋଟିଏ ମାଆର କୋଟିଏ ସନ୍ତାନ
ଆମେ ସବୁତ ଭଉଣୀ ଭାଇ
ରଞ୍ଜିତ ଅସି ଧାରେ, ଶତ୍ରୁର ରକତ ଗାରେ
ବିଜୟର ଟୀକା ଭାଲେ ବହି
ଏ ଜୀବନ ପଣ କରି,ହସି ହସି ଯିବୁ ମରି
ଜୈତ୍ରୀର ଧ୍ୱଜା ଟୋଳି
ଶତ୍ରୁର କବର ଖୋଳି
ବୈରୀର ଶୋଣିତରେ,ଫୁଟାଇବୁ ରକ୍ତ ଜବା
ପୁଣି ଶାନ୍ତିର ସ୍ଥାୟିନୀ ମନ୍ତ୍ର ଗାଇଗାଇ
ଆମେରେ ସୈନିକ, ଶ୍ରମିକ ଦଳ, ଶିଳ୍ପୀକୁଳ, ଚାଷୀଭାଇ,
ଶସ୍ୟର କେଦାର ମାଳେ, ସୌଧ, ଖାଦାନ ତଳେ, କାରଖାନା ଧୂଆଁ ଧାରେ,
ଏ ଭାରତ ସରୋବରେ
ଫୁଟାଇବୁ ଆମେ କେତେ କେତେ ଶୁଭ୍ର ନୀଳ କଇଁ
ହେ ଭାରତମାତେ !
ସହିଦ୍ ର ତୀର୍ଥ ଭୂମି ତୀରୁ
ପ୍ରଣାମ କରୁଛୁ ଆମେ ଆମ ମଥା ନଇଁ
ଶପଥ କରୁଛୁ ଆମେ
ମୃତ୍ୟୁର ଜଳରେ ସନ୍ତରଣ କରିକରି
ତୋଳୁଥିବୁ,ଏ ପିଣ୍ଡରେ ପ୍ରାଣ ଥିବା ଯାକେ
ତୋହ ପାଇଁ ରକ୍ତ କମଳ କଇଁ...
ଜାତୀୟ ପତାକା ଲହରାଇ ଆମେ ପ୍ରଣାମ କରୁଛୁ ଆମରି ମଥାକୁ
ଛୁଇଁ,......୨ଥର

****

**କୁଞ୍ଜବିହାରୀ ରାଉତ**
ପ୍ଲଟ୍ ନଂ ୧୪୮/୫, ହମିରପୁର୍, ରାଉରକେଲା-୩,
ଦୂରଭାଷ : ୯୮୬୧୦୩୪୪୯୪



## ତମ ଆଖି

ତମ ଆଖିର ଆଖୁ କିଆରୀରେ
ମିଠା ପ୍ରେମ ଭରା ଭରା
ସେଇ ଆଖିରେ ବୁଡି ମରିବାକୁ
ଜଗିଛି ମୁଁ ଦିନ ସାରା।

ଆଖି ନୁହେଁ ସେତ ଉଦାର ଆକାଶ
ଦେଖିନି କାହା ଖରପ ଗୁଣ
ମନ୍ଦ ପାଞ୍ଚୁଥିବା ମନକୁ ଯେ ଯାଚେ
ସ୍ନେହ, ସେଇ ତାର ଭଲପଣ।

ସେଇ ଆଖିର ପ୍ରେମ ପାରାବାରେ
ବୁଡ଼ ଯଦି ପକାଇବି ଥରେ
ସବୁପାପ ମୋର ପୁଣ୍ୟ ହୋଇଯିବ
ପଦ୍ମ ଫୁଟେ ପଙ୍କିଳ ମନରେ।

ସେଇ ଆଖିକୁ ଚାହିଁଦେଲେ ଥରେ
ମୋ ସକାଳ ଆସେ ଫେରି
ମମତା ମୟୂଖ ସେ ଆଖିରୁ ନିତି
ମୋ ପାଇଁ ପଡନ୍ତା କି ଝରି।

ଦୀପଟେ ଜଳୁଛି ସେ ଆଖିରେ ଦେଖ
ମୋ ଖେଦ ତମସା ହଜିଲା
ଏ ଜୀବନ ଗୋଟେ ଧୂ ଧୂ ଖରା ବେଳ
ସେ ଆଖି ଆଶ୍ୱାସନା ଦେଲା।

***

**ଜ୍ୟୋତ୍ସ୍ନାଶ୍ରୀ ପୁଷ୍ପାରାଣୀ ସେନାପତି**
ବଡରମ୍ପାସ, ହାଟଡ଼ିହି, କେନ୍ଦୁଝର



# ଦେଖାଅ ବିଶ୍ୱରୂପ ପ୍ରଭୁ

ବଡ଼ ଦେଉଳିଆ ରତ୍ନବେଦୀ ପରେ
ବସିଛ ବଡ଼ ଠାକୁର
ଉଡଉଛ ନେତ ପତିତପାବନ
ସୃଷ୍ଟିକର୍ତ୍ତା ବ୍ରହ୍ମାଣ୍ଡର ।

ତ୍ରାଣକର୍ତ୍ତା ତୁମେ ବିଶ୍ୱର ନିୟନ୍ତା
ରଚିଅଛ କେତେ ଲୀଳା
ଏ ଛାର ଅଧମ କେମିତି ବୁଝିବ
ତୁମକୁ ହେ ଚକାଡୋଳା ।

ତ୍ରେତୟା ଯୁଗରେ ଶ୍ରୀରାମଙ୍କ ରୂପେ...
ନେଲ ବିଷ୍ଣୁ ଅବତାର
ଦ୍ୱାପର ଯୁଗରେ କୁରୁକ୍ଷେତ୍ର ଯୁଦ୍ଧେ
ନାଶ କଲ ଅହଂକାର ।

ମାରିଅଛ କଂସ ତାରିଛ ଭକତ
ଲୀଳା ଗୋପ ମଥୁରାରେ
ରାବଣର ବଧ ଛାରଖାର ଲଙ୍କା
ଲେଖାଅଛି ପୁରାଣରେ ।

ଏ କଳି କାଳରେ କିଛି ବର୍ବର
ପାପର ରାସ୍ତାରେ ଚାଲି
ପଶୁପରି ଏଠି ଜୀଅନ୍ତା ମଣିଷ
ଚମଡ଼ା ଦିଅନ୍ତି ଛେଲି ।

ବୃଦ୍ଧା ମାଆ ଆଗେ ଓଲଟା ଝୁଲୁଛି
ଭେଣ୍ଡିଆ ପୁଅ ଶରୀର
ଅବଳା ହେଉଛି ନିଇତି ଧର୍ଷିତା
କୁହ ଏ କେଉଁ ବିଚାର ?

ଲହୁର ନଈରେ ଭାସୁଛି ଶରୀର
ଜାଳେ ଧର୍ମାନ୍ଧତା ନିଆଁ
ଧର୍ମ ନାମରେ ଅଧର୍ମର ଯଜ୍ଞ
ରହିଛ ନୀରବ କିଆଁ ?


ତ୍ରାହି ତ୍ରାହି ଡାକ ବିକଳ ଚିତ୍କାର
ଜୀବନର ରକ୍ଷା ପାଇଁ
ବିଶ୍ୱ କାରିଗର ହେ ପରମେଶ୍ୱର
ଶୁଣି ପାରୁଛ ନା ନାହିଁ ।

ସୁଖର ସଂସାର ପାଲଟେ ଶ୍ମଶାନ
ଦେଖୁଛ ତ ନାରାୟଣ
ଅଜ୍ଞାନ ବିଧର୍ମୀ ଅତ୍ୟାଚାରୀଙ୍କର
ଭାଙ୍ଗ ପ୍ରଭୁ ଟାଣପଣ ।

କେତେବେଳେ ଆଉ ଲାଗିବ କାମରେ
ଚକ୍ରଧରଙ୍କର ଚକ୍ର
ଅତ୍ୟାଚାରୀଙ୍କର ବର୍ବରତା ଗୁଣ
କଲାଣି ବିଶ୍ୱକୁ ନର୍କ ।

ହେ ବିଶ୍ୱବିହାରୀ ବିଶ୍ୱ ବିଧାତା
କରନାହିଁ ଆଉ ଡେରି
ବିଶ୍ୱରୂପ ତୁମ ଦେଖାଅ ପାପୀଙ୍କୁ
ଶଙ୍ଖ ଚକ୍ର ଗଦା ଧରି ।
****

**ଭାସ୍କର ବାରିକ୍**
ବାସୁଦେବପୁର, ଭଦ୍ରକ
ଦୂରଭାଷ : ୯୪୩୭୩୨୦୩୫୦



(ସ୍ୱଭାବକବି ଗଙ୍ଗାଧର ମେହର)

" ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚ ଭାଷୀ ଲୋକେ ତାକୁ ନୀଚ ଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନବୁଝେ ମାନ ଅପମାନ,
ନୁହଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ ?
କାହିଁ ତା'ର ରାଜଦୁଆରେ ସମ୍ମାନ ?"



## ଭଗ୍ନ ଶିଳା

ଶିଳ୍ପୀ ଗଲା ଦୂରେ
ସ୍ଥାପତ୍ୟକୁ ଭୁଲି
ସ୍ୱପ୍ନ କରି ଅଧାଗଢ଼ା
ଝୁରେ ଭଗ୍ନ ଶିଳା
ଝୁରେ ଚାରୁକଳା
ଝୁରଇ ହୃଦୟ ବେଢ଼ା ।
ପ୍ରସ୍ତର ଛାତିରେ
ଆଙ୍କୁଥିଲା ଯିଏ
ରୂପସୀ ନର୍ତ୍ତକୀ ଛବି
ରଚୁଥିଲା ନିତି
ମାଧୁର୍ଯ୍ୟ ସ୍ଥପତି
ସାଜି ଅନୁରାଗୀ କବି ।
ଶ୍ରାବଣ ବର୍ଷାରେ
ଭିଜୁଥିଲା ମନ
ଶିଳ୍ପୀର ପରଶ ପାଇ
ଗାଉଥିଲା ପିକ
ବକୁଳ ବନରେ
କୁହୁ କୁହୁ ଗୀତ ଗାଇ ।
ମେଘ ପାଲିଙ୍କିରେ
ଆସୁଥିଲା ଜହ୍ନ
ଜ୍ୟୋସ୍ନା ନେଇ ଉପହାର
ପାଗଳ ପବନ
ଯାଉଥିଲା ଝୁମି
ଆନନ୍ଦେ ହୋଇ ବିଭୋର ।
ଫୁଟୁଥିଲା ମଲ୍ଲୀ
କାମିନୀ କଦମ୍ବ
ଭୁଲି ଋତୁ ଆଗମନ
ଅଜଣା ପୁଲକେ
ଶିହରିତ ତନୁ
ପାଇ ଶିଳ୍ପୀ ଆଲିଙ୍ଗନ ।
ନାହିଁ ସେଇ ବେଳା
ପ୍ରଣୟ ମେଖଳା
ଭଗ୍ନ ଆଜି ଶିଳାଲିପି
ହରାଇଛି ରୂପ
ହଜିଛି ଅତୀତ
ଶୂନ୍ୟତା ଯାଇଛି ବ୍ୟାପି ।
ନିଃଶବ୍ଦ ପ୍ରହରେ
ପ୍ରସ୍ତର ବୁକୁରେ
ସଞ୍ଚରେ ନବ ଜୀବନ
ମମତାର ସ୍ପର୍ଶେ
ପ୍ରୀତିର ପରାଗେ
ଦେଇ ତାରେ ପ୍ରାଣଦାନ ।
ହଜିଛି ମାଧୁର୍ଯ୍ୟ
ପ୍ରୀତିର ପ୍ରାଚୁର୍ଯ୍ୟ
ରଙ୍ଗହୀନ ଭଗ୍ନଶିଳା
ଭିଜିଛି ଲୋତକ
ଆପଦ ମସ୍ତକ
ଶିରୀହୀନ ଚାରୁକଳା ।
****

**ସୁଜାତା ଦାସ**
ବାଲେଶ୍ୱର

# CORPORATE DONORS

- Richa Global Exports Pvt Ltd.
- Team Express Pvt Ltd.
- Bajrang Logistics
- AOV Exports Pvt Ltd
- Srikrishna Logistics
- Shakti Infrastructure
- Ink Texventure Pvt Ltd
- Diplomatic Tours
- Domex Cargo
- RCPL Logistics Pvt Ltd
- Connecting Thread LLP
- UP Hotels Ltd
- Anuj Cable
- Shree Balaji Industries
- Yes Supply Chain Solutions Pvt Ltd
- Goel Tripathy & Co
- Sakarni Plaster India Pvt Ltd.
- Speed Air Logistics Pvt Ltd.
- DARCL
- GAIL
- Iffco-Tokio
- Vighneswar Corp. Solutions LLP



# ଈଶ୍ୱର ଘର ଖୋଜୁଛନ୍ତି

ଈଶ୍ୱର ଘର ଖୋଜୁଛନ୍ତି ରହିବେ ବୋଲି
କେତେ କମ ସର୍ତ୍ତ ତାଂକର
ସେ ସୃଜିଥିବା ପୂର୍ବ ଦିଗର ସୂର୍ଯ୍ୟକୁ ଦେଖିବେ ବୋଲି
ଗୋଟିଏ ଛୋଟ ଝରକା ଦରକାର
ଉତ୍ତରପୂର୍ବ କୋଣରେ ଟିକେ ଖାଲି ଜାଗା
ବନ୍ଧୁବାନ୍ଧବୀଂକ ସହ ରହିବେ
କେଳିକଦମ୍ବର ଛାୟାନୀଡ଼ ତଳେ ।

ଘରକରଣାର ସର୍ବନିମ୍ନ ସାମଗ୍ରୀ ରଖିବା ପରେ
କାନ୍ଥ ଛାତ କୋଣରେ ଥିବ କିଛି ଶୂନ୍ୟସ୍ଥାନ
ଆଖିମନ ପହଁରାଇ ନେବେ ବେଳେବେଳେ ।

ଝରକା ବାହାରେ ସ୍ୱଛନ୍ଦ ଜାଗା କିଛି
ଆସି ବସିବେ ତାଂକର ପକ୍ଷୀ ସଂସାର
ଆହାର ଭୁଂଜିବେ ବୋଲି ।

ଭୋର ହେଲେ କୁଆ ପାରା ବଣି ଘରଚଟିଆ ସାତଭଉଣୀ
ଆହାର ସରିଗଲେ ଘର ଭିତରକୁ
ପଶି ଆସି ପାରୁଥିବେ ମନେ ପକେଇ ଦେବା ପାଇଁ
କି ଜଳପାତ୍ର ଖାଲି ହେଇଗଲାଣି ଭରିଦିଅ ବୋଲି ।

ଆଖପାଖ ଗଛଲତା କାଟି ପୋଖରୀ ପୋତି
ବାସ୍ତୁ ଉଛେଦ ହେଇଥିବା ଡାହୁକଂକ ପାଇଁ
ଘାସବୁଦା ଢାଂକି ନିମ୍ନଭୂମି ବାସସ୍ଥାନ
ବୁଝେଇବେ ପଡ଼ୋଶୀଂକୁ ବିରକ୍ତ କରନା
ଏମାନଂକ ପ୍ରଭାବରେ ଶୁଭରେ ରୁହଂତି କୁଟୁମ୍ବ ।

ସକାଳବୁଲା ଅପେକ୍ଷାରେ ଥିବା ଘାସ ଶିଶିର
ନିଜକୁ ତାଜା ରଖିଥିବ ଯେଯାଏ
ଲାଲପାଦ ପଡ଼ିନାହିଁ ବାଲୁତ ଈଶ୍ୱରଂକର
ସେମିତି  ଏକ ଘର , ଏକ ଖୋପ
ଏଇ ଚତୁର ନଗରରେ ଖୋଜନ୍ତି ନିରୀହ ଈଶ୍ୱର ।

ପଶ୍ଚିମରେ ଅସ୍ତାଚଳଗାମୀ ସୂର୍ଯ୍ୟ
ଦିନର ଶେଷ ଚିତ୍ରଟି ଆଂକି ଯେବେ ଲୋଡ଼ନ୍ତି ବିଦାୟ
ଶୁଭ ସମ୍ଭାଷଣ ଜଣେଇବେ ତାଂକୁ
ନିମ୍ନତମ ଏତିକି ସର୍ତ୍ତରେ ଘର ବା କୋଠରୀ
ଉଦାସ ଅନ୍ୟମନସ୍କ ଦୟାଳୁ ପକ୍ଷୀ ସହ
ଆଳାପ କରିପାରୁଥିବା ଝରକା ଅପେକ୍ଷାରେ
ଦିନ ମାସ ବର୍ଷ ବିତି ଯାଉଥାଏ ଶିଳ୍ପୀ ଈଶ୍ୱରଂକର ।

କେତେ ଯୁଗ ପରେ ମନ୍ଦିର ପ୍ରାସାଦ ଦୁର୍ଗଚୂଡ଼ା ଛାଡ଼ି
ସାଦାସିଧା ଛୋଟିଆ ଶ୍ୟାମ ନୀଡ଼ଟିଏ
ଖୋଜିବାରେ ବ୍ୟସ୍ତ ଅଛନ୍ତି ଈଶ୍ୱର
ମୋ ସହ ରହିବେ ବୋଲି ।

****

**ବୀଣାପାଣି ଦେବତା**
୧, ସତ୍ୟ ଡକ୍ଟର୍ ରୋଡ୍, କୋଲକାତା- ୭୦୦୦୧୩

"ନହୁଅ ନିରାଶ, ନହୁଅ ଦୁଃଖିତ
ଉତ୍କଳର ଦେଖି ଦୁଃଖମୟ ଚିତ୍ର ।
ସୁଖ ଦୁଃଖ ଚିତ୍ର ଘୁରେ ନିରନ୍ତର
ଏକ ପରେ ଆନ ଆସିବ ମୁକର ।
ଆଲୁଅ, ଅନ୍ଧାର, ଖେଳେ ଲୁଚକାଳି
ଆସିବ ଆଲୁଅ ପଡ଼ିଲାଣି ପାଳି ।"

(ଉତ୍କଳମଣି ଗୋପବନ୍ଧୁ ଦାସ)



# କର୍ମବଳ

ଦୁନିଆ କହୁଛି କାଳିଆ ହସୁଛି
ରତ୍ନ ସିଂହାସନେ ବସି,
ବିଶ୍ୱ ପାଇଁ ଚିନ୍ତା କରି ଚିନ୍ତାମଣି
ମନରେ ଅବ୍ୟକ୍ତ ଖୁସି!

କିଏ ସେ ଆସିଲା କିଏ ନ ଆସିଲା
କାଳିଆର କ'ଣ ଯାଏ ,
ଛପନ ପଉଟି ଭୁଞ୍ଜା ସେବା ପାଇ
ନୀଳାଚଳେ ବସିଥାଏ।

ମହାଭାବ ଶୂନ୍ୟ ମୋହାଚ୍ଛନ୍ନ ଜନ
ଦେଖାଇବାକୁ ବଡ଼ାଇ,
କହନ୍ତି କାଳିଆ କରି ଆଖି ଠିଆ
ଟାଣିଲା ଦର୍ଶନ ପାଇଁ।

ବର୍ଣ୍ଣନା ଏମିତି ଲାଗିବ ଯେମିତି
କାଳିଆ ଥିଲା କି ଚାହିଁ,
ଆଣିବାକୁ ତାଙ୍କୁ ବିମଳା କ୍ଷେତ୍ରକୁ
ଭକ୍ତିରେ ପ୍ରସନ୍ନ ହୋଇ।

ଶୂନ୍ୟଦେହୀ ଯଦି କରନ୍ତେ ମଣୋହି
ସଂସାର ରହନ୍ତା ନାହିଁ,
ଖାଦ୍ୟର ଭଣ୍ଡାର ଖାଲି ହୋଇ ଯାଇ
ଜୀବ ଯାନ୍ତେ ଶୂନ୍ୟ ହୋଇ।

ଜୀଉଙ୍କ ପହୁଡ଼ କଳ୍ପିତ ଆଲେଖ୍ୟ
ମାନବ କଲ୍ୟାଣ ପାଇଁ,
ଚକାଆଖି ତାଙ୍କ ଅହୋରାତ୍ର ଖୋଲା
ବିଶ୍ରାମ ସୁଯୋଗ କାହିଁ!

କର୍ମ କରି ପୁଣ୍ୟ ଅର୍ଜୁଥିବା ଜନ
ଲୋଡ଼େ ନାହିଁ ଦରଶନ,
ହେଲେ ଧର୍ମପଦ ଆପେ ଆଶୀର୍ବାଦ
ଦେଇଥାନ୍ତି ଭଗବାନ।

ସତ୍କର୍ମ କଲେ ସୁଖ ଶାନ୍ତି ମିଳେ
ଦୂରଯାତ୍ରା ଲୋଡ଼ା ନାହିଁ,
ମିଳିବ ଅଲକ୍ଷେ ବିଭୁ ଆଶୀର୍ବାଦ
ସ୍ୱକର୍ମରେ ଲିପ୍ତ ରହି।

***

**ବିଦ୍ୟାଧର ପଣ୍ଡା**
ଗ୍ରାମ/ଡାକ - ଅଢ଼େଇଗୁଣ୍ଠି
ଭାୟା-କାନପୁର, ଜି - କଟକ
ଦୂରଭାଷ : ୯୩୪୮୦୪୨୦୬୬



# ମୁଁ କନ୍ୟା ଟିଏ

ମୁଁ ଭ୍ରୁଣ କନ୍ୟାଟିଏ   କେତେ ରୂପ ଧାରିଥାଏ
ସାଜି ନୂତନ ସୃଜନୀ ଆଧାର ଟିଏ
କେବେ କନ୍ୟା ମୁକ୍ତା   କେବେ ବୋଲାଅ ଦୁହିତା
ହେଲେ  ମହତ୍ତ୍ୱକୁ ମୋର ବୁଝୁଛି କିଏ ????

ମୁଁ ଏଇଠି ସେଇଠି    ଖୋଜି ପାଉନି କେଉଁଠି
ପ୍ରତିକ୍ଷଣ ବାସ୍ତବର ସେ ପରିଚୟ
ଏ ଜୀବନ ରାସ୍ତାରେ  ମୋର  ଭିନ୍ନ ଅଭିନୟ
ଭାବ ବ୍ୟକ୍ତିଗତ ସମ୍ପତ୍ତି ଉପମେୟ   ||

ଜନ୍ମ ହେବା ଆଗରୁ     ମୋର  ପ୍ରାଣ ନେଇଯାଅ
ଅସୁରକ୍ଷିତ ସଜାଅ ମାତୃ ଗର୍ଭରେ
ଆସେ ଭୟାବହତା    ନିର୍ଜନ ଅମାରାତ୍ରୀରେ
କୁହେ  ସୁରକ୍ଷିତ ନୁହେଁ ଜନ୍ମ ହେଲାପରେ  ||

ମୁଁ ଘାଟରେ ବାଟରେ    ପ୍ରୀତି ଯୌବନ ଛାଟରେ
ସହେ ଭୟର ଜୀବନ୍ତ ପୀଡା ଆଘାତ
କେବେ କଳଙ୍କିତରେ    ପିନ୍ଧାଅ ଦାମୀ ଶବ୍ଦରେ
ଅସ୍ୱଷ୍ଟ ଅନ୍ଧାର ସାରା ଜୀବନ କ୍ଷତ   ||

ନୀରବତା  ପୂର୍ଣ୍ଣତା    ଅସମ୍ପୂର୍ଣ୍ଣ ଭୟଙ୍କରତା
କାହାର ନଥାଏ ମୋର  ସୁରକ୍ଷା  ଚିନ୍ତା
ଅବଶ୍ୟ ମୁଁ ବନିତା     ନୁହେଁ ଖିଅହୀନ ସୂତା
ତେବେ କାହିଁକି କର କନ୍ୟା ଭ୍ରୁଣ ହତ୍ୟା ????

ନିଃସତ୍ତ୍ୱ - ନିଶ୍ୱେସିତା   ଅଭିଶପ୍ତ  ଉପଭୋଗ୍ୟ
ସତେ ଯେମିତି ହାରି ଯାଇଛି ମହାତ୍ମ୍ୟ
ଜଳ ବିହୀନେ ନଦୀ    ନାରୀ ବିନା ନାହିଁ ରମ୍ୟ
ଘୃଣ୍ୟ ଚିନ୍ତନ ରୂପାନ୍ତର ମୋର କାମ୍ୟ   ||

ଘୃଣ୍ୟ ଚିନ୍ତନ ରୂପାନ୍ତର ମୋର କାମ୍ୟ...........

****

**ସୁଶ୍ରୀ କାଦମ୍ବରୀ ମହାଖୁଡ଼**
ସ୍ଥାନ  - ଗୁଡ଼ିଆନାଳୀ
ଜିଲ୍ଲା  - ଢେଙ୍କାନାଳ
ପିନ୍ - ୭୫୯୦୦୧,  ଦୂରଭାଷ : ୮୯୦୮୪୧୪୯୭୯



# ସମର୍ପିତ ସ୍ୱର

ମଣିଷ ଅଧରେ ହସାଧରେ ପାଇଁ
ଯେତେ ମୋର ପ୍ରୟାସ
କବିତାରେ ମୁଁ ଯେ କରେ ପ୍ରକାଶ
ସତ୍ୟକୁ କରେ ଠାବ।

ବ୍ୟସ୍ତ କାହିଁକି
ଆସ!
ତୁମର ସବୁ ଅବସାଦ
ଦୂର କରିଦେବି।
ବ୍ୟସ୍ତ ହୁଅ ନାହିଁ
ମୋ ସ୍ପର୍ଶରେ ହିଁ
ତୁମର ସବୁ ଯନ୍ତ୍ରଣା ଦୂର ହୋଇଯିବ।

ଏଇଠୁ ଆରମ୍ଭ ହେଉ
ନୂଆ କରି ଆଉ ଗୋଟେ
ପୃଥିବୀ ଗଢ଼ିବାର ବେଳ।
ଦେଖିବ,
ଖାଲି ଖୋଳପା ପରି ଶରୀରରେ ତୁମର
ଭର୍ତ୍ତି ହୋଇଯିବ ଦହନୀୟ ବାଷ୍ପ,
ହଠାତ୍ ପୁଣି ହୃଦୟର ବଗିଚାରେ
ଶୁଭିବ ଆନନ୍ଦର ସ୍ୱର
ଶିହରିତ ହୋଇଉଠିବ ତୁମ ଚଳଚଞ୍ଚଳ ମନ।

ଆଉ ବିଶେଷ ଲାଭ ନାହିଁ ଅତୀତ ଓଖାଳିବାରେ
ବରଂ ବର୍ତ୍ତମାନ ବହିର୍ମୁଖି ହେଉ ଦୃଷ୍ଟି,
ସଂକୀର୍ଣ୍ଣ ହେଉ ଜ୍ୱାଳାମୁଖୀ।

ତୁମକୁ ଟିକେ ଛୁଇଁଦେଲେ କି ଶବ୍ଦ ଗୁଞ୍ଜରି ଯିବ
ନୀରବତାରେ ତୁମ ହୃଦୟରେ
ଏକ ଚରମ ଆକାଂକ୍ଷାର, ଏକଦମ୍ ହାଲୁକା
ଓ ତାପରେ ପରୀକ୍ଷିତ ବିଶ୍ୱାସଟିଏ।
ତୁମକୁ ଟିକେ ଛୁଇଁଦେଲେ ତୁମେ ଆଶ୍ୱସ୍ତ
ମୁଁ ଆଶ୍ୱସ୍ତ ହେବାର ଗୁପ୍ତ ବ୍ୟଥା ଟିଏ।

ଦେଖ ସୀମାହୀନ ଉଚ୍ଚତା ଯାଏଁ
ମୁଁ ଲମ୍ବେଇ ଦେଉଛି ହାତ
ଆଙ୍କି ଦେଉଛି ସାରା ଆକାଶ, ନୂଆ ଭୂଗୋଳ
ଆତ୍ମୀୟ ତୃପ୍ତିରେ, ବିଭୋର ଜଳବିନ୍ଦୁରେ।

ଖୋଲିଦିଅ ତୁମର ଚାପାଚାପା ହୃଦୟର ରୁଦ୍ଧ ଦ୍ୱାର
ଏଣିକି ହାରିଯିବାରେ
ଆଉ ବିଶେଷ ଦୁଃଖ ନାହିଁ
ବରଂ ବିଶ୍ୱାସ ଅଛି।
ଆଉ ଡରିବାର ନାହିଁ
ଖସି ପଡ଼ିଲେ ଟେକି ନେବ
ଶିଖେଇ ଦବ ଉଡାଣ।

ଆଉ ଡେରି କାହିଁକି?
ଯଦି ପରମାଗତି କୁ ହିଁ ଗତି
ଯଦି ଗଭୀର ଅନ୍ଧାରରେ ଆଲୋକର ବ୍ୟାପ୍ତି
ଆହା! ଆନନ୍ଦମୟ ହେଉ
ଶେଷ ପରିଣତି।

ଏବେ ମୁଁ ବଢ଼ାଉଛି ହାତ
ମହାକାଳର ଶେଷ ସର୍ତ୍ତ ମାନିବାକୁ ହେବ
ମରଣର ମହାଭେରୀ ବାଜିବା ପୂର୍ବରୁ।
ଚାଲିଆସ ହସି ହସି
ମୁକ୍ତ ମନେ, ମୁକ୍ତ ପ୍ରାଣେ
କରିଯିବା ସେବା
ତାହାହିଁ ତ ଜୀବନର ମୂଲ୍ୟବୋଧ।
****

**ମଧୁମିତ୍ରା ଦାଶ**
ପ୍ରତିଷ୍ଠାତା ଓ ଅଧ୍ୟକ୍ଷ
ଜୟପ୍ରଭା ଫାଉଣ୍ଡେସନ୍, କଟକ

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୁରୁ ତହିଁ ପଡି ମୋର ମାଂସ ହାଡ"
(ଉତ୍କଳମଣି ଗୋପବନ୍ଧୁ ଦାସ)



## ସୁସୁପ୍ତ ସିଂହ

ମୁକ୍ତ ପବନ ଯେବେ ମୁକ୍ତ ଗବକ୍ଷେ ଆସେ,
ମୁକ୍ତ ମନଟି ମୋର ମୁକ୍ତ ଆକାଶେ ଭାସେ ।

ସୁପ୍ତ ଅନ୍ତରେ ମୋର ଶୁପ୍ତ ଭାବନା ରାଜି,
ଦୃପ୍ତ ବେଗରେ ଆସି ବୁଣଇ ଭାବରାଜି ।

ଦୃପ୍ତ ଓଡ଼ିଆ ବୀରେ ମୁକ୍ତ ତରବାରୀରେ
ଲୁଣ୍ଠାଉ ଥିଲେ ଶିର ପ୍ରହାରୀ ଅରି ଶିରେ ।

ବାରବାଟିର  ଶିରେ ଦୃପ୍ତ କେତନ ଉଡ଼େ
,କଳିଙ୍ଗ ବୀର ନାମେ ଅରାତି ଛାତି ଥରେ ।

ଗଙ୍ଗାଠୁ ଗୋଦାବରୀ ବିସ୍ତୀର୍ଣ୍ଣ ସାମ୍ରାଜ୍ୟରେ
ଉଡ଼େ କେତନ ମାନ ଗଜପତି ନାମରେ ।

ସର୍ପିଳ ମହାନାଦୀ-ମହାନଦୀର ଜଳେ
ଭାସେ ବୋଇତ ଭେଳା ପୁରିତ ବିପଣୀରେ ।

ସାଧବ ପୁଏ ତେବେ ସାଗରେ ପୋତ ବହି
ବେପାର କରୁଥିଲେ ଦେଶ ବିଦେଶ ଯାଇ ।

ଧନର ନରେ ଭରା ଥିଲା ଓଡିଶା ମାଟି
ଗର୍ବରେ ଫୁଲୁଥିଲା ଓଡ଼ିଆ ଜାତି ଛାତି ।

ସେ ଦିନ ନାହିଁ ଆଜି ହଜିଛି ଅତୀତରେ
ଭରିଲେଣି ବାହ୍ୟଶତ୍ରୁ ଓଡିଶା ଭିତରେ ।

ଗରଜି ଉଠ ଥରେ ସୁସୁପ୍ତ ସିଂହ ଆରେ ,
ଥରାଇ ଦିଅ ଧରା ଆପଣା ଗର୍ଜନରେ ।

ଅତୀତେ ଦେଖି ଗଢ଼ ନୂତନ ଭବିଷ୍ୟତ,
ଚକିତେ ଚାହିଁ ରହୁ ତୋ ଆଡେ ଏ ଜଗତ ।

****

**ଚିତ୍ତରଞ୍ଜନ ବ୍ରହ୍ମା**
ଯୋଗାଯୋଗ: ବି-୧୫୦, ସେକ୍ଟର୍-୭,
ରାଉରକେଲା-୭୬୯୦୦୩, ଦୂରଭାଷ : ୮୮୯୫୫ ୫୦୪୪୩



## ଶାନ୍ତିନିକେତନରେ ଚନ୍ଦ୍ରୋଦୟ

ଉଦିତ ଚନ୍ଦ୍ରର ଶୀତଳ ଆଭାରେ,
ସପ୍ତପର୍ଣ୍ଣର ଦେହରେ କାକରର
ଛିଟା ଛିଟା ପ୍ରଣୟ ବିନ୍ଦୁ,
ସେହି କ୍ଷଣି ପ୍ରାଣୋଦୟ ମୋ ଅନ୍ତକରଣରେ,
ଚେତନାର ହୁଙ୍କା ଭିତରୁ କେହିଜଣେ ବାହାରିଆସି
କହେ ଦେଖ ଦେଖ,ଶାନ୍ତିନିକେତନରେ ଚନ୍ଦ୍ରୋଦୟ ।

ଆମ୍ରକୁଞ୍ଜରୁ ମହକି ଉଠେ ଋତୁମତୀ
ବଉଳର ମହମହ ବାସ୍ନା,
ଚୈତୀ ଆଗରେ ପ୍ରିୟା ବସି ଲେଖେ
କେତେ ବିସ୍ତାରିତ ତା ଭଲପାଇବା,
ସେଇ ଗେରୁଆ ମାଟିର ରଙ୍ଗରେ
ରଙ୍ଗାୟିତ କେତେ କେତେ ଅଲିଭା ସ୍ମୃତି,
ଏଇ ତପୋବନରେ ବସି ତପସ୍ୟା କରନ୍ତି
କେତେ ରଥୀ କେତେ ମହାରଥୀ,
ପୁଣି ଗୌରପ୍ରାଙ୍ଗଣରୁ କେହି ଜଣେ ଆସି
କହେ ଦେଖ,ଦେଖ ଶାନ୍ତିନିକେତନରେ ଚନ୍ଦ୍ରୋଦୟ ।

ଆଜି ମାଧବୀ ଆଉ ସୁନାରୀର କୋଳରେ
ଶିଳ୍ପୀର ମନ ହଜେ,
ଜ୍ୟୋତ୍ସ୍ନାସିକ୍ତ ରୂପେଲି ସ୍ୱପ୍ନରେ ଦେହ ଭିଜେ,
ଦୂର କୁଟୀରରୁ କିଶୋରୀଟି ଗାଇବସେ
'ଆମାଦେର୍ ଶାନ୍ତିନିକେତନ'।
ହୃଦୟର ଫରୁଆରୁ ଆପେ ଆପେ ଶିହରିଯାଏ
ସେଇ ଗୋଟିଏ କଥା ଦେଖ,
ଦେଖ,ଶାନ୍ତିନିକେତନରେ ଚନ୍ଦ୍ରୋଦୟ ।

ଶତ ଶତ ପକ୍ଷୀ ନିଜ ଦେଶ ଛାଡ଼ି
ଉଡ଼ିଆସନ୍ତି ଏଇ ମୟୂରାକ୍ଷୀର ଭୂମିକୁ,
ଏମିତି ଏଇ ସ୍ଥାନ, ଯା ବକ୍ଷରୁ ଦିଶଇ
ସ୍ନେହ ଓ ମମତାର ହସ୍ତାକ୍ଷର,
କଳାପ୍ରେମୀର ମାଟି ଇଏ,
ତପସ୍ୱୀର ମାଟି ଇଏ,
ଏଠି ପୂର୍ଣ୍ଣିମାରେ ଜହ୍ନ ଉଠେ,
ଅମାବାସ୍ୟାରେ ବି ଜହ୍ନ ଉଠେ,
ଜହ୍ନ ଉଠି ଗାଇ ଉଠେ ରବୀନ୍ଦ୍ର ସଙ୍ଗୀତ,
ସେହିକ୍ଷଣି ପୁଣି କେହିଜଣେ ଆସି ଡ଼ାକେ
ଦେଖ,ଦେଖ ଶାନ୍ତିନିକେତନରେ ଚନ୍ଦ୍ରୋଦୟ ।

***

**ତେଜସ୍ୱିନୀ ପଣ୍ଡା**
Email: tejaswanipanda6@gmail.com



# କୁଆଡ଼େ ଗଲେ ସେ ବୁଢ଼ାଲୋକଟି ?

ଏଇ କିଛି ବର୍ଷ ତଳେ
ଆମେ ପାଳିଲୁ ଅମୃତ ମହୋତ୍ସବ; ସ୍ୱାଧୀନତାର ।
ତିନିଟା ରଙ୍ଗବାଲା ପତାକା ଉଡ଼ିଲା
ଚାଲିଲା ସଭାସମିତି ଗୋଟାଏ ବର୍ଷ।
ଚାଲିଲା- ଶୋଭାଯାତ୍ରା, ଜୟଜୟକାର।
କିଛି ଲୋକ ଭାବିଲେ -
କୋଉ ଟୁର୍ଣ୍ଣାମେଣ୍ଟରେ ଜିତିଗଲା କି ଭାରତ !

ଏସବୁ କିଛି ବୁଝିଲାନି ଗୋଟେ ସମାଜ -
ଯେଉଁମାନେ ରାସ୍ତାକଡ଼ରେ ପଡ଼ିଥାନ୍ତି
ଯେଉଁମାନଙ୍କର ଘର ଖଣ୍ଡେ ନ ଥାଏ,
ବିତାଉଥାନ୍ତି ପଲିଥିନ୍ ତଳେ ତାଙ୍କ ଜୀବନକୁ
ନଚେତ୍- ଯେଉଁମାନେ
ତାଙ୍କ ଭଙ୍ଗା ଝୁମ୍ପୁଡ଼ି ଭିତରେ
ଦିନରେ ଖରା ଓ ରାତିରେ ତାରା ଦେଖୁଥିବା ଲୋକମାନେ।

ସେମାନେ ଭାବିଲେ -
କଅଣ ଏ ଅମୃତ ମହୋତ୍ସବ !
କୋଉଠୁ ଝରୁଛି ଅମୃତ ?
ତା' ଦେହରୁ ଝାଳ ହୋଇ ନା ଆଖିରୁ ଲୁହ ହୋଇ ?

ସେମାନେ କିଛି ବୁଝନ୍ତି ନାହିଁ ।
ବୁଝନ୍ତି ନାହିଁ ଦେଶର ଜି.ଡି.ପି. କଅଣ ?
ମୁଦ୍ରାସ୍ଫୀତି କଅଣ ?
ବା ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ
କମିଲା ନା ବଢ଼ିଲା ?

ସେମାନେ ଚାହାଁନ୍ତି ନାହିଁ ବେଶି କିଛି ।
ଏଇ, ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର,
ଆଉ ଦି' ଓଳି ଗଣ୍ଡେ ଖାଇବା,
ଯାହା ଖଣ୍ଡେ ପିନ୍ଧିଦେଲେ ହେଲା ।

ଏଇଆ ନା ଆଉକିଛି ?

ଆଉ ଅନେକ କିଛି ଥାଇ ପାରେ ।
କାହିଁକି ନା ଆମେ ସେମାନଙ୍କୁ
ସମୟ ଦେଇନୁ ସ୍ୱପ୍ନ ଦେଖିବାକୁ ।

ସେହି ଗରିବ ଖୋଳପାରୁ ବାହାରି ଆସିଥିବା ଲୋକମାନେ ହିଁ
ସେମାନଙ୍କୁ ଚାପି ରଖିବାକୁ ଚାହାଁନ୍ତି ।
ଆଗରୁ ଥିଲା ; ଏବେ ଅଛି ।
ଆମେ ଆଉ ଦେଶକୁ ଦେଖୁନୁ ;
ଦେଖୁଛୁ ନିଜକୁ ।
ଆମ ଭିତରେ ବଢୁଛି - ହିଂସା, ଈର୍ଷା, ଅସୂୟା ଭାବ ।

ଏଇ ଭାବ ସବୁଠି ।
ଭାରତମାତା, ଯାହାକୁ ଆମେ ମାଆ ବୋଲି ଡାକୁ,
ସିଏ କଅଣ ଶାନ୍ତରେ ଅଛି ଆମକୁ ନେଇ ?
ସିଏ ହୁଏତ ଖୋଜୁଥିବ ଆମ ପରି -
କୁଆଡ଼େ ଗଲେ ସେ ଅଧାଲଙ୍ଗଳା ବୁଢ଼ାଲୋକଟି !
ଆଉଥରେ ଆସନ୍ତେ ନି !

ସେ ଆସିଲେ ଆମକୁ କହିବେ -
ଆସ, ଆସ ମୋ ପଛରେ ।
ଆମକୁ ଆଉ ଗୋଟେ ଆନ୍ଦୋଳନ କରିବାକୁ ପଡ଼ିବ
ଭାଇଚାରା ପାଇଁ, ପ୍ରେମ ପାଇଁ, ଶାନ୍ତି ପାଇଁ ।

****

**ଅଜୟ କୁମାର ବେହେରା**
ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ
ଜଗତସିଂହପୁର
ଦୂରଭାଷ : ୯୮୬୧୧ ୩୮୪୮୩

**BANK DETAIL**

| | | |
|---|---|---|
| Name | : | **Oriya Cultural & Welfare Association** |
| Type of A/c. | : | **Saving Account** |
| Bank | : | **IDFC First Bank** |
| A/c No. | : | **10040764769** |
| IFSC/RTGS | : | **IDFB0020101** |
| Branch | : | **Barakhamba Road, C.P. New Delhi** |

SCAN & PAY
ocwa2005.08@idfcbank

Your donation will be eligible for deduction u/s 80G of
The Income Tax Act, 1961
(Unique Reg. No.: AAATO1376MF20211)
PAN : AAATO1376M



# ତୁମେ ଆଦି ତୁମେ ଅନ୍ତ ଆହେ କମଳାକାନ୍ତ

ତୁମେ ଆଦି ତୁମେ ଅନ୍ତ
ଆହେ କମଳା କାନ୍ତ
ତୁମେ ଭୀମ ତୁମେ ଶାନ୍ତ
ହେ ଅନାଦି ଅନନ୍ତ।
ତୁମେ ରବି ତୁମେ ଚନ୍ଦ୍ର
ତାରା ମଣ୍ଡିତ ନଭ
ତୁମେ ଜଳ ତୁମେ ଅଗ୍ନି
ଅସମ୍ଭବ ସମ୍ଭବ।
ଝରି ପଡ ବର୍ଷା ହୋଇ
ନଦୀ ତଟିନୀ ପାଇଁ
ସେହି ଜଳ ବାଷ୍ପ ହୋଇ
ଅହରହ ସ୍ରୁଜଇ।
ତୁମେ ବାୟୁ ତୁମେ ପ୍ରାଣ
ଭୂମି ଠୁ ଭୂମା ଯାଏ
ତୁମେ ଅନ୍ନ ତୁମେ ବ୍ରହ୍ମ
ତୁମେ ପ୍ରଳୟ ଟିଏ।
ତୁମେ ଥାଅ ଶିଶୁ ହସେ
ତୁମେ ପଣତ କାନି
ବିଶ୍ୱାସ ର ବୀଜ ଟିଏ
କେଡେ ମହାନ୍ ଦାନୀ।
ତୁମେ ଅଟ ଭାଗବତ
ରାମାୟଣ କାହାଣୀ
ମହାଭାରତର ତୁମେ
ସୃଷ୍ଟି କର୍ତ୍ତା ବିଦ୍ଧାଣୀ।
ତୁମେ ପରା ମାନବର
ପୂର୍ଣ୍ଣ ରୂପ ଚିଟାଉ
ତୁମ ଲାଗି ଧରା ଦିଶେ
ଅନିନ୍ଦ୍ୟ ସୃଷ୍ଟିର ଦାଉ।
ତୁମେ କାଳ ମହା କାଳ
ବର୍ଣ୍ଣନା ଠୁ ବହୁ ଦୂର
ତୁମେ ଆଦି ତୁମେ ଅନ୍ତ
ଆହା ମୋ କଳା ଠାକୁର।
ତୁମ କାନ୍ତି ତୁମ ପ୍ରଭା
ନିତ୍ୟ ସ୍ମରେ ଚଲା ପଥ
ତୁମେ ନାଥ ଦୟା ବନ୍ତ
ପୂରାଇବ ମନୋରଥ।
ତୁମେ ଆଦି ତୁମେ ଅନ୍ତ
ଆହେ କମଳା କାନ୍ତ
ପ୍ରତି ମୁହୂର୍ତ୍ତରେ ପ୍ରଭୁ
ପାଖ ରହି କର ଶାନ୍ତ।
ଏହି ଭିକ୍ଷା ଲୀଳା ମୟ
କରିବ ସଦା କରୁଣା
ତୁମ ଶ୍ରୀ ଚରଣେ ମତି
ରହି ଥାଉ ନ କର ଊଣା।
****

**ବିଜୟ କୁମାର ଜେନା**
ଅବସର ପ୍ରାପ୍ତ ପ୍ରାଧ୍ୟାପକ
ଶାମୁକା ସାହି, ରଣପୁର, ନୟାଗଡ଼



# ଶେଷ ଠିକଣା

ଦୁଇଟି ନିଆଁର ସମଷ୍ଟି ଜୀବନ
ଜନ୍ମରେ ଏନ୍ତୁଡ଼ି ନିଆଁ
ମୃତ୍ୟୁ ପରେ ଜୀବ ଶବ ପାଲଟଇ
ମଶାଣିରେ ହୁଏ ଦାହ।
ଏନ୍ତୁଡ଼ି ନିଆଁରେ ଯେଉଁ ଦେହ ଦିନେ
ହୋଇଥାଏ ପରିପୁଷ୍ଟ
ମୃତ୍ୟୁ ପରେ ସେହି ଦେହ ଶ୍ମଶାନର
ଜୁଇରେ ହୁଅଇ ଭସ୍ମ।
ଜନମ ହୋଇଛେ ମରିବାଟି ନିଶ୍ଚେ
ଜନ୍ମମୃତ୍ୟୁ ଚିର ସତ୍ୟ
ମିଛ,ମାୟା ଭରା ଏଇ ଦୁନିଆରେ
ସତ ପ୍ରଭୁ ଜଗନ୍ନାଥ।
ଶୂନ୍ୟହସ୍ତେ ଆମେ ଆସିଥିଲେ ପୁଣି
ଯିବା ଶୂନ୍ୟହସ୍ତ ହୋଇ
ଧନ,ଦାରା,ସୁତ,ଆତ୍ମୀୟସ୍ୱଜନ
ସାଙ୍ଗରେ ଯିବେନି କେହି।
ଅଢ଼େଇ ଦିନକୁ ବଡେଇ ଦେଖେଇ
ହୁଅ ନାହିଁ ବାଟବଣା
ଜୀବନ ନାଟକ ଯବନିକା ପରେ
ମଶାଣି ଶେଷ ଠିକଣା ॥
****

**ତ୍ରିଲୋଚନ ପାଢ଼ୀ**
ସମ୍ପାଦକ,ସମ୍ବାଦ ସାହିତ୍ୟ ଘର,ନାଉଗାଁ
ସମ୍ପାଦକ: ତ୍ର୍ୟମ୍ବକଂ
ସା/ପୋ:-ନନ୍ଦିଗ୍ରାମ
ଭାୟା:-ନାଉଗାଁ ହାଟ
ଜିଲ୍ଲା:-ଜଗତସିଂହପୁର
ଦୂରଭାଷ : ୯୯୩୮୨୪୪୮୧୯



## ସବୁ ମନେଅଛି

କହିଥିଲ ଦିନେ ମନେଅଛି ମୋର
କହିବି ଦେଖିବ ସବୁ
ଜାଣିଥା କହୁଚି କହିଲା ବେଳେ ମୋ
ପାଟିରେ ରହେନି କାବୁ

କହିଥିଲ ପରା .....

ଦୁଲୁଦୁଲୁ ହେଇ ଚାଲେନା ଏତେ ଲୋ
ହୃଦ ମୋ ଦୋହଲି ଯାଉଚି
ଲୁଗାଛାଟି ଆଉ କହନା କଥା ତୁ
ଗଛପତର ବି ହଲୁଚି

କଥା ତ କହୁଚୁ ପାଟିଟା କିଆଁ ଯେ
ଫମ୍ପା ହାଣ୍ଡି ଭଳି ବାଜୁଚି
ହସିହସି କାଇଁ ଗଡି ଯାଉଚୁ କି
ଛାତି ମୋ କୁହୁଳି ଯାଉଚି

ଏତେ କାଇଁ ଖାଉ ଦେଖିକି ଖା ଲୋ
ହଜମ ହବନି ଏତେ
ଖାଇ ଖାଇ ତୁ ତ ସବୁ ଖାଇଯିବୁ
ଲୁଚଉଛୁ କିଆଁ ମୋତେ

ପେଟ ଖଣ୍ଡେ ତୋର ରଖିଚୁ ଜାଣିଥା
ସତେ କି ଗାଡିଆ ଘାଟ
ଆହୁରି କହୁଚୁ ମାରକେଟ ନିଅ
ଖାଇବୁ ଗୁପୁଚୁପୁ ଚାଟ

ଛଇ ଛଟକ ତୋ ଭାରି ଅଖାଡୁଆ
ସମ୍ଭାଳିବ କିଏ ତୋତେ
ଯେଣେ ଇଛା ତୋର ତେଣିକି ଧାଉଁଚୁ
କିଏ ଖୋଜିବ ବା ଏତେ ..

ଆଜି ନାହିଁ କାଲି ଘର ମୋ ଆସିବୁ
ଟିକିଏ ସମ୍ଭାଳି ରହ
ଦେଖାନା ତୁ ଆଉ ନଖରା ଏତେ ଲୋ
ଶୁଖିଯିବ ସୁନା ଦିହ

ମୁଁ କହିଲି ......... ଯାଉନ

ଏତେ କଥା ମୋତେ କହୁଚ କିଆଁ ଯେ
ଯାଇଚି କି ତୁମ ଘର
ଘରକୁ ନେଲେ ତ ମାରି ଗୋଡେଇବ
ଲାଗିଲାଣି ମୋତେ ଡର
ଯିବିନି ଯିବନି ଯିବିନି କହୁଚି
ଯିବିନି ମୁଁ ତୁମ ଘର
ଜମା ବି ଯିବିନି ମୁଁ ତୁମ ଘର
****

**କଳ୍ପଲତା ବେହେରା**
ପଟିଆ , ଭୁବନେଶ୍ୱର - ୭୫୧୦୨୪
ଦୂରଭାଷ : ୯୪୩୭୨୦୮୪୯୯

## Darpan Registration
### (Page-1)

**ORIYA CULTURAL & WELFARE ASSOCIATION**

| | |
|---|---|
| Unique Id of VO/NGO | DL/2024/0443734 |
| DARPAN Reg. Date | 28-08-2024 |

**Registration Details**


| | |
|---|---|
| Registered With | Registrar of Societies |
| Type of NGO | Registered Societies (Non-Government) |
| Registration No | S-54118 OF 2008 |
| Copy of Registration Certificate | Available |
| Copy of Pan Card | Available |
| Act name | SOCIETIES REGISTRATION ACT XXI OF 1860 |
| City of Registration | NEW DELHI |
| State of Registration | DELHI |
| Date of Registration (Society Trust / Entity | 31-10-2005 |

**Members**

| Name | Designation | Pan | Aadhaar |
|---|---|---|---|
| BIJAYA KETAN MOHANTY | President | Available | Available |
| SANDIPTA ROUT | Secretary | Available | Available |
| PRASANTA KUMAR DAS | Treasurer | Available | Available |

**Sector/ Key Issues**

| | |
|---|---|
| Key Issues | Not Available |



# ନେତାଙ୍କ ହସ

ନେତାଙ୍କର ହସ ଅନେକ ଅର୍ଥ..
ସମ୍ଭାଳି ପାରିଲେ ଦେହକୁ ହିତ(୨)
ଜନତା ବିଧାତା ପାଟିରେ ହାତ...
ହସିଲେ ଫସିବ ଏକଥା ସତ(୨)

ବିରୋଧିବାଲା ଦୁଃଖକୁ ଚାଖି
ହସ ହସ ହୁଏ ନେତାଙ୍କ ଆଖି!
କ୍ଷମତାସୀନ ଟେନ୍ସନ ଦେଖି
ବିରୋଧୀ ହସନ୍ତି ନିଶକୁ ଟେକି!
କେତେ ଡହରା ମାରନ୍ତି ତେଲ...
କେତେ ମଦୁଆ କହନ୍ତି ଭଲ!
ବଡୀପେଲାଙ୍କ ମେଳରେ ରହି
ମିଛ ପ୍ରଶଂସା ଯାଛାତା ପାଇଁ...
ହସନ୍ତି ପ୍ରବଳ ଦୁଃଖ ଗଲା ତ...
ନେତାଙ୍କର ହସ ଅନେକ ଅର୍ଥ..
ସମ୍ଭାଳି ପାରିଲେ ଦେହକୁ ହିତ(୨)
ଜନତା ବିଧାତା ପାଟିରେ ହାତ...
ହସିଲେ ଫସିବ ଏକଥା ସତ(୨)

ନେତାଯାଉଥିଲେ ଗାଁ ଆଡକୁ
ହସିଦେଲେ ଦେଖି ରାସ୍ତା କଡ଼କୁ!
ବାହ୍ୟମଳମୁକ୍ତ ବୋର୍ଡ ଲେଖି
ବ୍ରଜ ବସିଅଛି ଗାମୁଛା ଟେକି!!
ହସାନ୍ତି ସିଏ କନ୍ଦାନ୍ତି ସିଏ
ଚନ୍ଦାନ୍ତି ସିଏ ବନ୍ଧାନ୍ତି ସିଏ
ପୁଲିସି ଚୋର ହୋଇକି ଘଣି ...
ସେଇ ଘାଟରେ ପିଅନ୍ତି ପାଣି..!!
ଜନତା କାନ୍ଦିଲେ ମିଳଇ ନାତ...
କହନ୍ତି ନିନ୍ଦୁକ ଏଇ ଗୋଟାଏ ତ...
ସମ୍ଭାଳି ପାରିଲେ ଦେହକୁ ହିତ(୨)
ନେତାଙ୍କର ହସ ଅନେକ ଅର୍ଥ..
ସମ୍ଭାଳି ପାରିଲେ ଦେହକୁ ହିତ(୨)
ସମ୍ଭାଳି ପାରିଲେ ଦେହକୁ ହିତ(୨)
ଜନତା ବିଧାତା ପାଟିରେ ହାତ...
ହସିଲେ ଫସିବ ଏକଥା ସତ(୨)

ଯାହା କରିବ କରିବ...
ହେଲେ ନେତାଙ୍କ ଆଗରେ କେବେ ନହସିବ!
କିରେ ତମେମାନେ ଯଦି ହସଖୁସିରେ ରହିବ...
ନେତାଙ୍କର ତ କାମ ଶେଷ
ବିଚରା ଆଉ ତମର କୋଉ ଦୁଃଖକୁ
ଦୂର କରିବ ବୋଲି ଭାଷଣରେ କହିବ?

ନେତା ହେଲେ ଷଣ୍ଢ ଜାତୀୟ ଜୀବ,
ଷଣ୍ଢ ଆଗରେ ଯିଏ ହସିବ,
ପରିଣାମ ତ ଭୟଙ୍କର...
ଜାଣ ଡାକିକରି କୀଲା ନବ!

ହସିବାର ଗୋଟେ ଫଳ ଅଛି
ହସିବାର ଗୋଟେ ବେଳ ଅଛି,
କୁଳାଙ୍ଗାର କହେ ଆଇଟମ୍
ଡ୍ୟାନ୍ସରେ ହସିଦେଲ ଯଦି
ଭାଷା ଶୁଣିବାର କାଳ ଅଛି!!

ନେତା ପିଏକୁ ପଚାରିଲେ ଯାହା ହେଉ
ମୋ ଏରିଆରେ ଆସିଲାଣି ସୁଖଶାନ୍ତି,
ଦେଖୁନ ଯୁଆଡେ ଗଲେ
ଲୋକେ ମୋତେ ଚାହିଁ ହସୁଛନ୍ତି!

ପିଏ କହିଲା - ଆଜ୍ଞା ଏଥିରେ ହସେ କି କୋଉ
ଲୋକ, ଜାଣନ୍ତୁ ସେଇଟା ହିଁ ଆପଣଙ୍କ ଦୁଃଖ!
ଆପଣଂକର ଯୋଉ ଇଂଗ୍ରେଜୀ ଭାଷଣଟା
ଭାଇରଲ ହୋଇଛନ୍ତି...
ସେଇଟାକୁ ଶୁଣି ଲୋକମାନେ ହସି ଦେଉଛନ୍ତି!

ନେତା କହିଲେ - କାହିଁକି କାହିଁକି?
ମୁଁ କଣ ଇଂରାଜୀ ଭାଷଣ ଦେଇ ପାରିବିନି
ମୋ ପାଖରେ କଣ ଆନ୍ଧ୍ରା ଏମଏ ଆଉ
ମାଲେସିଆ ପିଏଚ୍ଡି ସାର୍ଟିଫିକେଟ୍ ନାହିଁ କି??
ପିଏ କହିଲା - ଧୀରେ କୁହନ୍ତୁ ଆଜ୍ଞା
ପୁଣି ହସିବେ ଲୋକେ ଏକଥା ଶୁଣି ଦେଇକି!

ନେତା କହିଲେ - ହେଲା ହେଲା, ହେଲେ ମୋ
ଇଂଲିଶ ଭାଷଣରେ କଣ ଭୁଲ ହେଲା?
ଆରେ ତୁମେ ସିନା ଓଡ଼ିଆରେ ଲେଖିଥିଲ
ଭାଷଣ ହେଲେ ମୁଁ ଦେଖିଲି ସେଠି ସମସ୍ତେ
ଇଂରାଜୀରେ କହିଲେ ତେଣୁ ମୋତେ ବି
ବୁଦ୍ଧିକାଢି କହିବାକୁ ପଡିଲା!
କହ କୋଉଠି ଭୁଲ ହେଲା?

ଚମଚା କହିଲା - ଆପଣ କହିଲେ - ଡ଼ିଅର
ବ୍ରଦର୍ ଆଣ୍ଡ ସିଷ୍ଟର୍... ସେଇଟା ଠିକ ଥିଲା....
ହେଲେ ତା ପରେ ଡ଼ିଅର ହଜବ୍ୟାଣ୍ଡ ଆଉ
ୱାଇଫି ମାନେ ବୋଲି କହିବା କଣ ଦରକାର
ଥିଲା?

ନେତା କହିଲେ - କେମିତି ମ ଯିଏ ଅବିବାହିତ
ଆସିଥିଲେ ତାଙ୍କୁ ସିନା ବ୍ରଦର୍ ସିଷ୍ଟର୍ କହିଲି,
ଆଉ ଯୋଉ ବିବାହିତ ପତିପତ୍ନୀ ଆସିଥିଲେ
ସିଏ ଖରାପ ଭାବିବେନି? ତେଣୁ ତାଙ୍କୁ ଡ଼ିଅର୍
ହଜବ୍ୟାଣ୍ଡ ଆଉ ୱାଇଫି ବୋଲି କହିଲି!

ପିଏ ପଚାରିଲା - ଆପଣ ତା ପରେ କହିଲେ...
ଆଉ ମା ମାନଙ୍କୁ ଦୌଡିବାକୁ ପଡ଼ିବନି
ହବ ହୋମ୍ ଡେଲିଭରି!
ନେତା କହିଲେ - ହଁ... ମୁଁ କହିବା କଥା ଦିଆ
ହେବ ରାସନ ଲୋକଙ୍କ ଘରେ ନେଇକରି!

ପିଏ ପୁଣି କହିଲେ - ଆପଣ ପୁଣି କହିଲେ
ଲୋକଙ୍କର ଏତେ ଘର ହେବ ଯେ ଘରେ
ଘରେ ଟଏଲେଟ ବୋର୍ଡ ଝୁଲିବ!
ପ୍ରକୃତରେ ସେଇଟା ଟଏଲେଟ୍ ନୁହେଁ
ଟୁ-ଲେଟ୍ ହେବ ମାନେ ଘର ଭଡ଼ା ଦିଆଯିବ!
ନେତା କହିଲେ - ହଁ ମ ସେଇ ଏକା କଥା...
ସେଇ ଭଡା ଘରେ କଣ ଟଏଲେଟ୍ ନଥିବ??

ପିଏ କହିଲେ - ଆପଣ ଶେଷରେ
ଯୋଉ କଥାଟି କହିଛନ୍ତି...
ସେଇ ପଦର ଭିଡ଼ିଓଟା ମୋବାଇଲିରୁ
ମୋବାଇଲିକୁ କ୍ଷିପ୍ର ଗତିରେ ଯାଉଛନ୍ତି!
ନେତା ପଚାରିଲେ - କୋଉ କଥା କହୁଛନ୍ତି?
ପିଏ କହିଲେ - ଆପଣ ଯୋଉ କହିଲେ ମୋ
ପରି ସେକ୍ସଫୁଲ୍ ନେତା ଆଜି କେହି ଏ
ଦୁନିଆରେ ନଥିବ... ପ୍ରକୃତରେ ସେଇଟା
ସକ୍ସେସଫୁଲ୍ ହେବ!

****

**ଡ଼ଃ କୁଳାଙ୍ଗାର**
ମାର୍ଫତ - ଗାନ୍ଧୀ ପଣ୍ଡା, କଳାଘର - ଲେମ୍ବୋ,
ଅଲରା, ନରସିଂହପୁର, କଟକ - ୭୫୪୦୩୨
ଦୂରଭାଷ : ୮୮୯୫୮୨୫୮୬୩,
ଇମେଲ୍: dr.kulangar@gmail.com

## ROC's Certificate To Undertake CSR Activities.



GOVERNMENT OF INDIA
MINISTRY OF CORPORATE AFFAIRS
OFFICE OF THE REGISTRAR OF COMPANIES

Dated : 05-10-2021

NOTE - THIS LETTER IS ONLY AN APPROVAL FOR REGISTRATION OF THE ENTITIES FOR UNDERTAKING CSR ACTIVITIES.

To,
ORIYA CULTURAL & WELFARE ASSOCIATION , BD-11, MIG FLAT,JANAK PURI,NEW DELHI,DL09,DL,110058

PAN : AAATO1376M

**Subject:** In Reference to Registration of Entities for undertaking CSR activities
**Reference:** Your application dated 05-10-2021 (SRN-T53078010)

Sir/Madam,

With reference to the above, it is informed that the entity has been registered for undertaking CSR activities and the Registration number is CSR00015864. Please refer the registration number for any further communication.

Registrar of Companies

ROC-DELHI

**Note:** The corresponding form has been approved and this letter has been digitally signed through a system generated digital signature.



# ଆଶାର ବାହାରେ

ନୀରବତା  ସହ ଦିନେ ଭାବ ବୋଧ ବାଂଟୁଥିଲି
ଜାଗ୍ରତର ନରମ ପରଶେ
ସୁଖ ଦୁଃଖ ବାର୍ତ୍ତାଳାପ ମନଖୋଲି  କରୁଥିଲି
ପ୍ରକୃତି ରାଣୀ ର ଆସ ପାଶେ । ୧ ।

ପୁଷ୍ପମାନ ଆଲିଙ୍ଗନ କରି ମୋତେ
ବାସ୍ନାରେ ମହକ ବୁଣି ଦେଲେ
କଣ୍ଟା ଗୁଳ୍ମ ମାନେ ମଧ
ମମତାର ନଦୀ ବୁହାଇଲେ । ୨ ।

ପ୍ରତିଦାନେ ସମସ୍ତଙ୍କୁ ସାଥି କରି
ଆଗ ପଛ ରଙ୍ଗ ସବୁ ମିଳାଇ ମିଶାଇ
ଗୁନ୍ଥି ଦେଲି ମନମୁଗ୍ଧ ମାଳା ଏକ
ଛୋଟ ବଡ ପତ୍ର ପୁଷ୍ପ ଫୁଲ ମାନ ଦେଇ । ୩ ।

ସବୁଠୁ ସୁନ୍ଦର ଥିଲା
ପ୍ରୀତି ଫଲ୍‌ଗୁ ମାଳା ମୋର
ମମତାର ଝରା ଶେଫାଳିରେ
ହୃଦୟ ସ୍ପର୍ଶୀ ବି ଥିଲା
ସ୍ନେହାସକ୍ତ ନିର୍ଝରଣୀ
ମୋ ମନର ଆଶାର ବାହାରେ । ୪ ।

****

**ବେବିନା ଜେନା**
ଏ-୨୯, ଫାଷ୍ଟ୍ ଫ୍ଲୋର୍, ଭାରତ ଆପାର୍ଟମେଣ୍ଟ୍,
ସୂର୍ଯ୍ୟ ନଗର, ରାମପୁରୀ,
ଗାଜିଆବାଦ୍



# ପ୍ରଣମ୍ୟ ତୁମେ

ଭୀମ ଭୋଇ ହେ ପ୍ରଣମ୍ୟ ତୁମେ
ନମସ୍ୟ ତୁମେ ଏ ଜାତିର
ସହସ୍ର ପ୍ରାଣର କଳିକାକୁ ତୁମେ
କୋଟି ଫୁଲ କରି ଫୁଟାଇଲ ।

ସତ୍ୟ ମହିମ ଧର୍ମ ମଞ୍ଚିରେ
ଜାତି ଧର୍ମ ର ସମାନତା-
ଶସ୍ୟକୁ ତୁମେ ଓଡିଶା ମାଟିରେ ବିଞ୍ଚି ଦେଇଛ
ହେ ସନ୍ଥ ! ଏହାତ  ତୁମର ମହାନତା ।

ରେଢ଼ାଖୋଲ ମଧୁପୁର ଜନ୍ମ ମାଟିର
ସ୍ୱରୂପ ହେ ତୁମେ
ଜୀବନଟା ତୁମ ସତେକି ଅମୂଲ ମୂଲ
ତମେ ଏ ଜାତିର, ଏ ଜାତି ତୁମକୁ କରୁଛି ନମସ୍କାର ।

ଦାରିଦ୍ୟରେ ତୁମେ ବାଟ ହୁଡ଼ି ନାହଁ
ଚକ୍ଷୁ  ହୀନତା ଅଟକାଇ ନାହିଁ
ତମକୁ ଯାତ୍ରା ପଥେ
ସମାଜର ବାଧା, ବିରୋଧ, କଷଣ-
ନିନ୍ଦା, ଯାତନା
ଆସିଅଛି ଯେତେ ଯେତେ ।

କୃଷକ ପାଖରେ ଚାକର ହେଲେବି
କବିତ୍ୱ ତୁମ ଝଟକି ଉଠିଛି ସତେ
ଜାତିରେ ଜାତିରେ ଦେଖି ନାହଁ ତୁମେ
ଛୁଆଁ ଓ ଅଛୁଆଁ ମତେ ।

ସହସ୍ର ଦେବତା  ପୂଜି ନାହଁ ତୁମେ
ଓଳେଶ୍ୱର ବ୍ରହ୍ମେ ବିଶ୍ୱାସ ତମ କବି
ମହା ସନ୍ଥ ହୋ ତୁମେ ! ଏ ଜାତି ତୁମକୁ
ଝୁରୁଛି ନିରତେ ତମ କଥା ଭାବି ଭାବି ।

"ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ"
ଜାତିସଂଘରେ ଏ ବାଣୀ ତମର
ମଣିଷ ଜାତିକୁ ଭଲ ବାଟେ ନେଉଥାଉ ।

****

**ଶ୍ରେୟସୀ ସାହୁ**
ଦୂରଭାଷ : ୯୮୭୧୨୭୦୧୭୯

सकरनी®
जिप्सम प्लास्टर
Easy Plaster Solution







सकरनी®
जिप्सम प्लास्टर
Easy Plaster Solution

**Corporate Office:**
**D Mall 405, Netaji Subhash Place, New Delhi 110034, India**
**E-mail: info@sakarni.com**
**Contact: Phone: 011-47908032, Mobile: 98100 79420**

GAIL (India) Limited



# INDIA'S NATURAL GAS LEADER

Energizing Possibilities

*Contributing 53% of the Natural Gas sold in India.*

*Around 68% market share in Natural Gas Transmission in India.*

www.gailonline.com

*Follow us on*


Published by : Oriya Cultural & Welfare Association (OCWA), New Delhi

Printed by : Kunwar Designer & Printer, Mob.: 98101 62583